# ପ୍ରକୃତ ଶିଷ୍ୟତ୍ୱ

ୱିଲିୟମ୍ ମ୍ୟାକ୍‌ଡୋନାଲ୍‌ଡ

GOSPEL FOR ASIA
PUBLICATIONS
Tiruvalla, Kerala, India

PRAKRUTA SHISHYATUO

Oriya

Translation of the book, 'True Discipleship' by

William MacDonald

ISBN 81 - 7377 - 246 - 0

Copyright 2002 Author

First Impression 2002

Printed in India.

Price Rs. 28.00

# ମୁଖବନ୍ଧ

ଏହି ପୁସ୍ତିକାଟି ନୂତନ ନିୟମ ଶିଷ୍ୟତ୍ୱର କେତୋଟି ମୂଳନୀତିକୁ ଉପସ୍ଥାପନ କରିବାର ହିଁ ଏକ ପ୍ରଚେଷ୍ଟା । ଆମ ମଧ୍ୟରୁ କେତେଜଣ ବର୍ଷ ବର୍ଷ ଧରି ଏହି ନୀତିସବୁକୁ କେବଳ ବାକ୍ୟରେ ହିଁ ଜାଣି ଆସିଛନ୍ତି, କିନ୍ତୁ କୌଣସିମତେ ଏହିପରି ସିଦ୍ଧାନ୍ତ ଜଣାଇଛନ୍ତି ଯେ, ଆମେ ବାସ କରୁଥିବା ଏହି ଜଟିଳ ଯୁଗରେ ସେଗୁଡ଼ିକ ଆମ ନିମନ୍ତେ ଅତିବ ଉତ୍କଟ ଏବଂ ଅବ୍ୟବହାରିକ । ତେଣୁ କରି ଆମର ଆତ୍ମିକ ପାରିପାର୍ଶ୍ୱିକତାର ନିରୁତ୍ସାହତାରେ ନିଜକୁ ସମର୍ପଣ କରିଅଛୁ ।

ତା'ପରେ, ଆମେ ଏକ ଦଳ ଯୁବ ବିଶ୍ୱାସୀଙ୍କୁ ଭେଟୁ ଯେଉଁମାନେ କି ଏହା ସ୍ପଷ୍ଟରୂପେ ପ୍ରତିପାଳନ କରିବା ନିମନ୍ତେ ସେମାନଙ୍କର ଅଭିଯାନ ଆରମ୍ଭ କରିଥିଲେ ଯେ, ତ୍ରାଣକର୍ତ୍ତାଙ୍କର ଶିଷ୍ୟତ୍ୱ ସମ୍ବନ୍ଧୀୟ ଶବ୍ଦଗୁଡ଼ିକ କେବଳ ଯେ ଉଚ୍ଚ ବ୍ୟବହାର ଯୋଗ୍ୟ ତା' ନୁହେଁ ମାତ୍ର ସେଗୁଡ଼ିକ ହିଁ ସେହିଶବ୍ଦ ଅଟନ୍ତି ଯେଉଁଗୁଡ଼ିକ ପୃଥିବୀର ସୁସମାଚାରୀକରଣ କ୍ଷେତ୍ରରେ ଚିରଦିନ ପାଇଁ ଫଳପ୍ରଦାନ କରିବେ ।

ଏହି ବାକ୍ୟସବୁରେ ନିହିତ ଥିବା ଅନେକ ସତ୍ୟସବୁର ଜୀବନ୍ତ ନମୂନାମାନ ଯୋଗାଇଥିବାରୁ ଆମେ ଏହି ଯୁବକଦଳଙ୍କୁ ଆମର କୃତଜ୍ଞତା ସ୍ୱୀକାର କରୁଛୁ ।

ଏହି ସତ୍ୟସବୁ ଏପର୍ଯ୍ୟନ୍ତ ସୁଦ୍ଧା ଆମର ନିଜ ବ୍ୟକ୍ତିଗତ ଅନୁଭୂତି ଠାରୁ ଯେତେଦୂରରେ ରହିଅଛି, ଆମେ ସେସବୁକୁ ସେତେଦୂର ପର୍ଯ୍ୟନ୍ତ ଆମ ହୃଦୟର ଆକାଙ୍‌କ୍ଷାରୂପେ ଧରି ରଖିଅଛୁ ।

-ୱିଲିୟମ୍ ମ୍ୟାକ୍‌ଡୋନାଲ୍ଡ

# ପରିଚୟ

ଯେତେବେଳେ ଜଣେ ବ୍ୟକ୍ତି ପୁନର୍ଜନ୍ମ ଲାଭ କରେ ସେତେବେଳେ ପ୍ରକୃତ ଶିଷ୍ୟତ୍ୱର ଚଲାପଥଟି ଆରମ୍ଭ ହୋଇଥାଏ । ଏହା ଆରମ୍ଭ ହୁଏ ଯେତେବେଳେ ନିମ୍ନୋକ୍ତ ଘଟଣାସବୁ ଘଟିଥାଏ :

୧ । ଯେତେବେଳେ ଜଣେ ବ୍ୟକ୍ତି ହୃଦୟଙ୍ଗମ କରେ ଯେ, ସେ ପାପରେ ପୂର୍ଣ୍ଣ, ସଂପୂର୍ଣ୍ଣ ନଷ୍ଟ, ଦୃଷ୍ଟିହୀନ ଏବଂ ଈଶ୍ୱରଙ୍କ ସମ୍ମୁଖରେ ଉଲଙ୍ଗ ଅଟେ ।

୨ । ଯେତେବେଳେ ସେ ସ୍ୱୀକାର କରେ ଯେ, ସେ ନିଜକୁ ଉତ୍ତମ ଚରିତ୍ର ବା ଉତ୍ତମ କାର୍ଯ୍ୟସବୁ ଦ୍ୱାରା ରକ୍ଷା କରି ପାରିବ ନାହିଁ ।

୩ । ଯେତେବେଳେ ସେ ବିଶ୍ୱାସ କରେ ଯେ, ପ୍ରଭୁ ଯୀଶୁ ତା'ର ପ୍ରତିବଦଳରେ କ୍ରୁଶ ଉପରେ ମୃତ୍ୟୁଭୋଗ କଲେ ।

୪ । ଯେତେବେଳେ ବିଶ୍ୱାସର ଏକ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ଦ୍ୱାରା, ସେ ଯୀଶୁଖ୍ରୀଷ୍ଟଙ୍କୁ ତା'ର ଏକମାତ୍ର ପ୍ରଭୁ ଏବଂ ତ୍ରାଣକର୍ତ୍ତା ବୋଲି ସ୍ୱୀକାର କରେ ।

ଏହିପରି ଭାବରେ ଜଣେ ବ୍ୟକ୍ତି ଜଣେ ଖ୍ରୀଷ୍ଟବିଶ୍ୱାସୀ ହୋଇ ପାରିଥାଏ । ପ୍ରାରମ୍ଭରୁ ଏହା ଉପରେ ପ୍ରାଧାନ୍ୟ ଦେବା ଗୁରୁତ୍ୱପୂର୍ଣ୍ଣ ଅଟେ । ଅନେକାଂଶ ଲୋକ ଭାବନ୍ତି ଯେ ଏକ ଖ୍ରୀଷ୍ଟିୟ ଜୀବନଯାପନ କରିବା ଦ୍ୱାରା ଆପଣ ଜଣେ ଖ୍ରୀଷ୍ଟବିଶ୍ୱାସୀ ହୋଇଛନ୍ତି । ଏହା ଆଦୌ ନୁହେଁ । ଆପଣଙ୍କୁ ଖ୍ରୀଷ୍ଟିୟ ଜୀବନଯାପନ କରିବା ପୂର୍ବରୁ ପ୍ରଥମେ ଜଣେ ଖ୍ରୀଷ୍ଟବିଶ୍ୱାସୀ ହେବାକୁ ହେବ ।

ପର ପଷ୍ଠାଗୁଡ଼ିକରେ ଶିଷ୍ୟତ୍ୱ ଜୀବନ ସଂପର୍କରେ ଦିଆଯାଇଥିବା ଚିତ୍ର ଏକ ଅଲୌକିକ ଜୀବନର ଚିତ୍ର ପ୍ରକାଶ କରେ । ଏହି ଜୀବନଯାପନ କରିବା ନିମନ୍ତେ ଆମ ନିଜ ମଧ୍ୟରେ ଆମର ଶକ୍ତି ନାହିଁ । ଆମର ସ୍ୱର୍ଗୀୟ ଶକ୍ତି ଆବଶ୍ୟକ । କେବଳ ମାତ୍ର ଯେତେବେଳେ ଆମେ ପୁନର୍ଜନ୍ମ ଲାଭ କରୁ ସେତେବେଳେ ଯାଇ ଆମେ ଖ୍ରୀଷ୍ଟଙ୍କ ଶିକ୍ଷା ସଦୃଶ ଜୀବନଯାପନ କରିବାକୁ ଶକ୍ତିପ୍ରାପ୍ତ ହେଉ ।

ଆଗକୁ ପାଠ କରିବା ପୂର୍ବରୁ, ନିଜକୁ ଏହି ପ୍ରଶ୍ନଟି ପଚାରନ୍ତୁ, ''ମୁଁ କ'ଣ କେବେ ପୁନର୍ଜନ୍ମ ପ୍ରାପ୍ତ ହୋଇଛି କି ? ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ ଦ୍ୱାରା ମୁଁ ଈଶ୍ୱରଙ୍କର ଜଣେ ସନ୍ତାନ ହୋଇ ପାରିଛି କି ?''

ଯଦି ଆପଣ ହୋଇ ନାହାନ୍ତି, ବର୍ତ୍ତମାନ ହିଁ ତାହାଙ୍କୁ ଆପଣଙ୍କର ପ୍ରଭୁ ଏବଂ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରନ୍ତୁ । ତ'ପରେ ଯେ କୌଣସି ମୂଲ୍ୟ ବଦଳରେ, ସେ ଆଦେଶ କରିଥିବା ସମସ୍ତ ବିଷୟଗୁଡ଼ିକ ପାଳନ କରିବାକୁ ଦୃଢ଼ସଂକଳ୍ପବଦ୍ଧ ହୁଅନ୍ତୁ ।

-ୱିଲିୟମ୍ ମ୍ୟାକ୍‌ଡୋନାଲ୍ଡ୍

# ଶିଷ୍ୟତ୍ୱର ସର୍ତ୍ତାବଳୀ

ପ୍ରକୃତ ଖ୍ରୀଷ୍ଟିୟଜୀବନ ହେଉଛି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ସମସ୍ତ କିଛି ସମର୍ପଣ କରିଦେବା ।

ତ୍ରାଣକର୍ତ୍ତା ସେହି ପୁରୁଷ ଏବଂ ମହିଳାମାନଙ୍କୁ ଅନ୍ୱେଷଣ କରୁ ନାହାଁନ୍ତି ଯେଉଁମାନେ କି ସେମାନଙ୍କର ଅବସର ସନ୍ଧ୍ୟା ସମୟଗୁଡ଼ିକୁ ତାଙ୍କ ନିମନ୍ତେ ଦେବେ - କିମ୍ବା ସେମାନଙ୍କର ସପ୍ତାହର ଶେଷଦିବସଟିକୁ କିମ୍ବା କର୍ମ ଅବସର ପରେ ସେମାନଙ୍କର ପରବର୍ତ୍ତୀ ବର୍ଷଗୁଡ଼ିକୁ ତାଙ୍କ ନିମନ୍ତେ ଦେବେ । ବରଂ ସେ ସେହିମାନଙ୍କୁ ଅନ୍ୱେଷଣ କରନ୍ତି ଯେଉଁମାନେ କି ସେମାନଙ୍କ ଜୀବନରେ ତାହାଙ୍କୁ ପ୍ରଥମ ସ୍ଥାନ ପ୍ରଦାନ କରିବେ ।

''ସେ ଆଜି ଅନ୍ୱେଷଣ କରନ୍ତି, ଯେପରି ସେ ଆଦ୍ୟରୁ କରି ଆସୁଛନ୍ତି, ଯେଉଁ ଜନସମୂହ ନିଜ ନିଜ ପଥରେ ଲକ୍ଷ୍ୟହୀନ ଭାବରେ ଭାସି ଚାଲିଛନ୍ତି ସେମାନଙ୍କ ନିମନ୍ତେ ନୁହେଁ, କିନ୍ତୁ ସେହି ପୁରୁଷ ଏବଂ ମହିଳା ବ୍ୟକ୍ତିମାନଙ୍କ ନିମନ୍ତେ ଯେଉଁମାନଙ୍କର ଅକ୍ଷୟ ରାଜଭକ୍ତି ସେମାନଙ୍କର ଏହି ସ୍ୱୀକାରୋକ୍ତିକୁ ସହସା ପଶ୍ଚାଦ୍‌ବର୍ତ୍ତନ ହେବ ଯେ, ସେ ସେହିମାନଙ୍କୁ କାମନା କରନ୍ତି ଯେଉଁମାନେ କି ଆତ୍ମ-ସ୍ୱତ୍ୱତ୍ୟାଗ ପଥକୁ ଅନୁସରଣ କରିବା ନିମନ୍ତେ ପ୍ରସ୍ତୁତ ଯେଉଁପଥକୁ ସେ ସେମାନଙ୍କ ସମ୍ମୁଖରେ ନିଜେ ପଦାର୍ପଣ କରିଛନ୍ତ''-(୧) ଏଚ. ଏ. ଇଭାନ୍ ହୋପ୍‌କିନ୍‌ସ୍

ସର୍ତ୍ତବିହୀନ ଆତ୍ମ-ସମର୍ପଣଠାରୁ ଊଣା ଅନ୍ୟ କୌଣସି ବିଷୟ ତାଙ୍କର କାଲ୍‌ବରୀ କ୍ରୁଶର ବଳୀଦାନ ନିମନ୍ତେ କଦାପି ଏକ ଉପଯୁକ୍ତ ପଦକ୍ଷେପ ହୋଇ ପାରିବ ନାହିଁ । ଅତି ବିସ୍ମୟଜନକ ପ୍ରେମ, ଅତିବ ସ୍ୱର୍ଗୀୟ ପ୍ରେମ, କଦାପି ଆମର ପ୍ରାଣସବୁ, ଆମର ଜୀବନସବୁ, ଆମର ସମସ୍ତ ବିଷୟଠାରୁ ଊଣା ଅନ୍ୟ କୌଣସି ବିଷୟରେ ପରିତୃପ୍ତ ହୋଇ ପାରିବ ନାହିଁ ।

ଯେଉଁମାନେ ତାଙ୍କର ଶିଷ୍ୟ ହେବେ ସେମାନଙ୍କ ଉପରେ ପ୍ରଭୁ ଯୀଶୁ ଦୃଢ଼ ଦାବୀସବୁ ଉପସ୍ଥାପନ କଲେ - ଯେଉଁଦାବୀସବୁ ଏବେ ମଧ୍ୟ ରହିଛି ମାତ୍ର ଏହି ବିଳାସପୂର୍ଣ୍ଣ-ଜୀବନଯାପନର ସମୟରେ ସେଗୁଡ଼ିକୁ ଅବହେଳା ପ୍ରଦର୍ଶନ କରାଯାଇଅଛି । ଅନେକ ସମୟରେ ମଧ୍ୟ ଆମେ ଖ୍ରୀଷ୍ଟଧର୍ମକୁ ନରକରୁ ଏକ ପରିତ୍ରାଣରୂପେ ଏବଂ ସ୍ୱର୍ଗର ଏକ ପ୍ରତିଶ୍ରୁତିରୂପେ ଦୃଷ୍ଟି ଦେଇଥାଉ । ଆହୁରି ମଧ୍ୟ, ଆମେ ବୋଧ କରୁ ଯେ, ଏହି ଜୀବନ ପ୍ରଦାନ କରିବାକୁ ଯାଉଥିବା ସମସ୍ତ କିଛି

[1] Hence forth I.V.F. 1954 p.20

ଉତ୍ତମ ବିଷୟକୁ ଉପଭୋଗ କରିବା ନିମନ୍ତେ ଆମର ସମସ୍ତ ଅଧିକାର ରହିଛି । ଆମେ ଜାଣୁ ଯେ, ବାଇବଲରେ ଶିଷ୍ୟତ୍ୱ ସଂପର୍କରେ ଦୃଢ଼ ବାକ୍ୟସବୁ ରହିଛି, କିନ୍ତୁ ଖ୍ରୀଷ୍ଟଧର୍ମ କିପରି ହେବା ଉଚିତ୍ ଏ ସଂପର୍କରେ ଆମର ଚିନ୍ତାଧାରା ସହିତ ସେଗୁଡ଼ିକର ସାମଞ୍ଜସ୍ୟ ଆଣିବାରେ ଆମର ବାଧା ଉପୁଜି ଥାଏ ।

ଆମେ ଏହି ସତ୍ୟକୁ ଗ୍ରହଣ କରି ପାରିବା ଯେ, ସ୍ୱଦେଶାନୁରାଗ ହେତୁ ସୈନିକମାନେ ସେମାନଙ୍କର ଜୀବନ ଦାନ କରନ୍ତି । ଆମେ ଏହାକୁ ଅଦ୍ଭୁତ ବୋଲି ମନେ କରୁ ନାହୁଁ ଯେ, ସାମ୍ୟବାଦୀମାନେ ରାଜନୈତିକ କାରଣରୁ ସେମାନଙ୍କର ଜୀବନ ଦାନ କରନ୍ତି । କିନ୍ତୁ ସେହି ''ରକ୍ତ, ସ୍ୱେଦ ଏବଂ ଲୋତକ'' ଜଣେ ଖ୍ରୀଷ୍ଟଙ୍କ ଅନ୍ୱେଷଣକାରୀ ଜୀବନର ଚରିତ୍ରଚିତ୍ରଣ କରିବା ଉଚିତ୍ ଯାହାକି ଅତ୍ୟନ୍ତ ଅଗମ୍ୟ ଏବଂ ଗ୍ରହଣ କରିବାକୁ କଷ୍ଟକର ମନେହୁଏ ।

ମାତ୍ର ତଥାପି ପ୍ରଭୁ ଯୀଶୁଙ୍କର ବାକ୍ୟସମୂହ ଅତ୍ୟନ୍ତ ସ୍ପଷ୍ଟ ଅଟେ । ଭ୍ରମବୋଧ ନିମନ୍ତେ ସେସବୁରେ କୌଣସି ସ୍ଥାନ ନାହିଁ ଯଦି ଆମେ ସେଗୁଡ଼ିକୁ ସେଗୁଡ଼ିର ଉପଯୁକ୍ତ ମୂଲ୍ୟ ଦେଇ ଗ୍ରହଣ କରୁ । ଜଗତର ତ୍ରାଣକର୍ତ୍ତାଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ଶିଷ୍ୟତ୍ୱର ନିୟମାବଳୀଗୁଡ଼ିକ ଉଲ୍ଲେଖ କରାଗଲା :

*୧ । ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଏକ ମହତମ ପ୍ରେମ ।*

''କେହି ଯେବେ ମୋ ନିକଟକୁ ଆସି ଆପଣା ପିତା, ମାତା, ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀମାନଙ୍କୁ, ଏପରିକି ଆପଣା ପ୍ରାଣକୁ ସୁଦ୍ଧା ଅପ୍ରିୟ ଜ୍ଞାନ ନ କରେ, ତେବେ ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ'' (ଲୂକ ୧୪ : ୨୬) । ଏହାର ଅର୍ଥ ନୁହେଁ ଯେ, ଆମେ ଆମର ଆତ୍ମୀୟମାନଙ୍କ ପ୍ରତି ହୃଦୟରେ ଶତ୍ରୁତାଭାବ ବା ମନ୍ଦଇଚ୍ଛା ରଖିବା, ମାତ୍ର ଏହାର ଅର୍ଥ ଅଟେ ଯେ, ଆମର ଖ୍ରୀଷ୍ଟଙ୍କ ପ୍ରତି ପ୍ରେମ ଏପରି ମହତ ହେବା ଉଚିତ୍ ଯାହାଫଳରେ ତୁଳନାତ୍ମକଭାବେ ଅନ୍ୟ ସମସ୍ତ ପ୍ରେମ ଆପଣା ଛାଏଁ ନଗଣ୍ୟ ହୋଇଯିବ । ବାସ୍ତବରେ, ଏହି ଅନୁଚ୍ଛେଦରେ ସବୁଠାରୁ ଦୁଷ୍କର ବାକ୍ୟଖଣ୍ଡଟି ଏପରି ଭାବପ୍ରକାଶ କରେ : ''ଏପରିକି ଆପଣା ପ୍ରାଣକୁ ସୁଦ୍ଧା'' । ଆତ୍ମ-ପ୍ରେମ ହେଉଛି ଶିଷ୍ୟତ୍ୱ ନିମନ୍ତେ ପ୍ରତିବନ୍ଧକ ସୃଷ୍ଟିକାରୀ ଆଜନ୍ମଦୃଢ଼ତା ପ୍ରତିବନ୍ଧକମାନଙ୍କ ମଧ୍ୟରୁ ଗୋଟିଏ । ଯେ ପର୍ଯ୍ୟନ୍ତ ଆମେ ଆମର ଜୀବନକୁ ତାଙ୍କ ନିମନ୍ତେ ଲୋଟାଇଦେବାକୁ ଇଚ୍ଛାପ୍ରକାଶ କରୁନାହୁଁ, ସେପର୍ଯ୍ୟନ୍ତ ଆମେ ସେ ସ୍ଥାନରେ ନାହୁଁ, ଯେଉଁ ସ୍ଥାନରେ ସେ ଆମକୁ ପାଇବାକୁ ଇଚ୍ଛା କରନ୍ତି ।

୨ । *ଆପଣାକୁ ଅସ୍ୱୀକାର କରିବା ।*

"କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛାକରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ..." (ମାଥିଉ ୧୬ : ୨୪) । ଆପଣାକୁ ଅସ୍ୱୀକାର କରିବା ଅର୍ଥ ଆତ୍ମ-ଅସ୍ୱୀକାର ସହ ସମାନ ନୁହେଁ । ଆତ୍ମ-ଅସ୍ୱୀକାର ମାନେ ପୂର୍ବର କୌଣସି ପ୍ରକାର ଖାଦ୍ୟ, ବିଳାସ ବା ଅଧିକୃତ ଦ୍ରବ୍ୟକୁ ପରିହାର କରିଦେବା । କିନ୍ତୁ ଆପଣାକୁ ଅସ୍ୱୀକାର କରିବା ମାନେ ହେଉଛି, ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ନିକଟରେ ଆପଣାକୁ ଏପରି ସଂପୂର୍ଣ୍ଣ ସମର୍ପଣ କରିଦେବା, ଯାହାଫଳରେ କି ସେହି ଆତ୍ମାର ଆଉ କୌଣସି ଅଧିକାର ବା କ୍ଷମତା ଆଦୌ ରହି ନ ଥାଏ । ଏହାର ଅର୍ଥ ହେଉଛି ଆତ୍ମା ତା'ର ସିଂହାସନକୁ ସ୍ୱେଚ୍ଛାରେ ପରିହାର କରିଦିଏ । 'ହେନ୍ରୀ ମାର୍ଟିନ୍‌ଙ୍କ ଭାଷାରେ ଏହା ଏହିପରି ପ୍ରକାଶ କରାଯାଇଛି; "ପ୍ରଭୁ, ମୋ ନିଜର କୌଣସି ଇଚ୍ଛା ନ ରହୁ, ବା କୌଣସି ବିଷୟ ଉପରେ ନ୍ୟୁନତମ ପରିମାଣରେ ଭରସା କରିବା ଦ୍ୱାରା ମୋର ପ୍ରକୃତ ଆନନ୍ଦତାକୁ ବିବେଚନା କର ଯାହା କି ମୋତେ ବାହ୍ୟିକଭାବେ ପତିତ କରିପାରେ, କିନ୍ତୁ ଏହି ସମସ୍ତକୁ ଅନୁରୂପତାରେ ତୁମ ଇଚ୍ଛା ନିମନ୍ତେ ନିର୍ମିତ କର" ।

ହେ ମୋର ଗୌରବମୟ ସମ୍ରାଟ, ସ୍ୱର୍ଗୀୟ ରାଜକୁମାରୀ
ତବହସ୍ତେ ସମର୍ପିତ ଯାହା, କର ଆଲିଙ୍ଗନ
ତୁମର ଆକାଂକ୍ଷା ସବୁ ହେଉ ଆକାଂକ୍ଷା ମୋର
ହେ ମୋର ତ୍ରାଣକର୍ତ୍ତା,
ଆନନ୍ଦେ ମୁଁ ତବ ସିଂହାସନର ଅଧିନ

ଏଚ୍. ଜି. ସି. ମୁଲେ

୩ । *କ୍ରୁଶ ନିମନ୍ତେ ଏକ ସୁବିବେଚିତ ମନୋନୟନ ।*

"କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ ଘେନି..." (ମାଥିଉ ୧୬:୨୪) । କ୍ରୁଶ କେତେକ ଶାରୀରିକ ତ୍ରୁଟି ବା ମାନସିକ ବେଦନା ହିଁ ନୁହେଁ; ଏହି ସମସ୍ତ ବିଷୟ ସବୁ ମନୁଷ୍ୟଙ୍କ ନିମନ୍ତେ ସାଧାରଣ ଅଟେ । କ୍ରୁଶ ହିଁ ହେଉଛି ଏକ ଚଳାପଥ ଯାହାକି ସୁବିବେଚିତ ଭାବରେ ମନୋନୀତ କରାଯାଏ । ଏହା "ଏକ ପଥ ଯେଉଁ ପଥ କି ପୃଥିବୀ ଗତି କରୁଥିବା ପଥ ମଧ୍ୟରୁ ଭିନ୍ନ ଏକ ଅସମ୍ମାନଜନକ ଏବଂ ତିରସ୍କାରର ପଥ" ଅଟେ - ସି. ଏ. କୋଟ୍‌ସ୍ । କ୍ରୁଶ ଲଜ୍ୟା, ତାଡ଼ନା ଏବଂ ତିରସ୍କାରକୁ ସୂଚିତ

କରେ ଯାହାକି ଈଶ୍ୱରଙ୍କ ପୁତ୍ରଙ୍କ ଉପରେ ଏହି ଜଗତ ସ୍ତୂପୀକୃତ କରିଥିଲା ଏବଂ ଯାହାକୁ ଏହି ଜଗତ ତା'ର ଗତି ପ୍ରତିରୋଧ କରିବାକୁ ମନୋନୟନ କରୁଥିବା ସମସ୍ତଙ୍କ ଉପରେ ସ୍ତୂପୀକୃତ କରିବ । ଯେ କୌଣସି ବିଶ୍ୱାସୀ ଜଗତ ସହିତ ଏବଂ ଏହାର ପଥଗୁଡ଼ିକ ସହ ଅନୁରୂପ ଆଚରଣ କରିବା ଦ୍ୱାରା କ୍ରୁଶକୁ ସାଧାରଣ ଭାବେ ଏଡାଇ ଦେଇପାରେ ।

*୪ । ଖ୍ରୀଷ୍ଟଙ୍କୁ ଅନୁସରଣ କରି ବିତିଥିବା ଏକ ଜୀବନ ।*

"କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ" (ମାଥିଉ ୧୬ : ୨୪) । ଏହାର ଅର୍ଥ କ'ଣ ତାହା ବୁଝିବାକୁ ହେଲେ, ଜଣକୁ ତା' ନିଜକୁ ଏହିପରି ସରଳଭାବରେ ପଚାରିବାକୁ ହେବ, "ପ୍ରଭୁ ଯୀଶୁଙ୍କର ଜୀବନ କି ରୂପେ ଚିତ୍ରିତ ହୋଇଛି" ? ଏହା ଈଶ୍ୱରଙ୍କ ଇଚ୍ଛା ନିକଟରେ ଏକ ବାଧ୍ୟତାର ଜୀବନ ଥିଲା । ଏହା ଥିଲା ପବିତ୍ର ଆତ୍ମାଙ୍କର ଶକ୍ତିରେ ବାସ କରିଥିବା ଏକ ଜୀବନ । ଏହା ଥିଲା ଗୁରୁତର ଦୋଷତ୍ରୁଟି ସବୁର ସମ୍ମୁଖରେ ଏକ ଧୈର୍ଯ୍ୟଶୀଳ ଏବଂ ଦୀର୍ଘ ସହିଷ୍ଣୁତାର ଜୀବନ । ଏହା ଥିଲା ଏକ ଉତ୍ସାହର, ବ୍ରୟିତାର, ଆତ୍ମ-ସଂଯମତାର, ମୃଦୁତାର, ସହୃଦୟତାର, ବିଶ୍ୱସ୍ତତାର ଏବଂ ଏକ ଆତ୍ମୋତ୍ସର୍ଗର ଜୀବନ (ଗାଲାତୀୟ ୫ : ୨୨,୨୩) । ତାଙ୍କର ଶିଷ୍ୟ ହେବା ନିମନ୍ତେ, ସେ ଯେପରି ଜୀବନ କାଟିଥିଲେ, ଆମକୁ ସେହିପରି ଜୀବନ କାଟିବାକୁ ହେବ । ଆମକୁ ଖ୍ରୀଷ୍ଟଙ୍କ ସଦୃଶ ଫଳ ପ୍ରଦର୍ଶନ କରିବାକୁ ହେବ (ଯୋହନ ୧୫ : ୮) ।

*୫ । ଖ୍ରୀଷ୍ଟଙ୍କର ନିଜର ସମସ୍ତଙ୍କ ନିମନ୍ତେ ଏକ ଉଲ୍ଲସିତ ପ୍ରେମ ।*

*ଯଦି ତୁମ୍ଭମାନଙ୍କର ପରସ୍ପର ପ୍ରତି ପ୍ରେମ ଥାଏ*, ତାହାହେଲେ ତୁମ୍ଭେମାନେ ଯେ ମୋହର ଶିଷ୍ୟ, ଏହା ସମସ୍ତେ ତଦ୍ୱାରା ଜ୍ଞାତ ହେବେ (ଯୋହନ ୧୩ : ୩୫) । ଏହା ହିଁ ହେଉଛି ସେହି ପ୍ରେମ ଯାହା ନିଜଠାରୁ ଅନ୍ୟକୁ ଶ୍ରେଷ୍ଠଜ୍ଞାନ କରେ । ଏହା ହିଁ ହେଉଛି ସେହି ପ୍ରେମ ଯାହା କି ବହୁପାପ ଆଚ୍ଛାଦନ କରେ । ଏହା ହିଁ ହେଉଛି ସେହି ପ୍ରେମ ଯାହାକି ଦୀର୍ଘସହିଷ୍ଣୁ ଏବଂ ଦୟାଶୀଳ । ଏହା ଆତ୍ମବଡ଼ିମା କରେ ନାହିଁ, ଅହଙ୍କାର କରେ ନାହିଁ । ଅନୁଚିତ ବ୍ୟବହାର କରେ ନାହିଁ; ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ । ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ, ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରହେ

(୧ କରିନ୍ଥୀୟ ୧୩ :୪-୭)। ଏହି ପ୍ରେମ ବିନା, ଶିଷ୍ୟତ୍ୱ ଏକ ଉଦାସୀନ, ବିଧିସମ୍ମତ କଠୋର ଧର୍ମାନୁଷ୍ଠାନରେ ପରିଣତ ହୋଇଯିବ ।

*୬। ତାଙ୍କ ବାକ୍ୟରେ ଏକ ଅଟଳ ଅବିଚ୍ଛିନ୍ନତା ।*

''ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ, ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ'' (ଯୋହନ ୮ : ୩୧)। ବାସ୍ତବ ଶିଷ୍ୟତ୍ୱ ନିମନ୍ତେ ଅବିଚ୍ଛିନ୍ନତା ନିତାନ୍ତ ଆବଶ୍ୟକ । ଆରମ୍ଭରୁ ଉତ୍ତମଭାବେ କୌଣସି ଏକ ଗୌରବର ଅଗ୍ନିଶିଖାମଧ୍ୟକୁ ସଶବ୍ଦ ବିଦାରଣ କରି ଆଗେଇ ଆସିବା ଅତ୍ୟନ୍ତ ସହଜ । କିନ୍ତୁ ବାସ୍ତବତାର ପରୀକ୍ଷା ହେଉଛି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟଧରି ରହିବା । ''ଯେ ଲଙ୍ଗଳରେ ହାତ ଦେଇ ପଛକୁ ଫେରିଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ'' (ଲୂକ ୯ : ୬୨)। ଶାସ୍ତ୍ରପ୍ରତି ଆକ୍ଷେପାତ୍ମକ ବାଧ୍ୟତା ଏଥିପାଇଁ ଯୋଗ୍ୟ ନୁହେଁ । ଖ୍ରୀଷ୍ଟ ସେହିମାନଙ୍କୁ ଇଚ୍ଛା କରନ୍ତି ଯେଉଁମାନେ କି ତାଙ୍କୁ ନିରବଚ୍ଛିନ୍ନ ଏବଂ ଅବିବାଦୀୟ ବାଧ୍ୟତାରେ ଅନୁସରଣ କରିବେ ।

ପଶ୍ଚାଦ୍‌ବର୍ତ୍ତନରୁ ରକ୍ଷା କର ମୋତେ
ନିଜକୁ ପାରୁନି ଆୟତ୍ତ କରି
ମୋ ଲଙ୍ଗଳ ବେଣ୍ଟି ଲୋତକେ ତିନ୍ତିଛି
ଫାଳଚିତ ନଷ୍ଟ କଳଙ୍କି ଧରି
ନିଜକୁ ସମର୍ପି ତୁମ ଚରଣରେ
ଶକ୍ତି ଲୋଡ଼େ ଆଉ ଯିବିନି ଫେରି

*୭। ତାଙ୍କୁ ଅନୁସରଣ କରିବା ନିମନ୍ତେ ଅନ୍ୟସମସ୍ତ ବିଷୟକୁ ପରିତ୍ୟାଗ କରିବା ।*

''ସେହି ପ୍ରକାରେ ତୁମ୍ଭମାନଙ୍କ ମଧ୍ୟରୁ ଯେକେହି ଆପଣାର ସର୍ବସ୍ୱ ତ୍ୟାଗ ନ କରେ, ସେ ମୋହର ଶିଷ୍ୟ ହୋଇପାରେ ନାହିଁ'' (ଲୂକ ୧୪ : ୩୩)। ବୋଧହୁଏ ଏହା ହିଁ ହେଉଛି ଖ୍ରୀଷ୍ଟଙ୍କ ଶିଷ୍ୟତ୍ୱ ନିମନ୍ତେ ସର୍ତ୍ତାବଳୀଗୁଡ଼ିକ ମଧ୍ୟରୁ ସର୍ବଶ୍ରେଷ୍ଠ ଅପ୍ରିୟ ସର୍ତ୍ତାବଳୀ, ଏବଂ ଏହା ମଧ୍ୟ ବାଇବଲର ସବୁଠାରୁ ଅପ୍ରିୟ ବାକ୍ୟଟି ରୂପରେ ପ୍ରମାଣିତ ହୋଇପାରେ । ଚତୁର ପରାମାର୍ଥବିତ୍‌ମାନେ ଏହାର ହଜାର କାରଣ ଦର୍ଶାଇପାରନ୍ତି ଯେ, କାହିଁକି ଏହାର ଅର୍ଥ ତାହା ନୁହେଁ, ଯାହା ଏହି ବାକ୍ୟଟି କହେ, କିନ୍ତୁ ସରଳ ଶିଷ୍ୟମାନେ ଏହାକୁ ଦାମ୍ଭିକ ଭାବରେ ଧରି ଉତ୍କଣ୍ଠାର ସହ ହୃଦୟରେ ନିମଜ୍ଜିତ କରିଥାନ୍ତି ଯେ, ''ପ୍ରଭୁ ଯୀଶୁ ଜାଣିଥିଲେ ଯେ ସେ କ'ଣ କହୁଛନ୍ତି''। ସମସ୍ତ ବିଷୟକୁ

ପରିତ୍ୟାଗ କରିବା ମାନେ କ'ଣ ? ଯାହାର ଅର୍ଥ ହେଉଛି ଜଣଙ୍କର ସମସ୍ତ ବସ୍ତୁବାଦୀ ଅଧିକୃତ ବିଷୟର ପରିତ୍ୟାଗ, ଯେଉଁସବୁ କି ନିହାତି ପ୍ରୟୋଜନୀୟ ନୁହେଁ ଏବଂ ତାହା ସୁସମାଚାର ପ୍ରଚାର ନିମନ୍ତେ ବ୍ୟବହାର କରାଯାଇ ପାରିବ । ଯେଉଁ ବ୍ୟକ୍ତି ସମସ୍ତ ବିଷୟ ପରିତ୍ୟାଗ କରିଦିଏ ସେ ଜଣେ ନିରୂପାୟ ବାରବୁଲା ବ୍ୟକ୍ତି ହୋଇଯାଇ ନ ଥାଏ : ସେ ତାର ପରିବାର ଏବଂ ନିଜର ସାଂପ୍ରତିକ ଆବଶ୍ୟକତା ସବୁ ଯୋଗାଇବା ନିମନ୍ତେ କଠୋର ପରିଶ୍ରମ କରେ । କିନ୍ତୁ ଯେହେତୁ ଖ୍ରୀଷ୍ଟଙ୍କୁ ସର୍ବାଗେ ରଖିବା ତା' ଜୀବନର ଲାଳସା ହୋଇ ଯାଇଥାଏ, ତେଣୁ କରି ସେ ତା'ର ଆବଶ୍ୟକତାଠାରୁ ସମସ୍ତ ଅତିରିକ୍ତ ବିଷୟଗୁଡ଼ିକୁ ପ୍ରଭୁଙ୍କ କାର୍ଯ୍ୟରେ ବିନିଯୋଗ କରେ ଏବଂ ତା'ର ଭବିଷ୍ୟତକୁ ପ୍ରଭୁଙ୍କ ପାଖରେ ଛାଡ଼ିଦିଏ । ପ୍ରଭୁଙ୍କ ରାଜ୍ୟ ଏବଂ ଧାର୍ମିକତାକୁ ପ୍ରଥମେ ଅନ୍ୱେଷଣ କରିବା ଦ୍ୱାରା, ସେ ବିଶ୍ୱାସ କରେ ଯେ ତା'ର ଖାଦ୍ୟ ଏବଂ ବସ୍ତ୍ରର କଦାପି ଅଭାବ ହେବ ନାହିଁ । ସେ କଦାପି ଜାଣିଶୁଣି ତା'ର ବଳକା ସଂପଦକୁ ଜାବୁଡ଼ି ଧରି ରଖି ପାରେ ନାହିଁ, ଯେତେବେଳେ କି ପ୍ରାଣଗୁଡ଼ିକ ସୁସମାଚାର ବିନା ନଷ୍ଟପ୍ରାପ୍ତ ହୁଅନ୍ତି । ସେ ଧନ ବୃଦ୍ଧି କରି ନିଜର ଜୀବନକୁ ନଷ୍ଟ କରି ଦେବାକୁ ଇଚ୍ଛା କରେ ନାହିଁ । କାରଣ ତାଙ୍କର ସାଧୁମାନଙ୍କ ନିମନ୍ତେ ଖ୍ରୀଷ୍ଟ ଯେତେବେଳେ ପ୍ରତ୍ୟାବର୍ତ୍ତନ କରିବେ ସେତେବେଳେ ସେ ଯେପରି ଶୟତାନର ହସ୍ତରେ ପତିତ ନ ହୁଏ । ସେ ଜଗତରେ ସଂପଦ୍ର ବୃଦ୍ଧି କରିବା ବିରୁଦ୍ଧରେ ପ୍ରଭୁଙ୍କର ନିଷେଧାଜ୍ଞାକୁ ପାଳନ କରିବାକୁ ଇଚ୍ଛାକରେ । ସମସ୍ତ କିଛି ପରିତ୍ୟାଗ କରି, ସେ ତାହା ହିଁ ପରିତ୍ୟାଗ କରେ ଯାହା ହିଁ ସେ କୌଣସି ଉପାୟରେ ରଖି ପାରିବ ନାହିଁ ଏବଂ ଯାହାକୁ ସେ ପ୍ରେମ କରିବାରୁ ବିରତ ହୋଇଛି ।

* * * *

ଏହି ସମସ୍ତ ହେଉଛି ଖ୍ରୀଷ୍ଟିୟ ଶିଷ୍ୟତ୍ୱ ନିମନ୍ତେ ସାତଗୋଟି ସର୍ତ୍ତାବଳୀ । ଏଗୁଡ଼ିକ ସୁସ୍ପଷ୍ଟ ଏବଂ ଅସନ୍ଦିଗ୍ଧ । ଲେଖକ ହୃଦୟଙ୍ଗମ କରନ୍ତି ଯେ, ଏଗୁଡ଼ିକ ଉପସ୍ଥାପନ କରିବା କାର୍ଯ୍ୟରେ, ସେ ନିଜକୁ ଜଣେ ନିଷ୍ଫଳ ଦାସଭାବେ ଅଯୋଗ୍ୟ ବୋଲି ବିବେଚିତ କରିଛନ୍ତି । କିନ୍ତୁ ଈଶ୍ୱରଙ୍କ ସତ୍ୟ କ'ଣ ଚିରକାଳ ନିମନ୍ତେ ଈଶ୍ୱରଙ୍କ ଲୋକମାନଙ୍କର ବିଫଳତା ହେତୁ ଗୋପନ କରି ଦିଆଯିବ ? ଏହା କ'ଣ ସତ୍ୟ ନୁହେଁ ଯେ, ବାର୍ତ୍ତାବହଠାରୁ ବାର୍ତ୍ତା ସର୍ବଦା ଶ୍ରେଷ୍ଠତର ? ଏହା କ'ଣ ସଠିକ ନୁହେଁ ଯେ, ଈଶ୍ୱର ସତ୍ୟ ଏବଂ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ମିଥ୍ୟାବାଦୀ ? ଏହିପରି

ଏକ ପୁରାତନ କଥାଟି ପରି ଆମେ କହିବା କ'ଣ ଉଚିତ୍ ନୁହେଁ କି, ''ମୋ ଅକୃତ କାର୍ଯ୍ୟକତାରେ ମଧ ତାହାଙ୍କର ଇଚ୍ଛା ହିଁ ସଫଳ ହେବ'' ।

ଆମର ଅତୀତର ବିଫଳତାକୁ ସ୍ୱୀକାର କରି, ଆସନ୍ତୁ ସାହସର ସହିତ ଆମ ଉପରେ ଖ୍ରୀଷ୍ଟଙ୍କର ଦାବୀକୁ ସମ୍ମୁଖୀନ ହେଉ ଏବଂ ଏହା ପରଠାରୁ ଆମର ଗୌରବମୟ ପ୍ରଭୁଙ୍କର ପ୍ରକୃତ ଶିଷ୍ୟସବୁ ହେବା ନିମନ୍ତେ ଅନ୍ୱେଷଣ କରୁ । ହେ ପ୍ରଭୁ ମୋର, କଢ଼ାଇ ନିଅ ମୋତେ ତବ ଦ୍ୱାରକୁ

ବିଦ୍ଧ କର ତବ ବାକ୍ୟ ଖଡ୍‌ଗରେ, ମୋ ଆକାଂକ୍ଷିତ କର୍ଣ୍ଣକୁ
ତୁମ ବନ୍ଧନ ହିଁ ସ୍ୱାଧୀନତା, ଦିଅ ମୋତେ ଲାଭ କରିବାକୁ
ତୁମ ନିମନ୍ତେ ଶ୍ରମ ସହ୍ୟ ଓ ତୁମ ଆଜ୍ଞା ପାଳନ କରିବାକୁ

-ଏଚ୍. ଜି. ସି. ମୁଲେ

# ସମସ୍ତ ବିଷୟ ପରିତ୍ୟାଗ କରିବା

''ସେହିପ୍ରକାରେ ତୁମ୍ଭମାନଙ୍କ ମଧ୍ୟରୁ ଯେକେହି ଆପଣାର ସର୍ବସ୍ୱ ତ୍ୟାଗ ନ କରେ, ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ'' (ଲୂକ ୧୪ : ୩୩) ।

ପ୍ରଭୁ ଯୀଶୁଙ୍କର ଜଣେ ଶିଷ୍ୟ ହେବା ନିମନ୍ତେ, ଜଣକୁ ସମସ୍ତ କିଛି ପରିତ୍ୟାଗ କରିବାକୁ ହେବ । ଏହା ହେଉଛି ତ୍ରାଣକର୍ତ୍ତାଙ୍କର ବାକ୍ୟସବୁର ସୁସ୍ପଷ୍ଟ ଅର୍ଥ । ଆମେ ଏହାକୁ କେତେ ପରିମାଣରେ 'ଉତ୍କଟ' ଦାବୀ ବୋଲି ଆପତ୍ତି ଉଠାଇ ପାରୁ ସେଥିରେ କିଛି ଯାଏ ଆସେ ନାହିଁ, ଆମେ ଏହାକୁ କେତେ ପରିମାଣରେ ଅସମ୍ଭବତା''ବୋଲି ଏହା ପ୍ରତିରୋଧରେ ବିଦ୍ରୋହୀ ଆଚରଣ କରିପାରୁ ସେଥିରେ କିଛି ଯାଏ ଆସେ ନାହିଁ ଏବଂ ଏହାକୁ 'ଅବିବେଚିତ' ନୀତି ବୋଲି ଅଭିହିତ କରୁ ସେଥିରେ କିଛି ଯାଏ ଆସେ ନାହିଁ, ମାତ୍ର ସତ୍ୟ ହେଉଛି ଯେ, ଏହା ହେଉଛି ଈଶ୍ୱରଙ୍କ ବାକ୍ୟ ଏବଂ ସେ ଯାହା କହନ୍ତି ତା'ର ଅର୍ଥ ଦର୍ଶାଇଛନ୍ତି ।

ପ୍ରାରମ୍ଭରୁ, ଆମର ଏହି ଅଦମ୍ୟ ସତ୍ୟସବୁ ପ୍ରତି ଦୃଷ୍ଟି ଆଣିବା ଉଚିତ୍ ।

(କ) ପ୍ରଭୁ ଯୀଶୁ କୌଣସି ନିର୍ଦ୍ଦିଷ୍ଟ ପ୍ରକାର, ମନୋନୀତ ଖ୍ରୀଷ୍ଟିୟ କାର୍ଯ୍ୟକାରୀମାନଙ୍କୁ ଏହି ଦାବୀ ଜଣାଇ ନାହାଁନ୍ତି । ସେ କହିଲେ, ''ତୁମ୍ଭମାନଙ୍କ ମଧ୍ୟରୁ ଯେ କେହି...'' ।

(ଖ) ସେ କହି ନାହାଁନ୍ତି ଯେ ଆମେ ସରଳଭାବରେ ସମସ୍ତ କିଛି ପରିତ୍ୟାଗ କରିବାକୁ ଇଚ୍ଛୁକ ରହିବା ଆବଶ୍ୟକ । ସେ କହିଲେ, ‘‘ତୁମ୍ଭମାନଙ୍କ ମଧ୍ୟରୁ ଯେ କେହି ତ୍ୟାଗ ନ କରେ ... ’’ ।

(ଗ) ସେ କହି ନାହାଁନ୍ତି ଯେ ଆମେ ଆମ ସମ୍ପତ୍ତିର ଏକ ଅଂଶ ପରିତ୍ୟାଗ କରିବା ଆବଶ୍ୟକ । ସେ କହିଲେ, ‘‘ତୁମ୍ଭମାନଙ୍କ ମଧ୍ୟରୁ ଯେ କେହି ଆପଣାର ସର୍ବସ୍ୱ ତ୍ୟାଗ ନ କରେ...’’ ।

(ଘ) ସେ କହି ନାହାଁନ୍ତି ଯେ, ଶିଷ୍ୟତ୍ୱର କୋମଳ ଅବସ୍ଥା ସେହି ବ୍ୟକ୍ତିଟି ନିମନ୍ତେ ସମ୍ଭବ ହୋଇପାରିବ, ଯିଏ କି ତାର ସମ୍ପତ୍ତିସବୁକୁ ଜାବୁଡ଼ି ଧରେ । ପ୍ରଭୁ ଯୀଶୁ କହିଲେ, ‘‘... ସେ ମୋହର ଶିଷ୍ୟ ହୋଇପାରେ ନାହିଁ’’ ।

ସତ୍ୟତଃ, ଆମେ ଏହିପ୍ରକାର ପୂର୍ଣ୍ଣ ଦାବୀରେ ବିସ୍ମୟାନ୍ୱିତ ହେବା ଉଚିତ ନୁହେଁ, ଯେପରିକି ବାଇବଲରେ ଏହା ହିଁ ଏକମାତ୍ର ପ୍ରସ୍ତାବ ।

ପ୍ରଭୁ ଯୀଶୁ କ’ଣ କହିନାହାଁନ୍ତି :

‘‘ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ କରେ, ପୁଣି ଚୋରମାନେ ସିନ୍ଧିକାଟି ଚୋରି କରନ୍ତି, ଏପରି ପୃଥିବୀରେ ଆପଣା ନିମନ୍ତେ ଧନ ସଞ୍ଚୟ କର ନାହିଁ : ମାତ୍ର ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧିକାଟି ଚୋରି ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର’’ (ମାଥିଉ ୬ : ୧୯, ୨୦) ?

ଯେପରି ‘‘ୱେସ୍‌ଲେ’’ ଯଥାର୍ଥଭାବେ କହିଥିଲେ, ‘‘ପୃଥିବୀରେ ଧନ ସଞ୍ଚୟ କରିବା ହେଉଛି ଆମ ପ୍ରଭୁଙ୍କ ଦ୍ୱାରା ସ୍ୱଷ୍ଟ ରୂପେ ନିଷେଧାଜ୍ଞା କରାଯାଇଥିବା ବ୍ୟଭିଚାର ଏବଂ ନରହତ୍ୟା ସଦୃଶ’’ ।

ପ୍ରଭୁ ଯୀଶୁ କ’ଣ କହି ନାହାଁନ୍ତି :

‘‘ତୁମ୍ଭମାନଙ୍କର ଯାହା ଅଛି ତାହା ବିକ୍ରୟ କରି ଦାନ କର...’’ (ଲୂକ ୧୨ : ୩୩) ?

ସେ କ’ଣ ଯୁବ ଅଧ୍ୟକ୍ଷଙ୍କୁ ଶିକ୍ଷା ଦେଇ କହି ନ ଥିଲେ :

‘‘... ତୁମ୍ଭେ ଆପଣାର ସର୍ବସ୍ୱ ବିକ୍ରୟ କରି ଦରିଦ୍ରମାନଙ୍କୁ ବିତରଣ କର, ଆଉ ତୁମ୍ଭେ ସ୍ୱର୍ଗରେ ଧନ ପାଇବ; ପୁଣି ଆସି ମୋହର ଅନୁଗମନ କର’’ (ଲୂକ ୧୮ : ୨୨) ?

ଯଦି ସେ କହିଥିବା ବାକ୍ୟର ଅର୍ଥ ତାହା ହିଁ ବୋଲି ସେ ବୁଝାଇ ନାହାଁନ୍ତି, ତେବେ ସେ କ'ଣ ବୁଝାନ୍ତି ?

ଆଦ୍ୟ ମଣ୍ଡଳୀର ବିଶ୍ୱାସୀମାନେ ''ଆପଣା ଆପଣା ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରୟ କରି, ଯାହାର ଯେପରି ପ୍ରୟୋଜନ, ସେହି ଅନୁସାରେ ସମସ୍ତଙ୍କୁ ବାଣ୍ଟି ଦେବାକୁ ଲାଗିଲେ'' (ପ୍ରେରିତ ୨ : ୪୫) ଏହା କ'ଣ ସତ୍ୟ ନ ଥିଲା ?

ଏବଂ ଈଶ୍ୱରଙ୍କର ସାଧୁମାନେ ଅତୀତରୁ ବର୍ଷ ବର୍ଷ ଧରି ଆକ୍ଷରିକ ଭାବେ ସେମାନଙ୍କର ସମସ୍ତ କିଛି ବିଷୟକୁ ପ୍ରଭୁ ଯୀଶୁଙ୍କୁ ଅନୁସରଣ କରିବା ନିମନ୍ତେ ଯେ ପରିତ୍ୟାଗ କରି ଆସିଛନ୍ତି ଏହା କ'ଣ ସତ୍ୟ ନୁହେଁ ?

ଆନ୍ଥୋନୀ ନୋରୀସ୍ ଗ୍ରୋଭସ୍ ଏବଂ ତାଙ୍କର ସ୍ତ୍ରୀ, ବାଗ୍‌ଦାଦ୍‌କୁ ଯାଇଥିବା ପ୍ରଥମ ମିସିନେରୀ ଏହି ହୃଦ୍‌ବୋଧ ପାଇଲେ ଯେ, ''ସେମାନଙ୍କୁ ପୃଥିବୀରେ ଧନସଞ୍ଚୟ କରିବାରୁ ବିରତ ହେବାକୁ ହେବ, ଏବଂ ଏକ ପ୍ରଚୁର ଆୟରୁ ସମସ୍ତ କିଛି ସେମାନଙ୍କୁ ଉତ୍ସର୍ଗ କରି ଦେବାକୁ ହେବ... ପ୍ରଭୁଙ୍କର ସେବାନିମନ୍ତେ''[1] ଗ୍ରୋଭସ୍‌ଙ୍କର ଏହି ଦୃଢ଼ସଂକଳ୍ପ ତାଙ୍କର CHRISTIAN DEVOTEDNESS[2] ନାମକ ପୁସ୍ତିକାରେ ଉପସ୍ଥାପନା କରାଯାଇଛି ।

'ସି. ଟି. ଷ୍ଟଡ୍' ''ତାଙ୍କର ସମସ୍ତ ଐଶ୍ୱର୍ଯ୍ୟକୁ ପ୍ରଭୁ ଖ୍ରୀଷ୍ଟଙ୍କୁ ଦାନ କରିଦେବାକୁ ସ୍ଥିର କଲେ ଏବଂ ଧନୀ ଯୁବକଟି ଗ୍ରହଣ କରିବାକୁ ବିଫଳ ହୋଇଥିବା ସୁବର୍ଣ୍ଣ ସୁଯୋଗଟିକୁ ନିଜେ ଗ୍ରହଣ କରିବାକୁ ସ୍ଥିର କଲେ... ଏହା ଥିଲା ଈଶ୍ୱରଙ୍କର ବାକ୍ୟର କୋମଳ ଏବଂ କଠୋର ଉକ୍ତି ଗୁଡ଼ିକ ପ୍ରତି ସରଳ ବାଧ୍ୟତା ।''

ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ହଜାର ହଜାର ଅର୍ଥ ବିତରଣ କରି, ସେ ୯, ୫୮୮ ଡଲାର ପାଖାପାଖି ତାଙ୍କର ନୂତନ ବାନ୍ଧବୀଙ୍କ ନିମନ୍ତେ ସଞ୍ଚୟ କରିଥିଲେ । ତାଙ୍କ ସ୍ୱାମୀଙ୍କଠାରୁ ସେ ଅତିକ୍ରମ କରି ନ ଯିବାକୁ 'ଷ୍ଟଡ୍' ଏହା କରିଥିଲେ । ତାଙ୍କ ସ୍ତ୍ରୀ ପଚାରିଲେ 'ଚାର୍ଲି' ''ଧନୀ ଯୁବକଟିକୁ କ'ଣ କରିବାକୁ ପ୍ରଭୁ କହିଥିଲେ ?''

''ସମସ୍ତ କିଛି ବିକ୍ରୀ କରିଦିଅ'' ସେ ଉତ୍ତର ଦେଲେ । ''ତେବେ ଠିକ୍ ଅଛି, ଆମର ବିବାହ ସମୟରେ ଆମେ ଈଶ୍ୱରଙ୍କୁ ଏହା ସ୍ପଷ୍ଟ କରିବା'' । ଏବଂ ଏହି ସମସ୍ତ ଟଙ୍କା ଖ୍ରୀଷ୍ଟିୟ ମିସନକୁ ସେମାନେ ଦାନ କରିଥିଲେ ।

[1] "Men of his Right Hand", THE WITNESS MAGAZINE, January, 1961
[2] **Walterick Publishers Box 2216, KCK 66110**
[3] Grubb, Norman, C. T. STUDD, Lutter worth Press, 1957, p. 64

ଏହି ପ୍ରକାର ଧର୍ମନିଷ୍ଠତାର ଆତ୍ମା 'ଜିମ୍ ଏଲିଏଟ୍' ଙ୍କୁ ଅନୁପ୍ରାଣୀତ କରିଥିଲା । ସେ ତାଙ୍କ ଡାଏରୀରେ ଲେଖିଥିଲେ :

''ପିତା, ମୋତେ ଦୁର୍ବଳ ହେବାକୁ ଦିଅ ଯାହା ଫଳରେ ମୁଁ ମୋର ହସ୍ତର ପଞ୍ଝାକୁ ସମସ୍ତ କିଛି ପାର୍ଥିବ ବିଷୟ ଉପରୁ ଦୂରେଇ ଦେଇ ପାରିବି । ମୋର ଜୀବନ, ମୋର ଖ୍ୟାତି, ମୋର ଅଧିକାର, ପ୍ରଭୁ ଅତ୍ୟନ୍ତ ଲାଳାୟିତ ହସ୍ତର ପ୍ରବଳ ପ୍ରୟାସରୁ ମୋତେ କୋହଳ କରିଦିଅ । ଏପରିକି, ପ୍ରଭୁ ପ୍ରିୟବ୍ୟକ୍ତି ବା ବସ୍ତୁ ଉପରୁ ମୁଁ ମୋର ପ୍ରେମ ହରାଇ ପାରନ୍ତି । କେତେ ବାର ମୁଁ ଯେ, ଦୃଢ଼ ହସ୍ତର ବନ୍ଧନକୁ ମୁକ୍ତ କରିଛି କେବଳ ମାତ୍ର ପ୍ରେମର ସ୍ପର୍ଶଟିକୁ ଧରିରଖିବାକୁ, ଯାହାକୁ ମୁଁ ''କ୍ଷତିଶୂନ୍ୟ'' ଆକାଂକ୍ଷା ମାଧ୍ୟମରେ ପୁରସ୍କୃତ ହୋଇଛି । ବରଂ ମୋର ହସ୍ତକୁ କାଲ୍‌ଵରୀର କ୍ରୁଶକୁ ଗ୍ରହଣ କରିବା ନିମନ୍ତେ ଉନ୍ମୁକ୍ତ କରିଦିଅ, ଯେପରି ଖ୍ରୀଷ୍ଟ ଉନ୍ମୁକ୍ତ କରିଥିଲେ - ଯାହା ଫଳରେ ମୁଁ, ଏହି ସମସ୍ତକୁ ମୁକ୍ତ କରି ମୋତେ ବର୍ତ୍ତମାନ ବନ୍ଧନ କରିଥିବା ସମସ୍ତ ବିଷୟଠାରୁ ନିଜେ ମୁକ୍ତ ହୋଇ ପାରନ୍ତି । ସେ ସ୍ୱର୍ଗ ବିଷୟରେ ଚିନ୍ତା କଲେ, ହଁ, ଈଶ୍ୱରଙ୍କ ସହ ଏହା ସମାନ, କୌଣସି ବିଷୟ ନାହିଁ ଯାହାକୁ ଶକ୍ତି ହସ୍ତ ପଞ୍ଝାରେ ଧରି ହେବ । ତେଣୁ କରି ମୋତେ ମୋର ଦୃଢ଼ ବନ୍ଧନୀରୁ ମୁକ୍ତ କରିଦିଅ'' ।

ଆମର ବିଶ୍ୱାସ ବିହୀନ ହୃଦୟ ଆମକୁ କହେ ଯେ, ପ୍ରଭୁଙ୍କର ବାକ୍ୟକୁ ଆକ୍ଷରିକ ଭାବେ ଗ୍ରହଣ କରିବା ଅସମ୍ଭବ ହେବ । ଆମେ ଯଦି ସମସ୍ତ କିଛି ପରିତ୍ୟାଗ କରୁ, ତେବେ ଆମେ କ୍ଷୁଧାରେ ରହିବୁ । ମୋଟ ଉପରେ, ଆମକୁ ଆମ ଭବିଷ୍ୟତ ନିମନ୍ତେ ଏବଂ ଆମର ପ୍ରିୟଜନଙ୍କର ଭବିଷ୍ୟତ ନିମନ୍ତେ ସୁବନ୍ଦୋବସ୍ତ କରିବା ନିତାନ୍ତ ଆବଶ୍ୟକ । ଯଦି ପ୍ରତ୍ୟେକ ଖ୍ରୀଷ୍ଟବିଶ୍ୱାସୀ ନିଜ ନିଜର ସମସ୍ତ କିଛି ପରିତ୍ୟାଗ କରିଦିଅନ୍ତି, ତେବେ ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ କିଏ ଅର୍ଥ ଯୋଗାଇବ ? ଏବଂ ଯଦି କେତେକ ଧନୀ ଖ୍ରୀଷ୍ଟ ବିଶ୍ୱାସୀ ନ ଥା'ନ୍ତେ, ତେବେ କିପରି ଭାବେ ଉଚ୍ଚ ଶ୍ରେଣୀର ଲୋକମାନଙ୍କ ନିକଟରେ ସୁସମାଚାର ପହଞ୍ଚି ପାରୁଥାନ୍ତା ? ଏବଂ ଏହିପରି ଭାବେ ଗୋଟିଏ ପରେ ଗୋଟିଏ ଅତି କ୍ଷୀପ୍ର କ୍ରମିକ ଗତିରେ ତର୍କସବୁ ଆଗେଇ ଆସେ - ଏହି ସମସ୍ତ ପ୍ରମାଣିତ କରିଦେବାକୁ ଯେ ପ୍ରଭୁ ଯୀଶୁ ଯାହା କହିଛନ୍ତି,ସେ ତାହାର ଅର୍ଥ ତାହା ହିଁ କହି ନାହାଁନ୍ତି ।

ଏହି ବିଷୟର ସତ୍ୟତାର ଏହି ଯେ, ପ୍ରଭୁଙ୍କ ଆଦେଶ ପ୍ରତି ବାଧ୍ୟତା ହେଉଛି ସର୍ବୋତ୍ତମ ଏବଂ ଯୁକ୍ତିଯୁକ୍ତ ଜୀବନ ଏବଂ ଯାହାଦ୍ୱାରା କି ଜଣେ ସର୍ବଶ୍ରେଷ୍ଠ ଆନନ୍ଦ

ଉତ୍ପନ୍ନ କରେ । ଶାସ୍ତ୍ର ଏବଂ ଅଭିଜ୍ଞତାର ସାକ୍ଷ୍ୟ ଏହା ପ୍ରମାଣିତ କରେ ଯେ, ଯେ କେହି ଖ୍ରୀଷ୍ଟଙ୍କ ନିମନ୍ତେ ଏକ ଉତ୍ସର୍ଗୀକୃତ ଜୀବନଯାପନ କରେ ସେ କଦାପି ଅଭାବ ଭୋଗ କରିବ ନାହିଁ । ଯେତେବେଳେ ଜଣେ ମନୁଷ୍ୟ ଈଶ୍ୱରଙ୍କ ଆଜ୍ଞା ପାଳନ କରେ, ଈଶ୍ୱର ତାହାର ଯତ୍ନ ନିଅନ୍ତି ।

ଯେଉଁ ବ୍ୟକ୍ତିଟି ଖ୍ରୀଷ୍ଟଙ୍କୁ ଅନୁସରଣ କରିବା ନିମନ୍ତେ ତା'ର ସମସ୍ତ କିଛି ପରିତ୍ୟାଗ କରେ ସେ ଜଣେ ନିରୂପାୟ କାଙ୍ଗାଳ ନୁହେଁ, ଯେକି ତା'ର ସହ-ଖ୍ରୀଷ୍ଟବିଶ୍ୱାସୀମାନଙ୍କ ଦ୍ୱାରା ପୃଷ୍ଠପୋଷଣ ହେବା ନିମନ୍ତେ ପ୍ରତ୍ୟାଶା ରଖେ ।

୧ । ସେ କଠିନ ପରିଶ୍ରମୀ । ସେ ଉଦ୍ୟମ ସହକାରେ ତା'ର ଜରୁରୀ ଆବଶ୍ୟକତା ଏବଂ ପରିବାରର ସମସ୍ତଙ୍କର ଆବଶ୍ୟକତା ନିମନ୍ତେ କାର୍ଯ୍ୟ କରେ ।

୨ । ସେ ମିତବ୍ୟୟୀ । ସେ ଯେତେ ଯଥୋଚିତ ବ୍ୟୟରେ ବଞ୍ଚିପାରିବ ସେହି ଅନୁସାରେ ଜୀବନଯାପନ କରେ, ଯାହାଦ୍ୱାରା କି ଜରୁରୀ ଆବଶ୍ୟକତାଠାରୁ ଅନ୍ୟ ସମସ୍ତ ବିଷୟ ପ୍ରଭୁଙ୍କ କାର୍ଯ୍ୟରେ ବିନିଯୋଗ ହୋଇପାରିବ ।

୩ । ସେ ଦୂରଦୃଷ୍ଟିସଂପନ୍ନ । ପୃଥିବୀରେ ଧନ ସଞ୍ଚୟ କରିବା ପରିବର୍ତ୍ତେ, ସେ ସ୍ୱର୍ଗରେ ତା'ର ଧନସବୁ ସଞ୍ଚୟ କରେ ।

୪ । ଭବିଷ୍ୟତ ନିମନ୍ତେ ସେ ଈଶ୍ୱରଙ୍କୁ ଭରସା କରେ । ବୃଦ୍ଧାବସ୍ଥାର ସୁରକ୍ଷା ନିମନ୍ତେ ପ୍ରଚୁର ସଂରକ୍ଷଣ ସବୁ ତୋଳିବା ନିମନ୍ତେ ତା' ଜୀବନର ସମସ୍ତ ଉତ୍ତମ ବିଷୟସବୁ ନ ଦେଇ, ସେ ତା' ଜୀବନର ମହତ୍ ବିଷୟ ସବୁକୁ ଖ୍ରୀଷ୍ଟଙ୍କୁ ପ୍ରଦାନ କରେ ଏବଂ ଭବିଷ୍ୟତ ନିମନ୍ତେ ତାଙ୍କୁ ଭରସା କରେ । ସେ ବିଶ୍ୱାସ କରେ ଯେ, ସେ ଯଦି ପ୍ରଥମରେ ଈଶ୍ୱରଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କରେ, ସେ କେବେବି ଖାଦ୍ୟ ଓ ବସ୍ତ୍ର ଅଭାବରେ ରହିବ ନାହିଁ (ମାଥିଉ ୬ : ୩୩) ।

ତା' ନିମନ୍ତେ ଏକ ଦୁର୍ଦ୍ଦିନ ପାଇଁ ଧନ ସଞ୍ଚୟ କରିବା ଅଯୁକ୍ତିଯୁକ୍ତ ବିଷୟ । ସେ ନିମ୍ନ ଲିଖିତ ଭାବରେ କାରଣସବୁ ଦର୍ଶାଏ :

୧ । ଆମେ କିଭଳି ଭାବରେ ସଚେତନ ହୋଇ ଅତିରିକ୍ତ ଧନସବୁ ସଞ୍ଚୟ କରିପାରୁ ଯେତେବେଳେ କି ପ୍ରାଣଗୁଡ଼ିକର ପରିତ୍ରାଣ ନିମନ୍ତେ ଅର୍ଥ ଏବେ ହିଁ ବ୍ୟବହୃତ ହୋଇପାରିବ ? "... ଯେ ଜାଗତିକ ଭାବେ ସମ୍ପତ୍ତିଶାଳୀ ହୋଇ ଆପଣା ଭାଇକୁ ଅଭାବଗ୍ରସ୍ତ ଦେଖିଲେ ହେଁ ତାହା ପ୍ରତି ଆପଣା ଦୟା ରୁଦ୍ଧ କରେ, ତାହାଠାରେ ଈଶ୍ୱରଙ୍କ ପ୍ରେମ କିପରି ରହିପାରେ ?" (୧ ଯୋହନ ୩ : ୧୭)

4 Elliot, Elisabeth, SHADOW OF THE ALMIGHTY, Harper and Brothers, 1958, P-246

''ପୁଣି, ଗୁରୁତ୍ୱପୂର୍ଣ୍ଣ ଆଦେଶଟିକୁ ବିବେଚନା କରନ୍ତୁ- ତୁମ୍ଭେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବ (ଲେବୀୟ ୧୯ : ୧୮) । ଆମ ନିକଟରେ ଯେତେବେଳେ ପ୍ରଚୁର ଏବଂ ବ୍ୟୟ ନିମନ୍ତେ ରହିଛି, ସେହି ପ୍ରତିବାସୀଟିକୁ ଆମେ ଆତ୍ମତୁଲ୍ୟ ପ୍ରେମ କରୁଛୁ ବୋଲି କୌଣସି ପ୍ରକାର ସତ୍ୟରେ କହିପାରିବା କି, ଯାହାକୁ ଆମେ କ୍ଷୁଧିତ ଅବସ୍ଥାରେ ଦେଖି ମଧ୍ୟ ନୀରବ ରହିଥାଉ ? ମୁଁ ସେପରି କାହାରିକୁ ନିବେଦନ କରିପାରିବି ନାହିଁ, ଯିଏ କି ଈଶ୍ୱରଙ୍କର ଅକଥନୀୟ ଉପହାରକୁ ଜାଣିବାର ଏବଂ ମାଗିବାର ଅନୁଭୂତି ଲାଭ କରିଛନ୍ତି- 'ଆପଣ ଏହି ଜ୍ଞାନକୁ ପ୍ରତିବଦଳ କରିବେ କି ... ଏକ ଶତ ଜଗତ ନିମନ୍ତେ ?' ତେଣୁ କରି ଆସନ୍ତୁ ଯେଉଁ ସମ୍ବଳ ଦ୍ୱାରା ଅନ୍ୟମାନେ ଏହି ପବିତ୍ରୀକୃତ ଜ୍ଞାନ ଏବଂ ସ୍ୱର୍ଗୀୟ ସାନ୍ତ୍ୱନା ପ୍ରାପ୍ତ ହୁଅନ୍ତି ତାହାକୁ ଅଟକାଇ ରଖିବା ନାହିଁ'' । — ଏ. ଏନ୍. ଗ୍ରୋଭ୍ସ୍ ।

୨ । ଆମେ ଯଦି ପ୍ରକୃତରେ ବିଶ୍ୱାସ କରୁ ଯେ ଖ୍ରୀଷ୍ଟଙ୍କର ଆଗମନ ଆସନ୍ନପ୍ରାୟ ଆମେ ଆମର ଅର୍ଥକୁ ଅତିଶୀଘ୍ର ବ୍ୟବହାର କରିବା ନିମନ୍ତେ ଇଚ୍ଛାପ୍ରକାଶ କରିବୁ । ନଚେତ୍ ଆମେ ଶୟତାନ ହସ୍ତରେ ପତିତ ହୋଇଯିବୁ ଯଦି ଏହାକୁ ଧରି ରଖିବାର ଦାୟିତ୍ୱ ବହନ କରୁଥିବୁ - ଯେଉଁ ଅର୍ଥକି ଚିରନ୍ତନ ଆଶୀର୍ବାଦ ନିମନ୍ତେ ବ୍ୟବହୃତ ହୋଇପାରିଥା'ନ୍ତା ।

୩ । ଆମେ କିଭଳି ଭାବରେ ସଚେତନ ହୋଇ ଖ୍ରୀଷ୍ଟିୟ କାର୍ଯ୍ୟ ନିମନ୍ତେ ଅର୍ଥ ଯୋଗାଇବାକୁ ପ୍ରଭୁଙ୍କୁ ପ୍ରାର୍ଥନା କରିପାରୁ ଯେତେବେଳେ କି ଆମ ନିକଟରେ ରହିଥିବା ଅର୍ଥକୁ ଏହି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରିବାକୁ ଆମେ ରାଜି ନୋହୁଁ ? ଖ୍ରୀଷ୍ଟଙ୍କ ନିମନ୍ତେ ସମସ୍ତ କିଛି ପରିତ୍ୟାଗ କରିବା ହିଁ ଆମକୁ ପ୍ରାର୍ଥନାରେ ଛଳନାରୁ ରକ୍ଷା କରେ ।

୪ । ଆମେ କିଭିଳି ଭାବରେ ଅନ୍ୟମାନଙ୍କୁ ଈଶ୍ୱରଙ୍କର ସମଗ୍ର ଉପଦେଶ ଶିକ୍ଷା ଦେଇପାରୁ । ଯଦି ଏହିଭଳି ଭାବରେ ରହିଥିବା ସତ୍ୟର ଶିକ୍ଷା ସବୁକୁ ପାଳନ କରିବାରେ ଆମେ ବିଫଳ ହୋଇଛୁ ? ଏହିଭଳି ଘଟଣାରେ ଆମର ଜୀବନ ଆମର ଓଷ୍ଠାଧାରକୁ ରୁଦ୍ଧ କରିଦେବ ।

୫ । ଜଗତର ଚତୁର ଲୋକମାନେ ଭବିଷ୍ୟତ ନିମନ୍ତେ ପ୍ରଚୁର ସଂରକ୍ଷଣମାନ କରିଥା'ନ୍ତି । ଏହା ବିଶ୍ୱାସରେ ଗମନାଗମନ ନୁହେଁ ମାତ୍ର ଦୃଷ୍ଟିରେ ଗମନାଗମନ । ଈଶ୍ୱରଙ୍କ ଉପରେ ନିର୍ଭର କରିବା ନିମନ୍ତେ ଜଣେ ଖ୍ରୀଷ୍ଟ ବିଶ୍ୱାସୀ

ଏକ ଜୀବନ ପାଇଁ ଆହୂତ ହୋଇଛି । ଯଦି ସେ ପୃଥିବୀରେ ଧନସଞ୍ଚୟ କରେ, ତେବେ ସେ କିଭଳି ଭାବରେ ଜଗତ ଏବଂ ଏହାର ମାର୍ଗ ସବୁଠାରୁ ଭିନ୍ନ ଅଟେ ?

ଏହି ତର୍କ ବାରମ୍ବାର ପ୍ରତିଧ୍ୱନିତ କରେ ଯେ, ଆମେ ଆମ ପରିବାରର ଭବିଷ୍ୟତ ଆବଶ୍ୟକତା ନିମନ୍ତେ ଯୋଗାଇବା ଦରକାର : ନଚେତ୍ ଆମେ ନାସ୍ତିକମାନଙ୍କଠାରୁ ମଧ୍ୟ ନୀଚ ଅଟୁ । ନିମ୍ନଲିଖିତ ଦୁଇଟିଯାକ ବାକ୍ୟ ଏହି ମତାମତକୁ ସମର୍ଥନ ଜଣାଇବା ନିମନ୍ତେ ବ୍ୟବହୃତ ହୋଇଥାନ୍ତି :

> "... ସନ୍ତାନସନ୍ତତିମାନଙ୍କର ପିତାମାତାମାନଙ୍କ ନିମନ୍ତେ ସଞ୍ଚୟ କରିବା ଉଚିତ୍ ନୁହେଁ, ମାତ୍ର ସନ୍ତାନସନ୍ତତିମାନଙ୍କ ନିମନ୍ତେ ପିତାମାତାଙ୍କର ସଞ୍ଚୟ କରିବା ଉଚିତ୍" (୨ କରିନ୍ଥୀୟ ୧୨ : ୧୪) ।

> "କିନ୍ତୁ ଯଦି କେହି ଆପଣା ଆତ୍ମୀୟ, ବିଶେଷରେ ଆପଣା ପରିବାରର ତତ୍ତ୍ୱ ନ ନିଏ, ସେ ବିଶ୍ୱାସମତ ଅସ୍ୱୀକାର କରିଅଛି, ଆଉ ସେ ଅବିଶ୍ୱାସୀଠାରୁ ଅଧମ ଅଟେ" (୧ତୀମଥି ୫ : ୮) ।

ଏହି ବାକ୍ୟସବୁର ଏକ ଗଭୀର ଅଧ୍ୟୟନ ଦର୍ଶାଇବ ଯେ, ସଗୁଡ଼ିକ **'ବର୍ତ୍ତମାନର ଆବଶ୍ୟକତା'** ବିଷୟ ବୁଝାଏ ମାତ୍ର **'ଭବିଷ୍ୟତ ଅନିର୍ଣ୍ଣିତତା'** କୁ ନୁହେଁ ।

ପ୍ରଥମ ପଦରେ ପାଉଲ ବ୍ୟଙ୍ଗାତ୍ମକ ପ୍ରୟୋଗ କରିଛନ୍ତି । ସେ ସେମାନଙ୍କର ପିତାମାତା ଏବଂ କରିନ୍ଥୀୟମାନେ ହେଉଛନ୍ତି ତାଙ୍କର ସନ୍ତାନଗଣ ସେ ସେମାନଙ୍କୁ ଆର୍ଥିକ ବୋଝଗ୍ରସ୍ତ କରିନାହାନ୍ତି, ଯଦିଜଣେ ପ୍ରଭୁଙ୍କ ସେବକ ଭାବରେ ଏପରି କରିବାରେ ତାଙ୍କର ସମସ୍ତ ଅଧିକାର ରହିଛି । ମୋଟ ଉପରେ, ସେ ବିଶ୍ୱାସରେ ସେମାନଙ୍କର ପିତା ଏବଂ ପିତାମାତାମାନେ ସାଧାରଣତଃ ତାଙ୍କର ପିଲାମାନଙ୍କୁ ଆବଶ୍ୟକୀୟ ବିଷୟ ଯୋଗାଇଥାନ୍ତି, ମାତ୍ର ସନ୍ତାନମାନେ ପିତାମାତାମାନଙ୍କୁ ନୁହେଁ । ସନ୍ତାନମାନଙ୍କର ଭବିଷ୍ୟତ ନିମନ୍ତେ ପିତାମାତାଙ୍କର ସଞ୍ଚୟ ବିଷୟ ଏଠାରେ ଆଦୌ କୁହାଯାଉ ନାହିଁ । ଏହି ମୋଟ ଅନୁଚ୍ଛେଦଟି ପାଉଲଙ୍କର ବର୍ତ୍ତମାନର ଆବଶ୍ୟକତା ଯୋଗାଣ ବିଷୟ ଉଲ୍ଲେଖ କରେ, ମାତ୍ର ତାଙ୍କର ସମ୍ଭାବ୍ୟ ଭବିଷ୍ୟତ ଆବଶ୍ୟକତା ବିଷୟରେ ନୁହେଁ ।

୧ ତୀମଥି ୫ : ୮ରେ ପ୍ରେରିତଙ୍କ ଦରିଦ୍ର ବିଧବାଙ୍କ ବିଷୟ ଆଲୋଚନା କରୁଛନ୍ତି । ସେ ଜୋର୍ ଦେଇ କହନ୍ତି ଯେ ସେମାନଙ୍କର ଆତ୍ମୀୟମାନେ ସେମାନଙ୍କର ଯତ୍ନନେବା ନିମନ୍ତେ ଦାୟୀ ଅଟନ୍ତି । ଯଦି ସେମାନଙ୍କର କୌଣସି ଆତ୍ମୀୟ ନାହାଁନ୍ତି

ବା ସେମାନେ ସେମାନଙ୍କର ଦାୟିତ୍ୱ ନେବାରେ ବିଫଳ ହୁଅନ୍ତି, ତେବେ ସ୍ଥାନୀୟ ମଣ୍ଡଳୀ ଖ୍ରୀଷ୍ଟିୟ ବିଧବାମାନଙ୍କର ଦାୟିତ୍ୱ ନେବା ଉଚିତ୍ । କିନ୍ତୁ ଏଠାରେ ପୁଣି ସେହି ବର୍ତ୍ତମାନର ଆବଶ୍ୟକତା ବିଷୟ କୁହାଯାଏ, ଭବିଷ୍ୟତ ଆବଶ୍ୟକତା ବିଷୟ ନୁହେଁ ।

ଈଶ୍ୱରଙ୍କର ଆଦର୍ଶ ହେଉଛି ଖ୍ରୀଷ୍ଟଙ୍କର ଶରୀରର ସଦସ୍ୟମାନେ ସେମାନଙ୍କର ସହ ବିଶ୍ୱାସୀମାନଙ୍କର ଜରୁରୀ ଆବଶ୍ୟକତା ସବୁ ପ୍ରତି ଯତ୍ନନେବା ଉଚିତ୍ !

"ଏହା ହେଉଛି ଅନ୍ୟ ସହିତ ଅଂଶଭାଗୀ ହେବା ବିଷୟ ବା ତା ସଦୃଶ । ବର୍ତ୍ତମାନ ଆପଣଙ୍କର ପ୍ରଚୁରତା ସେମାନଙ୍କର ଆବଶ୍ୟକତା ଯୋଗାଇ ପାରେ, ଏବଂ ତା'ପରେ ଭବିଷ୍ୟତରେ ସେମାନଙ୍କର ପ୍ରଚୁରତା ହୁଏତ ଆପଣଙ୍କର ଆବଶ୍ୟକତା ଯୋଗାଇପାରେ । ଏହିପରି ଭାବେ ଆମେ ପରସ୍ପର ପ୍ରତି ଅଂଶୀ ହେଉ, ଯେପରି ଶାସ୍ତ୍ର କହେ, 'ଯେ ଅଧିକ ସଂଗ୍ରହ କଲା, ତାହାର ବଳିଲା ନାହିଁ, ଆଉ ଯେ ଅଳ୍ପ ସଂଗ୍ରହ କଲା, ତାହାର ଅଭାବ ହେଲା ନାହିଁ'' (୨ କରିନ୍ଥୀୟ ୮ : ୧୫, ଫିଲିପୀୟ) ।

ଜଣେ ଖ୍ରୀଷ୍ଟ ବିଶ୍ୱାସୀ ଯେ ଅନୁଭବ କରେ ଯେ, ତାହାର ଭବିଷ୍ୟତ ନିମନ୍ତେ ସେ ସଞ୍ଚୟ କରିବା ଆବଶ୍ୟକ, ସେ ଏହି କଠିନ ସମସ୍ୟାରେ ସମ୍ମୁଖୀନ ହୁଏ ଯେ, କେତେ ପରିମାଣର ତା' ନିମନ୍ତେ ଯଥେଷ୍ଟ ହୋଇ ପାରିବ । ତେଣୁ କରି ସେ କିଛି ଅନିର୍ଦ୍ଦିଷ୍ଟ ପରିମାଣର ଏକ ସୌଭାଗ୍ୟ ଅନ୍ୱେଷଣରେ ତା'ର ଜୀବନକୁ ଅତିବାହିତ କରିଦିଏ ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ତା'ର ଉତ୍ତମ ବିଷୟଗୁଡ଼ିକ ପ୍ରଦାନ କରିବାର ସୁଯୋଗକୁ ବାଜ୍ୟାପ୍ତ କରି ଦେଇଥାଏ । ସେ ଏକ ପତିତ ଜୀବନକୁ ପରିଶେଷରେ ଲାଭ କରିଥାଏ ଏବଂ ଏହା ଦେଖେ ଯେ ଯେକୌଣସି ଉପାୟରେ ତା'ର ସମସ୍ତ କିଛି ଆବଶ୍ୟକତା ଯୋଗାଇ ଦିଆଯାଇ ପାରିଥାନ୍ତା, ଯଦି ସେ କେବଳ ପୂର୍ଣ୍ଣ ମନ ପ୍ରାଣରେ ତ୍ରାଣକର୍ତ୍ତାଙ୍କ ନିମନ୍ତେ ଜୀବନ କାଟିଥାନ୍ତା ।

ଯଦି ସମସ୍ତ ଖ୍ରୀଷ୍ଟ ବିଶ୍ୱାସୀମାନେ ପ୍ରଭୁ ଯୀଶୁଙ୍କର ବାକ୍ୟକୁ ଆକ୍ଷିରିକ ଭାବେ ଗ୍ରହଣ କରନ୍ତେ, ତେବେ ପ୍ରଭୁଙ୍କ କାର୍ଯ୍ୟରେ ଅର୍ଥର କୌଣସି ଅଭାବ ରହନ୍ତା ନାହିଁ । ସୁସମାଚାର ପରିବର୍ଦ୍ଧିଷ୍ଣ ଶକ୍ତିରେ ଏବଂ ପରିବର୍ଦ୍ଧିଷ୍ଣୁ ପରିସୀମାରେ ପ୍ରଚାରିତ ହୋଇପାରନ୍ତା । ଯଦି କୌଣସି ଜଣେ ଶିଷ୍ୟ ଏକ ଆବଶ୍ୟକତାର ସମ୍ମୁଖୀନ ହୁଅନ୍ତା, ତେବେ ଅନ୍ୟଶିଷ୍ୟମାନଙ୍କର ଯାହା କିଛି ରହିଛି ସେ ସମସ୍ତରେ ଅଂଶୀ କରାଇବା ନିମନ୍ତେ ସେମାନଙ୍କ ନିମନ୍ତେ ତାହା ଏକ ଆନନ୍ଦ ଏବଂ ସୁଯୋଗ ସ୍ୱରୂପ ହୁଅନ୍ତା ।

ଜଗତର ଧନୀ ବ୍ୟକ୍ତିମାନଙ୍କ ନିକଟରେ ପହଞ୍ଚିବା ନିମନ୍ତେ ଯେ ଧନୀ ଖ୍ରୀଷ୍ଟ ବିଶ୍ୱାସୀମାନେ ରହିବା ନିତାନ୍ତ ଆବଶ୍ୟକ ଏହା ମତାମତ ଦେବା ଏକ ଅସଙ୍ଗତ ବିଷୟ । ପାଉଲ କାଇସରଙ୍କର ପରିବାରବର୍ଗଙ୍କ ନିକଟରେ ପହଞ୍ଚି ପାରିଥିଲେ, ଯେତେବେଳେ କି ସେ ଜଣେ ବନ୍ଦୀ ଥିଲେ (୪:୨୨) । ଆମେ ଯଦି ଈଶ୍ୱରଙ୍କର ଆଜ୍ଞା ପାଳନ କରୁ, ଆମେ ସମସ୍ତ ଟିକିନିଖି ବିଷୟ ବନ୍ଦୋବସ୍ତ କରିବା ନିମନ୍ତେ ତାହାଙ୍କୁ ବିଶ୍ୱାସ କରି ପାରିବା ।

ଏହି ପରିପ୍ରେକ୍ଷୀରେ ପ୍ରଭୁ ଯୀଶୁଙ୍କର ଉଦାହରଣ ଅବଧାରକ ହେବା ଉଚିତ୍ । ସେବକ ମୁନିବଠାରୁ ଶ୍ରେଷ୍ଠ ନୁହେଁ । ''ସେବକ ଧନୀ, ଶ୍ରେଷ୍ଠ ଏବଂ ସମ୍ମାନିତ ହେବାକୁ ଏ ଜଗତରେ ଅନ୍ୱେଷଣ କରିବା ମନ୍ଦ ବିଷୟ ହୋଇଯାଏ, ଯେଉଁଠାରେ କି ତା'ର ପ୍ରଭୁ ଦରିଦ୍ର, ନୀଚ ଏବଂ ଅବଜ୍ଞାତ ଥିଲେ''– ଜର୍ଜ୍ ମୁଲାର୍ ।

''ଖ୍ରୀଷ୍ଟଙ୍କ ଦୁଃଖଭୋଗ ସହିତ ଦାରିଦ୍ର୍ୟତା ଅନ୍ତର୍ନିହିତ ଥିଲା ୨ କରିନ୍ଥୀୟ ୮,୯ । ଅବଶ୍ୟ ଦାରିଦ୍ର୍ୟତା କହିଲେ ଛିଣ୍ଡା ବା ମଇଳା ପୋଷାକ ପିନ୍ଧିବା ଅବସ୍ଥାକୁ କେବଳ ବୁଝାଏ ନାହିଁ, କିନ୍ତୁ ବିଳାସ ବ୍ୟସନ ନିମନ୍ତେ ସଂରକ୍ଷିତ ଏବଂ ଆବଶ୍ୟକୀୟ ଅର୍ଥର ଅଭାବ ମଧ୍ୟ ଏଥିରେ ଅନ୍ତର୍ନିହିତ... ୩୦ ବର୍ଷ ତଳେ... 'ଆଣ୍ଡ୍ରିୟୁ ମୁରେ' ଉଲ୍ଲେଖ କରିଥିଲେ ଯେ, ପ୍ରଭୁ ଏବଂ ତାଙ୍କର ଶିଷ୍ୟମାନେ ଯଦି ବାସ୍ତବରେ ଦରିଦ୍ର ହୋଇଥା'ନ୍ତେ ତେବେ ସେମାନେ ଯେଉଁ ସମସ୍ତ କାର୍ଯ୍ୟ କରିଥିଲେ ତାହା ସବୁ କରି କରି ପାରି ନ ଥା'ନ୍ତେ । ଯେ ଅନ୍ୟ ଜଣକୁ ଊର୍ଦ୍ଧ୍ୱକୁ ଉଠାଇବ, ତା'କୁ ନିଶ୍ଚିତ ନିମ୍ନକୁ ଆସିବାକୁ ହେବ, ଶମୀରୋଣୀୟ ବ୍ୟକ୍ତିଟି ପରି ଏବଂ ମାନବ ଜଗତର ଅସୀମ ସଂଖ୍ୟାଗରିଷ୍ଠ ବ୍ୟକ୍ତି ସର୍ବଦା ଦରିଦ୍ର ହୋଇ ରହି ଆସିଛନ୍ତି ଏବଂ ଏବେ ମଧ୍ୟ ଦରିଦ୍ର ହୋଇ ରହିଛନ୍ତି''– ଏନ୍. ଗ୍ରୋଭ୍ସ୍ ।

ଲୋକମାନେ ଯୁକ୍ତି ଉପସ୍ଥାପନ କରନ୍ତି ଯେ, କେତେକ ବସ୍ତୁବାଦୀ ବିଷୟର ଅଧିକାର ଗୃହସ୍ଥ ଜୀବନ ନିମନ୍ତେ ଅତୀବ ପ୍ରୟୋଜନୀୟ । ଏହା ଯଥାର୍ଥ ଅଟେ ।

ଲୋକମାନେ ଯୁକ୍ତି ଉପସ୍ଥାପନ କରନ୍ତି ଯେ, ଖ୍ରୀଷ୍ଟିୟ ବ୍ୟବସାୟୀମାନଙ୍କର ଏକ ନିର୍ଦ୍ଦିଷ୍ଟ ପରିମାଣର ପୁଞ୍ଜିଟିଏ ଆଜିର ସମୟରେ ବ୍ୟବସାୟଟିଏ ପରିଚାଳନା କରିବା ନିମନ୍ତେ ରହିବା ଆବଶ୍ୟକ । ତାହା ଯଥାର୍ଥ ଅଟେ ।

କିନ୍ତୁ ଏହି ସମସ୍ତ ବୈଧ ଆବଶ୍ୟକୀୟ ବିଷୟ ଉର୍ଦ୍ଧ୍ୱରେ, ଜଣେ ଖ୍ରୀଷ୍ଟବିଶ୍ୱାସୀ ସୁସମାଚାରର ପ୍ରସାରଣ ନିମନ୍ତେ ମିତବ୍ୟୟୀତାରେ ଏବଂ ଔତ୍ସର୍ଗିକତାରେ ଜୀବନଯାପନ କରିବା ଆବଶ୍ୟକ । ତାହାର ନୀତିବାକ୍ୟ ଏହା ହେବା ଉଚିତ, କଠିନ ପରିଶ୍ରମ କରି, କମ୍ ବ୍ୟୟକର, ଅଧିକ ଦାନ କର - ଏବଂ ଖ୍ରୀଷ୍ଟଙ୍କୁ ହିଁ ସମସ୍ତ କିଛି,'' - ଏ. ନ୍. ଗ୍ରୋଭସ୍ ।

ଆମ ମଧ୍ୟରୁ ପ୍ରତ୍ୟେକେ ଈଶ୍ୱରଙ୍କ ନିକଟରେ ଦାୟୀ ଯେ, ସମସ୍ତ ବିଷୟ ପରିତ୍ୟାଗ କରିବାର ଅର୍ଥ କ'ଣ ଅଟେ । ଜଣେ ବିଶ୍ୱାସୀ ଅନ୍ୟ ଜଣେ ବିଶ୍ୱାସୀକୁ ଆଇନ ପ୍ରଣୟନ କରି ପାରିବ ନାହିଁ ! ପ୍ରତ୍ୟେକ ଜଣ ଈଶ୍ୱରଙ୍କ ସମ୍ମୁଖରେ ତା'ର ଅନୁଶୀଳନର ଫଳସ୍ୱରୂପେ କାର୍ଯ୍ୟ କରିବା ନିତାନ୍ତ ଆବଶ୍ୟକ । ଏହା ହେଉଛି ସଂପୂର୍ଣ୍ଣ ରୂପେ ଏକ ବ୍ୟକ୍ତିଗତ ବ୍ୟାପାର ।

ଯଦି ଏହିପ୍ରକାର ଅନୁଶୀଳନର ଫଳ ସ୍ୱରୂପେ, ଈଶ୍ୱର ଜଣେ ବିଶ୍ୱାସୀକୁ ଅଦ୍ୟାବଧି ଅଜ୍ଞାତଥିବା ଧର୍ମନିଷ୍ଠତାର ଏକ ହାର ପ୍ରତି ଦିଗ କଢ଼ାଇ ନିଅନ୍ତି, ତେବେ ସେଠାରେ ବ୍ୟକ୍ତିଗତ ଦର୍ପ ନିମନ୍ତେ କୌଣସି ସ୍ଥାନ ନ ଥିବ । ଆମେ ଯେଉଁ ସମସ୍ତ ସ୍ୱାର୍ଥତ୍ୟାଗ କରିଥାଉ ସେଗୁଡ଼ିକ ଆଦୌ ସ୍ୱାର୍ଥତ୍ୟାଗ ନୁହେଁ, ଯେତେବେଳେ ସେଗୁଡ଼ିକୁ କାଲ୍‌ଭରୀର ଉଜ୍ଜ୍ୱଳ ଆଲୋକରେ ଦୃଷ୍ଟିପାତ କରାଯାଏ । ଏ ସମସ୍ତ ବ୍ୟତୀତ, ଆମେ ତାହା ହିଁ କେବଳ ଈଶ୍ୱରଙ୍କୁ ପ୍ରଦାନ କରୁ ଯାହାକୁ ଆମେ କୌଣସି ଉପାୟରେ ଆବୋରି ରଖିପାରି ନ ଥାଉ ଏବଂ ଯାହାକୁ ପ୍ରେମ କରିବାରୁ ଆମେ ବିରତ ହୋଇଛୁ !

''ସେ ମୂର୍ଖ ନୁହେଁ ଯେ ଲାଭ ନିମନ୍ତେ ରଖିପାରୁ ନ ଥିବା ବିଷୟକୁ ପ୍ରଦାନ କରେ ଯାହାକୁ କି ସେ ହରାଇ ପାରେନା'' - ଜିମ୍ ଏଲିୟଟ୍ ।

## ଶିଷ୍ୟତ୍ୱ ନିମନ୍ତେ ପ୍ରତିବନ୍ଧକଗୁଡ଼ିକ

ଯେ କେହି ଖ୍ରୀଷ୍ଟଙ୍କୁ ଅନୁସରଣ କରିବା ନିମନ୍ତେ ଯାତ୍ରା ଆରମ୍ଭ କରେ ସେ ନିଶ୍ଚିତ ହେବା ଉଚିତ ଯେ ଅନେକ ପ୍ରକାର ବିଭ୍ରାନ୍ତିକର ପଥସବୁ ତା'ର ସମ୍ମୁଖରେ ଚକ୍ରବାଳ ପରି ଦେଖାଯିବ । ପଛକୁ ଲେଉଟି ଆସିବା ନିମନ୍ତେ ତାହାକୁ ବହୁସଂଖ୍ୟକ ସୁବିଧା ସୁଯୋଗସବୁ ପ୍ରଦାନ କରାଯିବ । କ୍ରୁଶର ମହାନତାକୁ କ୍ଷୁର୍ଣ୍ଣ କରି ପ୍ରଦତ୍ତ ବସ୍ତୁ ସହ ଅନ୍ୟାନ୍ୟ ସ୍ୱରସବୁ ତାହାକୁ ଆହ୍ୱାନ କରିବେ । ଆତ୍ମ-ପରିହାର ଏବଂ

ସ୍ୱାର୍ଥତ୍ୟାଗର ପଥରୁ ତାହାକୁ ପରିତ୍ରାଣ କରିବା ନିମନ୍ତେ ଦୂତମାନଙ୍କର ୧୨ ପଦାତିକ ସୈନ୍ୟଦଳ ପ୍ରସ୍ତୁତ ହୋଇ ଛିଡ଼ା ହୋଇଛନ୍ତି ।

ଶିଷ୍ୟହେବାକୁ ଯାଉଥିବା ତିନିଜଣଙ୍କ ବିଷୟରେ ଏହା ସୁସ୍ପଷ୍ଟଭାବେ ବୁଝାଇ ଦିଆଯାଇଛି ଯେଉଁମାନେ କି ଖ୍ରୀଷ୍ଟଙ୍କ ସ୍ୱର ଉପରେ ଅନ୍ୟ ସ୍ୱରଗୁଡ଼ିକୁ ପ୍ରାଧାନ୍ୟ ନିମନ୍ତେ ଅନୁମତି ଦେଇଥିଲେ ।

ସେମାନେ ବାଟରେ ଯାଉଥିବା ସମୟରେ ଜଣେ ଲୋକ ତାହାଙ୍କୁ କହିଲେ, ଆପଣ ଯେକୌଣସି ସ୍ଥାନକୁ ଯିବେ, ମୁଁ ଆପଣଙ୍କ ଅନୁଗମନ କରିବି । ଯୀଶୁ ତାଙ୍କୁ କହିଲେ କୋକିଶିଆଳିର ଗାତ ଅଛି, ଆକାଶ ପକ୍ଷୀର ବସା ଅଛି, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ । ପୁଣି ସେ ଆଉ ଜଣଙ୍କୁ କହିଲେ ପ୍ରଥମେ ଯାଇ ମୋହର ପିତାଙ୍କୁ ସମାଧି ଦେବା ନିମନ୍ତେ ଅନୁମତି ଦିଅନ୍ତୁ । ମାତ୍ର ସେ ତାହାଙ୍କୁ କହିଲେ, ମୃତମାନଙ୍କୁ ଆପଣା ଆପଣା ମୃତଲୋକଙ୍କୁ ସମାଧି ଦେବା ପାଇଁ ଛାଡ଼ି ଦିଅ, କିନ୍ତୁ ତୁମ୍ଭେ ଯାଇ ଈଶ୍ୱରଙ୍କର ରାଜ୍ୟ ପ୍ରଚାର କର । ଆଉ ଜଣେ ମଧ୍ୟ କହିଲେ, ପ୍ରଭୋ, ମୁଁ ଆପଣଙ୍କର ଅନୁଗମନ କରିବି, ମାତ୍ର ପଥମେ ମୋହର ଗୃହରେ ଥିବା ଲୋକମାନଙ୍କଠାରୁ ବିଦାୟ ନେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ । କିନ୍ତୁ ଯୀଶୁ ତାଙ୍କୁ କହିଲେ, ଯେ ଲଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ (ଲୂକ ୯ : ୫୨-୬୨) ।

ତିନିଜଣ ଅପରିଚିତ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କର ସମ୍ମୁଖକୁ ଆସିଲେ । ସେମାନେ ତାହାଙ୍କୁ ଅନୁସରଣ କରିବା ନିମନ୍ତେ ହୃଦୟରେ ଏକ ପ୍ରେରଣା ଅନୁଭବ କଲେ । କିନ୍ତୁ ସେମାନେ ସେମାନଙ୍କର ପ୍ରାଣ ଏବଂ ଖ୍ରୀଷ୍ଟଙ୍କୁ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବା ମଧ୍ୟରେ ଅନ୍ୟକିଛି ବିଷୟକୁ ଅନୁମତି ପ୍ରଦାନ କଲେ ।

### *ଖୁବ୍ ଚଳଚଞ୍ଚଳ ମହାଶୟ*

ପ୍ରଥମ ବ୍ୟକ୍ତିଜଣଙ୍କୁ 'ଖୁବ୍ ଚଳ ଚଞ୍ଚଳ ମହାଶୟ' ବୋଲି ନାମକରଣ କରାଯାଇଛି । ସେ ସ୍ୱେଚ୍ଛାକୃତଭାବେ ଯେଉଁଆଡ଼େ ପ୍ରଭୁ ଗମନ କରିବେ ସେଆଡ଼େ ତାଙ୍କର ଅନୁସରଣ କରିବାକୁ ଉତ୍ସାହିତ ହୋଇଥିଲେ । ''ଆପଣ ଯେକୌଣସି ସ୍ଥାନକୁ ଯିବେ, ମୁଁ ଆପଣଙ୍କ ଅନୁଗମନ କରିବି'' । କୌଣସି ମୂଲ୍ୟ ଏଥିନିମନ୍ତେ ଅତି ବେଶୀ ହୋଇଯାଇ ନ ଥା'ନ୍ତା । କୌଣସି କ୍ରୁଶ ବି ଅତ୍ୟନ୍ତ ଗୁରୁ ହୋଇଯାଇ ନ ଥାନ୍ତା । କୌଣସି ପଥ ମଧ୍ୟ ଅତ୍ୟଧିକ ରୁକ୍ଷ ହୋଇ ନ ଥାନ୍ତା ।

ଖୁବ୍ ଚଳଚଞ୍ଚଳ ମହାଶୟଙ୍କର ହୃଦୟାନୁମୋଦିତ ପ୍ରସ୍ତାବ ସହିତ ତ୍ରାଣକର୍ତ୍ତାଙ୍କର ଉତ୍ତରର କୌଣସି ମେଳ ନ ଥିବା ପ୍ରଥମେ ମନେହୁଏ । ଯୀଶୁ କହିଲେ, "କୋକିଶିଆଳିର ଗାତ ଅଛି, ଆକାଶ ପକ୍ଷୀର ବସା ଅଛି, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ" । ବାସ୍ତବରେ ପ୍ରଭୁଙ୍କର ଉତ୍ତର ଅତ୍ୟନ୍ତ ସୁସଙ୍ଗତ ଥିଲା । ଏହା ସେପରି ଯେଉଁପରି ସେ କହିଥିଲେ, "ତୁମେ ଯେକୌଣସି ସ୍ଥାନକୁ ମଧ୍ୟ ମୋତେ ଅନୁସରଣ କରିବାକୁ ଆଗ୍ରହୀ ଅଛ ବୋଲି ଦାବୀ କରୁଛ, କିନ୍ତୁ ଜୀବନର ବସ୍ତୁବାଦୀ ଭୋଗବିଳାସ ବିନା ଏହା କରିବାକୁ ତୁମେ ଆଗ୍ରହୀ ଅଛ କି ? କୋକିଶିଆଳିମାନଙ୍କର ଏହି ଜଗତର ବିଳାସବ୍ୟସନ ମୋଠାରୁ ମଧ୍ୟ ଅଧିକ ରହିଛି । ନିଜର ବୋଲି କହିପାରୁଥିବା ବସାଟିଏ ମଧ୍ୟ ପକ୍ଷୀମାନଙ୍କର ରହିଛି । କିନ୍ତୁ ମୋ ହସ୍ତନିର୍ମିତ ଏହି ଜଗତରେ ମୁଁ ଜଣେ ଗୃହଶୂନ୍ୟ ବାରବୁଲା । ତୁମେ କ'ଣ ମୋତେ ଅନୁସରଣ କରିବା ନିମନ୍ତେ ଏକ ଗୃହର ସୁଖ ସୁବିଧାକୁ ତ୍ୟାଗ କରିବାକୁ ଇଚ୍ଛୁକ ? ମୋତେ ପୂର୍ଣ୍ଣ ଅନୁରକ୍ତତାରେ ସେବା କରିବା ନିମନ୍ତେ ତୁମେ କ'ଣ ଜୀବନର ପ୍ରାପ୍ୟ ସୁଖସୁବିଧା ସବୁକୁ ପରିହାର କରିବାକୁ ଇଚ୍ଛୁକ ଅଛ ?

ନିଶ୍ଚିତରୂପେ ସେହି ବ୍ୟକ୍ତିଜଣକ ଇଚ୍ଛୁକ ନ ଥିଲା, କାରଣ ଶାସ୍ତ୍ରରେ ଆମେ ତା' ସମ୍ବନ୍ଧରେ ଅଧିକ କିଛି ଶୁଣିବାକୁ ପାଉନା । ଜାଗତିକ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ତାର ପ୍ରେମ ଖ୍ରୀଷ୍ଟଙ୍କ ପ୍ରତି ଆତ୍ମସମର୍ପଣ ଠାରୁ ଖୁବ୍ ଅଧିକ ଥିଲା ।

### *ଅତିଧିର ମହାଶୟ*

ଦ୍ୱିତୀୟ ବ୍ୟକ୍ତିଟି 'ଅତିଧିର ମହାଶୟ' ବୋଲି ନାମକରଣ କରାଯାଇଛି । ସେ ପ୍ରଥମ ବ୍ୟକ୍ତିଟି ପରି ସ୍ୱେଚ୍ଛାରେ ଆସି ନ ଥିଲା : ବରଂ ତ୍ରାଣକର୍ତ୍ତା ତାହାକୁ ଜଣେ ଅନୁସରଣକାରୀ ହେବା ନିମନ୍ତେ ଆହ୍ୱାନ କରିଥିଲେ । ତାହାର ଉତ୍ତର ଏକ ତତ୍‌କ୍ଷଣାତ୍ ନାସ୍ତିଜନକ ନ ଥିଲା । ସେ ସଂପୂର୍ଣ୍ଣଭାବେ ପ୍ରଭୁଙ୍କଠାରେ ନିରୁତ୍ସାହିତ ନ ଥିଲା । ବରଂ ସେ ପ୍ରଥମରେ କୌଣସି କୌଣସି ବିଷୟ କରିବାକୁ ଇଚ୍ଛା କରୁଥିଲା । ଏହା ହିଁ ତାହାର ବୃହତ୍ ପାପ ଥିଲା । ସେ ନିଜର ଦାବୀକୁ ଖ୍ରୀଷ୍ଟଙ୍କ ଦାବୀ ଉପରେ ଉପସ୍ଥାପନ କରିଥିଲା । ତାହାର ଉତ୍ତରକୁ ଲକ୍ଷ୍ୟ କରନ୍ତୁ, "ପ୍ରଭୁ, ପ୍ରଥମେ ଯାଇଁ ମୋହର ପିତାଙ୍କୁ ସମାଧି ଦେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ" ।

ବର୍ତ୍ତମାନ୍ ଜଣେ ପୁଅ ନିମନ୍ତେ ତା'ର ପିତାମାତାଙ୍କ ପାଇଁ ସାଧାରଣ ସମ୍ମାନ ପ୍ରଦର୍ଶନ କରିବା ସପୂର୍ଣ୍ଣ ଭାବେ ଯଥାର୍ଥ ଅଟେ ଏବଂ ଯଦି ଜଣେ ପିତା ମୃତ୍ୟୁବରଣ

କରିଛନ୍ତି, ଏହା ନିଶ୍ଚିତଭାବରେ ଖ୍ରୀଷ୍ଟିୟ ବିଶ୍ୱାସର ବେଷ୍ଟନୀ ଅନ୍ତର୍ଗତ ଯେ, ସେ ଏକ ସୁସମାଧିପ୍ରାପ୍ତ କ୍ରିୟା ଲାଭ କରିବା ଉଚିତ୍ ।

କିନ୍ତୁ ଜୀବନର ଯଥାର୍ଥ ଶିଷ୍ଟାଚାର ବ୍ୟବସ୍ଥା ସୁନିଶ୍ଚିତ ଭାବେ ପାପପୂର୍ଣ୍ଣ ହୋଇଯାଏ ଯେତେବେଳେ ସେମାନେ ପ୍ରଭୁ ଯୀଶୁଙ୍କ ମହାନ୍ ଇଚ୍ଛା ଉପରେ ନିଜର ଇଚ୍ଛାକୁ ପ୍ରାଧାନ୍ୟ ଦିଅନ୍ତି । ଏହି ବ୍ୟକ୍ତିଟି ଜୀବନର ବାସ୍ତବ ଅଭିପ୍ରାୟ ତା'ର ସ୍ପଷ୍ଟ ଅନୁରୋଧରେ ପ୍ରତୀୟମାନ ହେଉଛି, "ପ୍ରଭୁ ... ପ୍ରଥମେ ମୋତେ ... " । ସେ କହିଥିବା ଅନ୍ୟ ଶବ୍ଦଗୁଡ଼ିକ ତାର ନିଜତ୍ୱ ଇଚ୍ଛାକୁ ପ୍ରଥମେ ସ୍ଥାନ ଦେଇ ତା'ର ଅନ୍ତର୍ନିହିତ ଅଭିଳାଷକୁ ଲୁଚାଇବା ନିମନ୍ତେ କେବଳ ମାତ୍ର ଛଦ୍ମବେଶ ହିଁ ଅଟେ ।

ନିଶ୍ଚିତ ରୂପେ, ସେ ହୃଦୟଙ୍ଗମ କରି ନ ଥିଲା ଯେ, "ପ୍ରଭୁ...ପ୍ରଥମେ ମୋତେ" ଏହି ଶବ୍ଦଗୁଡ଼ିକ ନୈତିକ ଅସଙ୍ଗତ ଏବଂ ଅସମ୍ଭବ ବିଷୟ । ଯଦି ଖ୍ରୀଷ୍ଟ ପ୍ରଭୁ ଅଟନ୍ତି ତେବେ ସେ ପ୍ରଥମେ ସ୍ଥାନ ପାଇବା ଉଚିତ୍ । ଯଦି ବ୍ୟକ୍ତିସୂଚକ ସର୍ବନାମ 'ମୁଁ' ସିଂହାସନ ଆରୋହଣ କରେ ତେବେ ଖ୍ରୀଷ୍ଟ ହିଁ ସେ ସ୍ଥାନରେ ଆଉ ନାହାଁନ୍ତି ।

ଅତିଥିର ମହାଶୟଙ୍କର କାର୍ଯ୍ୟଟିଏ ସମ୍ପନ୍ନ କରିବାକୁ ଥିଲା, ଏବଂ ସେହି କାର୍ଯ୍ୟଟିକୁ ସେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଦେଲେ । ତେଣୁ କରି ପ୍ରଭୁ ଯୀଶୁଙ୍କର ତାକୁ ଏପରି କହିବାର ଯଥାର୍ଥତା ଥିଲା, "ମୃତମାନଙ୍କୁ ଆପଣା ଆପଣା ମୃତଲୋକମାନଙ୍କୁ ସମାଧି ଦେବା ପାଇଁ ଛାଡ଼ିଦିଅ, କିନ୍ତୁ ତୁମ୍ଭେ ଯାଇ ଈଶ୍ୱରଙ୍କ ରାଜ୍ୟ ପ୍ରଚାର କର" । ଆମେ ତାଙ୍କର ବାକ୍ୟକୁ ଏହିପରି ଭାବେ ଅନ୍ୟ ଅର୍ଥରେ ବ୍ୟାଖ୍ୟା କରିପାରୁ : "କେତେକ ବିଷୟ ରହିଛି ଯାହାକୁ ଆତ୍ମିକ ଭାବେ ମୃତ ବ୍ୟକ୍ତିମାନେ ବିଶ୍ୱାସୀମାନଙ୍କ ପରି କରିପାରନ୍ତି । କିନ୍ତୁ ଜୀବନରେ ଅନ୍ୟକେତେକ ବିଷୟ ରହିଛି ଯାହାକୁ ହିଁ କେବଳ ଜଣେ ବିଶ୍ୱାସୀ କରିପାରେ । ସତର୍କ ରୁହନ୍ତୁ ଯେପରି ତୁମର ଜୀବନକୁ ଜଣେ ଅପରିବର୍ତ୍ତିତ ବ୍ୟକ୍ତି କରିପାରୁଥିବା ବିଷୟଗୁଡ଼ିକରେ ଅତିବାହିତ କରି ନ ଦିଅ । ଆତ୍ମିକ ଭାବେ ମୃତ ବ୍ୟକ୍ତିମାନେ ଶାରୀରିକ ମୃତବ୍ୟକ୍ତିମାନଙ୍କୁ କବର ଦିଅନ୍ତୁ । କିନ୍ତୁ ତୁମ ନିମିତ୍ତ - ଅପରିହାର୍ଯ୍ୟ ରୁହନ୍ତୁ । ମୋର କାର୍ଯ୍ୟକୁ ଏହି ଜଗତରେ ଅଗ୍ରସର କରାଇ ଦେବା ନିମନ୍ତେ ତୁମ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ୍" ।

ଏହା ଜଣାପଡୁଥିଲା ଯେପରି 'ଅତିଥିର ମହାଶୟ'ଙ୍କୁ ଏକ ବହୁମୂଲ୍ୟ ଦାମ୍ ଦେବାକୁ ହୋଇଥିଲା । ସେ ସମୟର ସେହି ଅବସ୍ଥାକୁ ଏକ ବେନାମୀ ନୀରବତାରେ କଟାଇ ଦେଇଥିଲା ।

ଯେପରି ପ୍ରଥମ ବ୍ୟକ୍ତିଟି ବସ୍ତୁବାଦୀ ବିଳାସବ୍ୟସନକୁ ଶିଷ୍ୟତ୍ୱ ନିମନ୍ତେ ଏକ ପ୍ରତିବନ୍ଧକ ବୋଲି ସୂଚାଇଛି, ଦ୍ୱିତୀୟ ବ୍ୟକ୍ତିଟି ଏକ କାର୍ଯ୍ୟ କିମ୍ବା ଏକ ବୃତ୍ତିକୁ ଏକ ଖ୍ରୀଷ୍ଟ ବିଶ୍ୱାସୀର ଅସ୍ତିତ୍ୱର ମୂଖ୍ୟ କାରଣ ଉପରେ ପ୍ରାଧାନ୍ୟ ଦର୍ଶାଇପାରେ । ଏହା ଠିକ୍ ନୁହେଁ ଯେ, ସାଂସାରିକ କର୍ମ ନିଯୁକ୍ତିରେ କୌଣସି ତ୍ରୁଟି ରହିଛି : ଈଶ୍ୱରଙ୍କର କାମନା ହେଉଛି ନିଜର ଏବଂ ପରିବାରର ସମସ୍ତ ଆବଶ୍ୟକତା ପୂରଣ କରିବା ନିମନ୍ତେ ମନୁଷ୍ୟ କାର୍ଯ୍ୟ କରିବା ଉଚିତ୍ । କିନ୍ତୁ ଏକ ପ୍ରକୃତ ଶିଷ୍ୟତ୍ୱର ଜୀବନ ପ୍ରଥମେ ଈଶ୍ୱରଙ୍କ ରାଜ୍ୟ ଏବଂ ଧାର୍ମିକତା ଅନ୍ୱେଷଣ କରିବାକୁ ଦାବୀ କରେ; ଯାହା ଫଳରେ କି ଜଣେ ବିଶ୍ୱାସୀ ତାହା ହିଁ କରି ତା'ର ଜୀବନକୁ ଅତିବାହିତ କରିଦେବା ଅନୁଚିତ ଯାହାକି ଜଣେ ଅପୁନର୍ଜାତ ବ୍ୟକ୍ତି କରିପାରେ, ଯଦି ତାହା ଅଧିକ ଉତ୍ତମ ନୁହେଁ; ଏବଂ ଏକ କର୍ମନିଯୁକ୍ତିର ଲକ୍ଷ୍ୟ ହେଉଛି କେବଳ ମାତ୍ର ବର୍ତ୍ତମାନର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଯେତେବେଳେ କି ଜଣେ ଖ୍ରୀଷ୍ଟବିଶ୍ୱାସୀର ମୂଳ ବୃତ୍ତି ହେଉଛି ଈଶ୍ୱରଙ୍କ ରାଜ୍ୟ ପ୍ରଚାର କରିବା ।

### *ଅତି ସ୍ୱଚ୍ଛନ୍ଦ ମହାଶୟ*

ତୃତୀୟ ବ୍ୟକ୍ତି ଜଣଙ୍କୁ ଅତି ସ୍ୱଚ୍ଛନ୍ଦ ମହାଶୟ ବୋଲି ନାମକରଣ କରାଯାଇଛି । ସେ ପ୍ରଥମ ବ୍ୟକ୍ତିଟି ସହ ଏହିପରି ଭାବେ ସାଦୃଶ୍ୟତା ପ୍ରତିପାଦନ କରୁଛି ଯେ ସେ ମଧ୍ୟ ସ୍ୱେଚ୍ଛାକୃତ ଭାବେ ପ୍ରଭୁଙ୍କୁ ଅନୁସରଣ କରିଥିଲା । କିନ୍ତୁ ଦ୍ୱିତୀୟ ବ୍ୟକ୍ତିଟି ସହ ସେ ଏହିପରି ଭାବେ ସାଦୃଶ୍ୟତା ପ୍ରତିପାଦନ କରୁଛି ଯେ ସେ ମଧ୍ୟ ଏହିପରି ଭାବେ ସେହି ବିରୋଧାତ୍ମକ ଶବ୍ଦସବୁ ପ୍ରୟୋଗ କରିଥିଲା, ''ପ୍ରଭୁ... ପ୍ରଥମେ ମୋତେ'' । ସେ କହିଲା, ''ପ୍ରଭୁ, ମୁଁ ଆପଣଙ୍କର ଅନୁଗମନ କରିବି, ମାତ୍ର ପ୍ରଥମେ ମୋହର ଗୃହରେ ଥିବା ଲୋକମାନଙ୍କଠାରୁ ବିଦାୟ ନେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ'' ।

ପୁଣିଥରେ ଆମର ଏହା ସ୍ୱୀକାର କରିବା ଆବଶ୍ୟକ ଯେ, ତାଙ୍କର ଅନୁରୋଧରେ କୌଣସି ପ୍ରକାର ମୌଳିକ ତ୍ରୁଟି ନ ଥିଲା । ଜଣଙ୍କର ଆତ୍ମୀୟମାନଙ୍କ ପ୍ରତି ତା'ର ପ୍ରେମପୂର୍ଣ୍ଣ ଅନୁରାଗ ପ୍ରଦର୍ଶନ କରିବା ବା ସେମାନଙ୍କୁ ପରିତ୍ୟାଗ କରୁଥିବା ବେଳେ ଚିରାଚରିତ ଶିଷ୍ଟାଚାର ପାଳନ କରିବା ଏହା ଈଶ୍ୱରଙ୍କ ନିୟମ ବିରୁଦ୍ଧ ନୁହେଁ । ତେବେ କାରଣ କ'ଣ ଯାହା ଫଳରେ ଏହି ବ୍ୟକ୍ତିଟି ତା'ର ପରୀକ୍ଷାରେ ଅକୃତକାର୍ଯ୍ୟ ହେଲା ? ଏହା ଥିଲା- ସେ ସ୍ୱାଭାବିକ କୋମଳ ବନ୍ଧନକୁ ଖ୍ରୀଷ୍ଟଙ୍କ ସ୍ଥାନ ଅଧିକୃତ କରିବାକୁ ଅନୁମତି ପ୍ରଦାନ କରିଥିଲା ।

ଏବଂ ତେଣୁକରି ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ଦ୍ୱାରା, ପ୍ରଭୁ ଯୀଶୁ କହିଲେ, ''ଲଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ ।'' ଅନ୍ୟ ଭାଷାରେ, ''ମୋର ଶିଷ୍ୟମାନେ ଏପରି ଆତ୍ମ-କୈନ୍ଦ୍ରୀକତାରେ ଗଢ଼ା ହୋଇ ନାହାଁନ୍ତି, ନମନୀୟ ଅସାର ବସ୍ତୁ ପରି ନୁହଁନ୍ତି ଯେପରି ତୁମେ ନିଜକୁ ପ୍ରଦର୍ଶନ କରିଛ । ମୁଁ ସେହିମାନଙ୍କୁ କାମନା କରେ ଯେଉଁମାନେ କି ଗୃହ ବନ୍ଧନକୁ ପରିତ୍ୟାଗ କରିବାକୁ ଇଚ୍ଛୁକ ଅଟନ୍ତି, ଯେଉଁମାନେ କି ଭାବପ୍ରବଣ ଆତ୍ମୀୟମାନଙ୍କ ଦ୍ୱାରା ବିହ୍ୱଳ ହୋଇଯିବେ ନାହିଁ, ଯେଉଁମାନେ କି ମୋତେ ଅନ୍ୟ ସମସ୍ତଙ୍କଠାରୁ ଊର୍ଦ୍ଧ୍ୱରେ ସ୍ଥାନ ଦେବେ'' ।

ଆମେ ଏହି ସିଦ୍ଧାନ୍ତ ନେବାକୁ ବାଧ୍ୟ ଅଟୁ ଯେ, 'ଅତିସ୍ୱଚ୍ଛନ୍ଦ ମହାଶୟ' ଯୀଶୁଙ୍କୁ ପରିତ୍ୟାଗ କଲା ଏବଂ ଅତି ଦୁଃଖିତମନା ହୋଇ ନିଜ ରାସ୍ତାରେ ଚାଲିଗଲା । ଶିଷ୍ୟ ହେବା ନିମନ୍ତେ ତା'ର ଉଚ୍ଚ- ଆତ୍ମପ୍ରତ୍ୟୟୀ ଆକାଂକ୍ଷାସବୁ ପରିବାରର ସହାନୁଭୂତି ସଂପନ୍ନ ବନ୍ଧନରୂପକ ଶୈଳ ଉପରେ ଯେପରି ନିଜକୁ ନିଜେ ପିଟି ହୋଇ ଖଣ୍ଡଖଣ୍ଡ ହୋଇଗଲେ । ବୋଧହୁଏ ଏହା ଜଣେ କ୍ରନ୍ଦନରତା ମା' ଥିଲା ଯିଏ କି ମ୍ରିୟମାଣ ହୋଇ କ୍ରନ୍ଦନ କରୁଥିଲା, ''ତୁ ତୋ ମା'ର ହୃଦୟକୁ ବ୍ୟଥିତ କରିବୁ ଯଦି ତୁ ମୋତେ ପରିତ୍ୟାଗ କରି ମିଶନ୍ ସେବାକ୍ଷେତ୍ରକୁ ଯିବୁ'' । ଆମେ ତାହା ହୁଏତ ଜାଣୁନା । ଆମେ କେବଳ ଏହା ଜାଣୁ ଯେ ବାଇବଲ ସହୃଦୟତା ସହିତ ଏହି କ୍ଷୀଣ-ହୃଦୟୀ ବ୍ୟକ୍ତିଟିର ନାମକୁ ଉଲ୍ଲେଖ କରିବାରୁ ନିବୃତ୍ତ ରହିଛି ଯିଏ କି, ପଶ୍ଚାଦ୍‌ଗମନ କରିବା ଦ୍ୱାରା, ତା'ର ଜୀବନର ସର୍ବଶ୍ରେଷ୍ଠ ସୁଯୋଗକୁ ହରାଇବା ସହ ତା'ର ମୃତ୍ୟୁଲେଖ ହାସଲ କରିଥିଲା, ''ଯାହା କି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ଉପଯୁକ୍ତ ନୁହେଁ'' ।

*ସାରାଂଶ*

ତେବେ ଏହି ତିନୋଟି ହେଉଛି ପ୍ରକୃତ ଶିଷ୍ୟତ୍ୱ ନିମନ୍ତେ ମୌଳିକ ପ୍ରତିବନ୍ଧକସବୁ ମଧ୍ୟରୁ ଅନ୍ୟତମ, ଯାହାକି ତିନିଜଣ ବ୍ୟକ୍ତିଙ୍କ ମାଧ୍ୟମରେ ଚିତ୍ରିତ ହୋଇଛି ଯେଉଁମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହ ସମସ୍ତ ପଥ ଦେଇ ଯିବା ନିମନ୍ତେ ଇଚ୍ଛୁକ ନ ଥିଲେ ।

ଅତି ଚଳଚଞ୍ଚଳ ମହାଶୟ - ଜାଗତିକ ସ୍ୱାଚ୍ଛନ୍ଦ୍ୟ ପ୍ରତି ଅନୁରାଗ ।

ଅତିଧିର ମହାଶୟ - ଏକ କାର୍ଯ୍ୟ ବା ବୃତ୍ତିକୁ ପ୍ରାଧାନ୍ୟ ।

ଅତି ସ୍ୱଚ୍ଛନ୍ଦ ମହାଶୟ - କୋମଳ ପାରିବାରିକ ବନ୍ଧନକୁ ପ୍ରାଧାନ୍ୟ ।

ପ୍ରଭୁ ଯୀଶୁ ତଥାପି ଆହ୍ୱାନ କରନ୍ତି, ଯେପରି ସେ ପୂର୍ବରୁ କରି ଆସୁଛନ୍ତି, ପୁରୁଷ ଓ ସ୍ତ୍ରୀମାନଙ୍କୁ ବୀରତ୍ୱର ସହ ଏବଂ ଉତ୍ସର୍ଗିକ ଭାବେ ତାହାଙ୍କୁ ଅନୁସରଣ କରିବା ନିମନ୍ତେ ।

ଏଡାଇବା ପଥଗୁଡ଼ିକ ମଧ୍ୟ ସଦାପ୍ରସ୍ତୁତ ଅଛନ୍ତି, ଏହିପରି ଉଦ୍‌ବିଗ୍ନ ଶବ୍ଦଗୁଡ଼ିକ ମାଧ୍ୟମରେ କହିଥାନ୍ତି, ''ତାହାଙ୍କୁ ପରିତ୍ୟାଗ କର । ତାହାଙ୍କଠାରୁ ଦୂରେଇ ରୁହ ।''

ଆଗେଇ ଆସିବାକୁ ପ୍ରାୟତଃ କେହି ରାଜି ନୁହଁନ୍ତି ।

ପ୍ରଭୁଯୀଶୁ, ତୁମ ଆଜ୍ଞାରେ ମୁଁ ବହୁଛି କ୍ରୁଶ
ତ୍ୟାଗିଛି ସମସ୍ତ, ହେବାକୁ ଶିଷ୍ୟ ।
ଉଲଙ୍ଗ, ଦରିଦ୍ର, ପରିତ୍ୟକ୍ତ, ଘୃଣିତ
ମୋ ନିମନ୍ତେ କଲ ରୁଧିର ପାତ ।
ସକଳ ଆକାଂକ୍ଷା ଭଗ୍ନ, ବିନଷ୍ଟ
ହେଲେ ବି ପ୍ରାଣ ମୋ ହେବନି ନଷ୍ଟ ।
ମହାନ ଧନରେ ମୁଁ ଧନବାନ,
ସ୍ୱର୍ଗ ଓ ଈଶ୍ୱର ଯେଣୁ ମୋ ଧନ ।

ଏ ଜଗତ ମୋତେ ତ୍ୟାଗୁ ପଛକେ
ଯେ ଦଣ୍ଡିଛି ତାଙ୍କୁ ଯାତନା, ଶୋକେ
ମନୁଷ୍ୟର ମନ ଛଳନା ଭରା
ତୁମ ହୃଦ କେଡେ ସାନ୍ତ୍ୱନା ଭରା !
ମୁଁ ଯେବେ ତୁମର ସେ ମୃଦୁହସ,
ଜ୍ଞାନ ଓ ପ୍ରେମର ପାଏ ପରଶ
ଯଦିବି ଘୃଣିତ ଶତ୍ରୁଙ୍କ ଦ୍ୱାରା
ତଥାପି ମୋ ମୁଖେ ଉଜ୍ଜ୍ୱଳ ଭରା ।

—ଏଚ୍. ଏଫ୍. ଲାଇଟ୍

## ଶିଷ୍ୟମାନେ ଭଣ୍ଡାର ରକ୍ଷକ ଅଟନ୍ତି

### ପାଠ୍ୟାଂଶ ଲୂକ ୧୬ : ୧-୧୩

ଅସାଧୁ ଭଣ୍ଡାର ରକ୍ଷକର କାହାଣୀଟି ଶିଷ୍ୟମାନଙ୍କୁ ହିଁ କୁହାଯାଇଥିଲା । ଏଥିରେ, ତ୍ରାଣକର୍ତ୍ତା ସେହି ନୀତିସବୁ ଉପସ୍ଥାପନ କରିଛନ୍ତି ଯେଉଁ ସମସ୍ତ କି ସବୁ ସମୟରେ

ଶିଷ୍ୟମାନଙ୍କ ନିମନ୍ତେ ପ୍ରଯୁଜ୍ୟ । ମୋଟ ଉପରେ ଖ୍ରୀଷ୍ଟଙ୍କ ଶିଷ୍ୟମାନେ ମୁଖ୍ୟତଃ ଭଣ୍ଡାର ରକ୍ଷକ ହିଁ ଅଟନ୍ତି, ତାଙ୍କର ଏହି ଜଗତର ସମ୍ପତ୍ତିକୁ ଏବଂ ଏଥିନିମନ୍ତେ ତାଙ୍କର ଉଦ୍ଦେଶ୍ୟ ନିମିତ୍ତ ଯତ୍ନନେବାକୁ ସେମାନେ ଭାରସମର୍ପିତ ଅଟନ୍ତି ।

କାହାଣୀଟି ଜଟିଳତା ଦିଗକୁ ଦିଗନିର୍ଦ୍ଦେଶ କରେ । ଏହା ଅସାଧୁତା ଏବଂ କୁଟିଳତାକୁ ପ୍ରଶଂସା କରୁଥିବାର ମନେହୁଏ । କିନ୍ତୁ ଯେତେବେଳେ ସଠିକ୍ ଦୃଷ୍ଟିକୋଣରୁ ଏହାକୁ ବୁଝାଯାଏ, ସେତେବେଳେ ଏହା ଏକ ସର୍ବଶ୍ରେଷ୍ଠ ପ୍ରୟୋଜନୀୟ ଉପଦେଶରେ ସମୃଦ୍ଧ ବୋଲି ଜାଣିହୁଏ ।

ସଂକ୍ଷିପ୍ତରେ କାହାଣୀଟି ଏହା ହିଁ ଅଟେ । ଜଣେ ଧନଶାଳୀ ସମ୍ପତ୍ତି ମାଲିକ ତାଙ୍କର ବ୍ୟବସାୟର ଯତ୍ନନେବା ନିମନ୍ତେ ଜଣେ କର୍ମଚାରୀକୁ ନିଯୁକ୍ତି ଦେଇଥିଲେ । ସମୟାନୁକ୍ରମେ, ସେହି ମୁନିବ ଜାଣିଲେ ଯେ, ତାଙ୍କର କର୍ମଚାରୀଟି ତାଙ୍କର ଅର୍ଥସବୁ ଅପଚୟ କରୁଛି । ସଙ୍ଗେ ସଙ୍ଗେ ସେ ହିସାବଖାତାର ଏକ ସମୀକ୍ଷା ଦାବୀ କଲେ, ତା'ପରେ ସେ ତାହାକୁ ତା'ର ଚାକିରୀରୁ ବହିଷ୍କାର କରିବାର ଆଦେଶ ମଧ୍ୟ ପଠାଇଦେଲେ ।

କର୍ମଚାରୀଟି ହୃଦୟଙ୍ଗମ କଲା ଯେ, ତା'ର ଭବିଷ୍ୟତ ପ୍ରତ୍ୟାଶା ଦୁଃଖମୟ ହୋଇଯିବ । ଶାରୀରିକ ଶ୍ରମ କରିବାକୁ, କଠିନ ପରିଶ୍ରମ କରିବାକୁ ସେ ଅତ୍ୟନ୍ତ ବୃଦ୍ଧ ହୋଇଯାଇଥିଲା, ଏବଂ ଭିକ୍ଷା କରିବାକୁ ସେ ଲଜ୍ଜା ଅନୁଭବ କରୁଥିଲା । ତେଣୁ ସେ ଏକ ଯୋଜନା ପ୍ରସ୍ତୁତ କଲା ଯାହାକି ଆଗାମୀ ଦିନଗୁଡ଼ିକ ନିମନ୍ତେ ତାକୁ କିଛି ବନ୍ଧୁ ଯୋଗାଇ ଦେବାର ସହାୟତା କରିପାରିବ । ସେ ତାର ଏକ ମୁନିବ ନିକଟକୁ ଯାଇ ହିସାବ ବିଷୟରେ ପ୍ରଶ୍ନକଲା, "ତୁମେ କେତେ ଧାର କରିଅଛ" ? ଉତ୍ତର ମିଳିଲା, "୭୫୦ ଲିଟର ତେଲ" । "ବେଶ୍ ଉତ୍ତମ" ନିଯୁକ୍ତିଦାତାଟି କହିଲା, ଅଧା ପରିମାଣର ଜିନିଷ ନିମନ୍ତେ ଦେୟ ପୈଠ କର ଏବଂ ଆମେ ତାହା ହିସାବରେ ଠିକ୍ ଦର୍ଶାଇବୁ" । ସେ ତା ନିଯୁକ୍ତିଦାତାଙ୍କ ଅନ୍ୟଜଣେ ଋଣ ଗ୍ରହୀତାଙ୍କ ନିକଟକୁ ଯାଇ ପଚାରିଲା, "ତୁମେ କେତେ ଧାର କରିଛ" ? ଗ୍ରହୀତାଟି ଉତ୍ତର ଦେଲା, "ଆଠ କ୍ୱିଣ୍ଟାଲ୍ ଗହମ" । "ହଉ ତେବେ, ତୁମେ ମୋତେ ୬୪୦ କେ. ଜି. ଗହମ ପୈଠ କର, ଏବଂ ଆମେ ହିସାବଖାତାରେ ତୁମ ଋଣ ଚୁକ୍ତି ଦର୍ଶାଇବା" ।

ଏହି ଅସାଧୁ କର୍ମଚାରୀଟିର କାର୍ଯ୍ୟକଳାପଠାରୁ ଉକ୍ତ ଟିପ୍ପଣୀ ଅଧିକ ହୃଦୟ ବିଦାରକ । ଯାହା କହେ :

"ସେହି ଅବିଶ୍ୱସ୍ତ ବେବର୍ତ୍ତା ବୁଦ୍ଧି ସହିତ କାର୍ଯ୍ୟ କରିଥିବାରୁ ପ୍ରଭୁ ତାହାର ପ୍ରଶଂସା କଲେ; ଯେଣୁ ଏହି ଯୁଗର ସନ୍ତାନମାନେ ସେମାନଙ୍କ ସ୍ୱଜାତି ପକ୍ଷରେ ଆଲୋକର ସନ୍ତାନମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ" (୮ ପଦ)।

ଆମେ କିପରି ଭାବେ ଏହି ଅସାଧୁ ବ୍ୟବସାୟିକ ପ୍ରଣାଳୀର ସ୍ପଷ୍ଟ ଅନୁମୋଦନକୁ ବୁଝିବା ?

ଗୋଟିଏ ବିଷୟ ନିଶ୍ଚିତ ଅଟେ। ତାହାର ମୁନିବ ବା ଆମର ପ୍ରଭୁ ଏହିପ୍ରକାର କୁଟିଳତାକୁ ସ୍ୱୀକୃତି ପ୍ରଦାନ କରି ନାହାଁନ୍ତି। ପ୍ରଥମ ଅବସ୍ଥାରୁ ହିଁ ତା'ର କାର୍ଯ୍ୟରୁ ବହିଷ୍କୃତ ହେବାର କାରଣ ସ୍ୱରୂପେ ଏହା ହିଁ ମୁଖ୍ୟ ବିଷୟ ଥିଲା। କୌଣସି ଧାର୍ମିକ ବ୍ୟକ୍ତି କଦାପି ଏପରି ଠକାମୀ ଏବଂ ଅବିଶ୍ୱସ୍ତତାକୁ ସ୍ୱୀକୃତି ଦେଇ ପାରିବ ନାହିଁ। କାହାଣୀଟି ଅନ୍ୟ ଯାହାକିଛି ଶିକ୍ଷାଦେଉ ନା କାହିଁକି, ଏହା ମତାମତ ଦିଏ ନାହିଁ ଯେ, ତୋଷରପାତ ନୀତି କେବେ ବି ଯଥାର୍ଥ ଅଟେ।

କେବଳ ମାତ୍ର ଗୋଟିଏ ବିଷୟ ରହିଛି ଯେଉଁଥିପାଇଁ କି ସେହି ଅସାଧୁ ଭଣ୍ଡାରକ୍ଷକକୁ ସ୍ୱୀକୃତି ଦିଆଯାଇପାରିବ, ତାହା ହେଉଛି, ସେ ଭବିଷ୍ୟତ୍ ନିମନ୍ତେ ଯୋଜନା କରିଥିଲା। ସେ ଏହି ନିଶ୍ଚିତତା ନିମନ୍ତେ ପଦକ୍ଷେପ ନେଲା ଯେ, ତା'ର ତତ୍ତ୍ୱାବଧାରକତ୍ୱର ସମାପ୍ତି ହେଲା ପରେ ତଥାପି ତା'ର ବନ୍ଧୁମାନେ ତା' ସହ ରହିଥିବେ। ସେ "ବର୍ତ୍ତମାନ" ପରିବର୍ତ୍ତେ "ଭବିଷ୍ୟତ" ପାଇଁ କାର୍ଯ୍ୟ କଲା।

ଏହା ହିଁ ହେଉଛି କାହାଣୀଟିର ସାରମର୍ମ। ଜାଗତିକମନା ଲୋକେ ଆଗାମୀ ଦିବସଗୁଡ଼ିକ ନିମନ୍ତେ ଭରଣୀ କରିବାକୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରନ୍ତି। ସେମାନେ ସଚେତନ ଥିବା ସେମାନଙ୍କର ଭବିଷ୍ୟତ ହେଉଛି କେବଳ ମାତ୍ର ସେମାନଙ୍କର ବାର୍ଦ୍ଧକ୍ୟ ସମୟ, ସେମାନଙ୍କର ଅବସର ପରି ବର୍ଷଗୁଡ଼ିକ। ତେଣୁ ସେମାନେ ଉଦ୍ୟମ ସହକାରେ ଏହା ନିଶ୍ଚିତବୋଧ କରିବାକୁ କାର୍ଯ୍ୟକରନ୍ତି ଯେ, ସେମାନେ ଯେତେବେଳେ ଲାଭପ୍ରଦ କର୍ମ ନିଯୁକ୍ତିଟିଏ ପାଇବାକୁ ଅକ୍ଷମ ଥିବେ ସେତେବେଳେ ଆରାମପ୍ରଦ ଥଇଥାନଟିଏ ପାଇ ପାରିବେ। ସାମାଜିକ ସୁରକ୍ଷା ନିମନ୍ତେ ଅନ୍ୱେଷଣ କରିବାରେ ସେମାନେ ବିଫଳ ହୁଅନ୍ତି ନାହିଁ।

ଏହି ପରିପ୍ରେକ୍ଷୀରେ ଅବିଶ୍ୱାସୀମାନେ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କଠାରୁ ବୁଦ୍ଧିମାନ୍ ଅଟନ୍ତି। ହେଲେ କିନ୍ତୁ, ଏହାର କାରଣ ବୁଝିବାକୁ ହେଲେ, ଆମକୁ ହୃଦୟଙ୍ଗମ କରିବାକୁ ହେବ ଯେ, ଖ୍ରୀଷ୍ଟବିଶ୍ୱାସୀର ଜୀବନ ଏହି ଜଗତରେ ନୁହେଁ ମାତ୍ର ସ୍ୱର୍ଗରେ ରହିଛି।

ଏହା ହିଁ ହେଉଛି ନିର୍ଣ୍ଣାୟକ ସାର ବିଷୟ । ଜଣେ ଅବିଶ୍ୱାସୀ ନିମନ୍ତେ ଭବିଷ୍ୟତ କହିଲେ ବର୍ତ୍ତମାନ ଏବଂ ସମାଧିପ୍ରାପ୍ତ ଅବସ୍ଥାର ମଧ୍ୟବର୍ତ୍ତୀ ସମୟକୁ ବୁଝାଏ । ଜଣେ ଈଶ୍ୱରଙ୍କ ସନ୍ତାନର ଭବିଷ୍ୟତ କହିଲେ ଖ୍ରୀଷ୍ଟଙ୍କ ସହ ଚିର ସହଭାଗିତା ।

ତେଣୁକରି କାହାଣୀଟି ଶିକ୍ଷା ଦିଏ ଯେ, ଖ୍ରୀଷ୍ଟ ବିଶ୍ୱାସୀମାନେ ସ୍ୱର୍ଗରେ ସେମାନଙ୍କର ଭବିଷ୍ୟତ୍ ନିମନ୍ତେ ଯେତିକି ସଚେତନ ହୋଇ ନ ଥିବା ବ୍ୟକ୍ତିମାନେ ଜଗତରେ ସେମାନଙ୍କ ଭବିଷ୍ୟତ ପ୍ରସ୍ତୁତ କରିବା ନିମନ୍ତେ ଅଧିକ ବୁଦ୍ଧିମାନ ଏବଂ ପରାକ୍ରମୀ ଅଟନ୍ତି ।

ଏହି ପୃଷ୍ଠଭୂମି ଉପରେ, ପ୍ରଭୁ ଯୀଶୁ ଏହି ପାଠରେ ବ୍ୟବହାରିକ ପ୍ରୟୋଗକୁ ଉପସ୍ଥାପନ କରନ୍ତି :

ମୁଁ ମଧ୍ୟ ତୁମ୍ଭମାନଙ୍କୁ କହୁଅଛି, ଅଧର୍ମ ଧନରେ ଆପଣା ଆପଣା ନିମନ୍ତେ ବନ୍ଧୁ ଲାଭ କର, ଯେପରି ତାହା ଶେଷ ହେଲେ ସେମାନେ ତୁମ୍ଭମାନଙ୍କୁ ନିତ୍ୟସ୍ଥାୟୀ ବାସସ୍ଥାନରେ ଗ୍ରହଣ କରିବେ ।

ଅଧାର୍ମିକତାର ଦେବତା ହେଉଛି ଧନ କିମ୍ବା ଅନ୍ୟାନ୍ୟ ବସ୍ତୁବାଦୀ ସଂପଦସବୁ । ଆମେ ଏହି ବିଷୟ ସବୁକୁ ଖ୍ରୀଷ୍ଟଙ୍କ ନିମନ୍ତେ ଆତ୍ମାଗୁଡ଼ିକ ଲାଭ କରିବାକୁ ବ୍ୟବହାର କରିପାରିବା । ଆମ ଧନର ବିଶ୍ୱସ୍ତ ଉପଯୋଗ ହେତୁ ଲାଭ କରାଯାଇଥିବା ଲୋକମାନଙ୍କୁ ଏଠାରେ ''ବନ୍ଧୁମାନେ'' ବୋଲି କୁହାଯାଇଛି । ଏକ ଦିବସ ଆସୁଛି ଯେଉଁଦିନ କି ଆମେ ସମସ୍ତେ ବିଫଳ ହେବୁ (ମୃତ୍ୟୁଭୋଗ କରିବୁ କିମ୍ବା ଅତ୍ୟୁଲ୍ଲାସରେ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ୱର୍ଗକୁ ନୀତ ହେବୁ) । ଆମର ବସ୍ତୁବାଦୀ ସମ୍ପତ୍ତିର ବୁଦ୍ଧିମାନ ଉପଯୋଗ ମାଧ୍ୟମରେ ଲାଭ କରାଯାଇଥିବା ବନ୍ଧୁମାନେ ପରେ ଚିରନ୍ତନ ନିବାସ ସ୍ଥାନ ମଧ୍ୟକୁ ଆମକୁ ପାଛୋଟି ନେବା ପାଇଁ ଏକ ଅଭ୍ୟର୍ଥନା ସମିତି ରୂପରେ କାର୍ଯ୍ୟ କରିବେ ।

ଏହା ହିଁ ହେଉଛି ସେହିପଥ ଯେଉଁ ପଥରେ କି ବୁଦ୍ଧିମାନ ଭଣ୍ଡାର ରକ୍ଷକମାନେ ଭବିଷ୍ୟତ ନିମନ୍ତେ ଯୋଜନା କରନ୍ତି – ସେମାନଙ୍କର କ୍ଷୀଣ ଜୀବନକୁ ଜଗତରେ ନିରାପତ୍ତା ନିମନ୍ତେ ବୃଥା ଅନ୍ୱେଷଣରେ ଅତିବାହିତ କରିବା ଦ୍ୱାରା ନୁହେଁ; କିନ୍ତୁ ଧନଦ୍ୱାରା ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରାଯାଇଥିବା ବନ୍ଧୁମାନଙ୍କ ଦ୍ୱାରା ସ୍ୱର୍ଗରେ ବେଷ୍ଟନ ହେବା ନିମନ୍ତେ ଏକ ସାଗ୍ରହ ପ୍ରଚେଷ୍ଟାରେ ସେମାନଙ୍କ ଜୀବନ ଅତିବାହିତ କରନ୍ତି । ଯେଉଁ ସମସ୍ତ ଧନ କି ବାଇବଲ, ପୁରାତନ ଓ ନୂତନ ନିୟମ, ଶାସ୍ତ୍ରାଂଶ, ପତ୍ରିକା ଏବଂ ଅନ୍ୟାନ୍ୟ ଖ୍ରୀଷ୍ଟିୟ ପତ୍ରପତ୍ରିକାରେ ରୂପାନ୍ତରିତ ହୋଇଛି । ଯେଉଁ

ସମସ୍ତ ଧନ କି ମିଶିନେରୀମାନଙ୍କୁ ସହାୟତା କରିବାରେ ଏବଂ ଅନ୍ୟାନ୍ୟ ଖ୍ରୀଷ୍ଟିୟ କାର୍ଯ୍ୟକାରୀମାନଙ୍କର ସହାୟତାରେ ବ୍ୟବହୃତ ହୋଇଥାଏ । ଯେଉଁ ସମସ୍ତ ଅର୍ଥ କି ଖ୍ରୀଷ୍ଟିୟ ବେତାର କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବହୁମୂଲ୍ୟ ଖ୍ରୀଷ୍ଟିୟ କାର୍ଯ୍ୟ ସବୁ ନିମନ୍ତେ ଆର୍ଥିକ ସହାୟତା ଯୋଗାଇଥାଏ । ସଂକ୍ଷେପରେ, ଯେଉଁ ସମସ୍ତ ଅର୍ଥ କି ପ୍ରତ୍ୟେକଟି ଦିଗରେ ସୁସମାଚାର ପ୍ରସାର ନିମନ୍ତେ ବ୍ୟବହୃତ ହୋଇଥାଏ । ''କେବଳ ଏକମାତ୍ର ଉପାୟରେ ଆମେ ଆମର ସଂପଦକୁ ସ୍ୱର୍ଗରେ ସଞ୍ଚୟ କରିପାରିବା ଯାହାକି ସେହି ବିଷୟଟିରେ ଏହାକୁ ନିୟୋଜିତ କରିଦେବା ଯେଉଁଟି ସ୍ୱର୍ଗକୁ ଯାଉଛି'' ।

ଯେତେବେଳେ ଜଣେ ଖ୍ରୀଷ୍ଟବିଶ୍ୱାସୀ ଦେଖେ ଯେ, ତାହାର ବସ୍ତୁବାଦୀ ସମ୍ପଦସବୁ ବହୁମୂଲ୍ୟ ପ୍ରାଣଗୁଡ଼ିକର ପରିତ୍ରାଣ ନିମନ୍ତେ ବ୍ୟବହୃତ ହୋଇ ପାରିବ, ସେତେବେଳେ ସେ ''ଜିନିଷ ପତ୍ର'' ସବୁଠାରୁ ତା'ର ଅଭିଳାଷ ହରାଏ । ବିଳାସବ୍ୟସନ, ସମ୍ପଦ ଏବଂ ବସ୍ତୁବାଦୀ ସମୃଦ୍ଧି ତା' ବୁକୁରେ ଯେପରି ଅସ୍ଥିରତା ସୃଷ୍ଟି କରେ । ସେ ଅଧାର୍ମିକତାର ଦେବତାକୁ ମେଷଶାବକଙ୍କର ଉପାସକକୁ ସ୍ୱର୍ଗୀୟ ବିଶୁଦ୍ଧତାରେ ଚିରଦିନ ନିମନ୍ତେ ରୂପାନ୍ତରିତ ହୋଇଯିବାର ଦେଖିବାକୁ ବ୍ୟାକୁଳିତ ହୁଏ । ମନୁଷ୍ୟ ଜୀବନରେ କାର୍ଯ୍ୟଟିଏ କରିବାର ସମ୍ଭାବନାରେ ସେ ମୋହିତ ହୋଇଯାଇଥାଏ ଯାହାକି ଇଶ୍ୱରଙ୍କ ନିମିତ୍ତ ଶାଶ୍ୱତ ଗୌରବ ଆଣିବା ସହ ସେହି ଲୋକମାନଙ୍କ ନିମିତ୍ତ ଅନନ୍ତ ଆଶୀର୍ବାଦ ମଧ ଆଣିବ । ସେ 'ରଦରଫୋର୍ଡ଼'ଙ୍କର ତୃଷା ପରି କିଛି ତୃଷା ଅନୁଭବ କର :

ହାୟ, ଯଦି ପ୍ରାଣ ଏକ ଆସି ମୋ ସାଥିରେ
ସାକ୍ଷାତ ଲଭନ୍ତା ତାଙ୍କ ଦକ୍ଷିଣ ହସ୍ତ ନିକଟରେ ।
ମୋ ସ୍ୱର୍ଗ ହୁଅନ୍ତା ତେବେ ନିଶ୍ଚେ ଦୁଇଗୋଟି
'ଇମ୍ମାନୁୟେଲ୍'ଙ୍କର ରାଜ୍ୟେ ଆନନ୍ଦରେ -
ଯାଆନ୍ତି ମୁଁ ଲୋଟି ।

—ଆନେ. ଆର୍. କଉସିନ୍

ତା' ନିମନ୍ତେ ସମସ୍ତ ହୀରକ, ରତ୍ନ ଏବଂ ମଣିମୁକ୍ତା, ସମସ୍ତ ବ୍ୟାଙ୍କ ଜମା, ସମସ୍ତ ବୀମା ଯୋଜନା, ସମସ୍ତ ପ୍ରାସାଦଗୁଡ଼ିକ, ଆମୋଦପ୍ରମୋଦର ବୋଝ ଏବଂ କାର୍‌ଗୁଡ଼ିକ କେବଳ ଅଧାର୍ମିକତାର ଦେବତା ଅଟନ୍ତି । ଯଦି ସେଗୁଡ଼ିକ ନିଜ ନିମନ୍ତେ

ବ୍ୟବହୃତ ହୁଏ, ସେଗୁଡ଼ିକ ବ୍ୟବହାର ଦ୍ୱାରା ନଷ୍ଟ ହୋଇଯାଏ, କିନ୍ତୁ ଯଦି ଖ୍ରୀଷ୍ଟଙ୍କ ନିମନ୍ତେ ବ୍ୟୟ କରାଯାଏ, ତେବେ ସେଗୁଡିକ ଅକ୍ଷୟ ଲାଭାଂଶ ଉତ୍ପନ୍ନ କରନ୍ତି ।

ଆମେ ଯେଉଁଭଳି ଭାବରେ ବସ୍ତୁବାଦୀ ବିଷୟଗୁଡିକୁ କାର୍ଯ୍ୟରେ ଲଗାଉ, ଆମେ ଯେଉଁ ସୀମା ପର୍ଯ୍ୟନ୍ତ ସେଗୁଡ଼ିକୁ ଜାବୁଡି ଧରୁ, ତାହା ହିଁ ଆମ ଚରିତ୍ରର ଏକ ପରୀକ୍ଷା । ପ୍ରଭୁ ଏହାକୁ ୧୦ ପଦରେ ଗୁରୁତ୍ୱ ଆରୋପ କରିଛନ୍ତି :

"ଯେ ଅତି ଅଳ୍ପ ବିଷୟରେ ବିଶ୍ୱସ୍ତ, ସେ ବହୁତ ବିଷୟରେ ମଧ୍ୟ ବିଶ୍ୱସ୍ତ ଅଟେ, ଯେ ଅତି ଅଳ୍ପ ବିଷୟରେ ଅବିଶ୍ୱସ୍ତ ସେ ବହୁତ ବିଷୟରେ ମଧ୍ୟ ଅବିଶ୍ୱସ୍ତ" ।

ଏଠାରେ ଅତି ଅଳ୍ପବିଷୟ ମଧ୍ୟ ବସ୍ତୁବାଦୀ ଜିନିଷ ପତ୍ରର ତତ୍ତ୍ୱାବଧାରକତ୍ୱ ଅଟେ । ଯେଉଁମାନେ ବିଶ୍ୱସନୀୟ ସେମାନେ ଜିନିଷପତ୍ରଗୁଡ଼ିକୁ ଈଶ୍ୱରଙ୍କ ଗୌରବ ନିମନ୍ତେ ଏବଂ ସେମାନଙ୍କର ସହ ବିଶ୍ୱାସୀମାନଙ୍କର କଲ୍ୟାଣ ନିମନ୍ତେ ଉପଯୋଗ କରନ୍ତି । ଯେଉଁମାନେ ଅବିଶ୍ୱସ୍ତ ସେମାନେ ନିଜର ସମ୍ପତ୍ତିକୁ ଆମୋଦପ୍ରମୋଦ, ବିଳାସବ୍ୟସନ ଜୀବନଯାପନ ଏବଂ ସ୍ୱାର୍ଥପର ସୁଖସ୍ୱାଚ୍ଛନ୍ଦ ନିମନ୍ତେ ଉପଯୋଗ କରନ୍ତି । ଯଦି ଜଣେ ବ୍ୟକ୍ତିକୁ ଏକ କ୍ଷୁଦ୍ର ବିଷୟରେ ବିଶ୍ୱାସ କରାଯାଇ ପାରେନା (ବସ୍ତୁବାଦୀ ବିଷୟ), କିପରି ଭାବେ ତାହାକୁ ଏକ ବୃହତ୍ ବିଷୟରେ ବିଶ୍ୱାସ କରାଯାଇ ପାରିବ (ଆତ୍ମିକ ବିଷୟର ତତ୍ତ୍ୱାବଧାରକତ୍ୱ) । ଯଦି ଜଣେ ବ୍ୟକ୍ତି ଅଧାର୍ମିକତାର ଦେବତା ବିଷୟରେ ଅବିଶ୍ୱସ୍ତ ଅଟେ, ସେ କିଭଳି ଭାବରେ ଖ୍ରୀଷ୍ଟଙ୍କର ଜଣେ ସେବକଭାବରେ ବିଶ୍ୱସ୍ତ ହେବାକୁ ଏବଂ ଈଶ୍ୱରଙ୍କ ନିଗୂଢ଼ ବିଷୟ ସବୁର ତତ୍ତ୍ୱାବଧାରକ ହେବା ନିମନ୍ତେ ପ୍ରତ୍ୟାଶା କରିପାରେ (୧କରିନ୍ଥୀୟ ୪ : ୧) ।

ତେଣୁକରି ତ୍ରାଣକର୍ତ୍ତା ଆଉ ଏକ ପ୍ରସ୍ତାବ ଦିଅନ୍ତି :

"ଅତଏବ, ଯଦି ତୁମ୍ଭେମାନେ ଅଧର୍ମ ଧନରେ ବିଶ୍ୱସ୍ତ ହୋଇନାହଁ, ତେବେ କିଏ ତୁମ୍ଭମାନଙ୍କୁ ବିଶ୍ୱାସ କରି ସତ୍ୟ ଧନ ତୁମ୍ଭମାନଙ୍କ ହସ୍ତରେ ସମର୍ପଣ କରିବ ?" (୧୧ ପଦ)

ଜାଗତିକ ସମ୍ପଦସବୁ ପ୍ରକୃତ ଧନ ନୁହେଁ : ସେଗୁଡିକର ମୂଲ୍ୟ ସସୀମ ଏବଂ ସାମୟିକ । ଆତ୍ମିକ ସମ୍ପଦସବୁ ପ୍ରକୃତ ଧନ ଅଟେ । ତାହାର ମୂଲ୍ୟ କଳନା କରିହେବ ନାହିଁ ଏବଂ ତାହା କଦାପି ଶେଷ ହେବ ନାହିଁ । ବସ୍ତୁବାଦୀ ବିଷୟ ସବୁ ଉପଯୋଗ କରିବାରେ ଜଣେ ବ୍ୟକ୍ତି ବିଶ୍ୱସ୍ତ ଦେଖାଯାଇ ନ ପାରିଲେ, ଏହି ଜୀବନରେ ଆତ୍ମିକ

ସମୃଦ୍ଧି କିମ୍ବା ସ୍ୱର୍ଗରେ ସମ୍ପଦ ନିମନ୍ତେ ଈଶ୍ୱରଙ୍କ ଭରସାକୁ ସେ ପ୍ରତ୍ୟାଶା କରିପାରେ ନାହିଁ ।

ପୁନର୍ବାର ପ୍ରଭୁ ଏହି ଯୁକ୍ତିକୁ ସମର୍ଥନ ଜଣାଇ କହନ୍ତି ।

> ''ଆଉ ଯଦି ତୁମ୍ଭେମାନେ ପରର ବିଷୟରେ ବିଶ୍ୱସ୍ତ ହୋଇନାହଁ, ତେବେ କିଏ ତୁମ୍ଭମାନଙ୍କୁ ତୁମ୍ଭମାନଙ୍କର ନିଜ ବିଷୟ ଦେବ'' (୧୨ ପଦ) ।

ଭୌତିକ ବିଷୟସବୁ ଆମ ନିଜର ନୁହେଁ; ସେଗୁଡ଼ିକ ଈଶ୍ୱରଙ୍କର ଅଧିକାରଭୁକ୍ତ ଅଟେ । ଆମେ ଯାହା କିଛି ଅଧିକାର କରିଛୁ ସେ ସମସ୍ତ ହେଉଛି ଈଶ୍ୱରଙ୍କଠାରୁ ଦତ୍ତ ପବିତ୍ର ତତ୍ତ୍ୱାବଧାରକତ୍ୱ ହିଁ ଅଟେ । ସେହି ସମସ୍ତ ହିଁ ଆମ ନିଜର ବୋଲି କୁହାଯାଇ ପାରିବ ଯେଉଁ ସମସ୍ତକି ଆମର ଉଦ୍ୟୋଗୀ ସଯତ୍ନ ଚେଷ୍ଟା ଏବଂ ସେବାରେ ହିଁ ହୋଇଥିବ ଏବଂ ବିଶ୍ୱସ୍ତ ତତ୍ତ୍ୱବଧାରକତ୍ୱର ପୁରସ୍କାର ହିଁ ହୋଇଥିବ । ଆମେ ଯଦି ଈଶ୍ୱରଙ୍କ ସମ୍ପତ୍ତି ପରିଚାଳନା କରିବାରେ ବିଶ୍ୱସ୍ତ ପ୍ରମାଣିତ ନ ହୋଇ ପାରିଛୁ, ତେବେ ଆମର ଏହି ଜୀବନରେ କିମ୍ବା ପରଜୀବନରେ ପୁରସ୍କୃତ ହେବା ନିମନ୍ତେ ରହିଥିବା ଈଶ୍ୱରଙ୍କ ବାକ୍ୟର ଗଭୀର ସତ୍ୟଗୁଡ଼ିକ ମଧ୍ୟକୁ ପ୍ରବେଶ କରିବାକୁ ପ୍ରତ୍ୟାଶା କରି ପାରିବୁ ନାହିଁ ।

ଏକ ବିଶେଷ ଗୁରୁତ୍ୱ ଆରୋପ କରି ଏହି କାହାଣୀଟିର ସମସ୍ତ ଶିକ୍ଷାକୁ ପ୍ରଭୁ ଏହିପରି ଭାବେ ସାରାଂଶ ପ୍ରଦାନ କରନ୍ତି :

> ''କୌଣସି ଭୃତ୍ୟ ଦୁଇ ପ୍ରଭୁଙ୍କର ଦାସ ହୋଇ ପାରେ ନାହିଁ; କାରଣ ସେ ଜଣକୁ ଘୃଣା କରିବ ଓ ଅନ୍ୟ ଜଣକୁ ପ୍ରେମ କରିବ, ଅଥବା ଜଣକ ପ୍ରତି ଅନୁରକ୍ତ ହେବ ଓ ଅନ୍ୟ ଜଣକୁ ଅବଜ୍ଞା କରିବ । ତୁମ୍ଭେମାନେ ଈଶ୍ୱର ଓ ଧନ ଉଭୟର ଦାସ ହୋଇ ପାର ନାହିଁ'' (୧୩ ପଦ) ।

ରାଜଭକ୍ତି ଭାଗ କରାଯାଇ ପାରିବ ନାହିଁ । ଜଣେ ଶିଷ୍ୟ ଦୁଇଟି ଜଗତ ନିମନ୍ତେ ଜୀବନଯାପନ କରିପାରିବ ନାହିଁ । ଜଣେ ତତ୍ତ୍ୱାବଧାରକ ଈଶ୍ୱରଙ୍କୁ ପ୍ରେମ କରେ କିମ୍ବା ଧନକୁ ପ୍ରେମ କରେ । ସେ ଯଦି ଧନକୁ ପ୍ରେମ କରେ, ସେ ଈଶ୍ୱରଙ୍କୁ ଘୃଣା କରେ ।

ଏବଂ ଚିନ୍ତା କରନ୍ତୁ, ଏ ସମସ୍ତ ଶିଷ୍ୟମାନଙ୍କ ନିମନ୍ତେ ଲିଖିତ ହୋଇଛି, କିନ୍ତୁ ପରିତ୍ରାଣପ୍ରାପ୍ତ ହୋଇ ନ ଥିବା ଲୋକମାନଙ୍କ ନିମନ୍ତେ ନୁହେଁ ।

# ଉଦ୍‌ଯୋଗ

ଜଣେ ଶିଷ୍ୟର ଦୃଢ଼ ମାନସିକ କାର୍ଯ୍ୟଦକ୍ଷତା ନ ଥିଲେ ସେ ହୁଏତ କ୍ଷମା ପାଇପାରେ । ସେ ଯଦି ବିଚକ୍ଷଣ ଶାରୀରିକ ସାହସିକତା ପ୍ରଦର୍ଶନ ନ କରେ ତେବେ ବି ହୁଏତ କ୍ଷମା ପାଇପାରେ । କିନ୍ତୁ କୌଣସି ଶିଷ୍ୟ କ୍ଷମା କରି ନ ପାରେ ଯଦି ତା'ର ଉଦ୍‌ଯୋଗ କ୍ଷମତା ନ ଥାଏ । ଯଦି ତା'ର ହୃଦୟ ତ୍ରାଣକର୍ତ୍ତାଙ୍କ ନିମନ୍ତେ ଏକ ଲୋହିତ-ଉତପ୍ତ ଆକାଂକ୍ଷାରେ ପ୍ରଜ୍ୱଳିତ ନ ହୁଏ, ତେବେ ସେ ଦଣ୍ଡିତ ହୁଏ ।

ମୋଟ ଉପରେ ଖ୍ରୀଷ୍ଟ ବିଶ୍ୱାସୀମାନେ ତାହାଙ୍କର ଅନୁଗାମୀ ଅଟନ୍ତି ଯେ କି କହିଥିଲେ, ''ତୁମ୍ଭ ଗୃହ ନିମନ୍ତେ ଉଦ୍‌ଯୋଗ ମୋତେ ଗ୍ରାସ କରିବ'' (ଯୋହନ ୨ : ୧୭) । ଈଶ୍ୱରଙ୍କ ନିମନ୍ତେ ଏବଂ ତାହାଙ୍କର ଉଦ୍ଦେଶ୍ୟ ନିମନ୍ତେ ସେମାନଙ୍କର ତ୍ରାଣକର୍ତ୍ତା ଯେପରି ଏକ ଆକାଂକ୍ଷାରେ ଦଗ୍ଧିଭୂତ ଥିଲେ । ତାଙ୍କ ନିବାସରେ ଅସମ୍ପୂର୍ଣ୍ଣ-ହୃଦୟଧାରୀ ଅନୁଗାମୀମାନଙ୍କ ନିମନ୍ତେ କୌଣସି ସ୍ଥାନ ନ ଥିଲା ।

ପ୍ରଭୁ ଯୀଶୁ ଏକ ଆତ୍ମିକ ପ୍ରବଳ ପ୍ରୟାସରେ ଜୀବନଯାପନ କରିଥିଲେ । ତାହା ତାଙ୍କ ବାକ୍ୟରେ ସୂଚିତ ହୋଇଛି, ''ମୋତେ ଏକ ବାପ୍ତିସ୍ମରେ ବାପ୍ତିଜିତ ହେବାକୁ ହେବ, ଆଉ ତାହା ସମାପ୍ତ ନ ହେବା ପର୍ଯ୍ୟନ୍ତ ମୁଁ କିପରି ନିଷ୍ପୀଡ଼ିତ ହେଉଅଛି'' (ଲୂକ ୧୨ : ୫୦) ଏବଂ ପୁନର୍ବାର ତାଙ୍କର ସ୍ମରଣୀୟ ଘୋଷଣା ମାଧ୍ୟମରେ କହନ୍ତି, ''ଦିନ ଥାଉ ଥାଉ ମୋହର ପ୍ରେରଣାକର୍ତ୍ତାଙ୍କ କର୍ମ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ; ଯେଉଁ ସମୟରେ କେହି କର୍ମ କରିପାରେ ନାହିଁ, ଏପରି ରାତ୍ରି ଆସୁଅଛି'' (ଯୋହନ ୯ : ୪) ।

ବାପ୍ତିଜକ ଯୋହନଙ୍କର ଉଦ୍‌ଯୋଗୀତା ପ୍ରଭୁଙ୍କ ଦ୍ୱାରା ସମର୍ଥିତ ହୋଇଛି ଯେତେବେଳେ ସେ କହିଲେ, ''ସେ ଜ୍ୱଳନ୍ତ ଓ ତେଜୋମୟ ପ୍ରଦୀପ ଥିଲେ'' (ଯୋହନ ୫ : ୩୫) ।

ପ୍ରେରିତିକ ପାଉଲ ଜଣେ ଅତ୍ୟୁତ୍ସାହୀ ବ୍ୟକ୍ତି ଥିଲେ । କେହି ଜଣେ ତାଙ୍କ ଜୀବନର ବ୍ୟଗ୍ରତାକୁ ନିମ୍ନଲିଖିତ ପ୍ରକାରେ ଆୟତ୍ତ କରିବାକୁ ଚେଷ୍ଟା କରିଛନ୍ତି :

> ''ସେ ନିଜ ନିମନ୍ତେ ବନ୍ଧୁ ସବୁ ପାଇବାକୁ ଯତ୍ନବାନ୍ ନ ଥିବା ବ୍ୟକ୍ତିଟିଏ ଥିଲେ, ଜାଗତିକ ବସ୍ତୁସବୁ ନିମନ୍ତେ ଆଶା ବା ଅଭିଳାଷ ରହିତ ବ୍ୟକ୍ତିଟିଏ ଥିଲେ, ଜାଗତିକ ବିଷୟର ହାନିରେ ଆଶଙ୍କା ରହିତ ଥିଲେ, ଜୀବନ ପ୍ରତି ଯତ୍ନ ରହିତ ଥିଲେ, ମୃତ୍ୟୁ ପ୍ରତି ଭୟରହିତ ବ୍ୟକ୍ତିଟିଏ ସେ ଥିଲେ । କୌଣସି ପଦବୀଟିର, ଦେଶର ବା ପରିସ୍ଥିତିର ବ୍ୟକ୍ତି ସେ ନ ଥିଲେ । ଗୋଟିଏ ଚିନ୍ତାଧାରୀ

ମନୁଷ୍ୟଟି ଥିଲେ- ଖ୍ରୀଷ୍ଟଙ୍କ ସୁସମାଚାର । ଗୋଟିଏ ଉଦ୍ଦେଶ୍ୟଧାରୀ ମନୁଷ୍ୟଟି ଥିଲେ- ଇଶ୍ୱରଙ୍କର ଗୌରବ । ଜଣେ ନିର୍ବୋଧ, ଏବଂ ଖ୍ରୀଷ୍ଟଙ୍କ ନିମନ୍ତେ ନିର୍ବୋଧଟିଏ ବୋଲି ବିବେଚିତ ହେବାକୁ ସନ୍ତୁଷ୍ଟ ଥିଲେ । ତାଙ୍କୁ ଉତ୍ସାହଶୀଳ, ଧର୍ମାନ୍ଧ, ମୂର୍ଖବତ୍ ବକ୍‌ବକ୍ କାରୀ, କିମ୍ଵା ଅନ୍ୟ କୌଣସି ବିଦେଶୀ ବିବରଣୀ ଅନ୍ୱେଷଣକାରୀ ବୋଲି ଅଭିହିତ କରାଯାଇ ପାରେ ଯାହାକି ଏହି ଜଗତ ତାଙ୍କୁ ଆଖ୍ୟା ଦେବାକୁ ପସନ୍ଦ କରିପାରେ । କିନ୍ତୁ ତଥାପି ସେ ଜଣେ ଅନିଶ୍ଚିତିତ ବ୍ୟକ୍ତି ହୁଅନ୍ତୁ । ଯେତେବେଳେ ସେମାନେ ତାଙ୍କୁ ବ୍ୟବସାୟୀ, ଗୃହକର୍ତ୍ତା, ନାଗରିକ, ସମ୍ପଦଶାଳୀ ମଣିଷ, ଜାଗତିକ ମଣିଷ କିମ୍ବା ଏପରିକି ସାଧାରଣ ଜ୍ଞାନଧାରୀ ମନୁଷ୍ୟ ବୋଲି କହିଛନ୍ତି, ସେସମସ୍ତ ହିଁ ତାଙ୍କର ଚରିତ୍ରକୁ ନେଇ କୁହାଯାଇଛି । ତାଙ୍କୁ କହିବାକୁ ହେବ କିମ୍ବା ମୃତ୍ୟୁଭୋଗ କରିବାକୁ ହେବ ଏବଂ ଯଦିଓ ସେ ମୃତ୍ୟୁଭୋଗ କରିବା ଉଚିତ୍ ତଥାପି ସେ କହିବେ । ତାଙ୍କର କୌଣସି ବିଶ୍ରାମ ନ ଥିଲା ମାତ୍ର ଦେଶ ଓ ସମୁଦ୍ର ଦେଇ, ପାର୍ବତ୍ୟ ଉପତ୍ୟକା ଏବଂ ପଥହୀନ ମରୁପ୍ରାନ୍ତର ଦେଇ ଏଣେତେଣେ ଘୁରି ବୁଲିବାକୁ ହେଉଥିଲା । ସେ ଉଚ୍ଚସ୍ୱରରେ ଚିତ୍କାର କରୁଥିଲେ ଏବଂ ଅତ୍ୟଧିକଭାବରେ ନୁହେଁ ଏବଂ ସେ ଏଥିରୁ ନିବାରିତ ହେଉ ନ ଥିଲେ । ବନ୍ଦୀଗୃହଗୁଡ଼ିକରେ ସେ ତାଙ୍କର ସ୍ୱର ଉତ୍ତୋଳନ କରୁଥିଲେ ଏବଂ ସାଗରର ତୋଫାନଗୁଡିକ ମଧ୍ୟରେ ବି ନୀରବ ନ ଥିଲେ । ଭୟୋତ୍ପାଦକ ବିଚାରସଭା ଏବଂ ସିଂହାସନ ଅଧିଷ୍ଠିତ ରାଜାମାନଙ୍କର ସମ୍ମୁଖରେ ସେ ସତ୍ୟ ସପକ୍ଷରେ ସାକ୍ଷ୍ୟ ପ୍ରଦାନ କରୁଥିଲେ । କୌଣସି ବିଷୟ ତାଙ୍କର ସ୍ୱରର ତୃଷାକୁ ମେଣ୍ଟାଇ ପାରିବ ନାହିଁ ମାତ୍ର ମୃତ୍ୟୁ, ଏବଂ ଏପରିକି ମୃତ୍ୟୁର ଚୁକ୍ତିପତ୍ରରେ ଛୁରୀକାଟି ତାଙ୍କ ଶରୀରରୁ ତାଙ୍କର ମସ୍ତକକୁ ପୃଥକ୍ କରିଦେବା ପୂର୍ବରୁ, ସେ ପ୍ରାର୍ଥନା କରନ୍ତି, ସେ ପ୍ରମାଣିତ କରନ୍ତି, ସେ ସ୍ୱୀକାର କରନ୍ତି, ସେ ମିନତି କରନ୍ତି, ସେ ବିପ୍ଳବ କରନ୍ତି ଏବଂ ଦୂରରୁ ନିଷ୍ଠୁର ବ୍ୟକ୍ତିମାନଙ୍କ ନିମନ୍ତେ ଆଶୀର୍ବାଦ କରନ୍ତି'' ।

ଈଶ୍ୱରଙ୍କର ଅନ୍ୟ ଲୋକମାନେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଏହିପରି ସମାନ ପ୍ରଜ୍ୱଳିତ ଆକାଂକ୍ଷା ପ୍ରଦର୍ଶନ କରିଛନ୍ତି ।

ସି.ଟି. ଷ୍ଟଡ୍ ଥରେ ଲେଖିଥିଲେ :

ଗୀର୍ଜାଘର ଧ୍ୱନି ଅବା ଘଣ୍ଟା ଶବ୍ଦ ପାଶେ
ଆଶ୍ରୟ ଖୋଜନ୍ତି କେହି
ମାତ୍ର ମୁଁ ଖୋଜୁଛି ସୁରକ୍ଷା ଗୃହଟେ
ନର୍କ ନିକଟକୁ ଧାଇଁ ।

ଏବଂ ଆକସ୍ମିକ ଭାବେ, ଏହା ଜଣେ ନାସ୍ତିକଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧ ଥିଲା ଯାହାକି ଷ୍ଟଡ୍‌ଙ୍କୁ ତାଙ୍କର ସମସ୍ତ କିଛି ବିଷୟ ଉତ୍ସର୍ଗ କରିଦେବାକୁ ଉଦ୍ଦୀପ୍ତ କରିଥିଲା :

ଯଦି ମୁଁ ଦୃଢ଼ରୂପେ ବିଶ୍ୱାସ କରିଅଛି, ଯେପରି ଲକ୍ଷ ଲକ୍ଷ ଲୋକ ସେମାନେ ବିଶ୍ୱାସ କରିଥିବା ବିଷୟ କହନ୍ତି ଯେ, ଏହି ଜୀବନରେ ଧର୍ମ ସମ୍ବନ୍ଧୀୟ ଜ୍ଞାନ ଏବଂ ଅଭ୍ୟାସ ପରଜୀବନର ସୌଭାଗ୍ୟକୁ ପ୍ରଭାବିତ କରିଥାଏ, ତେବେ ମୋ ନିମନ୍ତେ ଧର୍ମ ହିଁ ସବୁକିଛି । ମୁଁ ଜାଗତିକ ସୁଖସମ୍ଭୋଗକୁ ବର୍ଜିତ ମଇଳା ଭାବରେ ଫିଙ୍ଗିଦେବି, ଜାଗତିକ ସେବାଯତ୍ନକୁ ନିର୍ବୋଧତା ରୂପେ ଫିଙ୍ଗିଦେବି, ଏବଂ ଜାଗତିକ ଚିନ୍ତା ଓ ଚେତନା ସବୁକୁ ଅସାର ବିଷୟ ରୂପେ ଫିଙ୍ଗିଦେବି । ଧର୍ମ ହିଁ ହେବ ମୋର ପ୍ରଥମ ଜାଗ୍ରତ ଚିନ୍ତା, ଏବଂ ନିଦ୍ରା ମୋତେ ଅବଚେତନରେ ବୁଡ଼ାଇ ଦେବା ପୂର୍ବରୁ ମୋର ଶେଷ ପ୍ରତିଛବି । ମୁଁ କେବଳ ଏଥିନିମନ୍ତେ ହିଁ ଶ୍ରମ କରିବି । ଆସନ୍ତା କାଲିର ଚିରନ୍ତନ ସତ୍ୟ ଚିନ୍ତା ହିଁ ମୁଁ କେବଳ ଗ୍ରହଣ କରିବି । ଗୋଟିଏ ପ୍ରାଣର ସ୍ୱର୍ଗପ୍ରାପ୍ତି ନିମନ୍ତେ ଜୀବନଟିଯାକ ଦୁଃଖ ଯନ୍ତ୍ରଣାକୁ ମୁଁ ସାଦରେ ଗ୍ରହଣ କରିବି । ଜାଗତିକ ପରିଣାମସବୁ କଦାପି ମୋର ହସ୍ତରୁଦ୍ଧ କରିପାରିବ ନାହିଁ କିମ୍ବା ମୋର ଓଷ୍ଠାଧାରକୁ ମୁଦ୍ରିତ କରି ପାରିବ ନାହିଁ । ଜଗତ, ଏହାର ଆନନ୍ଦ ଏବଂ ଉପହାରସବୁ, ମୋ ଚିନ୍ତାରେ କୌଣସି ମୁହୂର୍ତ୍ତ ଧାରଣ ହୋଇପାରିବ ନାହିଁ । ମୁଁ କେବଳ ଚିରନ୍ତନତା ନିମନ୍ତେ ପ୍ରାଣପଣ କରିବି, ଏବଂ ମୋ ଚତୁଃପାର୍ଶ୍ୱରେ ରହିଥିବା ଅମରଣଶୀଳ ପ୍ରାଣଗୁଡିକ ନିମନ୍ତେ ପ୍ରାଣପଣ କରିବି, ଅତିଶୀଘ୍ର ଚିରଦିନ ପାଇଁ ଆନନ୍ଦିତ କିମ୍ବା ଦୁଃସ୍ଥ ହୋଇ ରହିବାକୁ । ମୁଁ ଜଗତ ନିକଟକୁ ଯିବି ଏବଂ ସମୟରେ ହେଉ ଓ ଅସମୟରେ ହେଉ ପ୍ରଚାର କରିବି ଏବଂ ମୋର ମୂଳବାକ୍ୟ ହେବ; **ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ହେବ ?**

'ଜନ୍ ୱେସ୍‌ଲୀ ଜଣେ ଉଦ୍‌ଯୋଗୀ ମନୁଷ୍ୟ ଥିଲେ । ସେ କହିଥିଲେ, ''ମୋତେ ଏକଶହ ବ୍ୟକ୍ତିଙ୍କୁ ଦିଅ ଯେଉଁମାନେ କି ସେମାନଙ୍କର ସମସ୍ତ ହୃଦୟ ସହ ଇଶ୍ୱରଙ୍କୁ ପ୍ରେମ କରନ୍ତି ଏବଂ ଅନ୍ୟ କୌଣସି ବିଷୟକୁ ନୁହେଁ ମାତ୍ର ପାପକୁ ଭୟ କରନ୍ତି, ଏବଂ ମୁଁ ଜଗତଟାକୁ ପରିବର୍ତ୍ତନ କରିଦେବି'' ।

'ଜିମ୍ ଏଲିୟଟ୍' ଇକ୍ୟାଡର୍‌ର ଶହୀଦ, ଖ୍ରୀଷ୍ଟଙ୍କ ନିମନ୍ତେ ଏକ ଉଜ୍ଜ୍ୱଳ ବତୀଶିଖା ସଦୃଶ ଥିଲେ । ଏକଦା ସେ ଏହି ବାକ୍ୟକୁ ଧ୍ୟାନ କରୁଥିବା ବେଳେ, ''ସେ ଆପଣା ସେବକମାନଙ୍କୁ ଅଗ୍ନିର ଶିଖାସ୍ୱରୂପ କରନ୍ତି'' (ଏବ୍ରୀ ୧ : ୭) । ସେ ତାଙ୍କ ଡାଏରୀରେ ଏହା ଲେଖିଥିଲେ :

> ମୁଁ ଜ୍ୱଳନଶୀଳ କି ? ''ଅନ୍ୟସବୁ ବିଷୟର'' ଭୟାନକ ପରିଣାମରୁ ଇଶ୍ୱର ମୋତେ ରକ୍ଷା କର । ମୋତେ ଆତ୍ମାଙ୍କ ତୈଳରେ ପରିପୂର୍ଣ୍ଣ କର ଯେପରିକି ମୁଁ ଶିଖାଟିଏ ହୋଇପାରିବି । କିନ୍ତୁ ଶିଖା ତ କ୍ଷଣସ୍ଥାୟୀ, ପ୍ରାୟତଃ ସଂକ୍ଷିପ୍ତ ଜୀବନ କାଟେ । ତୁମେ କ'ଣ ଏହାକୁ ବହନ କରି ପାରିବ ନାହିଁ, ମୋର ପ୍ରାଣକୁ-କ୍ଷୀଣ ଜୀବନକୁ ? ମୋ ମଧ୍ୟରେ ମହାନ୍ କ୍ଷୀଣ-ଜୀବନକାଳ ଅତିବାହିତକାରୀଙ୍କର ଆତ୍ମା ବାସ କରୁଛି, ଯାହାଙ୍କର ଇଶ୍ୱରଙ୍କ ଗୃହ ନିମନ୍ତେ ଉଦ୍‌ଯୋଗ ତାହାଙ୍କୁ ଗ୍ରାସ କରିଥିଲା, ''ମୋତେ ତାହାଙ୍କ ଇନ୍ଧନ, ଇଶ୍ୱରଙ୍କ ଶିଖା କରିଦିଅ ।''

'ଆମି କାର୍ମିକେଲ୍‌ଙ୍କର ଏକ ଉତ୍ସାହପୂର୍ଣ୍ଣ କବିତାରୁ ଏହି ଶେଷ ଧାଡ଼ିଟି ଉଦ୍ଧୃତ କରାଯାଇଛି । ଏହା କମ୍ ଆଶ୍ଚର୍ଯ୍ୟର ବିଷୟ ଯେ ''ଜିମ୍ ଏଲିୟଟ୍'' ଏଇଥିରୁ ହିଁ ପ୍ରେରଣା ପ୍ରାପ୍ତ ହୋଇଥିଲେ :

ପ୍ରାର୍ଥନାରେ ରଖେ ନିବେଦନ ମୁଁ ଯେ
ଆଶ୍ରା ପାଇବାକୁ ତୁମରିଠାରେ
ଭୟର ଝଡ଼ରେ ଭୀତତ୍ରସ୍ତ ଯେବେ
ଭରସା କେବଳ ତୁମ ବାହୁରେ
ତୁମେ ମୋର ଦୁର୍ଗ, ସୁଉଚ୍ଚ ପର୍ବତ
ଦୂରରୁ ଯେ ମୋତେ ଠାରୁଛ ହାତ
ସୈନିକ ମୁଁ ତୁମ ରାଜ୍ୟର ନିମନ୍ତେ
ଧାର୍ମିକତା ପାଇଁ ମୁଁ ସମର୍ପିତ ।

ତୁମ କୋମଳ ହସ୍ତର ରୋମାଞ୍ଚ ସ୍ପର୍ଶରେ
ଶତଭୟ ମୋର ଯାଏ ଦୂରେଇ
ମୋ ହୃଦୟେ ତୁମ ଆତ୍ମା ଭରିଥିଲେ
ଜଗତର ମୋହ ଯାଏ ଦୂରେଇ
କ୍ରୁଶ ଆଡେ ଚକ୍ଷୁ ଥରୁଟେ ଉଠିଲେ
କାଲଭରୀ ପଥେ ତୁମକୁ ଚାହେଁ
ବୁନ୍ଦା କେତେ ଗୋଟି ରୁଧିର ଝରୁଛି
ଆଜି ବି ତୁମର କାହାଣୀ କହେ ।

ତୁମର ସେହି ମହାନ୍ ପ୍ରେମର
ଛିଟାଟିଏ ଦେଇ କର ଆଶୀଷ
ସେହି ବିଶ୍ୱାସ ଓ ଆଶାର ଆଲୋକ
ଶିଖାଟିଏ ଦେଇ କର ଆଶୀଷ
ଜଳିବାକୁ ମୁଁ ଯେ ପାରନ୍ତି ହେ ପ୍ରଭୁ
ତୁମରି ନିମିତ୍ତ ଆତୁର ମନେ
ଗଢ଼ିଦିଅ ମୋତେ ଇନ୍ଧନ କରି
ଲାଗିବି ତୁମର ପ୍ରୟୋଜନରେ ।

ବିଂଶ ଶତାବ୍ଦୀରେ ମଣ୍ଡଳୀ ପ୍ରତି ଅପମାନର କାରଣ ହେଉଛି ଯେ ସାମ୍ୟବାଦୀ ଏବଂ ଧର୍ମାନ୍ଧମାନଙ୍କ ନିକଟରେ ଖ୍ରୀଷ୍ଟବିଶ୍ୱାସୀମାନଙ୍କ ତୁଳନାରେ ଅଧିକ ଉଦ୍‌ଯୋଗ ସୁସ୍ପଷ୍ଟ ହୋଇଥିଲା ।

୧୯୦୩ ରେ ଜଣେ ବ୍ୟକ୍ତି ତାଙ୍କର ୧୨ଜଣ ଅନୁଗାମୀମାନଙ୍କୁ ନେଇ ପୃଥିବୀ ଉପରେ ତାଙ୍କର ଆକ୍ରମଣ ଆରମ୍ଭ କରିଦେଇଥିଲେ । ତାଙ୍କର ନାମ ଲେନିନ୍ ଥିଲା । ୧୯୧୮ ବେଳକୁ, ତାଙ୍କ ଦଳର ସଂଖ୍ୟା ୪୦, ୦୦୦କୁ ବଢ଼ି ଯାଇଥିଲା ଏବଂ ସେହି ୪୦,୦୦୦ ବ୍ୟକ୍ତିଙ୍କୁ ନେଇ ଋଷର ୧୬୦ ନିୟୁତ ଲୋକଙ୍କର ନିୟନ୍ତ୍ରଣ ହାସଲ କରିଥିଲେ । ଏହି ଅଭିଯାନ ଅବ୍ୟାହତ ରହି ଆସିଛି ଏବଂ ବର୍ତ୍ତମାନ ଏହା ପୃଥିବୀର ତିନିଭାଗରୁ ଏକଭାଗ ଲୋକଙ୍କୁ ନିୟନ୍ତ୍ରଣ କରୁଛି । ହୁଏତ ସେମାନଙ୍କର ନୀତିକୁ ଅନେକେ ବିରୋଧ କରିପାରନ୍ତି, କିନ୍ତୁ କେହିଜଣେ ସେମାନଙ୍କର ଉଦ୍‌ଯୋଗକୁ ପ୍ରଶଂସା କରିବାରେ ସାହାଯ୍ୟ କରିପାରିବ ନାହିଁ ।

ଅନେକ ଖ୍ରୀଷ୍ଟବିଶ୍ୱାସୀ ଦୃଢ଼ଭାବେ ଅପମାନିତ ବୋଧ କଲେ ଯେତେବେଳେ ବିଲିଗ୍ରାହାମ୍ ପ୍ରଥମେ ଏହି ନିମ୍ନଲିଖିତ ପତ୍ରଟି ପାଠ କଲେ, ଯାହାକି ଆମେରିକାର ଜଣେ କଲେଜ ଛାତ୍ର ଲେଖିଥିଲା, ଯିଏ କି ମେକ୍ସିକୋରେ ସାମ୍ୟବାଦକୁ ପରିବର୍ତ୍ତିତ ହୋଇସାରିଥିଲା । ତାହାର ପ୍ରେମିକାକୁ ଏହା ବୁଝାଇବାକୁ ଯାଇ ସେ ଲେଖିଥିଲା ଯେ, ତାହାର ନିର୍ବନ୍ଧରେ ସେ କୌଣସି ପ୍ରତିବନ୍ଧକ ଆଣିବାରେ କୌଣସି କାରଣ ନାହିଁ :

ଆମ ସାମ୍ୟବାଦୀମାନଙ୍କ ଆକସ୍ମିକ ବିପ୍ଳାତ ହାର ଖୁବ୍ ଅଧିକ । ଆମେ ହିଁ ସେହିମାନେ ଅଟୁ ଯାହାଙ୍କୁ ଗୁଳି କରାଯାଏ ଏବଂ ଫାଶୀ ଦିଆଯାଏ ଏବଂ ମାଟିତଳେ ପୋତି ଦିଆଯାଏ ଏବଂ ନିର୍ବାସନ ଦଣ୍ଡ ଦିଆଯାଏ ଏବଂ ହାତଗୋଡ କାଟିଦିଆଯାଏ ଏବଂ ଜେଲ୍‌କୁ ପଠାଯାଏ ଏବଂ ଅପବାଦ ଦିଆଯାଏ ଏବଂ ପରିହାସ କରାଯାଏ ଏବଂ ଚାକିରୀରୁ ବିତାଡ଼ିତ କରାଯାଏ ଏବଂ ଅନ୍ୟସମସ୍ତ ଉପାୟସବୁ ଯେତେ ଅଧିକ ଯନ୍ତ୍ରଣା ଆଣିପାରିବ ତାହାସବୁ ଆମ ନିମନ୍ତେ କରାଯାଏ । ଆମ ମଧ୍ୟରୁ ଏକ ନିର୍ଦ୍ଦିଷ୍ଟ ହାରର ଲୋକମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଏ କିମ୍ବା ଆଜୀବନ କଏଦୀ ରଖାଯାଏ । ଆମେ ବସ୍ତୁଗତ ଦାରିଦ୍ରତାରେ ବାସ କରୁ । ଆମର ପ୍ରତ୍ୟେକଟି ସଞ୍ଚିତ ମୁଦ୍ରାସହ ଆମେ ଆମ ଦଳ ନିକଟକୁ ଫେରିଆସ ଯାହାକୁ କି ଆମେ ସବୁଠାରୁ ଶ୍ରେଷ୍ଠସ୍ଥାନ ଦେଇଛୁ ଏବଂ ଯାହାକି ଆମକୁ ଜୀବିତ ରଖିବା ନିମନ୍ତେ ନିତାନ୍ତ ପ୍ରୟୋଜନ । ଆମ ସାମ୍ୟବାଦୀମାନଙ୍କର ଚଳଚିତ୍ରଗୁଡ଼ିକ ନିମନ୍ତେ, ସଂଗୀତବାଦ୍ୟ ନିମନ୍ତେ, ସୁସ୍ୱାଦୁ ମାଂସ ଭୋଜନ ନିମନ୍ତେ, ଚାକଚକ୍ୟ ଗୃହ ଏବଂ ନୂତନ ମୋଟର ଗାଡିଗୁଡ଼ିକ ନିମନ୍ତେ ଅର୍ଥ ବା ସମୟ ନାହିଁ । ଆମକୁ ଧର୍ମାନ୍ଧ ବ୍ୟକ୍ତି ବୋଲି ଅଭିହିତ କରାଯାଏ । ଆମେ ଧର୍ମାନ୍ଧ ଅଟୁ । ଆମମାନଙ୍କର ଜୀବନ ଏକ ମହାନ୍ ଛାୟାବୃତ୍ତ ଉତ୍ପାଦକ ଦ୍ୱାରା ଅଧିକୃତ ହୋଇଛି;

'ବିଶ୍ୱ ସାମ୍ୟବାଦ ନିମନ୍ତେ ସଂଗ୍ରାମ' । ଆମ ସାମ୍ୟବାଦୀମାନଙ୍କର ଜୀବନର ଏକ ଦର୍ଶନ ରହିଛି ଯାହାକୁ କୌଣସି ପରିମାଣର ଅର୍ଥ କ୍ରୟ କରି ପାରିବ ନାହିଁ । ଆମର ସଂଗ୍ରାମ, ନିମନ୍ତେ ଏକ କାରଣ ରହିଛି, ଜୀବନରେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ । ଆମେ ଆମର ନଗଣ୍ୟତାକୁ ଅଧୀନସ୍ଥ କରୁ, ବ୍ୟକ୍ତିସତ୍ତାକୁ ଏକ ମହାନ୍ ମାନବିକ ଅଭିଯାନ ନିମନ୍ତେ ଅଧୀନସ୍ଥ କରୁ ଏବଂ ଯଦି ଆମର ବ୍ୟକ୍ତିଗତ ଜୀବନ କଠିନ ବୋଧହୁଏ, କିମ୍ବା ଆମର

ଅହଂକାର ଦଳର ଅଧୀନସ୍ଥ ହେବା ମାଧ୍ୟମରେ ଯନ୍ତ୍ରଣା ଭୋଗ କରେ ତେବେ ଆମେ ପୂର୍ଣ୍ଣମାତ୍ରାରେ ଏହି ଚିନ୍ତାଧାରା ଦ୍ୱାରା ସାନ୍ତ୍ୱନାପ୍ରାପ୍ତ ହେଉ ଯେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ନିଜ କ୍ଷୁଦ୍ର ପଥରେ ରହି ମନୁଷ୍ୟଜାତି ନିମନ୍ତେ କିଛି ନୂତନ ଏବଂ ସତ୍ୟ ଏବଂ ସତ୍ୟ ଏବଂ ଉତ୍ତମ ବିଷୟ ଅଂଶଦାନ କରୁଛନ୍ତି । ସେଥିରେ ଗୋଟିଏ ବିଷୟ ରହିଛି ଯେଉଁଥିରେ କି ମୁଁ ମୃତ୍ୟୁପର୍ଯ୍ୟନ୍ତ ଉତ୍ସୁକ ଏବଂ ତାହା ହିଁ ସାମ୍ୟବାଦୀର ମୂଳ କାରଣ । ଏହା ହିଁ ହେଉଛି ମୋର ଜୀବନ, ମୋର ବ୍ୟବସାୟ, ମୋର ଧର୍ମ, ମୋ ପ୍ରିୟ ବିଷୟ, ମୋର ମଧୁର ହୃଦୟ, ମୋର ପତ୍ନୀ ଏବଂ ଶିକ୍ଷୟିତ୍ରୀ, ମୋର ରୋଟି ଏବଂ ମାଂସ । ମୁଁ ଦିବସରେ ଏଥିରେ କାର୍ଯ୍ୟକରେ ଏବଂ ରାତ୍ରୀରେ ଏହା ବିଷୟରେ ସ୍ୱପ୍ନ ଦେଖେ । ଏହାର ଦୃଢ଼ତା ମୋ ଉପରେ ବୃଦ୍ଧିପାଏ, ସମୟ ଅତିବାହିତ ହେବା ସହ ଏହା ହ୍ରାସ ପାଏନା । ତେଣୁକରି, ମୁଁ ଏକ ବନ୍ଧୁତ୍ୱ ଚାଲୁ ରଖିପାରିବି ନାହିଁ, ଏକ ପ୍ରେମ୍ ସମ୍ପର୍କ ଚାଲୁ ରଖିପାରିବି ନାହିଁ, କିମ୍ବା ଏକ ବାର୍ତ୍ତାଳାପ ଜାରି ରଖି ପାରିବି ନାହିଁ ଏହି ଶକ୍ତି ସହ ଜଡ଼ିତ ନ ହୋଇ ଯାହାକି ମୋର ଜୀବନକୁ ଗତି କରାଏ ଏବଂ ପଥ ନିର୍ଦ୍ଦେଶ କରେ । ମୁଁ ବ୍ୟକ୍ତିମାନଙ୍କୁ, ପୁସ୍ତକଗୁଡିକୁ, ଚିନ୍ତାଧାରା ଏବଂ କାର୍ଯ୍ୟକଳାପସବୁକୁ ସେସମସ୍ତ କିଭଳି ଭାବରେ ସାମ୍ୟବାଦକୁ ପ୍ରଭାବିତ କରୁଛନ୍ତି ଏବଂ ସେମାନଙ୍କର ଏହାପ୍ରତି ଆଚରଣ କିପରି ସେହି ଦୃଷ୍ଟିରୁ ମୂଲ୍ୟ ନିରୂପଣ କରେ । ମୋର ଧାରଣାଗୁଡିକ ହେତୁରୁ ମୁଁ କାରାଗାରରେ ରହିଆସିଅଛି ଏବଂ ଯଦି ଆବଶ୍ୟକହୁଏ, ମୁଁ ଏକ ଗୋଳାବର୍ଷଣକାରୀ ସେନାଦଳ ସମ୍ମୁଖକୁ ଯିବାକୁ ମଧ୍ୟ ପ୍ରସ୍ତୁତ ଅଛି ।

ଯଦି ସାମ୍ୟବାଦୀମାନେ ସେମାନଙ୍କ କାରଣ ପାଇଁ ଏହିପରି ଭାବେ ଉତ୍ସର୍ଗୀକୃତ ହୋଇ ପାରୁଛନ୍ତି, ତେବେ ଖ୍ରୀଷ୍ଟବିଶ୍ୱାସୀମାନେ କେତେ ଅଧିକ ପରିମାଣରେ ପ୍ରେମରେ, ଆହ୍ଲାଦିତ ଉତ୍ସର୍ଗରେ ସେମାନଙ୍କର ଗୌରବମୟ ପ୍ରଭୁଙ୍କ ନିମନ୍ତେ ନିଜ ନିଜକୁ ଢ଼ାଳିଦେବା ଉଚିତ୍ । ନିଶ୍ଚିତ ଭାବରେ ଯଦି ପ୍ରଭୁ ଯୀଶୁ ଯଦି କୌଣସି ବିଷୟ ପାଇଁ ଯୋଗ୍ୟ ଅଟନ୍ତି, ତେବେ ସେ ସମସ୍ତ ବିଷୟ ପାଇଁ ଯୋଗ୍ୟ ଅଟନ୍ତି, ''ଯଦି ସମସ୍ତଭାବେ ଖ୍ରୀଷ୍ଟିୟ ବିଶ୍ୱାସ ପ୍ରକୃତ ବିଶ୍ୱାସନୀୟ, ତେବେ ସାହସୀକତାର ସହ ଏହା ବିଶ୍ୱାସନୀୟ ଅଟେ''- ଫିଣ୍ଡଲେ ।

ଯଦି ଈଶ୍ୱର ବାସ୍ତବରେ ଖ୍ରୀଷ୍ଟଙ୍କଠାରେ କିଛି ସାଧନ କରିଛନ୍ତି ଯାହା ଉପରେ କି ଜଗତର ପରିତ୍ରାଣ ନିର୍ଭର କରେ, ଏବଂ ଯଦି ସେ ଏହାକୁ

ପ୍ରକାଶ କରିଛନ୍ତି, ତେବେ ଏହା ହିଁ ହେଉଛି ଏକ ଖ୍ରୀଷ୍ଟିୟ କର୍ତ୍ତବ୍ୟ ଯାହାକି ଏହାକୁ ଏଡାଇ ଦେଉଥିବା, ଅସ୍ୱୀକାର କରୁଥିବା କିମ୍ବା ଏହାକୁ ଅପପ୍ରଚାର କରୁଥିବା ସମସ୍ତ ବିଷୟ ପ୍ରତି ଅସହନଶୀଳ ହୋଇ ଉଠିବା- 'ଜେମ୍‌ସ୍ ଡିନେ' ।

ଈଶ୍ୱର ସେହି ବ୍ୟକ୍ତିମାନଙ୍କୁ ବାଞ୍ଛା କରନ୍ତି ଯେଉଁମାନେ କି ସଂପୂର୍ଣ୍ଣଭାବରେ ପବିତ୍ରାତ୍ମାଙ୍କ ନିୟନ୍ତ୍ରଣକୁ ଆସିଅଛନ୍ତି । ସେହି ବ୍ୟକ୍ତିମାନେ ଅନ୍ୟମାନଙ୍କ ନିକଟରେ ଏପରି ଜଣାଯିବେ ଯେପରିକି ସେମାନେ ମଦ୍ୟପାନ କରିଛନ୍ତି, କିନ୍ତୁ ଯେଉଁମାନେ ଉତ୍ତମ ରୂପେ ଜାଣନ୍ତି ସେମାନେ ହୃଦୟଙ୍ଗମ କରିବେ ଯେ, ସେମାନେ ''ଏକ ଗଭୀର, ଅପରିମିତ, ଗତିଶୀଳ, ସଦା-ଅପରିତୃପ୍ତ ଈଶ୍ୱରଙ୍କ ନିମିତ୍ତ ତୃଷାରେ'' ପରିଚାଳିତ ହେଉଛନ୍ତି ।

ଆସନ୍ତୁ ପ୍ରତ୍ୟେକ ନିଜ ଜୀବନରେ ଉଦ୍‌ଯୋଗର ପ୍ରୟୋଜନୀୟତାକୁ ହୃଦୟରେ ବୁଝି ତାଙ୍କ ଶିଷ୍ୟ ହେବା । ପ୍ରତ୍ୟେକ 'ବିଶପ୍ ର୍ୟାଲେ' ଦେଇଥିବା ବର୍ଣ୍ଣନାକୁ ପୂରଣ କରିବା ନିମନ୍ତେ ଅଭିଳାଷ କରନ୍ତୁ ।

ଜଣେ ଧର୍ମରେ ଅତ୍ୟୁତ୍ସାହି ବ୍ୟକ୍ତି ହେଉଛି ସର୍ବୋତ୍କୃଷ୍ଟ ଭାବେ 'ଗୋଟିଏ ବିଷୟର ବ୍ୟକ୍ତି' । ଏହା କହିବା ଅଧିକ ନୁହେଁ ଯେ, ସେ ଜଣେ ଉତ୍ସୁକ, ହୃଦୟବାନ୍, ଅମୀମାଂସନୀୟ, ଟିକ୍‌ନିଖ୍-ଅବଗତ, ପୂର୍ଣ୍ଣହୃଦୟୀ, ଆତ୍ମାରେ ଉତ୍ତପ୍ତ । ସେ କେବଳ ଗୋଟିଏ ବିଷୟ ଦେଖେ, ସେ କେବଳ ଗୋଟିଏ ବିଷୟ ପ୍ରତି ଯତ୍ନବାନ୍, ସେ ଗୋଟିଏ ବିଷୟ ପ୍ରତି ଜୀବନଯାପନ କରେ, ସେ ଗୋଟିଏ ବିଷୟରେ ହିଁ ବିଶ୍ୱସ୍ତ, ଏବଂ ସେହି ଗୋଟିଏ ବିଷୟ ହେଉଛି ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା । ସେ ବଞ୍ଚୁ ବା ସେ ମରୁ, - ତା' ନିକଟରେ ସ୍ୱାସ୍ଥ୍ୟ ଥାଉ, ବା ରୁଗଣତା ଥାଉ- ସେ ଧନୀହେଉ, ବା ସେ ଦରିଦ୍ର ହେଉ- ସେ ମନୁଷ୍ୟଙ୍କୁ ତୁଷ୍ଟ କରୁ ବା ଅପମାନିତ କରୁ- ସେ ବିଜ୍ଞ ଚିନ୍ତା କରୁ, ବା ସେ ନିର୍ବୋଧ ଚିନ୍ତା କରୁ- ସେ ନିନ୍ଦାପ୍ରାପ୍ତ ହେଉ, ବା ପ୍ରଶଂସା ପ୍ରାପ୍ତ ହେଉ- ସେ ସମ୍ମାନପ୍ରାପ୍ତ ହେଉ, ବା ସେ ଲଜ୍ଜ୍ୟାପ୍ରାପ୍ତ ହେଉ, - ଏହି ସମସ୍ତ ବିଷୟ ନିମନ୍ତେ ସେହି ଅତ୍ୟୁତ୍ସାହୀ ବ୍ୟକ୍ତିଟି ମନୋଯୋଗୀ ନୁହେଁ । ସେ ଗୋଟିଏ ବିଷୟ ନିମନ୍ତେ ପ୍ରଜ୍ୱଳିତ ହୁଏ, ଏବଂ ସେହି ଗୋଟିଏ ବିଷୟ ହେଉଛି ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଏବଂ ଈଶ୍ୱରଙ୍କର ଗୌରବ ବୃଦ୍ଧି କରିବା । ସେ ଯଦି ଅତ୍ୟନ୍ତ ଜ୍ୱଳନରେ ପ୍ରଜ୍ୱଳିତ ହୁଏ, ସେ ଏଥିପ୍ରତି ଖାତିର୍ କରେନି - ସେ ସନ୍ତୁଷ୍ଟ ଅଟେ । ବତୀଟିଏ ପରି, ସେ ଅନୁଭବ କରେ ଯେ, ସେ ପ୍ରଜ୍ୱଳିତ

[1]PRACTICAL RELIGION, London; James Clarke & Co., Ltd., 1959, P. 130

ହେବାକୁ ସୃଷ୍ଟ; ଏବଂ ଯଦି ଜ୍ୱଳନରେ ସେ ପ୍ରଜ୍ୱଳିତ ହୁଏ, ତାହାକୁ ନିଯୁକ୍ତ କରିଥିବା କାର୍ଯ୍ୟ ସେ ସମ୍ପାଦନ କରିଛି ବୋଲି ଅନୁଭବ କରେ । ଏହିପରି ବ୍ୟକ୍ତିଟି ସର୍ବଦା ତାର ଉଦ୍‌ଯୋଗ ନିମନ୍ତେ ଏକ କର୍ମକ୍ଷେତ୍ର ପ୍ରାପ୍ତ ହୁଏ । ଯଦି ସେ ପ୍ରଚାର କରିପାରେନା, କାର୍ଯ୍ୟ କରି ପାରେନା ଏବଂ ଅର୍ଥଦାନ କରିପାରେନା, ତେବେ ସେ କ୍ରନ୍ଦନ କରିବ, ଖେଦ ଅନୁଭବ କରିବ ଏବଂ ପ୍ରାର୍ଥନା କରିବ । ହଁ : ସେ ଯଦି କେବଳ ଜଣେ କାଙ୍ଗାଳ ଅଟେ, ଅସୁସ୍ଥତାର ଏକ ଚିରସ୍ଥାୟୀ ଶଯ୍ୟା ଉପରେ, ଏହା ବିରୁଦ୍ଧରେ ଅବିଚ୍ଛିନ୍ନ ମଧ୍ୟସ୍ଥି ହୋଇ, ତା'ର ଚତୁଃପାର୍ଶ୍ୱର ପାପ ରୂପକ ଟିକସବୁକୁ ଖୁବ୍ ଜୋର୍‌ରେ ସେ ଚାଳନା କରିବ । ଯଦି ସେ ଯିହୋଶୂୟଙ୍କ ସହ ଉପତ୍ୟକାରେ ଯୁଦ୍ଧ କରି ନ ପାରେ, ସେ ମୋଶାଙ୍କର କାର୍ଯ୍ୟ, ହାରୋଣଙ୍କର କାର୍ଯ୍ୟ ଏବଂ ହୁର୍‌ଙ୍କର କାର୍ଯ୍ୟକୁ ପର୍ବତ ଉପରେ କରିବ (ଯାତ୍ରା ୧୭ : ୧୯-୧୩) । ଯଦି ସେ ନିଜକୁ କାର୍ଯ୍ୟରୁ ବିରତ କରେ, ତେବେ ଅନ୍ୟଭାଗରୁ ସାହାଯ୍ୟ ଉତ୍ତୋଳିତ ନ ହେବା ପର୍ଯ୍ୟନ୍ତ ସେ ଈଶ୍ୱରଙ୍କୁ ବିଶ୍ରାମ ଦେବ ନାହିଁ । ଏହାହିଁ ହେଉଛି ମୋର ଧାରଣା ଯେତେବେଳେ ଧର୍ମରେ ''ଉଦ୍‌ଯୋଗ'' ସମ୍ବନ୍ଧରେ ମୁଁ କହିଥାଏ ।

## ବିଶ୍ୱାସ

ଜୀବନ୍ତ ଈଶ୍ୱରଙ୍କ ଉପରେ ପ୍ରଗାଢ଼ ଏବଂ ଅସଂଶୟିତ ବିଶ୍ୱାସ ବିନା କୌଣସି ପ୍ରକୃତ ଶିଷ୍ୟତ୍ୱ ହୋଇ ପାରେନା । ଯେ କେହି ଈଶ୍ୱରଙ୍କ ନିମନ୍ତେ ଆପଣାର ସମସ୍ତ ବିଷୟ ଦେଇପାରିବ ତାହାକୁ ପ୍ରଥମେ ଈଶ୍ୱରଙ୍କୁ ନିଃସନ୍ଦେହରେ ଭରସା କରିବାକୁ ହେବ, ''ଈଶ୍ୱରଙ୍କର ସମସ୍ତ ଶକ୍ତିଶାଳୀ ଯୋଦ୍ଧାମାନେ ଯେଉଁମାନେ କି ଈଶ୍ୱରଙ୍କ ନିମନ୍ତେ ମହାନ୍ ବିଷୟସବୁ କରିଛନ୍ତି ସେମାନେ ଦୁର୍ବଳ ମନୁଷ୍ୟ ହୋଇ ରହି ଆସିଛନ୍ତି କାରଣ ସେମାନେ ଈଶ୍ୱରଙ୍କୁ ସେମାନଙ୍କ ସହିତ ରହିଥିବାର ବିବେଚନା କରିଛନ୍ତି'' - 'ହଡ୍‌ସନ୍ ଟେଲର୍' ।

ବର୍ତ୍ତମାନ, ପ୍ରକୃତ ବିଶ୍ୱାସ ସର୍ବଦା ଈଶ୍ୱରଙ୍କର କେତେକ ପ୍ରତିଜ୍ଞାକୁ ଆଧାର କରି ରହିଆସିଛି । ଈଶ୍ୱରଙ୍କର ବାକ୍ୟର କିଛି ଅଂଶ ହୋଇ ରହିଆସିଛି । ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । ବିଶ୍ୱାସୀଟି ପ୍ରଥମେ ଈଶ୍ୱରଙ୍କର କିଛି ପ୍ରତିଜ୍ଞା ବିଷୟ ପାଠ କରେ ବା ଶ୍ରବଣ କରେ । ପବିତ୍ରଆତ୍ମା ସେହି ପ୍ରତିଜ୍ଞାକୁ ଗ୍ରହଣ କରି ତାହାର ହୃଦୟ ଏବଂ ବିବେକ ମଧ୍ୟରେ ଏହାକୁ ଏକ ସ୍ୱତନ୍ତ୍ର ବ୍ୟକ୍ତିଗତ ପଥ ମାଧ୍ୟମରେ ପ୍ରୟୋଗ କରନ୍ତି ।

ଖ୍ରୀଷ୍ଟ ବିଶ୍ୱାସୀଟି ସଚେତନ ବୋଧ କରେ ଯେ, ଈଶ୍ୱର ତାହାକୁ ପ୍ରତ୍ୟକ୍ଷ ଭାବେ କଥା କହିଛନ୍ତି । ବିଶ୍ୱାସନୀୟ ଜଣଙ୍କ ପ୍ରତିଜ୍ଞା ଉପରେ ଦୃଢ଼ ଆତ୍ମପ୍ରତ୍ୟୟ ସହ, ସେ ସେହି ପ୍ରତିଜ୍ଞାକୁ ଏହା ଯେପରି ସଂପୂର୍ଣ୍ଣ ପୂରଣ ହୋଇଛି ଅଧିକ ନିଶ୍ଚିତ ଭାବେ ଏହା ବିବେଚନା କରେ, ତଥାପି ଯଦିଓ, ମନୁଷ୍ୟମାନଙ୍କ ବାକ୍ୟରେ ଏହା ଅସମ୍ଭବ ଅଟେ ।

କିମ୍ବା ବୋଧହୁଏ ଏହା ଏକ ଆଦେଶ ଅଟେ ମାତ୍ର ଏକ ପ୍ରତିଜ୍ଞା ନୁହେଁ । ବିଶ୍ୱାସ ନିମନ୍ତେ କୌଣସି ପାର୍ଥକ୍ୟ ଏଥିରେ ନାହିଁ । ଯଦି ଈଶ୍ୱର ଆଦେଶ କରନ୍ତି, ତେବେ ସେ ସକ୍ଷମ କରାନ୍ତି । ଯଦି ସେ ପିତରଙ୍କୁ ଜଳଉପରେ ଚାଲିବାକୁ ଆଦେଶ କରନ୍ତି, ତେବେ ପିତର ନିଶ୍ଚିତ ହୋଇ ପାରିବେ ଯେ ଆବଶ୍ୟକୀୟ ଶକ୍ତି ତାଙ୍କୁ ଦିଆଯିବ (ମାଥିଉ ୧୪ : ୨୮) । ଯଦି ସେ ଆମକୁ ସମସ୍ତ ପ୍ରାଣୀମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ଆଦେଶ ଦିଅନ୍ତି, ତେବେ ଆମେ ଆବଶ୍ୟକୀୟ ଅନୁଗ୍ରହ ବିଷୟରେ ନିଶ୍ଚିତ ହୋଇ ପାରିବା (ମାର୍କ ୧୬ : ୧୫) ।

ସମ୍ଭାବନାର ରାଇଜରେ ବିଶ୍ୱାସ କାର୍ଯ୍ୟକ୍ଷମ ନୁହେଁ । ତହିଁରେ ଈଶ୍ୱରଙ୍କ ନିମିତ୍ତ କୌଣସି ଗୌରବ ନାହିଁ ଯାହାକି ମାନବ ଶକ୍ତିରେ ସମ୍ଭବ । ବିଶ୍ୱାସ ଆରମ୍ଭ ହୁଏ ଯେଉଁଠାରେ ମନୁଷ୍ୟର ଶକ୍ତି ନିଶେଷ ହୁଏ । ''ସେହିଠାରେ ବିଶ୍ୱାସର ପ୍ରଦେଶ ଗଠିତ ହେବାକୁ ଆରମ୍ଭ ହୁଏ ଯେଉଁଠାରେ ସମ୍ଭାବନା ରୁଦ୍ଧ ହୁଏ ଏବଂ ଯେଉଁଠାରେ ଦର୍ଶନ ଏବଂ ଚେତନା ବିଫଳ ହୁଏ''- 'ଜର୍ଜ ମୁଲର୍ ।'

ବିଶ୍ୱାସ କହେ, ''ଯଦି ସମ୍ଭବ'' ହେଉଛି ଏକମାତ୍ର ପ୍ରତିକୂଳ ଯୁକ୍ତି ଏହା କରାଯାଇ ପାରିବ !

''ବିଶ୍ୱାସ ଈଶ୍ୱରଙ୍କୁ ଦୃଶ୍ୟପଟ୍ଟକୁ ଆଣେ, ଏବଂ ଏହାଦ୍ୱାରା ଏହା ସମ୍ପୂର୍ଣ୍ଣରୂପେ କୌଣସି ପ୍ରତିବନ୍ଧକକୁ ଜାଣେନା- ହଁ, ଏହା ଅସମ୍ଭାବନା ପ୍ରତି ବିଦ୍ରୁପ କରେ । ବିଶ୍ୱାସର ବିଚାରରେ, ଈଶ୍ୱର ହେଉଛନ୍ତି ସମସ୍ତ ପ୍ରଶ୍ନ ପ୍ରତି ଉତ୍କୃଷ୍ଟ ଉତ୍ତର- ସମସ୍ତ ପ୍ରତିବନ୍ଧକ ପ୍ରତି ଉତ୍କୃଷ୍ଟ ସମାଧାନ । ଏହା ହିଁ ସମସ୍ତଭାବେ ତାହାଙ୍କୁ ନିର୍ଦ୍ଦେଶ କରେ : ଏବଂ ତେଣୁ କରି ଏହା ବିଶ୍ୱାସ ପ୍ରତି ତିଳେବି ପ୍ରଭାବିତ କରି ପାରେନା ହୁଏତ ଏହା ଛଅ ଶହ ହଜାର (ଟଙ୍କା) କିମ୍ବା ଛଅ ଶହ ନିୟୁତ ହୋଇଥାଉ, ଏହା ଜାଣେ ଯେ ଈଶ୍ୱର ହେଉଛନ୍ତି ସର୍ବ-ସମର୍ଥ । ଏହା ତାହାର ସମସ୍ତ ସମ୍ବଳ ତାହାଙ୍କ ନିକଟରେ ପ୍ରାପ୍ତ ହୁଏ । ଅବିଶ୍ୱାସ କହେ, ''କିପରି ଭାବରେ ଏସବୁ ଏବଂ ଏହି ବିଷୟଗୁଡ଼ିକ ସମ୍ଭବ ହୋଇ ପାରିବ ?'' ଏହା 'କି ପ୍ରକାରରେ' ପୂର୍ଣ୍ଣ ! କିନ୍ତୁ ବିଶ୍ୱାସର ଦଶହଜାର 'କି

ପ୍ରକାର' ନିମନ୍ତେ ଏକ ମହାନ୍ ଉତ୍ତର ରହିଛି ଏବଂ ସେହି ଉତ୍ତରଟି ହେଉଛନ୍ତି- ଈଶ୍ୱର- ସି. ଏଚ୍. ମ୍ୟାକିନ୍‌ଟୋଷ୍ ।

ମନୁଷ୍ୟ ଅର୍ଥରେ କହିବାକୁ ଗଲେ, ଅବ୍ରାହାମ୍ ଏବଂ ସାରାଙ୍କ ନିମନ୍ତେ ସନ୍ତାନଟିଏ ପାଇବା ଅସମ୍ଭବ ଥିଲା । କିନ୍ତୁ ଈଶ୍ୱର ପ୍ରତିଜ୍ଞା କରିଥିଲେ ଏବଂ ଅବ୍ରାହାମ୍‌ଙ୍କ ନିମନ୍ତେ କେବଳ ଏକମାତ୍ର ଅସମ୍ଭବତା ଥିଲା- ଯାହାକି ଈଶ୍ୱର ମିଛ କହିପାରନ୍ତି ।

> ''ଏହିପରି ତୁମ୍ଭର ବଂଶ ହେବ'', ଏହି ଯେଉଁ କଥା କୁହାଯାଇଥିଲା, ତଦନୁସାରେ ସେ ଯେପରି ବହୁ ଜାତିର ପିତା ହୁଅନ୍ତି, ସେଥିନିମନ୍ତେ ଆଶା ନ ଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ । ତାଙ୍କ ବୟସ ପ୍ରାୟ ଏକଶତ ବର୍ଷ ହେବାରୁ ସେ ଆପଣା ଶରୀରକୁ ମୃତବତ୍ ଓ ସାରାଙ୍କ ଗର୍ଭକୁ ମୃତ ବୋଲି ବିବେଚନା କଲେ ସୁଦ୍ଧା ବିଶ୍ୱାସରେ ଦୁର୍ବଳ ହେଲେ ନାହିଁ, ବରଂ ଈଶ୍ୱରଙ୍କ ପ୍ରତିଜ୍ଞା ପ୍ରତି ଦୃଷ୍ଟିପାତ କରି ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ, କିନ୍ତୁ ଈଶ୍ୱର ଯାହା ପ୍ରତିଜ୍ଞା କରି ଅଛନ୍ତି, ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ଯେ ସକ୍ଷମ, ଏହା ଦୃଢ଼ରୂପେ ଜାଣି ତାହାଙ୍କୁ ଗୌରବ ଦେଇ ବିଶ୍ୱାସରେ ବଳବାନ ହେଲେ'' (ରୋମୀୟ ୪ : ୧୮-୨୧) ।

ଈଶ୍ୱର ଓ ତାଙ୍କ ପ୍ରତିଜ୍ଞାସକଳ
ଦୃଢ଼ ବିଶ୍ୱାସ ହିଁ ଦେଖେ କେବଳ
ବିଶ୍ୱାସ କହେ, ''ସମସ୍ତ ସମ୍ଭବ''
ଈଶ୍ୱର କରନ୍ତି ସବୁ ସଫଳ'' ।

ଆମର ଈଶ୍ୱର ହେଉଛନ୍ତି ସେହି ଯିଏ କି ଅସମ୍ଭାବନା ଉପରେ ଗୁରୁତ୍ୱ ଆରୋପ କରନ୍ତି (ଲୂକ ୧ : ୩୭) । ତାଙ୍କ ନିମନ୍ତେ କୌଣସି କଠିନ ବିଷୟ ନାହିଁ'' (ଆଦି ୧୮ : ୧୪) । ''ଯାହା ମନୁଷ୍ୟର ଅସାଧ୍ୟ ତାହା ଈଶ୍ୱରଙ୍କର ସାଧ୍ୟ ।'' (ଲୂକ ୧୮ : ୨୭) ।

ବିଶ୍ୱାସ ତାଙ୍କ ପ୍ରତିଜ୍ଞାଉପରେ ଦାବୀକରେ, ''ବିଶ୍ୱାସୀ ପକ୍ଷରେ ସମସ୍ତ ହିଁ ସମ୍ଭବ'' (ମାର୍କ ୯ : ୨୩) ଏବଂ ପାଉଲଙ୍କ ସହ ଆନନ୍ଦରେ ସ୍ୱୀତ ହୁଏ, ''ମୋହର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସମସ୍ତ କରିପାରେ'' (ଫିଲିପୀୟ ୪ : ୧୩) ।

ସନ୍ଦେହ ଦେଖେ ବାଧାବିଘ୍ନ ଯେତେ
ବିଶ୍ୱାସ ଦେଖେ ସରଳ ପଥ !
ସନ୍ଦେହ ଦେଖେ ଘନ ଅମାରାତ୍ରି
ବିଶ୍ୱାସ ଦେଖେ ନବ ପ୍ରଭାତ !

ସନ୍ଦେହ କାତର ପାଦ ଟେକିବାକୁ
ବିଶ୍ୱାସ ଗମନ କରେ ଉଚ୍ଚକୁ
ସନ୍ଦେହ ପଚାରେ ''କେ ବିଶ୍ୱାସ କରେ''
''ମୁଁ'' ବୋଲି ବିଶ୍ୱାସ ଉତ୍ତର କରେ ।

ଯେହେତୁ ବିଶ୍ୱାସ ଅଲୌକିକ ଏବଂ ସ୍ୱର୍ଗୀୟ ବିଷୟ ସହ ଜଡ଼ିତ, ସର୍ବଦା ଏହା ''ଯୁକ୍ତିଯୁକ୍ତ'' ମନେ ହୁଏ ନାହିଁ । ସେ କେଉଁଠାକୁ ଯାଉଥିଲେ ଏହା ନ ଜାଣି ବାହାରିଯିବା ଅବ୍ରହାମ୍‌ଙ୍କ ନିମନ୍ତେ ''ସାଧାରଣ ଚେତନା''ର ପ୍ରୟୋଗ ବିଷୟ ନ ଥିଲା, ମାତ୍ର ସରଳଭାବରେ ଈଶ୍ୱରଙ୍କର ଆଜ୍ଞାପାଳନ କରିବା (ଏବ୍ରୀ ୧୧ : ୮) । ମୃତ୍ୟୁ-ସଂଘଟିତ ଅସ୍ତ୍ରଶସ୍ତ୍ରବିନା ଜେରିକୋକୁ ଆକ୍ରମଣ କରି ଯିହୋଶୂୟଙ୍କ ନିମନ୍ତେ ''ଧୃଷ୍ଟତା'' ବିଷୟ ନ ଥିଲା (ଯିହୋଶୂୟ ୬ : ୧-୨୦) । ଜଗତର ଲୋକମାନେ ଏପରି ''ମତିଭ୍ରଷ୍ଟତା''କୁ ଅବଜ୍ଞା କରି ଥାଇପାରନ୍ତି । ମାତ୍ର ଏହା କାର୍ଯ୍ୟକାରୀ ହୋଇଥିଲା ।

ବାସ୍ତବରେ, ବିଶ୍ୱାସ ଯୁକ୍ତିଯୁକ୍ତ ନୁହେଁ । ଜଣେ ସୃଷ୍ଟଜୀବ ତା'ର ସୃଷ୍ଟିକର୍ତ୍ତାଙ୍କ ଉପରେ ଭରସା କରିବାଠାରୁ ଆଉ କ'ଣ ଅଧିକ ଯୁକ୍ତିଯୁକ୍ତ ଅଟେ ? ଜଣେ ଯେ ମିଥ୍ୟାବାଦୀ ନୁହଁନ୍ତି କିମ୍ବା ବିଫଳ ହୁଅନ୍ତି ନାହିଁ କିମ୍ବା ଭୁଲ୍ କରନ୍ତି ନାହିଁ ଏପରି ଜଣଙ୍କ ଉପରେ ବିଶ୍ୱାସ କରିବା କ'ଣ ମତିଭ୍ରଷ୍ଟତା କି ? ଈଶ୍ୱରଙ୍କୁ ଭରସା କରିବା ହେଉଛି ସବୁଠାରୁ ଶ୍ରେଷ୍ଠ ଚେତନା, ନିର୍ମଳଜ୍ଞାନ, ବିଚାରଶୀଳ ବିଷୟ ଯାହାକି ଜଣେ ମନୁଷ୍ୟ କରିପାରେ । ଏହା ଅନ୍ଧକାର ମଧ୍ୟରେ କୌଣସି ଲମ୍ଫ ପ୍ରଦାନ ନୁହେଁ । ବିଶ୍ୱାସ ନିଶ୍ଚିତତମ ସାକ୍ଷ୍ୟ ଦାବୀ କରେ ଏବଂ ଏହା ଈଶ୍ୱରଙ୍କ ଅବାର୍ଥ ବାକ୍ୟରେ ଖୋଜି ପାଏ । କେହି ଜଣେ ତାହାଙ୍କୁ ବୃଥାରେ ଭରସା କରିନାହିଁ; କେହି ମଧ୍ୟ ବୃଥାରେ ଭରସା କରିନାହିଁ; ଈଶ୍ୱରଙ୍କ ଉପରେ ଉପରେ ଭରସାରେ କୌଣସି ପ୍ରକାର ବିପନ୍ନତା ନାହିଁ ।

ବିଶ୍ୱାସ ପ୍ରକୃତରେ ଈଶ୍ୱରଙ୍କୁ ଗୌରବାନ୍ୱିତ କରେ; ସେ ତାଙ୍କୁ ତାଙ୍କର ଉପଯୁକ୍ତ ସ୍ଥାନ ଦିଏ ଯିଏ କି ସଂପୂର୍ଣ୍ଣଭାବେ ବିଶ୍ୱାସନୀୟ । ଅନ୍ୟପକ୍ଷରେ, ଅବିଶ୍ୱାସ ଈଶ୍ୱରଙ୍କୁ ଅସମ୍ମାନ କରେ; ତାହାଙ୍କ ପ୍ରତି ଏହା ମିଥ୍ୟାରୋପ କରେ (୧ ଯୋହନ ୫ : ୧୦) । ଏହା ଇସ୍ରାଏଲର ଧର୍ମସ୍ୱରୂପଙ୍କୁ ବିରକ୍ତ କରେ (ଗୀତ ୭୮ : ୪୧) ।

ବିଶ୍ୱାସ ମଧ୍ୟ ମନୁଷ୍ୟକୁ ତାର ଉପଯୁକ୍ତ ସ୍ଥାନ ଦିଏ ଜଣେ ନମ୍ର ଅନୁନୟକାରୀ ଭାବରେ, ସମସ୍ତଙ୍କ ନିମନ୍ତେ ସାର୍ବଭୌମ ଈଶ୍ୱରଙ୍କ ସମ୍ମୁଖରେ ମସ୍ତକ ନତ କରି ଅବନତ ହେବାକୁ ।

ବିଶ୍ୱାସ ଦୃଶ୍ୟ ବିଷୟର ପ୍ରତିକୂଳ । ପାଉଲ ଆମକୁ ସ୍ମରଣ କରାଇ ଦେଇଥିଲେ ଯେ, "ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନଯାପନ ନ କରି ବିଶ୍ୱାସରେ ଜୀବନ ଯାପନ କରୁଅଛୁ" (୨କରିନ୍ଥୀୟ ୫ : ୭) । ବିଶ୍ୱାସରେ ଜୀବନଯାପନ କରିବା ଅର୍ଥ ଦୃଶ୍ୟମାନ ବିଷୟର ସହାୟତା ଲାଭ କରିବା, ଭବିଷ୍ୟତ ନିମନ୍ତେ ଯଥେଷ୍ଟ ସଂରକ୍ଷଣ ଲାଭ କରିବା, ମାନବିକ ଚତୁରତାକୁ ଅଦୃଶ୍ୟ ବିପଦସବୁ ପ୍ରତି ସୁନିଶ୍ଚିତତା ଲାଭ କରିବା ନିମନ୍ତେ ନିଯୁକ୍ତ କରିବା । ବିଶ୍ୱାସରେ ଜୀବନଯାପନ କରିବା ଏକ ପ୍ରତିକୂଳ ବିଷୟ; ଏହା ହେଉଛି କେବଳ ଈଶ୍ୱରଙ୍କ ଉପରେ ମୁହୂର୍ତ୍ତ ପରେ ମୁହୂର୍ତ୍ତ ପ୍ରତ୍ୟୟ କରିବା । ଏହା ହେଉଛି ଈଶ୍ୱରଙ୍କ ଉପରେ ଭରସା କରିବାର ଏକ ଧାରାବାହିକ ସଙ୍କଟାବସ୍ଥା । ଏକ ଅଦୃଶ୍ୟ ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ପ୍ରତ୍ୟୟ କରିବା ଅବସ୍ଥାରୁ ଶରୀର ପରାଙ୍ମୁଖ ହୋଇଥାଏ । ଏହା ସମ୍ଭାବ୍ୟ ହାନିଗୁଡ଼ିକ ବିରୁଦ୍ଧରେ ସହାୟତା ନିମନ୍ତେ ଏକ ସୁରକ୍ଷା ଉପାଧାନ ଅନ୍ୱେଷଣ କରେ । ଯଦି ଏହା କେଉଁଠାକୁ ଯାଉଛି ଜାଣି ନ ପାରେ, ତେବେ ଏହା ସଂପୂର୍ଣ୍ଣ ସ୍ନାୟୁବିକ ଅବଚେତନତାକୁ ଅନୁଭବ କରିବାକୁ ଯେପରି ତତ୍ପର ହୁଏ । କିନ୍ତୁ ବିଶ୍ୱାସ ଈଶ୍ୱରଙ୍କ ବାକ୍ୟରେ ବାଧ୍ୟ ହୋଇ ଆଗକୁ ଆଗେଇ ଚାଲେ, ସମସ୍ତ ପରିସ୍ଥିତିର ଊର୍ଦ୍ଧ୍ୱକୁ ଗତି କରେ, ଏବଂ ସମସ୍ତ ଆବଶ୍ୟକତା ନିମନ୍ତେ ଈଶ୍ୱରଙ୍କ ଉପରେ ଭରସା କରେ ।

ଯେକେହି ଶିଷ୍ୟ ବିଶ୍ୱାସରେ ଜୀବନ ଯାପନ କରିବାକୁ ସ୍ଥିର ନିଶ୍ଚିତ ହୁଏ ସେ ଏହା ନିଶ୍ଚିତ ବୋଧ କରିବାକୁ ହେବ ଯେ, ବିଶ୍ୱାସ ପରୀକ୍ଷିତ ହେବ । ଶୀଘ୍ର ହେଉ ବା ବିଳମ୍ବରେ ହେଉ, ସେ ତାହାର ମାନବିକ ଶକ୍ତିର ପରିଶେଷ ଅବସ୍ଥାକୁ ଅଣାଯିବ । ତାହାର ନିଦାରୁଣ ସଙ୍କଟ ସମୟରେ, ତାହାର ସହବିଶ୍ୱାସୀକୁ ଗୁହାରି କରିବାକୁ ତାକୁ ପ୍ରଲୋଭିତ କରାଯିବ । ଯଦି ସେ ପ୍ରକୃତରେ ଈଶ୍ୱରଙ୍କୁ ଭରସା କରୁଛି, ତେବେ ସେ କେବଳ ଈଶ୍ୱରଙ୍କ ପ୍ରତି ଦୃଷ୍ଟିପାତ କରିବ ।

"ପ୍ରତ୍ୟକ୍ଷ୍ୟ ଭାବରେ ବା ପରୋକ୍ଷ ଭାବରେ, ଜଣେ ମନୁଷ୍ୟକୁ, ମୋର ଅଭାବସବୁ ଜଣାଇବା, ହେଉଛି ବିଶ୍ୱାସୀଜୀବନର ଏକ ବିଚ୍ୟୁତତା, ଏବଂ ଈଶ୍ୱରଙ୍କ ପ୍ରତି ଏକ ସୁନିଶ୍ଚିତ ଅସମ୍ମାନ । ବାସ୍ତବରେ ଏହା ତାଙ୍କ ପ୍ରତି ବିଶ୍ୱାସଘାତକତା କରିବା ।

ଏହା ହେଉଛି ଈଶ୍ୱର ମୋତେ ବିଫଳ କରାଇଛନ୍ତି ଏବଂ ମୋର ସାହାଯ୍ୟ ନିମନ୍ତେ ମୋର ସହବିଶ୍ୱାସୀ ପ୍ରତି ମୁଁ ଦୃଷ୍ଟି ଉଠାଇବା ଉଚିତ୍ ବୋଲି କହିବା ସହ ସମତୁଲ । ଏହା ହେଉଛି ଜୀବନ୍ତ ଜଳ ନିର୍ଝରକୁ ପରିତ୍ୟାଗ କରିବା ଏବଂ ଏକ ଭଗ୍ନ ଜଳକୁଣ୍ଡ ପ୍ରତି ଫେରିଯିବା । ଏହା ହେଉଛି ମୋର ପ୍ରାଣ ଏବଂ ଈଶ୍ୱରଙ୍କ ମଧ୍ୟରେ ପ୍ରାଣୀଟିକୁ ସ୍ଥାନ ଦେବା, ଯାହାଫଳରେ ମୋର ପ୍ରାଣକୁ ପ୍ରଚୁର ଆଶୀର୍ବାଦରୁ ବଞ୍ଚିତ କରିବା ଏବଂ ତାହାଙ୍କର ଯାହା ପ୍ରାପ୍ୟ ସେହି ଗୌରବରୁ ଈଶ୍ୱରଙ୍କୁ ବଞ୍ଚିତ କରିବା'' - ସି. ଏଚ୍. ମ୍ୟାକିନ୍ ତୋଷ ।

ଜଣେ ଶିଷ୍ୟର ସ୍ୱାଭାବିକ୍ ଆଚରଣ ହେଉଛି ତାହାର ବିଶ୍ୱାସରେ ବୃଦ୍ଧି ନିମନ୍ତେ ଅଭିଳାଷ ରଖିବା (ଲୂକ ୧୭ : ୫) ସେ ପରିତ୍ରାଣ ନିମନ୍ତେ ସଂପୂର୍ଣ୍ଣରୂପେ ଖ୍ରୀଷ୍ଟଙ୍କୁ ଭରସା କରିଅଛି । ବର୍ତ୍ତମାନ ସେ ତା' ଜୀବନର ପରିସୀମାକୁ ପରିବର୍ଦ୍ଧିତ କରିବାକୁ ଅନ୍ୱେଷଣ କରୁଛି, ଯାହାକି ଈଶ୍ୱରଙ୍କ ନିୟନ୍ତ୍ରଣ ନିକଟରେ ସମର୍ପିତ ହୋଇଛି । ଯେତେବେଳେ ସେ ଅସୁସ୍ଥତା, ପରୀକ୍ଷାଗୁଡ଼ିକ, ଦୁର୍ଦ୍ଦିନ ମୁହୂର୍ତ୍ତସବୁ ଏବଂ ବିଚ୍ଛେଦଗୁଡ଼ିକର ସମ୍ମୁଖୀନ ହୁଏ, ସେତେବେଳେ ସେ ଈଶ୍ୱରଙ୍କୁ ଏକ ଉତ୍ତମ ଏବଂ ଅନ୍ତରଙ୍ଗଭାବେ ଜାଣିବାକୁ ପାଏ ଏବଂ ତା'ର ବିଶ୍ୱାସ ଦୃଢ଼ୀଭୂତ ହୋଇଯାଏ । ସେ ଏହି ପ୍ରତିଜ୍ଞାଟିର ସତ୍ୟତା ପ୍ରମାଣିତ କରେ, ''ପୁଣି ଆମ୍ଭେମାନେ ଜ୍ଞାତ ହେଉ, ସଦାପ୍ରଭୁଙ୍କୁ ଜ୍ଞାତ ହେବା ପାଇଁ ତାହାଙ୍କ ପଶ୍ଚାଦ୍‌ଗମନ କରୁ'' (ହୋଶେୟ ୬ : ୩) । ସେ ଯେତେ ଅଧିକ ବିଶ୍ୱାସନୀୟ ବୋଲି ଈଶ୍ୱରଙ୍କୁ ପାଏ, ସେ ସେତେ ଅଧିକ ମହାନ୍ ବିଷୟଗୁଡ଼ିକ ନିମନ୍ତେ ତାଙ୍କ ଉପରେ ଭରସା କରିବାକୁ ଉତ୍କଣ୍ଠିତ ହୋଇଉଠେ ।

ଯେହେତୁ ବିଶ୍ୱାସ ଶ୍ରବଣରୁ ଆସେ ଏବଂ ଶ୍ରବଣ ଈଶ୍ୱରଙ୍କ ବାକ୍ୟରୁ ଆସେ, ଶାସ୍ତ୍ରରେ ନିଜକୁ ସନ୍ତୁଷ୍ଟ କରିବା ଶିଷ୍ୟଟିର ଅଭିଳାଷ ହେବା ଉଚିତ୍ - ସେଗୁଡ଼ିକୁ ପାଠ କରିବା, ସେଗୁଡ଼ିକୁ ଅଧ୍ୟୟନ କରିବା, ସେଗୁଡ଼ିକୁ ସ୍ମରଣ କରିବା ଏବଂ ଦିବାରାତ୍ର ସେଗୁଡ଼ିକୁ ଧ୍ୟାନ କରିବା ଉଚିତ୍ । ସେଗୁଡ଼ିକ ହେଉଛି ତାହାର ମାନଚିତ୍ର ଏବଂ ଦିଗନିର୍ଣ୍ଣୟ ଯନ୍ତ୍ର, ତାହାର ପଥପଦର୍ଶକ, ଏବଂ ସାନ୍ତ୍ୱନାଦାତା, ତାହାର ବତୀଶିଖା ଏବଂ ଉଜ୍ଜ୍ୱଳ ଆଲୋକ ।

ବିଶ୍ୱାସ ଜୀବନରେ ସର୍ବଦା ଅଗ୍ରଗତି କରିବାର ସୁଯୋଗ ରହିଛି । ଆମ୍ଭେ ଯେତେବେଳେ ବିଶ୍ୱାସ ମାଧ୍ୟମରେ ସାଧନ କରାଯାଇଥିବା ବିଷୟସବୁ ପାଠ କରୁ,

ସେତେବେଳେ ଆମେ ହୃଦୟଙ୍ଗମ କରୁ ଯେ ଆମେ ଯେପରି ଅସୀମ ସାଗର ତୀରରେ କ୍ରୀଡ଼ା କରୁଥିବା ସାନ ସାନ ପିଲା ସବୁ ଅଟୁ । ବିଶ୍ୱାସର ସାହସିକ କାର୍ଯ୍ୟସକଳ ଏବ୍ରୀ ୧୧ ରେ ଦିଆଯାଇଛି । ଏଗୁଡ଼ିକ ୩୨-୪୦ ପଦଗୁଡ଼ିକରେ ଚମତ୍କାର ଭାବେ ଯେପରି ବର୍ଣ୍ଣିତ ହୋଇଛି :

> ଏବଂ ମୁଁ ଅଧିକ କ'ଣ କହିବି ? ସମୟ ଆସିବ ଯେତେବେଳେ ମୋତେ ଗିଦିୟନ୍ ଏବଂ ବାରକ୍ ଏବଂ ସାମ୍‌ସନ୍ ଏବଂ ଜେପାଂଥିଙ୍କ ବିଷୟରେ କହିବାକୁ ହିଁ ପଡ଼ିବ; ଦାଉଦଙ୍କ ବିଷୟରେ ମଧ୍ୟ, ଶାମୁଏଲ୍‌ଙ୍କ ବିଷୟରେ ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କ ବିଷୟରେ ମଧ୍ୟ; ଯେଉଁମାନେ ବିଶ୍ୱାସ ମାଧ୍ୟମରେ ରାଜ୍ୟସବୁ ନିଜ ଅଧିକୃତ କରିଥିଲେ, ଧାର୍ମିକତା ସ୍ଥାପନ କରିଥିଲେ, ପ୍ରତିଜ୍ଞାସକଳ ପ୍ରାପ୍ତ ହୋଇଥିଲେ, ସିଂହମାନଙ୍କର ମୁଖଗୁଡ଼ିକୁ ଦମନ କରିଥିଲେ, ହିଂସାର ଅଗ୍ନିଶିଖାକୁ ପ୍ରଶମିତ କରିଥିଲେ, ଖଣ୍ଡାର ଧାରକୁ ପ୍ରତିହତ କରିଥିଲେ, ଦୁର୍ବଳତା ମଧ୍ୟରୁ ଶକ୍ତିଶାଳୀ ହୋଇ ଉଠିଥିଲେ, ଯୁଦ୍ଧରେ ପରାକ୍ରମରେ ବୃଦ୍ଧିଲାଭ କରିଥିଲେ, ବିଦେଶୀ ଶତ୍ରୁମାନଙ୍କର ସୈନ୍ୟଦଳକୁ ପଛଘୁଞ୍ଚା କରାଇଥିଲେ । ସ୍ତ୍ରୀଲୋକମାନେ ସେମାନଙ୍କ ମୃତବ୍ୟକ୍ତିମାନଙ୍କୁ ପୁନର୍ବାର ଜୀବନଲାଭ କରି ଉଠିଥିବାର ପାଇଥିଲେ; ଏବଂ ଅନ୍ୟମାନେ ଉତ୍ପୀଡ଼ିତ ହୋଇଥିଲେ, ବିଚାର ନ୍ୟାୟକୁ ଗ୍ରହଣ ନ କରିବା ଦ୍ୱାରା; ସେମାନେ ହୁଏତ ଏକ ଉତ୍ତମ ପୁନରୁତ୍ଥାନ ପ୍ରାପ୍ତ ହେବେ ଏହି ଲକ୍ଷ୍ୟରେ ଏବଂ ଅନ୍ୟମାନେ ନିଷ୍ଠୁର ପରିହାସ ଏବଂ କୋରଡା ପ୍ରହାରର ସମ୍ମୁଖୀନ ହୋଇଥିଲେ, ହଁ, ଅଧିକଭାବେ ବନ୍ଦୀତ୍ୱ ଏବଂ ଆଜୀବନ କାରାବାସ ଭୋଗ କରିଥିଲେ : ସେମାନଙ୍କୁ ପଥରମାଡ଼ ହୋଇଥିଲା, ସେମାନଙ୍କୁ ଖଣ୍ଡଖଣ୍ଡ କଟା ଯାଇଥିଲା, ପ୍ରଲୋଭିତ ହୋଇଥିଲେ, ଖଣ୍ଡାରେ ନିହତ ହୋଇଥିଲେ । ସେମାନେ ମେଷଗୁହାଳ ଏବଂ ଛେଳିଗୁହାଳ ଇତ୍ୟାଦିରେ ଏଣେତେଣେ ଘୁରି ବୁଲୁଥିଲେ; ନିଷେସିତ ହୋଇ ପୀଡ଼ିତ ହୋଇ, ନିର୍ଯ୍ୟାତିତ ହୋଇ; (ଯେଉଁମାନଙ୍କ ନିମନ୍ତେ ଜଗତ ଯୋଗ୍ୟ ନ ଥିଲା) ସେମାନେ ମରୁପ୍ରାନ୍ତରରେ ଏବଂ ପର୍ବତଉପରେ ଏବଂ ଗର୍ତ୍ତ ଓ ପୃଥିବୀର ଗୁମ୍ଫାମାନଙ୍କରେ ଘୁରି ବୁଲୁଥିଲେ ଏବଂ ଏହି ସମସ୍ତ ବିଷୟ, ବିଶ୍ୱାସ ମାଧ୍ୟମରେ ଏକ ଉତ୍ତମ ଖ୍ୟାତି ହାସଲ ପୂର୍ବକ, କେବଳ ପ୍ରତିଜ୍ଞା ପ୍ରାପ୍ତ ହୋଇ ନ ଥିଲେ : ଆମମାନଙ୍କ ନିମନ୍ତେ କିଛି ଅଧିକ ଉତ୍ତମ ବିଷୟ ଯୋଗାଇଅଛନ୍ତି ଯେପରିକି ସେମାନେ ଆମବିନା ପୂର୍ଣ୍ଣତାପ୍ରାପ୍ତ ହେବା ଉଚିତ୍ ନୁହେଁ ।

ଏକ ଶେଷ କଥା ! ଆମେ ସ୍ପଷ୍ଟରୂପେ ଏହା ଉଲ୍ଲେଖ କରି ସାରିଛୁ ଯେ ଯେଉଁ ଶିଷ୍ୟ ନିଃସନ୍ଦେହରେ ବିଶ୍ୱାସ ଦ୍ୱାରା ଜୀବନଯାପନ କରେ, ସେ ଜଗତର ଲୋକମାନଙ୍କ ଦ୍ୱାରା ବା ଏପରିକି ଅନ୍ୟ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ଦ୍ୱାରା ଜଣେ ସ୍ୱପ୍ନଦ୍ରଷ୍ଟା ବା ଜଣେ ଧର୍ମାନ୍ଧ ବୋଲି ବିବେଚିତ ହେବେ । କିନ୍ତୁ ଏହା ମନେରଖିବା ଉଚିତ୍ ଯେ, ''ଯେଉଁ ବିଶ୍ୱାସ ଜଣକୁ ଈଶ୍ୱରଙ୍କ ସହ ଚାଲିବାକୁ ସକ୍ଷମ କରାଏ ତାହା ମଧ୍ୟ ଲୋକମାନଙ୍କର ଚିନ୍ତାସବୁ ପ୍ରତି ଉପଯୁକ୍ତ ମୂଲ୍ୟ ପ୍ରତିପାଦନ କରିବାକୁ ତାହାକୁ ସକ୍ଷମ କରାଏ'' - ସି. ଏଚ୍. ମ୍ୟାକନ୍‌ତୋଷ୍ ।

## ପ୍ରାର୍ଥନା

ପ୍ରାର୍ଥନାର ବିଷୟ ଉପରେ ଲେଖାଯାଇଥିବା ସମସ୍ତ ପୁସ୍ତକଗୁଡ଼ିକ ମଧ୍ୟରୁ ପରିପୂର୍ଣ୍ଣ ସନ୍ତୋଷଜନକ ପୁସ୍ତକଟି ହେଉଛି ବାଇବଲ । ଅନ୍ୟସମସ୍ତ ପୁସ୍ତକ ଆମକୁ ଏହି ଅନୁଭବ ପ୍ରଦାନ କରାଏ ଯେ କେତେକ ଗଭୀରତା ରହିଛି ଯାହାକି ପହଞ୍ଚି ହୋଇନାହିଁ ଏବଂ କେତେକ ଉଚ୍ଚତା ରହିଛି ଯାହାକୁ ମପାଯାଇ ପାରିନାହିଁ । ଏହି ପୁସ୍ତିକାଟିରେ, ଅନ୍ୟମାନଙ୍କର ଉଦ୍ୟମକୁ ଉନ୍ନତ ଦିଗକୁ ଆଣିବାକୁ ଆମେ ଆଶା କରି ନ ପାରୁ । ଆମେ କେବଳ ପ୍ରାର୍ଥନାର କେତେକ ଗୁରୁତ୍ୱପୂର୍ଣ୍ଣ ନୀତିସବୁକୁ ଉଦ୍ଧୃତ କରିପାରିବା, ମୁଖ୍ୟତଃ ଯେହେତୁ ସେଗୁଡ଼ିକର ଆବଶ୍ୟକତା ଖ୍ରୀଷ୍ଟିୟ ଶିଷ୍ୟତ୍ୱ ବିଷୟ ସଂପର୍କସହ ଜଡ଼ିତ ।

୧ । ସର୍ବୋତ୍ତମ ପ୍ରାର୍ଥନା ଏକ ଦୃଢ଼ ଆନ୍ତରିକ ଦୈନ୍ୟତାରୁ ଆସେ । ଆମେ ସମସ୍ତେ ଏହାକୁ ସତ୍ୟବୋଲି ପମାଣିତ କରିଛୁ । ଯେତେବେଳେ ଆମର ଜୀବନ ନିର୍ମଳ ଏବଂ ପ୍ରଶାନ୍ତ, ସେତେବେଳେ ଆମର ପ୍ରାର୍ଥନା ଧୀର ଓ ଅମନୋଯୋଗୀ ହୋଇଯାଏ । ଯେତେବେଳେ ଆମେ ଏକ ସଙ୍କଟାବସ୍ଥାରେ ପହଞ୍ଚୁ, ଏକ ବିପଦ ମୁହୂର୍ତ୍ତରେ ପହଞ୍ଚୁ, ଏକ ଗୁରୁତର ଅସୁସ୍ଥ ଅବସ୍ଥାରେ ପହଞ୍ଚୁ ବା ଏକ ଗଭୀର ବିଚ୍ଛେଦଶୋକର ସମ୍ମୁଖୀନ ହେଉ ସେତେବେଳେ ଆମର ପ୍ରାର୍ଥନା ଯେପରି ଉଷ୍ମ ଏବଂ ଜୀବନ୍ତ ହୋଇଯାଏ । କେହି ଜଣେ ଏପରି କହିଥିଲେ, ''ଯେଉଁ ତୀରଟି ସ୍ୱର୍ଗକୁ ପ୍ରବେଶ କରିବ ତାହା ନିଶ୍ଚିତ ଭାବେ ପୂର୍ଣ୍ଣବକ୍ର ଏକ ଧନୁରେ ନୀକ୍ଷେପ କରାଯାଇଥିବା ଉଚିତ୍'' । ଅସହାୟତାର ଗୁରୁତ୍ୱ ନିମନ୍ତେ ଏକ ସଚେତନତାର ଆବଶ୍ୟକତା ହେଉଛି ଗର୍ଭକୋଷ ଯେଉଁଠାରୁ କି ସର୍ବୋତ୍ତମ ପ୍ରାର୍ଥନା ଜନ୍ମଲାଭ କରିଥାଏ ।

ଦୁର୍ଭାଗ୍ୟବଶତଃ, ଆମ ଜୀବନର ବହୁଳ ସମୟକୁ ଆମେ ଆମର ଅତ୍ୟାବଶ୍ୟକଗୁଡ଼ିକଠାରୁ ଉପାଧାନ ଯୋଗାଇବାରେ ଚେଷ୍ଟାକରି ବିତାଇ ଦେଇଥାଉ । ଚତୁର ବ୍ୟବସାୟିକ ପଦ୍ଧତିସବୁ ପ୍ରୟୋଗ କରି, ଆମେ ସମସ୍ତ କଳ୍ପିତ ଅନିଶ୍ଚିତତାର ପ୍ରତିରୋଧରେ ଆରାମଦାୟକ ସଂଚିତ ବସ୍ତୁସବୁ ରଖୁ । କେବଳମାତ୍ର ମାନବିକ ଚତୁରତା ମାଧ୍ୟମରେ, ଆମେ ସେହି ଅବସ୍ଥାରେ ପହଞ୍ଚୁ ଯେଉଁଠାରେ କି ଆମେ ଧନୀ ଅଟୁ ଏବଂ ସମସ୍ତ ଦ୍ରବ୍ୟାଦିରେ ପରିବର୍ଦ୍ଧିତ ହୋଇଛୁ ଓ କୌଣସି ବିଷୟ ଆବଶ୍ୟକ କରୁନାହୁଁ । ତ'ପରେ ଆମେ ଚକିତ ହେଉ ଯେ, କାହିଁକି ଆମର ପ୍ରାର୍ଥନା ଜୀବନ ଖୁବ୍ କ୍ଷୀଣ ଏବଂ ନିର୍ଜୀବ ଏବଂ ସ୍ୱର୍ଗରୁ କାହିଁକି ଅଗ୍ନି ପତିତ ହେଉନାହିଁ । ଯଦି ଆମେ ପ୍ରକୃତରେ ଦୃଶ୍ୟରେ ଜୀବନଯାପନ ନ କରି ବିଶ୍ୱାସରେ ଜୀବନଯାପନ କରିଥା'ନ୍ତୁ, ତେବେ ଆମର ପ୍ରାର୍ଥନା ଜୀବନରେ ବୈପ୍ଳବିକ ପରିବର୍ତ୍ତନ ହୋଇଥାନ୍ତା ।

୨ । ସଫଳ ପ୍ରାର୍ଥନାର ସର୍ତ୍ତଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଯେ, ଆମେ ନିଶ୍ଚିତ "ସରଳ ହୃଦୟ ସହ ପୂର୍ଣ୍ଣ ବିଶ୍ୱାସରେ ନିକଟବର୍ତ୍ତୀ ହେଉ" (ଏବ୍ରୀ ୧୦ : ୨୨) । ଏହାର ଅର୍ଥ ହେଉଛି ଈଶ୍ୱରଙ୍କ ସମ୍ମୁଖରେ ଆମକୁ ବିଶୁଦ୍ଧ ଏବଂ ନିଷ୍କପଟ ହେବାକୁ ହେବ । ସେଠାରେ କୌଣସି ଛଳନା ନ ଥିବ । ଯଦି ଆମେ ଏହି ସର୍ତ୍ତ ପୂରଣ କରିବାକୁ ଇଚ୍ଛା କରୁ, ତେବେ ଆମେ କଦାପି ଈଶ୍ୱରଙ୍କୁ କୌଣସି ବିଷୟ କରିବାକୁ ଅନୁରୋଧ କରିବୁ ନାହିଁ, ଯେତେବେଳେ କି ଆମର ନିଜ ଶକ୍ତି ଏହା କରି ପାରୁଥିବ । ଉଦାହରଣ ସ୍ୱରୂପ, ଏକ ଖ୍ରୀଷ୍ଟିୟ ସେବାକାର୍ଯ୍ୟ ନିମନ୍ତେ ଆମେ କଦାପି ତାହାଙ୍କୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ସାହାଯ୍ୟ କରିବାକୁ ଅନୁରୋଧ କରିବୁ ନାହିଁ ଯଦି ଆମ ନିଜ ପାଖରେ ଅତିରିକ୍ତ ବଳକା ପାଣ୍ଠି ଗଚ୍ଛିତ ରହିଛି ଯାହାକି ଏହି ଦିଗରେ ବ୍ୟବହୃତ ହୋଇପାରିବ । ଈଶ୍ୱର ବିଦ୍ରୁପର ପାତ୍ର ନୁହଁନ୍ତି । ସେ ପ୍ରାର୍ଥନାସବୁର ଉତ୍ତର ଦିଅନ୍ତି ନାହିଁ ଯଦି ସେ ସଂପୂର୍ଣ୍ଣଭାବେ ଏହାର ଉତ୍ତର ଦେଇ ସାରିଛନ୍ତି ଏବଂ ଏହାକୁ ଗ୍ରହଣ କରିବା ନିମନ୍ତେ ଆମେ ଇଚ୍ଛୁକ ନୋହୁଁ ।

ଏହି ପ୍ରସଙ୍ଗରେ, ତାଙ୍କର ସନ୍ଦେଶ ଘେନି ଯିବା ନିମନ୍ତେ ଅନ୍ୟମାନଙ୍କୁ ପଠାଇବାକୁ ଆମର ପ୍ରାର୍ଥନା କରିବା ଉଚିତ୍ ନୁହେଁ ଯଦି ଆମେ ନିଜେ ଯିବା ପାଇଁ ଇଚ୍ଛୁକ ନୋହୁଁ । ହଜାର ହଜାର ପ୍ରାର୍ଥନାସବୁ ମୁସଲ୍‌ମାନ୍‌ମାନଙ୍କ ନିମନ୍ତେ, ହିନ୍ଦୁମାନଙ୍କ ନିମନ୍ତେ ଏବଂ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ଉଚ୍ଚାରିତ ହୋଇସାରିଛି କିନ୍ତୁ ପ୍ରାର୍ଥନାକାରୀମାନେ ଯଦି ଏହି ବ୍ୟକ୍ତିମାନଙ୍କ ନିକଟରେ ପହଞ୍ଚିବା ପାଇଁ ଈଶ୍ୱରଙ୍କ

ନିମନ୍ତେ ବ୍ୟବହୃତ ହୋଇଥାନ୍ତେ, ତେବେ ଖ୍ରୀଷ୍ଟିୟ ବିଶେଷ ସେବାକାର୍ଯ୍ୟର ଇତିହାସ ଖୁବ୍ ଅଧିକ ଉତ୍ସାହ ପ୍ରଦ ହୋଇ ପାରିଥାନ୍ତା ।

୩। ପ୍ରାର୍ଥନା ସରଳ, ବିଶ୍ୱାସନୀୟ ଏବଂ ଅସଂଶୟିତ ହେବା ଉଚିତ୍ । ପ୍ରାର୍ଥନା ସହ ସଂଶ୍ଳୀଷ୍ଟ ପାରମାର୍ଥୀକ ସମସ୍ୟାଗୁଡ଼ିକରେ ଅଭିନିବିଷ୍ଟ ହୋଇ ରହିଯିବା ମଧ୍ୟ ସମ୍ଭବ ଅଟେ । ଏହା କେବଳ ଆତ୍ମିକ ଚେତନାକୁ ଛାଣୁ କରିଦେବା ନିମନ୍ତେ ଉପଯୁକ୍ତ । ପ୍ରାର୍ଥନାସହ ସଂଶ୍ଳୀଷ୍ଟ ସମସ୍ତ ରହସ୍ୟଗୁଡ଼ିକ ସମାଧାନ କରିବାଠାରୁ ପ୍ରାର୍ଥନା କରିବା ହିଁ ଉତ୍ତମ । ପ୍ରାର୍ଥନା ସମ୍ବନ୍ଧୀୟ ତତ୍ତ୍ୱଗୁଡ଼ିକୁ ଆବିଷ୍କାର କରିବାକୁ ପାରମାର୍ଥୀକ ଗବେଷକମାନଙ୍କୁ ଛାଡ଼ିଦିଅ । କିନ୍ତୁ ସରଳବିଶ୍ୱାସୀମାନଙ୍କୁ ସେମାନଙ୍କର ଶିଶୁସୁଲଭ ଭରସାରେ ସ୍ୱର୍ଗର ଦ୍ୱାରବନ୍ଧକୁ ପ୍ରକମ୍ପିତ କରିବାକୁ ଛାଡିଦିଅ । ଏ ହେଉଛନ୍ତି 'ଅଗଷ୍ଟିନ୍' ଯେ କହିଥିଲେ, '' ଅଶିକ୍ଷିତମାନେ ଜୋର ଜବରଦସ୍ତ ସ୍ୱର୍ଗ ଅଧିକାର କରନ୍ତି, ଏବଂ ଆମର ସମସ୍ତ ଶିକ୍ଷାରେ ଆମେ ମାଂସ ଏବଂ ରକ୍ତ ଉର୍ଦ୍ଧ୍ୱକୁ ଉଠିପାରୁନା'' ।

ପ୍ରାର୍ଥନାରେ ପ୍ରଭୁ ଉତ୍ତର ଦିଅନ୍ତି-

କେବଳ ଏହା ମୁଁ ଜାଣେ
ଅନ୍ୟ କେଉଁଦିଗ ମୋତେ ଜଣା ନାହିଁ
ଏହା ଶୁଭେ ତାଙ୍କ କର୍ଣ୍ଣେ ।
ମୁଁ ଜାଣେନା କେବେ ତାଙ୍କ ବାକ୍ୟ ଆସେ
ପ୍ରାର୍ଥନା ଉତ୍ତର ନେଇ
ଶୀଘ୍ର ହେଉ ଅବା ବିଳମ୍ବରେ ହେଉ
ନିଶ୍ଚିତ ତାହା ଆସଇ ।
ପ୍ରାର୍ଥନା କରିବା ପ୍ରୟୋଜନ ଆମ
ଏହାଇ ଜାଗ୍ରତେ ଅପେକ୍ଷାରତ
ହୁଏତ ଆଶୀଷ ସେକ୍ଷଣି ଆସେନି
ଆସେ ତା' ପର ମୁହୂର୍ତ୍ତ ।
ମୋର ପ୍ରାର୍ଥନାକୁ କରେ ମୁଁ ଉତ୍ସର୍ଗ
ନିଃସଙ୍ଗେ ତାଙ୍କ ସଙ୍ଗରେ
ଯାହାଙ୍କ କାମନା ଅତିବ ମହାନ୍
ଛାଇ ମୁଁ ତାଙ୍କ ତୁଲ୍ୟରେ ।

— ଲୋରା ସି. ହେନ୍‌ସନ୍

୪। ପ୍ରାର୍ଥନାରେ ପ୍ରକୃତ ଶକ୍ତିପ୍ରାପ୍ତ ହେବା ନିମନ୍ତେ, କୌଣସି ବିଷୟ ଗୁପ୍ତ ରଖନ୍ତୁ ନାହିଁ । ଖ୍ରୀଷ୍ଟଙ୍କୁ ସମସ୍ତ ସମର୍ପଣ କରି ଦିଅନ୍ତୁ । ତାଙ୍କ ନିମନ୍ତେ ସମସ୍ତ ବିଷୟ ପ୍ରକାଶିତ କରନ୍ତୁ । ତ୍ରାଣକର୍ତ୍ତାଙ୍କୁ ଅନୁଗମନ କରିବା ନିମନ୍ତେ ସମସ୍ତ ବିଷୟ ପରିତ୍ୟାଗ କରିଦିଅନ୍ତୁ । ସମସ୍ତ ପ୍ରକାରର ଉପାସନା ମଧ୍ୟରୁ ଖ୍ରୀଷ୍ଟଙ୍କୁ ମୁକୁଟମଣ୍ଡିତ କରୁଥିବା ଉପାସନାଟି ହେଉଛି ତାହା ଯାହାକୁ କି ସେ ସମ୍ମାନିତ କରିବାକୁ ଭଲ ପାଆନ୍ତି ।

୫। ଯେତେବେଳେ ପ୍ରାର୍ଥନା ନିମନ୍ତେ ଆମକୁ କିଛି ମୂଲ୍ୟ ଦେବାକୁ ହୁଏ, ସେତେବେଳେ ଈଶ୍ୱର ପ୍ରାର୍ଥନା ପାଇଁ ଏକ ବିଶେଷ ମୂଲ୍ୟ ପ୍ରଦାନ କରିବାର ବୋଧ ହୁଅନ୍ତି । ଯେଉଁମାନେ ଅତି ପ୍ରଭାତରୁ ଜାଗ୍ରତ ହୁଅନ୍ତି ସେମାନେ ତାହାଙ୍କ ସହିତ ସହଭାଗିତାକୁ ଉପଭୋଗ କରନ୍ତି ଯେ କି ସେହିପରି ତାଙ୍କ ପିତାଙ୍କଠାରୁ ଦିବସଟି ନିମନ୍ତେ ନିର୍ଦ୍ଦେଶଗୁଡ଼ିକ ଗ୍ରହଣ କରିବାକୁ ଅତି ପ୍ରଭାତରୁ ଜାଗ୍ରତ ହେଉଥିଲେ । ସେହିପରି ଯେଉଁମାନେ ଏହିପରି ଏକ ମରଣାନ୍ତକ ନିବିଷ୍ଟତାରେ ଅଛନ୍ତି ଯାହାକି ସାରାରାତ୍ର ପ୍ରାର୍ଥନା କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ସେମାନେ ଈଶ୍ୱରଙ୍କ ସହିତରେ ଥାଇ ଏକ ଶକ୍ତି ଉପଭୋଗ କରନ୍ତି ଯାହାକୁ କି ଅସ୍ୱୀକାର କରି ହେବ ନାହିଁ । ଯେଉଁ ପ୍ରାର୍ଥନା ନିମନ୍ତେ କିଛି ମୂଲ୍ୟ ଦେବାକୁ ହୁଏ ନାହିଁ, ତାହାର କୌଣସି ମୂଲ୍ୟ ନାହିଁ : ଏହା ହେଉଛି ସରଳଭାବରେ ଶସ୍ତା ଖ୍ରୀଷ୍ଟଧର୍ମର ଏକ ଉପଜାତ-ଦ୍ରବ୍ୟ ।

ନୂତନ ନିୟମ ପ୍ରାୟତଃ ପ୍ରାର୍ଥନାକୁ ଉପବାସ ସହ ଜଡ଼ିତ କରେ । ଖାଦ୍ୟ ସଂଯମତା ଆତ୍ମିକ ଅଭ୍ୟାସଗୁଡ଼ିକ ନିମନ୍ତେ ଏକ ମୂଲ୍ୟବାନ୍ ସହାୟକ ହୋଇପାରେ । ମନୁଷ୍ୟ ପକ୍ଷରୁ ଏହା ପରିଚ୍ଛନ୍ନତା, ଏକାଗ୍ରଚିତ୍ତତା ଏବଂ ଉତ୍ସୁକତା ବୃଦ୍ଧି କରେ । ଐଶ୍ୱରିକ ଦୃଷ୍ଟିକୋଣରୁ, ଏହାବୋଧ ହୁଏ ଯେ, ମୁଖ୍ୟତଃ ଈଶ୍ୱର ଆମର ପ୍ରାର୍ଥନା ସେତେବେଳେ ହିଁ ଉତ୍ତର ଦେବାକୁ ଇଚ୍ଛା କରୁଛନ୍ତି ଯେତେବେଳେ କି ଆମେ ସେହି ପ୍ରାର୍ଥନାକୁ ଆମର ଅତ୍ୟାବଶ୍ୟକ ଖାଦ୍ୟ ସମ୍ମୁଖରେ ଉପସ୍ଥାପନ କରୁଛୁ ।

୬। ସ୍ୱାର୍ଥପର ପ୍ରାର୍ଥନା ପରିହାର କରନ୍ତୁ । ''ତୁମ୍ଭେମାନେ ମାଗିଥାଅ, କିନ୍ତୁ ପାଇ ନ ଥାଅ, କାରଣ ଆପଣା ଆପଣା ସୁଖାଭିଳାଷରେ ବ୍ୟୟ କରିବା ନିମନ୍ତେ ମନ୍ଦ ଅଭିପ୍ରାୟରେ ମାଗିଥାଅ'' (ଯାକୁବ ୪ : ୩) । ଆମ ପ୍ରାର୍ଥନାର ମୌଳିକ ଭାର ତାହା ହିଁ ହେବା ଉଚିତ୍, ଯାହା ଈଶ୍ୱରଙ୍କର ଆଦରର ବିଷୟ । ପ୍ରଥମରେ ଆମେ ପ୍ରାର୍ଥନା କରିବା ଉଚିତ୍ ''ତୁମର ରାଜ୍ୟ ଆସୁ; ଯେପରି ସ୍ୱର୍ଗରେ ସେପରି

ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ'' । ତା'ପରେ ଆମେ ହୁଏତ ଯୋଗ କରିପାରିବା, ''ଆମକୁ ଆଜିର ପ୍ରୟୋଜନୀୟ ଆହାର ଦିଅ'' ।

୭। ଈଶ୍ୱରଙ୍କୁ ଆମେ ମହାନ୍ ଅନୁରୋଧସବୁ ଦ୍ୱାରା ସମ୍ମାନିତ କରିବା ଉଚିତ୍ ଯେହେତୁ ସେ ଜଣେ ମହାନ୍ ଈଶ୍ୱର । ''ଈଶ୍ୱରଙ୍କଠାରୁ ମହାନ ବିଷୟସବୁ ପ୍ରତ୍ୟାଶା କରିବା ନିମନ୍ତେ ଆସନ୍ତୁ ବିଶ୍ୱାସ ରଖିବା ।''

ରାଜାଙ୍କ ପାଶକୁ ତୁମେ ଯେ ଆସୁଛ,
ସାଥିରେ ଆଣିଛ ଗୁହାରୀ ବୋଝ
ହେଲେ ତାଙ୍କ ପ୍ରେମ ଶକ୍ତି ତୁଳନାରେ
କାମନା' ତୁମର ଅଟେ କିଞ୍ଚିତ ।

-ଜନ୍ ନିଉଟନ୍

ତାଙ୍କଠାରୁ ଖୁବ୍‌କମ୍ ଆଶା କରି ଆମେ କେତେବାର ଯେ ପ୍ରଭୁଙ୍କୁ ଦୁଃଖିତ ନ କରିଛୁ । ଆମେ ଏହିପ୍ରକାର କିଞ୍ଚିତ ବିଜୟହାସଲରେ, ଏହିପ୍ରକାର ସାମାନ୍ୟ ସଫଳତାରେ, ଉଚ୍ଚତର ବିଷୟ ସବୁର ପଶ୍ଚାତରେ ଏହିପରି କ୍ଷୀଣ ଆକାଂକ୍ଷାରେ ସନ୍ତୁଷ୍ଟ ହୋଇ ଆସିଅଛୁ । ଯାହାଦ୍ୱାରା କି ଆମ ଚତୁଃପାର୍ଶ୍ୱରେ ରହିଥିବା ଲୋକମାନଙ୍କୁ ଆମେ ଏହି ଚିନ୍ତାଦ୍ୱାରା ପ୍ରଭାବିତ କରିପାରିନାହୁଁ ଯେ ଆମର ଈଶ୍ୱର ଜଣେ ମହାନ୍ ଈଶ୍ୱର । ଆମେ ତାଙ୍କୁ ଲୋକମାନଙ୍କ ଦ୍ୱାରା ଏବଂ ଜାଗ୍ରତ ଅନୁସନ୍ଧାନ ଦ୍ୱାରା ସ୍ଥିରୀକୃତ ଲାଭ କରିଥିବା ହେତୁ ଈଶ୍ୱରଙ୍କୁ ଜାଣି ନ ଥିଲେ । ଆମ୍ଭମାନଙ୍କୁ ମଧ୍ୟ ଏହା ବାରମ୍ବାର କୁହାଯାଇ ନାହିଁ, ଯାହାକି ଶିଷ୍ୟମାନଙ୍କୁ କୁହାଯାଇ ଥିଲା, 'ସେମାନେ ଶେଷରେ ଈଶ୍ୱରଙ୍କୁ ମହିମାନ୍ୱିତ କରିଛନ୍ତି''- ଇ. ଡବ୍ଲ୍ୟୁ. ମୋରେ ।

୮। ପ୍ରାର୍ଥନାରେ, ଆମେ ଏହା ନିଶ୍ଚିତ ହେବା ଉଚିତ୍ ଯେ, ଆମେ ଈଶ୍ୱରଙ୍କ ଇଚ୍ଛାର ଅଧୀନ । ତାପରେ ସେ ଯେ ଶୁଣିବେ ଏବଂ ଉତ୍ତର ଦେବେ ଏହା ବିଶ୍ୱାସ କରି ପ୍ରାର୍ଥନା କରିବା ଉଚିତ୍ । ''ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି । ଆଉ ଆମ୍ଭେମାନେ ତାହାଙ୍କ ନିକଟରେ ଯାହା କିଛି ପ୍ରାର୍ଥନା କରୁ, ତାହା ସେ ଶୁଣନ୍ତି ବୋଲି ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପ୍ରାର୍ଥନା କରିଅଛୁ, ସେହିସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ'' (୧ଯୋହନ ୫ : ୧୪, ୧୫) ।

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପ୍ରାର୍ଥନା କରିବା ମାନେ ହେଉଛି ତାହାଙ୍କ ଇଚ୍ଛାନୁସାରେ ପ୍ରାର୍ଥନା କରିବା । ଆମେ ଯେତେବେଳେ ପ୍ରକୃତରେ ତାହାଙ୍କ ନାମରେ ପ୍ରାର୍ଥନା କରୁ, ଏହା ହେଉଛି ତାଙ୍କର ପିତା ଇଶ୍ୱରଙ୍କୁ ପ୍ରକୃତରେ ଆତୁରେ ଅନୁରୋଧ କରିବା । ''ପୁଣି, ପିତା ଯେପରି ପୁତ୍ରଙ୍କଠାରେ ମହିମାନ୍ୱିତ ହୁଅନ୍ତି, ଏଥିନିମନ୍ତେ ତୁମ୍ଭେମାନେ ମୋ' ନାମରେ ଯାହା କିଛି ମାଗିବ, ତାହା ମୁଁ କରିବି'' (ଯୋହନ ୧୪ : ୧୩,୧୪) । ସେଦିନ ତୁମ୍ଭେମାନେ ମୋତେ କିଛି ପଚାରିବ ନାହିଁ । ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯଦି ତୁମ୍ଭେମାନେ ପିତାଙ୍କୁ କିଛି ମାଗିବ, ତେବେ ମୋ ନାମରେ ସେ ତୁମ୍ଭମାନଙ୍କୁ ତାହା ଦେବେ (ଯୋହନ ୧୬ : ୨୩) । ''ପୁନଶ୍ଚ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ପୃଥିବୀରେ ତୁମ୍ଭମାନଙ୍କ ମଧ୍ୟରୁ ଦୁଇଜଣ ଯେ କୌଣସି ବିଷୟରେ ଏକମନା ହୋଇ ଯାହା କିଛି ମାଗିବେ, ତାହା ମୋହର ସ୍ୱର୍ଗସ୍ଥ ପିତାଙ୍କ କର୍ତ୍ତୃକ ସେମାନଙ୍କ ପ୍ରତି ଘଟିବ । କାରଣ ଯେଉଁ ସ୍ଥାନରେ ଦୁଇ କି ତିନି ଜଣ ମୋ ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି'' । (ମାଥିଉ ୧୮ : ୧୯,୨୦) ।

'' 'ତାଙ୍କ ନାମରେ' ମାଗିବା ଅର୍ଥ ହେଉଛି ତାଙ୍କ ହସ୍ତରେ ଉତ୍ତୋଳିତ ହେବା ଏବଂ ତାଙ୍କ ଦ୍ୱାରା ପ୍ରାର୍ଥନାରେ ଚାଳିତ ହେବା : ଯାହାର ଅର୍ଥ, ମୁଁ ଏପରି କହିପାରେ, ତାଙ୍କର ଉଦ୍ବୁଦ୍ଧ ପ୍ରାର୍ଥନାକୁ ଆମପ୍ରତି ଆଣିବା ଏବଂ ତାଙ୍କର ଆକାଂକ୍ଷାସବୁକୁ ଆମ ହୃଦୟରେ ପ୍ରବାହିତ କରିବା । ''ତାଙ୍କ ନାମରେ'' ଏହାର ଅର୍ଥ ତାହା ହିଁ ଅଟେ । ତାଙ୍କର ନାମ ହେଉଛି ସେ ଯେପରି ଅଟନ୍ତି, ତାଙ୍କର ପ୍ରକୃତି ଯେପରି ଯେପରି ଅଟେ, ଏବଂ ତେଣୁକରି ଖ୍ରୀଷ୍ଟଙ୍କ ନାମରେ ପ୍ରାର୍ଥନା କରିବା ମାନେ ତାଙ୍କର ଆଶୀର୍ବାଦଯୁକ୍ତ ଆକାଂକ୍ଷା ଅନୁସାରେ ପ୍ରାର୍ଥନା କରିବା । ମନୁଷ୍ୟପୁତ୍ରଙ୍କ ନାମରେ ମୁଁ କ'ଣ ମନ୍ଦ ବିଷୟ ନିମନ୍ତେ ପ୍ରାର୍ଥନା କରିପାରେ ? ମୁଁ ଯାହା ପ୍ରାର୍ଥନା କରେ ତାହା ବାସ୍ତବରେ ତାଙ୍କର ସ୍ୱଭାବର ଏକ ପରିପ୍ରକାଶ ହେବା ଉଚିତ୍ । ମୁଁ କ'ଣ ତାହା କରିପାରେ କି ? ପ୍ରାର୍ଥନା ପବିତ୍ର ଆତ୍ମାଙ୍କର ଶକ୍ତିକୁ, ଖ୍ରୀଷ୍ଟଙ୍କର ମନକୁ, ଆମ ମଧ୍ୟରେ ଏବଂ ଆମ ନିମନ୍ତେ ଖ୍ରୀଷ୍ଟଙ୍କର ଆକାଂକ୍ଷାକୁ ପ୍ରବାହିତ କରିବା ଉଚିତ୍ । ତାଙ୍କ ନାମରେ ପ୍ରାର୍ଥନା କରିବାକୁ ପ୍ରଭୁ ଆମକୁ ଅଧିକରୁ ଅଧିକ ଶିକ୍ଷା ଦିଅନ୍ତି । ଆମେ ପ୍ରାର୍ଥନା ଶେଷ କରିବାକୁ ଚିନ୍ତା କରିବା ଉଚିତ୍ ନୁହେଁ, ଏହି ଶବ୍ଦଗୁଡ଼ିକ ବିନା : 'ଆମ ପ୍ରଭୁଙ୍କର ଗୌରବମୟ

ନାମରେ', କିନ୍ତୁ ତା'ପରେ ସମସ୍ତ ଆବେଦନ ପ୍ରଭୁ ଯୀଶୁଙ୍କର ଗୌରବମୟ ନାମରେ ଭେଦ୍ୟ ଏବଂ ଗମ୍ୟ ହେବା ଉଚିତ୍ - ସମସ୍ତ ବିଷୟ ସେହିନାମ ଅନୁସାରେ''- ଶ୍ୟାମୁଏଲ ରିଡାଉଟ୍

୯ । ଆମର ପ୍ରାର୍ଥନା ଜୀବନକୁ ପ୍ରକୃତରେ ଫଳପ୍ରଦ କରିବାକୁ ହେଲେ, ଆମକୁ ଇଶ୍ୱରଙ୍କ ସହ ଘନିଷ୍ଠତା ସ୍ଥାପନ କରିବାକୁ ହେବ । ଏହାର ଅର୍ଥ,, ଆମେ ବୁଝୁ ଯେ, ପାପ ଆମ ହୃଦୟରେ ପ୍ରବେଶ କରୁଥିବାର ଆମେ ସଚେତନ ହେଲାକ୍ଷଣି ଏହାକୁ ସ୍ୱୀକାର ଏବଂ ପରିତ୍ୟାଗ କରିଦେବାକୁ ହେବ । '' ଯେବେ ମୁଁ ମନ ମଧ୍ୟରେ ଅଧର୍ମକୁ ଆଦର କରେ, ତେବେ ପ୍ରଭୁ ମୋ କଥା ଶୁଣିବେ ନାହିଁ'' (ଗୀତ ୬୬ : ୧୮) । ଆମେ ଖ୍ରୀଷ୍ଟଙ୍କ ସାନ୍ନିଧ୍ୟରେ ରହିବା ଉଚିତ୍ । ''ଯଦି ତୁମ୍ଭେମାନେ ମୋଠାରେ ରୁହ, ଆଉ ମୋହର ବାକ୍ୟ ତୁମ୍ଭମାନଙ୍କଠାରେ ରୁହେ, ତାହାହେଲେ ଯେକୌଣସି ବିଷୟ ଇଚ୍ଛାକର, ତାହା ମାଗ, ଆଉ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିତ ହେବ'' (ଯୋହନ ୧୫ : ୭) । ଯେଉଁ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ରହେ ସେ ଏପରି ଘନିଷ୍ଠଭାବେ ତାଙ୍କଠାରେ ରହେ ଯେ, ସେ ଈଶ୍ୱରଙ୍କ ଇଚ୍ଛା ବିଷୟକ ଜ୍ଞାନରେ ପରିପୂର୍ଣ୍ଣ ଲାଭ କରେ । ତେଣୁକରି ସେ ବୁଦ୍ଧିମାନ୍‌ଭାବେ ପ୍ରାର୍ଥନା କରି ଉତ୍ତରପ୍ରାପ୍ତି ନିମନ୍ତେ ନିଶ୍ଚିତତା ବୋଧ କରିପାରେ । ପୁଣି ସାନ୍ନିଧ୍ୟତାର ଜୀବନ ଏହା ଦାବୀ କରେ ଯେ, ଆମେ ତାଙ୍କର ଆଦେଶ ପାଳନ କରୁଛୁ । ''ପୁଣି ଆମ୍ଭେମାନେ ଯାହା ଯାହା ମାଗୁ, ସେହିସବୁ ତାହାଙ୍କଠାରୁ ପାଇଥାଉ, କାରଣ ଆମ୍ଭେମାନେ ତାହାଙ୍କର ଆଜ୍ଞାପାଳନ କରୁ, ପୁଣି ତାହାଙ୍କର ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା କରିଥାଉ'' (୧ଯୋହନ ୩ : ୨୨) । ଆମର ପ୍ରାର୍ଥନା ଶ୍ରବଣ ଏବଂ ଉତ୍ତରପ୍ରାପ୍ତ ହେବା ନିମନ୍ତେ ଏକ ଯଥାର୍ଥ ହୃଦୟ ଆବଶ୍ୟକ (୧ଯୋହନ ୩ : ୨୦) ।

୧୦ । ଆମେ କେବଳ ଦିବସର ନିର୍ଦ୍ଦିଷ୍ଟ କେତୋଟି ସମୟରେ ପ୍ରାର୍ଥନା କରିବା ଉଚିତ୍ ନୁହେଁ, ଆମେ ପ୍ରାର୍ଥନାର ଅଭ୍ୟାସକୁ ବର୍ଦ୍ଧିଷ୍ଣୁ କରିବା ଉଚିତ୍, ଯାହାଫଳରେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ, କାର୍ ଚଳାଉଥିବାବେଳେ, ଟେବୁଲରେ କାର୍ଯ୍ୟକରୁଥିବା ବେଳେ କିମ୍ବା ଗୃହରେ କାର୍ଯ୍ୟ କରୁଥିବା ବେଳେ ଆମେ ଈଶ୍ୱରଙ୍କୁ ଦର୍ଶନ କରିପାରୁ । ନିହିମିୟା ହେଉଛନ୍ତି ଏହିପ୍ରକାର ସ୍ୱତଃ ଉତ୍ସୁରିତ ପ୍ରାର୍ଥନାର ଏକ ବଳିଷ୍ଠ ଉଦାହରଣ (ନିହିମିୟା ୨ : ୪) । ସାମାୟିକ ପରିଦର୍ଶନ କରିବାଠାରୁ ''ସର୍ବ ମହାନ୍‌ଙ୍କ ଗୁପ୍ତ ନିବାସରେ ବାସ କରିବା'' ଏକ ଉତ୍ତମ ବିଷୟ ।

୧୧ । ଶେଷରେ, ଆମର ପ୍ରାର୍ଥନା ଅବ୍ୟର୍ଥ ହେବା ଉଚିତ୍ ! ଏହା କେବଳ ସମ୍ଭବ ହୁଏ ଯେତେବେଳେ ଆମେ ନିର୍ଦ୍ଦିଷ୍ଟ ବିଷୟଗୁଡ଼ିକ ନିମନ୍ତେ ପ୍ରାର୍ଥନା କରୁ ଯେଉଁସବୁର କି ଆମେ ନିର୍ଦ୍ଦିଷ୍ଟ ଉତ୍ତରସବୁ ପାଇପାରିବୁ ।

ପ୍ରାର୍ଥନା ହେଉଛି ଏକ ଚମତ୍କାର ସୁଯୋଗ । ଏହା ମାଧ୍ୟମରେ, 'ହଡ଼ସନ୍ ଟେଲର୍' ଯେପରି କହିଥିଲେ, ଈଶ୍ୱରଙ୍କ ମାଧ୍ୟମରେ ମନୁଷ୍ୟମାନଙ୍କୁ ପରିବର୍ତ୍ତନ କରିବାକୁ ପାରିବା । ପ୍ରାର୍ଥନାର ବିସ୍ମୟ ରାଜ୍ୟରେ ଅଲୌକିକ କାର୍ଯ୍ୟସକଳ କରିବା ନିମନ୍ତେ ଆମ ହସ୍ତରେ ଯେ କେତେ ସେବାକାର୍ଯ୍ୟସବୁ ରହିଛି । ଆମେ ସୂର୍ଯ୍ୟାଲୋକକୁ ଶୀତଳ ଏବଂ ତିମିରାଚ୍ଛନ୍ନ ସ୍ଥାନକୁ ନେଇଯାଇ ପାରିବା । ଆମେ ବନ୍ଦୀଗୃହର ଉଦାସୀନତାରେ ଆଶାର ଆଲୋକ ଶିଖା ଜଳାଇ ପାରିବା । ଆମେ ବନ୍ଦୀମାନଙ୍କର ଆଣ୍ଠୁରୁ ଶୃଙ୍ଖଳଗୁଡ଼ିକୁ ମଧ୍ୟ କୋହଳ କରିଦେଇ ପାରିବା । ଆମେ ଗୃହର ଶୁଭବାରତା ଏବଂ ଚିନ୍ତାଗୁଡ଼ିକୁ ଦୂରଦେଶକୁ ନେଇପାରିବା । ଆମେ ଆତ୍ମିକଭାବରେ ନିସ୍ତେଜକ ଥିବା ବ୍ୟକ୍ତିମାନଙ୍କ ନିମନ୍ତେ ସ୍ୱର୍ଗୀୟ ଆନ୍ତରିକତା ସବୁ ବୋହିନେଇ ପାରିବା, ଯଦିଚ ସେମାନେ ଅକ୍ଳାନ୍ତ ଶ୍ରମ କରୁଛନ୍ତି । ପ୍ରାର୍ଥନାରେ ଏହି ସମସ୍ତ ହୋଇପାରେ ।''- ଜେ. ଏଚ୍. ଜୋୱେଟ୍

ଏହି ପ୍ରସଙ୍ଗରେ, 'ୱେନ୍‌ହାସ୍' ନାମରେ ଜଣେ ଲେଖକ ନିଜର ସାକ୍ଷ୍ୟଯୁକ୍ତ କରନ୍ତି : ''ପ୍ରଚାର ହେଉଛି ଏକ ବିରଳ ଉପହାର; ପ୍ରାର୍ଥନା ହେଉଛି ଏକ ବିରଳତର ଉପହାର । ପ୍ରଚାର, ଏକ ଖଡ୍ଗ ସଦୃଶ, ଏକ ଅସ୍ଥାୟୀ ସାମରିକ ସ୍ଥଳରୁ ବ୍ୟବହାର କରିବାନିମନ୍ତେ ଏକ ଅସ୍ତ୍ରଶସ୍ତ୍ର ସଦୃଶ; ଦୂରରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ଏହା ମାଧ୍ୟରେ ପହଞ୍ଚିହେବ ନାହିଁ । ପ୍ରାର୍ଥନା, ଏକ ଭଗ୍ନବସ୍ତୁର କ୍ଷତିପୂରଣକାରୀ ସଦୃଶ, ଦୀର୍ଘତର ପହଞ୍ଚକ୍ଷମତା ବିଶିଷ୍ଟ ଏବଂ କେତେକ ପରିସ୍ଥିତିରେ ମଧ୍ୟ ଅଧିକ ଫଳପ୍ରଦ ।''

ପ୍ରଭୁ, ତୁମ ସହ ବିତିଥିବା କ୍ଷଣଟିରେ ସତେ କି ନୂତନତା !
ମୁକ୍ତ ଆମେ ସକଳ ବୋଝରୁ ଲଭି ତୁମ ଆତ୍ମୀୟତା ।
ଆଣ୍ଠୁପାଡି ଯାହା ନୀଚ ଦେଖୁ ଉଠି ଦେଖୁ ସମସ୍ତ ଦୂର ଓ ନିକଟରେ ।
କେତେ ଯେ ଦୁର୍ବଳ ଥିଲୁ ସତେ ! ଏବେ ପରିପୂର୍ଣ୍ଣ ଶକ୍ତି, ସାହସରେ ।
ତେବେ, ଭ୍ରମ କରିବାରେ ନାହିଁ ଯଥାର୍ଥତା
ପ୍ରତିଟି ମୁହୂର୍ତ୍ତରେ ଆମକୁ ଗ୍ରାସେ ଦୁର୍ବଳତା ।

ଦାୟିତ୍ୱ ବୋଝରେ ପ୍ରାୟ ପଡିଥାଉ ଥକି
ସମସ୍ୟା ଜଡ଼ିତ, ଉତ୍କଣ୍ଠିତ, ଭଗ୍ନ ହୃଦୟ ନିରେଖି
ମାତ୍ର ଯେବେ ପ୍ରାର୍ଥନା, ଥାଏ ଆମ ସହିତରେ
ଆମେ ପୂର୍ଣ୍ଣଥାଉ ତେବେ ଶକ୍ତି, ଆନନ୍ଦରେ ।

-ବ୍ରେଞ୍ଚ୍ ।

## ସୈନିକ ବୃତ୍ତି

ପୃଥିବୀ ପୃଷ୍ଠରେ ଖ୍ରୀଷ୍ଟଙ୍କର ସେବାକାର୍ଯ୍ୟକୁ ବର୍ଣ୍ଣନା କରିବା ନିମନ୍ତେ ଅନେକବାର ଯେ ସୈନିକ ବୃତ୍ତିର ଚିତ୍ର ବ୍ୟବହାର କରାଯାଇଛି ଏହା ହୃଦୟଙ୍ଗମ କରିବା ବିନା କେହିହେଲେ ନୂତନ ନିୟମକୁ ଏପରିକି ଆକସ୍ମିକ ଭାବେ କ୍ୱଚିତ ପାଠ କରିପାରିବ । ପ୍ରକୃତ ଖ୍ରୀଷ୍ଟିୟ ସାମ୍ରାଜ୍ୟ ଆଧୁନିକ ଖ୍ରୀଷ୍ଟ ସାମ୍ରାଜ୍ୟର ଚାକ-ଚକ୍ୟଠାରୁ ବହୁତ ଦୂରରେ । ଆଜିକାଲିର ଅତିବର୍ଦ୍ଧିଷ୍ଣ ବିଳାସବ୍ୟସନ-ଜୀବନ ଏବଂ ଆମୋଦପ୍ରମୋଦ-ଅନ୍ୱେଷଣକାରୀ ଜୀବନଯାପନଠାରୁ ଏହା ବହୁତ ଊର୍ଦ୍ଧ୍ୱରେ । ବରଂ, ମୃତ୍ୟୁ ପର୍ଯ୍ୟନ୍ତ ଏହା ଏକ ସଂଗ୍ରାମ, ନରକର ବଳ ବିରୁଦ୍ଧରେ ଏକ ଅପ୍ରତିହତ ଦ୍ୱନ୍ଦ ।

ଯୁଦ୍ଧରେ, ଏକତା ଥିବା ଆବଶ୍ୟକ । ଭୀଷଣ କଳହ ନିମନ୍ତେ, ଦଳଭୁକ୍ତ ଈର୍ଷା ନିମନ୍ତେ, ରାଷ୍ଟ୍ର ଆନୁଗତ୍ୟତାର ବିଭାଗ ନିମନ୍ତେ ଏହା ସମ୍ଭବ ନୁହେଁ । କୌଣସି ଗୃହ ନିଜ ନିଜ ମଧ୍ୟରେ ବିଭକ୍ତ ହୋଇ ସ୍ଥିର ରହିପାରେ ନାହିଁ । ତେଣୁକରି, ଖ୍ରୀଷ୍ଟଙ୍କର ସୈନିକମାନେ ଏକତାବଦ୍ଧ ହେବା ଆବଶ୍ୟକ । ଏକତା ପଥକୁ ବିନମ୍ରତା ମାଧ୍ୟମରେ ଯାଇହୁଏ । ଫିଲିପୀୟ ୨ରେ ଏହା ସ୍ପଷ୍ଟରୂପେ ଶିକ୍ଷା ଦିଆ ଯାଇଅଛି । ଜଣେ ପ୍ରକୃତ ନମ୍ର ବ୍ୟକ୍ତି ସହ ପ୍ରତିଦ୍ୱନ୍ଦିତା କରିବା ଅସମ୍ଭବ ଅଟେ । କଳହଟିଏ ନିମନ୍ତେ ଦୁଇଜଣ ଆବଶ୍ୟକ । ‘‘କେବଳ ଗର୍ବ ଦ୍ୱାରା ଦ୍ୱନ୍ଦ ଆସିଥାଏ ।’’ ଯେଉଁଠାରେ ଗର୍ବ ନାହିଁ, ସେଠାରେ ଦ୍ୱନ୍ଦର ସ୍ଥାନ ମଧ୍ୟ ନାହିଁ ।

ଯୁଦ୍ଧ, ବୈରାଗ୍ୟପୂର୍ଣ୍ଣ ଏବଂ ଔତ୍ସର୍ଗିକ ଜୀବନଯାପନ ଦାବୀ କରେ । ଯେକୌଣସି ପରିଣାମବିଶିଷ୍ଟ ଯୁଦ୍ଧରେ ଅପରିବର୍ତ୍ତନୀୟଭାବେ ଯୌକ୍ତିକତାର ଗୋଟିଏ ବୃହତ ପ୍ରଥା ଥାଏ । ଏହା ହିଁ ହେଉଛି ପ୍ରକୃଷ୍ଟ ସମୟ, ଯେତେବେଳେ ଖ୍ରୀଷ୍ଟ ବିଶ୍ୱାସୀମାନେ ହୃଦୟଙ୍ଗମ କରନ୍ତି ଯେ ଆମେ ଯୁଦ୍ଧକାଳରେ ଉପନୀତ ଏବଂ

ତେଣୁକରି ବ୍ୟୟକୁ ସର୍ବନିମ୍ନ ପରିମାଣକୁ କମାଇବା ଆବଶ୍ୟକ । ଯାହାଫଳରେ ସଂଗ୍ରାମ ନିମନ୍ତେ ଯେତେ ପରିମାଣରେ ସମ୍ଭବ ସେହି ସମ୍ବଳସବୁକୁ ପଠାଯାଇପାରେ ।

ଏହାକୁ ଅନେକେ ସେପରି ସ୍ପଷ୍ଟରୂପେ ଦେଖିପାରନ୍ତି ନାହିଁ, ଯେପରି ଜଣେ ଯୁବ ଶିଷ୍ୟ ଆର୍...........ଏମ୍......... ଦେଖିପାରିଥିଲେ । ୧୯୬୦ ରେ ସେ ଏକ ଖ୍ରୀଷ୍ଟିୟ ବିଦ୍ୟାଳୟର ନୂତନ ଛାତ୍ରମାନଙ୍କର ଶ୍ରେଣୀ ସଭାପତି ଥିଲେ । ତାଙ୍କର ସମୟ କାଳରେ, ଏହା ପ୍ରସ୍ତାବିତ ହେଲା ଯେ ଶ୍ରେଣୀର ପାର୍ଟି ନିମନ୍ତେ, ଜ୍ୟାକେଟ୍ ଏବଂ ଶ୍ରେଣୀର ଏକ ଉପହାର ନିମନ୍ତେ ଅର୍ଥବ୍ୟୟ କରାଯିବ । ସୁସମାଚାରର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରତ୍ୟକ୍ଷ୍ୟ ଭାବେ ଅଂଶଦାନ କରୁ ନ ଥିବା ବ୍ୟୟକୁ ସେ ଅନୁମୋଦନ ତ କଲେ ନାହିଁ ବରଂ ଆର୍....... ଏମ୍ ..... ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କଲେ । ତାଙ୍କର ଇସ୍ତଫା ଘୋଷିତ ହେବା ଦିନ ତାଙ୍କର ସହପାଠୀମାନଙ୍କୁ ନିମ୍ନୋକ୍ତ ପ୍ରତିଟି ବଣ୍ଟନ କରାଯାଇଥିଲା :

ପ୍ରିୟ ସହପାଠୀଗଣ,

ଯେହେତୁ ଶ୍ୟେଣୀପାର୍ଟି, ଜ୍ୟାକେଟ୍‌ଗୁଡ଼ିକ ଏକ ଶ୍ରେଣୀ ଉପହାର ବିଷୟ ବୈଠକକୁ ଅଣାଯାଇଛି, ମୁଁ, ଶ୍ରେଣୀର ସଭାପତି ହୋଇଥିବାରୁ ଦୃଷ୍ଟିରୁ ଏହିସବୁ ବିଷୟଗୁଡ଼ିକ ପ୍ରତି ଖ୍ରୀଷ୍ଟିୟ ଆଚରଣ ବିବେଚନା କରୁଅଛି ।

ମୁଁ ଚିନ୍ତାକରୁଛି, ଆମମାନଙ୍କୁ ଆମର ଅର୍ଥକୁ ଏବଂ ଆମର ସମୟକୁ ସଂପୂର୍ଣ୍ଣ ଭାବରେ ଖ୍ରୀଷ୍ଟଙ୍କୁ ଏବଂ ଅନ୍ୟମାନଙ୍କୁ ଦେବା ଦ୍ୱାରା ଆମ ନିଜ ନିମନ୍ତେ ସର୍ବଶ୍ରେଷ୍ଠ ଆନନ୍ଦ ପ୍ରାପ୍ତ ହୋଇପାରିବା ଏବଂ ତାଙ୍କ ବାକ୍ୟର ଏହି ବାସ୍ତବତା : ''ଯେ ମୋ ନିମନ୍ତେ ନିଜ ଜୀବନ ହରାଏ ସେ ତାହା ଲାଭ କରେ'' ପ୍ରାପ୍ତ ହୋଇ ପାରିବା ।

ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ନିମନ୍ତେ ଯେଉଁମାନେ କି ସେମାନଙ୍କର ଧନ ଏବଂ ସମସ୍ତ ବିଷୟଗୁଡ଼ିକୁ ଅବିଶ୍ୱାସୀମାନଙ୍କ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସାକ୍ଷ୍ୟ ବହନ କରୁଥିବା ଉଦ୍ଦେଶ୍ୟରେ କିମ୍ବା ଖ୍ରୀଷ୍ଟଙ୍କଠାରେ ତାଙ୍କର ସନ୍ତାନମାନଙ୍କୁ ଗଢ଼ିତୋଳିବାରେ ବ୍ୟୟ ନ କରନ୍ତି ସେମାନେ ଏହି ସତ୍ୟପ୍ରତି ଅସଙ୍ଗତ ବୋଧ କଲାପରି ମନେ ହୁଅନ୍ତି ଯେ ଦୈନିକ ୭୦୦୦ କ୍ଷୁଧାରେ ପ୍ରାଣ ହରାନ୍ତି ଏବଂ ପୃଥିବୀର ଅଧାଅଧି ଲୋକେ ମନୁଷ୍ୟର ଏକମାତ୍ର ଭରସା ଓ ଆଶା ବିଷୟ ଏପର୍ଯ୍ୟନ୍ତ ଶୁଣିନାହାଁନ୍ତି ।

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ କଦାପି ଶୁଣି ନ ଥିବା ପୃଥିବୀର ୬୦% ଲୋକଙ୍କ ନିକଟରେ କିମ୍ବା ଏପରିକି ଆମର ପ୍ରତିବାସୀ ଗୃହଗୁଡ଼ିକ

ନିକଟରେ ଯେଉଁମାନେ କି ଆମପରି ଏକତ୍ରୀତ ହୋଇ ପ୍ରଭୁଙ୍କ ନିକଟକୁ ଆସିବା ପରିବର୍ତ୍ତେ ଆମର ସାମାଜିକ ଉତ୍ତମ-ପରିଧିକୁ ସୀମାବଦ୍ଧ କରି ପ୍ରାଣ ଏବଂ ସୁଖସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଧନ ଏବଂ ସମୟ ବ୍ୟୟ କରୁଥାନ୍ତି ସେମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ ସାହାଯ୍ୟ କରି ଆମେ ଯେ କେତେ ଅଧିକ ଗୌରବ ପ୍ରଭୁଙ୍କୁ ଦେଇ ନ ପାରନ୍ତୁ ।

ଯେହେତୁ, ପ୍ରଭୁଯୀଶୁଙ୍କ ଗୌରବ ନିମନ୍ତେ ଏବଂ ମୋର ନିକଟ ଓ ଦୂର ପ୍ରତିବାସୀମାନଙ୍କ ସାହଯ୍ୟସ୍ୱରୂପ ଏହି ମହାନ୍ ସୁଯୋଗ ନିମନ୍ତେ ଅର୍ଥ ଯେ କେଉଁ ଦିଗରେ ବ୍ୟବହୃତ ହୋଇ ପାରିବ ଏହାର ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ସୁଯୋଗ ବିଷୟ ମୁଁ ସଚେତନ ଅଟେ, ତେଣୁ କରି ଆମମାନଙ୍କ ନିମନ୍ତେ ଅନାବଶ୍ୟକ ଭାବେ ଖର୍ଚ୍ଚ କରିବାକୁ ଏହି ଶ୍ରେଣୀ ପାଣ୍ଠିକୁ ଅନୁମୋଦନ କରିବା ମୋ ପକ୍ଷରେ ଅସମ୍ଭବ । ଯଦି ମୁଁ ସେହିମାନଙ୍କ ପରି ହୋଇଥାନ୍ତି ଯେଉଁମାନେ କି ଏକ ଜରୁରୀ ସାହାଯ୍ୟ ପାଇବା ଅବସ୍ଥାରେ ଅଛନ୍ତି, ଯେପରି ମୁଁ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଜାଣିଛି, ମୁଁ ସେମାନଙ୍କଠାରୁ ସେହିସମସ୍ତ ଇଚ୍ଛା କରନ୍ତି ଯେଉଁମାନଙ୍କର ସୁସମାଚାର ସହ ମୋର ଆବଶ୍ୟକୀୟ ବସ୍ତୁବାଦୀ ଆବଶ୍ୟକତାଗୁଡ଼ିକୁ ଯୋଗାଇ ପାରିବାର ସାମର୍ଥ୍ୟତା ରହିଛି ।

"ଏବଂ ଅନ୍ୟମାନେ ତୁମମାନଙ୍କ ପ୍ରତି ଯାହା କରନ୍ତୁ ବୋଲି ତୁମେ ଇଚ୍ଛା କର, ସେମାନଙ୍କ ନିମନ୍ତେ ତୁମେ ତାହା ହିଁ କର" ।

"ଏବଂ ଯେକେହି ଜାଗତିକ ବିଷୟରେ ଧନୀ ହୋଇ ମଧ୍ୟ, ତାହାର ଭାଇକୁ ଅଭାବଗ୍ରସ୍ତ ଦେଖିଲେ ହେଁ, ତାହାର ହୃଦୟ ତା'ପ୍ରତି ରୁଦ୍ଧ କରେ, ଈଶ୍ୱରଙ୍କ ପ୍ରେମ ତା'ପ୍ରତି କିପରି ସହବର୍ତ୍ତୀ ହୋଇପାରିବ ?"

ତେଣୁକରି ଏହା ପ୍ରେମ ଓ ପ୍ରାର୍ଥନା ଯେ, ତୁମ୍ଭେମାନେ ଯେପରି ପ୍ରଭୁଯୀଶୁଙ୍କର ସମସ୍ତ ଦାନକୁ ଦେଖିପାର (୨କରିନ୍ଥୀୟ ୮ : ୯୦), ଫଳରେ ମୁଁ ୬୩ ଶ୍ରେଣୀର ସଭାପତି ପଦରୁ ମୋର ଇସ୍ତଫାପତ୍ର ପ୍ରଦାନ କରୁଛି ।

ପ୍ରଭୁଙ୍କଠାରେ ତୁମ୍ଭମାନଙ୍କ ସହ

ଆର୍....... ଏମ୍........

ଯୁଦ୍ଧ ଯନ୍ତ୍ରଣା ଦାବୀ କରେ । ଯଦି ଆଜିର ଯୁବକମାନେ ସେମାନଙ୍କର ଦେଶ ନିମନ୍ତେ ପ୍ରାଣପାତ କରିଦେବାକୁ ଇଚ୍ଛୁକ ଅଟନ୍ତି, ତେବେ ଖ୍ରୀଷ୍ଟଙ୍କ ନିମନ୍ତେ ଓ

ସୁସମାଚାର ନିମନ୍ତେ ଖ୍ରୀଷ୍ଟବିଶ୍ୱାସୀମାନେ କେତେ ଅଧିକ ଇଚ୍ଛୁକ ନ ହେବା ଉଚିତ୍ । ଯେଉଁ ବିଶ୍ୱାସ ନିମନ୍ତେ କିଛି ମୂଲ୍ୟ ଦେବାକୁ ପଡ଼େନାହିଁ ସେହି ବିଶ୍ୱାସର ମୂଲ୍ୟ କିଛି ନାହିଁ । ଯଦି ପ୍ରଭୁ ଯୀଶୁ ଆମ ନିମନ୍ତେ କିଛି ଅଟନ୍ତି, ସେ ଆମନିମନ୍ତେ ସମସ୍ତ ବିଷୟ ହେବା ଉଚିତ୍ ଏବଂ ବ୍ୟକ୍ତିଗତ ନିରାପତ୍ତା ଉପରେ ଗୁରୁତ୍ୱ ବା ଯନ୍ତ୍ରଣାରୁ ମୁକ୍ତି ବିଷୟ ଆମକୁ ତାଙ୍କ ପ୍ରତି ଆମର ସେବାରୁ ନିବୃତ୍ତ କରିପାରିବ ନାହିଁ ।

ଯେତେବେଳେ ପ୍ରେରିତ ପାଉଲ ତାଙ୍କର ସମାଲୋଚକମାନଙ୍କ ଆକ୍ରମଣ ବିରୋଧରେ ନିଜର ଶିଷ୍ୟତ୍ୱ ରକ୍ଷା କରିବାକୁ ଆକାଂକ୍ଷା କଲେ, ସେ ତାଙ୍କର ପାରିବାରିକ ପୃଷ୍ଠଭୂମି ବା ତାଙ୍କର ଶିକ୍ଷା ବା ତାଙ୍କ ଜାଗତିକ କୃତକାର୍ଯ୍ୟତାକୁ ଉଲ୍ଲେଖ କରି ନ ଥିଲେ । ବରଂ ସେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନିମନ୍ତେ ତାଙ୍କର ଯନ୍ତ୍ରଣାକୁ ଉଲ୍ଲେଖ କରିଥିଲେ ।

''ସେମାନେ କି ଖ୍ରୀଷ୍ଟଙ୍କର ସେବକ ? (ମୁଁ ପାଗଳପରି କହୁଅଛି), ମୁଁ ଅଧିକ ରୂପେ ଖ୍ରୀଷ୍ଟଙ୍କର ସେବକ, ଅଧିକ ପରିଶ୍ରମ କରିବାରେ, ଅଧିକ କାରାବାସ ଭୋଗରେ, ଅପରିମିତ ପ୍ରହାର ସହ୍ୟ କରିବାରେ, ବାରମ୍ବାର ମୃତ୍ୟୁର ସମ୍ମୁଖୀନ ହେବାରେ, ମୁଁ ଯିହୂଦୀମାନଙ୍କଠାରୁ ପାଞ୍ଚଥର ଊଣଚାଳିଶ ପ୍ରହାର ପାଇଅଛି, ତିନିଥର ବେତ୍ରାଘାତ, ଥରେ ପ୍ରସ୍ତରାଘାତ, ତିନିଥର ଜାହାଜଭଙ୍ଗ ସହିଅଛି, ଅଗାଧ ଜଳରେ ଦିବାରାତ୍ର କ୍ଷେପଣ କରିଅଛି, ଅନେକଥର ଯାତ୍ରା କରିବାରେ, ନଦୀର ବିପଦରେ, ନଗରର ବିପଦରେ, ପ୍ରାନ୍ତରର ବିପଦରେ, ସମୁଦ୍ରର ବିପଦରେ, ଭଣ୍ଡ ଭାଇମାନଙ୍କଠାରୁ ବିପଦରେ, ପରିଶ୍ରମ ଓ କଷ୍ଟଭୋଗରେ, ଅନେକଥର ଉଜାଗରରେ, କ୍ଷୁଧା ଓ ତୃଷ୍ଣାରେ, ଅନେକଥର ଉପବାସରେ, ଶୀତ ଓ ଉଲଙ୍ଗତାରେ । ଅବଶିଷ୍ଟ ସମସ୍ତ ବିଷୟଛଡ଼ା ଆଉ ଗୋଟିଏ ବିଷୟ ପ୍ରତିଦିନ ମୋ ଉପରେ ମାଡ଼ିପଡୁଅଛି, ଅର୍ଥାତ୍ ମଣ୍ଡଳୀସମୂହ ନିମନ୍ତେ ଚିନ୍ତା'' (୨ କରିନ୍ଥୀୟ ୧୧ : ୨୩-୨୮) ।

ପୁତ୍ର ତୀମଥିଙ୍କୁ ତାଙ୍କର ମହତ୍ ଆହ୍ୱାନ ଜଣାଇ ସେ ପ୍ରବର୍ତ୍ତନା ଦେଇଥିଲେ, ''ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତ୍ତମ ଯୋଦ୍ଧା ପରି ମୋ ସହିତ କ୍ଲେଶ ସହ୍ୟ କର'' (୨ତୀମଥି ୨ : ୩) ।

ଯୁଦ୍ଧ ଅସନ୍ଦିଗ୍ଧ ବାଧ୍ୟତା ଦାବୀ କରେ । ଜଣେ ପ୍ରକୃତ ସୈନିକ ବିନା ପ୍ରଶ୍ନରେ ଏବଂ ବିନା ବିଳମ୍ବରେ ତା'ର ଉଚ୍ଚ ପଦସ୍ଥ କର୍ମଚାରୀଙ୍କର ଆଦେଶକୁ ଅନୁଗମନ

କରିବ । ଏହା ଚିନ୍ତା କରିବା ଅସଙ୍ଗତ ଯେ ଯେକୌଣସି ଊଣା ବିଷୟରେ ଖ୍ରୀଷ୍ଟ ସନ୍ତୁଷ୍ଟ ହୋଇ ପାରିବେ । ସୃଷ୍ଟିକର୍ତ୍ତା ଏବଂ ଉଦ୍ଧାରକର୍ତ୍ତା ଭାବେ, ଏହା ପ୍ରତ୍ୟାଶ୍ୟା ରଖିବାକୁ ତାଙ୍କର ସମସ୍ତ ଅଧିକାର ରହିଛି ଯେ ଯେଉଁମାନେ ଯୁଦ୍ଧରେ ତାଙ୍କୁ ଅନୁଗମନ କରିବେ ସେମାନେ ତାଙ୍କର ଆଦେଶକୁ ତତ୍ପରତାରେ ଓ ପରିପୂର୍ଣ୍ଣତାରେ ପାଳନ କରିବେ ।

ଯୁଦ୍ଧ ଅସ୍ତ୍ରଶସ୍ତ୍ର ବ୍ୟବହାର କ୍ଷେତ୍ରରେ ନିପୁଣତା ଦାବୀକରେ । ଜଣେ ଖ୍ରୀଷ୍ଟବିଶ୍ୱାସୀର ଅସ୍ତ୍ରଶସ୍ତ୍ର ହେଉଛି ପ୍ରାର୍ଥନା ଏବଂ ପ୍ରଭୁଙ୍କ ବାକ୍ୟ । ସେ ନିଜକୁ ଉତ୍ସାହପୂର୍ଣ୍ଣ, ବିଶ୍ୱାସପୂର୍ଣ୍ଣ ଏବଂ ନିଷ୍ଠାପୂର୍ଣ୍ଣ ପ୍ରାର୍ଥନାରେ ସମର୍ପଣ କରିଦେବା ଆବଶ୍ୟକ । ଏହା ଫଳରେ କେବଳ ଶତ୍ରୁର ଦୃଢ଼ତା ଭୁଷୁଡ଼ି ଆସିବ । ତା'ପରେ ଆତ୍ମାଙ୍କ ଖଡ୍ଗକୁ ବ୍ୟବହାର କରିବା କ୍ଷେତ୍ରରେ ସେ ପ୍ରବୀଣ ହେବା ଉଚିତ୍, ଯାହାକି ଈଶ୍ୱରଙ୍କ ବାକ୍ୟ ଅଟେ । ତା'ର ଖଡ୍ଗକୁ ପତିତ କରିଦେବାକୁ ଶତ୍ରୁ ତା'ର ଶକ୍ତିରେ ସମସ୍ତ ଉପାୟ ଅବଲମ୍ବନ କରିବ । ଶାସ୍ତ୍ରର ଅନୁପ୍ରେରଣା ଉପରେ ସେ ସନ୍ଦେହ ନିକ୍ଷେପ କରିବ । ସେ ଦୃଢ଼ ବିରୋଧାଭାସଗୁଡ଼ିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବ । ସେ ବିଜ୍ଞାନସମ୍ମତ, ଦର୍ଶନତତ୍ତ୍ୱସମ୍ବଳିତ ଏବଂ ମାନବିକ ପରମ୍ପରାକୁ ଆଧାର କରି ବିରୋଧ ତର୍କସବୁ ଉପସ୍ଥାପନ କରିବ । କିନ୍ତୁ ଖ୍ରୀଷ୍ଟଙ୍କର ସୈନିକଟିକୁ ତାର ଅସ୍ତ୍ରଶସ୍ତ୍ରର କାର୍ଯ୍ୟଦକ୍ଷତାକୁ ସମସ୍ତ ସମୟରେ ବ୍ୟବହାର ଦ୍ୱାରା ପ୍ରମାଣିତ କରି ତା'ର କାର୍ଯ୍ୟକ୍ଷେତ୍ରରେ ଛିଡା ହେବାକୁ ହେବ ।

ଜାଗତିକ ବ୍ୟକ୍ତିଟି ନିମନ୍ତେ ଖ୍ରୀଷ୍ଟିୟ ସୈନିକବୃତ୍ତିର ଅସ୍ତ୍ରଶସ୍ତ୍ରସବୁ ହାସ୍ୟାସ୍ପଦ ମନେ ହୋଇପାରେ । ଯିରୀହୋ ବିରୁଦ୍ଧରେ ଯେଉଁ ଯୋଜନାଟି ସଫଳ କାର୍ଯ୍ୟସାଧକ ବୋଲି ପ୍ରମାଣିତ ହୋଇଥିଲା ତାହା ଆଜିର ସାମରିକ ନେତାମାନଙ୍କ ଦ୍ୱାରା ହାସ୍ୟାସ୍ପଦ ମନେ ହୋଇଥାନ୍ତା । ଗିଦିୟୋନର ତୁଚ୍ଛ ସେନାଦଳ କେବଳମାତ୍ର ହାସ୍ୟାସ୍ପଦ ଆହ୍ୱାନ କରିଥାନ୍ତେ । ଏବଂ ଆମେ ଦାଉଦଙ୍କର ଗୁଲିରକ୍ଷେପଣ, ଶାମସନଙ୍କର ବଳଦ ପାଞ୍ଜଣ ଏବଂ ଶତାବ୍ଦୀ ଧରି ପ୍ରଭୁଙ୍କର ନିର୍ବୋଧମାନଙ୍କ ନଗଣ୍ୟ ସୈନ୍ୟଦଳ ବିଷୟରେ କ'ଣ କହିବା ? ଆତ୍ମିକମନା ମସ୍ତିଷ୍କଟି ଏହା ଜାଣେ ଯେ ଈଶ୍ୱର ବୃହତ୍ତମ ସୈନ୍ୟଦଳମାନଙ୍କର ପକ୍ଷରେ ନୁହଁନ୍ତି, ବରଂ ସେ ଦୁର୍ବଳ, ଦରିଦ୍ର ଏବଂ ପରିତ୍ୟକ୍ତ ବିଷୟସବୁକୁ ଗ୍ରହଣ କରିବାକୁ ଇଚ୍ଛୁକ ହୁଅନ୍ତି ଏବଂ ସେମାନଙ୍କ ମାଧ୍ୟମରେ ନିଜକୁ ଗୌରବାନ୍ୱିତ କରନ୍ତି ।

ଯୁଦ୍ଧ ଶତ୍ରୁ ବିଷୟରେ ଏବଂ ତା'ର ସମର କୌଶଳ ବିଷୟରେ ଅବଗତି ଦାବୀ କରେ । ତେଣୁ କରି ଏହା ଖ୍ରୀଷ୍ଟିୟ ସୈନିକ ବୃତ୍ତି ଅନ୍ତର୍ନିହିତ । ''କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତ୍‌ପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶମଣ୍ଡଳର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ'' (ଏଫିସୀୟ ୬ : ୧୨) । ଆମେ ଜାଣୁ ଯେ, ''ଆଉ ଏହା ଆଶ୍ଚର୍ଯ୍ୟ ନୁହେଁ, କାରଣ ଶୟତାନ ନିଜେ ଦୀପ୍ତିମୟ ଦୂତର ବେଶ ଧାରଣ କରେ । ଅତଏବ, ଯଦି ତାହାର ସେବକମାନେ ମଧ୍ୟ ଧାର୍ମିକତାର ସେବକମାନଙ୍କ ବେଶ ଧାରଣ କରନ୍ତି, ତେବେ ତାହା ବଡ ବିଷୟ ନୁହେଁ; ସେମାନଙ୍କର ଶେଷ ଦଶା ସେମାନଙ୍କର କର୍ମ ଅନୁସାରେ ଘଟିବ'' (୨ କରିନ୍ଥୀୟ ୧୧ : ୧୪,୧୫) । ଜଣେ ତାଲିମପ୍ରାପ୍ତ ଖ୍ରୀଷ୍ଟିୟ ଯୋଦ୍ଧା ଜାଣେ ଯେ ତା'ର ସବୁଠାରୁ ତିକ୍ତତାପୂର୍ଣ୍ଣ ବିରୋଧୀପକ୍ଷ ଜଣେ ମଦ୍ୟପଠାରୁ, ଜଣେ ସାଧାରଣ ଲୁଣ୍ଠନକାରୀଠାରୁ କିମ୍ବା ଜଣେ ବେଶ୍ୟାଠାରୁ ନ ଆସି କିନ୍ତୁ ବରଂ ଧର୍ମର ସେବକଭାବେ ନିଜକୁ ସ୍ୱୀକାର କରୁଥିବା ବ୍ୟକ୍ତିମାନଙ୍କଠାରୁ ଆସେ । ସେମାନେ ହିଁ ଥିଲେ ଧର୍ମୀୟ ନେତାଗଣ ଯେଉଁମାନେ କି ଈଶ୍ୱରଙ୍କ ଅଭିଷିକ୍ତଙ୍କୁ କ୍ରୁଶଉପରେ କଣ୍ଟାବିଦ୍ଧ କରିଥିଲେ । ସେମାନେ ହିଁ ଥିଲେ ଧର୍ମୀୟ ନେତାଗଣ ଯେଉଁମାନେ କି ଆଦ୍ୟମଣ୍ଡଳୀକୁ ତାଡ଼ନା କରିଥିଲେ । ପାଉଲ ସେହିମାନଙ୍କ ହସ୍ତରୁ ତାଙ୍କର ଅତ୍ୟନ୍ତ ହିଂସ୍ର ଆକ୍ରମଣର ଶିକାର ହୋଇଥିଲେ ଯେଉଁମାନେ କି ନିଜକୁ ଈଶ୍ୱରଙ୍କ ସେବକଭାବରେ ନିଜକୁ ସ୍ୱୀକାର କରୁଥିଲେ । ତେଣୁକରି ଏହା ଅତୀତର ଶହ ଶହ ବର୍ଷ ଧରି ଘଟି ଆସୁଛି । ଶୟତାନ ସେବକମାନେ ଧାର୍ମିକତାର ସେବକଭାବରେ ପରିବର୍ତ୍ତିତ ହୁଅନ୍ତି । ସେମାନେ ଧାର୍ମିକଭାଷା କଥା ହୁଅନ୍ତି, ସେମାନେ ଧାର୍ମିକ ପୋଷାକ ପରିଧାନ କରନ୍ତି, ଏବଂ ସେମାନେ ଦୟାର ଅନୁରାଗୀ ଭାବରେ କାର୍ଯ୍ୟ କରନ୍ତି, କିନ୍ତୁ ସେମାନଙ୍କର ହୃଦୟ ଖ୍ରୀଷ୍ଟଙ୍କ ନିମନ୍ତେ ଏବଂ ସୁସମାଚାର ନିମନ୍ତେ ବିଦ୍ୱେଷରେ ପରିପୂର୍ଣ୍ଣ ।

ଯୁଦ୍ଧ ଅବିହ୍ୱଳତା ଦାବୀ କରେ । ''କୌଣସି ଲୋକ ସୈନ୍ୟ କାର୍ଯ୍ୟ କରି ସଂସାରର ଅନ୍ୟକାର୍ଯ୍ୟରେ ନିଜକୁ ଆବଦ୍ଧ କରେ ନାହିଁ, ଯେପରି ସୈନ୍ୟପଦରେ ନିଯୋଗକର୍ତ୍ତାଙ୍କୁ ସେ ସନ୍ତୁଷ୍ଟ କରିପାରେ'' (୨ତୀମଥି ୨ : ୪) । ତା'ର ପ୍ରାଣ ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ସଂପୂର୍ଣ୍ଣ ଆତ୍ମସମର୍ପଣ କରିବା ମଧ୍ୟରେ ଯେଉଁ ସମସ୍ତ ବିଷୟ ଛିଡ଼ା ହୁଏ ସେହି ସମସ୍ତ ବିଷୟଗୁଡ଼ିକ ପ୍ରତି ସହନଶୀଳ ହେବାକୁ

ଖ୍ରୀଷ୍ଟଙ୍କ ଶିଷ୍ୟ ଶିକ୍ଷା କରେ । ସେ ଆକ୍ରମଣୋଦ୍ୟତ ନ ହୋଇ ଦୟାଶୂନ୍ୟ ଅଟେ, ସେ ରୁକ୍ଷ ନ ହୋଇ ଅଟଳ ଅଟେ । କିନ୍ତୁ ତା'ର ଗୋଟିଏ ଅଭିଳାଷ ଏବଂ ଗୋଟିଏ ଅଭିଳାଷ ହିଁ କେବଳ ରହିଥାଏ । ଅନ୍ୟ ସମସ୍ତ ବିଷୟକୁ ଦାସତ୍ୱ ଅବସ୍ଥାକୁ ଆଣିବାକୁ ହେବ ।

ଯୁଦ୍ଧ ବିପଦ ସମ୍ମୁଖରେ ସାହସ ଦାବୀ କରେ । ''ଏଣୁ ତୁମ୍ଭେମାନେ ଯେପରି ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ରହିପାର, ଏଥିନିମନ୍ତେ ଈଶ୍ୱରଦତ୍ତ ସମସ୍ତ ସଜ୍ଜା ଗ୍ରହଣ କର । ଅତଏବ, ସତ୍ୟରୂପ କଟି ବନ୍ଧନୀରେ କଟି ବାନ୍ଧି ଧାର୍ମିକତାରୂପ ଉରସ୍ତ୍ରାଣ ପରିଧାନ କର'' (ଏଫିସୀୟ ୬ : ୧୩, ୧୪) । ଏହା ମଧ୍ୟ ଉଲ୍ଲିଖିତ ହୋଇଛି ଯେ, ଖ୍ରୀଷ୍ଟିୟ ସୈନିକର ଉରସ୍ତ୍ରାଣ ଏଫିସୀୟ ୬ : ୧୩-୧୮ ରେ ପଶ୍ଚାଦ୍‌ଗମନ କରିବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ ଏବଂ ତେଣୁ କରି ପୃଷ୍ଠଭଙ୍ଗର କୌଣସି ବ୍ୟବସ୍ଥା ନାହିଁ । ପୃଷ୍ଠଭଙ୍ଗ କେଉଁଥିପାଇଁ ? ଯଦି ''ଆମେ ଆମକୁ ପ୍ରେମ କରୁଥିବା ତାହାଙ୍କ ମାଧ୍ୟମରେ ବିଜୟୀମାନଙ୍କଠାରୁ ମଧ୍ୟ ଶ୍ରେଷ୍ଠ ଅଟୁ'' ଯଦି କେହି ଜଣେ ସଫଳତାର ସହିତ ଆମର ବିରୋଧୀ ହୋଇପାରେନା ଯେହେତୁ ଈଶ୍ୱର ଆମମାନଙ୍କ ନିମନ୍ତେ ଅଛନ୍ତି, ଯଦି ଆମେ ଯୁଦ୍ଧ କରିବା ପୂର୍ବରୁ ମଧ୍ୟ ବିଜୟ ସୁନିଶ୍ଚିତ, ତେବେ କିପରି ଭାବରେ ଆମେ ପଶ୍ଚାଦ୍‌ଗମନ କରିବା ବିଷୟ ଚିନ୍ତା କରିପାରିବା ?

ବିଜେତାଙ୍କ ସହ ଛିଡ଼ା ହୁଏ ଅବା
ପତିତ ମୁଁ ବିନାଶକାରୀଙ୍କ ସହ
ତେବେ କ'ଣ ଏହା ଅଟେ ?
ଭୀରୁ ସମସ୍ତେ ଯେ ପାପୀ ହିଁ ଅଟନ୍ତି
ସେହି ଯୁଦ୍ଧରେ ଅଟନ୍ତି ନିବୃତ୍ତ
ପ୍ରଭାବ ଯାହାର ନାହିଁ, ମୋତେ ।
ଅଗ୍ରଗତି କରେ ଯିଏ, ଦୃଢ଼ଶତ୍ରୁ ସେ ଯେ ମୋର
ହେ ପ୍ରଭୁ, ଶିଥିଳ ଯେ ମୋ ଖଡ୍‌ଗ ଶାଣିତ ଧାର
ଦେଖି ତାଙ୍କ ବର୍ଚ୍ଛାସବୁ ଓ ଗର୍ବୀତ ଧ୍ୱଜାକୁ
ତୁମ କୃପାର ଦୃଢ଼ ଖଡ୍‌ଗ ଏକ ମୋତେ ପ୍ରଭୁ ଦୟାକର ।

—ଆମି କାର୍ମିକେଲ୍‌ଙ୍କ ଦ୍ୱାରା ଉଦ୍ଧୃତ ।

# ଜଗତର ଆଧିପତ୍ୟ

ଜଗତର ଆଧିପତ୍ୟ ନିମନ୍ତେ ଈଶ୍ୱର ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି । ତାଙ୍କର କଦାପି ଏହା ଇଚ୍ଛା ନୁହେଁ ଯେ, ଆମେ ''ଗୋରୁ ବଧ କରି ଜୋତାଦାନ କରିବା'' ଉଚିତ୍ । ଏହା ତାଙ୍କର ଉଦ୍ଦେଶ୍ୟ ନ ଥିଲା ଯେ, ଆମେ ଆମ ଜୀବନକୁ ''କ୍ଷଣିକ ଉଦ୍ୟୋଗଗୁଡ଼ିକରେ ନିମ୍ନ କର୍ମଚାରୀ'' ଭାବେ ବିତାଇଦେବା ।

ଯେତେବେଳେ ସେ ମୌଳିକଭାବରେ ମନୁଷ୍ୟକୁ ସୃଷ୍ଟି କଲେ, ଈଶ୍ୱର ମନୁଷ୍ୟକୁ ପୃଥିବୀ ଉପରେ କର୍ତ୍ତୃତ୍ୱ କରିବାକୁ ଅଧିକାର ଦେଲେ । ତାହାଙ୍କୁ ସେ ଗୌରବ ଓ ମହିମାରେ ଭୂଷିତ କଲେ ଏବଂ ତା' ପାଦତଳେ ସମସ୍ତ ବିଷୟକୁ ଅଧୀନସ୍ଥ କରି ରଖିଲେ । ମନୁଷ୍ୟ ମର୍ଯ୍ୟାଦା ଏବଂ ସାର୍ବଭୌମତାରେ ଶୋଭିତ ହୋଇଥିଲା - ଦୂତମାନଙ୍କଠାରୁ ମାତ୍ର ଅଳ୍ପ ନିମ୍ନରେ ।

ସେ ଯେତେବେଳେ ପାପ କଲା, ଆଦମକୁ ଦିଆଯାଇଥିବା ସ୍ୱର୍ଗୀୟ ଅଧିକାରରୁ ପ୍ରାୟ ଅନେକ ହରାଇଲା । ଅବିବାଦୀୟ ଅଧିକାରର ପନ୍ଥା ଅବଲମ୍ବନ କରିବା ପରିବର୍ତ୍ତେ, ସେ ଏକ ଅନିଶ୍ଚିତ କ୍ଷେତ୍ର ଉପରେ ଅସ୍ଥିରତାରେ ରାଜତ୍ୱ ଆରମ୍ଭ କଲା ।

ସୁସମାଚାରରେ, ଏକ ବିଚାରଶକ୍ତି ରହିଛି ଯେଉଁଥିରେ କି ଆମେ ଆଧିପତ୍ୟ ପୁନଃପ୍ରାପ୍ତ ପୁନଃପ୍ରାପ୍ତ ହୋଇପାରିବା । ତେବେ ବର୍ତ୍ତମାନ ଏହା କର୍କଶ ଗର୍ଜନକାରୀ କୁକରୁଗୁଡ଼ିକ ବା ବିଷଧର ସର୍ପଗୁଡ଼ିକ ଉପରେ ନିୟନ୍ତ୍ରଣ ଆଣିବା ବିଷୟ ନୁହେଁ - ବରଂ ଏହା ଆମର ଉତ୍ତରାଧିକାର ନିମନ୍ତେ ଏବଂ ପୃଥିବୀର ଚୂଡ଼ାନ୍ତ ଭାଗଗୁଡ଼ିକ ଆମର ଅଧିକାର ନିମନ୍ତେ ପୌତ୍ତଳିକତା ଦାବୀ କରେ । ''ପ୍ରକୃତ ସାମ୍ରାଜ୍ୟବାଦ ହେଉଛି ନୈତିକ ଏବଂ ଆତ୍ମିକ ସାର୍ବଭୌମତ୍ୱ କ୍ଷମତା ବିଶିଷ୍ଟ ସାମ୍ରାଜ୍ୟ; ଏକ ପବିତ୍ର ଏବଂ ଶୁଦ୍ଧ ଜୀବନରେ ଚିତ୍ତ ବିଶକାରୀ ପ୍ରଭା ଦ୍ୱାରା ପ୍ରଲୋଭନ ଏବଂ କର୍ତ୍ତୃତ୍ୱ'' - ଜେ. ଏକ. ଜୋଓେଟ୍ ।

ବାସ୍ତବରେ, ଖ୍ରୀଷ୍ଟିୟ ଆହ୍ୱାନର ଏହି ମର୍ଯ୍ୟାଦାକୁ ଆଦମ କଦାପି ଜାଣି ନ ଥିଲା । ଜଗତର ପୁନଃରୁଦ୍ଧାରରେ ଆମେ ଈଶ୍ୱରଙ୍କ ସହ ଅଂଶୀ ଅଟୁ । ''ଏହା ହିଁ ହେଉଛି ଆମର ସନ୍ଦେଶ - ଜୀବନର ରାଜକୀୟତା ପାଇଁ, ନିଜତ୍ୱ ଉପରେ ସାର୍ବଭୌମତ୍ୱ ପାଇଁ, ରାଜ୍ୟର ସେବା ପାଇଁ ପ୍ରଭୁଙ୍କ ନାମରେ ଲୋକମାନଙ୍କୁ ଅଭିଷିକ୍ତ କରିବା''- ଡିସ୍‌ଡେଲ୍ ଟି. ୟଙ୍ଗ ।

ଆଜିର ବହୁଳ ଜୀବନଗୁଡ଼ିକର ଶୋକାତ୍ମକ ବ୍ୟାପାର ହେଉଛି ଆମର ମହାନ୍ ଆହ୍ୱାନକୁ ମୂଲ୍ୟାୟନ କରିବାରେ ବିଫଳତା । ଆମର ବର୍ଷଗୁଡ଼ିକୁ ଆମେ ''ଅଧସ୍ତନମାନଙ୍କୁ ଆଲିଙ୍ଗନ କରିବାରେ'' ବା ''ସାମାନ୍ୟମାନଙ୍କୁ ପ୍ରଧାନ କରିବାରେ'' ବିତାଇବାକୁ ସନ୍ତୁଷ୍ଟ ଅଟୁ । ଖ୍ରୀଷ୍ଟଙ୍କ ନିମନ୍ତେ ଦେଶଗୁଡ଼ିକୁ ପ୍ରାପ୍ତ କରିବାକୁ କାହାରି ଦୃଷ୍ଟିଶକ୍ତି ନାହିଁ ।

'ସ୍ପର୍ଜିଅନ୍' ଜଣେ ବ୍ୟତିକ୍ରମ ଥିଲେ । ସେ ତାଙ୍କର ପୁଅ ନିକଟକୁ ନିମ୍ନଲିଖିତ ଏହି ଦୃଢ଼ ବାର୍ତ୍ତାଟି ଲେଖିଥିଲେ :

> ଆପଣଙ୍କୁ ପସନ୍ଦ କରିବା ମୋର ଅନୁଚିତ, ଯଦି ଈଶ୍ୱରଙ୍କ ଦ୍ୱାରା ଜଣେ ମିସନେରୀ ବୋଲି ପରିଚିତ ହୁଏ, ଜଣେ ଲକ୍ଷପତି ବୋଲି ମୃତ୍ୟୁବରଣ କରେ ।
>
> ଏହାକୁ ପସନ୍ଦ କରିବା ମୋର ଅନୁଚିତ, ଜଣେ ମିସ୍‌ନେରୀ ହେବା ନିମନ୍ତେ ଆପଣ କ'ଣ ଉପଯୁକ୍ତ ଥିଲେ, ଯାହାକି ଜଣେ ରାଜାଙ୍କର ନିର୍ବୋଧ କଥନକୁ ଦମନ କରିବା ଆପଣଙ୍କର ଉଚିତ୍ ।
>
> ଆପଣଙ୍କର ସମସ୍ତ ରାଜାଗଣ, ସମସ୍ତ ମହତ ଗୋଷ୍ଠୀ, ସମସ୍ତ ରାଜଶକ୍ତି କ'ଣ ଥିଲେ, ଯେତେବେଳେ ସେମାନଙ୍କୁ ଏକତ୍ରିତ କଲ, ଖ୍ରୀଷ୍ଟଙ୍କ ନିମନ୍ତେ ସୁରକ୍ଷିତ ବିଶେଷ ସମ୍ମାନସହ ତୁଳନା କଲ, ଅନ୍ୟକୌଣସି ବ୍ୟକ୍ତିର ମୂଳଭିତ୍ତି ସହ ନୁହେଁ, କିନ୍ତୁ ଅତ୍ୟନ୍ତ ଦୂରଦୂରାନ୍ତ ଅଞ୍ଚଳରେ ଖ୍ରୀଷ୍ଟଙ୍କର ସୁସମାଚାରକୁ ପ୍ରଚାର କରି ?

ସୁବିଖ୍ୟାତ ମିସ୍‌ନେରୀ ରାଜନୀତିଜ୍ଞ 'ଜନ୍ ମୋଟ୍' ଥିଲେ ଅନ୍ୟ ଜଣେ ବ୍ୟତିକ୍ରମ । ଯେତେବେଳେ ରାଷ୍ଟ୍ରପତି 'କଲିଜ୍' ତାହାଙ୍କୁ ଜାପାନର ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରିବାକୁ କହିଲେ, 'ମୋଟ୍' ଉତ୍ତର ଦେଲେ, ''ରାଷ୍ଟ୍ରପତି ମହାଶୟ, ଯେହେତୁ ଈଶ୍ୱର ମୋତେ ତାଙ୍କର ଜଣେ ରାଜଦୂତ ହେବା ନିମନ୍ତେ ଆହ୍ୱାନ କରିଛନ୍ତି, ତେଣୁକରି ଅନ୍ୟସମସ୍ତ ଆହ୍ୱାନ ପ୍ରତି ମୋର କର୍ଣ୍ଣ ବଧିର ହୋଇଯାଇଛି'' ।

'ବିଲି ଗ୍ରାହାମ୍' ଜଣେ ତୃତୀୟ ବ୍ୟତିକ୍ରମଙ୍କ ବିଷୟରେ କହନ୍ତି । ''ଯେତେବେଳେ ସୁଦୂର ପୂର୍ବାଞ୍ଚଳରେ ଷ୍ଟାଣ୍ଡାର୍ଡ ଅଏଲ୍ କମ୍ପାନୀ ଜଣେ ବ୍ୟକ୍ତିଙ୍କୁ ଅନ୍ୱେଷଣ କରୁଥିଲେ, ସେମାନେ ସେତେବେଳେ ଜଣେ ମିସିନେରୀଙ୍କୁ ତାଙ୍କର ପ୍ରତିନିଧି ହେବା ନିମନ୍ତେ ମନୋନୀତ କଲେ । ସେମାନେ ତାହାଙ୍କୁ ୧୦,୦୦ ପ୍ରଦାନ କଲେ, ମାତ୍ର ସେ ଏହାକୁ ଅଗ୍ରାହ୍ୟ କଲେ; ୫୦, ୦୦୦ ପ୍ରଦାନ କଲେ ଏବଂ ଏହାକୁ

ମଧ୍ୟ ସେ ଅଗ୍ରାହ୍ୟ କରିଦେଲେ । ସେମାନେ ପଚାରିଲେ, ''ତ୍ରୁଟି କ'ଣ'' ? ସେ ଉତ୍ତର ଦେଲେ, ''ଆପଣଙ୍କର ମୂଲ୍ୟ ଠିକ୍ ଅଛି, କିନ୍ତୁ ଆପଣଙ୍କର କାର୍ଯ୍ୟ ଅତ୍ୟନ୍ତ ନଗଣ୍ୟ । ଈଶ୍ୱର ମୋତେ ଜଣେ ମିସିନେରୀ ହେବା ନିମନ୍ତେ ଆହ୍ୱାନ କରିଅଛନ୍ତି ।''

ଖ୍ରୀଷ୍ଟିୟ ଆହ୍ୱାନ ସମସ୍ତ ଆହ୍ୱାନଠାରୁ ମହତ ଏବଂ ଆମେ ଯଦି ଏହାକୁ ହୃଦୟଙ୍ଗମ କରୁ, ତେବେ ଆମର ଜୀବନ ଏକ ନୂତନ ଉନ୍ନତତାକୁ ଅଗ୍ରସର ହେବ । ଆମେ କଦାପି ଆମ ନିଜକୁ ''ଜଣେ କୃଷସୀସକାର ହେବା ନିମନ୍ତେ ଆହ୍ୱାନପ୍ରାପ୍ତ'' କିମ୍ବା ''ଜଣେ ଚିକିତ୍ସକ ହେବା ନିମନ୍ତେ ଆହ୍ୱାନପ୍ରାପ୍ତ'' ହୋଇଛୁ ବୋଲି କହିବୁ ନାହିଁ । ବରଂ, ଆମେ ଆମ ନିଜକୁ ''ଜଣେ ଶିଷ୍ୟ ହେବା ନିମନ୍ତେ ଆହ୍ୱାନପ୍ରାପ୍ତ'' ହୋଇଥିବାର ଦେଖିବୁ - ଏବଂ ଅନ୍ୟସମସ୍ତ ବିଷୟ କେବଳ ମାତ୍ର ଜୀବନଧାରଣ ନିମନ୍ତେ ବୋଲି ଦେଖିପାରିବୁ ।

ଆମେ ଆମ ନିଜକୁ ସମସ୍ତ ପ୍ରାଣୀଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ, ସମସ୍ତ ଜାତିର ଲୋକମାନଙ୍କୁ ଶିଷ୍ୟ କରିବା ନିମନ୍ତେ, ସମଗ୍ର ଜଗତକୁ ସୁସଂବାଦମୟ କରିବା ନିମନ୍ତେ ଆହ୍ୱାନ କରାଯାଇଥିବାର ଦେଖି ପାରିବୁ । ଆପଣ କହିପାରନ୍ତି, ଏକ ବିପୁଳ ଦାୟିତ୍ୱ ? ବିପୁଳ, ସତ କିନ୍ତୁ ଅସମ୍ଭବ ନୁହେଁ । ଏହି ଦାୟିତ୍ୱର ବିପୁଳତା ନିମ୍ନଲିଖିତ ଭାବେ ଜଗତର ଏକ ସୁସ୍ପଷ୍ଟ ରୂପ ଚିତ୍ର ଦ୍ୱାରା ସଂକ୍ଷିପ୍ତରେ ସୂଚିତ ହୋଇଛି :

> ଯଦି ଆମର କଳ୍ପନାରେ ଆମେ ପୃଥିବୀର ବର୍ତ୍ତମାନ ଜନସଂଖ୍ୟାକୁ ସଙ୍କୁଚିତ କରିପାରନ୍ତେ - ବର୍ତ୍ତମାନ ୬,୦୦୦ ନିୟୁତରୁ ମଧ୍ୟ ଅଧିକ ଲୋକ ଅଛନ୍ତି - ଗୋଟିଏ ସହରରେ ୧,୦୦୦ ଲୋକଙ୍କର ଗୋଟିଏ ଦଳ ରୂପରେ ଧରିଦେଲେ, ନିମ୍ନଲିଖିତ ଭାବେ ତାର ଏକ ସୁସ୍ପଷ୍ଟ ତୁଳନାତ୍ମକ ଚିତ୍ର ପାଇବା ।
>
> ୬୦ ଜଣ ଲୋକ ଯୁକ୍ତରାଷ୍ଟ୍ରକୁ ପ୍ରତିନିଧିତ୍ୱ କରିବେ; ଅନ୍ୟସମସ୍ତେ ୯୪୦ ଦ୍ୱାରା ପ୍ରତିନିଧିତ୍ୱ ହେବେ । ଏହି ୬୦ ଆମେରିକୀୟ ସମଗ୍ର ସହରର ସମସ୍ତ ଆୟର ୩୫% ପାଇବେ; ଅନ୍ୟ ୯୪୦ ଜଣ ବାକି ୬୫% ଅଂଶକୁ ଭାଗ କରି ପାଇବେ ।
>
> ସହରଟିର ୩୬ ଜଣ ଆମେରିକୀୟ (ବାହ୍ୟନାକାରୀ) ଖ୍ରୀଷ୍ଟିୟ ମଣ୍ଡଳୀସଦସ୍ୟ ହେବେ; ମାତ୍ର ବାକି ୨୪ ତାହା ହେବେ ନାହିଁ । ସମସ୍ତ ସହରରେ ୨୯୦ ଜଣ (ବାହ୍ୟନାକାରୀ) ଖ୍ରୀଷ୍ଟବିଶ୍ୱାସୀ ହେବେ ଏବଂ ୭୧୦ ଜଣ ତାହା ହେବେ ନାହିଁ । ସମଗ୍ର ସହରଟିରେ ଅନ୍ତତଃ ୮୦ ଜଣ ବ୍ୟକ୍ତି

ସାମ୍ୟବାଦରେ ବିଶ୍ୱାସୀ ହେବେ ଏବଂ ୩୭୦ ଜଣ ସାମ୍ୟବାଦ ଆଧିପତ୍ୟର ବଶ୍ୟତାଃ ସ୍ୱୀକାର କରିବେ । ସମ୍ଭବତଃ ସମଗ୍ର ସହରରେ ୭୦ ଜଣ (ବାହାନାକାରୀ) ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟବିଶ୍ୱାସୀ ହେବେ ।

ସମଗ୍ର ସହରର ୩୦୩ ଜଣ ବ୍ୟକ୍ତି ଗୋରାବର୍ଣ୍ଣ ବିଶିଷ୍ଟ ହେବେ; ୬୯୭ ଜଣ କଳାବର୍ଣ୍ଣ ବିଶିଷ୍ଟ ହେବେ । ୬୦ ଜଣ ଆମେରିକୀୟଙ୍କର ହାରାହାରି ଜୀବନକାଳ ୭୦ ବର୍ଷ ହେବ; ଅନ୍ୟସମସ୍ତ ୯୪୦ ଜଣଙ୍କର ହାରାହାରି ଜୀବନକାଳ ୪୦ ବର୍ଷରୁ ନିମ୍ନ ହେବ ।

ହାରାହାରି ଭାବେ ଆମେରିକୀୟମାନଙ୍କ ନିକଟରେ ଅଧିକାରଅନ୍ୟମାନଙ୍କ ତୁଳନାରେ ୧୫ ୧/୨ ଗୁଣ ରହିବ । ସେମାନେ ସହରର ସମସ୍ତ ଖାଦ୍ୟଯୋଗାଣ ମଧ୍ୟରୁ ୧୬% ଉତ୍ପାଦନ କରିବେ, ସମସ୍ତ ଯୋଗାଣର ୧ ୧/୨ ଭୋଜନ କରିବେ ଏବଂ ଏହାର ଅଧିକାଂଶ ଖର୍ଚ୍ଚବହୁଳ ଭଣ୍ଡାର ଆସବାବପତ୍ରର ଭବିଷ୍ୟତ ନିମନ୍ତେ ସଂରକ୍ଷିତ କରି ରଖିବେ । ଯେତେବେଳେ ଏହା ସ୍ମରଣରେ ଅଣାଯିବ ଯେ, ସହରରେ ୯୪୦ ଜଣ ଅଣ-ଆମେରିକୀୟମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ସର୍ବଦା କ୍ଷୁଧିତ ଅଟନ୍ତି ଏବଂ ସେମାନେ କଦାପି ପ୍ରଚୁର ଖାଦ୍ୟ ପାଇବା ଜାଣନ୍ତି ନାହିଁ, ସେତେବେଳେ ଖାଦ୍ୟଯୋଗାଣର ଏହି ବୈଷମ୍ୟତା ଏବଂ ବହୁଳ ସଂରକ୍ଷଣର ସତ୍ତା ଦ୍ୱାରା ସୃଷ୍ଟିହୋଇଥିବା ଅବସ୍ଥା ନିଶ୍ଚିତରୂପେ ଅନୁମେୟ ହୁଏ, ନିର୍ଦ୍ଦିଷ୍ଟଭାବେ ଏହି ସତ୍ୟତାର ଦୃଷ୍ଟିକୋଣରୁ ଯେ ସର୍ବୋଚ୍ଚ ଖାଦ୍ୟ ଆବଶ୍ୟକତାର ୭୨%ରୁ ଅଧିକ ଭାଗ ଆମେରିକୀୟମାନେ ଖାଇଥାଆନ୍ତି । ସେମାନେ ଖାଦ୍ୟ ସଞ୍ଚୟର ବ୍ୟୟବହୁଳତା ହେତୁରୁ ଅତିରିକ୍ତ ଖାଦ୍ୟକୁ ଦାନ କରି ପ୍ରକୃତରେ ଧନ ସଞ୍ଚୟ କରି ପାରନ୍ତେ, କିନ୍ତୁ ସେମାନେ ଏହାକୁ ବିପଦପୂର୍ଣ୍ଣ ବୋଲି ଚିନ୍ତା କରନ୍ତି ''କୋମଳ-ମସ୍ତିଷ୍କ ଧାର୍ମିକମାନଙ୍କର ଦେଇ-ଦେବା କାର୍ଯ୍ୟକ୍ରମ'' ।

ଏହି ୬୦ ଜଣ ଆମେରିକୀୟଙ୍କର ସହରର ସମସ୍ତ ଯୋଗାଣରୁ-ରହିବ, ଅନ୍ୟମାନେ ପାଉଥିବା ବିଜୁଳୀଶକ୍ତିର ୧୨ ଗୁଣ, ୨୨ ଗୁଣ କୋଇଲା ଏବଂ ଅନ୍ୟସମସ୍ତ ସାଧାରଣ ବ୍ୟବହାର ସାମଗ୍ରୀର ୫୦ ଗୁଣ ।

ଏହି ୬୦ ଜଣ ଆମେରିକୀୟମାନଙ୍କ ମଧ୍ୟରୁ ସର୍ବନିମ୍ନ ଆୟକାରୀ ଦଳ ସହରର ବାକି ସମସ୍ତଙ୍କ ହାରାହାରି ଅବସ୍ଥାଠାରୁ ଅଧିକ ଉତ୍ତମ ଅବସ୍ଥାରେ ରହିବେ । ଆକ୍ଷରିକଭାବେ କହିଲେ ସହରର ଅଣ-ଆମେରିକୀୟମାନଙ୍କ ମଧ୍ୟରୁ ଅଧିକାଂଶ ଦରିଦ୍ର, କ୍ଷୁଧିତ, ରୁଗ୍ଣ ଏବଂ ଅଜ୍ଞ

ହେବେ । ପ୍ରାୟତଃ ଅର୍ଦ୍ଧେକ ଲୋକ ପଢ଼ିବାକୁ କିମ୍ବା ଲେଖିବାକୁ ସକ୍ଷମ ହେବେ ନାହିଁ । ଅର୍ଦ୍ଧେକରୁ ଅଧିକ ଖ୍ରୀଷ୍ଟଙ୍କ ବିଷୟରେ କଦାପି ଶୁଣି ନ ଥିବେ । କିନ୍ତୁ ଖୁବ୍ ଶୀଘ୍ର ଅର୍ଦ୍ଧେକରୁ ଅଧିକ କାର୍ଲମାର୍କସ୍‌ଙ୍କ ବିଷୟରେ ଶୁଣିବେ । (ବନ୍ଧନୀ ଆବଦ୍ଧ ଶବ୍ଦଗୁଡ଼ିକ ଯୋଗ କରାଯାଇଛି) ।

— ହାରୀ ସ୍ମିତ ଲେଇପର

ତେବେ ଆମ ପୀଢ଼ିର ଯୁଗକୁ ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରିବାକୁ ସୁସମାଚାର କିପରି ପହଞ୍ଚିପାରିବ ? ଉତ୍ତର ହେଉଛି- କେବଳ ସେହି ପୁରୁଷ ଏବଂ ମହିଳାମାନଙ୍କ ଦ୍ୱାରା ଯେଉଁମାନେ କି ସେମାନଙ୍କର ସମସ୍ତ ହୃଦୟ ଦେଇ ଈଶ୍ୱରଙ୍କୁ ପ୍ରେମ କରନ୍ତି ଏବଂ ସେମାନଙ୍କ ପ୍ରତିବାସୀମାନଙ୍କୁ ଆତ୍ମତୁଲ୍ୟ ପ୍ରେମ କରନ୍ତି । ଏହା ହେଉଛି କେବଳମାତ୍ର ସେହି ଆତ୍ମୋତ୍ସର୍ଗ ଏବଂ ଉପାସନା ଯାହାକି ଏକ ଅସରନ୍ତି ପ୍ରେମର ଉତ୍ସରୁ ନିର୍ଗତ ହୋଇଥାଏ ଏବଂ ଯାହାକି କେଉଁ କାଳୁ ଏହି ଗୁରୁଦାୟିତ୍ୱ ସମ୍ପନ୍ନ କରି ଆସୁଅଛି ।

ଯେଉଁମାନେ ଖ୍ରୀଷ୍ଟଙ୍କ ପ୍ରେମରେ ବାଧିତ ଅଟନ୍ତି ସେମାନେ ଖ୍ରୀଷ୍ଟଙ୍କ ନିମନ୍ତେ ଯେକୌଣସି ବଳିଦାନକୁ ଅତ୍ୟନ୍ତ ଶ୍ରେୟ ମଣିପାରିବେ ନାହିଁ । ସେମାନେ ତାଙ୍କ ନିମନ୍ତେ ଏହି ପ୍ରେମ ହେତୁରୁ କରିବେ ଯାହାକି ସେମାନେ ଜାଗତିକ ଲାଭ ନିମନ୍ତେ କରି ପାରିବେ ନାହିଁ । ସେମାନେ ନିଜ ନିଜର ଜୀବନକୁ ସେମାନଙ୍କ ନିମନ୍ତେ ପ୍ରିୟଜ୍ଞାନ କରିବେ ନାହିଁ । ସେମାନେ ସମସ୍ତ ବିଷୟ ବ୍ୟୟ କରି ଦେବେ ଏବଂ ବ୍ୟୟ କରୁଥିବେ କେବଳ ମାତ୍ର ଯେପରି ଲୋକମାନେ ସୁସମାଚାର ଅଭାବରୁ ବିନଷ୍ଟ ନ ହୁଅନ୍ତି ।

ହେ କ୍ରୁଶାର୍ପିତ ପ୍ରଭୁ,
ତୁମ ପରି ଦିଅ ମୋତେ ଏକ ମହାନ ହୃଦୟ !
ବିନଷ୍ଟ ଆତ୍ମାଗୁଡ଼ିକୁ କରିବାକୁ ପ୍ରେମ
ତୁମେ ମୋତେ ଶିକ୍ଷା ଦିଅ -
ତୁମରି ଆତ୍ମୀୟତାରେ ରଖ ସଦା,
ମୋର ହୃଦୟକୁ
ଏବଂ ପ୍ରେମ ଦିଅ ମୋତେ -
କାଲ୍‌ବରୀର ସେ ପବିତ୍ର ପ୍ରେମକୁ
ଯେପରି ବିନଷ୍ଟମାନଙ୍କୁ ଆଣିବି
ଟାଣି ତୁମ ଚରଣକୁ ।

- ଜେମ୍ସ୍ ଏ. ଷ୍ଟିୱାର୍ଟ

ପ୍ରେମ ଏକ ଲକ୍ଷ୍ୟ ନ ହେବା ପର୍ଯ୍ୟନ୍ତ, ଏହାର କାରଣ ଆଶାଶୂନ୍ୟ ହିଁ ଅଟେ । ଏହା କିଛି ଲାଭ ଦିଏନା । ସେତେବେଳେ ସେବାକାର୍ଯ୍ୟ କେବଳ ମାତ୍ର ଶବ୍ଦ ଗର୍ଜ୍ଜନକାରୀ ବାଦ୍ୟ ଏବଂ ତୂରୀରେ ହିଁ ଯେପରି ପରିଣତ ହୋଇଥାଏ । କିନ୍ତୁ ଯେତେବେଳେ ପ୍ରେମ ଏକ ଦିଗନିର୍ଦ୍ଦେଶକାରୀ ତାରକା ହୁଏ, ଯେତେବେଳେ ଲୋକମାନେ ଖ୍ରୀଷ୍ଟଙ୍କ ଉପାସନା ନିମନ୍ତେ ହୃଦୟରେ ପ୍ରଜ୍ୱଳନ ଅନୁଭବ କରନ୍ତି, ସେତେବେଳେ ସୁସମାଚାରର ଊର୍ଦ୍ଧ୍ୱ ପଦକ୍ଷେପକୁ ପୃଥିବୀର କୌଣସି ଶକ୍ତି ରୋକି ପାରିବ ନାହିଁ ।

ଦଳେ ଶିଷ୍ୟଙ୍କ ଛବିକୁ ଦୃଶ୍ୟକୁ ଅଣାଯାଉ, ଯେଉଁମାନେ ଖ୍ରୀଷ୍ଟଙ୍କ ନିମନ୍ତେ ସଂପୂର୍ଣ୍ଣ କ୍ରୀତ ହୋଇଥିଲେ, ଖ୍ରୀଷ୍ଟଙ୍କ ପ୍ରେମରେ ପରିଚାଳିତ ହୋଇଥିଲେ, ଏକ ଗୌରବମୟ ବାର୍ତ୍ତାର ବାର୍ତ୍ତାବହ ଭାବେ ଦେଶଦେଶ ଏବଂ ସମୁଦ୍ର ପଥ ଅତିକ୍ରମ କରୁଥିଲେ, କ୍ଳାନ୍ତିହୀନଭାବେ ନୂତନ ଅଞ୍ଚଳମାନଙ୍କୁ ଯାତ୍ରା କରିଚାଲିଥିଲେ, ସେମାନେ ଭେଟୁଥିବା ସମସ୍ତଙ୍କର ଜୀବନରେ ପ୍ରାଣଟିଏ ପାଉଥିଲେ ଯାହା ନିମନ୍ତେ କି ଖ୍ରୀଷ୍ଟ ମୃତ୍ୟୁବରଣ କରିଥିଲେ, ଚିରନ୍ତନତା ନିମନ୍ତେ ତ୍ରାଣକର୍ତ୍ତାଙ୍କର ଉପାସକଭାବରେ ପ୍ରତ୍ୟେକ ଜଣଙ୍କ ଆଶ୍ରୟପ୍ରଦାନ କରୁଥିଲେ । ଖ୍ରୀଷ୍ଟଙ୍କୁ ନିଜର କରିବା ନିମନ୍ତେ ଏହି ଭିନ୍ନ-ଜାଗତିକ ବ୍ୟକ୍ତିମାନେ କେଉଁ ଉପାୟ ଅବଲମ୍ବନ କରିଥିଲେ ?

ସୁସମାଚାରକୁ ଜଗତ ନିକଟରେ ପହଞ୍ଚାଇବାର ଦୁଇଟି ମୁଖ୍ୟ ପ୍ରଣାଳୀ ନୂତନ ନିୟମ ପ୍ରଦାନ କରୁଥିବାର ଜଣାଯାଏ । ପ୍ରଥମଟି ହେଉଛି ସାର୍ବଜନୀନ ଘୋଷଣା ମାଧ୍ୟମରେ; ଦ୍ୱିତୀୟଟି ହେଉଛି ବ୍ୟକ୍ତିଗତ ଶିଷ୍ୟତ୍ୱ ମାଧ୍ୟମରେ ।

ପ୍ରଥମଟି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଏବଂ ତାଙ୍କର ଶିଷ୍ୟମାନଙ୍କ ଦ୍ୱାରା ସାଧାରଣତଃ ବ୍ୟବହୃତ ହୋଇଥିଲା । ଯେଉଁସ୍ଥାନରେ ଲୋକମାନେ ଏକତ୍ରିତ ହେଉଥିଲେ, ସେ ସ୍ଥାନରେ ସୁସମାଚାର ପ୍ରଚାର କରିବାର ସୁଯୋଗଟିଏ ରହିଥିଲା । ତେଣୁ କରି ଆମେ ସୁସମାଚାର ସଭାଗୁଡ଼ିକୁ ବଜାର ସ୍ଥାନମାନଙ୍କରେ, ବନ୍ଦୀଶାଳାମାନଙ୍କରେ, ଉପାସନାଗୃହଗୁଡ଼ିକରେ, ସାଗରକୂଳମାନଙ୍କରେ ଏବଂ ନଦୀକୂଳଗୁଡ଼ିକରେ ହୋଇଥିବାର ପାଉ । ସୁସମାଚାର ବାର୍ତ୍ତାର ଜରୁରୀ ପ୍ରୟୋଜନୀୟତା ଏବଂ ସର୍ବପ୍ରଧାନ ଗୁଣାବଳୀ ଏହାକୁ ନିୟମାବଦ୍ଧ ସ୍ଥାନମାନଙ୍କରେ ସୀମାବଦ୍ଧ କରିଦେବାକୁ ଅଚିନ୍ତ୍ୟ କରିଦେଇଥିଲା ।

ଖ୍ରୀଷ୍ଟିୟ ବିଶ୍ୱାସକୁ ପ୍ରଚାର କରିବାର ଦ୍ୱିତୀୟ ପ୍ରଣାଳୀଟି ହେଉଛି ବ୍ୟକ୍ତିମାନଙ୍କର ବ୍ୟକ୍ତିଗତ ଶିଷ୍ୟତ୍ୱ । ଏହା ହିଁ ହେଉଛି ସେହି ପ୍ରଣାଳୀ ଯାହାକୁ କି ପ୍ରଭୁଯୀଶୁ ୧୨ଜଣଙ୍କୁ ଶିକ୍ଷା ଦେବା ନିମନ୍ତେ ବ୍ୟବହାର କରିଥିଲେ । ସେ ଏହି କ୍ଷୁଦ୍ର ଲୋକଦଳଟିକୁ ଆହ୍ୱାନ କରିଥିଲେ ଯେପରିକି ସେମାନେ ତାଙ୍କ ସହ ରହନ୍ତି ଏବଂ ସେ ସେମାନଙ୍କୁ ପ୍ରେରଣ କରିପାରନ୍ତି । ଦିନପରେ ଦିନ, ସେ ସେମାନଙ୍କୁ ଈଶ୍ୱରଙ୍କ ସତ୍ୟରେ ଉପଦେଶ ଦେଇଥିଲେ । ସେ ସେମାନଙ୍କ ସମ୍ମୁଖରେ ସେହି ଗୁରୁଦାୟିତ୍ୱକୁ ସଂସ୍ଥାପନ କରିଥିଲେ, ଯେଉଁ ଦାୟିତ୍ୱ ନିମନ୍ତେ ସେମାନେ ନିଯୁକ୍ତ ହୋଇଥିଲେ । ସେମାନେ ଯେଉଁ ବିପଦ ଏବଂ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବେ ସେ ସେସବୁ ଟିକିନିଖିଭାବରେ ସେମାନଙ୍କୁ ପୂର୍ବରୁ ଚେତାଇ ଦେଇଥିଲେ । ସେ ସେମାନଙ୍କୁ ଈଶ୍ୱରଙ୍କ ଏକାନ୍ତ ପରାମର୍ଶଗୁଡ଼ିକ ମଧ୍ୟକୁ ନେଇଯାଇଥିଲେ ଏବଂ ସେ ସେମାନଙ୍କୁ ସେହି ସ୍ୱର୍ଗୀୟ ଦୁଷ୍କର ଯୋଜନାରେ ତାହାଙ୍କ ସହ ଅଂଶୀ କରାଇଥିଲେ । ତା'ପରେ ସେ ସେମାନଙ୍କୁ ମେଷରୂପରେ ଯେପରି ଗଧିଆମାନଙ୍କ ମଧ୍ୟକୁ ପଠାଇଥିଲେ । ପବିତ୍ରଆତ୍ମାଙ୍କ ଦ୍ୱାରା ଶକ୍ତିବନ୍ତ ହୋଇ, ସେମାନେ ଜଗତକୁ ଜଣେ ଉତ୍ଥିତ, ସ୍ୱର୍ଗାରୋହଣକାରୀ ଏବଂ ଗୌରବମୟ ତ୍ରାଣକର୍ତ୍ତାଙ୍କ ବିଷୟ ପ୍ରଚାର କରିବାକୁ ଅଭିଯାନ ଆରମ୍ଭ କରିଥିଲେ । ଏହି ପ୍ରଣାଳୀର ଫଳପ୍ରଦତା ଏହି ସତ୍ୟରୁ ଦେଖିହୁଏ ଯେ, ବିଶ୍ୱାସଘାତକ ଜଣକର ଆତ୍ମହତ୍ୟା ଯୋଗୁ ଏହିଦଳ ୧୧ ଜଣକୁ କମି ଆସିଥିଲା, ମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଜଗତଟାକୁ ଓଲଟାଇ ଦେଇଥିଲା ।

ପ୍ରେରିତ ପାଉଲ କେବଳ ଯେ ଏହି ପ୍ରଣାଳୀ ଅବଲମ୍ବନ କରିଥିଲେ ତାହା ନୁହେଁ ମାତ୍ର ତୀମଥିଙ୍କୁ ମଧ୍ୟ ଏହା ଅବଲମ୍ବନ କରିବାକୁ ପ୍ରବର୍ତ୍ତନା ଦେଇଥିଲେ । ''ଆଉ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଯେଉଁସବୁ ବାକ୍ୟ ମୋଠାରୁ ଶୁଣିଅଛ, ଯେଉଁମାନେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେବାକୁ ସମର୍ଥ, ଏପରି ବିଶ୍ୱସ୍ତ ଲୋକମାନଙ୍କ ନିକଟରେ ସେହିସବୁ ଅର୍ପଣ କର'' (୨ତୀମଥି ୨ : ୨) । ପ୍ରଥମ ପଦକ୍ଷେପ ହେଉଛି ବିଶ୍ୱସ୍ତ ଲୋକମାନଙ୍କର ଯତ୍ନଶୀଳ ଏବଂ ପ୍ରାର୍ଥନାଶୀଳ ମନୋନୟନ । ଦ୍ୱିତୀୟଟି ହେଉଛି ସେମାନଙ୍କୁ ଗୌରବମୟ ଦର୍ଶନ ବିଷୟ ଶିକ୍ଷାଦେବା । ତୃତୀୟଟି ହେଉଛି ଅନ୍ୟମାନଙ୍କୁ ଶିଷ୍ୟ କରିବା ନିମନ୍ତେ ସେମାନଙ୍କୁ ପ୍ରେରଣ କରିବା (ମାଥିଉ ୨୮ : ୧୯) ।

ଯେଉଁମାନେ ସଂଖ୍ୟାଗଣନା ଉପରେ ଲାଳାୟିତ ଏବଂ ବୃହତ୍ ଜନଗହଳିକୁ କାମନା କରନ୍ତି, ସେମାନଙ୍କ ନିମନ୍ତେ ଏହି ପ୍ରଣାଳୀ ଅତିଚିତ୍ତାକର୍ଷକ ଏବଂ ବିରକ୍ତିକର

ମନେ ହୋଇପାରେ । କିନ୍ତୁ ଈଶ୍ୱର ଜାଣନ୍ତି ସେ କ'ଣ କରନ୍ତି ଏବଂ ତାଙ୍କର ପ୍ରଣାଳୀସବୁ ସର୍ବୋତ୍ତମ ପ୍ରଣାଳୀ । 'ଆତ୍ମ-ପରିତୃପ୍ତ ଧାର୍ମିକବାଦୀମାନଙ୍କର ଗୋଟିଏ ବୃହତ ସେନାଦଳ ତୁଳନାରେ ମାତ୍ର କେତେଜଣ ଉତ୍ସର୍ଗିତ ଶିଷ୍ୟଙ୍କ ଦ୍ୱାରା ଈଶ୍ୱରଙ୍କ ନିମନ୍ତେ ଅଧିକ କିଛି ସମ୍ପାଦିତ ହୋଇପାରିବ ।

ଯେହେତୁ ଏହି ଶିଷ୍ୟମାନେ ଖ୍ରୀଷ୍ଟଙ୍କ ନାମରେ ଅଗ୍ରସର ହୁଅନ୍ତି, ସେମାନେ ଈଶ୍ୱରଙ୍କ ବାକ୍ୟରେ ଚିହ୍ନିତ ହୋଇଥିବା କେତେକ ନୀତି ଅନୁସରଣ କରନ୍ତି । ପ୍ରଥମରେ, ସେମାନେ ସର୍ପପରି ଚତୁର ଅଟନ୍ତି, ମାତ୍ର କପୋତ ପରି ଅହିଂସୁକ ଅଟନ୍ତି ସେମାନେ ଦେବତ୍ୱ ସମୂଳ ଉତ୍ସରୁ ଶକ୍ତି ଆହରଣ କରନ୍ତି । ଆଉ ମଧ୍ୟ, ସେମାନେ ସେମାନଙ୍କର ସହ-କର୍ମୀମାନଙ୍କ ସହ ଯୋଗାଯୋଗରେ ନମ୍ର ଓ ଆତ୍ମାରେ ଦୀନହୀନ ଅଟନ୍ତି । କେହିହେଲେ ସେମାନଙ୍କଠାରୁ ଶାରୀରିକ ହିଂସ୍ରତାର ଭୟ ଅପେକ୍ଷା କରେନି; ଲୋକମାନେ କେବଳ ସେମାନଙ୍କର ପ୍ରାର୍ଥନାଗୁଡ଼ିକ ଏବଂ ଅତୃପ୍ତ ସାକ୍ଷ୍ୟଗୁଡ଼ିକ ନିମନ୍ତେ ଭୟର ଅପେକ୍ଷାରେ ଥା'ନ୍ତି ।

ଏହି ଶିଷ୍ୟମାନେ ନିଜ ନିଜକୁ ଏହି ଜଗତର କୂଟକପଟରୁ ମୁକ୍ତ ରଖନ୍ତି । ସେମାନେ ନିଜ ନିଜକୁ କୌଣସି ପ୍ରକାରର ସରକାର କିମ୍ବା ରାଜନୈତିକ ବିଚାରଧାରା ବିରୁଦ୍ଧରେ ସଂଗ୍ରାମ କରିବା ନିମନ୍ତେ ଆହ୍ୱାନ ପାଇଥିବାର ବିବେଚିତ ମନେ କରନ୍ତି ନାହିଁ । ସେମାନେ ଯେକୌଣସି ପ୍ରକାରର ସରକାର ଶାସନ ଅଧିନରେ ପରିଚାଳିତ ହୋଇପାରନ୍ତି ଏବଂ ସେହି ସ୍ତର ପର୍ଯ୍ୟନ୍ତ ସେହି ସରକାରର ଅନୁଗତ ହୋଇ ରହିଥା'ନ୍ତି ଯେଉଁ ସ୍ତର ପର୍ଯ୍ୟନ୍ତ ସେମାନଙ୍କୁ ସେମାନଙ୍କର ସାକ୍ଷ୍ୟ ସମାଧାନ କରିବାକୁ କିମ୍ବା ସେମାନଙ୍କର ପ୍ରଭୁଙ୍କୁ ଅସ୍ୱୀକାର କରିବାକୁ ଆବଶ୍ୟକ ହୁଏ । ତା'ପରେ ସେମାନେ ତାହା ମାନିବାକୁ ଅସ୍ୱୀକାର କରିବାକୁ ଆବଶ୍ୟକ ହୁଏ । ତା'ପରେ ସେମାନେ ତାହା ମାନିବାକୁ ଅସ୍ୱୀକାର କରିଥା'ନ୍ତି ଏବଂ ପରିଣାମ ନିକଟରେ ନିଜକୁ ସମର୍ପଣ କରିଥା'ନ୍ତି । କିନ୍ତୁ ସେମାନେ କଦାପି ଏକ ମାନବ ସରକାର ବିରୁଦ୍ଧରେ ଷଡ଼ଯନ୍ତ୍ର କରନ୍ତି ନାହିଁ କିମ୍ବା କୌଣସି ପ୍ରକାର ବିଦ୍ରୋହାତ୍ମକ ପନ୍ଥାରେ ସଂଶ୍ଳୀଷ୍ଟ ହୁଅନ୍ତି ନାହିଁ । ପ୍ରଭୁ କ'ଣ କହି ନାହାନ୍ତି, "ଯଦି ମୋର ସାମ୍ରାଜ୍ୟ ଏହି ଜଗତର ହୋଇଥାନ୍ତା, ତେବେ କ'ଣ ମୋର ସେବକମାନେ ଯୁଦ୍ଧ କରି ନ ଥାନ୍ତେ ?" ଏହି ଲୋକମାନେ ହେଉଛନ୍ତି ଏକ ସ୍ୱର୍ଗୀୟ ପ୍ରଦେଶର ରାଜଦୂତଗଣ ଏବଂ ଏଣୁକରି ସେମାନେ ତୀର୍ଥଯାତ୍ରୀ ଏବଂ ଅପରିଚିତମାନଙ୍କ ପରି ବାଟକାଟି ଚାଲିଯାନ୍ତି ।

ସେମାନେ ସେମାନଙ୍କର ସମସ୍ତ ଆଚରଣରେ ସଂପୂର୍ଣ୍ଣଭାବେ ସାଧୁ ଅଟନ୍ତି । ସେମାନଙ୍କର 'ହଁ' ହେଉଛି 'ହଁ' ଏବଂ 'ନାହିଁ' ହେଉଛି ନାହିଁ । ସେମାନେ ଲୋକପ୍ରିୟ ମିଥ୍ୟାଟିକୁ ଅବଲମ୍ବନ କରିବାକୁ ଅସ୍ୱୀକାର କରନ୍ତି ଯାହାର ଶେଷ ହିଁ ତାର ପ୍ରକୃତ ଅର୍ଥ ବୁଝାଏ । ଯେକୌଣସି ପରିସ୍ଥିତିରେ ସେମାନେ ମନ୍ଦ କରନ୍ତି ନାହିଁ ଯେଉଁଥିରୁ ହୁଏତ ଉତ୍ତମତା ଆସିପାରେ । ପ୍ରତ୍ୟେକ ଜଣ ହେଉଛନ୍ତି ଜଣେ ଜଣେ ସନ୍ନିବେଶିତ ବିବେକର ରୂପ ସଦୃଶ ଯେଉଁମାନେ କି ପାପ ପରିବର୍ତ୍ତେ ବରଂ ମୃତ୍ୟୁ ବରଣ କରିପାରିବେ ।

ଏହି ବ୍ୟକ୍ତିମାନଙ୍କ ଦ୍ୱାରା ଅପରିବର୍ତ୍ତନୀୟ ଭାବେ ଅନୁସୃତ ଅନ୍ୟ ଏକ ନୀତି ଥିଲା ଯେ, ସେମାନେ ସେମାନଙ୍କର କାର୍ଯ୍ୟକୁ ସ୍ଥାନୀୟ ମଣ୍ଡଳୀରେ ଯେପରି ଲଙ୍ଗରବଦ୍ଧ କରିଥିଲେ । ପ୍ରଭୁ ଯୀଶୁଙ୍କ ନିମନ୍ତେ ପରିବର୍ତ୍ତିତମାନଙ୍କୁ ଲାଭ କରିବାକୁ ସେମାନେ ଶସ୍ୟକ୍ଷେତ୍ରଗୁଡିକ ବାହାରି ଯାଉଥିଲେ, ମାତ୍ର ତା'ପରେ ସେମାନେ ଏହି ପରିବର୍ତ୍ତିତମାନଙ୍କୁ ଏକ ସ୍ଥାନୀୟ ମଣ୍ଡଳୀକୁ ସହଭାଗିତା ନିମନ୍ତେ ଆଗେଇ ନେଉଥିଲେ ଯେଉଁଠାରେ କି ସେମାନେ ସେମାନଙ୍କର ପବିତ୍ର ବିଶ୍ୱାସରେ ଶକ୍ତିବନ୍ତ ହେବେ ଏବଂ ଗଠିତ ହେବେ । ପ୍ରକୃତ ଶିଷ୍ୟମାନେ ହୃଦୟଙ୍ଗମ କରନ୍ତି ଯେ ସ୍ଥାନୀୟ ମଣ୍ଡଳୀଟି ହେଉଛି ବିଶ୍ୱାସ ସମ୍ବନ୍ଧୀୟ ଗଠିତ ସ୍ଥାୟୀ ସର୍ବୋତ୍ତମ ଏବଂ ବହୁଳ କାର୍ଯ୍ୟସକଳକୁ ଓ ବିଶ୍ୱାସକୁ ପ୍ରଚାର କରିବା ନିମନ୍ତେ ଏହା ହିଁ ହେଉଛି ପୃଥିବୀ ଉପରେ ଈଶ୍ୱରଙ୍କ ଏକ କାର୍ଯ୍ୟକ୍ଷେତ୍ର ।

ଶିଷ୍ୟମାନେ ସମସ୍ତ ପ୍ରକାରର ବିପଦଜଡିତ ସଂପର୍କକୁ ଦୂରେଇ ଦେବାକୁ ଜ୍ଞାନୀ ଅଟନ୍ତି । କୌଣସି ମାନବିକ ସଂଗଠନ ଦ୍ୱାରା ସେମାନଙ୍କର ଗତି ନିର୍ଦ୍ଦେଶିତ ହେବା ପାଇଁ ଅନୁମତି ପ୍ରଦାନ କରିବାକୁ ସେମାନେ ଦୃଢ଼ ଭାବେ ଅସ୍ୱୀକାର କରିଥାନ୍ତି । ସ୍ୱର୍ଗର ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରତ୍ୟକ୍ଷଭାବେ ସେମାନେ ତାଙ୍କର ପଦଚାଳନା ନିମନ୍ତେ ଆଦେଶ ପ୍ରାପ୍ତ ହୋଇଥାନ୍ତି । ଏହାରମାନେ ନୁହେଁ ଯେ, ସେମାନେ ଆତ୍ମପ୍ରତ୍ୟୟ ଏବଂ ସ୍ଥାନୀୟ ମଣ୍ଡଳୀର ଖ୍ରୀଷ୍ଟବିଶ୍ୱାସୀମାନଙ୍କର ସ୍ୱୀକୃତି ବିନା ପରିଚାଳିତ ହୁଅନ୍ତି । ଅପର ପକ୍ଷରେ, ସେମାନେ ଏପରି ସ୍ୱୀକୃତି ଅପେକ୍ଷାରେ ଥା'ନ୍ତି ଯାହାକି ସେବାକାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କ ଆହ୍ୱାନର ଏକ ନିର୍ଦ୍ଧାର୍ଯ୍ୟକରଣ । କିନ୍ତୁ ଖ୍ରୀଷ୍ଟଙ୍କ ବାକ୍ୟ ଏବଂ ସେମାନଙ୍କ ନିମନ୍ତେ ତାହାଙ୍କ ଚାଳନାର ବାଧ୍ୟତାରେ ରହି ତାହାଙ୍କ ସେବା କରିବାର ପ୍ରୟୋଜନୀୟତା ଉପରେ ସେମାନେ ଜୋର ଦିଅନ୍ତି ।

ପରିଶେଷରେ, ଏହି ଶିଷ୍ୟମାନେ ଜନପ୍ରିୟତାକୁ ଏଡାଇ ଦିଅନ୍ତି । ସେମାନେ ନିଜ ନିଜକୁ ପୃଷ୍ଠଭୂମି ଉପରେ ସାଇତି ରଖନ୍ତି । ସେମାନଙ୍କ ଉଦ୍ଦେଶ୍ୟ ହେଉଛି ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିବା ଏବଂ ତାହାଙ୍କୁ ପରିଚିତ କରାଇବା । ସେମାନେ ନିଜ ନିମନ୍ତେ ବୃହତ୍ ବିଷୟସବୁ ଅନ୍ୱେଷଣ କରନ୍ତି ନାହିଁ । ସେମାନେ ତାଙ୍କର ରଣ କୌଶଳକୁ ଶତ୍ରୁ ନିକଟରେ ପ୍ରକାଶ କରିବାକୁ ଇଚ୍ଛା କରନ୍ତି ନାହିଁ । ତେଣୁକରି ସେମାନେ ନୀରବରେ ଏବଂ ନିରାଡମ୍ବର ଭାବରେ କାର୍ଯ୍ୟ କରନ୍ତି, ଲୋକମାନଙ୍କର ପ୍ରଶଂସା ବା ଅପନିନ୍ଦାକୁ ବିସ୍ମରଣ କରିଦେଇଥାନ୍ତି । ସେମାନେ ଏହା ଜ୍ଞାତ ଅଟନ୍ତି ଯେ ‘‘ସେମାନଙ୍କର ଶ୍ରମର ଫଳାଫଳ ଜାଣିବାକୁ ସ୍ୱର୍ଗ ହିଁ ହେବ ସର୍ବୋତ୍ତମ ଏବଂ ସର୍ବ ସୁରକ୍ଷିତ ସ୍ଥାନ’’ ।

## ଶିଷ୍ୟତ୍ୱ ଏବଂ ବିବାହ

‘‘କେହି କେହି ମାତାର ଗର୍ଭରୁ ନପୁଂସକ ହୋଇ ଜନ୍ମ ହୋଇଛନ୍ତି... ମନୁଷ୍ୟମାନଙ୍କ ଦ୍ୱାରା ନପୁଂସକ କରାଯାଇଅଛନ୍ତି, ପୁଣି ଆଉ କେହି କେହି ସ୍ୱର୍ଗରାଜ୍ୟ ସକାଶେ ଆପଣା ଆପଣାକୁ ନପୁଂସକ କରିଅଛନ୍ତି । ଯେଉଁ ଲୋକ ଗ୍ରହଣ କରିପାରେ, ସେ ଗ୍ରହଣ କରୁ’’ । (ମାଥିଉ ୧୯ : ୧୨) ।

ପ୍ରତ୍ୟେକ ଶିଷ୍ୟ ସମ୍ମୁଖୀନ ହେବାକୁ ଯାଉଥିବା ମୁଖ୍ୟ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ମୁଖ୍ୟ ପ୍ରଶ୍ନ ହେଉଛି ଈଶ୍ୱର ସେମାନଙ୍କୁ ବିବାହିତ ଜୀବନ ନିମନ୍ତେ ବା ଅନୂଢ଼ ଜୀବନ ନିମନ୍ତେ ଡାକୁ ଆହ୍ୱାନ କରିଛନ୍ତି । ଏହା ହିଁ ହେଉଛି ସଂପୂର୍ଣ୍ଣଭାବେ ଈଶ୍ୱରଙ୍କଠାରୁ ଏକ ବ୍ୟକ୍ତିଗତ ପରିଚାଳନାର ବିଷୟ । କେହି ଜଣେ ଅନ୍ୟ ଜଣଙ୍କ ନିମନ୍ତେ ଆଇନ ପ୍ରଣୟନ କରିପାରିବ ନାହିଁ, ଏବଂ ଏହିପ୍ରକାର ଅତୀବ ଗୁରୁତ୍ୱପୂର୍ଣ୍ଣ ଅଧିକାର ବିଷୟରେ ହସ୍ତକ୍ଷେପ କରିବା ହେଉଛି ଏକ ସଂକଟପୂର୍ଣ୍ଣ ବ୍ୟାପାର ।

ଈଶ୍ୱରଙ୍କ ବାକ୍ୟର ସାଚରାଚରିକ ଶିକ୍ଷା ହେଉଛି ଯେ ମନୁଷ୍ୟଜାତି ନିମନ୍ତେ କେତେକ ଉଦ୍ଦେଶ୍ୟ ମନରେ ରଖି ଈଶ୍ୱରଙ୍କ ଦ୍ୱାରା ବିବାହ ପ୍ରତିଷ୍ଠିତ ହୋଇଥିଲା ।

୧ । ସହଯୋଗୀତା ଏବଂ ସୁଖ ନିମନ୍ତେ ଏହା ନିର୍ଦ୍ଦେଶିତ ହୋଇଥିଲା । ଈଶ୍ୱର ଦେଖିଲେ ଯେ, ‘‘ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ’’ (ଆଦି ୨ : ୧୮) ।

୨। ଜାତି ବୃଦ୍ଧି ନିମନ୍ତେ ଏହା ଅଭିହିତ ଥିଲା । ପ୍ରଭୁଙ୍କ ଆଦେଶରେ ଏହା ସୂଚିତ ହୋଇଛି, ''ପ୍ରଜାବନ୍ତ ଓ ବହୁବଂଶ ହୁଅ, ପୁଣି ପୃଥିବୀକି ପରିପୂର୍ଣ୍ଣ କରି ବଶୀଭୂତ କର'' (ଆଦି ୧ : ୨୮)।

୩। ପରିବାରରେ ଏବଂ ସମାଜରେ ପବିତ୍ରତାର ସଂରକ୍ଷଣ ନିମନ୍ତେ ଏହା ସ୍ଥିରୀକୃତ ହୋଇଥିଲା । ''ବ୍ୟଭିଚାର ଭୟ ହେତୁ ପ୍ରତ୍ୟେକ ପୁରୁଷର ନିଜର ଭାର୍ଯ୍ୟା ଥାଉ'' (୧କରିନ୍ଥୀୟ ୭ : ୨)।

ଏହା ସୂଚନା ଦେବାକୁ ଈଶ୍ୱରଙ୍କ ବାକ୍ୟରେ ସେପରି କିଛି ନାହିଁ ଯେ, ବିବାହ ଏକ ପବିତ୍ର, ଅନୁରକ୍ତ ଜୀବନ ସହିତ ଏବଂ ଖ୍ରୀଷ୍ଟଙ୍କ ସେବା ନିମନ୍ତେ ଅସଙ୍ଗତ ଅଟେ । ବରଂ ଆମକୁ ଏହା ସ୍ମରଣ କରାଇ ଦିଆଯାଇଛି ଯେ, ''ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ହେଉ ଓ ତାହାର ଶଯ୍ୟା ଶୁଚି ଥାଉ'' (ଏବ୍ରୀ ୧୩ : ୪) । ନିଦର୍ଶନ ସ୍ୱରୂପେ ଏହା କୁହାଯାଇଛି, ''ଯେଉଁ ଲୋକ ଭାର୍ଯ୍ୟା ପାଏ, ସେ ଉତ୍ତମ ବସ୍ତୁ ପାଏ'' (ହିତ ୧୮ : ୨୨) । ପ୍ରଚାରକଙ୍କର ବାକ୍ୟ ବାରମ୍ବାର ବିବାହ ସମ୍ବନ୍ଧରେ ବ୍ୟବହୃତ ହୋଇପାରେ ''ଜଣେ ଅପେକ୍ଷା ଦୁଇଜଣ ଭଲ'' (ଉପଦେଶକ ୪ : ୯), ବିଶେଷତଃ ଯଦି ଦୁଇଜଣଯାକ ଈଶ୍ୱରଙ୍କ ସେବା ନିମନ୍ତେ ସଂଯୁକ୍ତ ହୁଅନ୍ତି । ସଂଯୁକ୍ତ କାର୍ଯ୍ୟର ପରିବର୍ଦ୍ଧିଷ୍ଣ ଫଳୋତ୍ପାଦନ ଦ୍ୱିତୀୟ ବିବରଣ ୩୨ : ୩୦ ରେ ସୂଚିତ ହୋଇଛି, ଯେଉଁଠାରେ କି ସହସ୍ର ଜଣଙ୍କୁ ଜଣେ ତଡ଼ି ଦେଉଛି ଏବଂ ଦଶସହସ୍ର ଜଣଙ୍କୁ ଦୁଇଜଣ ବିମୁଖ କରୁଛନ୍ତି ।

ଏବଂ ତଥାପି - ଯଦିଚ ଜାତି ନିମନ୍ତେ ସାଧାରଣରେ ବିବାହ ହେଉଛି ଈଶ୍ୱରଙ୍କ ଇଚ୍ଛା, କିନ୍ତୁ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ଅତ୍ୟାବଶ୍ୟକୀୟ ଭାବେ ତାଙ୍କର ଇଚ୍ଛା ନୁହେଁ । ଯେତେବେଳେ ହୁଏତ ଏହା ଏକ ଅବିଚ୍ଛେଦ୍ୟ ଅଧିକାର ରୂପରେ ହୋଇଥାଏ, ସେତେବେଳେ ହୁଏତ ପ୍ରଭୁ ଯୀଶୁଙ୍କର ଶିଷ୍ୟଟି ଖ୍ରୀଷ୍ଟଙ୍କ ସେବା ନିମନ୍ତେ ନିଜକୁ ଅଧିକ ଅବିହ୍ୱଳିତ ଭାବେ ସମର୍ପଣ କରିଦେବା ପାଇଁ ଏହି ଅଧିକାରକୁ ତ୍ୟାଗ କରିଦେବାକୁ ମନୋନୟନ କରିପାରେ ।

ପ୍ରଭୁ ଯୀଶୁ ଉଲ୍ଲେଖ କରିଛନ୍ତି ଯେ ତାଙ୍କର ସ୍ୱର୍ଗରାଜ୍ୟରେ ସେହିମାନେ ହିଁ ଥିବେ, ଯେଉଁମାନେ କି ତାଙ୍କ ନିମନ୍ତେ ନପୁଂସକ ସଦୃଶ ହୋଇଥିବେ :

''କାରଣ କେହି କେହି ମାତା ଗର୍ଭରୁ ନପୁଂସକ ହୋଇ ଜନ୍ମ ହୋଇଅଛନ୍ତି, ଆଉ କେହି କେହି ମନୁଷ୍ୟମାନଙ୍କ ଦ୍ୱାରା ନପୁଂସକ

କରାଯାଇଅଛନ୍ତି ପୁଣି ଆଉ କେହି କେହି ସ୍ୱର୍ଗରାଜ୍ୟ ସକାଶେ ଆପଣା ଆପଣାକୁ ନପୁଂସକ କରିଅଛନ୍ତି । ଯେଉଁ ଲୋକ ଗ୍ରହଣ କରିପାରେ, ସେ ଗ୍ରହଣ କରୁ'' (ମାଥିଉ ୧୯ : ୧୨)।

ଏହା ନିଶ୍ଚିତରୂପେ ଏକ ସ୍ୱେଚ୍ଛାକୃତ ଶପଥ ଗ୍ରହଣ ଯାହାକି ଜଣେ ବ୍ୟକ୍ତି ଦୁଇଟି ଉପାଦାନର ଫଳସ୍ୱରୂପେ ଗ୍ରହଣ କରେ :

୧ । ଅବିବାହିତ ରହିବା ନିମନ୍ତେ ଈଶ୍ୱରଙ୍କଠାରୁ ଚାଳନାର ଏକ ଜ୍ଞାନବୋଧ ।

୨ । ପରିବାର ଜୀବନର ଅତିରିକ୍ତ ଦାୟିତ୍ୱସବୁରୁ ରହିତ ହୋଇ ନିଜକୁ ସଂପୂର୍ଣ୍ଣଭାବେ ଈଶ୍ୱରଙ୍କ କାର୍ଯ୍ୟରେ ସମର୍ପଣ କରିବାର ଏକ ଆକାଂକ୍ଷା ।

ସ୍ୱର୍ଗୀୟ ଆହ୍ୱାନର ଦୃଢ଼ ବିଶ୍ୱାସ ରହିବା ଆବଶ୍ୟକ (୧କରିନ୍ଥୀୟ ୭ : ୭)। କେବଳ ଏହାଦ୍ୱାରା ଶିଷ୍ୟଟି ନିଶ୍ଚିତ ଭରସାପ୍ରାପ୍ତ ହୁଏ ଯେ ଜିତେନ୍ଦ୍ରିୟତା ନିମନ୍ତେ ଈଶ୍ୱର ଆବଶ୍ୟକୀୟ ଅନୁଗ୍ରହ ପ୍ରଦାନ କରିବେ ।

ଦ୍ୱିତୀୟରେ, ଏହା ସ୍ୱେଚ୍ଛାକୃତ ଭାବେ ହେବା ଆବଶ୍ୟକ । ଯେଉଁଠାରେ ଅକୌମାର୍ଯ୍ୟତା ଧର୍ମଯାଜକୀୟ ବାଧ୍ୟତାର ବିଷୟଟିଏ ହୋଇପଡ଼େ, ସେତେବେଳେ ଅଶୌଚତା ଏବଂ ଅନୈତିକତାର ଭୟ ଅତ୍ୟଧିକ ଅଟେ ।

ପ୍ରେରିତ ପାଉଲ ଏହି ସତ୍ୟତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ଯେ ଜଣେ ଅବିବାହିତ ବ୍ୟକ୍ତି ରାଜାଙ୍କ କାର୍ଯ୍ୟରେ ନିଜକୁ ଅଧିକ ସଂପୂର୍ଣ୍ଣ ଭାବେ ନିୟୋଜିତ କରିପାରିବ :

''ଯେ ଅବିବାହିତ, ସେ କିପରି ପ୍ରଭୁଙ୍କର ସନ୍ତୋଷପାତ୍ର ହେବ,ଏଥିପାଇଁ ପ୍ରଭୁଙ୍କ ବିଷୟ ଘେନି ଚିନ୍ତିତ ହୁଏ; କିନ୍ତୁ ଯେ ବିବାହିତ, ସେ କିପରି ଆପଣା ଭାର୍ଯ୍ୟାର ସନ୍ତୋଷପାତ୍ର ହେବ, ସେଥିପାଇଁ ସେ ସଂସାର ବିଷୟ ଘେନି ଚିନ୍ତିତ ହୁଏ, ଆଉ ତା'ର ମନ ବିରକ୍ତ ହୁଏ''( ୧ କରିନ୍ଥୀୟ ୭ : ୩୨,୩୩) ।

ଏହି କାରଣର ହେତୁ, ସେ ଏହି ଇଚ୍ଛା ପ୍ରକାଶ କରିଛନ୍ତି ଯେ, ଅବିବାହିତ ଏବଂ ବିଧବାମାନେ ଯେପରି ତାଙ୍କରି ପରି ରହନ୍ତି, ସେ ଯେପରି ଅବିବାହିତ ରହିଥିଲେ (୧ କରିନ୍ଥୀୟ ୭ : ୭,୮)।

ତଥାପି ଯେଉଁମାନେ ବିବାହିତ ହୋଇ ସାରିଛନ୍ତି, ପ୍ରେରିତକ ଦୃଢ଼ଭାବେ ଜଣାନ୍ତି, ସମୟର ସ୍ୱଳ୍ପତା ଏହା ଦାବୀ କରେ ଯେ, ଖ୍ରୀଷ୍ଟଙ୍କୁ ପରିଚିତ କରାଇବା ନିମନ୍ତେ ମହାନ୍ ଦାୟିତ୍ୱ ନିମନ୍ତେ ସମସ୍ତ ବିଷୟ ଅଧୀନସ୍ଥ ହେବା ଉଚିତ୍ ।

> ''କିନ୍ତୁ ହେ ଭାଇମାନେ, ମୋ କଥାର ଭାବ ଏହି, ସମୟ ଅତ୍ୟଳ୍ପ, ଏଣୁ ଯେଉଁମାନଙ୍କର ଭାର୍ଯ୍ୟା ଅଛି, ସେମାନେ ଭାର୍ଯ୍ୟା ନ ଥିଲା ପରି ହୁଅନ୍ତୁ । ଆଉ ଯେଉଁମାନେ ରୋଦନ କରନ୍ତି, ସେମାନେ ରୋଦନ ନ କରିବା ଲୋକ ପରି ହୁଅନ୍ତୁ; ପୁଣି ଯେଉଁମାନେ ଆନନ୍ଦ କରନ୍ତି, ସେମାନେ ଆନନ୍ଦ ନ କରିବା ଲୋକପରି ହୁଅନ୍ତୁ; ଯେଉଁମାନେ କ୍ରୟ କରନ୍ତି, ସେମାନେ ଅନଧିକାରୀ ଲୋକ ପରି ହୁଅନ୍ତୁ; ଆଉ ଯେଉଁମାନେ ଜଗତର ବିଷୟ ଭୋଗ କରନ୍ତି, ସେମାନେ ଭୋଗ ନ କରିବା ଲୋକ ପରି ହୁଅନ୍ତୁ; କାରଣ ଏହି ଜଗତର ରୂପ ପରିବର୍ତ୍ତିତ ହେଉଅଛି'' (୧ କରିନ୍ଥୀୟ ୭ : ୨୯-୩୧) ।

ନିଶ୍ଚିତଭାବରେ ଏହାର ଅର୍ଥ ନୁହେଁ ଯେ, ଜଣେ ବ୍ୟକ୍ତି ତା'ର ଗୃହର ଦାୟିତ୍ୱସବୁକୁ ବର୍ଜନ କରିବା, ଉଚିତ୍ , ତା'ର ସ୍ତ୍ରୀ ଏବଂ ପିଲାମାନଙ୍କୁ ବର୍ଜନ କରିବା ଉଚିତ୍ ଏବଂ ଜଣେ ମିଶିନେରୀ ଭାବରେ ବହିର୍ଗମନ କରିବା ଉଚିତ୍ । କିନ୍ତୁ ଏହାର ଅର୍ଥ ଏହା ଅଟେ ଯେ, ସେ ଗୃହଜୀବନର ଆନନ୍ଦ ଏବଂ ପରିତୃପ୍ତତା ନିମନ୍ତେ ବାସ କରିବା ଉଚିତ୍ ନୁହେଁ । ଖ୍ରୀଷ୍ଟଙ୍କୁ ଦ୍ୱିତୀୟ ସ୍ଥାନ ଦେବା ନିମନ୍ତେ ସେ ତା'ର ସ୍ତ୍ରୀ ଓ ପିଲାମାନଙ୍କୁ କ୍ଷମା ପାଇଁ ବ୍ୟବହାର କରିବା ଉଚିତ୍ ନୁହେଁ ।

''ସି.ଟି.ଷ୍ଟଡ୍'' ଅତ୍ୟନ୍ତ ଭୟଭୀତ ଥିଲେ ଯେ, ତାଙ୍କର ପ୍ରେମିକା ତାଙ୍କ ସହ ଏପରି ଦଖଲ ଅଧିକାର ପାଇଯିବ ଯାହା ଫଳରେ ପ୍ରଭୁ ଯୀଶୁ ହୁଏତ ତାଙ୍କ ଜୀବନରେ ପ୍ରଥମ ସ୍ଥାନ ପ୍ରାପ୍ତ ହୋଇ ପାରିବେ ନାହିଁ । ଏହାକୁ ଏଡାଇ ଦେବାକୁ, ସେ ତାଙ୍କ ନିମନ୍ତେ ପ୍ରତ୍ୟେକ ଦିନ ଆବୃତ୍ତି କରିବାକୁ ଗୋଟିଏ ପଦ ରଚନା କରିଥିଲେ ।

ପ୍ରଭୁ ଯୀଶୁ, ମୁଁ ତୁମକୁ ଭଲ ପାଏ
ତୁମେ ହିଁ ମୋ ନିଜର
ସଦା ତୁମେ ସାଥେ ଅଛ
ତାଳି ଠୁଁ ବି ପ୍ରିୟ ମୋର ।

ସେମାନଙ୍କ ନିମନ୍ତେ ମନୁଷ୍ୟ ଜଗତକୁ ଜୟଲାଭ କରିବାର ଏକ ମହାନ୍ ଗୁରୁ ଦାୟିତ୍ୱ ନିମନ୍ତେ ପାରିବାରିକ ବିଷୟଗୁଡ଼ିକ ଅଧୀନସ୍ଥ କରିବାକୁ

ସାମ୍ୟବାଦୀମାନେ ଶିକ୍ଷା କରି ଅଛନ୍ତି । 'ଗୋର୍ଡନ୍ ଆର୍‌ନୋଲ୍‌ଡ୍ ଲୋନ୍‌ସ୍‌ଡେଲ' ହେଉଛନ୍ତି ଏକ ଉଦାହରଣ । ୧୯୬୦ରେ, ଇଂଲଣ୍ଡରେ ଜଣେ ଋଷିଆ ଗୁପ୍ତଚର ଭାବରେ ଧରାପଡ଼ିଯିବା ପରେ, ତାଙ୍କ ସ୍ତ୍ରୀଙ୍କଠାରୁ ଏକ ପତ୍ର ଏବଂ ଛଅ ପୃଷ୍ଠାର ଉତ୍ତରଟିଏ ପୋଲିସ୍ ପାଇଥିଲା । ତାଙ୍କର ସ୍ତ୍ରୀ ଲେଖିଥିଲେ, ''ଜୀବନଟା କେତେ ଅନ୍ୟାୟପୂର୍ଣ୍ଣ ଅଟେ । ମୁଁ ଏହା ସଂପୂର୍ଣ୍ଣ ଅବଗତ ଯେ ତୁମେ କାମ କରୁଅଛ ଓ ଏହା ତୁମର ନାମ ଏବଂ ତୁମେ ତୁମର କାର୍ଯ୍ୟକୁ ଭଲ ପାଅ ପୁଣି ଏସମସ୍ତ ଖୁବ୍ ସଚେତନଭାବେ କରିବାକୁ ଚେଷ୍ଟା କରିଥାଅ । ତଥାପି ମୋର ବିଚାର ଧାରା ଜଣେ ନାରୀର ଢ଼ଙ୍ଗରେ ଖୁବ୍ ସଂକୀର୍ଣ୍ଣମନା ଅଟେ, ଏବଂ ଭୟାନକଭାବେ ଯନ୍ତ୍ରଣା ଅନୁଭବ କରୁଛି । ତୁମେ ମୋତେ କିଭଳି ଭଲ ଲେଖି ଜଣାଅ, ହୁଏତ ମୁଁ ଆଶ୍ୱସ୍ତି ଅନୁଭବ କରିପାରେ'' ।

'ଲୋନ୍‌ସ୍‌ଡେଲ୍' ଆଂଶିକ ଭାବେ ଉତ୍ତର ଦେଇଥିଲେ : ମୁଁ ଏହି ସମସ୍ତ କହିବାକୁ ଯାଉଛି ଯେ, ମୋ ନିଜର ବୋଲି ଗୋଟିଏ ମାତ୍ର ଜୀବନ ଅଛି ଏବଂ ସେଥିରେ ମୁଁ ଅତି ଆରାମରେ ନାହିଁ । ମୁଁ ଏହି ସମସ୍ତ ଇଚ୍ଛାକରେ ଯେ, ମୁଁ ଏହାକୁ ଏପରିଭାବରେ କାଟିବି, ଯାହାଫଳରେ କି ପଛକୁ ଫେରି ଚାହିଁଲେ କୌଣସି ଲଜ୍ଜ୍ୟାକର ବିଷୟ ନ ଥିବ... ମୁଁ ୩୯ ବର୍ଷରେ ପଦାର୍ପଣ କରିସାରିଛି; ଆଉ କ'ଣ ଅଧିକ ବାକି ରହିଛି ?'' (୧)

''ସମୟ ହିଁ ସ୍ୱଳ୍ପ'', ପାଉଲ ଲେଖିଥିଲେ, ''ମୋ କଥାର ଭାବ ଏହି... ଯେଉଁମାନଙ୍କର ଭାର୍ଯ୍ୟା ଅଛି, ସେମାନେ ଭାର୍ଯ୍ୟା ନ ଥିଲା ପରି ହୁଅନ୍ତୁ...।''

ଶୋକାନ୍ତକ ପରିଣାମ ହିଁ ହେଉଛି ବ୍ୟତିବ୍ୟସ୍ତ ଏବଂ କୁପଥରେ ଚାଳିତ ହୋଇଥିବା ବିବାହ ଅନେକ ବାର ଜଣେ ଯୁବକକୁ ଖ୍ରୀଷ୍ଟଙ୍କ ନିମନ୍ତେ ସର୍ବୋତ୍ତମଭାବେ ବ୍ୟବହୃତ ହେବାର ପଥରୁ ପଥଚ୍ୟୁତ କରି ଆଣିବା ନିମନ୍ତେ ଶୟତାନର ଅସ୍ତ୍ର ରୂପେ ବ୍ୟବହୃତ ହୋଇ ଆସିଛି । ଅନେକ ଆକାଂକ୍ଷିତ ଅଗ୍ରଣୀ ସେବକମାନେ ବିବାହ ମଣ୍ଡପରେ ତାହାଙ୍କ ନିମନ୍ତେ ଅବିଭକ୍ତ ସେବାକାର୍ଯ୍ୟର ଦୌଡ଼କୁ ବାଜ୍ୟାପ୍ତ କରିଅଛନ୍ତି ।

ଖ୍ରୀଷ୍ଟଙ୍କର ଇଚ୍ଛାପୂରଣ କରିବା ଦିଗରେ ବିବାହ ହୁଏତ ଏକ କଷ୍ଟଦାୟକ ଶତ୍ରୁ ହୋଇପାରେ, ଯେଉଁ ଇଚ୍ଛାକୁ କି ସମସ୍ତଙ୍କର ଶ୍ରବଣ କରିବା ଉଚିତ୍ । ''ବିବାହ ହେଉଛି ଈଶ୍ୱର ପ୍ରଦତ୍ତ । କିନ୍ତୁ ଯେତେବେଳେ ଏହା ଈଶ୍ୱରଙ୍କ ଇଚ୍ଛାର ପ୍ରତିବନ୍ଧକଟିଏ

Time Magazine, February 17, 1961

ରୂପେ ଛିଡ଼ାହୁଏ, ସେତେବେଳେ ଏହା ଅପବ୍ୟବହୃତ ହୋଇଥାଏ । ଆମେ ଅନେକଙ୍କର ନାମ ଉଲ୍ଲେଖ କରିପାରିବା - ଉଭୟ ପୁରୁଷ ଓ ମହିଳାମାନେ - ଯେଉଁମାନଙ୍କୁ ବିଦେଶ କାର୍ଯ୍ୟକ୍ଷେତ୍ରକୁ ଏକ ନିର୍ଦ୍ଦିଷ୍ଟ ଆହ୍ୱାନ ରହିଥିଲା କିନ୍ତୁ ସେମାନେ ସେଠାରେ କଦାପି ପହଞ୍ଚିପାରି ନ ଥିଲେ କାରଣ ସେମାନଙ୍କର ସହଯୋଗୀମାନେ ସେମାନଙ୍କୁ ପଛରୁ ଧରି ରଖିଥିଲେ... । କୌଣସି ବିଷୟ ନୁହେଁ - ଏପରକି ଈଶ୍ୱରଙ୍କ ପ୍ରଦତ୍ତ ଜଣେ ଜୀବନସାଥୀର ଆଶୀର୍ବାଦ - ଜଣଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କ ମହତ ଉଦ୍ଦେଶ୍ୟକୁ ବହୁଳବାଧା ଉପୁଜାଏ... ଆଜି ଖ୍ରୀଷ୍ଟଙ୍କ ବିନା ପ୍ରାଣଗୁଡ଼ିକ ମୃତ୍ୟୁବରଣ କରୁଛନ୍ତି କାରଣ ଈଶ୍ୱରଙ୍କ ଇଚ୍ଛା ଉପରେ ପ୍ରିୟବ୍ୟକ୍ତିମାନେ ପ୍ରାଧାନ୍ୟ ଲାଭ କରିଛନ୍ତି'' ।

ବିଶେଷଭାବେ ବୋଧହୁଏ ଅଗ୍ରଣୀ କାର୍ଯ୍ୟକାରୀମାନଙ୍କ କ୍ଷେତ୍ରରେ ଏହା ବାସ୍ତବ ଅଟେ ଯେ ଏକ ଅନୂଢ଼ା ଜୀବନ ଶ୍ରେୟସ୍କର । ''ଅଗ୍ରଗାମୀ ସେନାଦଳର ପୁରୁଷ ଓ ମହିଳାମାନେ ନିଜ ନିଜକୁ ଅସ୍ୱୀକାର କରିବା ଆବଶ୍ୟକ ଯଦିଚ ଜୀବନର ଆବଶ୍ୟକତାସବୁ ସଂପୂର୍ଣ୍ଣ ଆଇନ ସମ୍ମତ ସୁଖଗୁଡ଼ିକ ବିଷୟରେ କୌଣସି ଆପତ୍ତି ଆଣେ ନାହିଁ । ଏପ୍ରକାର ବ୍ୟକ୍ତିମାନଙ୍କର କର୍ତ୍ତବ୍ୟ ହେଉଛି କଠିଣ ପରିସ୍ଥିତିକୁ ସହ୍ୟ କରିବା, ଉତ୍ତମ ସୈନ୍ୟକ ସବୁ ହେବା, ଏହି ଜୀବନର ବିଷୟଗୁଡ଼ିକ ଦ୍ୱାରା ଭାରାକ୍ରାନ୍ତ ନ ହେବା, ଯେକୌଣସି ଗୁରୁତର ଘଟଣାରେ କ୍ରୀଡାବିତ୍‌ମାନେ ବିପଦ ଜଡ଼ିତ ନ ହେବା... ଏହା ହେଉଛି ଏକ ବୃତ୍ତି, ଏକ ଆହ୍ୱାନ ଏବଂ ବିଶେଷ ସେବା ନିମନ୍ତେ ଏକ ନିର୍ଦ୍ଦେଶ ।''

ସେହି ସମସ୍ତଙ୍କ ନିମନ୍ତେ ଯେଉଁମାନେ ଏହି ଆହ୍ୱାନ ଶୁଣନ୍ତି ଏବଂ ଉତ୍ତର ଦିଅନ୍ତି, ଏକ ମହାନ୍ ପୁରସ୍କାର ରହିଛି । '' ମୋତେ ବିଶ୍ୱାସ କର'', ଯୀଶୁ କହିଲେ, ''ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି... ଯେକେହି ମୋହର ନାମ ସକାଶେ ଗୃହ କି ଭ୍ରାତା କି ଭଗ୍ନି କି ପିତା କି ମାତା କି ସନ୍ତାନସନ୍ତତି କି ଭୂମି ପରିତ୍ୟାଗ କରେ, ସେ ବହୁଗୁଣ ପାଇବ, ପୁଣି ଅନନ୍ତ ଜୀବନ ଅଧିକାରୀ ହେବ'' (ମାଥିଉ ୧୯ : ୨୮,୨୯ - ଫିଲିପ୍ପୀୟ)

(1) Gustafson, wesley L. CALLED BUT NOT GOING, Chicago : IVCF Press, P.10
Cable and Freench, AMBASSADORS FOR CHRIST, Chicago, Moody Press

# ବ୍ୟୟ ଅଟକଳ

ପ୍ରଭୁ ଯୀଶୁ କଦାପି ଲୋକମାନଙ୍କୁ ବିଶ୍ୱାସର ଏକ ଛଳନା ମଧ୍ୟକୁ ପ୍ରବର୍ତ୍ତାଇ ନାହାଁନ୍ତି । ସେ ମଧ୍ୟ ଏକ ଲୋକପ୍ରିୟ ବାର୍ତ୍ତା ପ୍ରଚାର କରିବା ଦ୍ୱାରା ବିପୁଳ ଜନତାକୁ ଆକର୍ଷିତ କରିବା ନିମନ୍ତେ ଅନ୍ୱେଷୀ ହୋଇ ନାହାଁନ୍ତି ।

ପ୍ରକୃତରେ, ଯେତେବେଳେ ଲୋକମାନେ ତାହାଙ୍କର ପଶ୍ଚାଦ୍‌ଗମନ କରିବାକୁ ଆରମ୍ଭ କରିଛନ୍ତି, ସେତେବେଳେ ସେ ସେମାନଙ୍କ ନିମନ୍ତେ ପଶ୍ଚାତ୍‌ମୁଖ ହୋଇ ସେମାନଙ୍କୁ ଶିଷ୍ୟତ୍ୱର କଠୋରତମ ସର୍ତ୍ତାବଳୀ ସବୁ ବୁଝାଇଛନ୍ତି ।

ଏହିପରି ଏକ ଅବସରରେ, ତାଙ୍କୁ ଅନୁଗମନ କରୁଥିବା ଲୋକମାନଙ୍କୁ ଚେତନା ଦେଇଥିଲେ ଯେ ସେମାନେ ପ୍ରଥମେ ବ୍ୟୟ ଅଟକଳ କରିବା ଉଚିତ୍, ସେ କହିଥିଲେ :

> "କାରଣ ତୁମ୍ଭମାନଙ୍କ ମଧ୍ୟରୁ କିଏ ପ୍ରହରୀଗୃହ ନିର୍ମାଣ କରିବାକୁ ଇଚ୍ଛା କରି ତାହା ସମ୍ପୂର୍ଣ୍ଣ କରିବା ନିମନ୍ତେ ତାହାର ଅର୍ଥ ବଳ ଅଛି କି ନାହିଁ, ଏହା ପ୍ରଥମେ ବସି ବ୍ୟୟହିସାବ ଦେଖିବ ନାହିଁ ? କାଳେ ସେ ମୂଳଦୁଆ ବସାଇ ଶେଷ କରି ନ ପାରିଲେ, ଯେତେବେଳେ ତାହା ଦେଖିବେ, ସମସ୍ତେ ତାହାକୁ ପରିହାସ କରି ନ ପାରିଲେ, ଯେତେଲୋକ ତାହା ଦେଖିବେ, ସମସ୍ତେ ତାହାକୁ ପରିହାସ କରି କହିବାକୁ ଲାଗିବେ, ଏଲୋକଟା ତୋଳିବାକୁ ଆରମ୍ଭ କରି ଶେଷ କରିପାରିଲା ନାହିଁ । କିମ୍ବା କେଉଁ ରାଜା ଅନ୍ୟ ଜଣେ ରାଜାଙ୍କ ସହିତ ଯୁଦ୍ଧ କରିବାକୁ ଯାଉଥିବା ସମୟରେ, କୋଡ଼ିଏ ହଜାର ସୈନ୍ୟ ଘେନି ତାଙ୍କ ବିରୁଦ୍ଧରେ ଆସୁଥିବା ରାଜାଙ୍କ ସହିତ ଦଶହଜାର ସୈନ୍ୟ ନେଇ ଯୁଦ୍ଧ କରିବାକୁ ସକ୍ଷମ କି ନାହିଁ, ତାହା ପ୍ରଥମେ ବସି ବିବେଚନା କରିବେ ନାହିଁ ? ଯଦି ପାରନ୍ତି ନାହିଁ, ତେବେ ଅନ୍ୟ ରାଜା ଦୂରରେ ଥାଉ ଥାଉ ସେ ଦୂତ ପଠାଇ ସନ୍ଧି ପ୍ରାର୍ଥନା କରନ୍ତି (ଲୂକ ୧୪ : ୨୮-୩୨)।

ଏଠାରେ ଆମେ ଖ୍ରୀଷ୍ଟିୟ ଜୀବନକୁ ଏକ ଗୃହ ନିର୍ମାଣ ଏବଂ ଏକ ଯୁଦ୍ଧ ସଦୃଶ ଉପସ୍ଥାପନ କରିଛୁ ।

ଏହା ଅତ୍ୟନ୍ତ ମୂର୍ଖତାର ବିଷୟ ଯେ ଏକ ଗୃହ ନିର୍ମାଣ କରିବାକୁ ଆରମ୍ଭ କରି, ସେ କହିଲେ, ତୁମ ପାଖରେ ଏହାକୁ ଶେଷ କରିବାକୁ ଯଥେଷ୍ଟ ଅର୍ଥ ରହିଛି ନା

ନାହିଁ ଏହା ପ୍ରଥମରୁ ନିଶ୍ଚିତ ନ ହେବା । ତା' ନ ହେଲେ, ଏହି ସମ୍ପୂର୍ଣ୍ଣ ନିର୍ମାଣକାର୍ଯ୍ୟ ତୁମ ଅଦୂର ଦୃଷ୍ଟିତାର ସ୍ମୃତି ଫଳକ ସ୍ୱରୂପେ ଛିଡ଼ା ହୋଇ ରହିବ ।

କେତେ ଯେ ବାସ୍ତବ ! ଏକ ବିପୁଳ ସୁସମାଚାରିକ ଲୋକଦଳର ସମୂହ ଉଷ୍ମ ଭାବପ୍ରବଣତାରେ ଖ୍ରୀଷ୍ଟଙ୍କ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିବା ଗୋଟିଏ ବିଷୟ । କିନ୍ତୁ ଜଣେ ନିଜର ନିଜତ୍ୱ ଅସ୍ୱୀକାର କରିବା, ଏବଂ ପ୍ରତିଦିନ ନିଜର କ୍ରୁଶ ବହନ କରିବା, ଏବଂ ଖ୍ରୀଷ୍ଟଙ୍କର ଅନୁଗମନ କରିବା ସଂପୂର୍ଣ୍ଣ ରୂପେ ଏକ ଭିନ୍ନ ବିଷୟ ଅଟେ । ଯଦିଓ ଜଣେ ଖ୍ରୀଷ୍ଟ ବିଶ୍ୱାସୀ ହେବା ନିମନ୍ତେ କିଛି ମୂଲ୍ୟ ଦେବାକୁ ହୁଏ ନାହିଁ, ମାତ୍ର ଏକ ଉତ୍ସର୍ଗିତ ପଥରେ ଚାଲି, ବିଚ୍ଛେଦ ଏବଂ ଖ୍ରୀଷ୍ଟଙ୍କ ନିମନ୍ତେ ଯନ୍ତ୍ରଣାଭୋଗ କରି ଜଣେ ଦୃଢ଼ସ୍ଥାୟୀ ବିଶ୍ୱାସୀ ହେବା ନିମନ୍ତେ ପ୍ରଚୁର ମୂଲ୍ୟଦେବାକୁ ହୋଇଥାଏ । ଖ୍ରୀଷ୍ଟ ବିଶ୍ୱାସକୁ ଖୁବ୍ ଉତ୍ତମତାରେ ଆରମ୍ଭ କରିବା ଗୋଟିଏ ବିଷୟ, ମାତ୍ର ଏହାକୁ ଦିନ ପରେ ଦିନ, ସମସ୍ତ ପ୍ରତିକୂଳ ଓ ଅନୁକୂଳ ପରିସ୍ଥିତି ମଧ୍ୟ ଦେଇ, ସମୃଦ୍ଧତା ଏବଂ ଦୈନ୍ୟତା ମଧ୍ୟଦେଇ ଆନନ୍ଦ ଓ ଶୋକ ମଧ୍ୟ ଦେଇ ଏହାକୁ ଦୀର୍ଘସୂତ୍ରୀ କରିବା ଭିନ୍ନ ବିଷୟ ଅଟେ ।

ଏକ ଜଟିଳ ଜଗତ ଲକ୍ଷ୍ୟ କରି ରହିଛି । କେତେକ ଅଦ୍ଭୁତ ପ୍ରବଣତା ଦ୍ୱାରା, ଏହା ହୃଦୟଙ୍ଗମ କରେ ଯେ, ଖ୍ରୀଷ୍ଟିୟ ଜୀବନଟି ସମସ୍ତ ବିଷୟ ପାଇବାକୁ ଯୋଗ୍ୟ ବା କୌଣସି ବିଷୟ ପାଇବାକୁ ଯୋଗ୍ୟ ନୁହେଁ । ଯେତେବେଳେ ଏହା ଜଣେ ବାହ୍ୟିକ ଏବଂ ବାହ୍ୟିକ ଖ୍ରୀଷ୍ଟ ବିଶ୍ୱାସୀକୁ ଦେଖିଥାଏ, ଏହା ହୁଏତ ଭ୍ରୁକୁଞ୍ଚନ କରିପାରେ ଏବଂ ବ୍ୟଙ୍ଗ ଓ ବିଦ୍ରୁପ କରେ - ତଥାପି ଆନ୍ତିରିକଭାବେ, ଦାୟିତ୍ୱହୀନଭାବେ ନିଜକୁ ଖ୍ରୀଷ୍ଟଙ୍କ ନିମନ୍ତେ ପରିତ୍ୟାଗ କରିଦେଇଥିବା ବ୍ୟକ୍ତିଟି ପ୍ରତି ତା'ର ଗଭୀର ସମ୍ମାନ ରହିଥାଏ । କିନ୍ତୁ ସେ ଯେତେବେଳେ ଜଣେ ଅପରିପୂର୍ଣ୍ଣ-ହୃଦୟଧାରୀ ଖ୍ରୀଷ୍ଟବିଶ୍ୱାସୀକୁ ଦେଖେ, ସେ କେବଳ ଅବଜ୍ଞା କରେ । ତାହାକୁ ବିଦ୍ରୁପ କରି ଏହା କହିବାକୁ ଆରମ୍ଭ କରେ, ''ଏହି ଲୋକ ନିର୍ମାଣ କରିବାକୁ ଆରମ୍ଭ କଲା, ଏବଂ ଶେଷ କରିବାକୁ ସକ୍ଷମ ହେଲା ନାହିଁ । ସେ ପରିବର୍ତ୍ତନ ହେବା ସମୟରେ ବିପୁଳ କୋଳାହଳ କରିବାକୁ ଆରମ୍ଭ କଲା, କିନ୍ତୁ ବର୍ତ୍ତମାନ ସେ ଆମ୍ଭମାନଙ୍କ ପରି ବିଶ୍ରାମ ଅପେକ୍ଷାରେ ରହୁଛି । ସେ ଖୁବ୍ ଦ୍ରୁତଗତିରେ ତା'ର ଯାତ୍ରା ଆରମ୍ଭ କଲା, ମାତ୍ର ବର୍ତ୍ତମାନ ସେ ତା'ର ଚକଗୁଡ଼ିକୁ ଘୁରାଉଛି'' ।

ଏବଂ ତେଣୁ କରି ତ୍ରାଣକର୍ତ୍ତା କହିଲେ, ''ତୁମର ବ୍ୟାୟ ଅଟକଳ କରିବାର ଥିଲା''।

ତାଙ୍କର ଦ୍ୱିତୀୟ ଦୃଷ୍ଟାନ୍ତଟି ହେଉଛି ଜଣେ ରାଜାଙ୍କ ସମ୍ବନ୍ଧରେ ଯେ' କି ଅନ୍ୟଜଣେ ରାଜାଙ୍କ ଉପରେ ଯୁଦ୍ଧ ଘୋଷଣା କରିବାକୁ ଇଚ୍ଛା କରୁଥିଲେ। ତାଙ୍କ ନିମନ୍ତେ ପ୍ରଥମରୁ ଏହା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇ ନ ଥା'ନ୍ତା କି, ଯେ ତାଙ୍କର ୧୦, ୦୦୦ ସୈନ୍ୟ ତାହାଠାରୁ ଦୁଇଗୁଣ ପରିମାଣର ଶତ୍ରୁ ସୈନ୍ୟଙ୍କୁ ପରାସ୍ତ କରିପାରିବେ କି ନାହିଁ ? ଏହା ଯେ କେତେ ଅସଙ୍ଗତ ହୋଇ ପଡିଥା'ନ୍ତା ଯଦି ସେ ପ୍ରଥମରୁ ଯୁଦ୍ଧ ଘୋଷଣା କରି ସାରି, ତା' ପରେ ସୈନିକମାନେ ଯୁଦ୍ଧ ନିମନ୍ତେ ପରସ୍ପର ପ୍ରତି ଅଗ୍ରଗାମୀ ହେବା ସମୟରେ ଏହା ପୁର୍ନବିଚାର କରିଥାନ୍ତେ। ଶ୍ୱେତପତାକାକୁ ଉତ୍ତୋଳନ କରିବା ହିଁ କେବଳ ବାକି ରହିଯାଇଥା'ନ୍ତା ଏବଂ ଏକ ଦଳକୁ ଆତ୍ମସମର୍ପଣ କରିବାକୁ ଉଠାଇବାକୁ ପଡ଼ିଥା'ନ୍ତା ଏବଂ ନମ୍ରଭାବରେ ଶାନ୍ତି ସର୍ତ୍ତ ନିମନ୍ତେ ଅନୁରୋଧ କରିବାକୁ ହୋଇଥା'ନ୍ତା।

ଯୁଦ୍ଧ ସହିତ ଖ୍ରୀଷ୍ଟିୟ ଜୀବନକୁ ତୁଳନା କରିବା କୌଣସି ଅତ୍ୟୁକ୍ତି ନୁହେଁ। ତିନିଗୋଟି ଭୟଙ୍କର ଶତ୍ରୁ ରହିଛନ୍ତି - ଜଗତ, ମାଂସ ଏବଂ ଶୟତାନ। ନିରୁତ୍ସାହିତା, ରକ୍ତପାତ ଏବଂ ଯନ୍ତ୍ରଣା ମଧ୍ୟ ରହିଛି। ସତର୍କ ଦୃଷ୍ଟି ନିମନ୍ତେ ଦୀର୍ଘ ବ୍ୟସ୍ତତାବହୁଳ ନିର୍ଘଣ୍ଟମାନ ରହିଛି, ଏବଂ ଦିବସର ଆଲୋକ ନିମନ୍ତେ ସମୁତ୍ସୁକତା ରହିଛି। ଅଶ୍ରୁପାତ, ଶ୍ରମ ଏବଂ ପରୀକ୍ଷାସବୁ ବି ରହିଛି ଏବଂ ପ୍ରତ୍ୟେକ ଦିନ ମୃତ୍ୟୁ ମଧ୍ୟ ରହିଛି।

ଯେକେହି ଖ୍ରୀଷ୍ଟଙ୍କୁ ଅନୁସରଣ କରିବାକୁ ଯାତ୍ରା ଆରମ୍ଭ କରେ ତାହାର ଗେଥ୍‌ସେମିନୀ, ଗାବାଥା ଏବଂ ଗଲ୍‌ଗଥାକୁ ସ୍ମରଣ କରିବା ଉଚିତ୍ ଏବଂ ତା'ପରେ ହିଁ ସେ ବ୍ୟୟ ହିସାବ କରିବା ଉଚିତ୍। ଏହା ହିଁ ହେଉଛି ଖ୍ରୀଷ୍ଟଙ୍କ ନିମନ୍ତେ ସଂପୂର୍ଣ୍ଣ ଦୃଢ଼ ନିଷ୍ପତ୍ତି କିମ୍ବା ସମସ୍ତ ବିଷୟ ସହିତ ଏକ ଶ୍ଳେଷ୍ମାପାତ ଆତ୍ମସମର୍ପଣ ଯାହାର ଅର୍ଥ ହେଉଛି ଅପମାନ ଏବଂ ଅଧୋଗାମିତା।

ଏହି ଦୁଇଗୋଟି ଦୃଷ୍ଟାନ୍ତ ସାହାଯ୍ୟରେ, ତାଙ୍କର ଶିଷ୍ୟ ହେବା ନିମନ୍ତେ କୌଣସି ଆବେଗଶୀଳ ନିଷ୍ପତ୍ତି ନେବା ବିରୁଦ୍ଧରେ ତାଙ୍କର ଶ୍ରବଣକାରୀମାନଙ୍କୁ ପ୍ରଭୁ ଯୀଶୁ ଚେତନା ଦେଇଛନ୍ତି। ସେମାନଙ୍କୁ ତାଡ଼ନା, ନିଦାରୁଣ କ୍ଳେଶ ଏବଂ ଦୁର୍ଦ୍ଦଶାର ପ୍ରତିଜ୍ଞା ମଧ୍ୟ ଦେଇଛନ୍ତି। ସେମାନଙ୍କର ପ୍ରଥମେ ବ୍ୟୟ ଅଟକଳ କରିବା ଉଚିତ୍।

ଏବଂ ଏହି ମୂଲ୍ୟ କ'ଣ ଅଟେ ? ପରବର୍ତ୍ତୀ ପଦଟି ଏହି ପ୍ରଶ୍ନର ଉତ୍ତର ଦିଏ :

''ସେହିପ୍ରକାରେ ତୁମ୍ଭମାନଙ୍କ ମଧ୍ୟରୁ ଯେକେହି ଆପଣାର ସର୍ବସ୍ୱ ତ୍ୟାଗ ନ କରେ, ସେ ମୋହର ଶିଷ୍ୟ ହୋଇପାରେ ନାହିଁ (ଲୂକ ୧୪ : ୩୩) ।

ମୂଲ୍ୟ ହିଁ ହେଉଛି '' ସମସ୍ତ ବିଷୟ'' - ତାହାର ସମସ୍ତ ବିଷୟ ଏବଂ ସେ ନିଜେ । ତ୍ରାଣକର୍ତ୍ତାଙ୍କ ନିମନ୍ତେ ଏହା ପ୍ରଯୁଜ୍ୟ : ଯେଉଁମାନେ ତାହାଙ୍କୁ ଅନୁଗମନ କରିବେ ତାଙ୍କ ନିମନ୍ତେ କିଛି ଊଣା ବୋଲି ଏହା ବୁଝାଯାଇ ପାରିବ ନାହିଁ । ଯଦି ଜଣେ ସମସ୍ତ ବର୍ଣ୍ଣନାନୀୟ ବିଷୟଠାରୁ ମଧ୍ୟ ଅତ୍ୟଧିକ ଧନୀ ଅଟେ ଏବଂ ସ୍ୱେଚ୍ଛାକୃତ ଭାବରେ ସେ ଦରିଦ୍ର ହୁଏ, ତେବେ ସେ ତାଙ୍କର ଶିଷ୍ୟ ହୋଇ କେତେକ ଊଣା ମୂଲ୍ୟ ପ୍ରତିବଦଳରେ କ'ଣ ଅକ୍ଷୟ ମୁକୁଟ ଲାଭ କରିପାରିବ ?

ତା'ପରେ ପ୍ରଭୁ ଯୀଶୁ ଏହିପରି ସମଷ୍ଟିଗତଭାବେ ତାଙ୍କର ଉପଦେଶକୁ ସିଦ୍ଧାନ୍ତରେ ପ୍ରକାଶ କରନ୍ତି :

ଲବଣ ତ ଉତ୍ତମ : କିନ୍ତୁ ଲବଣ ଯଦି ସ୍ୱାଦ ବିହୀନ ହୁଏ, ତେବେ ତାହା କାହିଁରେ ସ୍ୱାଦଯୁକ୍ତ କରାଯିବ ? (ଲୂକ ୧୪ : ୩୪) ।

ବାଇବଲ କାଳରେ, ଏହା ଜଣାପଡ଼େ ଯେ ଲୋକମାନଙ୍କ ପାଖରେ ବିଶୁଦ୍ଧ ଲବଣ ନ ଥିଲା, ଯେଉଁପରି ବିଶୁଦ୍ଧ ଲବଣ ଆଜି ଆମେ ଆମ ଟେବୁଲ୍ ଉପରେ ପାଇଛୁ । ସେମାନଙ୍କ ସମୟର ଲବଣରେ ଅନେକପ୍ରକାରର ଅଶୁଦ୍ଧତା, ଯେପରିକି ଧୂଳିବାଲି ଇତ୍ୟାଦି ରହିଥିଲା : ଏହାର ଅବଶିଷ୍ଟାଂଶ ସ୍ୱାଦହୀନ ଏବଂ ମୂଲ୍ୟହୀନ ଥିଲା । ଏହା ମୃତ୍ତିକା କିମ୍ବା ସାରଭାବରେ ବ୍ୟବହୃତ ହୋଇପାରୁ ନ ଥିଲା । ସେହି ସମୟରେ ଏହା ଚଲାରାସ୍ତା ତିଆରି କରିବା ନିମନ୍ତେ ବ୍ୟବହୃତ ହେଉଥିଲା । ଯାହା ଫଳରେ ଏହା ''କୌଣସି କାର୍ଯ୍ୟଯୋଗ୍ୟ ନୁହେଁ, କେବଳ ବାହାରେ ପକାଯାଇ ଲୋକମାନଙ୍କ ପାଦତଳେ ଦଳିତ ହେବାର ଯୋଗ୍ୟ'' (ମାଥିଉ ୫ : ୧୩) ଥିଲା ।

ଦୃଷ୍ଟାନ୍ତଟିର ପ୍ରୟୋଗ ସୁସ୍ପଷ୍ଟ ଥିଲା । ଖ୍ରୀଷ୍ଟ ବିଶ୍ୱାସୀର ସ୍ଥିତି ନିମନ୍ତେ ଗୋଟିଏ ମାତ୍ର ମୁଖ୍ୟ ଉଦ୍ଦେଶ୍ୟ ରହିଛି - ଈଶ୍ୱରଙ୍କୁ ତାଙ୍କ ନିମନ୍ତେ ସଂପୂର୍ଣ୍ଣ ଭାବରେ ଢ଼ାଳିଦେବାକୁ ଉଦ୍ଦିଷ୍ଟ ଜୀବନଟି ମାଧ୍ୟମରେ ଗୌରବାନ୍ୱିତ କରିବା । ଜଗତରେ ଧନ ସଞ୍ଚୟ କରିବା ଦ୍ୱାରା ଖ୍ରୀଷ୍ଟ ବିଶ୍ୱାସୀଟି ହୁଏତ ତା'ର ସ୍ୱାଦ ହରାଇଥାଏ, ତା'ର ନିଜର ଆରାମ ଏବଂ ସୁଖ ନିମନ୍ତେ ଅଭିଳକ୍ଷିତ ହେବା ଦ୍ୱାରା, ଜଗତରେ ତା' ନିଜର

ଆରାମ ଏବଂ ସୁଖ ନିମନ୍ତେ ଅଭିଳଷିତ ହେବା ଦ୍ୱାରା, ଜଗତରେ ତା' ନିଜର ନାମକୁ ଗୌରବାନ୍ୱିତ କରିବା ଦ୍ୱାରା, ଅଯୋଗ୍ୟ ଜଗତ ଉପରେ ନିଜର ଜୀବନ ଏବଂ ଦକ୍ଷତାକୁ ବେଶ୍ୟାବୃତ୍ତିରେ ନିୟୋଜିତ କରିବା ଦ୍ୱାରା ସେ ତା'ର ସ୍ୱାଦ ହରାଏ ।

ଯଦି ବିଶ୍ୱାସୀଟି ତା' ଜୀବନର କେନ୍ଦ୍ର ଆଭିମୁଖ୍ୟକୁ ହରାଇବସେ, ତେବେ ସେ ସମସ୍ତ ବିଷୟ ହରାଇଅଛି । ସେ ଉପଯୋଗୀତାବାଦୀ କିମ୍ବା ଆଳଂକାରିକ ନୁହେଁ । ତା'ର ଭାଗ୍ୟ ହେଉଛି, ସ୍ୱାଦବିହୀନ ଲବଣ ସଦୃଶ, ଲୋକମାନଙ୍କ ପାପଦ୍ୱାରା ଦଳିତ ହେବାର ଯୋଗ୍ୟ - ସେମାନଙ୍କ ଉପହାସ ଦ୍ୱାରା, ସେମାନଙ୍କର ଅବଜ୍ଞା ଦ୍ୱାରା ସେମାନଙ୍କର ଘୃଣା ଦ୍ୱାରା ।

ଶେଷ ଶବ୍ଦଗୁଡ଼ିକ ହେଉଛି :

''ଯାହାର କାନ ଅଛି, ତେବେ ସେ ଶୁଣୁ'' ।

ଅନେକବାର ଆମର ପ୍ରଭୁ ଯେତେବେଳେ କଠୋର ବାକ୍ୟସବୁ ଉଚ୍ଚାରଣ କରିଛନ୍ତି, ସେ ଏହିସବୁ ଶବ୍ଦଗୁଡ଼ିକୁ ଯୋଗ କରିଛନ୍ତି । ଏହା ଯେପରି ସୂଚାଏ ଯେ, ସେ ଜାଣିଥିଲେ ସମସ୍ତେ ତାହାଙ୍କୁ ଗ୍ରହଣ କରିବେ ନାହିଁ । ସେ ଜାଣିଥିଲେ ଯେ କେତେକ ବାହାନା ଦର୍ଶାଇ ଦୂରେଇ ଯିବାକୁ ଚେଷ୍ଟା କରିବେ, ତାଙ୍କର ବିଭେଦକାରୀ ବାକ୍ୟଗୁଡ଼ିକର ତୀକ୍ଷ୍ଣ ଧାରକୁ ନିସ୍ତେଜ କରିଦେବା ନିମନ୍ତେ ଚେଷ୍ଟା କରିବେ ।

କିନ୍ତୁ ସେ ମଧ୍ୟ ଏହା ଜାଣିଥିଲେ, କେତେକ ଉନ୍ମୁକ୍ତ ହୃଦୟ ରହିଛି, ଯୁବକ ଅବା ବୃଦ୍ଧ, ଯେଉଁମାନେ କି ତାଙ୍କ ଦାବୀ ନିକଟରେ ନିଜ ନିଜକୁ ଯୋଗ୍ୟ ମନେ କରି ନତ କରିବେ ।

ତେଣୁ କରି ସେ ଦ୍ୱାର ଉନ୍ମୁକ୍ତ ରଖିଥିଲେ । ''ଯାହାର ଶୁଣିବାକୁ କାନ ଅଛି, ସେ ଶୁଣୁ'' । ଯେଉଁମାନେ ଶ୍ରବଣ କରନ୍ତି ସେମାନେ ହିଁ ଏପରି ବ୍ୟକ୍ତି ସଦୃଶ ଯେଉଁମାନେ କି ବ୍ୟୟ ଅଟକଳ କରନ୍ତି ଏବଂ ତଥାପି କହନ୍ତି :

ମନସ୍ଥ କରିଛି ମୁଁ ଯୀଶୁ ସଂଗେ, ଚାଲୁଥିବି ନ ଫେରିବି
କେହିବା ଯଦି ନ ଯାଏ ସଙ୍ଗେ, ଚାଲୁଥିବି ନ ଫେରିବି
ଜଗତ ପଶ୍ଚାଦ୍ୱେ, କ୍ରୁଶ ସମ୍ମୁଖେ
ଚାଲଥିବି ନ ଫେରିବି, ଚାଲୁଥିବି ନ ଫେରିବି ।

## ସ୍ୱନୀତିରକ୍ଷାର୍ଥେ ପ୍ରାଣଦାନର ପ୍ରତିବିମ୍ବ

ଯେତେବେଳେ ଜଣେ ବ୍ୟକ୍ତି ପ୍ରକୃତରେ ଯୀଶୁ ଖ୍ରୀଷ୍ଟଙ୍କୁ ସମର୍ପିତ ହୁଏ, ସେ ବଞ୍ଚେ ଅବା ମୃତ୍ୟୁଭୋଗ କରେ ଏହା ତାହା ନିମନ୍ତେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଧ ହୁଏ ନାହିଁ । ପ୍ରଭୁ ଗୌରବାନ୍ୱିତ ହେବା ଦ୍ୱାରା ସମସ୍ତ ବିଷୟ ହୋଇଥାଏ ।

ଆପଣ ଯେତେବେଳେ, THE TRIUMPH OF JOHN AND BETTY STAM ପାଠ କରନ୍ତି, ସେତେବେଳେ ଆପଣ ଏହି ପୁସ୍ତକଟିରେ ଏକ ଟିପ୍ପଣୀକୁ ପୁନଃପୁନଃ ଉଲ୍ଲେଖ ହୋଇଥିବାର ପାଇବେ — ''ଯେ... ଜୀବନରେ ହେଉ ବା ମରଣରେ ହେଉ, ଖ୍ରୀଷ୍ଟଙ୍କୁ ମୋହର ଶରୀରରେ ମହିମାନ୍ୱିତ କରିବି'' (ଫିଲିପୀୟ ୧ : ୨୦)।

'ଜୀମ୍ ଇଲିଅଟ୍'ଙ୍କ ଲେଖାଗୁଡ଼ିକରେ ଏହି ଗୁପ୍ତସ୍ୱରଗୁଡ଼ିକ ଦେଖିବାକୁ ମିଳେ। ହ୍ୱିଟନ୍ କଲେଜର ଛାତ୍ରଟିଏ ଥିଲା ସମୟରେ ମଧ୍ୟ, ସେ ତାଙ୍କର ଡାଏରୀରେ ଲେଖିଥିଲେ, ''ମୁଁ ପ୍ରଭୁଙ୍କ ନିମନ୍ତେ ମରିବାକୁ ପ୍ରସ୍ତୁତ'' ।

ଅନ୍ୟ ଏକ ସମୟରେ ସେ ଲେଖିଥିଲେ, '' ପିତା, ମୋର ଜୀବନକୁ ନିଅ, ହଁ, ଯଦି ଇଚ୍ଛା କର ତେବେ ମୋର ରକ୍ତକୁ ମଧ୍ୟ, ଏବଂ ତୁମର ଅନିର୍ବାଣ ଅଗ୍ନିରେ ଏହାକୁ ଗ୍ରାସ କରିଦିଅ । ମୁଁ ଏହାର ଉଦ୍ଧାର କରିବି ନାହିଁ କାରଣ ଉଦ୍ଧାର କରିବା ନିମନ୍ତେ ମୋ ନିଜର ନୁହେଁ । ଏହାକୁ ତୁମର କର, ସମସ୍ତ ଭାବରେ ଏହାକୁ ତୁମର କର । ମୋ ନିଜ ଜୀବନକୁ ଜଗତ ନିମନ୍ତେ ନୈବେଦ୍ୟରୂପେ ଢ଼ାଳିଦିଅ । ରକ୍ତ ହିଁ କେବଳ କିଛି ମୂଲ୍ୟ ବିଷୟ କାରଣ ଏହା ତୁମର ପବିତ୍ର ବେଦୀ ସମ୍ମୁଖରେ ପ୍ରବାହିତ ହୁଏ'' ।

ଏହା ପ୍ରତୀୟମାନ ହୁଏ ଯେପରି ଈଶ୍ୱରଙ୍କ ବୀରପୁରୁଷମାନଙ୍କ ମଧ୍ୟରୁ ଅନେକ ସେମାନଙ୍କର ଈଶ୍ୱରଙ୍କ ପ୍ରତି ସମର୍ପିତ ଜୀବନରେ ଏହି ସମସ୍ତଙ୍କୁ ପହଞ୍ଚିଛନ୍ତି । ସେମାନେ ହୃଦୟଙ୍ଗମ କରିଛନ୍ତି ଯେ, '' ଗହମବୀଜ ଯଦି ମୃତ୍ତିକାରେ ପଡ଼ି ନ ମରେ, ତାହାହେଲେ ତାହା ଏକମାତ୍ର ଥାଏ କିନ୍ତୁ ଯଦି ମରେ, ତାହାହେଲେ ବହୁତ ଫଳ ଫଳେ'' (ଯୋହନ ୧୨ : ୨୪) । ସେମାନେ ସେହି ଗହମବୀଜ ହେବା ନିମନ୍ତେ ଇଚ୍ଛୁକ ।

ଏହିପ୍ରକାର ମନୋଭାବ ହେଉଛି ନିର୍ଦ୍ଦିଷ୍ଟଭାବେ ଠିକ୍ ସେହି ସଦୃଶ ଯାହାକି ତ୍ରାଣକର୍ତ୍ତା ତାଙ୍କର ଶିଷ୍ୟମାନଙ୍କୁ ଶିକ୍ଷା ଦେଇଥିଲେ, ''ଯେ କେହି ମୋ ନିମନ୍ତେ ଆପଣା ଜୀବନ ହରାଇବ, ସେ ତାହା ଲାଭ କରିବ'' ( ଲୂକ ୯ : ୨୪ )।

ଆମେ ଏହା ବିଷୟରେ ଯେତେ ଅଧିକ ଦୃଷ୍ଟିପାତ କରିବା, ଏହା ସେତେ ଅଧିକ ଯୁକ୍ତିଯୁକ୍ତ ମନେ ହେବ ।

ସର୍ବପ୍ରଥମେ, କୌଣସି ଉପାୟରେ ମଧ ଆମ୍ଭମାନଙ୍କ ଜୀବନ ଆମ ନିଜର ନୁହେଁ । ସେଗୁଡ଼ିକ ସେହି ଜଣଙ୍କର ଅଧିକାରଭୁକ୍ତ ଯିଏ କି ତାଙ୍କର ବହୁମୂଲ୍ୟ ରକ୍ତରେ ଆମର ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ଆମେ କ'ଣ ତାହାକୁ ସ୍ୱାର୍ଥପର ଭାବରେ ଜାବୁଡ଼ି ଧରିରଖିବା ଯାହାକି ଅନ୍ୟର ଅଟେ ? 'ସି.ଟି.ଷ୍ଟଡ୍' ଏହି ପ୍ରଶ୍ନଟିର ଉତ୍ତର ନିଜକୁ ନିଜେ କରିଛନ୍ତି :

ମୋ ନିମନ୍ତେ ଯୀଶୁ ମୃତ୍ୟୁବରଣ କରିଥିବା ବିଷୟ ମୁଁ ଜାଣିଥିଲି, କିନ୍ତୁ ମୁଁ ଏହା କଦାପି ବୁଝିପାରେ ନାହିଁ ଯେ ଯଦି ସେ ମୋ ନିମନ୍ତେ ମୃତ୍ୟୁବରଣ କରିଥିଲେ, ତେବେ ମୁଁ ମୋ ନିଜର ନୁହେଁ । ମୁକ୍ତିମୂଲ୍ୟ ଦେବାମାନେ କ୍ରୟ କରି ଫେରାଇ ଆଣିବା, ତେଣୁକରି ମୁଁ ଯଦି ତାଙ୍କର ଅଟେ, ମୋତେ ଜଣେ ଚୋର ହେବାକୁ ହେଉ କିମ୍ବା ଏପରି କୌଣସି ବିଷୟ ରଖିବାକୁ ହେବ ଯାହାକି ମୋ ନିଜର ନୁହେଁ, କିମ୍ବା ଏପରିକି ମୋତେ ଈଶ୍ୱରଙ୍କୁ ସମସ୍ତ ବିଷୟ ଦାନ କରିଦେବାକୁ ହେବ । ଯେତେବେଳେ ମୁଁ ଏହା ଦେଖିବାକୁ ଆସେ ଯେ, ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁ ବରଣ କରିଥିଲେ, ତାହାଙ୍କ ନିମନ୍ତେ ସମସ୍ତ ବିଷୟ ଦାନ କରିଦେବା କଠିନ ମନେହୁଏ ନାହିଁ ।

ଦ୍ୱିତୀୟରେ, ଯେକୌଣସି ଭାବରେ ଆମେ ମୃତ୍ୟୁବରଣ କରିବାକୁ ଯାଉଛୁ, ଯଦି ଇତି ମଧ୍ୟରେ ପ୍ରଭୁ ଆସନ୍ତି ନାହିଁ । ରାଜାଙ୍କର ସେବାରେ ଥାଇ ମୃତ୍ୟୁବରଣ କରିବା ଏକ ମହତର ଶୋକାନ୍ତକ ବିଷୟ ହେବ ନା ଏକ ଦୁର୍ଘଟଣାଜନିତଃ ମୃତ୍ୟୁ ପରିସଂଖ୍ୟାନ ହେବ ? 'ଜିମ୍ ଇଲିଅଟ୍' କ'ଣ ଭୁଲ୍ କରିଥିଲେ ଯେତେବେଳେ ସେ କହିଲେ, ''ସେ ଜଣେ ନିର୍ବୋଧ ନୁହେଁ ଯିଏ ଲାଭ ନିମନ୍ତେ ଯାହା ରଖିପାରେ ନାହିଁ ତାହାକୁ ଦାନ କରିଦିଏ ଯାହାକୁ କି ସେ ହରାଇ ପାରେ ନାହିଁ ।

ତୃତୀୟରେ, ଏହା ହେଉଛି ଅନୁତ୍ତର ସାଧ ତର୍କ ଯେ ଯଦି ପ୍ରଭୁ ଯୀଶୁ ଆମ ନିମନ୍ତେ ମୃତ୍ୟୁବରଣ କରିଛନ୍ତି, ଆମେ ତାଙ୍କ ପାଇଁ ଏତିକିମାତ୍ର କରିପାରିବା ଯେ,

ତାଙ୍କ ନିମନ୍ତେ ମୃତ୍ୟୁବରଣ କରିପାରିବା । ଯଦି ସେବକ ତା'ର ମୁନିବଠାରୁ ଶ୍ରେଷ୍ଠ ନୁହେଁ, ପ୍ରଭୁଯୀଶୁ ଯାହା କରିଛନ୍ତି ତାହା ନ କରି ଖୁବ୍ ଆରାମରେ ସ୍ୱର୍ଗକୁ ଯିବା ନିମନ୍ତେ ଆମର କି ଅଧିକାର ରହିଛି ? ଏହା ହିଁ ଥିଲା ସେହି ବିବେଚନାର ବିଷୟ ଯାହା କି 'ଷ୍ଟଡ୍'ଙ୍କୁ ଏହା କହିବା ନିମନ୍ତେ ପ୍ରବର୍ତ୍ତନା ଦେଇଥିଲା, ''ଯଦି ଯୀଶୁଖ୍ରୀଷ୍ଟ ଇଶ୍ୱର ହୁଅନ୍ତି ଏବଂ ମୋ ନିମନ୍ତେ ମୃତ୍ୟୁବରଣ କରିଛନ୍ତି, ତେବେ ତାଙ୍କ ନିମନ୍ତେ ବଳିଦାନ କରିବାକୁ ମୋର କୌଣସି ବି ପ୍ରତିଦାନ ଅଧିକ ଶ୍ରେଷ୍ଠ ନୁହେଁ'' ।

ପରିଶେଷରେ, ଆମ୍ଭମାନଙ୍କର ଜୀବନଗୁଡ଼ିକୁ ଗାଢ଼ରୂପେ ଆଲିଙ୍ଗନ କରି ବସିବା ଏକ ଅପରାଧର ବିଷୟ ଅଟେ । ଯେତେବେଳେ କି ସେମାନଙ୍କର ଦାୟିତ୍ୱହୀନ ପରିତ୍ୟକ୍ତତା ମାଧ୍ୟମରେ ଆମର ସହ ବିଶ୍ୱାସୀମାନଙ୍କ ନିକଟରେ ଅନନ୍ତ ଆଶୀର୍ବାଦ ପ୍ରବାହିତ ହୋଇ ପାରନ୍ତା । ଲୋକମାନେ ସେମାନଙ୍କର ଜୀବନକୁ ଡାକ୍ତରୀଜ୍ଞାନ ଗବେଷଣା ନିମନ୍ତେ ସମର୍ପି ଦିଅନ୍ତି । ଅନ୍ୟମାନେ ସେମାନଙ୍କର ପ୍ରିୟବ୍ୟକ୍ତିମାନଙ୍କୁ ଅଗ୍ନିଶିଖାର ପ୍ରାସାଦଗୁଡ଼ିକ ମଧ୍ୟରୁ ଉଦ୍ଧାର କରିବାକୁ ମୃତ୍ୟୁବରଣ କରିଥାନ୍ତି ଏବଂ ଅନ୍ୟମାନେ ସେମାନଙ୍କର ଦେଶକୁ ଶତ୍ରୁଶକ୍ତି କବଳରୁ ରକ୍ଷା କରିବାକୁ ଯାଇ ଯୁଦ୍ଧରେ ମୃତ୍ୟୁବରଣ କରନ୍ତି । ଲୋକମାନଙ୍କର କେଉଁ ପ୍ରକାର ଜୀବନ ଆମ୍ଭମାନଙ୍କ ନିମନ୍ତେ ମୂଲ୍ୟବାନ୍ ? ଆମେ କ'ଣ 'ଏଫ୍. ଡବ୍ଲ୍ୟୁ.ଏଚ୍.ମେୟରଙ୍କ ସହ କହିପାରିବା :

ଲୋକମାନଙ୍କର ଅନ୍ତର ମଧ୍ୟରେ ଏପରିଗୁଡ଼ିଏ ପ୍ରାଣ ମୁଁ ଦେଖେ
ବିଜୟୀ ନିମନ୍ତେ ଅଟଳ ଆକାଂକ୍ଷା
ଦାସହେଲେ ମଧ୍ୟ ରହିଛି ରାଜାର ଯୋଗ୍ୟତା
ଏକ ଅଦୃଶ୍ୟ ଶକ୍ତିରେ ଧରିଛନ୍ତି ଗୋଟିଏ ଆଶାକୁ
ଜଗତର ପ୍ରତିଟି ବସ୍ତୁରେ, ମନେ ବହି ଅସହ୍ୟ ଖେଦତା ।
ଅସହ୍ୟ ଆକାଂକ୍ଷାର, ଏକ ଦ୍ରୁତଚାଳନାରେ
ମୋ ମଧ୍ୟରେ କମ୍ପନ ଝରାଏ, ଯେପରି ବାଦ୍ୟ-ଆହ୍ୱାନରେ
ହାୟ, ସେମାନଙ୍କୁ ରକ୍ଷା କରିବାକୁ,
ସେମାନଙ୍କ ରକ୍ଷା ପାଇଁ ଜୀବନ ଦେବାକୁ
ସେମାନଙ୍କ ଜୀବନ ପାଇଁ, ନିଜକୁ ସମର୍ପି ଦେବାକୁ

ସମସ୍ତଙ୍କ ଶହୀଦ ପରି ନିଜର ପ୍ରାଣ ପାତ କରିବାର ଆବଶ୍ୟକ ନାହିଁ । ଗୋଳା, ବର୍ଚ୍ଛା, ଶିରଚ୍ଛେଦନ ଯନ୍ତ୍ର କେବଳ ମାତ୍ର ମନୋନୀତ କେତେଜଣଙ୍କ ନିମନ୍ତେ

ସଂରକ୍ଷିତ, ଅପେକ୍ଷାକୃତଭାବେ କହିବାକୁ ଗଲେ । କିନ୍ତୁ ଆମ ସମସ୍ତଙ୍କର ଏକ ଶହୀଦ ଆତ୍ମା ରହିପାରିବ, ଏକ ଶହୀଦର ଉତ୍ସାହ ରହିପାରିବ ଏକ ଶହୀଦର ଆତ୍ମୋତ୍ସର୍ଗ ରହି ପାରିବ । ଆମ ମଧ୍ୟରୁ ପ୍ରତ୍ୟେକେ ଖ୍ରୀଷ୍ଟଙ୍କ ନିମନ୍ତେ ସଂପୂର୍ଣ୍ଣ ଭାବେ ପରିତ୍ୟକ୍ତ କରିଦେଇଥିବା ବ୍ୟକ୍ତିମାନଙ୍କ ପରି ବଞ୍ଚି ପାରିବା ।

ଅସୁସ୍ଥ ଆସ, ସୁସ୍ଥ ଆସ, କ୍ରୁଶ ଆସୁ, ମୁକୁଟ ଆସୁ
ଆସୁ ଇନ୍ଦ୍ରଧନୁ, ମେଘ ବାଇଦ;
ଈଶ୍ୱରଙ୍କ ପାଇଁ ନତ ମୋର ଦେହ
କର୍ଷଣ ନିମିତ୍ତ ପ୍ରାଣ ମୋ ତ୍ୟକ୍ତ

## ପ୍ରକୃତ ଶିଷ୍ୟତ୍ୱର ପୁରସ୍କାର

ଯେଉଁ ଜୀବନଟି ପ୍ରଭୁ ଯୀଶୁଙ୍କ ନିମନ୍ତେ ପରିତ୍ୟକ୍ତ ତାହାର ନିଜସ୍ୱ ଗୁପ୍ତ ପୁରସ୍କାର ରହିଛି । ଖ୍ରୀଷ୍ଟଙ୍କୁ ଅନୁଗମନ କରିବାରେ ଆନନ୍ଦ ଏବଂ ଖୁସି ରହିଛି ଯାହାକୁ ପ୍ରକୃତ ଅର୍ଥରେ ଜୀବନକୁ ବୁଝାଏ ।

ତ୍ରାଣକର୍ତ୍ତା ପୁନରୋକ୍ତି କରି କହିଲେ, ''ଯେ ମୋ ନିମନ୍ତେ ଆପଣା ପ୍ରାଣ ହରାଏ, ସେ ତାହା ରକ୍ଷା କରିବ'' । ପ୍ରକୃତରେ, ତାଙ୍କର ଏହି ଉକ୍ତି ବହୁଳ ଭାବରେ ଚାରୋଟିଯାକ ସୁସମାଚାରରେ ଦେଖିବାକୁ ମିଳିଥାଏ । ସେ କହିଥିବା ଅନ୍ୟ ଯାହା କିଛି ତୁଳନାରେ (ମାଥିଉ ୧୦ : ୩୯; ୧୬ : ୨୫; ମାର୍କ ୮ : ୩୫; ଲୁକ ୯ : ୨୪; ୧୭ : ୩୩; ଯୋହନ ୧୨ : ୨୫ ଦେଖନ୍ତୁ) । ଏହା କାହିଁକି ବାରମ୍ବାର ପୁନରୋକ୍ତି କରାଯାଇଛି । ଏହା ଏଥିପାଇଁ ନୁହେଁ କି କାରଣ ଏହା ଖ୍ରୀଷ୍ଟିୟ ଜୀବନର ଏକ ବହୁଳ ମୌଳିକ ନୀତିକୁ ଉପସ୍ଥାପନ କରିଥାଏ, କହିବାକୁ ଗଲେ, ନିଜ ନିମନ୍ତେ ଆଲିଙ୍ଗିତ ଜୀବନ ହିଁ ନିଷ୍ପ୍ରାୟ ଜୀବନ, କିନ୍ତୁ ତାଙ୍କ ନିମନ୍ତେ ସମର୍ପିତ ଜୀବନ ହିଁ ଲାଭ ହୋଇଥିବା ଜୀବନ ସଦୃଶ, ରକ୍ଷାପ୍ରାପ୍ତ, ଉପଭୋଗ୍ୟ ଜୀବନ ଏବଂ ଚିରନ୍ତନତା ନିମନ୍ତେ ସୁରକ୍ଷିତ ?

ଜଣେ ଅପରିପୂର୍ଣ୍ଣ-ହୃଦୟଧାରୀ ଖ୍ରୀଷ୍ଟବିଶ୍ୱାସୀ ହେବା ହିଁ କେବଳ ଏକ ଦୁଃସ୍ଥ ସ୍ଥିତିକୁ ନିଶ୍ଚିତ କରାଇପାରେ । ପ୍ରକାଶିତ ହେବା ଏବଂ ତାଙ୍କ ନିମନ୍ତେ ପ୍ରକାଶିତ ହେବା ହିଁ ହେଉଛି ତାଙ୍କର ସମସ୍ତ ଉତ୍ତମତା ଉପଭୋଗ କରିବାର ନିଶ୍ଚିତ ପଥ ।

ଜଣେ ପ୍ରକୃତ ଶିଷ୍ୟ ହେବା ହିଁ ହେଉଛି ଯୀଶୁ ଖ୍ରୀଷ୍ଟଙ୍କର ଜଣେ କ୍ରୀତଦାସ ହେବା ଏବଂ ତାଙ୍କର ସେବା ଯେ ପରିପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରେ ଏହା ଜାଣିବା । ସମସ୍ତଙ୍କ ନିମନ୍ତେ ଏହି ପଦକ୍ଷେପଟିରେ ସ୍ୱାଧୀନତା ରହିଛି ଯେଉଁମାନେ କହିପାରନ୍ତି, ''ମୁଁ ମୋର ମୁନିବଙ୍କୁ ପ୍ରେମ କରେ; ମୁଁ ମୁକ୍ତ ହୋଇ ଚାଲିଯିବି ନାହିଁ'' ।

ଗତିଶୀଳ ବସ୍ତୁଗୁଡ଼ିକ ଦ୍ୱାରା ବା ସାଧାରଣ ବିଷୟଗୁଡ଼ିକ ଦ୍ୱାରା ଶିଷ୍ୟଟି ନିରୁତ୍ସାହିତ ହୋଇ ନ ଥାଏ । ସେ ଚିରନ୍ତନ ବିଷୟ ସବୁ ପ୍ରତି ସଚେତନ ଅଟେ ଏବଂ ''ହଡ୍‌ସନ୍‌ଟେଲର୍''ଙ୍କ ପରି, ଅଳ୍ପ କିଛି ବିଷୟ ପ୍ରାପ୍ତ ହୋଇ ତା'ର ଯତ୍ନ ନେବାରେ ବିଳାସ ଉପଭୋଗ କରେ ।

ସେ ହୁଏତ ଅଜଣା ହୋଇପାରେ, ଏବଂ ତଥାପି ସେ ସଂପୂର୍ଣ୍ଣ ଜଣାଶୁଣା ଅଟେ । ଯଦିଓ ଅବିଚ୍ଛିନ୍ନ ଭାବେ ସେ ମୃତ୍ୟୁବରଣ କରେ, ତଥାପି ଅବିଚଳିତଭାବେ ସେ ବଞ୍ଚି ରହେ । ସେ ଶୁଦ୍ଧିକୃତ ହୁଏ ମାତ୍ର ହତ୍ୟା କରାଯାଇ ନ ଥାଏ । ଦୁଃଖରେ ମଧ୍ୟ, ସେ ଆନନ୍ଦ କରେ । ଯଦିଓ ସେ ନିଜେ ଦରିଦ୍ର ଅଟେ, ସେ ଅନେକଙ୍କୁ ଧନୀ କରେ । ତା'ର ନିଜର କିଛି ନ ଥାଏ, ତଥାପି ସେ ସମସ୍ତ ବିଷୟ ଅଧିକୃତ କରିଥାଏ (୨ କରିନ୍ଥୀୟ ୬ : ୯,୧୦) ।

ଏବଂ ଯଦି ଏହା କୁହାଯାଇ ପାରିବ ଯେ ପ୍ରକୃତ ଶିଷ୍ୟତ୍ୱର ଜୀବନ ହେଉଛି ଏହି ଜଗତରେ ସବୁଠାରୁ ଆତ୍ମିକଭାବେ ପରିତୃପ୍ତ ଜୀବନ । ଏହା ମଧ୍ୟ କୁହାଯାଇ ପାରିବ ଯେ ସମନିଶ୍ଚିତ ପରିମାଣରେ ଆଗାମୀ ଯୁଗ ନିମନ୍ତେ ଏହା ହିଁ ଶ୍ରେଷ୍ଠ ପୁରସ୍କୃତ ଜୀବନ ହେବ । ''ପୁଣି ମନୁଷ୍ୟପୁତ୍ର ଆପଣା ପିତାଙ୍କ ମହିମାରେ ନିଜ ଦୂତମାନଙ୍କ ସହିତ ଆଗମନ କରିବେ, ଏବଂ ସେତେବେଳେ ସେ ପ୍ରତ୍ୟେକ ଲୋକଙ୍କୁ ତାହାର କର୍ମ ଅନୁସାରେ ଫଳ ଦେବେ''( ମାଥିଉ ୧୬ : ୨୭) ।

ତେଣୁ କରି ଏହି ସମୟରେ ଏବଂ ଅନନ୍ତ କାଳ ନିମନ୍ତେ ପ୍ରକୃତ ଆଶୀର୍ବାଦପ୍ରାପ୍ତ ବ୍ୟକ୍ତିଟି ହେଉଛି ସେହି ଯେ 'ୟାଲେ'ଙ୍କ ସହ କହିପାରିବ, ''ପ୍ରଭୁ ଯୀଶୁ, ମୁଁ ମୋର ହସ୍ତ ଉତ୍ତୋଳିତ କରୁଛି, ମୋର ଜୀବନ ଯେତେଦୂର ସଂପର୍କିତ ରହିଛି । ମୁଁ ତୁମକୁ ମୋ ହୃଦୟ ସିଂହାସନରେ ଅବସ୍ଥାପିତ କରୁଛି । ମୋତେ ପରିବର୍ତ୍ତନ କର, ପରିଶୁଦ୍ଧ କର, ତୁମେ ଯେପରି ମନୋନୀତ କରୁଛ ମୋତେ ସେପରି ବ୍ୟବହାର କର'' ।

# ସେ ଇଚ୍ଛୁକ ନ ଥିଲେ

''ସେ ଇଚ୍ଛୁକ ନ ଥିଲେ କେହି ଯେପରି ବିନଷ୍ଟ ହୁଏ;
ସିଂହାସନାରୂଢ଼ ଥିଲେ ପ୍ରଭୁ ଯୀଶୁ ଗୌରବରେ
ଆମ ଜଗତର ପତନ ଅବସ୍ଥା, ଦେଖି ମନେ ଦୁଃଖ ବହିଲେ
ଆମରି ନିମିତ୍ତ ତାଙ୍କ ଜୀବନକୁ, ପାତିଲେ ଆଶ୍ଚର୍ଯ୍ୟ ପ୍ରେମରେ ।
ବିନଷ୍ଟପ୍ରାପ୍ତ ଲୋକଙ୍କ ଭିତରେ ଗହଳି ଆମର ପଥପ୍ରାନ୍ତ
ହୃଦୟ ପାରେନା ସହ୍ୟ କରି ଏହା ବୋଝରେ ହୁଏ ପତିତ ।
ଯୀଶୁ ହିଁ କରିବେ ଉଦ୍ଧାର, ସେମାନଙ୍କୁ ଏହା କହିବାକୁ ନାହିଁ କେହି
ପାପ ଓ କେଶରୁ ଉତ୍ତୋଳନ ପାଇଁ ଯୀଶୁ ବିନା କେହି ନାହିଁ ।

''ସେ ଇଚ୍ଛୁକ ନ ଥିଲେ କେହି ଯେପରି ବିନଷ୍ଟ ହୁଏ;
ଆମ ମାଂସ ଶରୀରରେ ଦୁଃଖ ଓ ଯନ୍ତ୍ରଣା ପିନ୍ଧି
ଶୋକାର୍ତ୍ତଙ୍କୁ କରି ସାନ୍ତ୍ୱନା, ବିନଷ୍ଟମାନଙ୍କୁ ଅନ୍ୱେଷଣ କରି ଆସିଲେ
ଦୁଃଖ ଓ ଲଜ୍ଜ୍ୟାରେ ଭଗ୍ନ ହୃଦୟକୁ ସୁସ୍ଥ କରିବାକୁ ଆସିଲେ ।
ବିନଷ୍ଟ ହେଉଛନ୍ତି, ବିନଷ୍ଟ ହେଉଛନ୍ତି ! ଶସ୍ୟ ଯାଉଅଛି ଧୋଇ
କଟାଳି ଯେ ଅଳ୍ପ ପୁଣି ରାତ୍ରୀ ଯେ ଆସୁଛି ପାଖେଇ ।
ଶସ୍ୟ ଅମଳ ପାଇଁ ଶୀଘ୍ର ଆସ, ପ୍ରଭୁ ଡାକୁଛନ୍ତି ତୁମକୁ
ତାଙ୍କରି ନିମିତ୍ତ ବହୁମୂଲ୍ୟ ପ୍ରାଣ, ତୁମେ ଲାଭ କରିବାକୁ ।
ସୁଖ ନିମିତ୍ତ ରହିଛି ପ୍ରଚୁର, ମାତ୍ର ସ୍ୱଳ୍ପ ଯେ ପ୍ରଭୁଙ୍କ ନିମିତ୍ତ
ଜଗତ ପାଇଁ ରହିଛି ସମୟ, ତାର ଶ୍ରମ ଓ ସମସ୍ୟା ନିମିତ୍ତ ।
ପ୍ରଭୁଙ୍କ କାର୍ଯ୍ୟରେ, କ୍ଷୁଧିତଙ୍କୁ ଆହାର ଦେବାରେ, ନାହିଁ ଯେ ସମୟ
ଚିରନ୍ତନ ଆନନ୍ଦ ନିମନ୍ତେ ଉତ୍ତୋଳନ କରିବାକୁ
ବିନଷ୍ଟ ପ୍ରାଣକୁ ନାହିଁ ଯେ ସମୟ ।

ବିନଷ୍ଟ ହେଉଛି, ବିନଷ୍ଟ ହେଉଛନ୍ତି ! ଦେଖ କରୁଛନ୍ତି ଆହ୍ୱାନ
ତୁମ ତ୍ରାଣକର୍ତ୍ତା ଆମେ ଖୋଜୁଅଛୁ, ଦିଅ ତାଙ୍କରି ସନ୍ଧାନ ।
ଆମେ ଯେ ବୋଝରେ ଗ୍ରସ୍ତ ଅତିଶୟ, ପୂର୍ଣ୍ଣ ଅଟୁ ବ୍ୟସ୍ତତାରେ
ଚକ୍ଷୁଦ୍ୱୟ ଆମ କ୍ଷୀଣ ହୋଇଛନ୍ତି ଦିବାରାତ୍ର ଦୀର୍ଘ କ୍ରନ୍ଦନରେ ।

''ସେ ଇଚ୍ଛୁକ ନ ଥିଲେ କେହି ଯେପରି ହେଉ ବିନଷ୍ଟ !
ମୁଁ ତାଙ୍କର ଅନୁଗମନକାରୀ, ବଞ୍ଚିଛି ମୁଁ ଆଜି ନ ହୋଇ ନଷ୍ଟ
ପ୍ରାଣଟିଏ ଯେବେ ପତିତ ହେବାକୁ ବାଛିନିଏ ଦୀର୍ଘପଥ
ମୁଁ ଦେଇପାରିବି ସାହାଯ୍ୟ ଅଭାବେ ହେଉଥାଏ ସେ ଯେ ନଷ୍ଟ,
ବିନଷ୍ଟ ହେଉଛି, ବିନଷ୍ଟ ହେଉଛି ! ସେ ଯେ ନ ଥିଲେ ଇଚ୍ଛୁକ
ପ୍ରଭୁ, କର କ୍ଷମା, ଦିଅ ଭରି ଏକ ନୂଆ ପ୍ରେରଣାରେ
ଜାଗତିକତାକୁ ଭୁଲି, ଆମେ ତୁମ ଚରଣରେ ଲୋଟିବାରେ,
ଦୃଷ୍ଟିକୋଣ ଆମ ନିରନ୍ତନ ସତ୍ୟ ମୂଲ୍ୟବୋଧ ବଞ୍ଚିବାରେ ।

— ଲୁସି ଆର୍. ମେୟର୍

# ତୁମର ସମ୍ପତ୍ତି କେଉଁଠାରେ ?

# ତୁମର ସମ୍ପତ୍ତି କେଉଁଠାରେ ?

"... ଧନ ସଞ୍ଚୟ କର ନାହିଁ... ସ୍ୱର୍ଗରେ...ଧନ ସଞ୍ଚୟ କର... କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ୍ୟ ତୁମ୍ଭର ମନ" (ମାଥିଉ ୬ : ୧୯-୨୧)।

ଧନ ଯେଉଁଠାରେ ମନ ମଧ୍ୟ ସେହିଠାରେ ଥାଏ । ଏହା ମଧ୍ୟ ଗୋଟିଏ ନିରାପଦ ସଞ୍ଚୟବାକ୍ସରେ ରହିଥାଇ ପାରେ କିମ୍ବା ଏହା ସ୍ୱର୍ଗରେ ମଧ୍ୟ ଥାଇପାରେ । କିନ୍ତୁ ଏହା ଉଭୟ ସ୍ଥାନରେ ରହି ନ ପାରେ ।

କେହି କେହି କହିଛନ୍ତି, "ଜଣେ ଖ୍ରୀଷ୍ଟ ବିଶ୍ୱାସୀ ତାର ସଂପଦକୁ ପରିତ୍ୟାଗ କରେ ଅବା ଏହାର ପଶ୍ଚାଦ୍‌ଗମନ କରେ ।"

ପ୍ରଭୁଯୀଶୁ ତାଙ୍କର ଅନୁଗମନକାରୀମାନଙ୍କୁ ପୃଥିବୀରେ ଧନ ସଞ୍ଚୟ କରିବାକୁ ବାରଣ କରିଛନ୍ତି । ସେ ସେମାନଙ୍କର ହୃଦୟକୁ ସ୍ୱର୍ଗରେ ରହିବା ନିମନ୍ତେ ଇଚ୍ଛା କରିଛନ୍ତି ।

ଏବଂ ତଥାପି ଖ୍ରୀଷ୍ଟଙ୍କର ଏହି ଶିକ୍ଷା ଏହି ଯୁଗ ନିମନ୍ତେ ଉଦ୍ଭଟ ଓ ଚୂଡ଼ାନ୍ତ ମନେହୁଏ । ସେ କ'ଣ ବାସ୍ତବରେ ତାହା ହିଁ କହୁଥିଲେ ? ଆମର ସାଧାରଣ ବିବେକ ଆମକୁ କହେ ନାହିଁ କି ଯେ ଆମର ବାର୍ଦ୍ଧକ୍ୟ ନିମନ୍ତେ ଆମେ ଯଥେଷ୍ଟ ବ୍ୟବସ୍ଥା କରିବା ଉଚିତ୍ ? ଆମେ ବୁଦ୍ଧିମାନ ହେଉ ଏବଂ ଆମର ଦୁର୍ଦ୍ଦିନ ନିମନ୍ତେ କିଛି ସଂରକ୍ଷଣ କରୁ ଏହା କ'ଣ ସେ ଆମଠାରୁ ଆଶା କରନ୍ତି ନାହିଁ ? ଆମର ପ୍ରିୟଜନମାନଙ୍କ ଯତ୍ନ ପାଇଁ ? ଆମର ପ୍ରିୟଜନମାନଙ୍କ ଯତ୍ନ ପାଇଁ ?

ଏ ସମସ୍ତ ଅତି ଗୁରୁତର ପ୍ରଶ୍ନ ଅଟେ, ଯେଉଁ ସମସ୍ତକୁ କି ଖ୍ରୀଷ୍ଟଙ୍କର ଅନୁଗମନକାରୀ ବୋଲି ସ୍ୱୀକାର କରୁଥିବା ସମସ୍ତଙ୍କ ଦ୍ୱାରା ସତ୍ୟ ଓ ସାଧୁତାରେ ସମ୍ମୁଖୀନ କରାଯିବା ଉଚିତ୍ ।

ଉତ୍ତର ସବୁ କ'ଣ ? ବିଶ୍ୱାସୀର ଜୀବନରେ ଧନସଂପର୍କରେ ବାଇବଲ କ'ଣ ଶିକ୍ଷା ଦିଏ ? ଏ ବ୍ୟକ୍ତିଗତ ସୌଭାଗ୍ୟଟିଏ ଗଠନ କରିବା କ'ଣ ଭୁଲ୍ ଅଟେ ? ଖ୍ରୀଷ୍ଟିୟ ଜୀବନ ଧାରଣର ଉପଯୁକ୍ତ ସ୍ତରଟିଏ କ'ଣ ?

## ବ୍ୟବସାୟରେ କର୍ମତତ୍ପର

ସର୍ବ ପ୍ରଥମେ, ଆମେ ସମସ୍ତେ ଏକମତ ହୋଇ ପାରିବା ଯେ, ଧନ ବଢ଼ାଇବାକୁ ବାଇବଲ ବାରଣ କରେ ନାହିଁ । ପାଉଲ ତାଙ୍କର ବ୍ୟକ୍ତିଗତ ଆବଶ୍ୟକତା

ଯୋଗାଇବା ନିମନ୍ତେ ଜଣେ ତମ୍ବୁ ନିର୍ମାଣକାରୀ ଭାବେ କାର୍ଯ୍ୟ କରୁଥିଲେ (ପ୍ରେରିତ ୧୮ : ୧-୩; ୨ ଥେସ. ୩ : ୮) । ସେ ଥେସଲିନୀୟମାନଙ୍କୁ ଶିକ୍ଷା ଦେଇଥିଲେ ଯେ, ଯଦି ଜଣେ ବ୍ୟକ୍ତି କାର୍ଯ୍ୟ କରିବାକୁ ଇଚ୍ଛୁକ ନୁହେଁ, ତେବେ ସେ ଭୋକିଲା ରହିବା ଉଚିତ୍ (୨ ଥେସ ୩ : ୧୦) । ବିନା ପ୍ରଶ୍ନରେ ବାଇବଲଭିତ୍ତିକ ଗୁରୁତ୍ୱ ହେଉଛି ଯେ, ଜଣେ ବ୍ୟକ୍ତି କର୍ମତତ୍ପର ଭାବେ ତା' ନିଜର ଆବଶ୍ୟକତା ଏବଂ ତା'ର ପରିବାରର ଆବଶ୍ୟକତା ନିମନ୍ତେ କାର୍ଯ୍ୟ କରିବା ଉଚିତ୍ ।

ତା'ପରେ ଆମେ କ'ଣ କରି ପାରିବା ଯେ, ଜଣେ ବିଶ୍ୱାସୀ ଯେତେ ପାରେ ସେତେ ଅର୍ଥ ଉପାର୍ଜ୍ଜନ କରିବା ଉଚିତ୍ ? ନା, ଏହିପରି ଉକ୍ତିକୁ ଯୋଗ୍ୟତାଭିତ୍ତିକ ହେବାକୁ ହେବ । ସେ ଯେତେ ସମ୍ଭବ ସେତେ ଉପାର୍ଜ୍ଜନ କରିପାରିବ, ମାତ୍ର ଏହି ସମସ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି :

(୧) ତାହାର କାର୍ଯ୍ୟ ଜଗତର ବିଷୟଗୁଡ଼ିକ ଉପରେ ପ୍ରାଧାନ୍ୟ ଗ୍ରହଣ କରିବାକୁ ଅନୁମତି ଦେବା ଉଚିତ୍ ନୁହେଁ । ତାହାର ପ୍ରଥମ ଲକ୍ଷ୍ୟ ଈଶ୍ୱରଙ୍କ ରାଜ୍ୟ ଓ ତାଙ୍କର ଧାର୍ମିକତା ଅନ୍ୱେଷଣ କରିବା, ହେବା ଉଚିତ୍ (ମାଥିଉ ୬ : ୩୩) । ବ୍ୟବସାୟର ଚାପରେ ଉପାସନା ଓ ସେବାକାର୍ଯ୍ୟ ବାଧାପ୍ରାପ୍ତ ହେବା ଉଚିତ୍ ନୁହେଁ ।

(୨) ତା'ର ପରିବାର ଦାୟିତ୍ୱ ଅବହେଳିତ ହେବା ଉଚିତ୍ ନୁହେଁ (୧ମ ତୀମଥି ୫ : ୮) । ସାଧାରଣତଃ ଜଣେ ଯେତେ ଅଧିକ ଧନ ଉପାର୍ଜ୍ଜନ କରେ, ତାହାର ସ୍ତ୍ରୀ ଏବଂ ସନ୍ତାନମାନଙ୍କ ନିକଟରେ ତା' ନିକଟରେ ସେତେ କମ୍ ସମୟ ଥାଏ । ସେ ଏହି କ୍ଷତିକୁ ସେମାନଙ୍କର ବିଳାସ ଏବଂ ଧନର ପ୍ରାଚୁର୍ଯ୍ୟତା ଦ୍ୱାରା ପୂରଣ କରି ପାରିବ ନାହିଁ; ଏହା ହିଁ କେବଳ ସେମାନଙ୍କର ଆତ୍ମିକ ଏବଂ ନୈତିକ ଅବକ୍ଷୟ ଘଟାଏ । ଏକ ବଡ଼ଅଙ୍କର ବ୍ୟାଙ୍କ ଜମାଠାରୁ ସେମାନେ ଅତ୍ୟଧିକ ଭାବେ ଜଣେ ଈଶ୍ୱର ପରାୟଣ ସ୍ୱାମୀ ଏବଂ ପିତାଙ୍କର ସହଯୋଗ ଏବଂ ଚାଳନା ଆବଶ୍ୟକ କରନ୍ତି ।

(୩) ତାହାର ଅର୍ଥ ଏକ ଖ୍ୟାତି ସଂପନ୍ନ ବ୍ୟବସାୟରୁ ଉପାର୍ଜ୍ଜିତ ହୋଇଥିବା ଉଚିତ୍ (ହିତ ୧୦ : ୧୦) । ଏହା ନିଶ୍ଚିତ ଭାବରେ ହେବା ଉଚିତ୍ । ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ନିମନ୍ତେ ସେମାନଙ୍କର ସମୟକୁ ଉତ୍ପାଦନ, ବିତରଣ କିମ୍ବା ସେହି ବିଷୟଗୁଡ଼ିକର ବିଜ୍ଞାପନ କରିବାରେ ନିୟୋଜିତ କରିବା ପ୍ରଶ୍ନର ବିଷୟ ଅଟେ ଯେଉଁ ସମସ୍ତଙ୍କି ସ୍ୱାସ୍ଥ୍ୟ ପ୍ରତି ବିପଦ ଆଣେ କିମ୍ବା ନୈତିକତାର ଅବକ୍ଷୟ କରୁଥିବା ।

ରାଜପଥରେ ଥାଇ ନରକଗାମୀ ହେଉଥିବା ଲୋକମାନଙ୍କର ମନୋରଞ୍ଜନ କରିବାରେ ଜଣେ ଖ୍ରୀଷ୍ଟ ବିଶ୍ୱାସୀ ତା'ର ଜୀବନକୁ ଅତିବାହିତ କରିବା ଉଚିତ୍ ନୁହେଁ । କାର୍ଯ୍ୟ ଗଠନମୂଳକ ଏବଂ ସାଧାରଣରେ ଉତ୍ତମ ହୋଇଥିବା ଉଚିତ୍ ।

(୪) ତା'ପରେ ବିଶ୍ୱାସୀଟି ଏହା ନିଶ୍ଚିତ ହେବା ଉଚିତ୍ ଯେ, ସେ ତା'ର ଅର୍ଥକୁ ସାଧୁ ଉପାୟରେ ଉପାର୍ଜ୍ଜନ କରୁଛି (ହିତ ୨୦ : ୧୨) । ତା'ର ବ୍ୟବସାୟ ହୁଏତ ସୁଖ୍ୟାତି ସମ୍ପନ୍ନ ହୋଇଥାଇପାରେ କିନ୍ତୁ ତା'ର ଉପାୟଗୁଡ଼ିକ ହୁଏତ ଅସାଧୁ ହୋଇଥାଇପାରେ, ଉଦାହରଣସ୍ୱରୂପ :

(କ) ବ୍ୟକ୍ତିଗତ ଆୟ ହିସାବରେ ମିଥ୍ୟା ତଥ୍ୟ ପ୍ରଦାନ କରିବା ( ହିତୋ ୧୨ : ୨୨) ।

(ଖ) ଓଜନ ଏବଂ ପରିମାଣରେ ଠକାମୀ କରିବା ( ହିତୋ ୧୧ : ୧) ।

ଗ) ସ୍ଥାନୀୟ ନିରୀକ୍ଷଣକାରୀଙ୍କୁ ଲାଞ୍ଚ ଦେବା (ହିତୋ ୧୭ : ୨୩) ।

ଘ) ସାମଗ୍ରୀରେ ପାର୍ଥକ୍ୟ ପ୍ରଦର୍ଶନ କରି ବିଜ୍ଞାପନ ପ୍ରକାଶ କରିବା ଯେତେବେଳେ କି ସେପରି କୌଣସି ପାର୍ଥକ୍ୟ ନ ଥାଏ (ହିତୋ ୨୦ : ୬) ।

ଙ) ବ୍ୟୟ ହିସାବରେ ତ୍ରୁଟି କରି ଦେଖାଇବା (ହିତୋ ୧୩ : ୫)

(ଚ) ବଜାର ଉପରେ କିମ୍ବା ପୁଞ୍ଜି ଅଦଳବଦଳ ଉପରେ କଳନା କରିବା ଯାହାକି ଜୁଆଖେଳର ଏକ ଭିନ୍ନ ରୂପ ଅଟେ (ହିତୋ ୧୩ : ୧୧) ।

(ଛ) କର୍ମକାରୀମାନଙ୍କୁ କମ୍ ମଜୁରୀ ପ୍ରଦାନ କରିବା (ହିତୋ ୨୨ : ୧୬) । ଏହା ତାହା ବିରୁଦ୍ଧରେ ଅଟେ, ଯାହା ପ୍ରତି ଯାକୁବ ଦୃଢ଼ରୂପେ କହିଥିଲେ, ''ଦେଖ, ତୁମ୍ଭମାନଙ୍କ କ୍ଷେତ୍ରରେ ଶସ୍ୟଚ୍ଛେଦନକାରୀମାନଙ୍କୁ ପ୍ରବଞ୍ଚନା କରି ତୁମ୍ଭେମାନେ ଯେଉଁ ମୂଲ୍ୟ ଦେଇ ନାହିଁ, ତାହା ଚିତ୍କାର କରୁଅଛି, ପୁଣି ଶସ୍ୟ ଛେଦନକାରୀମାନଙ୍କର ଆର୍ତ୍ତନାଦ ବାହିନୀମାନଙ୍କ ପ୍ରଭୁଙ୍କ କର୍ଣ୍ଣରେ ପ୍ରବେଶ କରିଅଛି'' (ଯାକୁବ ୫ : ୪) ।

(୫) ତା'ର ସ୍ୱାସ୍ଥ୍ୟ କ୍ଷୟ ନ କରି ଖ୍ରୀଷ୍ଟ ବିଶ୍ୱାସୀଟି ଯେତେ ପାରେ ସେତେ ଅର୍ଥ ଉପାର୍ଜ୍ଜନ କରିପାରେ । ତାର ଶରୀର ହେଉଛି ପବିତ୍ରାତ୍ମାଙ୍କର ମନ୍ଦିର

(୧ କରିନ୍ଥୀୟ ୬ : ୧୯) । ସେ ତା'ର ସ୍ୱାସ୍ଥ୍ୟକୁ ଧନ ସ୍ଥୁଳ କରିବା ନିମନ୍ତେ ନଷ୍ଟ କରିଦେବା ଉଚିତ୍ ନୁହେଁ ।

(୬) ଶେଷରେ, ଅଭିଳାଷୀ ନ ହୋଇ ଖ୍ରୀଷ୍ଟ ବିଶ୍ୱାସୀଟି ଯେତେ ପାରେ ସେତେ ଅର୍ଥ ଉପାର୍ଜ୍ଜନ କରିପାରେ । ସେ ଶୟତାନର ଜଣେ ଦାସ ହେବା ଉଚିତ୍ ନୁହେଁ (ମାଥିଉ ୬ : ୨୪) । ଅର୍ଥ ଉପାର୍ଜ୍ଜନ କରିବା ଯୁକ୍ତିଯୁକ୍ତ ମାତ୍ର ଏହା ପ୍ରତି ଲାଳାୟିତ ହେବା ଉଚିତ୍ ନୁହେଁ (ଗୀତ ୬୨ : ୧୦)।

ମୋଟ ଉପରେ, ଜଣେ ଖ୍ରୀଷ୍ଟ ବିଶ୍ୱାସୀ ଯେତେ ପାରେ ସେତେ ପର୍ଯ୍ୟନ୍ତ ଅର୍ଥ ଉପାର୍ଜ୍ଜନ କରିପାରିବ ଯେପର୍ଯ୍ୟନ୍ତ ସେ ଈଶ୍ୱରଙ୍କୁ ପ୍ରଥମ ସ୍ଥାନ ଦେଉଛି, ତା'ର ପରିବାରର କର୍ତ୍ତବ୍ୟ ବାଧ୍ୟତା ପୂରଣ କରୁଛି, ଗଠନମୂଳକ ଭାବେ କାର୍ଯ୍ୟ କରୁଛି, ସାଧୁତାରେ ବ୍ୟବସାୟ କରୁଛି, ତା'ର ସ୍ୱାସ୍ଥ୍ୟ ପ୍ରତି ସୁରକ୍ଷା ପ୍ରଦାନ କରେ ଏବଂ ଲାଳସାଠାରୁ ଦୂରେଇ ଦିଏ ।

## ରଖିବାକୁ ମାତ୍ର ଜାବୁଡ଼ି ଧରିବାକୁ ନୁହେଁ

ଆମକୁ ସମ୍ମୁଖୀନ ହେବାକୁ ଥିବା ପରବର୍ତ୍ତୀ ପ୍ରଶ୍ନଟି ହେଉଛି : ''ଅର୍ଥ କମେଇବା କ'ଣ ଭୁଲ୍ ଅଟେ ?'' ନୂତନ ନିୟମ ଏଥିରେ ଯେତେଦୂର ସଂପର୍କିତ, ଗୁରୁତ୍ୱଯୁକ୍ତଭାବେ ଉତ୍ତରଟି ହେଉଛି ''ହଁ'' ।

ବାଇବଲ କାହାରିକୁ ଧନୀ ହେବାକୁ ଦୋଷୀ ସାବ୍ୟସ୍ତ କରେ ନାହିଁ । ଜଣେ ବ୍ୟକ୍ତି ହୁଏତ ଏକ ଉତ୍ତରାଧିକାର ପ୍ରାପ୍ତ ହୁଏ ଏବଂ ରାତାରାତି ଧନୀ ହୋଇଯାଏ । କିନ୍ତୁ ଆମେ ଆମ ଅର୍ଥରେ କ'ଣ କରୁ ଏହା ବହୁଳ ଆଲୋଚନାର ବିଷୟ ଅଟେ ।

ବାଇବଲ କ'ଣ ଶିକ୍ଷାଦିଏ ଏଠାରେ ଉଲ୍ଲେଖ କରାଗଲା :

୧ । ସର୍ବପ୍ରଥମେ, ଆମ୍ଭେମାନେ ଈଶ୍ୱରଙ୍କ ଭଣ୍ଡାର ରକ୍ଷକ (୧ କରିନ୍ଥୀୟ ୪ : ୧,୨) । ଯାହାର ଅର୍ଥ ହେଉଛି ଆମର ସମସ୍ତ ବିଷୟ ତାଙ୍କର ହିଁ ଅଟେ, ଆମ୍ଭମାନଙ୍କ ନିଜର ନୁହେଁ । ଆମର ଦାୟିତ୍ୱ ହେଉଛି ତାଙ୍କର ଗୌରବ ନିମନ୍ତେ ତାଙ୍କର ଅର୍ଥକୁ ବ୍ୟବହାର କରିବା । ୯୦% ଆମ ନିମନ୍ତେ ବ୍ୟୟ କରିବାକୁ ଏବଂ ଅନ୍ୟ ୧୦% ଈଶ୍ୱରଙ୍କ ଅଂଶରୂପେ ତାଙ୍କ ନିମନ୍ତେ ବ୍ୟୟ କରିବାକୁ ହେଉଛି ନୂତନ ନିୟମର ଭଣ୍ଡାର ରକ୍ଷକତ୍ୱ ସଂପର୍କରେ ଭ୍ରମ ଧାରଣା । ଏ ସମସ୍ତ ହିଁ ଈଶ୍ୱରଙ୍କର ଅଟେ ।

୨ । ଦ୍ୱିତୀୟ ବିଷୟଟି ହେଉଛି ଆମେ ଖାଦ୍ୟ ଓ ବସ୍ତ୍ରରେ ପରିତୃପ୍ତ ହେବା ଉଚିତ୍ । ''ଏଣୁ ଅନ୍ନବସ୍ତ୍ର ଥିଲେ ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ'' (୧ମ ତୀମଥି ୬ : ୮) । ଏଠାରେ 'ବସ୍ତ୍ର' ଶବ୍ଦଟି ଆଚ୍ଛାଦନ ବା ଛାତ ବିଷୟକ ଅର୍ଥ ବୁଝାଏ । ଏହା ଯେକୌଣସି ପ୍ରକାରର ଆଶ୍ରୟ ବା ପୋଷାକକୁ ବୁଝାଇ ପାରେ । ତେଣୁ କରି ପଦଟି କହେ ଯେ, ଆମେ ଜୀବନର ଆବଶ୍ୟକ ବିଷୟଗୁଡ଼ିକରେ ସନ୍ତୁଷ୍ଟ ହେବା ଉଚିତ୍ - ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ । ପ୍ରଭୁ ଏଠାରେ ଥିବା ସମୟରେ ଯାହା ତାଙ୍କର ଥିଲା ତାହାଠାରୁ ଅଧିକ ପ୍ରାପ୍ତ ହେବାକୁ ଅନୁମତି ପ୍ରଦାନ କରନ୍ତି; ତାଙ୍କର ମୁଣ୍ଡଗୁଞ୍ଜିବାକୁ ସ୍ଥାନ ନ ଥିଲା (ମାଥିଉ ୮ : ୨୦) ।

ଯେଉଁ ଖ୍ରୀଷ୍ଟ ବିଶ୍ୱାସୀଟି ଯାହାର ନିଜର ବ୍ୟବସାୟଟିଏ ରହିଛି ଅବଶ୍ୟ ସେ ସ୍ଥାୟୀ ପୁଞ୍ଜି ଏବଂ ବ୍ୟବସାୟ ଚାଲୁ ରଖିବାକୁ ଚଳନ୍ତି ଜମା ଆବଶ୍ୟକ କରିବ । ସେ ନିଶ୍ଚିତ ଭାବେ, କଞ୍ଚାମାଲ କିଣିବାକୁ, ତା'ର କର୍ମଚାରୀମାନଙ୍କୁ ଦେୟ ପ୍ରଦାନ କରିବାକୁ ଏବଂ ତା' ପ୍ରତି ଦିନକୁ ଦିନ ଆସୁଥିବା ଅନ୍ୟାନ୍ୟ ଆର୍ଥିକ ଦାବୀସମୂହକୁ ପୂରଣ କରିବା ନିମନ୍ତେ ସକ୍ଷମ ହୋଇଥିବ । ଜଣେ ଖ୍ରୀଷ୍ଟବିଶ୍ୱାସୀ ତା'ର କର୍ମଚାରୀମାନଙ୍କୁ ଦେୟ ପ୍ରଦାନ କରିବାକୁ ଏବଂ ତା' ପ୍ରତି ଦିନକୁ ଦିନ ଆସୁଥିବା ଅନ୍ୟାନ୍ୟ ଆର୍ଥିକ ଦାବୀ ସମୂହକୁ ପୂରଣ କରିବା ନିମନ୍ତେ ସକ୍ଷମ ହୋଇଥିବ । ଜଣେ ଖ୍ରୀଷ୍ଟବିଶ୍ୱାସୀ ତା'ର ବ୍ୟବସାୟ ପରିଚାଳନା କରିବା ନିମନ୍ତେ ଦରକାରୀ ପୁଞ୍ଜି ସଞ୍ଚୟ କରିବାରେ ବାଇବଲରେ ବାରଣ କରାଯାଇ ନାହିଁ ।

୩ । ତା'ପରେ ଆମେ ଯେତେଦୂର ସମ୍ଭବ ମିତବ୍ୟୟିତାରେ ବଞ୍ଚିବା ଉଚିତ୍, ସମସ୍ତ ପ୍ରକାରର ଅପବ୍ୟୟକୁ ଏଡାଇ । ପାଞ୍ଚ ହଜାର ବ୍ୟକ୍ତିଙ୍କୁ ଖାଇବାକୁ ଦେଇସାରିବା ପରେ, ବଳକା ରହିଥିବା ଖାଦ୍ୟକୁ ସଂଗ୍ରହ କରିବା ନିମନ୍ତେ ସେ ଶିଷ୍ୟମାନଙ୍କୁ କହିଲେ (ଯୋହନ ୬ : ୧୨) । ତାଙ୍କର ଦୃଷ୍ଟାନ୍ତ ଆମକୁ ଶିକ୍ଷା ଦିଏ ଯେ ଯେଉଁଠି ସମ୍ଭବତଃ ବଳକା ଥିବ, ତାହାକୁ ସୁରକ୍ଷିତ କରି ରଖିବା ।

ଆମେ ଅନେକ ପ୍ରକାର ଅଦରକାରୀ ଜିନିଷସବୁ କ୍ରୟ କରୁ । ବିଶେଷତଃ ବଡଦିନ ସମୟରେ, ଆମେ ଆମ ଆୟରୁ ଅଧିକାଂଶ ମୂଲ୍ୟହୀନ ଉପହାର ସମାଗ୍ରୀସବୁ କ୍ରୟ କରିବାରେ ଖର୍ଚ୍ଚ କରିଦେଉ ଯେଉଁଗୁଡ଼ିକ କି ଅତିଶୀଘ୍ର ପ୍ରାସାଦର ଉପରିସ୍ଥ କୋଠାରୀ ବା ଭଣ୍ଡାର ଘରେ ସ୍ଥାନ ପାଏ ଯେଉଁଠାରେ କି ସେଗୁଡ଼ିକ କାହାରି ପ୍ରତି କୌଣସି ଉତ୍ତମ କାର୍ଯ୍ୟରେ ବ୍ୟବହୃତ ହୋଇ ନ ଥା'ନ୍ତି ।

ଆମେ ଅତିଦାମୀ ଜିନିଷସବୁ କ୍ରୟ କରୁ ଯେତେବେଳେ କି ତା' ବଦଳରେ ଶସ୍ତା ଜିନିଷ ସବୁ ସେହି କାର୍ଯ୍ୟରେ ଲାଗି ପାରନ୍ତା । ( ଏହା ସବୁବେଳେ ଠିକ୍ ନୁହେଁ ଯେ ଶସ୍ତା ଜିନିଷ କିଣିବା ହିଁ ଉତ୍ତମ । ଆମକୁ ଦାମ୍, ଗୁଣ, ସମୟ ସଞ୍ଚୟତା ଇତ୍ୟାଦି ଉପରେ ଉପରେ ଧ୍ୟାନ ଦେବାକୁ ହେବ) ।

ଆମର ଆକାଂକ୍ଷିତ ସମସ୍ତ ବିଷୟ କିଣିବାର ପ୍ରଲୋଭନରୁ ଆମ ନିଜକୁ ପ୍ରତିରୋଧ କରିବା ନିମନ୍ତେ ଆମକୁ ଶୃଙ୍ଖଳିତ ହେବାକୁ ହେବ ଏବଂ ମନୁଷ୍ୟପୁତ୍ରଙ୍କ ନିମନ୍ତେ ମିତବ୍ୟୟୀତାରେ ବଞ୍ଚିବା ଅଭ୍ୟାସକୁ ଆମକୁ ବୃଦ୍ଧି କରିବାକୁ ହେବ ।

୪ । ଆମ ଆବଶ୍ୟକତାର ଉର୍ଦ୍ଧ୍ୱ ସମସ୍ତ ବିଷୟ ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ନିୟୋଜିତ ହେବା ଦରକାର ( ୧ମ ତୀମଥି ୬ : ୮ ) । ମନେରଖନ୍ତୁ ! ଏହି ସମସ୍ତ ତାଙ୍କର ହିଁ ଅଟେ । ଆମେ ତାଙ୍କର ଭଣ୍ଡାର ରକ୍ଷକ ଅଟୁ । ଆମର ସକ୍ଷମତା ଅନୁଯାୟୀ ପୃଥିବୀ ଉପରେ ତାହାଙ୍କର ମହତ ଉଦ୍ଦେଶ୍ୟକୁ ଆଗେଇ ନେବା ହେଉଛି ଆମର ଧନ୍ଦା ।

ଏହା ଦୃଢ଼ରୂପେ ବାରଣ କରଯାଇପାରେ ଯେ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହରୁ ବଳକା ସମସ୍ତ ବିଷୟକୁ ପ୍ରଭୁଙ୍କ କାର୍ଯ୍ୟରୁ ଲୁଣ୍ଠନ କରି ରଖିବା ହେଉଛି ହଠକାରୀ, ଅବିବେକୀ ଏବଂ କ୍ଷୀଣ ଦୃଷ୍ଟିସଂପନ୍ନ ତା'ର ପରିଚୟ ।

ବେଶ୍, ଏହା କରିଥିବା ଜଣେ ବ୍ୟକ୍ତିର ନିଦର୍ଶନ, ଆମ ନିକଟରେ ରହିଛି । ସେ ଜଣେ ବିଧବା ଥିଲା, ଏବଂ ସେ ତାହାର ଦୁଇଟି ଯାକ ମୁଦ୍ରାକୁ ଦାନ ବାକ୍ସରେ ପକାଇ ଦେଲା । ଯୀଶୁ ତାହାକୁ ତିରସ୍କାର କରି ନ ଥିଲେ । ସେ କହିଥିଲେ, ''ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଏହି ଦରିଦ୍ର ବିଧବା ସମସ୍ତଙ୍କଠାରୁ ଅଧିକ ପକାଇଅଛି । କାରଣ ଏମାନେ ସମସ୍ତେ ଭଣ୍ଡାରରେ ଆପଣା ଆପଣା ଅତିରିକ୍ତ ଧନରୁ କିଛି କିଛି ପକାଇଲେ, କିନ୍ତୁ ଏ ଆପଣାର ଅନାଟନ ଅବସ୍ଥାରେ ନିଜ ପ୍ରାଣ ବଞ୍ଚାଇବାର ନିମନ୍ତେ ଏହାର ଯାହାକିଛି ଥିଲା, ସେହି ସବୁ ପକାଇଲା'' (ଲୂକ ୨୧ : ୩,୪) ।

୫ । ପୃଥିବୀରେ ଧନସଞ୍ଚୟ କରିବାକୁ ଆମକୁ ବାରଣ କରାଯାଇଛି । ଶାସ୍ତ୍ରର ବାକ୍ୟଗୁଡ଼ିକ ସରଳ ଏବଂ ତ୍ରୁଟିଶୂନ୍ୟ ।

> ''ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ କରେ, ପୁଣି ଚୋରମାନେ ସିନ୍ଧିକାଟି ଚୋରି କରନ୍ତି, ଏପରି ପୃଥିବୀରେ ଆପଣା ଆପଣା ନିମନ୍ତେ ଧନସଞ୍ଚୟ କର ନାହିଁ; ମାତ୍ର ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧିକାଟି ଚୋରି ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା

ନିମନ୍ତେ ଧନ ସଞ୍ଚୟ କର, କାରଣ ଯେଉଁଠାରେ ତୁମର ଧନ, ସେହିଠାରେ ମଧ୍ୟ ତୁମ୍ଭର ମନ'' (ମାଥିଉ ୬ : ୧୯-୨୧) ।

ଆମ୍ଭମାନଙ୍କ ମଧ୍ୟରୁ ଅନେକଙ୍କ ସମ୍ବନ୍ଧରେ କହିବାକୁ ଗଲେ, ଆମର ଧାରଣା ଯେପରି କି ଏହି ପଦଗୁଡ଼ିକ ବାଇବଲରେ ନାହିଁ । ଆମେ ବିଶ୍ୱାସ କରୁ ଯେ, ଯୀଶୁ ସେସବୁ କହିଥିଲେ । ଆମେ ବିଶ୍ୱାସ କରୁ ଯେ, ସେଗୁଡ଼ିକ ସ୍ୱର୍ଗୀୟ ପ୍ରେରଣାରେ ଅନୁପ୍ରାଣୀତ, କିନ୍ତୁ ଆମେ ବିଶ୍ୱାସ କରୁ ନାହୁଁ ଯେ ସେଗୁଡ଼ିକ ଆମ ନିମନ୍ତେ ପ୍ରଯୁଜ୍ୟ । ଆମେ ସେଗୁଡ଼ିକ ପାଳନ କରୁ ନାହୁଁ ଏବଂ ଆମ୍ଭମାନଙ୍କ ସମ୍ବନ୍ଧରେ କହିବାକୁ ଗଲେ, ଏଗୁଡ଼ିକ ସେପରି ଜଣାପଡ଼େ ଯେପରିକି ଆମର ପ୍ରଭୁ ସେସବୁ କଦାପି କହି ନାହାଁନ୍ତି ।

ତଥାପି ସତ୍ୟ ଏହା ଯେ ପୃଥିବୀରେ ଉପରେ ଧନସଞ୍ଚୟ କରିବା ''ପାପ'' ଅଟେ । ଏହା ପ୍ରତ୍ୟକ୍ଷ୍ୟ ଭାବେ ଈଶ୍ୱରଙ୍କବାକ୍ୟର ପ୍ରତିକୂଳ । ଆମେ ଯାହାକୁ ବିଜ୍ଞତା ଏବଂ ଦୂରଦୃଷ୍ଟିତା ବୋଲି ନାମକରଣ କରୁ ବାସ୍ତବରେ ତାହା ହେଉଛି ବିଦ୍ରୋହ ଏବଂ ଅଧର୍ମ ।

ଏହା ମଧ୍ୟ ସତ୍ୟ ଅଟେ ଯେ ଆମର ଧନ ଯେଉଁଠାରେ ଥାଏ, ଆମର ମନ ମଧ୍ୟ ସେହିଠାରେ ରହିବ । 'ଡଃ, ଜନ୍‌ସନ୍'ଙ୍କୁ ଥରେ ଏକ ବିଳାସପୂର୍ଣ୍ଣ ଉଦ୍ୟାନ ଭ୍ରମଣରେ ନିଆଗଲା । ସେ ସୁନ୍ଦର ପ୍ରସାଦଗୁଡ଼ିକ ଏବଂ ସୁସୁରକ୍ଷିତ ସ୍ଥାନଗୁଡ଼ିକ ମଧ୍ୟରେ ଭ୍ରମଣ କରିବାକୁ ଲାଗିଲେ । ତା' ପରେ ସେ ତାଙ୍କର ବନ୍ଧୁମାନଙ୍କ ଆଡ଼କୁ ବୁଲିପଡ଼ି କହିଲେ; ''ଏଗୁଡ଼ିକ ହେଉଛନ୍ତି ସେହି ସମସ୍ତ ଜିନିଷ ଯେଉଁସବୁକି ମୃତ୍ୟୁଭୋଗ କରିବାକୁ କଷ୍ଟକର କରେ'' ।

୬ । ପରିଶେଷରେ ଭବିଷ୍ୟତ ନିମନ୍ତେ ଆମକୁ ଈଶ୍ୱରଙ୍କୁ ଭରସା କରିବାକୁ ହେବ । ଈଶ୍ୱର ତାଙ୍କର ଲୋକମାନଙ୍କୁ ଏକ ବିଶ୍ୱାସମୟ ଜୀବନ, ତାଙ୍କ ଉପରେ ନିର୍ଭର କରିବା ନିମନ୍ତେ ଏକ ଜୀବନ ପାଇଁ ଆହ୍ୱାନ କରନ୍ତି । ସେ ପ୍ରାର୍ଥନା କରିବାକୁ ଆମକୁ ଶିକ୍ଷା ଦିଅନ୍ତି, ''ଆମ୍ଭମାନଙ୍କୁ ଆଜିର ପ୍ରୟୋଜନୀୟ ଆହାର ଦିଅ'' (ମାଥିଉ ୬ : ୧୧) । ମାନ୍ନାର କାହାଣୀ ଦ୍ୱାରା, ଆମର ଆବଶ୍ୟକତାସବୁକୁ ପୂରଣ କରିବା ନିମନ୍ତେ ଦିନ ପରେ ଦିନ ତାଙ୍କୁ ଅନ୍ୱେଷଣ କରିବାକୁ ସେ ଆମକୁ ଶିକ୍ଷା ଦିଅନ୍ତି (ଯାତ୍ରା ୧୬ : ୧୪-୨୨) ।

ସେ ହିଁ ନିଜେ ଆମର ନିରାପତ୍ତା ହେବେ; ଏହି ଜଗତର ଅବିଶ୍ୱାସୀ ସହାୟକମାନଙ୍କ ଉପରେ ଆମେ ଢ଼ଳି ପଡିବା ଉଚିତ୍ ନୁହେଁ ।

ତା'ପରେ ଏହା ହିଁ ହେଉଛି ତାଙ୍କର ଲୋକମାନଙ୍କ ନିମନ୍ତେ ଆମ ପ୍ରଭୁଙ୍କର ଇଚ୍ଛା- ଆମେ ହୃଦୟଙ୍ଗମ କରିବା ଉଚିତ୍ ଯେ ଆମେ ଭଣ୍ଡାର ରକ୍ଷକ ଅଟୁ ଏବଂ ଆମର ନିଜର ସମସ୍ତ ବିଷୟ ତାଙ୍କର ହିଁ ଅଟେ; ଜୀବନର ଆବଶ୍ୟକ ବିଷୟଗୁଡ଼ିକରେ ଆମେ ସନ୍ତୁଷ୍ଟ ହେବା ଉଚିତ୍; ଯେତେ ଦୂର ସମ୍ଭବ ମିତବ୍ୟୟୀତାରେ ବଞ୍ଚିବା ଆମର ଉଚିତ୍; ଆମ ଆବଶ୍ୟକତାର ସମସ୍ତ ବିଷୟକୁ ପ୍ରଭୁଙ୍କ ସେବାକାର୍ଯ୍ୟରେ ଆମର ନିୟୋଜିତ କରିବା ଆବଶ୍ୟକ; ଆମେ ପୃଥିବୀ ଉପରେ ଆମର ଧନ ସଞ୍ଚୟ କରିବା ଉଚିତ୍ ନୁହେଁ; ଏବଂ ଭବିଷ୍ୟତ ନିମନ୍ତେ ଆମେ ତାହାଙ୍କୁ ଭରସା କରିବା ଉଚିତ୍ ।

## ଏଥିରେ କ୍ଷତି କ'ଣ ?

କିନ୍ତୁ ଜଣେ ଖ୍ରୀଷ୍ଟ ବିଶ୍ୱାସୀ ଧନ ସଞ୍ଚୟ କରିବା, ଅର୍ଥ ଜମେଇବା ଅନୁଚିତ୍ କାହିଁକି ?

୧ । ସର୍ବପ୍ରଥମେ, ଏହା ଭୁଲ୍ କାରଣ ବାଇବଲ ତାହା କହିଥାଏ (ମାଥିଉ ୬ : ୧୯); ଏ ଯଥେଷ୍ଟ କାରଣ ହେବା ଉଚିତ୍ । ସଦ୍ ଓ ଅସଦ୍ ଜ୍ଞାନ ଦାୟକ ବୃକ୍ଷର ଫଳ ଖାଇବା ଆଦମ ଓ ହବାଙ୍କ ନିମନ୍ତେ କାହିଁକି ଅନୁଚିତ ଥିଲା ? କାରଣ ଈଶ୍ୱର ହିଁ ତାହା କହିଥିଲେ । ତାହା ଆମ ସମସ୍ତଙ୍କ ନିମନ୍ତେ ପଥ ସ୍ଥିର କରିବା ଉଚିତ୍ ।

୨ । ଏହା ଅନୁଚିତ ଅଟେ କାରଣ ଏହା ବର୍ତ୍ତମାନ ଜଗତର ବିପୁଳ ଆତ୍ମିକ ଆବଶ୍ୟକତାକୁ ଅବହେଳା ପ୍ରଦର୍ଶନ କରେ ( ହିତୋ ୨୪ : ୧୧,୧୨ ) । ନିୟୁତ ନିୟୁତ ପୁରୁଷ ଏବଂ ମହିଳାମାନେ, ବାଳକ ଏବଂ ବାଳିକାମାନେ କେବେହେଲେ ଈଶ୍ୱରଙ୍କ ଅନୁକମ୍ପାର ସୁସମାଚାର ଶୁଣି ନାହାଁନ୍ତି । ନିୟୁତ ନିୟୁତ ଲୋକଙ୍କର ଖଣ୍ଡିଏ ବାଇବଲ ନାହିଁ, କିମ୍ବା ଉତ୍ତମ ସୁସମାଚାର ପତ୍ରିକା ନାହିଁ, ନିୟୁତ ନିୟୁତ ଲୋକେ ଈଶ୍ୱରଙ୍କ ବିନା ପ୍ରାଣତ୍ୟାଗ କରନ୍ତି, ଖ୍ରୀଷ୍ଟଙ୍କ ବିନା, ଆଶାଶୂନ୍ୟ ଅବସ୍ଥାରେ ପ୍ରାଣତ୍ୟାଗ କରନ୍ତି ।

ଏହା ହିଁ ହେଉଛି ଏକ ପ୍ରକାର ଆତ୍ମିକ ଭାତୃହତ୍ୟା ଯେହେତୁ ସୁସମାଚାର ପ୍ରଚାର ନିମନ୍ତେ ସମ୍ବଳ ରଖି ମଧ୍ୟ ତାହାକୁ ବ୍ୟବହାର କରାଯାଏ ନାହିଁ (ଯିହିଜିକଲ ୩୩ : ୬) ।

ଏବଂ ଏହା ଉଚ୍ଚ ସ୍ୱରରେ ପ୍ରମାଣିତ କରେ ଯେ, ଜମାକାରୀ ହୃଦୟରେ ଈଶ୍ୱରଙ୍କ ପ୍ରେମ ନାହିଁ । କାରଣ ''ଯେ ଜାଗତିକ ଭାବେ ସମ୍ପତ୍ତିଶାଳୀ ହୋଇ ଆପଣା

ଭାଇକୁ ଅଭାବଗ୍ରସ୍ତ ଦେଖିଲେ ହେଁ ତାହା ପ୍ରତି ଆପଣା ଦୟାରୁଦ୍ଧ କରେ, ତାହାଠାରେ ଈଶ୍ୱରଙ୍କ ପ୍ରେମ କିପରି ରହିପାରେ'' (୧ଯୋହନ ୩ : ୧୭) ।

ପୁରାତନ ନିୟମରେ ଯେତେବେଳେ ଦୁଇଜଣ କ୍ଷୁଧିତ କୁଷ୍ଠରୋଗୀ ଗୋଟିଏ ବଡ ଖାଦ୍ୟପୂର୍ଣ୍ଣ ସ୍ଥାନର ସନ୍ଧାନ ପାଇଲେ, ସେମାନେ ନିଜ ନିଜର କ୍ଷୁଧା ମେଣ୍ଟାଇଲେ, ଏବଂ ସେମାନେ ପ୍ରାପ୍ତ ହୋଇଥିବା ବିଷୟରେ ଅନ୍ୟମାନଙ୍କୁ ଅଂଶୀ କରାଇଲେ । ବିଶ୍ୱାସୀମାନେ ବ୍ୟବସ୍ଥାର ଅଧିନ କୁଷ୍ଠମାନଙ୍କଠାରୁ କମ୍ ଅନୁକମ୍ପା ପ୍ରଦର୍ଶନ କରିବା ଉଚିତ୍ କି ?

୩ । ତୃତୀୟତଃ, ଅର୍ଥ ଜମା କରି ରଖିବା ଅନୁଚିତ କାରଣ ଜଗତର ଅପରିମିତ ଶାରୀରିକ ଆବଶ୍ୟକତା ନିମନ୍ତେ ଏହା ଏକ ନିର୍ଦ୍ଦୟତା ଅଟେ (ହିତୋ ୩ : ୨୭,୨୮; ୧୧ : ୨୬) । ଲୂକ ୧୬ରେ ଧନୀ ବ୍ୟକ୍ତିଟି ତା'ର ଝରକା ନିକଟକୁ ଯାଇଥିଲା ଏବଂ ଝରକାର ପରଦାକୁ ଟାଣି ଦେଇଥା'ନ୍ତା, ତେବେ ସେ ଆବଶ୍ୟକତାର ଏକ ମହତ ବିଷୟ ଦେଖି ପାରିଥା'ନ୍ତା, ଯାହାକି ଏକ ଯୋଗ୍ୟ ବିଷୟ, ଯେଉଁଥିରୁ ସେ ତା'ର କିଛି ଅର୍ଥ ବ୍ୟୟ କରି ପାରିଥା'ନ୍ତା । କିନ୍ତୁ ସେ ଏହା ପ୍ରତି ମନୋଯୋଗୀ ନ ଥିଲା ।

ଲାଜାରମାନଙ୍କ ଦ୍ୱାରା ଜଗତ ପରିପୂର୍ଣ୍ଣ । ସେମାନେ ଆମର ଦ୍ୱାର ନିକଟରେ ପଡି ରହିଛନ୍ତି ଏବଂ ପ୍ରଭୁ ଯୀଶୁ ଆମକୁ କହୁଛନ୍ତି, ''ତୁମେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବ'' (ମାଥିଉ ୨୨ : ୩୯) ।

ଆମେ ଯଦି ବର୍ତ୍ତମାନ ତାଙ୍କୁ ଶୁଣିବାକୁ ଅଗ୍ରାହ୍ୟ କରୁ ବୋଧହୁଏ ଦିନେ ଏପରି କହୁଥିବାର ତାଙ୍କୁ ଆମେ ଶୁଣିପାରିବା, '' ମୁଁ କ୍ଷୁଧିତ ଥିଲି, ତୁମ୍ଭେମାନେ ମୋତେ ଭୋଜନ କରିବାକୁ ଦେଲ ନାହିଁ, ତୃଷିତ ଥିଲି, ମୋତେ ପାନ କରିବାକୁ ଦେଲ ନାହିଁ... ଏହି କ୍ଷୁଦ୍ରତମମାନଙ୍କ ପ୍ରତି ଏହା କରି ନ ଥିବାରୁ ମୋ ପ୍ରତି ହିଁ ତାହା କରିନାହିଁ'' (ମାଥିଉ ୨୫ : ୪୨,୪୫) ।

୪ । ଜଣେ ଖ୍ରୀଷ୍ଟ ବିଶ୍ୱାସୀର ପୃଥିବୀରେ ଧନ ସଞ୍ଚୟ କରିବା ଅନୁଚିତ କାରଣ ଏହା ଈଶ୍ୱରଙ୍କ ଶତ୍ରୁମାନଙ୍କୁ ଈଶ୍ୱର ନିନ୍ଦା କରିବାର ସୁଯୋଗ ଦିଏ (ରୋମୀୟ ୨ : ୨୪) । ''ଭଲଟେୟାର୍''ଙ୍କୁ ଏହା କିପରି କହିବାକୁ ଉତ୍ତେଜିତ କରାଇଥିଲା, ''ଏହା ଯେତେବେଳେ ଅର୍ଥ ପ୍ରସଙ୍ଗକୁ ଆସେ, ସମସ୍ତ ଲୋକେ ହିଁ ଗୋଟିଏ ଧର୍ମର'' ।

ଅନେକ ଉଦ୍ଧାର ବିହୀନ ଲୋକେ ଯୀଶୁଙ୍କର ଶିକ୍ଷା ସହ ପରିଚିତ । ସେମାନେ ଜାଣିଥିଲେ ଯୀଶୁ ଶିକ୍ଷା ଦେଇଛନ୍ତି ଯେ ଆମେ ଆମର ପ୍ରତିବାସୀଙ୍କୁ ପ୍ରେମ କରିବା

ଉଚିତ୍ । ସେମାନେ ସେହି ଚକିତପ୍ରାପ୍ତ ଅସଂଲଗ୍ନତାକୁ ଲକ୍ଷ୍ୟ କରିଥିଲେ ଯେତେବେଳେ କି ଯୀଶୁଙ୍କୁ ସ୍ୱୀକାର କରୁଥିବାର ବାହାନାକାରୀମାନେ ଚାକଚକ୍ୟ ଗୃହ, ବିଳାସମୟ କାର୍, ଇନ୍ଦ୍ରିୟାସକ୍ତ ଖାଦ୍ୟଦ୍ରବ୍ୟ ଏବଂ ଦାମୀ ପୋଷାକଗୁଡ଼ିକରେ ଅସଂଯତ ଭାବେ ପ୍ରବୃତ୍ତି ରହିଥିଲେ ।

ଏହା ହିଁ ହେଉଛି ମଣ୍ଡଳୀ ଜାଗ୍ରତ ହେବାର ସମୟ । ସମଗ୍ର ପୃଥିବୀର ଶିକ୍ଷକ ଯୁବକମାନଙ୍କୁ କହିବାର ସମୟ ! ଖ୍ରୀଷ୍ଟ ଜଗତକୁ ସେମାନଙ୍କର ସମାଲୋଚନା ଶୁଣିବାର ସମୟ । ସେମାନେ ପ୍ରଭୁ ଯୀଶୁଙ୍କର ମହତ ଶିକ୍ଷାକୁ ବିରୋଧ କରନ୍ତି ନାହିଁ, କିନ୍ତୁ ସେମାନେ ଏକ ଜଗତର ଭୀଷଣ ଦରିଦ୍ର୍ୟତାରେ ମଣ୍ଡଳୀର ଏବଂ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କର ଧନ ସଂପତ୍ତିକୁ ବିରୋଧ କରନ୍ତି ।

କେହି ଜଣେ ଥରେ କହିଥିଲେ ଯେ ଯେତେବେଳେ ସିଡ଼ୀ ଉପରକୁ ସୁବର୍ଣ୍ଣ ପାଦୁକା ଆରୋହଣ କରନ୍ତି, ସେତେବେଳେ କଣ୍ଟାବିଦ୍ଧ ଜୋତାଗୁଡ଼ିକ ବହୁତ ପଛରେ ପଡ଼ିଯାଇ ନ ଥା'ନ୍ତି । ମଣ୍ଡଳୀକୁ ଶୁଣିବାକୁ ଦିଆଯାଉ ।

୫ । କିନ୍ତୁ ଅବିଶ୍ୱାସୀମାନଙ୍କ ଉପରେ ପ୍ରଭାବ ପ୍ରତି ଆମେ କେବଳ ଚିନ୍ତିତ ନୋହୁଁ । ଏଥିସବୁ ଯୁବ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ଉପରେ ପ୍ରଭାବକୁ ମଧ୍ୟ ଆମେ ଚିନ୍ତା କରୁ ।

ସେମାନେ ସେମାନଙ୍କର ବୟସ୍କମାନଙ୍କର ଦୃଷ୍ଟାନ୍ତକୁ ଲକ୍ଷ୍ୟ କରନ୍ତି । ଆମେ କହି ପାରୁଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଆମେ କେଉଁ ପଥରେ ଜୀବନଯାପନ କରୁ । ଆମର ମୂଲ୍ୟବୋଧର ଚେତନା, ରବିବାରରେ ପ୍ରଦାନ କରୁଥିବା ଆମର ଆଲୋଡ଼ନ ସୃଷ୍ଟିକାରୀ ମିସିନେରୀ ବାର୍ତ୍ତାରେ ଅଧିକ ଭାବେ ପ୍ରଦର୍ଶିତ ହୋଇ ନ ଥାଏ, ମାତ୍ର ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଆମେ ଯେଉଁ ଲକ୍ଷ୍ୟ ପଛରେ ଧାବମାନ ହେଉ ସେଥିରେ ପ୍ରଦର୍ଶିତ ହୋଇଥାଏ ।

ଯୁବଗୋଷ୍ଠୀ ଯାତ୍ରାର ବାସ୍ତବତାକୁ ଆମ "ତମ୍ବୁ"ର ଧାର୍ଯ୍ୟ ମୂଲ୍ୟାଙ୍କନ ଦ୍ୱାରା ବିଚାର କରିଥା'ନ୍ତି । ସେମାନେ ଈଶ୍ୱରଙ୍କ ସେବାକାର୍ଯ୍ୟ ନିମନ୍ତେ ପାଣ୍ଠି ପାଇଁ ସେମାନଙ୍କ ଉତ୍ତେଜନା ଗୁହାରୀ ଦ୍ୱାରା ପ୍ରଭାବିତ ହୋଇ ନ ଥା'ନ୍ତି ଯେଉଁମାନେ କି କଲମ ଗୋଟିଏ ଗାରରେ ସମସ୍ତ ଆବଶ୍ୟକତା ପୂରଣ କରିପାରିବେ ।

ଯଦି ଆମର ଜୀବନ ଧନ ସଞ୍ଚୟ କରିବାରେ ଅତିବାହିତ ହୋଇଯାଏ, ତେବେ ଯଦି ଯୁବ ଗୋଷ୍ଠୀ ଆମର ଉଦାହରଣ ଅନୁସରଣ କରନ୍ତି ଏଥିରେ ଆମର

ଚକିତ ହେବାରେ ଆବଶ୍ୟକ ନାହିଁ । ଏବଂ ପ୍ରଭୁ ଯୀଶୁଙ୍କର ଚେତନାକୁ ଆମେ ଯେପରି ଭୁଲି ନ ଯାଉ, ''ଏହା ଅସମ୍ଭବ, କିନ୍ତୁ ଯାହା ଦ୍ୱାରା ତାହା ଘଟିବ, ହାୟ, ସେ ଦଣ୍ଡର ପାତ୍ର; ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକର ବିଘ୍ନର କାରଣ ହେବା ଅପେକ୍ଷା ବରଂ ତାହା ବେକରେ ଗୋଟିଏ ଚକିପଥର ଟଙ୍ଗାଯାଇ ତାହାକୁ ସମୁଦ୍ରରେ ନିକ୍ଷେପ କରାଯାଇଥିଲେ ତାହା ପକ୍ଷରେ ଭଲ ହୋଇଥାଆନ୍ତା'' (ଲୂକ ୧୭ : ୧,୨) ।

୬ । ଧନ ସଞ୍ଚୟ କରିବା କାହିଁକି ପାପପୂର୍ଣ୍ଣ ଏହାର ଅନ୍ୟ ଏକ କାରଣ ହେଉଛି ଏହା ଈଶ୍ୱରଙ୍କୁ ଲୁଣ୍ଠନ କରେ (ମଲାଖି ୩ : ୮) । ଆମେ ଏହା ସଂପୂର୍ଣ୍ଣଭାବେ ଦୃଷ୍ଟିଗୋଚର କରିସାରିଛୁ ଯେ, ଆମ ନିକଟରେ ଥିବା ସମସ୍ତ କିଛି ତାଙ୍କର ହିଁ ଅଟେ । ଆମେ ଯଦି ତାଙ୍କର ମହତ ଉଦ୍ଦେଶ୍ୟର ଅଭିବୃଦ୍ଧି ନିମନ୍ତେ ପ୍ରତ୍ୟକ୍ଷ୍ୟ ଭାବେ ଏହାକୁ ବ୍ୟବହାର କରି ନ ପାରୁ, ଆମେ ଏହାକୁ ଅନ୍ତତଃ ସେହିମାନଙ୍କୁ ହସ୍ତାନ୍ତର କରିଦେବା ଉଚିତ ଯେଉଁମାନେ ଏହା ବ୍ୟବହାର କରିପାରିବେ । ଏହାକୁ ଗୋଟିଏ ତଉଲିଆରେ ଗୁଡ଼ାଇ କରି ରଖିଦେବା ଅକ୍ଷମଣୀୟ (ଲୂକ ୧୯ : ୨୦-୨୬) ।

୭ । ଆର୍ଥିକ ଭଣ୍ଡାର ରକ୍ଷକତ୍ୱ ବିଷୟରେ ଈଶ୍ୱରଙ୍କୁ ମାନିବାରେ ବିଫଳତା ଆମ ନିମନ୍ତେ ବାଇବଲର ସେହି ଅଂଶଗୁଡିକ ବନ୍ଦ କରିଦିଏ ( ମାଥି ୬ : ୨୨,୨୩) । ଆମେ ସେହି ଅଧ୍ୟାୟସବୁ ପ୍ରତି ଦୃଷ୍ଟିହୀନ ହୋଇଯାଉ ଯେଉଁସବୁ କି ସେମାନଙ୍କ ସମ୍ମୁଖରେ ସଂପୂର୍ଣ୍ଣ ସରଳ ଥିଲା ।

ଏହା ପତିତ ପ୍ରକୃତିର ଏକ ଅଦ୍ଭୁତ ମୋଡ ମାତ୍ର ଏହା ସତ୍ୟ ଅଟେ । ''ପରବର୍ତ୍ତୀ ପାଠ୍ୟ ଆମର ଜୀବନ ଓ ଦାୟିତ୍ୱସବୁର ବ୍ୟକ୍ତିଗତ କେନ୍ଦ୍ରରୁ ଆସିଛି - ପଦାର୍ଥବିଜ୍ଞାନ ଏବଂ ପଠିତଶାସ୍ତ୍ରର ଉଦାହରଣ ପରି - ଆମ ପ୍ରକୃତିର ପାପପୂର୍ଣ୍ଣ ବିକୃତାର ଆକାଂକ୍ଷା ଆମର ସିଦ୍ଧାନ୍ତକୁ ପ୍ରଭାବିତ କରେ । ଆମ ସୃଷ୍ଟିକର୍ତ୍ତାଙ୍କ ନିକଟକୁ ଆମର ବ୍ୟକ୍ତିଗତ ଗୁରୁଦାୟିତ୍ୱକୁ ଏକ ପାଠ୍ୟକ୍ରମ ଆମକୁ ଯେତେ ନିକଟକୁ ଆଣେ ଆମର ପାପପୂର୍ଣ୍ଣ ପ୍ରବୃତ୍ତି ସେତେ ଅଧିକ ଆମର ମନକୁ ସତ୍ୟଠାରୁ ଅନ୍ଧ କରିଦିଏ ଯାହାକୁ ଆମେ ବିଶ୍ୱାସ କରିବାକୁ ଇଚ୍ଛା କରି ନ ଥାଉ ଏବଂ ସେହି ଦାୟିତ୍ୱରୁ ଆମକୁ ମୁକ୍ତ କଲା ପରି ପ୍ରତୀୟମାନ ହେଉଥିବା କେତେକ ବିଶେଷ କଥନକୁ ଦୃଢ଼ରୂପେ ଗ୍ରହଣ କରିବାକୁ ଆମକୁ ଉତ୍ସାହିତ କରେ'' ।

ଏବଂ ଏହି ପ୍ରସଙ୍ଗରେ 'ହ୍ୟାରିଂଟନ୍ ସି. ଲିଜ୍' ଥରେ ଲେଖିଥିଲେ :

''ସଭ୍ୟ ମାନବର ସବୁଠାରୁ ସଂବେଦନଶୀଳ ଅଂଶଟି ତା'ର ପକେଟ୍ ହିଁ ଅଟେ, ଏବଂ ଜଣେ ପ୍ରଚାରକ ନିମନ୍ତେ ସବୁଠାରୁ ଭୟଙ୍କର ଯୁଦ୍ଧର

ବିଜୟ  ହାସଲ ସ୍ୱରୂପ ହେଉଛି ଯେତେବେଳେ ତା'ର ପ୍ରଚାର ଶ୍ରୋତାମାନଙ୍କର ପକେଟ୍‌କୁ ଛୁଇଁଥାଏ''।

ଆତ୍ମ- ଅସ୍ୱୀକାରର ଅଧ୍ୟାୟଗୁଡିକର ପ୍ରାଧାନ୍ୟ ଜଣା ବୋଧହୁଏ, ଯେତେବେଳେ ଆମେ ସିୟୋନ ଅବସ୍ଥାନ କଲା ପରି ଆରାମରେ ଅବସ୍ଥାନ କରିଥାଉ ଏବଂ ନିଶ୍ଚିତ  ଭାବରେ ଆମେ ଫଳପ୍ରଦ ଭାବେ ସେହି ଅଧ୍ୟାୟଗୁଡିକୁ ଶିକ୍ଷା ଦେଇ ନ ପାରୁ ଯେଉଁଗୁଡିକୁ ଆମେ ନିଜ ନିଜ ନିମନ୍ତେ ପାଳନ କରୁନାହୁଁ ।

ତେଣୁ କରି ଏଥିରେ ଅବାଧ୍ୟତାର ଅଭିଶାପଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି, ଏହି ସମସ୍ତ କ୍ଷେତ୍ରଗୁଡିକ ପରି, ଏକ ବିକଳାଙ୍ଗ ବାଇବଲ (ମାଥିଉ ୧୩ : ୧୪,୧୫)।

୮। ଧନର ରାଶୀକୃତତା ବ୍ୟବହାରିକ ଭାବେ ବିଶ୍ୱାସଜୀବନକୁ ଅସମ୍ଭବ କରିଦିଏ । କାହିଁକି ? କାରଣ ଧନପ୍ରାପ୍ତ ହେବା ଏବଂ ସେସବୁ ଉପରେ ଭରସା ନ ରଖିବା ପ୍ରାୟତଃ ଅସମ୍ଭବ । ଅର୍ଥଧାରୀ ବ୍ୟକ୍ତିଟି ଏହା ଜାଣି ନ ଥାଏ ଯେ ସେ ଏହି ଅର୍ଥ ଉପରେ କେତେ ନିର୍ଭର କରୁଛି ।

''ଧନ୍ୟବାଦର ଧନ ତାହାର ଦୃଢ଼ ନଗର, ପୁଣି ତାହାର ବୋଧର ଉଚ୍ଚ ପ୍ରାଚୀର ସ୍ୱରୂପ'' (ହିତୋ ୧୮ : ୧୧)।

ସେ ତାହାର ସମସ୍ତ ସମସ୍ୟା ପୂରଣ କରିବା ନିମନ୍ତେ ଅର୍ଥ ଉପରେ ନିର୍ଭର କରେ, ତାକୁ ବର୍ତ୍ତମାନର ଆମୋଦ ଏବଂ ଭବିଷ୍ୟତ ନିମନ୍ତେ ସୁରକ୍ଷା ପ୍ରଦାନ କରିବାକୁ ସେ ଅର୍ଥ ଉପରେ ନିର୍ଭର କରେ । ଯଦି ହଠାତ୍ ସେ ଏହାକୁ ହରାଇବାକୁ ଯାଇଥାଏ, ତା'ର ଆଶ୍ରାଦଣ୍ଡ ଭାଙ୍ଗିଯାଏ ଏବଂ ସେ ଏକ ଆତଙ୍କିତ ଅବସ୍ଥାର ସମ୍ମୁଖୀନ ହୁଏ ।

ସତ୍ୟ ଏହା ଅଟେ ଯେ ଆମେ ଦେଖି ପାରୁ ନ ଥିବା ଈଶ୍ୱରଙ୍କର ଉପରେ ନିର୍ଭର ନ କରି ବରଂ ଏକ ବ୍ୟାଙ୍କ୍ ଜମା ଉପରେ ନିର୍ଭର କରୁ ଯାହାକୁ କି ଆମେ ଦେଖିପାରୁ । କାହାରିକୁ ବା କୌଣସି ବିଷୟକୁ ନ ପାଇ ବରଂ ଈଶ୍ୱରଙ୍କ ଉପରେ ଭରସା କରିବାର ଚିନ୍ତା ହେଉଛି ଏକ ଭୀତିପ୍ରଦ ଅଧପତନକୁ ଜୟଲାଭ କରିବା ନିମନ୍ତେ ଯଥେଷ୍ଟ ।

[1](Quoted in CREATION REVEALED by Frederick A. Filby. London: Pickering & Inglis Ltd., 1964, p. 126.)

ତାଙ୍କ ହସ୍ତରେ ଉତ୍ତୋଳିତ ହୋଇ, ଆମେ ଏହା ଅନୁଭବ କରୁ ନାହିଁ ଯେ ଆମ ନିରାପଦରେ ଅଛୁ; ମାତ୍ର ଯଦି ଆମର ସୌଭାଗ୍ୟ ଆମ ନିଜ ହସ୍ତରେ ଥାଏ, ଏବଂ ମାତ୍ର କେତେକ ଆରାମଦାୟକ ସୁରକ୍ଷା ଦ୍ୱାରା ପରିବର୍ତ୍ତିତ ପରିସ୍ଥିତି ଏବଂ ଦୁର୍ଦ୍ଦିନ ବିରୁଦ୍ଧରେ ସୁରକ୍ଷିତ ହେଉ, ଆମେ ଯଥେଷ୍ଟ ସୁରକ୍ଷିତ ଅନୁଭବ କରୁ । ଏହି ଅନୁଭବ ନିଶ୍ଚିତରୂପେ, ଅତ୍ୟନ୍ତ ସାଧାରଣ ଈଶ୍ୱରଙ୍କ ପିତୃତ୍ୱ ରୂପି ପରିଣାମଦର୍ଶିତାରେ ଏହି ପ୍ରକାର କୋଳାହଳମୟ ଅବିଶ୍ୱାସ ମଧ୍ୟକୁ ଖସିଯିବାର ଭୟରେ ଆମେ ଯେପରି ସମସ୍ତେ ରହିବୁ - ସାମୁଏଲ କକ୍ସ ।

ଈଶ୍ୱରଙ୍କର ଇଚ୍ଛା ହେଉଛି ଆମର ଜୀବନ ''ତାଙ୍କର ଏକ ଧାରାବାହିକ ନିର୍ଭରତାର ଘଡିସନ୍ଧି ମୁହୂର୍ତ୍ତ'' ହୋଇ ରହିବା ଉଚିତ୍ । ଆମ ଜୀବନରେ ଆମେ ତାଙ୍କର ଇଚ୍ଛାକୁ ପରାଜିତ କରୁ ଯେତେବେଳେ ଆମେ ପୃଥିବୀରେ ଧନ ସଞ୍ଚୟ କରୁ ।

ବିଶ୍ୱାସର ଜୀବନ ହେଉଛି ଏକମାତ୍ର ଜୀବନ ଯାହାକି ଈଶ୍ୱରଙ୍କୁ ସନ୍ତୁଷ୍ଟ କରେ; ବିଶ୍ୱାସ ବିନା ତାହାଙ୍କୁ ସନ୍ତୁଷ୍ଟ କରିବା ଅସମ୍ଭବ ଅଟେ (ଏବ୍ରୀ ୧୧ : ୬) ।

ବିଶ୍ୱାସର ଜୀବନ ହେଉଛି ଏକମାତ୍ର ଜୀବନ ଯାହାକି ପ୍ରକୃତ ନିରାପତ୍ତା ରହିଛି । ''...ବିଶ୍ୱାସ ହେତୁ ମିଳେ... ଶେଷ ସୁଦ୍ଧା ସେହି ପ୍ରତିଜ୍ଞା ଅଚଳ ରହେ'' (ରୋମୀୟ ୪ : ୧୬) ।

କାରଣ ଈଶ୍ୱରଙ୍କ ପ୍ରତିଜ୍ଞା ଭଳି କୌଣସି ବିଷୟ ଏପରି ନିଶ୍ଚିତ ନୁହେଁ, ଏହା କୁହାଯାଇ ପାରେ ଯେ ବିଶ୍ୱାସ ଜୀବନ ହେଉଛି ବ୍ୟସ୍ତ-ମୁକ୍ତ ଜୀବନ । ଶଙ୍କା ଏବଂ ମାନସିକ ବିଶୃଙ୍ଖଳତା ବସ୍ତୁବାଦୀତାରୁ ଆସେ, ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ସହ ଚାଲିଯିବାରୁ ଆସି ନ ଥାଏ ।

ବିଶ୍ୱାସର ଜୀବନର ଅବିଶ୍ୱାସୀମାନଙ୍କୁ ଏବଂ ଅନ୍ୟ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କୁ ଉଚ୍ଚ ସ୍ୱରରେ କଥା କହେ । ଏହା ସମସ୍ତଙ୍କ ନିକଟରେ ପ୍ରମାଣିତ କରେ ଯେ ସ୍ୱର୍ଗରେ ଜଣେ ଈଶ୍ୱର ଅଛନ୍ତି, ଯିଏ କି ପ୍ରାର୍ଥନାର ଉତ୍ତର ପ୍ରଦାନ କରନ୍ତି ।

ବିଶ୍ୱାସ ହେଉଛି ଦର୍ଶନର ବିପରୀତ; ଯେତେବେଳେ ଆପଣ ଦେଖି ପାରୁଛନ୍ତି, ସେତେବେଳେ ଆପଣ କେବେ ଭରସା କରି ପାରିବେ ନାହିଁ ।

ଜମାକୃତ ଧନ ବିଶ୍ୱାସର ଜୀବନକୁ ଅସମ୍ଭବ କରିଦିଏ ।

ବିଶ୍ୱାସର ଜୀବନ ସ୍ୱତଃ ଭାବେ ପରିଚାଳିତ ହୋଇ ନ ଥାଏ ଯେତେବେଳେ କି ଜଣେ ବ୍ୟକ୍ତି ଖ୍ରୀଷ୍ଟ ସଂପ୍ରଦାୟକୁ ଆସେ । ଏହା ତା' ପକ୍ଷରେ ଅତି ସାବଧାନତାପୂର୍ଣ୍ଣ କାର୍ଯ୍ୟକଳାପ ଆବଶ୍ୟକ କରେ । ଏହି ବିଶେଷତଃ ଏକ

ସମୃଦ୍ଧିଶାଳୀ ସମାଜରେ ସତ୍ୟ ଅଟେ । ବିଶ୍ୱାସୀଟି ନିଜକୁ ସେହି ଅବସ୍ଥାରେ ରଖିବା ଉଚିତ୍ ଯେଉଁଠାରେ କି ସେ ଈଶ୍ୱରଙ୍କୁ ଭରସା କରିବା ନିମନ୍ତେ ପ୍ରବର୍ତ୍ତିତ ହେବ । ତାହାର ସମସ୍ତ ବିଷୟକୁ ବିକ୍ରୀ କରି ଏବଂ ଦରିଦ୍ରମାନଙ୍କୁ ଦାନ କରିବା ଦ୍ୱାରା ସେ ଏହା କରି ପାରିବ । ଏହା ହେଉଛି କେବଳ ତା'ର ବଳକା ଏବଂ ମିଥ୍ୟା ସହାୟତାକୁ ବିନଷ୍ଟ କରିବା ଯାହାକି ସେ ଗଭୀରତା ମଧ୍ୟକୁ ପ୍ରକୃତରେ ପ୍ରବୃତ୍ତ ହୋଇଥିବ ।

୯ । କେବଳ ଏହା ନୁହେଁ, ମାତ୍ର ଯେଉଁ ଜଗତରେ ସେ ଏପର୍ଯ୍ୟନ୍ତ ପରିତ୍ୟକ୍ତ ଅଟନ୍ତି ଏବଂ ଯେଉଁଠାରେ କି ତାଙ୍କର ଦାସମାନେ ନିର୍ଯ୍ୟାତିତ ହେଉଛନ୍ତି ସେହି ଜଗତରେ ଆମ ପ୍ରଭୁଙ୍କର ରାଜାରୂପେ ରାଜତ୍ୱ ପ୍ରତି ଅସମ୍ମାନ ମଧ୍ୟ ଅଟେ । ପାଉଲ କରିନ୍ଥୀୟମାନଙ୍କୁ କ୍ରୀଡ଼ାପ୍ରାଙ୍ଗଣର ଅତ୍ୟଧିକ ଦାମୀ ଆସନମାନଙ୍କରେ ସେମାନଙ୍କ ମସ୍ତକରେ ମୁକୁଟ ଏବଂ ଚାକଚକ୍ୟ ପୋଷାକ ପିନ୍ଧି ବସି ଥିବାର ଚିତ୍ରିତ କରିଛନ୍ତି ।

ଇତିମଧ୍ୟରେ ତୁମ୍ଭେମାନେ କଅଣ ପରିତୃପ୍ତ ହୋଇଗଲଣି ?
ଇତି ମଧ୍ୟରେ ତୁମ୍ଭେମାନେ କଅଣ ଧନବାନ୍ ହୋଇଗଲଣି ?
ଆମ୍ଭମାନଙ୍କ ବିନା ତୁମ୍ଭେମାନେ କଅଣ ରାଜା ହୋଇଅଛ ? ହଁ,
ତୁମ୍ଭେମାନେ ରାଜା ହୋଇଥିଲେ ରାଜତ୍ୱ କରି ପାରିଥା'ନ୍ତ ।

କାରଣ, ମୋହର ମନେ ହୁଏ ପ୍ରେରିତ ଯେ ଆମ୍ଭେମାନେ, ଆମ୍ଭମାନଙ୍କୁ ଈଶ୍ୱର ମୃତ୍ୟୁମୁଖରେ ସମର୍ପିତ ସର୍ବଶେଷର ଲୋକମାନଙ୍କ ସଦୃଶ ପ୍ରଦର୍ଶନ କରିଅଛନ୍ତି, ଯେଣୁ ଆମ୍ଭେମାନେ ଜଗତ ଦୂତ ଓ ମନୁଷ୍ୟମାନଙ୍କ ନିକଟରେ କୌତୁକର ବିଷୟ ହୋଇଅଛୁ । ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିମନ୍ତେ ମୂର୍ଖ, କିନ୍ତୁ ତୁମ୍ଭେମାନେ ବଳବାନ୍; ତୁମ୍ଭେମାନେ ଗୌରବପ୍ରାପ୍ତ, କିନ୍ତୁ ଆମ୍ଭେମାନେ ଅନାଦୃତ । ଏସମୟ ପର୍ଯ୍ୟନ୍ତ ସୁଦ୍ଧା ଆମ୍ଭେମାନେ କ୍ଷୁଧିତ ଓ ତୃଷିତ, ବସ୍ତ୍ରହୀନ ଓ ପ୍ରହାରିତ ହେଉଅଛୁ, ପୁଣି ନିରାଶ୍ରୟ ହୋଇ ଭ୍ରମଣ କରୁ କରୁ ସ୍ୱହସ୍ତରେ କର୍ମ କରି ପରିଶ୍ରମ କରୁଅଛୁ, ନିନ୍ଦିତ ହୋଇ ଆଶୀର୍ବାଦ କରୁଅଛୁ । ତାଡନାପ୍ରାପ୍ତ ହୋଇ ସହ୍ୟ କରୁଅଛୁ, ଅପବାଦିତ ହୋଇ ମିଳନର କଥା କହୁଅଛୁ; ଏପର୍ଯ୍ୟନ୍ତ ସୁଦ୍ଧା ଆମ୍ଭେମାନେ ଜଗତର ଆବର୍ଜ୍ଜନା, ସମସ୍ତଙ୍କର କଳଙ୍କସ୍ୱରୂପ ହୋଇଅଛୁ ( ୧ କରିନ୍ଥୀୟ ୪ : ୮-୧୩ ଫିଲିପୀୟ) ।

ଖ୍ରୀଷ୍ଟ ନିଜେ ମୁକୁଟ ମଣ୍ଡିତ ହେବା ପୂର୍ବରୁ କରିନ୍ଥୀୟମାନେ ରାଜା ସଦୃଶ ନିଜେ ରାଜତ୍ୱ କରୁଥିଲେ । ରାଜ୍ୟାଭିଷେକ ସେବାକାର୍ଯ୍ୟରେ, ଏକାଧିପତି ମୁକୁଟମଣ୍ଡିତ ହେବା ପୂର୍ବରୁ ତାଙ୍କର ନିମ୍ନସ୍ଥାମାନେ କିରୀଟ ପରିଧାନ କରିବା ଏକ ଗୁରୁତର ଅସମ୍ମାନସୂଚକ ଚିହ୍ନସ୍ୱରୂପ ଅଟେ ।

୧୦ । ସୌଭାଗ୍ୟଟିଏ ସଂଚୟ କରିବା ହେଉଛି ପ୍ରଭୁ ଯୀଶୁଙ୍କ ଦୃଷ୍ଟାନ୍ତର ପ୍ରତ୍ୟକ୍ଷ୍ୟଭାବେ ପ୍ରତିକୂଳ । ସେ ଅପରିମିତ ଧନୀ ଥିଲେ, ତଥାପି ତାହାଙ୍କ ଦାରିଦ୍ରତା ଦ୍ୱାରା ଯେପରି ଆମ୍ଭେମାନେ ଧନବାନ୍ ହେଉ ସେଥିପାଇଁ ସେ ଦରିଦ୍ର ହେଲେ । (୨ କରିନ୍ଥୀୟ ୮ : ୯) ।

ନୂତନ ନିୟମରେ ମୂଳ ଭାଷାରେ ଦୁଇଟି ଶବ୍ଦ ରହିଛି ଯାହାକୁ ''ଦରିଦ୍ର'' ବୋଲି ଅନୁବାଦ କରାଯାଇଛି । ଗୋଟିଏ ଶବ୍ଦର ଅର୍ଥ ହେଉଛି ଜଣେ କାର୍ଯ୍ୟକାରୀ ବ୍ୟକ୍ତିର ଅବସ୍ଥା ଯାହା ନିକଟରେ କି ଜୀବନର ଅତ୍ୟାବଶ୍ୟକୀୟ ବ୍ୟତୀତ ଅନ୍ୟକିଛି ନାହିଁ । ଅନ୍ୟଟିର ଅର୍ଥ ହେଉଛି ପରିତ୍ୟକ୍ତତା ବା ଧନ ବିରହିତତା । ଏଇଟି ହେଉଛି ସେହି ଶବ୍ଦ ଯାହାକୁ ପାଉଲ ଖ୍ରୀଷ୍ଟଙ୍କୁ ବର୍ଣ୍ଣନା କରିବାକୁ ବ୍ୟବହାର କରିଛନ୍ତି ।

ଏହି ସମସ୍ତ ପଥରେ ଆମ ମଧ୍ୟରୁ କେତେ ଜଣ ଯୀଶୁଙ୍କୁ ଅନୁଗମନ କରିବାକୁ ଇଚ୍ଛୁକ ଅଛନ୍ତି ?

୧୧ । ଧନର ଅନ୍ୟ ଏକ କୁପ୍ରଭାବ ହେଉଛି ତାହା ପ୍ରାର୍ଥନା ଜୀବନ ପ୍ରତି ହାନିକାରକ । ଯେତେବେଳେ ସମସ୍ତ ବସ୍ତୁବାଦୀ ଆବଶ୍ୟକତା ପୂରଣ ହୋଇଯାଇଥାଏ, ସେତେବେଳେ ପ୍ରାର୍ଥନା ବା କ'ଣ ପାଇଁ ଦରକାର ?

ଅତି ଗୁରୁତର ବିଷୟ ହେଉଛି ସେହି ବିଷୟସବୁକୁ ଛଳନା କରି ଈଶ୍ୱରଙ୍କୁ ନିବେଦନ କରିବା, ଯେଉଁସବୁ କି ଆମେ ନିଜେ କରି ପାରିବୁ । ଉଦାହରଣ ସ୍ୱରୂପ, କୌଣସି ଯୋଜନା ପାଇଁ ପାଣ୍ଠି ଯୋଗାଇବାକୁ ବିଶ୍ୱାସୀଭାବେ ଆମେ ଯେ କେତେବାର ଈଶ୍ୱରଙ୍କୁ ନିବେଦନ କରି ନ ଥାଉ ଯେତେବେଳେ କି ଆମେ ନିଜେ ଅବିଳମ୍ବେ ସେହି ଅର୍ଥ ଯୋଗାଇ ପାରିଥାଉ । ଅନେକ ସମୟରେ ଈଶ୍ୱରଙ୍କ ନିଜସ୍ୱ ଅର୍ଥ ତାଙ୍କ ନିକଟରେ ନ ଥାଏ ।

୧୨ । ପରିଶେଷରେ, ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ନିମନ୍ତେ ଅର୍ଥ ବୃଦ୍ଧି କରିବା ଅନୁଚିତ କାରଣ ଏହା ହୁଏତ ଅନ୍ୟମାନଙ୍କୁ ଧନୀହେବାର ଆଶାରେ ଖ୍ରୀଷ୍ଟ ସଂପ୍ରଦାୟକୁ ଆସିବା ନିମନ୍ତେ ଉତ୍ସାହିତ କରିବ ।

ଆଦ୍ୟ ବିଶ୍ୱାସୀମାନଙ୍କର ଦରିଦ୍ରତା ଏକ ସଂପଦ ସ୍ୱରୂପ ଥିଲା, ମାତ୍ର ଏକ ଋଣ ସ୍ୱରୂପ ନ ଥିଲା :

> ଗୋଟିଏ ଧର୍ମ ଯାହାକି ପୃଥିବୀଟାକୁ ଓଲଟ ପାଲଟ୍ କରି ଦେଇଥିଲା, ଯେତେବେଳେ କି ଏହାର ଆଦ୍ୟ ପ୍ରଚାରକମାନେ ସମସ୍ତେ ଦରିଦ୍ର ବ୍ୟକ୍ତି ଥିଲେ ଏବଂ ସ୍ୱର୍ଗରୁ ହିଁ ସେମାନଙ୍କ ଆବଶ୍ୟକତା ସବୁ ଉଦ୍ଧିଷ୍ଟ ଥିଲା । ସେମାନଙ୍କର ଶ୍ରୋତାମାନଙ୍କୁ ଦାନ କରିବାକୁ ଯଦି ଶିଷ୍ୟମାନଙ୍କ ନିକଟରେ ଅର୍ଥ ଥା'ନ୍ତା, କିମ୍ବା ସେମାନଙ୍କୁ ଭୟଭୀତ କରିବାକୁ ତାଙ୍କ ନିକଟରେ ସୈନ୍ୟ ଦଳଟିଏ ଥାନ୍ତା, ତେବେ ଜଣେ ନାସ୍ତିକ ଏହା ଅତି ଉତ୍ତମ ରୂପେ ଅସ୍ୱୀକାର କରି ପାରନ୍ତା ଯେ, ସେମାନଙ୍କର ସଫଳତାରେ କୌଣସି ଆଶ୍ଚର୍ଯ୍ୟ ବିଷୟ ରହିଛି । କିନ୍ତୁ ଆମ ପ୍ରଭୁଙ୍କ ଶିଷ୍ୟମାନଙ୍କର ଦାରିଦ୍ରତା ଜଣେ ନାସ୍ତିକର ତଳିପାରୁ ଏହି ଯୁକ୍ତିକୁ ଯେପରି ଛିନ୍ନ କରିଦିଏ । ଗୋଟିଏ ସ୍ୱାଭାବିକ ହୃଦୟ ନିମନ୍ତେ ଖୁବ୍ ଅରୁଚିକର ଏକ ସତ୍ୟ ସହ, ଲାଞ୍ଚ ଦେବାକୁ କୌଣସି ବିଷୟ ସହିତ ନୁହେଁ କିମ୍ବା ବାଧ୍ୟତା ହେବାକୁ କୌଣସି ବଳପୂର୍ବକ ଆଚରଣ ସହ ନୁହେଁ - ଅଳ୍ପ ସଂଖ୍ୟକ ନଗଣ୍ୟ ଗାଲୀଲୀୟ ପୃଥିବୀଟାକୁ ଥରାଇ ଦେଲେ, ଏବଂ ରୋମୀୟ ସମ୍ରାଟଙ୍କ ମୁଖ ବଦଳାଇ ଦେଲେ । ଏଥିପାଇଁ ଗୋଟିଏ ବିଷୟ ହିଁ କାର୍ଯ୍ୟକାରୀ କରିପାରେ । ଖ୍ରୀଷ୍ଟଙ୍କ ସୁସମାଚାର, ଯାହାକୁ କି ଏହି ଲୋକମାନେ ଘୋଷଣା କରିଥିଲେ, ଏହା ଈଶ୍ୱରଙ୍କ ସତ୍ୟ ହିଁ ଥିଲା - ଜେ. ସି. ର୍ୟାଲେ ।

ମଙ୍ଗୋଲିଆର 'ଗ୍ଲିମୋର୍' ଥରେ ଲେଖିଥିଲେ :

> ମୁଁ ଯଦି ଧନୀଟିଏ ଭାବେ ସେମାନଙ୍କ ମଧ୍ୟରୁ ଯାଏ, ତେବେ ସେମାନେ ନିରବଚ୍ଛିନ୍ନ ଭାବେ ହାତ ପତାଇବା ଆରମ୍ଭ କରିବେ ଏବଂ ଅନ୍ୟ କୌଣସି ବିଷୟ ଅପେକ୍ଷା ସେମାନେ ମୋତେ ଉପହାରର ଏକ ଉତ୍ସରୂପେ ଅଧିକ ବିବେଚନା କରିବେ । କିନ୍ତୁ ମୁଁ ଯଦି ଅନ୍ୟ କିଛି ସହ ମାତ୍ର ସୁସମାଚାର ସହ ଯାଏ, ତେବେ ଏପରି ଅନ୍ୟ କୌଣସି ବିଷୟ ନ ଥିବ ଯାହାକି ଅନିର୍ବଚନୀୟ ଉପହାରଠାରୁ ସେମାନଙ୍କର ଧ୍ୟାନ ବିଚଳିତ କରିବ ।

ପିତର ଏବଂ ଯୋହନ ଜଣେ ଖଞ୍ଜ ଭିକ୍ଷୁକକୁ ମନ୍ଦିର ଦ୍ୱାରରେ ଭେଟିଲେ । ଯେତେବେଳେ ସେ ସେମାନଙ୍କୁ ହାତ ବଢ଼ାଇ କିଛି ସାହାଯ୍ୟ ନିବେଦନ କଲା, ପିତର କହିଲେ, "ରୂପା କି ସୁନା ମୋହର ନାହିଁ, ମାତ୍ର ମୋହର ଯାହା ଅଛି, ତାହା ମୁଁ

ତୁମ୍ଭକୁ ଦେଉଅଛି; ନାଜରିତୀୟ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଚାଲ'' (ପ୍ରେରିତ ୩ : ୨)।

ବୋଧହୁଏ କେହି କେହି କହି ପାରନ୍ତି ଯେ ପ୍ରଚାରକମାନେ ଦରିଦ୍ର ହେବା ଉଚିତ୍, ମାତ୍ର ସମସ୍ତ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କର ଦରିଦ୍ର ହେବାର ଆବଶ୍ୟକତା ନାହିଁ। କିନ୍ତୁ ବାଇବଲ କେଉଁଠାରେ ପ୍ରଚାରକ ଏବଂ ଅନ୍ୟମାନଙ୍କ ବିଷୟରେ, ମିସନେରୀ ଏବଂ ଗୃହବାସୀ ସାଧାରଣ ଲୋକମାନଙ୍କ ନିମନ୍ତେ କ'ଣ ଏକ ଭିନ୍ନ ଭିନ୍ନ ଆର୍ଥିକ ମାନଦଣ୍ଡ ବିଷୟ ଶିକ୍ଷା ପ୍ରଦାନ କରୁଛି ?

## ଲୁକ୍କାୟିତଭାବେ ସୁରକ୍ଷିତ ସଂପତ୍ତି ବିଷୟ

ତେବେ ଏହା ମଧ୍ୟ ଅନେକ କାରଣର ବିଷୟ ଯେ ଖ୍ରୀଷ୍ଟଙ୍କ ବିଶ୍ୱାସୀଟି ନିମନ୍ତେ ଧନ ଜମା କରି ରଖିବା କାହିଁକି ଅନୁଚିତ ଅଟେ। ବର୍ତ୍ତମାନ ଆମେ ଏହି ଯୁକ୍ତି ପ୍ରତି ଆସିବାକୁ ହେବ ଯେଉଁଗୁଡ଼ିକକି ବିଶ୍ୱାସୀମାନଙ୍କୁ ପ୍ରମାଣସିଦ୍ଧ କରିବା ନିମନ୍ତେ ସାଧାରଣତଃ ବ୍ୟବହୃତ ହୁଏ ଯେଉଁ ବିଶ୍ୱାସଟି କି ତା'ର ଭବିଷ୍ୟତ ନିମନ୍ତେ ଏବଂ ତାର ପରିବାର ନିମନ୍ତେ ଅର୍ଥ ସଞ୍ଚୟ କରିଅଛି।

୧। ପ୍ରଥମ ଯୁକ୍ତିଟି ଏହିପରି ଭାବେ ହୋଇପାରେ : ଏହା କେବଳ ଯୁକ୍ତିଯୁକ୍ତ ଅଟେ ଯେ ଆମେ ଆମର ବାର୍ଦ୍ଧକ୍ୟ ନିମନ୍ତେ ଅର୍ଥ ସଞ୍ଚୟ କରିବା ଉଚିତ୍। ଆମ ପ୍ରତି ସେତେବେଳେ କ'ଣ ଘଟିବ ଯେତେବେଳେ କି ଆମେ କାର୍ଯ୍ୟ କରିବାକୁ ସକ୍ଷମ ନ ଥିବୁ ? ଦୁର୍ଦ୍ଦିନକୁ ପ୍ରତ୍ୟାଶ୍ୟା ରଖିବା ଆମର ଉଚିତ୍। ଈଶ୍ୱର ଆମଠାରୁ ସାଧାରଣ ଚେତନା ଆଶା ରଖନ୍ତି।

ଏହି ତର୍କ ସୁନ୍ଦର ବୋଧ ହେଉଥାଇ ପାରେ କିନ୍ତୁ ଏହା ବିଶ୍ୱାସର ଭାଷା ନୁହେଁ। ସଂରକ୍ଷିତ ରାଶି ଆଶ୍ରାବାଡ଼ି ସଦୃଶ ଯାହାକି ଈଶ୍ୱରଙ୍କଠାରେ ଭରସାର ଏକ ବଦଳିଆ ହୋଇଯାଏ। ଯେତେବେଳେ ଆମେ ଦେଖିପାରୁଛୁ ସେତେବେଳେ ଆମେ ଭରସା କରି ପାରିବା ନାହିଁ।

ଆମେ ଯେତେବେଳେ ଆମ ଭବିଷ୍ୟତ ନିମନ୍ତେ ଆବଶ୍ୟକତା ପୂରଣ କରିବାକୁ ଥରେ ସ୍ଥିର କରିଦେଉ, ତା' ପରେ ଆମେ ସେହି ସମସ୍ୟା ମଧ୍ୟକୁ ଧାବମାନ ହେଉ। କେତେ ଅଧିକ ହିଁ ଯଥେଷ୍ଟ ହେବ ? ଆମେ କେତେ ଦୀର୍ଘ ବଞ୍ଚିବୁ ? ସେତେବେଳେ କ'ଣ ନୈରାଶ୍ୟଜନିତ ପରିସ୍ଥିତିଟିଏ ଡୁବିବ ? ସେତେବେଳେ ମୁଦ୍ରାସ୍ଫିତୀ ଥିବ କି ? ଆମକୁ ଅତ୍ୟଧିକ ଚିକିତ୍ସା ପାଉଣା ଚୁକ୍ତି କରିବାକୁ ହେବ କି ?

ଏହା କହିବା ଅସମ୍ଭବ ଯେ କେତେ ପରିଣାମ ହିଁ ଯଥେଷ୍ଟ ହେବ । ତେଣୁ କରି ମାତ୍ର କେତୋଟି ଅବସର ପର ବର୍ଷଗୁଡ଼ିକ ନିମନ୍ତେ ଧନ ସଞ୍ଚୟ କରିବାରେ ବ୍ୟସ୍ତ ରହି ଆମେ ଆମ ଜୀବନକୁ ଖଟାଇ ଦେଉ । ଇତି ମଧ୍ୟରେ, ଈଶ୍ୱର ଲୁଣ୍ଠିତ ହୋଇ ସାରିଥା'ନ୍ତି ଏବଂ ନିରାପତ୍ତା ଅନ୍ୱେଷଣ କରିବାରେ ଆମ ନିଜ ଜୀବନ ବିତି ଯାଇଥାଏ ଯେଉଁଠାରେ ଏହା ପ୍ରାପ୍ତ ହୁଏ ନାହିଁ ।

ଏହା ଯେ କେତେ ଉତ୍ତମ ଆମର ବର୍ତ୍ତମାନ ଆବଶ୍ୟକତା ନିମନ୍ତେ କଠୋର ପରିଶ୍ରମ କରି କାର୍ଯ୍ୟ କରିବା, ସର୍ବୋତ୍ତମ ନିଷ୍ଠା ସହ ଈଶ୍ୱରଙ୍କ ସେବା କରିବା, ବର୍ତ୍ତମାନର ଆବଶ୍ୟକତାଗୁଡ଼ିକଠାରୁ ଅତିରିକ୍ତ ସମସ୍ତ ବିଷୟକୁ ପ୍ରଭୁଙ୍କ କାର୍ଯ୍ୟରେ ବିନିଯୋଗ କରିବା ଏବଂ ଭବିଷ୍ୟତ ନିମନ୍ତେ ତାଙ୍କୁ ଭରସା କରିବା । ଯେଉଁମାନେ ତାଙ୍କୁ ପ୍ରଥମ ସ୍ଥାନରେ ସ୍ଥାପିତ କରନ୍ତି, ସେ ସେମାନଙ୍କ ନିମନ୍ତେ ପ୍ରତିଜ୍ଞା କରିଅଛନ୍ତି-

"...ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ" ( ମାଥିଉ ୬ : ୩୩) । ଏବଂ ଫିଲିପ୍ପୀୟମାନଙ୍କ ନିମନ୍ତେ ଯେଉଁମାନେ କି ସତ୍ୟର ପ୍ରସାର ନିମନ୍ତେ ଈଶ୍ୱରଙ୍କ ଅର୍ଥକୁ ବ୍ୟବହାର କରୁଥିଲେ, ସେମାନଙ୍କ ନିମନ୍ତେ ପାଉଲ ଲେଖିଥିଲେ :

ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ (ଫିଲିପୀୟ ୪ : ୧୯) ।

ଈଶ୍ୱରଙ୍କଠାରେ ନିଜର ଅବସର କାଳଗୁଡ଼ିକ ପ୍ରଦାନ କରିବାର ଆଶାସହ ଧନ ଜମା କରିବାରେ ନିଜ ଜୀବନକୁ ସମର୍ପଣ କରିବା ନିମନ୍ତେ ଶିକ୍ଷା ଦେଉଥିବା ସାଂପ୍ରତ୍ତିକ ଦର୍ଶନତତ୍ତ୍ୱ ଅନୁଯାୟୀ ପରିଚାଳିତ ଜୀବନର ପରିଶେଷ ଅନିର୍ବଚନୀୟଭାବେ ଶୋକାନ୍ତକ । ଏହାର ମାନେ ହେଉଛି ଆମ ଜୀବନର ସର୍ବୋତ୍ତମତାକୁ ଏକ ନିଗମକୁ ସମର୍ପଣ କରିଦେବା, ତା' ପରେ ଯୀଶୁଙ୍କୁ ଅନ୍ତିମ ନିକୃଷ୍ଟ-ଅଂଶ ପଦାନ କରିବା ଏବଂ ତା'ପରେ ମଧ୍ୟ, ଅନ୍ତିମ ନିକୃଷ୍ଟ ଅଂଶ ପ୍ରଦାନ କରିବା ଖୁବ୍ ଅନିଶ୍ଚିତ । ଅନେକବାର ଆମେ ବାଇବଲକୁ ମାଟିପ୍ରାୟ ଉଇଖିଆ ଅବସ୍ଥାରେ ପାଇବା ପୂର୍ବରୁ ଏହା ଶେଷ ହୋଇଯାଇ ଥାଏ ।

ଦୁର୍ଦ୍ଦିନ ନିମନ୍ତେ ଯୋଗାଡ କରି ରଖିବାକୁ ଏହା ଏକ ସାଧାରଣ ଚେତନା ପରି ମନେ ହୁଏ । ମାତ୍ର ଏହି ବର୍ଣ୍ଣନା ସତ୍ୟତା "କ୍ୟାମେରନ୍ ଥମ୍ପସନ୍"ଙ୍କ ଦ୍ୱାରା ଉତ୍ତମ ଭାବରେ ଦର୍ଶାଯାଇଛି: ଈଶ୍ୱରଙ୍କ ସେହିମାନଙ୍କ ଉପରେ ନିଜର ଶ୍ରେଷ୍ଠ ମନୋନୀତ ଆଶୀର୍ବାଦ ବର୍ଷଣ କରିଥାନ୍ତି ଯେଉଁମାନେ ଉତ୍କଣ୍ଠିତ ଯେ କୌଣସି ବିଷୟ

ସେମାନଙ୍କର ହସ୍ତକୁ କ୍ଷାନ୍ତ କରି ପାରିବ ନାହିଁ । ସେହି ବ୍ୟକ୍ତିମାନେ ଯେଉଁମାନେ ବର୍ତ୍ତମାନ ଜଗତର ବେଦନାକୁ ଦୁର୍ଦ୍ଦିନଠାରୁ ଅଧିକ ମୂଲ୍ୟାରୋପ କରନ୍ତି ସେହିମାନେ ହିଁ ଈଶ୍ୱରଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ ହେବେ ।

୨ । ୧ ତୀମଥି ୫ : ୮ ଉପରେ ପର୍ଯ୍ୟବେସିତ ହୋଇ ଦ୍ୱିତୀୟ ତର୍କଟି ପୃଥିବୀ ଉପରେ ସଂପଦ ଜମା କରିବାକୁ ଯୁକ୍ତିଯୁକ୍ତ ପ୍ରମାଣିତ କରିବାକୁ ବ୍ୟବହୃତ ହୋଇଛି, ''କିନ୍ତୁ ଯଦି କେହି ଆପଣା ଆତ୍ମୀୟ, ବିଶେଷରେ ଆପଣା ପରିବାରର ତତ୍ତ୍ୱ ନ ନିଏ, ସେ ବିଶ୍ୱାସମତ ଅସ୍ୱୀକାର କରିଅଛି, ଆଉ ସେ ଅବିଶ୍ୱାସୀଠାରୁ ଅଧମ ଅଟେ'' ।

ଏହି ଅନୁଚ୍ଛେଦରେ, ମଣ୍ଡଳୀରେ ବିଧବାମାନଙ୍କ ଯତ୍ନ ନେବା ବିଷୟ ପାଉଲ ସୂଚାଉଛନ୍ତି । ସେ ଦର୍ଶାନ୍ତି ଯେ, ଜଣେ ବିଧବାର ଖ୍ରୀଷ୍ଟିୟ ଆତ୍ମୀୟମାନେ ତା'ର ଯତ୍ନ ନେବା ନିମନ୍ତେ ଦାୟୀ ଅଟନ୍ତି । ଯଦି ଏହା କରିବାକୁ ତାହାର କୌଣସି ଆତ୍ମିୟ ନ ଥାନ୍ତି, ତେବେ ମଣ୍ଡଳୀ ତାହାର ଯତ୍ନ ନେବା ଉଚିତ୍ ।

କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟଟିକୁ ଏଠାରେ ଲକ୍ଷ୍ୟ କରିବାରେ ହେଉଛି ଯେ ଭବିଷ୍ୟତରେ ସମୟେ ସମୟେ ବିଧବାଟିକୁ ସାହାଯ୍ୟ ଦେବା ନିମନ୍ତେ ଧନଜମା କରିବାକୁ ପାଉଲ କହୁନାହାଁନ୍ତି । ବରଂ ସେ ତା'ର ବର୍ତ୍ତମାନ ଆବଶ୍ୟକତା ବିଷୟ କଥା କହୁଛନ୍ତି । ଖ୍ରୀଷ୍ଟ ବିଶ୍ୱାସୀମାନେ ସେମାନଙ୍କର ପରିତ୍ୟକ୍ତ ଆତ୍ମିୟମାନଙ୍କର ଦିନ ପରେ ଦିନ ଯତ୍ନ ନେବା ଉଚିତ୍; ଯଦି ସେମାନେ ତାହା କରନ୍ତି ନାହିଁ, ତେବେ ଏହା ହେଉଛି ବ୍ୟବହାରିକ ଭାବରେ ଖ୍ରୀଷ୍ଟିୟ ବିଶ୍ୱାସକୁ ଅସ୍ୱୀକାର କରିବା ଯାହାକି ପ୍ରେମ ଏବଂ ବଦାନ୍ୟତା ଶିକ୍ଷାଦିଏ । ଏପରିକି ଅବିଶ୍ୱାସୀମାନେ ମଧ୍ୟ ସେମାନଙ୍କ ନିଜ ଲୋକମାନଙ୍କର ଦାୟିତ୍ୱ ନିଅନ୍ତି । ଜଣେ ବିଶ୍ୱାସୀ ଯିଏ ଏହା କରେ ନାହିଁ, ତେଣୁ କରି ସେ ଅବିଶ୍ୱାସୀମାନଙ୍କଠାରୁ ମଧ୍ୟ ନୀଚ ।

ପଦଟି ବଳକା ସଂଗ୍ରହ କରିବାକୁ, ସଂପତ୍ତିଦାନ, କିମ୍ବା ପୁଞ୍ଜିଲଗାଣ ଉପରେ କିଛି କହେ ନାହିଁ । ଏହା ବର୍ତ୍ତମାନର ଆବଶ୍ୟକତା ଉପରେ ଗୁରୁତ୍ୱଆରୋପ କରେ, ମାତ୍ର ଭବିଷ୍ୟତର କର୍ତ୍ତବ୍ୟବାଧ୍ୟତା ଉପରେ ନୁହେଁ ।

୩। ତୃତୀୟ ତର୍କ ବିଷୟଟି ପାଖାପାଖି ଦ୍ୱିତୀୟଟି ସହ ସଂପୃକ୍ତ । ଅନେକ ଖ୍ରୀଷ୍ଟିୟ ପିତାମାତା ଏହା ଅନୁଭବ କରିଥାନ୍ତି ସେ ସେମାନଙ୍କ ପିଲାଙ୍କ ନିମନ୍ତେ ଏକ ବିଶାଳ ସତ୍ତ୍ୱାଧିକାର ଛାଡ଼ିଯିବା ହେଉଛି ସେମାନଙ୍କ ଗୁରୁଦାୟିତ୍ୱବୋଧର ଏକ

ଅଂଶ । ସେମାନେ ବୋଧ କରିଥାନ୍ତି ଯେ ଜଣକର ଆତ୍ମୀୟ ନିମନ୍ତେ ତାହାର ତତ୍ତ୍ୱନେବାର ହେଉଛି ଏହା ହିଁ ଏକ ଅଂଶ (୧ ତୀମଥି ୫ : ୮) । ଏଥିରେ କୌଣସି ପାର୍ଥକ୍ୟ ନ ଥାଏ ଯେ ପିଲାମାନେ ବିଶ୍ୱାସୀ ଅଟନ୍ତି କିମ୍ବା ନୁହଁନ୍ତି ଏଥିର ଗଭୀର ଆକାଂକ୍ଷା ହେଉଛି ଯେ ସେମାନଙ୍କ ନିମନ୍ତେ ଏକ ସମ୍ମାନଯୋଗ୍ୟ ପୁଞ୍ଜି ରଖିଦେବା ।

୨ କରିନ୍ଥୀୟ ୧୨ : ୧୪ ସମୟେ ସମୟେ ଏହା ଶିକ୍ଷା ଦେବା ନିମନ୍ତେ ବ୍ୟବହୃତ ହୋଇଥାଏ ଯେ ପିତାମାତାମାନେ ଅର୍ଥ ସଞ୍ଚୟ କରିବା ଉଚିତ୍ ଯାହା ଫଳରେ ସେମାନେ ତାହା ସେମାନଙ୍କ ପିଲାମାନଙ୍କ ନିମନ୍ତେ ଛାଡ଼ି ପାରିବେ । ଅନୁଚ୍ଛେଦଟି ଏପରି କହେ ।

''... ଯେଣୁ ସନ୍ତାନସନ୍ତତିମାନଙ୍କର ପିତାମାତାମାନଙ୍କ ନିମନ୍ତେ ସଞ୍ଚୟ କରିବା ଉଚିତ୍ ନୁହେଁ, ମାତ୍ର ସନ୍ତାନସନ୍ତତିମାନଙ୍କ ନିମନ୍ତେ ପିତାମାତାଙ୍କର ସଞ୍ଚୟ କରିବା ଉଚିତ୍'' ।

ଏହାର ପୂର୍ବବର୍ତ୍ତୀ ପ୍ରସଙ୍ଗ ପାଉଲଙ୍କ ଆର୍ଥିକ ସହାୟତା ବିଷୟ ସୂଚାଉଛି । ସେ କରିନ୍ଥୀୟମାନଙ୍କଠାରୁ କୌଣସି ଅର୍ଥ ନେଇ ନ ଥିଲେ ମାତ୍ର ସେ କରିନ୍ଥୀରେ ପ୍ରଚାର କରୁଥିବା ସମୟରେ ଅନ୍ୟମଣ୍ଡଳୀମାନଙ୍କରୁ ଉପହାର ସ୍ୱରୂପ ସେ ସାହାଯ୍ୟପ୍ରାପ୍ତ ହୋଇଥିଲେ (୨ କରିନ୍ଥୀୟ ୧୧ : ୭,୮) । ବର୍ତ୍ତମାନ, ସେ କରିନ୍ଥୀକୁ ଲେଉଟିଯିବାକୁ ପ୍ରସ୍ତୁତ ଥିଲେ, କିନ୍ତୁ ସେ ସେମାନଙ୍କୁ ନିଶ୍ଚିତବୋଧ କରାଇଲେ ଯେ ସେମାନଙ୍କ ନିମନ୍ତେ ସେ ଭାରସ୍ୱରୂପ ହେବେ ନାହିଁ (୧୨ : ୧୪), ତାହା ହେଉଛି ସେ ସେମାନଙ୍କର କୌଣସି ଆର୍ଥିକ ସହାୟତା ଉପରେ ନିର୍ଭର କରିବେ ନାହିଁ । ସେ ସେମାନଙ୍କର ବସ୍ତୁବାଦୀ ସଂପତ୍ତି ସମୂହରେ ମନଯୋଗୀ ନ ଥିଲେ ।

ଏହି ପରିପ୍ରେକ୍ଷୀରେ ସେ ଯୋଗ କରିଥିଲେ ''...ଯେଣୁ ସନ୍ତାନସନ୍ତତିମାନଙ୍କର ପିତାମାତାମାନଙ୍କ ନିମନ୍ତେ ସଞ୍ଚୟ କରିବା ଉଚିତ୍ ନୁହେଁ, ମାତ୍ର ସନ୍ତାନ ସନ୍ତତିମାନଙ୍କ ନିମନ୍ତେ ପିତାମାତାଙ୍କର ସଞ୍ଚୟ କରିବା ଉଚିତ୍'' ।

କରିନ୍ଥୀୟମାନେ ସନ୍ତାନସନ୍ତତି ଏବଂ ପାଉଲ ହିଁ ପିତାମାତା ଥିଲେ (୧ କରିନ୍ଥୀୟ ୪ : ୧୫) । ସେ ସେମାନଙ୍କୁ କହୁଥିଲେ ବ୍ୟଙ୍ଗାତ୍ମକ ଭାବରେ - ଯେ ସେମାନେ ତାହାଙ୍କୁ ସହାୟତା କରିବା ଉଚିତ୍ ନୁହେଁ; ବରଂ ସେ ସେମାନଙ୍କୁ ସହାୟତା କରିବା ଉଚିତ୍ । ସେ ଏହାକୁ ବ୍ୟଙ୍ଗ ଛଳରେ କହିଥିଲେ, କାରଣ ତାହାଙ୍କର ସହାୟତା ନିମନ୍ତେ ପ୍ରକୃତରେ ସେମାନଙ୍କର ଦାନ କରିବା ଉଚିତ୍ ଥିଲା (୧ କରିନ୍ଥୀୟ ୯ :

୧୧,୧୪) ମାତ୍ର ସେମାନଙ୍କ ନିମନ୍ତେ ସେ ଏହି ଅଧିକାରକୁ ପରିହାର କରିବାକୁ ମନୋନୀତ କରିଥିଲେ ।

ଏଠାରେ ଗୁରୁତ୍ୱପୂର୍ଣ୍ଣ ବିଷୟଟି ଲକ୍ଷ୍ୟ କରିବାରେ ହେଉଛି ଯେ ଭବିଷ୍ୟତ ନିମନ୍ତେ ଧନ ସଞ୍ଚୟ କରିବା ବିଷୟରେ ଏହି ଅନୁଚ୍ଛେଦଟି ସେପରି କିଛି କହେ ନାହିଁ । ଏହା ଆଲୋଚନା ବିଷୟ ମୋଟେ ହିଁ ନୁହେଁ । ଏହା କେବଳ ବର୍ତ୍ତମାନର ଆବଶ୍ୟକତା ବିଷୟ ଅଟେ, ଏବଂ ପାଉଲ କହୁଥିଲେ, ‘‘ମୋଟ ଉପରେ - ସନ୍ତାନସନ୍ତତିମାନେ ସାଧାରଣତଃ ସେମାନଙ୍କର ପିତାମାତାଙ୍କୁ ସହାୟତା କରି ନ ଥା’ନ୍ତି; ମାତ୍ର ପିତାମାତାମାନେ ହିଁ ସେମାନଙ୍କ ସନ୍ତାନସନ୍ତତିମାନଙ୍କ ନିମନ୍ତେ ସହାୟତା କରନ୍ତି’’ ।

ନିଶ୍ଚିତଭାବେ ଜଣଙ୍କର ତା’ର ସନ୍ତାନସନ୍ତତିମାନଙ୍କ ନିମନ୍ତେ ଏକ ଉତ୍ତରାଧିକାର ଗଢ଼ିବାର ଅଭ୍ୟାସ ବିଷୟରେ ନୂତନ ନିୟମ କୌଣସି ସମର୍ଥନ ଜଣାଏ ନାହିଁ । ମୃତ୍ୟୁକାଳୀନ ଉଇଲ୍ ପ୍ରଦତ୍ତ ସର୍ବଶ୍ରେଷ୍ଠ ସଂପଦ ଯାହାକି ପିତାମାତାମାନେ ଛାଡ଼ିଯାଇ ପାରିବେ ତାହା ହେଉଛି ଏକ ଆତ୍ମିକ ସଂପଦ, ମାତ୍ର ଅର୍ଥ ବୃଦ୍ଧି ସହ ପୂର୍ବାଧିକାର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହାକି ଏହି ଉତ୍ତରାଧିକ ବ୍ୟବସ୍ଥାରେ ବାଧା ଉପୁଜାଏ ।

ଏବଂ ସେହି କୁପରିଣାମ ବିଷୟଗୁଡ଼ିକୁ ଚିନ୍ତା କରନ୍ତୁ ଯେଉଁ ସମସ୍ତକି ଆର୍ଥିକ ଉଇଲ୍ ପ୍ରଦତ୍ତ ସଂପତ୍ତିସବୁରୁ ଉପୁଜୁଅଛି ଯେଉଁ ସଂପତ୍ତିକୁ ଖ୍ରୀଷ୍ଟ ବିଶ୍ୱାସୀମାନେ ଛାଡ଼ି ଯାଇଅଛନ୍ତି ।

କ) ଅନେକ ଯୁବାଲୋକ ହଠାତ୍ ସଂପତ୍ତି ପ୍ରାପ୍ତ ହେବା ଦ୍ୱାରା ଆତ୍ମିକଭାବରେ ନଷ୍ଟ ହୋଇଛନ୍ତି । ସେମାନେ ବସ୍ତୁବାଦୀ ଏବଂ ଭୋଗବିଳାସରେ ମାତାଲ ହୋଇଅଛନ୍ତି, ଏବଂ ଖ୍ରୀଷ୍ଟଙ୍କ ସେବା ନିମନ୍ତେ ନଷ୍ଟ ହୋଇଅଛନ୍ତି ।

ଖ) ତା’ପରେ ସେହି ଦ୍ୱନ୍ଦଗୁଡ଼ିକ ବିଷୟକୁ ଚିନ୍ତା କରନ୍ତୁ ଯେଉଁସବୁ ଅନ୍ୟାନ୍ୟ କାରଣ ହେତୁ ନୁହେଁ ମାତ୍ର ଉଇଲପତ୍ର ଏବଂ ସଂପତ୍ତିବାଡ଼ି ହେତୁ ବୃଦ୍ଧି ପାଇଛି । ଭଗ୍ନୀ ଭଗ୍ନୀ ପ୍ରତି ଈର୍ଷାନ୍ୱିତ ହୋଇଛି ଏବଂ ଭାଇ ଭାଇ ପ୍ରତି ଈର୍ଷାନ୍ୱିତ ହୋଇଛି । ଜୀବନର ଶେଷକାଳଗୁଡ଼ିକ ଧରି ତିକ୍ତ କଳହ ସବୁ ଅନବରତ ଚାଲୁ ରହି ଆସିଛି ।

ଲୂକ ୧୨ : ୧୩,୧୪ରେ ଉତ୍ତରାଧିକାର ଉପରେ ଜଡ଼ିତ ଏକ ପାରିବାରିକ କଳହ ବିଷୟ ଉଲ୍ଲିଖିତ ହୋଇଛି । ଏଥିରେ ସଂପୃକ୍ତ ରହିବାକୁ ଯୀଶୁ ନାସ୍ତି କରି

ଦେଇଛନ୍ତି; ସେହିସବୁ କାର୍ଯ୍ୟ ନିମନ୍ତେ ସେ ଧରାପୃଷ୍ଠକୁ ଆସି ନ ଥିଲେ । କିନ୍ତୁ ଉଇଲ୍‌ରେ ନାମ ନ ଥିବା ସେ ଅସୁଖୀ ବ୍ୟକ୍ତିଟିର ଧନଲାଳସା ବିରୁଦ୍ଧରେ ସେ ଏକ ଦୃଢ଼ ଚେତାବନୀ ଜାରି କରିବାକୁ ସମୟ କ୍ଷେପଣ କରିଛନ୍ତି ।

ଗ) ତା'ପରେ ଆମେ ଏହି ଅବସ୍ଥାକୁ ଆସୁ । ପିତାମାତାମାନେ ପିଲାମାନଙ୍କ ନିମନ୍ତେ କିଛି ରଖିଯିବାକୁ ସମର୍ଥ ହେବା ପାଇଁ ସାରା ଜୀବନ କଠୋର ପରିଶ୍ରମ କରନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ବୃଦ୍ଧ ଏବଂ ଜରାଜୀର୍ଣ୍ଣ ହୋଇଯା'ନ୍ତି, ସେମାନଙ୍କ ପରିବାର ନିମନ୍ତେ ଏକ ଦାୟିତ୍ୱସ୍ୱରୂପ ହୋଇଯା'ନ୍ତି ଏବଂ ଅକୃତଜ୍ଞ ସନ୍ତାନସନ୍ତତିମାନେ ସେମାନଙ୍କର ଅର୍ଥକୁ ନିଜ ହସ୍ତାଧିନ କରିବା ନିମନ୍ତେ ସେମାନଙ୍କ ପିତାମାତାଙ୍କର ମରଣକୁ ଖୁବ୍ କଷ୍ଟରେ ଅପେକ୍ଷାରେ ଥା'ନ୍ତି ।

ଘ) ଅପରିତ୍ରାଣପ୍ରାପ୍ତ ସନ୍ତାନସନ୍ତତିମାନଙ୍କ ନିମନ୍ତେ କିମ୍ବା ଜଣେ ଅବିଶ୍ୱାସୀ ବା ଅବିଶ୍ୱାସୀନୀକୁ ବିବାହ କରିଥିବା ଖ୍ରୀଷ୍ଟିୟ ପୁତ୍ର ବା କନ୍ୟାଟିଏ ପାଇଁ ରଖାଯାଇଥିବା ଅର୍ଥ ଅନେକ ସମୟରେ ଏକ ଭଣ୍ଡ ମଣ୍ଡଳୀକୁ ପଥ କାଟିଛି ଏବଂ ସୁସମାଚାର ପ୍ରଚାର ନିମନ୍ତେ ବ୍ୟବହୃତ ନ ହୋଇ ବରଂ ଏହାର ନିବାରଣ ନିମନ୍ତେ ବ୍ୟବହୃତ ହୋଇଛି । ଏ ବିଷୟରେ ଚିନ୍ତା କରନ୍ତୁ । ବିଶ୍ୱାସ ଅର୍ଥ ସତ୍ୟସପକ୍ଷରେ ଲଢ଼ିବାକୁ ଉଦ୍ଦିଷ୍ଟ ଥିଲା ।

ଙ) ତା'ପରେ ଆମେ ସେହି ଅପରିମିତ ଅର୍ଥ ସଂପର୍କରେ ଚିନ୍ତା କରିବା ଉଚିତ୍ ଯାହାକି ସରକାରଙ୍କ ନିକଟକୁ ସତ୍ତ୍ୱାଧିକାର ଟିକସ ରୂପେ ଯାଇଥାଏ, ଏବଂ ଆଇନଗତ ଦେୟରୂପେ ଆଇନଜ୍ଞମାନଙ୍କ ନିକଟକୁ ଯାଇଥାଏ । ଏହି ସମସ୍ତ ପ୍ରାଣଗୁଡ଼ିକରେ ପରିତ୍ରାଣ ନିମନ୍ତେ ବ୍ୟବହୃତ ହୋଇ ପାରିଥା'ନ୍ତା ।

ଚ) କେତେକ ଖ୍ରୀଷ୍ଟ ବିଶ୍ୱାସୀ ସେମାନଙ୍କର ଅର୍ଥକୁ ଖ୍ରୀଷ୍ଟିୟ ସଂଗଠନଗୁଡ଼ିକୁ ଦାନ କରିବା ଦ୍ୱାରା ଏପ୍ରକାର କେତେକ ବେଦନାରୁ ମୁକ୍ତି ପାଆନ୍ତି ମାତ୍ର ଏଥିରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟତା ନ ଥାଏ ଯେ ଅର୍ଥ ସେସବୁ ଅନୁଷ୍ଠାନଗୁଡ଼ିକୁ ପ୍ରାପ୍ତ ହୋଇଥିବ । ଉଇଲ୍ କାଗଜପତ୍ର ନିରବଚ୍ଛିନ୍ନଭାବେ ବାଦାନୁବାଦ ଏବଂ ବଳପୂର୍ବକ ଛିନ୍ନର ଶିକାର ହୋଇଥାଏ ଏବଂ ଏହା ବ୍ୟତୀତ ମଧ୍ୟ, ଅର୍ଥ ପରିତ୍ୟାଗ କରି ଯିବା ଶାସ୍ତ୍ରାନୁମୋଦିତ ନୁହେଁ । ଏଥିରେ ମଧ୍ୟ କୌଣସି ନିଶ୍ଚିତତା ନାହିଁ ଯେ ସଂଗଠନଗୁଡ଼ିକ ପ୍ରଭୁଙ୍କ ନିକଟରେ ଏକ ତାଙ୍କ ବାକ୍ୟରେ ସଚ୍ଚୋଟ ହୋଇ ରହିଥିବେ ଯେଉଁ ସମୟରେ ଉଇଲ୍ କାଗଜପତ୍ର ଯଥାରୀତି ଅଦାଲତର ଅନୁମୋଦନ ଲାଭ କରିବ ।

ବିଶ୍ୱାସୀମାନେ ଏକ ଉଇଲ୍ ପତ୍ରରେ କ'ଣ ରଖିଯାଇଛନ୍ତି ତାହା ନିମନ୍ତେ ପୁରସ୍କାର ହେବେ ନାହିଁ । ଯେଉଁ ମୁହୂର୍ତ୍ତରେ ସେମାନେ ମୃତ୍ୟୁବରଣ କରନ୍ତି, ସେମାନଙ୍କର ଅର୍ଥ ସେମାନଙ୍କର ହୋଇ ଆଉ ରହେ ନାହିଁ; ଏହା ସେମାନଙ୍କର ପଦମର୍ଯ୍ୟାଦାର ସଂପତ୍ତି ହୋଇଥାଏ ।

ଲୋକମାନେ ଧନ ରାଶୀକୃତ କରନ୍ତି ଏବଂ ଜାଣନ୍ତି ନାହିଁ କିଏ ତାହାକୁ ଏକତ୍ରୀତ କରିବ (ଗୀତ ୩୯ : ୬) । ପ୍ରଭୁଙ୍କ ନିମନ୍ତେ ଆପଣଙ୍କର ଅର୍ଥ ବ୍ୟବହୃତ ହୋଇଛି ବୋଲି ନିଶ୍ଚିତ ହେବାର ଏକମାତ୍ର ଉପାୟ ହେଉଛି ଆପଣଙ୍କ ଜୀବିତ କାଳରେ ଦାନ କରିବା ଏବଂ ଏହାହିଁ ହେଉଛି ଭବିଷ୍ୟତ ପୁରସ୍କାରଟିଏ ଲାଭ କରିବାର ଏକମାତ୍ର ପଥ । ପ୍ରଭୁ ଯୀଶୁଙ୍କର ଆସନ୍ନ ପ୍ରତ୍ୟାବର୍ତ୍ତନରେ ବିଶ୍ୱାସ କରୁ ବୋଲି ଆମେ କହିଥାଉ । ତେଣୁ କରି ଆମେ ହୃଦୟଙ୍ଗମ କରିବା ଉଚିତ ଯେ ତାଙ୍କ ଆଗମନର ଆମେ ଯେତେ ନିକଟତର ହେଉଅଛୁ, ଆମର ବସ୍ତୁବାଦୀ ଅଧିକାରର ମୂଲ୍ୟ ସେତେ କମି କମି ଯାଉଛି । ସେ ଯେତେବେଳେ ଆସିବେ, ସେତେବେଳେ ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଆମ ସଂପଦର ମୂଲ୍ୟ ଆମ ନିମନ୍ତେ କିଛି ନ ଥିବ । ତେଣୁ ସର୍ବୋତ୍ତମ ବିଷୟ ଏହି ଯେ, ପ୍ରଭୁ ଯୀଶୁଙ୍କ କାର୍ଯ୍ୟ ନିମନ୍ତେ ଆମର ସଂପଦକୁ ''ବର୍ତ୍ତମାନ'' ହିଁ ନିୟୋଜିତ କରିବା ।

୪ । କିନ୍ତୁ ତା'ପରେ ଏହି ତର୍କଟି ଉତ୍ଥିତ ହୋଇଥାଏ : ''ଯଦି ପ୍ରତ୍ୟେକେ ଏକ ନମ୍ର ଜୀବନଯାପନର ଉର୍ଦ୍ଧ୍ୱ ସମସ୍ତ ବିଷୟକୁ ପ୍ରଭୁଙ୍କ କାର୍ଯ୍ୟରେ ନିୟୋଜିତ କରନ୍ତି, ତେବେ ଆମେ କିପରି ବଞ୍ଚିବା ? ଜଣକୁ ବଞ୍ଚିବା ପାଇଁ ନିଶ୍ଚିତ ଗୃହ ସରଞ୍ଜାମ ଆବଶ୍ୟକ ।''

ଆମେ କିପରି ବଞ୍ଚିବୁ ? ଉତ୍ତର ହେଉଛି, ''ଅଧିକ ମାତ୍ରାରେ ବିଶ୍ୱାସ ଦ୍ୱାରା ଏବଂ ଦର୍ଶନରେ ଉଣା ଦ୍ୱାରା'' ।

ଏହା ତର୍କ କରିବାରେ କୌଣସି ଆବଶ୍ୟକତା ନାହିଁ ଯେ, ଏହା କାର୍ଯ୍ୟକ୍ଷମ ହୋଇ ପାରିବ ନାହିଁ କାରଣ ମଣ୍ଡଳୀ ପ୍ରାରମ୍ଭିକ ଦିବସଗୁଡ଼ିକରେ ଏହା କାର୍ଯ୍ୟ କରିଥିଲା ।

> ''ମାତ୍ର ଯେଉଁମାନେ ବିଶ୍ୱାସ କଲେ, ସେମାନେ ସମସ୍ତେ ଏକତ୍ର ରହି ସବୁ ପଦାର୍ଥ ସାଧାରଣ ସମ୍ପତ୍ତି ବୋଲି ଜ୍ଞାନ କରୁଥିଲେ, ପୁଣି ସେମାନେ ଆପଣା ଆପଣା ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରୟ କରି, ଯାହାର ଯେପରି ପ୍ରୟୋଜନ,

ସେହି ଅନୁସାରେ ସମସ୍ତଙ୍କୁ ବାଣ୍ଟି ଦେବାକୁ ଲାଗିଲେ'' (ପ୍ରେରିତ ୨ : ୪୪,୪୫)।

''ଯେଣୁ ସେମାନଙ୍କ ମଧ୍ୟରେ କାହାରି କୌଣସି ଅଭାବ ନ ଥିଲା, କାରଣ ଯେତେ ଲୋକଙ୍କର ଭୂମି ବା ଗୃହ ଥିଲା, ସେମାନେ ତାହା ବିକ୍ରୟ କରି ବିକ୍ରୀତ ସମ୍ପତ୍ତିର ମୂଲ୍ୟ ଆଣି ପ୍ରେରିତମାନଙ୍କର ପାଦତଳେ ଥୋଉଥିଲେ, ଆଉ ପ୍ରତ୍ୟେକ ଜଣକୁ ତା'ର ଅଭାବ ଅନୁସାରେ ବିତରଣ କରାଯାଉ ଥିଲା'' (ପ୍ରେରିତ ୪ : ୩୬,୩୫)।

ଲିଖିତ ଭାବରେ କରିନ୍ଥୀୟମାନଙ୍କ ନିକଟକୁ, ପାଉଲ ଶିକ୍ଷା ଦେଇଥିଲେ ଯେ ଆମର ବସ୍ତୁବାଦୀ ଅଧିକୃତ ବିଷୟସବୁ ତରଳବସ୍ତୁ ହେବା ଉଚିତ୍, ମାତ୍ର କଠିନ ହେବା ଉଚିତ୍ ନୁହେଁ। ଆମେ ଯେତେବେଳେ କୌଣସି ଜରୁରୀ ଆବଶ୍ୟକତା ପୂରଣ କରିବା ନିମନ୍ତେ ଆମର ସଞ୍ଚିତ ଧନ ବୋହି ଚାଲିଯିବା ଉଚିତ୍। ତା'ପରେ ଯଦି ଆମେ କେବେ କୌଣସି ଆବଶ୍ୟକତାରେ ଥିବୁ, ସେହିଭଳି ଭାବେ ଧନ ଆମ ନିକଟକୁ ବୋହି ଚାଲି ଆସିବ। ଏହିପରିଭାବେ, ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଏକ ନିରବଚ୍ଛିନ୍ନ ସମାନତା ସହବସ୍ଥାନ କରିବ।

ଯେଣୁ ଅନ୍ୟମାନେ ଯେପରି ସୁଖ ପାଆନ୍ତି, ଆଉ ତୁମ୍ଭେମାନେ କ୍ଳେଶ ପାଅ ଏଥିପାଇଁ ମୁଁ ଏହା କହୁ ନାହିଁ; ମାତ୍ର ସାମ୍ୟବାଦ ଦେଖାଯିବା ନିମନ୍ତେ ବର୍ତ୍ତମାନ ସମୟରେ ତୁମ୍ଭମାନଙ୍କ ପ୍ରାଚୁର୍ଯ୍ୟ ଦ୍ୱାରା ସେମାନଙ୍କ ଅଭାବ ପୂରଣ ହେଉଅଛି, ଯେପରି ସେମାନଙ୍କ ପ୍ରାଚୁର୍ଯ୍ୟ ମଧ୍ୟ ତୁମ୍ଭମାନଙ୍କ ଅଭାବ ପୂରଣ କରିବ, ଆଉ ଏହି ପ୍ରକାରେ ସାମ୍ୟଭାବ ଦେଖାଯିବ, ଯେପରି ଲେଖାଅଛି, '' ଯେ ଅଧିକ ସଂଗ୍ରହ କଲା, ତାହାର ବଳିଲା ନାହିଁ, ଆଉ ସେ ଅଳ୍ପ ସଂଗ୍ରହ କଲା, ତାହାର ଅଭାବ ହେଲା ନାହିଁ'' ( ୨ କରିନ୍ଥୀୟ ୮ : ୧୩-୧୫)।

ଅନ୍ୟ ଭାଷାରେ, ଯଦି କୌଣସି ବ୍ୟକ୍ତି ପ୍ରକୃତରେ ଈଶ୍ୱରଙ୍କ ନିମନ୍ତେ ଉତ୍ସର୍ଗୀକୃତ ଭାବେ ଜୀବନ ଧାରଣ କରିଛି ଏବଂ ତାଙ୍କ ସଂପତ୍ତିର ତତ୍ତ୍ୱାବଧାରକ ରୂପେ ବିଶ୍ୱସ୍ତ ରହି ଆସିଛି, ତେବେ ତା'ର ଯଦି କୌଣସି ଅଭାବ କେବେ ଦେଖାଦିଏ ଅନ୍ୟ ବିଶ୍ୱାସୀମାନେ ସ୍ୱେଚ୍ଛାକୃତ ଭାବେ, ଆନନ୍ଦର ସହ ତାର ଅଭାବ ପୂରଣ କରିବା ଉଚିତ୍।

ଆମେ ଯଦି ଆମ ପ୍ରତି ସାଧୁ ଅଟୁ, ତେବେ ଆମକୁ ସ୍ୱୀକାର କରିବାକୁ ହେବ ଯେ ଅନ୍ୟମାନଙ୍କ ଉପରେ ଭରସା କରିବାର ଚିନ୍ତା ଆମ ନିମନ୍ତେ ଅସମାଞ୍ଜସ୍ୟ ଅଟେ । ଆମେ ଆମର ଆତ୍ମ ସ୍ୱାବଲମ୍ବୀତା ଉପରେ ଗର୍ବିତ ଅଟୁ । କିନ୍ତୁ ଏହା ଆତ୍ମକୈନ୍ଦ୍ରୀକ ଜୀବନର ଏକ ସ୍ପଷ୍ଟ ରୂପେ ନୁହେଁ ଏବଂ ଆମଠାରେ ରହିଥିବା ପ୍ରଭୁ ଯୀଶୁଙ୍କର ଜୀବନ ନୁହେଁ ।

୧ ତୀମଥି ୫ : ୩-୧୩ରେ ବିଧବାମାନଙ୍କର ଯତ୍ନ ନେବା ବିଷୟରେ ପାଉଲଙ୍କର ସୂଚନା ଏକ ମଣ୍ଡଳୀ ବିଷୟରେ ଏହା ସତ୍ୟ ବୋଲି ବିନା ବିଚାରରେ ପୂର୍ବବର୍ତ୍ତୀ ସୂଚନା ଦିଏ ଯେଉଁଠାରେ କି ମନୁଷ୍ୟମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ବିସ୍ତୃତ ଭାବେ ବିଚ୍ଛୁରିତ ହୁଏ, ଯେଉଁଠାରେ କି ସାଧୁମାନେ ପରସ୍ପର ପ୍ରତି ପାରସ୍ପରିକ ଯତ୍ନ ପ୍ରଦର୍ଶନ କରନ୍ତି ଏବଂ ଯେଉଁଠାରେ ପ୍ରକୃତ ଆବଶ୍ୟକତା ଥିବା ବିଷୟଟି ନିମନ୍ତେ ଅର୍ଥ ମୁକ୍ତ ଭାବେ ଗତି କରେ ।

ଏବଂ ଯଦି ଏହା ବାଦ ବିବାଦର ବିଷୟ ହୁଏ, ଏହା ଆଦ୍ୟମଣ୍ଡଳୀର ପ୍ରାରମ୍ଭିକ ଦିବସଗୁଡ଼ିକରେ କାର୍ଯ୍ୟକାରୀ ହୋଇଥିଲା, ଏହା ହିଁ ଅଟେ । ଏହା ହିଁ ଅଟେ । ଏହା ହିଁ ଆଜି ହିଁ କାର୍ଯ୍ୟ କରୁଛି । ଏପରି ଖ୍ରୀଷ୍ଟ ବିଶ୍ୱାସୀମାନେ ଅଛନ୍ତି ଯେଉଁମାନେ ଏହି ଜୀବନକୁ ବିଶ୍ୱାସରେ ଅତିବାହିତ କରୁଅଛନ୍ତି । ଏବଂ ଏକ ''ଶକ୍ତି'' ଏବଂ ''ଆକର୍ଷଣୀ'' ସେମାନଙ୍କ ଜୀବନରେ ରହିଛି ଯାହାକୁ କି ଅସ୍ୱୀକାର କରି ହେବ ନାହିଁ ।

୫ । କିନ୍ତୁ କେତେ ଜଣ ଅଭିଯୋଗ ଉଠାଇ କହିବେ, ପାଉଲ କ'ଣ କହି ନ ଥିଲେ, ''ମୁଁ ଦୀନତା ଭୋଗ କରି ଜାଣେ ଓ ପ୍ରଚୁରତା ମଧ୍ୟ ଭୋଗ କରି ଜାଣେ'' (ଫିଲିପ୍ପୀୟ ୪ : ୧୨) ? ପ୍ରଶ୍ନକାରୀଟି ସୁସ୍ପଷ୍ଟଭାବେ ଦୀନହୀନ ପାଉଲଙ୍କୁ ଏକ ପତ୍ରହୀନ ମରୁଭୂମୀରେ ଏଣେତେଣେ ବୁଲୁଥିବାର, କ୍ଷୁଧିତ ଥିବାର, ତୃଷିତ ଥିବାର, ବ୍ୟସ୍ତ ବିଜଡ଼ିତ ଥିବାର, ଛିନ୍ନ ପୋଷାକ ପରିହିତ ଏବଂ ଛିନ୍ନ ଜୋତା ପରିହିତ ଥିବାର ଚିତ୍ରିତ କରେ । ମାତ୍ର ତା'ପରେ ଧନାଢ଼୍ୟ ପାଉଲ କେତେକ ସମୁଦ୍ର ତଟସ୍ଥ ରମଣୀୟ ଆଶ୍ରୟସ୍ଥଳ ସବୁରୁ ଜଣେ ଧନୀ ଯୁବକଭାବେ ତାଙ୍କର ପରିବର୍ତ୍ତନକ୍ଷମ ରଥ ଉପରୁ ଓହ୍ଲାଇ ଆସୁଛନ୍ତି, ଅତ୍ୟାଧୁନିକ ଡିଜାଇନ୍‌ର ପୋଷାକରେ ସଜ୍ଜିତ ହୋଇଛନ୍ତି ଏବଂ ଆମେରୀକୀୟ ସ୍ଥାନ ସବୁରେ ଦୁଇ ସପ୍ତାହ ନିମନ୍ତେ ବିଳାସ ବ୍ୟସନ କରୁଛନ୍ତି । ଅନ୍ୟଭାଷାରେ, ସେ ଏହାକୁ ଅସ୍ୱୀକାର କରି ପାରିଥା'ନ୍ତେ ବା ଖୁବ୍ ଉଚ୍ଚମାନର ଜୀବନଯାପନ କରି ପାରିଥା'ନ୍ତେ ।

ମାତ୍ର ଆକ୍ଷରିକଭାବେ ଏହା ତାହା ନୁହେଁ ଯାହାକି ପାଉଲ ଫିଲିପ୍ପୀଙ୍କୁ ଏକ ପତ୍ରରେ କହୁଛନ୍ତି । ଆମର ମନେରଖିବା ଉଚିତ୍ ଯେ ଏହି ପତ୍ରଟି "ବନ୍ଦୀଗୃହ"ରୁ ଲିଖିତ ହୋଇଥିଲା, ମାତ୍ର ଏକ ସମୁଦ୍ରତଟସ୍ଥ ରମଣୀୟ ସ୍ଥଳରୁ ନୁହେଁ ଏବଂ ବନ୍ଦୀଗୃହରୁ ଲେଖି, ସେ କହିଥିଲେ, ମୁଁ ସବୁ ପାଇଅଛି, ପୁଣି ମୋହର "ପ୍ରଚୁର" ଅଛି; ତୁମ୍ଭମାନଙ୍କର ପଠାଇଥିବା ଯେଉଁସବୁ ବିଷୟ ଏପାଫ୍ରିଦିତ ପାଖରୁ ପାଇଅଛି,...(ଫିଲିପ୍ପୀୟ ୪ : ୧୮) ।

ଆମେ ହୁଏତ ଚିନ୍ତା କରିଥିଲୁ ଯେ, ବନ୍ଦୀତ୍ୱ ହିସାବ ଖାତାରେ **"ଦୀନତା"** ଦିଗକୁ ହିଁ ବୁଝାଇବ, ମାତ୍ର ପାଉଲ ଏହାକୁ **"ପ୍ରଚୁରତା"** ଦିଗକୁ ବୁଝିଛନ୍ତି । ତେଣୁ କରି, ଫିଲିପ୍ପୀୟ ୪ : ୧୨କୁ ଧନସଂପଦର ଜୀବନ ବା ବିଳାସବ୍ୟସନର ଜୀବନକୁ ଯୁକ୍ତିଯୁକ୍ତ ପ୍ରମାଣ କରିବାରେ ବ୍ୟବହାର କରିବା ଆମ ନିମନ୍ତେ ଯଥାର୍ଥ ହେବ ନାହିଁ । ପଦଟି ତାହା ଶିକ୍ଷା ଦିଏ ନାହିଁ ।

୬ । ତେବେ, ତା'ପରେ ସେହି ପଦଟି ବିଷୟରେ କ'ଣ କୁହାଯାଇପାରେ ଯେଉଁ ପଦଟି କହେ ଯେ ଈଶ୍ୱର ଆମକୁ ପ୍ରଚୁରଭାବେ ସମସ୍ତ ବିଷୟ ଉପଭୋଗ କରିବାକୁ ଯୋଗାଇଅଛନ୍ତି ? (୧ମ ତୀମଥି ୬ : ୧୭) । ଅନେକ ସମୟରେ ଶାସ୍ତ୍ରୀୟ ପ୍ରମାଣ ରୂପେ ଏହା ଉଦ୍ଧୃତ କରାଯାଏ ଯେ ବିଶ୍ୱାସୀଟି "ଜୀବନର ଉତ୍ତମ ବିଷୟସବୁ" ଉପଭୋଗ କରିବା ଉଚିତ୍ ଯାହାର ଅର୍ଥ ହେଉଛି ଅତ୍ୟାଧୁନିକ ଏବଂ ସର୍ବୋତ୍ତମ ବିଷୟଗୁଡ଼ିକରେ ପ୍ରବୃତ୍ତ ରହିବା ଯଥାର୍ଥ ଅଟେ । ତାହାର ମୂଳମନ୍ତ୍ର ହେଉଛି "ଈଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ କୌଣସି ଉତ୍ତମ ବିଷୟ ନାହିଁ" ।

ମାତ୍ର ପୁଣିଥରେ ସେ ପ୍ରସଙ୍ଗଟିକୁ ଭୁଲି ଯାଉଛନ୍ତି । ଲକ୍ଷ୍ୟ କରନ୍ତୁ କିପରି ପଦଟି ଆରମ୍ଭ ହୋଇଛି : "ଯେଉଁମାନେ ଇହକାଳରେ ଧନୀ, ସେମାନେ ଯେପରି ଅହଙ୍କାରୀ ନ ହୁଅନ୍ତି ଏବଂ ଅସ୍ଥାୟୀ ଧନ ଉପରେ ନିର୍ଭର ନ କରନ୍ତି..." । ଅନ୍ୟ ଭାଷାରେ, ଆତ୍ମ-ପ୍ରବୃତ୍ତତା ନିମନ୍ତେ କ୍ଷମାଟିଏଠାରୁ ଖୁବ୍ ଦୂରରେ ଥାଇ, ଶବ୍ଦଗୁଡ଼ିକ ଏହି ଅନୁଚ୍ଛେଦରେ ଦେଖିବାକୁ ମିଳେ ଯେଉଁଗୁଡ଼ିକ ଧନୀମାନଙ୍କ ନିମନ୍ତେ ଏକ ଆନ୍ତରିକ ଦାବୀ ଉପସ୍ଥାପନ କରେ ।

ତେବେ, ଏହାର ଅର୍ଥ କ'ଣ ଅଟେ, ଯେ ଈଶ୍ୱର ପ୍ରଚୁରତାରେ ଆମକୁ ସମସ୍ତ ବିଷୟ ଉପଭୋଗ କରିବାକୁ ଦେଇଛନ୍ତି ? ଏହାର ଅର୍ଥ ହେଉଛି ଯେ, ସେ ଆମକୁ ଏହି ସମସ୍ତ ବିଷୟ ଠୁଳ କରି ରଖିବା ନିମନ୍ତେ ଦେଇ ନାହାଁନ୍ତି : ସେ ଚାହାଁନ୍ତି

ଅନ୍ୟମାନଙ୍କ ସହ ଆମେ ଯେପରି ମିଳିମିଶି "ଉପଭୋଗ" କରୁ । ଏହା ନିମ୍ନଲିଖିତ ପଦ ଦୁଇଟିରୁ ସୁସ୍ପଷ୍ଟ ଅଟେ ।

> "ପୁଣି ପରୋପକାର କରି ସମସ୍ତ ସତ୍କର୍ମରେ ଧନୀ ହୁଅନ୍ତି; ଆଉ ମୁକ୍ତ ହସ୍ତରେ ଓ ଉଦାର ଭାବରେ ଦାନ କରନ୍ତି, ଏଥିନିମନ୍ତେ ସେମାନଙ୍କୁ ଆଜ୍ଞାଦିଅ; ଏହି ପ୍ରକାର କଲେ ସେମାନେ ଭାବୀ ଜୀବନ ନିମନ୍ତେ ଉତ୍କୃଷ୍ଟ ମୂଳଧନ ଆପଣା ଆପଣା ପାଇଁ ସଞ୍ଚୟ କରିବେ, ଯେପରି ପ୍ରକୃତ ଜୀବନପ୍ରାପ୍ତ ହୁଅନ୍ତି" (୧ମ ତୀମଥି ୬ : ୧୮,୧୯)।

ଧନର ସୁଖଭୋଗ କେବଳ ଧନପ୍ରାପ୍ତ ହେଲେ ହୁଏ ନାହିଁ ମାତ୍ର ତାହାକୁ ଈଶ୍ୱରଙ୍କ ଗୌରବ ନିମନ୍ତେ ଏବଂ ଅନ୍ୟମାନଙ୍କର ମଙ୍ଗଳ ନିମନ୍ତେ ବ୍ୟବହାର କଲେ ହୋଇଥାଏ ।

୭ । ତା'ପରେ ଅନେକ ସମୟରେ ଆମକୁ ସ୍ମରଣ କରାଇ ଦିଆଯାଏ ଯେ ଅବ୍ରହାମ୍ ଜଣେ ଧନୀ ବ୍ୟକ୍ତି ଥିଲେ (ଆଦି ୧୩ : ୨), ଏବଂ ତଥାପି ତାହାଙ୍କୁ ଈଶ୍ୱରଙ୍କର ଜଣେ ବନ୍ଧୁ ଭାବରେ ନାମିତ କରାଯାଉଥିଲା ( ଯାକୁବ ୨ : ୨୩)। ଅବଶ୍ୟ, ଏହା ସତ୍ୟ ଅଟେ, କିନ୍ତୁ ଆମର ସ୍ମରଣ କରିବା ଆବଶ୍ୟକ ଯେ ଅବ୍ରହାମ ପୁରାତନ ନିୟମ ଯୁଗରେ ବାସ କରୁଥିଲେ ଯେତେବେଳେ କି ଈଶ୍ୱରଙ୍କ ଆଜ୍ଞାପାଳନ କରୁଥିବା ସମସ୍ତଙ୍କୁ ଭୌତିକ ସମୃଦ୍ଧତା ପ୍ରତିଜ୍ଞାତ ହୋଇଥିଲା । ଧନସଂପଦ ଈଶ୍ୱରଙ୍କର ଆଶୀର୍ବାଦର ଏକ ସଂକେତସ୍ୱରୂପ ଥିଲା ।

ଏହା କ'ଣ ଈଶ୍ୱରଙ୍କର ଅନୁଗ୍ରହ କାଳରେ ସତ୍ୟ ଅଟେ ? ଏହା କହିବା ଅଧିକ ଯଥାର୍ଥ ହେବ ଯେ, ଦୁର୍ଦ୍ଦଶା ଏହି ସମୟର ଆଶୀର୍ବାଦ ହିଁ ଅଟେ ।

ଲାଜାର ଏବଂ ଧନୀ ଲୋକଟିର ଦୃଷ୍ଟାନ୍ତ ଗଳ୍ପରେ (ଲୂକ ୧୬ : ୧୯-୩୧), ପୁରାତନ ନିୟମର ଆଦର୍ଶ ପ୍ରତିକୂଳଭାବେ ସୂଚିତ ହୋଇଛି । ଧନୀ ବ୍ୟକ୍ତିଟି କଠୋର ଶାସ୍ତି ଭୋଗ କଲା କାରଣ ସେ ଅନ୍ୟମାନଙ୍କ ନିମନ୍ତେ ତାହାର ସଂପଦକୁ ବ୍ୟବହାର କରିବାରେ ବିଫଳ ହେଲା କିନ୍ତୁ ତା' ନିଜ ନିମନ୍ତେ ଏହା ସଞ୍ଚିତ କରି ରଖିଲା ।

୮ । ତା'ପରେ ପିମ୍ପୁଡ଼ିଠାରୁ ଶିକ୍ଷା ଗ୍ରହଣ କରିବାକୁ ଆମେ କ'ଣ ଉପଦେଶ ପାଇ ନାହୁଁ ?

> ହେ ଅଳସୁଆ, ତୁମ୍ଭେ ପିମ୍ପୁଡ଼ି ପାଖକୁ ଯାଅ, ତାହାର କ୍ରିୟା ବିବେଚନା କର ଓ ଜ୍ଞାନୀ ହୁଅ । ତାହାର ବିଚାରକର୍ତ୍ତା କି ଅଧ୍ୟକ୍ଷ କି ପ୍ରଭୁ କେହି ନ ଥିଲେ ହେଁ

ସେ ଗ୍ରୀଷ୍ମ କାଳରେ ଆପଣା ଖାଦ୍ୟ ପ୍ରସ୍ତୁତ କରଇ, ପୁଣି ଫସଲ ସମୟରେ ଆହାର ସଞ୍ଚୟ କରଇ'' (ହିତୋପଦେଶ ୬ : ୬-୮) ।

ଏହା କ'ଣ ଦର୍ଶାଏ ନାହିଁ ଯେ ପିମ୍ପୁଡ଼ିଟି ତା'ର ଭବିଷ୍ୟତ ନିମନ୍ତେ ସୁବନ୍ଦୋବସ୍ତ କରିଥାଏ ଏବଂ ଏହି ବିଷୟରେ ତାହାକୁ ଅନୁକରଣ କରିବାକୁ ଆମକୁ କ'ଣ କୁହାଯାଇ ନାହିଁ ? ହଁ, ମନେରଖିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ଯେତେବେଳେ ପିମ୍ପୁଡ଼ିମାନଙ୍କର ଭବିଷ୍ୟତ ଏହି ପୃଥିବୀ ଉପରେ, ଖ୍ରୀଷ୍ଟ ବିଶ୍ୱାସୀଟିର ଭବିଷ୍ୟତ ହେଉଛି ସ୍ୱର୍ଗରେ । ବିଶ୍ୱାସଟି ଏଠାରେ ଜଣେ ଯାତ୍ରୀ ଏବଂ ପଥିକ ଅଟେ : ତା'ର ଗୃହ ହେଉଛି ଉର୍ଦ୍ଧ୍ୱରେ । ଏବଂ ସେ ତା' ଭବିଷ୍ୟତ ନିମନ୍ତେ ଧନସଞ୍ଚୟ କରିବା ''ଉଚିତ୍'' ।

କିନ୍ତୁ ଯେତେଦୂର ଏଠାରେ ତା'ର ଜୀବନ ସଂପର୍କିତ ଆସନ୍ତାକାଲି ନିମନ୍ତେ ଉତ୍କଣ୍ଠିତ ଚିନ୍ତାସବୁ ଗ୍ରହଣ କରିବାକୁ ତାହାକୁ ବାରଣ କରାଯାଇଛି - ସେ କ'ଣ ଖାଇବ କିମ୍ବା କ'ଣ ପିନ୍ଧିବ (ମାଥିଉ ୬ : ୨୫) । ବରଂ ପକ୍ଷୀମାନଙ୍କୁ ଅନୁକରଣ କରିବାକୁ ତାହାକୁ କୁହାଯାଇଛି, ଯେଉଁମାନେ କି ସେମାନଙ୍କର ନୀଡ଼ ପାର୍ଶ୍ୱରେ ଶସ୍ୟ ଭଣ୍ଡାରମାନ ଗଢ଼ି ନ ଥାନ୍ତି; ତଥାପି ଆମର ସ୍ୱର୍ଗସ୍ଥ ପିତା ସେମାନଙ୍କୁ ଆହାର ଦିଅନ୍ତି । ଏବଂ ଯୁକ୍ତି ହେଉଛି ଯଦି ଈଶ୍ୱର ଘରଚଟିଆମାନଙ୍କର ଯତ୍ନ ନିଅନ୍ତି, ତେବେ ସେ ଆମ ପ୍ରତି କେତେ ଅଧିକ ଯତ୍ନ ନ ନେବେ ।

୯ । ଗୋଟିଏ ଶେଷ ତର୍କ ହେଉଛି ଧନୀଟି ନିକଟରେ ପହଞ୍ଚିବା ନିମନ୍ତେ ଧନୀ ହେବାକୁ ହେବ । ମଣ୍ଡଳୀର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଖ୍ରୀଷ୍ଟ ବିଶ୍ୱାସୀମାନେ ଏହା ହୃଦୟଙ୍ଗମ କରି ନ ଥିଲେ । ''ଇତିହାସ ପ୍ରକାଶ କରେ ଯେ, ଆଦ୍ୟ ଖ୍ରୀଷ୍ଟ ବିଶ୍ୱାସୀମାନେ, ସେମାନଙ୍କ ମଧ୍ୟରୁ ଅନେକେ, ଖ୍ରୀଷ୍ଟଙ୍କ ସୁସମାଚାରକୁ ସମସ୍ତସ୍ଥାନକୁ ବୋହି ନେବାକୁ ଏପରି ବ୍ୟଗ୍ର ଥିଲେ ଯେ ଏପରିକି ସେମାନେ ନିଜ ନିଜକୁ ସେବକ ଭାବରେ ନିଯୁକ୍ତ କରିଥିଲେ ବା କ୍ରୀତଦାସ ଭାବେ ବିକ୍ରୀକରି ଦେଇଥିଲେ, ଯେପରିକି ସେମାନେ ଧନୀମାନଙ୍କର ଏବଂ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ଗୃହରେ ବାସ କରିପାରିବେ, ଏବଂ ସେହିସବୁ ପରିବାରରେ ଯୀଶୁଙ୍କର ପ୍ରେମ ଏବଂ ତାଙ୍କର ପରିତ୍ରାଣ ବିଷୟ ପ୍ରକାଶ କରିପାରିବେ'' (ଜେ. ଆର୍. ମିଲର୍‌ଙ୍କ COME YE APART ରୁ ) ।

# ବାଇବଲ କ'ଣ କହେ ?

ବର୍ତ୍ତମାନ ଆମେ ସେହି ବିଶେଷ ତର୍କ ସବୁକୁ ଆଲୋଚନା କଲୁ ଯେଉଁଗୁଡ଼ିକ କି ଏପରି ଏକ ଜଗତରେ, ସଂପତ୍ତିଶାଳୀ ହୋଇ ଖ୍ରୀଷ୍ଟିୟ ଜୀବନଯାପନ କରିବାକୁ ପ୍ରମାଣ ଯୋଗାଏ ଯେଉଁ ଜଗତରେ କି ନୀତିଭ୍ରଷ୍ଟକାରୀ ଦରିଦ୍ର ବାସ କରୁଥାଏ ।

ଏହି କେତୋଟିର ବିରୋଧ କରିବାକୁ ଯାଇ, ବାକ୍ୟର କେତେକାଂଶର ଦୁର୍ବଳ ଯୁକ୍ତିସବୁ ଏହି ସଂପଦଶାଳୀତାର ଭୟାବହତାରୁ ଆମକୁ ଚେତନା ଦିଏ ।

୧ । ''ବିଶ୍ୱସ୍ତ ଲୋକ ଆଶୀର୍ବାଦରେ ବର୍ଦ୍ଧିଷ୍ଣୁ ହେବ; ମାତ୍ର ଯେ ଧନବାନ ହେବାକୁ ଅତି ଉଦ୍ୟମ କରେ, ସେ ଅଦଣ୍ଡିତ ନୋହିବ । କୁଦୃଷ୍ଟି ଲୋକ ସମ୍ପତ୍ତି ପଛେ ଦୌଡ଼େ, ମାତ୍ର ତାହାକୁ ଅଭାବ ଆକ୍ରମଣ କରିବ ବୋଲି ସେ ଜାଣେ ନାହିଁ (ହିତୋ ୨୮ : ୨୦,୨୨) ।

ବସ୍ତୁବାଦୀ ଧନଶାଳୀତା ନିମନ୍ତେ ଉନ୍ମତ୍ତ ଅନ୍ୱେଷଣ ହୋଇଛି ତାହା ନିମନ୍ତେ ଏକ ଅନୁପଯୁକ୍ତ ଅବଲମ୍ବନ ଯିଏ କି ଈଶ୍ୱରଙ୍କର ପ୍ରତିମୂର୍ତ୍ତୀ ଏବଂ ସାଦୃଶ୍ୟରେ ସୃଷ୍ଟି ହୋଇଛି ।

୨ । ''କୌଣସି ଲୋକ ଦୁଇ ପ୍ରଭୁଙ୍କର ଦାସ ହୋଇ ପାରେ ନାହିଁ; କାରଣ ସେ ଜଣଙ୍କୁ ଘୃଣା କରିବ ଓ ଅନ୍ୟ ଜଣଙ୍କୁ ପ୍ରେମ କରିବ, ଅଥବା ଜଣଙ୍କ ପ୍ରତି ଅନୁରକ୍ତ ହେବ ଓ ଅନ୍ୟ ଜଣଙ୍କୁ ଅବଜ୍ଞା କରିବ । ତୁମ୍ଭେମାନେ ଈଶ୍ୱର ଓ ଧନ, ଉଭୟର ଦାସ ହୋଇ ପାର ନାହିଁ (ମାଥିଉ ୬ : ୨୪) ।

ଈଶ୍ୱର ଏବଂ ଧନ ଏଠାରେ ଦୁଇଟି ମୁନିବ ଭାବରେ ଉପସ୍ଥାପିତ ହୋଇଛନ୍ତି ଯେଉଁମାନଙ୍କର ପ୍ରଭୁତ୍ୱ ଏପରି ପ୍ରତିକୂଳ ଯେ ଉଭୟଙ୍କର ସେବା କରିବା ସଂପୂର୍ଣ୍ଣ ଅସମ୍ଭବ । ଏହି ଦୁଇଟି ଜଗତ ନିମନ୍ତେ ବଞ୍ଚିବାର ଲାଳସା ବର୍ତ୍ତମାନ ଧନୀ ହେବାକୁ ଏବଂ ସେତେବେଳେ ଧନୀ ହେବାକୁ, ଜଗତର ସଂପଦ ଉପଭୋଗ କରିବାକୁ ଏବଂ ଏଥିନିମନ୍ତେ ଊର୍ଦ୍ଧ୍ୱରୁ ପୁରସ୍କୃତ ଲାଭ କରିବାକୁ ଏକ ମୃତ୍ୟୁ ଦୁର୍ଘଟଣାର ଆଘାତ ଦିଏ । ଯୀଶୁ କହିଲେ ତୁମେ ଏହି ଦୁଇଟି ବିଷୟ ପ୍ରାପ୍ତ ହୋଇ ପାରିବ ନାହିଁ; ତୁମକୁ ଜଣଙ୍କୁ କିମ୍ବା ଅନ୍ୟଟିକୁ ବାଛିବାକୁ ହେବ ।

୩ । ''ସେଥିରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଧନୀଲୋକ ଅତି କଷ୍ଟରେ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବ । ପୁନଶ୍ଚ ମୁଁ ତୁମ୍ଭମାନଙ୍କୁ କହୁଅଛି, ଈଶ୍ୱରଙ୍କ ରାଜ୍ୟରେ ଧନୀଲୋକର ପ୍ରବେଶ କରିବା

ଅପେକ୍ଷା ବରଂ ସୂଚୀର ଛିଦ୍ର ଦେଇ ଓଟର ପ୍ରବେଶ କରିବା ସହଜ । ଶିଷ୍ୟମାନେ ଏହା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲେ, ତେବେ କିଏ ପରିତ୍ରାଣ ପାଇ ପାରେ ? ଯୀଶୁ ସେମାନଙ୍କୁ ଏକ ଦୃଷ୍ଟିରେ ଚାହିଁ କହିଲେ,ଏହା ମନୁଷ୍ୟର ଅସାଧ, କିନ୍ତୁ ଇଶ୍ୱରଙ୍କର ସମସ୍ତ ସାଧ'' (ମାଥିଉ ୧୯ : ୨୩-୨୬) ।

ଯଦି ଗୁରୁତର ଭାବେ ଆମେ ଯୀଶୁଙ୍କର ଏହି ବାକ୍ୟଗୁଡ଼ିକୁ ବିବେଚନା କରୁ ମୁଁ ଚକିତ ବୋଧ କରେ । ଇଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ଯେ ଧନୀ ବ୍ୟକ୍ତିଟିଏ ନିମନ୍ତେ କଷ୍ଟକର ସେ ଏହା କହି ନ ଥିଲେ; ସେ କହିଥିଲେ ମାନବିକ ଦୃଷ୍ଟିକୋଣରୁ ଏହା ଅସମ୍ଭବ ।

କେହି କେହି ସୂଚୀର ଛିଦ୍ରକୁ ସହର ଦ୍ୱାରରେ ଥିବା ଏକ କ୍ଷୁଦ୍ର ଫାଟକ ବୋଲି ବର୍ଣ୍ଣନା କରନ୍ତି । ଓଟଟିକୁ ଏହା ମଧ୍ୟ ଦେଇ ଯିବାକୁ ହେଲେ ନଇଁ କରି ଯିବାକୁ ହେବ । ମାତ୍ର ଏଠାରେ କୁହାଯାଇଥିବା ସୂଚୀଟି ହେଉଛି ଏକ ସିଲେଇକାରୀ ସୂଚୀ ଏବଂ ଏହାର ଛିଦ୍ର ମଧ୍ୟ ଦେଇ କୌଣସି ଓଟ ପ୍ରବେଶ କରି ପାରିବ ନାହିଁ ।

କେବଳ ସ୍ୱର୍ଗୀୟ ଶକ୍ତିର ଏକ ବିଶେଷ ଅଲୌକିକ କାର୍ଯ୍ୟ ହିଁ ଏକ ଧନୀ ବ୍ୟକ୍ତିକୁ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବାକୁ ସକ୍ଷମ କରିପାରିବ । ତେବେ ଆମେ କାହିଁକି ତାହା ପାଇବାକୁ ଖୁବ୍ ଦୃଢ଼ ପ୍ରତିଦ୍ୱନ୍ଦିତା କରୁଛୁ ଯାହାକି ମନୁଷ୍ୟର ଚିରନ୍ତନ କଲ୍ୟାଣ ନିମନ୍ତେ ଏପରି ଏକ ପ୍ରତିବନ୍ଧକ ଅଟେ ?

୪ । ''କିନ୍ତୁ ହାୟ, ଦଣ୍ଡର ପାତ୍ର ଧନୀ ଯେ ତୁମ୍ଭେମାନେ, କାରଣ ତୁମ୍ଭେମାନେ ଆପଣା ଆପଣା ସୁଖଭୋଗ କରିଅଛ'' (ଲୂକ ୬ : ୨୪) । ଏଠାରେ ଈଶ୍ୱରଙ୍କର ପବିତ୍ର ପୁତ୍ର ଧନୀମାନଙ୍କ ଉପରେ ଏକ ଅଭିଶାପ ଘୋଷଣା କରିଛନ୍ତି । ବାକ୍ୟଟିକୁ ଏଠାରେ କେବଳ ଆକ୍ଷରିକଭାବେ ଗ୍ରହଣ କରାଯାଇ ପାରେ । ଏହାର ଅର୍ଥ ଅନ୍ୟ କିଛି ହୋଇ ପାରେନା ମାତ୍ର ''ଧନୀ'' ହିଁ ଅଟେ । ତେବେ ଆମେ କାହିଁକି ତାହାକୁ ଆଶୀର୍ବାଦଯୁକ୍ତ କରିବାକୁ ଅନ୍ୱେଷଣ କରୁ ଯାହାକୁ କି ଈଶ୍ୱର ଆଶୀର୍ବାଦ କରି ନାହାଁନ୍ତି ?

୫ । ''ତୁମ୍ଭମାନଙ୍କର ଯାହା କିଛି ଅଛି, ତାହା ବିକ୍ରୟ କରି ଦାନ କର; ଯାହା କ୍ଷୟ ପାଏ ନାହିଁ, ଏପରି ଥଳି ଆପଣା ନିମନ୍ତେ ପ୍ରସ୍ତୁତ କର; ଯେଉଁଠାରେ ଚୋର ଚୋରି କରିପାରେ ନାହିଁ କିମ୍ବା କୀଟ ନଷ୍ଟ କରେ ନାହିଁ, ଏପରି ସ୍ୱର୍ଗରେ ଅକ୍ଷୟ ଧନ ସଞ୍ଚୟ କର, କାରଣ ଯେଉଁଠାରେ ତୁମ୍ଭମାନଙ୍କ ଧନ, ସେହିଠାରେ ମଧ୍ୟ ତୁମ୍ଭମାନଙ୍କର ମନ (ଲୂକ ୧୨ : ୩୩,୩୪) ।

ଏହି ବାକ୍ୟସବୁ ଶିଷ୍ୟମାନଙ୍କୁ କୁହାଯାଇଥିଲା (୨୨ ପଦଟିକୁ ଦେଖନ୍ତୁ) । ଆମେ ଏହା କହି ପ୍ରତ୍ୟାଖ୍ୟାନ କରି ଦେବାକୁ ଚେଷ୍ଟା କରୁ ଯେ ଏଗୁଡ଼ିକ ଆମ ନିମନ୍ତେ ଉଦ୍ଦିଷ୍ଟ ନ ଥିଲା । କିନ୍ତୁ କାହିଁକି ନୁହେଁ ? ଏହି ପଦଗୁଡ଼ିକୁ ଆମ ନିମନ୍ତେ ପ୍ରତିରୋଧ କରିଦେବା ଦ୍ୱାରା, ଆମେ କେବଳ ଏକ ଆଶୀର୍ବାଦକୁ ପ୍ରତିରୋଧ କରୁଛୁ ।

ଏହା କେତେ ନିଶ୍ଚିତ ଯେ ଏହି ଅନୁଗ୍ରହର ଯୁଗରେ ଥାଇ ଆମର ପୁରସ୍କୃତ ସଂପଦ ସବୁକୁ ଆମକୁ ବିକ୍ରୀ କରିଦେବାକୁ ହେବ - ଆମର ହୀରକ ଏବଂ ଅନ୍ୟାନ୍ୟ ଅଳଙ୍କାର, ଆମର ମୌଳିକ ଚିତ୍ରକାର୍ଯ୍ୟସବୁ, ଆମର ପ୍ରାଚୀନ କାଠ ଆସବାବପତ୍ର, ଆମର ଉତ୍କୃଷ୍ଟ ରୂପା ଅଳଙ୍କାର, ଆମ ସଂଗୃହୀତ ମୋହର ବା ଟିକେଟସବୁକୁ - ଏବଂ ଏହି ଆୟକୁ ଜଗତସାରା ରହିଥିବା ପ୍ରାଣଗୁଡ଼ିକର ପରିତ୍ରାଣ ନିମନ୍ତେ ନିୟୋଜିତ କରିବାକୁ ହେବ ।

ଆମର ହୃଦୟ କେଉଁଠାରେ ? ଏହା କ'ଣ ସ୍ଥାନୀୟ ବ୍ୟାଙ୍କ୍‌ର ଭଣ୍ଡାର ଗୃହରେ ଅଛି କି ? କିମ୍ବା ଏହା ସ୍ୱର୍ଗରେ ଅଛି ?

''ଯେଉଁଠାରେ ତୁମର ଧନ, ସେହିଠାରେ ମଧ୍ୟ ତୁମ୍ଭର ମନ'' ।

୬ । ''ଯୀଶୁ ଏହା ଶୁଣି ତାଙ୍କୁ କହିଲେ, ତୁମ୍ଭର ଆଉ ଗୋଟିଏ ବିଷୟ ଉଣା ଅଛି; ତୁମ୍ଭେ ଆପଣାର ସର୍ବସ୍ୱ ବିକ୍ରୟ କରି ଦରିଦ୍ରମାନଙ୍କୁ ବିତରଣ କର, ଆଉ ତୁମ୍ଭେ ସ୍ୱର୍ଗରେ ଧନ ପାଇବ; ପୁଣି, ଆସି ମୋହର ଅନୁଗମନ କର । କିନ୍ତୁ ସେ ଏହିସମସ୍ତ କଥା ଶୁଣି ଅତ୍ୟନ୍ତ ଦୁଃଖିତ ହେଲେ, କାରଣ ସେ ଅତିଶୟ ଧନୀ ଥିଲେ'' (ଲୂକ ୧୮ : ୨୨,୨୩) ।

ଆମେ ନିରବଚ୍ଛିନ୍ନ ଭାବେ କହି ଆସୁଛୁ ଯେ ଧନୀ ଯୁବଶାସକଟି ବିଷୟ ଏକ ବିଶେଷ ଘଟଣା ଥିଲା, ଫଳରେ କଳ୍ପନାର କୌଣସି ବିସ୍ତୃତତା ସମସ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ବିଷୟକୁ ବିକ୍ରୀ କରିଦେବାକୁ ଆଦେଶ ନ ଥିଲା । ଏପରିକି ଯଦି ଏହା ହୋଇଥିଲା, ତଥାପି ଆମେ ଏବେ ବିବେଚନାକୁ ଆଣିଥିବା ଅନୁଚ୍ଛେଦଟିର ଶିକ୍ଷାଟି ଠାରୁ ସାରତଃ ଭିନ୍ନ ନୁହେଁ ( ଲୂକ ୧୨ : ୩୩,୩୪) ।

୭ । ''ଈଶ୍ୱର ପରାୟଣତା ସନ୍ତୋଷଭାବଯୁକ୍ତ ହେଲେ ପ୍ରକୃତରେ ବିଶେଷ ଲାଭଜନକ; କାରଣ ଆମ୍ଭେମାନେ ଜଗତକୁ କିଛି ଆଣି ନାହୁଁ, ପୁଣି ଏଠାରୁ କିଛି ଘେନିଯାଇ ନ ପାରୁ; ଏଣୁ ଅନ୍ନବସ୍ତ୍ର ଥିଲେ ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ । ମାତ୍ର ଯେଉଁମାନେ ଧନୀ ହେବାକୁ ଇଚ୍ଛା କରନ୍ତି, ସେମାନେ ପରୀକ୍ଷା ଓ ଫାନ୍ଦରେ ପୁଣି

ଅନେକ ପ୍ରକାର ଅସଙ୍ଗତ ଓ କ୍ଷତିଜନକ ଅଭିଳାଷରେ ପଡ଼ନ୍ତି ଏହିସବୁ ମନୁଷ୍ୟକୁ ଧ୍ୱଂସ ଓ ବିନାଶରୂପ ସାଗରରେ ମଗ୍ନ କରେ । କାରଣ ଧନଲୋଭ ସମସ୍ତ ଅନିଷ୍ଟର ମୂଳ; କେହି କେହି ସେଥିରେ ଆସକ୍ତ ହୋଇ ବିଶ୍ୱାସ ତ୍ୟାଗ କରି ପଥଭ୍ରଷ୍ଟ ହୋଇଅଛନ୍ତି, ପୁଣି ବହୁ ଦୁଃଖରେ ଆପଣା ଆପଣା ହୃଦୟ ବିଦୀର୍ଣ୍ଣ କରିଅଛନ୍ତି । କିନ୍ତୁ ହେ ଈଶ୍ୱରଙ୍କ ଲୋକ, ତୁମ୍ଭେ ଏହି ସମସ୍ତରୁ ପଳାୟନ କରି ଧାର୍ମିକତା, ଈଶ୍ୱରପରାୟଣତା, ବିଶ୍ୱାସ, ପ୍ରେମ, ଧୈର୍ଯ୍ୟ ଓ ସହିଷ୍ଣୁତାର ଅନୁଗାମୀ ହୁଅ'' (୧ମ ତୀମଥି ୬ : ୬-୧୧) ।

ପାଉଲ ଚେତନା ଦେଇଥିଲେ ଯେ ଯେଉଁମାନେ ଧନ ଲାଳସା କରନ୍ତି ସେମାନେ ନିଜ ନିଜକୁ ଅନେକ ପ୍ରକାର ଦୁଃଖରେ କ୍ଷତବିକ୍ଷତ କରନ୍ତି । କେଉଁ ସବୁ ଦୁଃଖ ବିଷୟ ଉତ୍ଥାପନ କରିଥିଲେ ?

କ) ପ୍ରଥମଟି ହେଉଛି ଚିନ୍ତା ଯାହାକି ଅପରିବର୍ତ୍ତନୀୟ ଭାବେ ଧନସହ ସଂଯୁକ୍ତ ରହେ । ''ଧନବାନର ପୂର୍ଣ୍ଣତା ତାହାକୁ ନିଦ୍ରା ଯିବାକୁ ଦେବ ନାହିଁ'' (ଉପ. ୫ : ୧୨) । ଯେଉଁ ଧନ ନିରାପତ୍ତା ଆଣିବ ବୋଲି ମନେ କରାଯାଏ ତାହା ବାସ୍ତବରେ ବିପରୀତ ଫଳ ଆଣେ - ଚୋରୀ ପାଇଁ ଅନବରତ ଭୟ, କିମ୍ବା ପୁଞ୍ଜି ବଜାରର ହ୍ରାସ ବା ମୁଦ୍ରାସ୍ଫିତୀ, ଇତ୍ୟାଦି ।

ଖ) ଦ୍ୱିତୀୟଟି ହେଉଛି ବସ୍ତୁବାଦୀ ସମାଗ୍ରୀର ଅତ୍ୟଧିକ ପ୍ରଚୁରତା ହେତୁ ଆତ୍ମିକ ଭାବେ ଜଣଙ୍କର ସନ୍ତାନମାନଙ୍କୁ ବିନଷ୍ଟ ହେବାର ଲକ୍ଷ୍ୟ କରିବାର ଦୁଃଖ । ସଂପଦଶାଳୀ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ସନ୍ତାନସନ୍ତତିମାନଙ୍କ ମଧ୍ୟରୁ ପ୍ରାୟତଃ କେହି ପ୍ରଭୁଙ୍କ ନିକଟକୁ ଆସନ୍ତି ନାହିଁ ।

ଗ) ତା'ପରେ ହେଉଛି ସଂପଦ ଥାଇ ମଧ୍ୟ ଅତ୍ୟାବଶ୍ୟକ ସମୟରେ ତାହା ପ୍ରାପ୍ତ ହେବାର ବିଫଳତା ହେତୁ ତିକ୍ତତା ଅନୁଭବ କରିବା ।

ଘ) ଧନୀ ବ୍ୟକ୍ତିଟି ଏହା କଦାପି ଜାଣେ ନାହିଁ ଯେ ତାହାର କେତେ ଜଣ ବନ୍ଧୁ ଅଛନ୍ତି । ଏହା ହିତ ୧୪ : ୨୦କୁ ବିରୋଧ କରୁଥିବାର ଜଣାପଡ଼େ ଯାହା କହେ, ''ଦରିଦ୍ର ଆପଣା ପ୍ରତିବାସୀର ହିଁ ଘୃଣିତ

ହୁଅଇ; ମାତ୍ର ଧନବାନ୍‌ର ଅନେକ ବନ୍ଧୁଥାନ୍ତି'' (ହିତୋ ୧୪ : ୨୦) । କିନ୍ତୁ ସେମାନେ କ'ଣ ପ୍ରକୃତ ବନ୍ଧୁ ଅଟନ୍ତି କିମ୍ବା ସ୍ୱାର୍ଥପର କାରଣ ହେତୁ ସେମାନେ କେବଳ ଆଂଶିକ ଭାବେ ବନ୍ଧୁତାଚରଣ କରୁଛନ୍ତି ?

ଙ) ଧନସଂପଦ ଅବଶ୍ୟାମ୍ଭାବୀ ଭାବେ ମଣିଷର ହୃଦୟକୁ ତୃପ୍ତ କରିବାରେ ଅକ୍ଷମ ହୁଏ (ଉପ ୨ : ୮,୧୨), ମାତ୍ର ଅଧିକରୁ ଅଧିକ ପାପ୍ତ ହେବା ନିମନ୍ତେ ଏକ ଅବିରାମ ଆକାଂକ୍ଷା ସୃଷ୍ଟି କରେ (ଉପ. ୪ : ୮; ୫ : ୧୦) ।

ଚ) ପରିଶେଷରେ ଜଣେ ବ୍ୟକ୍ତିର ଚରିତ୍ର ଉପରେ ଧନ ଅନେକ ସମୟରେ ମନ୍ଦ ପ୍ରଭାବ ପକାଏ, ଉଦାହରଣ ସ୍ୱରୂପ ଗର୍ବ ସୃଷ୍ଟି କରେ (ହିତୋ ୨୮ : ୧୧) ଏବଂ କର୍କଶ ବ୍ୟବହାର ଜାତ କରେ (ହିତୋ ୨୮; ୨୩; ଯାକୁବ ୨ : ୫-୭) ।

''ମାଥିଉ ହେନ୍ରୀ'' ଆମକୁ ସ୍ମରଣ କରାଇ ଦିଅନ୍ତି, ''ଧନସଂପଦ ନିମନ୍ତେ ବ୍ୟବହୃତ ଏବ୍ରୀ ଶବ୍ଦଟି ''ଅତ୍ୟଧିକତା''କୁ ପ୍ରତିଫଳନ କରେ; ଏବଂ ଧନସଂପଦ ଏକ ବୋଝ ସଦୃଶ - ସେଗୁଡ଼ିକୁ ପ୍ରାପ୍ତ ହେବା ନିମନ୍ତେ ଏକ ଦାୟିତ୍ୱର ବୋଝ, ସେଗୁଡ଼ିକୁ ରଖିବା ନିମନ୍ତେ ଏକ ଭୟର ବୋଝ ଏକ ପ୍ରଲୋଭନର ବୋଝ ଏକ ସନ୍ତାପର ବୋଝ, ଏବଂ ପରିଶେଷରେ ସେଗୁଡ଼ିକର ହିସାବ ସମୀକ୍ଷା କରିବାର ବୋଝ ରହିଛି'' ।

୮ । ''ଯେଉଁମାନେ ଇହକାଳରେ ଧନୀ, ସେମାନେ ଯେପରି ଅହଂକାରୀ ନ ହୁଅନ୍ତି ଏବଂ ଅସ୍ଥାୟୀ ଧନ ଉପରେ ନିର୍ଭର ନ କରନ୍ତି, ବରଞ୍ଚ ତାହାଙ୍କ ଉପରେ ନିର୍ଭର କରନ୍ତି, ପୁଣି ପରୋପକାର କରି ସମସ୍ତ ସତ୍କର୍ମରେ ଧନୀ ହୁଅନ୍ତି; ଆଉ ମୁକ୍ତ ହସ୍ତରେ ଓ ଉଦାର ଭାବରେ ଦାନ କରନ୍ତି, ଏଥିନିମନ୍ତେ ସେମାନଙ୍କୁ ଆଜ୍ଞାଦିଅ; ଏହି ପ୍ରକାର କଲେ ସେମାନେ ଭାବି ଜୀବନ ନିମନ୍ତେ ଉତ୍କୃଷ୍ଟ ମୂଳଧନ ଆପଣା ଆପଣା ପାଇଁ ସଞ୍ଚୟ କରିବେ, ଯେପରି ପ୍ରକୃତ ଜୀବନ ପ୍ରାପ୍ତ ହୁଅନ୍ତି''(୧ମ ତୀମଥି ୬ : ୧୨-୧୯) ।

ଏହି ବାକ୍ୟଗୁଡ଼ିକରେ, ଆମକୁ କୁହାଯାଇଛି ''ଯେଉଁମାନେ ଧନୀ ସେମାନଙ୍କୁ ଆଜ୍ଞା ଦିଅ'' ତଥାପି କେତେଜଣ ପ୍ରଭୁଙ୍କର ସେବକ ଏହି କ୍ଷମତାକୁ

ପୂରଣ କରିଥାନ୍ତି ? ଆମ ମଧ୍ୟରୁ କେତେଜଣ ଧନୀମାନଙ୍କୁ କେବେ ଆଜ୍ଞା ଦେଇଛନ୍ତି କି ? ଏପରିକି ଆମ ମଧ୍ୟରୁ ଅନେକ କଦାପି ଏହି ପଦଟି ଉପରୁ ବାର୍ତ୍ତାଟିଏ ''ଶୁଣି'' ନାହାଁନ୍ତି । ତଥାପି ସେତେବେଳେ ମଧ୍ୟ ଏପରି ସମୟ ନ ଥିଲା ସମ୍ଭବତଃ ଯେତେବେଳେ ଏହି ବୈପ୍ଳବିକ ବାର୍ତ୍ତାରେ ଅଧିକ ଆବଶ୍ୟକତା ଅନୁଭୂତି ହୋଇଥିଲା ।

ଏହି ବାର୍ତ୍ତାଟିକୁ ପ୍ରଚାର କରିବା ନିମନ୍ତେ, ପ୍ରଥମେ ଆମେ ଆମ ନିଜକୁ ଏହାର ବାଧ ହେବାକୁ ହେବ । ଆମେ ଯଦି ବିଶ୍ୱାସରେ ଜୀବନଯାପନ ନ କରି ତା' ପରିବର୍ତ୍ତେ ଦର୍ଶନରେ ବଞ୍ଚୁଛୁ, ତେବେ ଜଗତରେ ଧନ ସଞ୍ଚୟ ନ କରିବାକୁ ଅନ୍ୟମାନଙ୍କୁ ଆମେ କହି ପାରିବୁ ନାହିଁ । ଜୀବନ ହିଁ ଓଷ୍ଠାଧରକୁ ମୁଦ୍ରିତ କରିଦିଏ ।

ଈଶ୍ୱର ଭବିଷ୍ୟଦ୍‌ବକ୍ତାଙ୍କ ଗୋଷ୍ଠୀୟ ଲୋକମାନଙ୍କୁ ଅନ୍ୱେଷଣ କରୁଛନ୍ତି ଯେଉଁମାନେ ପରିଣାମକୁ ଖାତିର୍ ନ କରି ନିର୍ଭୟରେ ତାଙ୍କର ବାକ୍ୟ ପ୍ରଚାର କରିବେ । ଆମୋଷ ପରି ବ୍ୟକ୍ତି ଯେ କି ଚିତ୍କାର କରନ୍ତି :

''ହେ ଶମିରିୟାର ପର୍ବତବାସିନୀ ବାଶନର ଗାଭୀସବୁ, ତୁମ୍ଭେମାନେ ଏହି ବାକ୍ୟ ଶୁଣ, ତୁମ୍ଭେମାନେ ଦରିଦ୍ରଗଣ ପ୍ରତି ଉପଦ୍ରବ କରୁଅଛ, ଦୀନହୀନମାନଙ୍କୁ ଦଳି ପକାଉଅଛ, ତୁମ୍ଭେମାନେ ଆପଣା ଆପଣା କର୍ତ୍ତାକୁ କହୁଅଛ, ଆଣ, ଆମ୍ଭେମାନେ ପାନ କରିବା । ପ୍ରଭୁ ସଦାପ୍ରଭୁ ଆପଣା ପବିତ୍ରତାରେ ଶପଥ କରି କହିଅଛନ୍ତି, ଦେଖ, ଯେଉଁ ସମୟରେ ଲୋକମାନେ ତୁମ୍ଭମାନଙ୍କୁ ଙ୍କୋଡାରେ ଓ ତୁମ୍ଭମାନଙ୍କର ଅବିଶିଷ୍ଟାଂଶକୁ ବଡ଼ଶୀ କଣ୍ଟାରେ ଟାଣି ନେବେ, ଏପରି ସମୟ ତୁମ୍ଭମାନଙ୍କ ନିମନ୍ତେ ଆସିବ । ପୁଣି, ତୁମ୍ଭମାନଙ୍କର ପ୍ରତ୍ୟେକଜଣ ଆପଣା ଆପଣା ସମ୍ମୁଖସ୍ଥ ଭଗସ୍ଥାନ ଦେଇ ବାହାରି ଯିବ ଓ ହର୍ମୋଣରେ ଆପଣାମାନଙ୍କୁ ନିକ୍ଷେପ କରିବ, ଏହା ସଦାପ୍ରଭୁ କହନ୍ତି'' (ଆମୋଷ ୪ : ୧-୩) ।

କିମ୍ୱା ହାଗୟ ପରି ବ୍ୟକ୍ତିଟିଏ ଯିଏ ବଜ୍ର ସ୍ୱରରେ କହନ୍ତି :

ନିଜର ଫଳକମଣ୍ଡିତ ଗୃହରେ ବାସ କରିବାର କି ସମୟ ଏହି ? (ହାଗ୍ୟ ୧ : ୪) ।

ଅବଶ୍ୟ, ଭବିଷ୍ୟଦ୍‌ବକ୍ତାମାନେ ଲୋକପ୍ରିୟ ନ ଥିଲେ । ସେମାନଙ୍କର ଉପସ୍ଥିତି ସେମାନଙ୍କ ସମସାମୟିକ ବ୍ୟକ୍ତିମାନଙ୍କ ନିମନ୍ତେ ଏକ ପ୍ରତିରୋଧକରୂପେ

ଥିଲା । ସେମାନେ ଆର୍ଥିକଭାବେ ଚାପଗ୍ରସ୍ତ ଏବଂ ସାମାଜିକ ଭାବେ ସମାଜଚ୍ୟୁତ ଅବସ୍ଥାରେ ଥିଲେ । ସେହି ସମୟରେ ସେମାନେ ତାଡ଼ିତ ହେଉଥିଲେ, ଏବଂ ଯଦି ଅନ୍ୟ କୌଣସି ବିଷୟ ସେମାନଙ୍କୁ ନୀରବ କରିପାରୁ ନ ଥିଲା, ତେବେ ସେମାନଙ୍କୁ ହତ୍ୟା କରାଯାଉଥିଲା । ଏହା ସେମାନଙ୍କର ଚିନ୍ତାର ବିଷୟ ନ ଥିଲା; ଏକ ମିଥ୍ୟାଜୀବନଯାପନଠାରୁ ସେମାନେ ବରଂ ସତ୍ୟ ପ୍ରକାଶ କରିବାକୁ ଶ୍ରେୟଜ୍ଞାନ କରିବେ ।

ବସ୍ତୁବାଦ ଏବଂ ଧନସଂପଦ ଆଜିକାଲି ମଣ୍ଡଳୀରେ ଆତ୍ମିକ ଶକ୍ତିର ପ୍ରବାହରେ ପ୍ରତିବନ୍ଧକ ଆଣୁଛି । ଯେପର୍ଯ୍ୟନ୍ତ ବିଶ୍ୱାସୀମାନେ ରାଜାରୂପେ ରାଜତ୍ୱ କରୁଛନ୍ତି ସେପର୍ଯ୍ୟନ୍ତ ଧର୍ମୋନ୍ମାଦ କଦାପି ଆସି ପାରିବ ନାହିଁ । କିଏ ଉତ୍ଥିତ ହେବ ଏବଂ ବିଶ୍ୱାସ ଓ ଆତ୍ମୋତ୍ସର୍ଗର ଜୀବନ ଯାପନ କରିବା ନିମନ୍ତେ ଈଶ୍ୱରଙ୍କ ଲୋକମାନଙ୍କୁ ପଛକୁ ଫେରି ଆସିବାକୁ ଆହ୍ୱାନ କରିବ ?

କିଏ ଲୋକମାନଙ୍କୁ ଯାହା ପ୍ରକୃତ ଜୀବନ ତାହା କିପରି ଧରି ରଖିବାକୁ ହେବ ଏହା ପ୍ରଦର୍ଶିତ କରିବ ( ୧ମ ତୀମଥି ୬ : ୧୯) ? ''ଏକମାତ୍ର ପ୍ରକୃତ ଜୀବନ ହେଉଛି ଚିରନ୍ତନତାର ଆଲୋକରେ ଜୀବନଯାପନ କରିବା - ଈଶ୍ୱରଙ୍କ ଗୌରବ ବୃଦ୍ଧି ନିମନ୍ତେ ଆମର ଅଧିକୃତ ସମସ୍ତ ବିଷୟକୁ ବିନିଯୋଗ କରିବା ଏବଂ ଚିରନ୍ତନ ପ୍ରାସାଦଟି ନିମନ୍ତେ ଦୃଷ୍ଟିପାତ ପୂର୍ବକ ଜୀବନଯାପନ କରିବା । ଏହା, କେବଳ ଏହି ଜୀବନ ହିଁ ବାସ୍ତବ ଜୀବନ'' - ସି.ଏଚ୍. ମ୍ୟାକିନ୍‌ତୋଷ୍ ।

୯ । ''ଧନୀ ଆପଣା ଦୀନବସ୍ଥାରେ ଦର୍ପ କରୁ, କାରଣ ଘାସର ଫୁଲ ପରି ସେ ଝରିପଡ଼ିବ । ଯେଣୁ ସୂର୍ଯ୍ୟ ସତାପରେ ଉଦୟ ହୁଅନ୍ତେ ଘାସ ଯେପରି ଶୁଖିଯାଏ ଓ ତାହାର ଫୁଲ ଝରିପଡ଼େ ପୁଣି ତାହାର ରୂପର ସୌନ୍ଦର୍ଯ୍ୟ ନାଁଶ ହୁଏ, ସେହିପରି ଧନୀ ଲୋକହିଁ ଆପଣାର ସବୁ ଗତିରେ ଝାଉଁଳି ପଡ଼ିବ'' (ଯାକୁବ ୧ : ୧୦, ୧୧) ।

ତା'ର ଧନରେ ଦର୍ପ କରିବାକୁ ଧନୀ ଲୋକକୁ କୁହାଯାଇ ନାହିଁ, ମାତ୍ର ସେହି ବିଷୟରେ ଯାହାକି ତାହାକୁ ନତ କରେ । ଏହା କାହିଁକି ? କାରଣ ଧନ ହିଁ ଘାସ ପରି ନଷ୍ଟ ହୋଇଯିବ ମାତ୍ର ଆତ୍ମିକ ଅଭିଜ୍ଞତାସମୂହ ଏବଂ ଅଧ୍ୟୟନରେ ଚିରନ୍ତନ ମୂଲ୍ୟ ନିହିତ ରହିଛି ।

୧୦ । ଏବେ ଦେଖ, ହେ ଧନୀମାନେ, ତୁମ୍ଭମାନଙ୍କର ଆସନ୍ନ ଦୁର୍ଦ୍ଦଶା ନିମନ୍ତେ କ୍ରନ୍ଦନ ଓ ହାହାକାର କର । ତୁମ୍ଭମାନଙ୍କର ସମ୍ପତ୍ତି କ୍ଷୟ ପାଇଲାଣି, ତୁମ୍ଭମାନଙ୍କର ବସ୍ତ୍ର ପୋକ ଖାଇଲାଣି, ପୁଣି ତୁମ୍ଭମାନଙ୍କର ସୁନା ଓ ରୂପାରେ କଳଙ୍କ ଲାଗିଲାଣି; ସେଥିର କଳଙ୍କ ତୁମ୍ଭମାନଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବ ଓ ଅଗ୍ନି ପରି ତୁମ୍ଭମାନଙ୍କର ମାଂସ ଗ୍ରାସ କରିବ । ଏହି ଶେଷ କାଳରେ ତୁମ୍ଭେମାନେ ଧନ ସଞ୍ଚୟ କରିଅଛ । ଦେଖ, ତୁମ୍ଭମାନଙ୍କ କ୍ଷେତ୍ରର ଶସ୍ୟଚ୍ଛେଦନକାରୀମାନଙ୍କୁ ପ୍ରବଞ୍ଚନା କରି ତୁମ୍ଭେମାନେ ଯେଉଁ ମୂଲ ଦେଇ ନାହଁ, ତାହା ଚିତ୍କାର କରୁଅଛି, ପୁଣି ଶସ୍ୟଚ୍ଛେଦନକାରୀମାନଙ୍କ ଆର୍ତ୍ତନାଦ ବାହିନୀମାନଙ୍କ ପ୍ରଭୁଙ୍କ କର୍ଣ୍ଣରେ ପ୍ରବେଶ କରିଅଛି । ତୁମ୍ଭେମାନେ ଜଗତରେ ସୁଖଭୋଗ ଓ ବିଳାସିତାରେ କାଳକ୍ଷେପଣ କରିଅଛ, ବଧ ଦିନରେ ଆପଣା ଆପଣା ମନକୁ ତୃପ୍ତ କରିଅଛ'' (ଯାକୁବ ୫ : ୧-୬) ।

ଏଠାରେ ଧନ ସ୍ଥୂଳ କରିବା ବିପକ୍ଷରେ (୩ ପଦ), ସେମାନଙ୍କର ମୂଲ ନ ଦେଇ ଧନବୃଦ୍ଧି କରିବା ବିପକ୍ଷରେ (୪ ପଦ), ବିଳାସବ୍ୟସନ ପ୍ରିୟ ଜୀବନ ବିପକ୍ଷରେ (୫ ପଦ), ଏବଂ ପ୍ରତିରୋଧ କରିବାକୁ ଅସହାୟ ଏପରି ନିରୀହ ବ୍ୟକ୍ତିଙ୍କର ସୁଯୋଗର ଫାଇଦା ଉଠାଇବା ବିପକ୍ଷରେ (୬ପଦ) ଈଶ୍ୱରଙ୍କ ଆତ୍ମା ଚିତ୍କାର କରୁଛି ।

ଏହା ଯୁକ୍ତି କରିବା ଅନାବଶ୍ୟକ ଯେ ଏହି ପଦଗୁଡ଼ିକ ବିଶ୍ୱାସୀମାନଙ୍କ ନିମନ୍ତେ କିମ୍ବା ଅବିଶ୍ୱାସୀମାନଙ୍କ ନିମନ୍ତେ ଲିଖିତ ହୋଇଥିଲା । ଯଦି ଜୋତାଟି ଠିକ୍ ହେଉଛି, ଆମେ ଏହାକୁ ପିନ୍ଧିବା ଉଚିତ୍ ।

୧୧ । ''ତୁମ୍ଭେ କହୁଅଛ, ମୁଁ ଧନୀ, ମୋହର ବହୁତ ସମ୍ପତ୍ତି ଅଛି, ମୋହର କୌଣସି ଅଭାବ ନାହିଁ, ମାତ୍ର ତୁମ୍ଭେ ଯେ ଦୁର୍ଭାଗା, ଦୀନହୀନ, ଦରିଦ୍ର, ଅନ୍ଧ ଓ ଉଲଙ୍ଗ, ଏହା ଜାଣି ନାହିଁ; ଏଣୁ ଆମ୍ଭେ ତୁମ୍ଭକୁ ଏହି ପରାମର୍ଶ ଦେଉଅଛୁ, ତୁମ୍ଭେ ଧନୀ ହେବା ନିମନ୍ତେ ଅଗ୍ନିରେ ପରିଷ୍କୃତ ସୁବର୍ଣ୍ଣ, ଆଉ ତୁମ୍ଭ ଉଲଙ୍ଗତାର ଲଜ୍ଜା ଯେପରି ପ୍ରକାଶିତ ନ ହୁଏ, ଏଥିପାଇଁ ପରିଧାନ କରିବା ପାଇଁ ଶୁକ୍ଳ ବସ୍ତ୍ର, ପୁଣି ଦୃଷ୍ଟି ପାଇବା ନିମନ୍ତେ ଚକ୍ଷୁରେ ଲେପନ କରିବା ପାଇଁ ଅଞ୍ଜନ ଆମ୍ଭ ନିକଟରୁ କିଣ । ଆମ୍ଭେ ଯେତେ ଲୋକଙ୍କୁ ଭଲ ପାଉ, ସେମାନଙ୍କୁ ଅନୁଯୋଗ ଓ ଶାସନ କରିଥାଉ; ଅତଏବ ଉଦ୍‌ଯୋଗୀ ହୋଇ ମନପରିବର୍ତ୍ତନ କର (ପ୍ରକାଶିତ ୩ : ୧୭-୧୯) ।

ଏହା ହେଉଛି ମଣ୍ଡଳୀମାନଙ୍କ ପ୍ରତି ପ୍ରଭୁଙ୍କର ଶେଷ ସମାଚାର, ଲାଓଦିକୀୟ ମଣ୍ଡଳୀର ଲୋକମାନଙ୍କୁ ତୀକ୍ଷ୍ଣ ବାକ୍ୟସବୁ। ସେମାନେ ପ୍ରକୃତରେ ବ୍ୟାଖ୍ୟା ଆବଶ୍ୟକ କରୁ ନ ଥିଲେ। ଆମେ ଜାଣୁ ସେଗୁଡ଼ିକର ଅର୍ଥ କ'ଣ ଏବଂ ଆମେ ମଧ ଜାଣୁ ଯେ ଆମମାନଙ୍କ ପ୍ରତି ସେଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ପ୍ରୟୋଗ ରହିଛି । ସେଗୁଡ଼ିକ କେବଳମାତ୍ର ଆମର ବାଧ୍ୟତା ଆବଶ୍ୟକ କରନ୍ତି ।

## ଅଳସୁଆ ପ୍ରତି ଏକ ସତର୍କ ସୂଚନା !

ଏହା ଏକ ସର୍ବଦା ଭୟର ବିଷୟ ହୋଇ ରହି ଆସିଛି ଯେ, ଏହିଭଳି କାଗଜ ଶ୍ରମ ବିମୁଖତା ନିମନ୍ତେ ଏକ କ୍ଷମା ପତ୍ର ରୂପେ ବ୍ୟବହୃତ ହୋଇପାରେ । କାର୍ଯ୍ୟ କରିବାକୁ ସ୍ଥିର ନିଶ୍ଚିତ ଅନିଚ୍ଛାକାରୀ କେହି ହୁଏତ ଏହା ପାଠ କରିପାରେ ଏବଂ କହିପାରେ, ''ଏହା ହିଁ ହେଉଛି ତାହା ଯାହା ମୁଁ ସର୍ବଦା ବିଶ୍ୱାସ କରି ଆସୁଛି'' ।

ବେଶ୍, ଏହି ବାର୍ତ୍ତା ଅକୃତକାର୍ଯ୍ୟମାନଙ୍କ ନିମନ୍ତେ କିମ୍ବା ଯେଉଁମାନେ ଅନୁଭବ କରନ୍ତି ଜଗତ (କିମ୍ବା ମଣ୍ଡଳୀ) ସେମାନଙ୍କୁ ଏକ ଜୀବନଯାପନ କରିବାକୁ ବାଧ୍ୟ କରିଛି ସେମାନଙ୍କ ନିମନ୍ତେ ନୁହେଁ । ସେହିଭଳି ଲୋକମାନଙ୍କ ନିମନ୍ତେ ଈଶ୍ୱରଙ୍କର ଏକ ଭିନ୍ନବାର୍ତ୍ତା ରହିଛି : ''ଶଯ୍ୟାତ୍ୟାଗ କର ଏବଂ କାର୍ଯ୍ୟକୁ ଯାଅ'' (୨ଥେସ. ୩ : ୬-୧୨ ଦେଖନ୍ତୁ) ।

ଏହି ବାର୍ତ୍ତା ସେହିମାନଙ୍କ ନିମନ୍ତେ ଯେଉଁମାନେ ଗମ୍ଭୀର, ଉଦ୍ୟୋଗୀ ଏବଂ କଠିନ ପରିଶ୍ରମୀ। ଯେଉଁମାନେ ନିଷ୍ଠାର ସହ ସେମାନଙ୍କ ପରିବାରର ବର୍ତ୍ତମାନର ଆବଶ୍ୟକତାକୁ ଯୋଗାଇଥା'ନ୍ତି, ଏବଂ ଯେଉଁମାନେ ପ୍ରଭୁ ଯୀଶୁଙ୍କ ନିମନ୍ତେ ପ୍ରଥମ ଏବଂ ଶୀର୍ଷସ୍ଥାନ ପ୍ରଦାନପୂର୍ବକ ଭବିଷ୍ୟତ ନିମନ୍ତେ ଈଶ୍ୱରଙ୍କ ଉପରେ ଭରସା କରନ୍ତି ।

## ବିଚାର କରିବା ବିପକ୍ଷରେ ଏକ ସତର୍କ ସୂଚନା !

ଅନ୍ୟ ଏକ ବିପଦ ରହିଛି ଯାହାକୁ କି ଦୂରେଇ ଦେବାକୁ ହେବ । ଏହା ହେଉଛି ସେମାନଙ୍କର ବସ୍ତୁବାଦୀ ସମ୍ପତ୍ତି ହେତୁ ବ୍ୟକ୍ତିମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାର ଭୟ । ଆମର ଅନ୍ୟକୁ ବିଚାର କରିବା ଉଚିତ୍ ନୁହେଁ, କିମ୍ବା ଈଶ୍ୱରଙ୍କ ପ୍ରତି ସେମାନଙ୍କର ଧର୍ମନିଷ୍ଠତା ଉପରେ ପ୍ରଶ୍ନ କରିବା ଉଚିତ୍ ନୁହେଁ ।

ଧନସମ୍ପଦ ବିଷୟରେ ଈଶ୍ୱରଙ୍କ ବାକ୍ୟର ତତ୍ତ୍ୱ ଘୋଷଣା କରିବା ଗୋଟିଏ ବିଷୟ । ଜଣେ ଖ୍ରୀଷ୍ଟ ବିଶ୍ୱାସୀ ଗୃହକୁ ଯାଇ ତା'ର ସମ୍ପତ୍ତି ମୋଟ ଅଟକଳ କରିବା, ଏବଂ ତା'ପରେ ତା' ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସଂପୂର୍ଣ୍ଣ ଭିନ୍ନ ବିଷୟ ।

ଈଶ୍ୱର କ'ଣ କହନ୍ତି ତାହା ଶୁଣିବା ନିମନ୍ତେ ଆମେ ସମସ୍ତେ ଦାୟୀ ଅଟୁ, ତା'ପରେ ଆମେ ତାହାକୁ ଆମ ଜୀବନରେ ପ୍ରୟୋଗ କରୁ । ଏକ ବଡ ପରିବାରର ବର୍ତ୍ତମାନର ଆବଶ୍ୟକ ଜଣେ ବ୍ୟକ୍ତିର ଆବଶ୍ୟକତାଠାରୁ ନିଶ୍ଚିତରୂପେ ଅଧିକ ହେବ ।

ଆମେ ଅନ୍ୟ କାହାକୁ କହି ପାରିବା ନାହିଁ ଯେ ତା' ନିମନ୍ତେ ଈଶ୍ୱରଙ୍କ ଆଦେଶର ବାଧ୍ୟ ହେବା କହିଲେ କ'ଣ ବୁଝାଏ । ଭଣ୍ଡାର ରକ୍ଷକ ଭାବେ ଆମ ପ୍ରତ୍ୟେକଙ୍କୁ ଈଶ୍ୱରଙ୍କ ନିକଟରେ ନିଜ ନିଜର ହିସାବ ଦେବାକୁ ହେବ, ଅନ୍ୟମାନଙ୍କର ନୁହେଁ ।

ତେଣୁ ଈଶ୍ୱର ଆମ୍ଭମାନଙ୍କୁ ଅନ୍ୟମାନଙ୍କ ପ୍ରତି ଏକ କର୍କଶ, ଜଟିଳ, ନିନ୍ଦାସୂଚକ ଆତ୍ମାରୁ ରକ୍ଷା କରନ୍ତୁ ।

## ଉପସଂହାର

ଈଶ୍ୱରଙ୍କ ବାକ୍ୟରୁ ଏହା ସ୍ପଷ୍ଟ ଜଣାପଡ଼େ ଯେ ବିଶ୍ୱାସୀମାନେ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ପାଇ ସନ୍ତୁଷ୍ଟ ହୋଇ ରହିବା ଉଚିତ୍; ସେମାନେ ମଧ୍ୟ ସେମାନଙ୍କ ପରିବାରର ବର୍ତ୍ତମାନ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ପରିଶ୍ରମୀ ହେବା ଉଚିତ୍; ଏବଂ ଏ ସମସ୍ତଠାରୁ ଅତ୍ୟଧିକ ସମସ୍ତ ବିଷୟ ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ବିନିଯୋଗ ହେବା ଉଚିତ୍ । ସେମାନେ ନିଜ ଭବିଷ୍ୟତର ସୁରକ୍ଷା ନିମିତ୍ତ ଚେଷ୍ଟିତ ହେବା ଉଚିତ୍ ନୁହେଁ, ମାତ୍ର ଏଥିନିମନ୍ତେ ଈଶ୍ୱରଙ୍କୁ ଭରସା କରିବା ଉଚିତ୍ । ସେମାନଙ୍କ ଜୀବନର ସର୍ବୋତ୍ତମ ଲକ୍ଷ୍ୟ ହେବା ଉଚିତ୍ ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସେବା କରିବା; ସମସ୍ତ ବିଷୟ ତାଙ୍କର ଅଧୀନସ୍ଥ ହେବା ଉଚିତ୍ ।

ଏହା ହିଁ ହେଉଛି ସେହି ଜୀବନ ଯାହା ସୁସମାଚାରରେ ବର୍ଣ୍ଣିତ ହୋଇଛି, ପ୍ରେରିତମାନଙ୍କ କାର୍ଯ୍ୟରେ ସାଧିତ ହୋଇଛି ଏବଂ ପତ୍ରଗୁଡ଼ିକରେ ସୁସ୍ପଷ୍ଟ ରୂପେ ବାଖ୍ୟା କରାଯାଇଛି । ପ୍ରଭୁ ଯୀଶୁ ନିଜେ ହିଁ ହେଉଛନ୍ତି ପ୍ରଥମ ଦୃଷ୍ଟାନ୍ତ ।

କିନ୍ତୁ ପ୍ରଶ୍ନ ହୁଏତ ଉଠିପାରେ, "ମୁଁ କିପରି ଏହାକୁ ମୋ ଜୀବନରେ ବ୍ୟବହାରିକ କରି ପାରିବି ? ମୁଁ କ'ଣ କରିବା ଉଚିତ୍ ?"

୧ । ଆମେ ପ୍ରଥମେ ଆମ ନିଜକୁ ପ୍ରଭୁଙ୍କୁ ଦାନ କରିବା (୨ କରିନ୍ଥୀୟ ୮ : ୫) । ଯେତେବେଳେ ଆମେ ତାହାଙ୍କ ନିକଟରେ ଥାଉ, ସେତେବେଳେ ଏହା ନିଶ୍ଚିତ ଯେ ସେ ଆମର ସଂପଦ ହୋଇଥା'ନ୍ତି ।

୨ । ତା'ପରେ ପ୍ରଭୁ ଯେତେବେଳେ ଆମ ଜୀବନର ବିଭିନ୍ନ କ୍ଷେତ୍ରରେ ତାଙ୍କର ଅଙ୍ଗୁଳି ସ୍ଥାପନ କରନ୍ତି, ଆମର ସେତେବେଳେ ତାହା ପ୍ରତି ଜରୁରୀ ମନୋଯୋଗୀ ହେବା ଉଚିତ୍ । ବୋଧହୁଏ ଦାମୀ ଭୋଜନାଳୟମାନଙ୍କରେ ଖାଇବା ସମୟରେ ସେ ଆମ ହୃଦୟରେ ଏକ ଅସୁଖ ଭାବ ସୃଷ୍ଟି କରିବେ ? କିମ୍ବା ଦାମୀ କ୍ରୀଡ଼ା-ସରଞ୍ଜାମଗୁଡ଼ିକରେ ଅର୍ଥ ବ୍ୟୟ କରିବା ସମୟରେ ଏହା ସୃଷ୍ଟି କରିବେ ? ଆମେ ଯେତେବେଳେ ସେହି ସାଂପ୍ରତିକ ମଡେଲ୍‌ର, ଖୁବ୍ ଦାମୀ କାର୍‌ଟି ପ୍ରତି ଦୃଷ୍ଟିପାତ କରୁ, ସେ ହୁଏତ ଆମକୁ ଏକ ଉନ୍ନତତର କାର୍‌ଟି ପାଇବାର ସମ୍ଭାବନା ଦେଖାଇ ପାରନ୍ତି ଏବଂ ସୁସମାଚାର ପ୍ରସାର କ୍ଷେତ୍ରରେ ଭିନ୍ନତା ଉପସ୍ଥାପନ କରିପାରନ୍ତି । ସେ ହୁଏତ ଆମର ପୋଷାକରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ପାରନ୍ତି, ଅନେକଙ୍କୁ ଈଶ୍ୱରଙ୍କ ଧାର୍ମିକତାର ପୋଷାକରେ ଭୂଷିତ କରିବା ନିମିତ୍ତ । କମ୍-ଚାହିଦାଯୁକ୍ତ ନିଯୁକ୍ତିର ଏକ ପରିବର୍ତ୍ତନ ହୁଏତ ସୂଚିତ ହୋଇ ପାରେ । ଆମେ ହୁଏତ ସେହି ବ୍ୟୟବହୁଳ ଗୃହଟି ପ୍ରତି ଆମର ପ୍ରେମ ହରାଇ ପାରୁ ଏବଂ କମ୍ ଆଡ଼ମ୍ବର ବିଶିଷ୍ଟ କ୍ଷୁଦ୍ର କୋଠରୀକୁ ଯିବା ନିମନ୍ତେ ଚିନ୍ତା କରିପାରୁ ।

ଯେତେବେଳେ ଏହିସବୁ ବିଷୟରେ ଈଶ୍ୱର ଆମ୍ଭମାନଙ୍କୁ କଥା କହନ୍ତି, ଆମେ ଏହା ଜାଣି ପାରିବୁ । ଏହା ଅତି ସୁସ୍ପଷ୍ଟ ହେବ ଯେ ଏହା ଅସ୍ୱୀକାର କରିବା ସୁନିଶ୍ଚିତ ଅବାଧ୍ୟତା ହେବ ।

୩ । ତୃତୀୟ ବିଷୟଟି ହେଉଛି : "ସେ ତୁମ୍ଭମାନଙ୍କୁ ଯାହା କହନ୍ତି, ତାହା କର" (ଯୋହନ ୨ : ୫) । ବନ୍ଧୁମାନେ ହୁଏତ ଆପଣଙ୍କୁ ଭୁଲ୍ ବୁଝି ପାରନ୍ତି । ଆତ୍ମୀୟମାନେ ହୁଏତ ଆପଣଙ୍କୁ ତିରସ୍କାର କରିପାରନ୍ତି । ପ୍ରତିତାଡନା ମଧ୍ୟ ଆସିବ । କେବଳ ଯୀଶୁଙ୍କୁ ଅନୁଗମନ କରନ୍ତୁ ଏବଂ ପରିଣାମ ତାହାଙ୍କ ଉପରେ ଛାଡି ଦିଅନ୍ତୁ ।

୪ । ବର୍ତ୍ତମାନର ଆବଶ୍ୟକଠାରୁ ଊର୍ଦ୍ଧ୍ୱ ସମସ୍ତ ବିଷୟ ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ରଖି ଦିଅନ୍ତୁ । ତାହାଙ୍କର ଚାଳନା ନିମନ୍ତେ ପ୍ରାର୍ଥନା କରନ୍ତୁ । ଏହାକୁ କେଉଁଠାକୁ ପଠାଇବାକୁ ହେବ ତାହାଙ୍କୁ ନିବେଦନ କରନ୍ତୁ । ସେ ଉତ୍ତର ଦେବେ ।

ଆମ୍ଭମାନଙ୍କ ଜୀବନରେ ଏବଂ ଆମ୍ଭମାନଙ୍କ ବଂଶରେ ଏହି ପ୍ରକାର ଖ୍ରୀଷ୍ଟିୟ ଧର୍ମ ନିଷ୍ଠତା ପ୍ରତି ଏକ ପ୍ରତ୍ୟାବର୍ତ୍ତନ ଦେଖିବାକୁ ପ୍ରଭୁ ଆମକୁ ଅନୁମତି ଦିଅନ୍ତୁ । ଯେପରି ଜନ୍ ୱେସ୍‌ଲୀ ଥରେ ପ୍ରାର୍ଥନା କରିଥିଲେ :

> ହାୟ ମୁଁ ଉତ୍କଣ୍ଠି ହୋଇ ରହିଥିବା ବିଷୟ ଈଶ୍ୱର ମୋତେ ଦିଅନ୍ତେ କି ! ମୁଁ ଯିବା ପୂର୍ବରୁ ଏବଂ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇ ଯିବା ପୂର୍ବରୁ, ମୁଁ ହୁଏତ ଈଶ୍ୱରଙ୍କ ସଂପୂର୍ଣ୍ଣ ଉତ୍ସର୍ଗୀକୃତ ବ୍ୟକ୍ତିଟିଏ ଦେଖି ପାରନ୍ତି , ଜଗତ ନିମନ୍ତେ ଯିଏ କ୍ରୁଶାର୍ପିତ ଏବଂ ତାହାକୁ ଜଗତ କ୍ରୁଶାର୍ପିତ କରିଅଛି । ଏକ ବ୍ୟକ୍ତି ଯିଏ ବାସ୍ତବରେ ଶରୀରକୁ, ପ୍ରାଣକୁ ଏବଂ ସମ୍ପତ୍ତିକୁ ଈଶ୍ୱରଙ୍କୁ ସମର୍ପଣ କରିଅଛି । କେତେ ଆନନ୍ଦିତ ଭାବେ ତେବେ ମୁଁ କହି ପାରନ୍ତି, ''ଏବେ ତୁମର ଦାସକୁ ଶାନ୍ତିରେ ମରିବାକୁ ଅନୁମତି ପ୍ରଦାନ କର'' ।

# ପ୍ରଭୁ,

# ମୋତେ ଭଗ୍ନ କର !

''ଆତ୍ମାର ଭଗ୍ନତା ଯାହା କି ତାହାଙ୍କ ହସ୍ତରେ କୌଣସି ପ୍ରତିରୋଧକ ସୃଷ୍ଟି କରେ ନାହିଁ ତାହା ପ୍ରାଣରେ ମୁଖ୍ୟ ଉର୍ବରତାର ଉପାଦାନ ଅଟେ ଯେଉଁଠାରେ ଈଶ୍ୱର କାର୍ଯ୍ୟ କରିଥାନ୍ତି । ଏହା ଶକ୍ତି ନୁହେଁ ଯାହା ସେ ଆମଠାରୁ ଅନ୍ୱେଷଣ କରିଥାନ୍ତି, ମାତ୍ର ତାହା ଦୁର୍ବଳତା; ପ୍ରତିରୋଧକ ବଳ ନୁହେଁ, ମାତ୍ର ତାହାଙ୍କ ନିମନ୍ତେ ''ଫଳପୂର୍ଣ୍ଣତା'' । ସମସ୍ତ ଶକ୍ତି ହିଁ ତାହାଙ୍କର ଅଟେ: ଦୁର୍ବଳତାରେ ତାହାଙ୍କର ଶକ୍ତି ସିଦ୍ଧ ହୁଏ ।''

—ନିର୍ବାଚିତ

# ମୁଖବନ୍ଧ

'ଆଣ୍ତ୍ରି ମୁରେ' *Abide in Christ* ଲେଖିବାର ୩୦ ବର୍ଷ ପରେ, ସେ କହିଥିଲେ :

> ମୁଁ ଆପଣମାନଙ୍କୁ ଜଣାଇବାକୁ ଇଚ୍ଛା କରେ ଯେ ଜଣେ ଖ୍ରୀଷ୍ଟିୟ ସେବକ କିମ୍ବା ଖ୍ରୀଷ୍ଟିୟ ଲେଖକ ସେ ଅଭିଜ୍ଞତା ଲାଭ କରିଥିବା ବିଷୟଠାରୁ ଅଧିକ ବିଷୟ କହିବାକୁ ପ୍ରବର୍ତ୍ତିତ ହୋଇଥାଏ । ମୁଁ ସେତେବେଳେ (ଯେତେବେଳେ ସେ *Abide in Christ* ଲେଖିଥିଲେ) ତାହା ଅଭିଜ୍ଞତାରେ ପାଇ ନ ଥିଲି ଯାହା ମୁଁ ଲେଖିଥିଲି । ମୁଁ ତାହା କହିପାରିବି ନାହିଁ ଯେ ମୁଁ ଏବେ ସେହି ସମସ୍ତ ସଂପୂର୍ଣ୍ଣଭାବେ ଅଭିଜ୍ଞତା ପ୍ରାପ୍ତ ହୋଇଛି ।

ଏହା କ'ଣ ସେହି ଆତ୍ମା ନୁହେଁ, ଯାହା ପ୍ରେରିତ ପାଉଲ ଲେଖିଥିଲେ :

> ''ମୁଁ ଯେ ଏବେ ସେହି ସମସ୍ତ ପ୍ରାପ୍ତ ହୋଇଅଛି ଅବା ସିଦ୍ଧି ଲାଭ କରିଅଛି, ତାହା ନୁହେଁ, କିନ୍ତୁ ମୁଁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରାଧୃତ ହୋଇଥିବାରୁ ତାହା ଧରିବା ପାଇଁ ଦୌଡ଼ୁଛି'' (ଫିଲିପୀୟ ୩ : ୧୨) ।

ନିମ୍ନୋକ୍ତ ପାଠ୍ୟ ''ପ୍ରଭୁ, ମୋତେ ଭଗ୍ନ କର ।''ରେ ମୁଁ ସେହି ଏକ ଭାବାବେଗ ସମ୍ବନ୍ଧରେ ଆଲୋଚନା କରୁଅଛି । ଏହି ବିଷୟଗୁଡ଼ିକ ଲେଖିବା ନିମନ୍ତେ ମୋ ଉପରେ ପ୍ରଭୁଙ୍କର ଦାୟିତ୍ୱ ରହିଛି । ସାଧାରଣଭାବେ ଅଟକାଇ ରଖିବାକୁ ସତ୍ୟ ଅତ୍ୟନ୍ତ ପ୍ରତିଷ୍ଠାନ୍ୱିତ ଏବଂ ଅତ୍ୟନ୍ତ ଜରୁରୀ କାରଣ ଏହାକୁ ସଂପୂର୍ଣ୍ଣ ଭାବେ ଅଭିଜ୍ଞତାପ୍ରାପ୍ତ ହେବାରେ ମୁଁ ବିଫଳ ହୋଇଛି । ମୁଁ ଯେତେଦୂର ପର୍ଯ୍ୟନ୍ତ ବିଫଳ ହୋଇଛି, ମୁଁ ଲେଖିବା ବିଷୟକୁ ମୋ' ହୃଦୟର ଆକାଂକ୍ଷା ଭାବେ ମୁଁ ତାହାକୁ ଗଢ଼ିଅଛି ।

-ୱିଲିୟମ୍ ମ୍ୟାକ୍‌ଡୋନାଲଡ୍

# ଭଗ୍ନ ବିଷୟଗୁଡ଼ିକୁ ଈଶ୍ୱର ମୂଲ୍ୟପ୍ରଦାନ କରନ୍ତି

ସାଧାରଣତଃ ଯେତେବେଳେ କୌଣସି ବିଷୟ ଭାଙ୍ଗିଯାଏ, ଏହାର ମୂଲ୍ୟ ହ୍ରାସ ପାଏ ବା ରହି ନ ଥାଏ । ଭଗ୍ନପାତ୍ରସବୁ, ଭଗ୍ନ ବୋତଲସବୁ, ଭଗ୍ନ ଦର୍ପଣସବୁ ସାଧାରଣତଃ ଖଣ୍ଡ ଖଣ୍ଡ ହୋଇଯାଏ । ଏପରିକି ବାସନକୁସନର ଏକ ଫଟାଟିଏ ପାଇଁ ବା କପଡ଼ାର ଏକ ଚିରାଟିଏ ପାଇଁ ଏହାର ବିକ୍ରୀମୂଲ୍ୟ ଅନେକ ପରିମାଣରେ ହ୍ରାସପାଏ ।

ମାତ୍ର ଆତ୍ମିକ ରାଜ୍ୟରେ ଏହା ସେପରି କାର୍ଯ୍ୟ କରେ ନାହିଁ । ଈଶ୍ୱର ଭଗ୍ନ ବିଷୟଗୁଡ଼ିକର ଏକ ଦାମ୍ ସ୍ଥିର କରନ୍ତି - ବିଶେଷତଃ ଭଗ୍ନ ଲୋକମାନଙ୍କର । ଏଥିପାଇଁ ଆମେ ଏହି ପଦଗୁଡ଼ିକୁ ଏପରି ପାଠ କରୁ :

''ସଦାପ୍ରଭୁ ଭଗ୍ନାନ୍ତଃକରଣମାନଙ୍କର ନିକଟବର୍ତ୍ତୀ ଅଟନ୍ତି ଓ ସେ ଚୂର୍ଣ୍ଣମନାମାନଙ୍କୁ ତ୍ରାଣ କରନ୍ତି'' (ଗୀତ ୩୪ : ୧୮) ।

''ଭଗ୍ନ-ଆତ୍ମା ପରମେଶ୍ୱରଙ୍କର ଗ୍ରାହ୍ୟ ବଳି, ହେ ପରମେଶ୍ୱର, ତୁମ୍ଭେ ଭଗ୍ନ ଓ ଚୂର୍ଣ୍ଣ ଅନ୍ତଃକରଣ ତୁଚ୍ଛ କରିବ ନାହିଁ'' (ଗୀତ ୫୧ : ୧୭) ।

ଅତିଗର୍ବିତ ଏବଂ ଉଦ୍ଧତମାନଙ୍କୁ କିପରି ପ୍ରତିରୋଧ କରିବାକୁ ହୁଏ ଈଶ୍ୱର ତାହା ଜାଣନ୍ତି, କିନ୍ତୁ ନମ୍ର ଏବଂ ଚୂର୍ଣ୍ଣ ଅନ୍ତଃକରଣ ବ୍ୟକ୍ତିଟିକୁ ଈଶ୍ୱର ପ୍ରତିରୋଧ କରିବେ ନାହିଁ ।

ଈଶ୍ୱର ଗର୍ବୀର ବିରୋଧ କରନ୍ତି, ମାତ୍ର ଦୀନହୀନକୁ ଅନୁଗ୍ରହ ପ୍ରଦାନ କରନ୍ତି (ଯାକୁବ ୪ : ୬) । ଆମ ଭଗ୍ନତାରେ ଏପରି କିଛି ବିଷୟ ରହିଛି ଯାହାକି ତାହାଙ୍କର ସହାନୁଭୂତି ଏବଂ ଶକ୍ତି ନିବେଦନ କରେ !

ଏବଂ ଆମ ଜୀବନରେ ତାହାଙ୍କ ମହତ ଉଦ୍ଦେଶ୍ୟର ଏକ ଅଂଶ ହେଉଛି ଯେ ଆମର ଭଗ୍ନ ହେବା ଉଚିତ୍ - ହୃଦୟରେ ଭଗ୍ନ, ଆତ୍ମାରେ ଭଗ୍ନ ଏବଂ ଏପରିକି ଶରୀରରେ ଭଗ୍ନ (୨ କରିନ୍ଥୀୟ ୪: ୬-୧୮) ।

# ଭଗ୍ନତା ଏକ ଅବସ୍ଥାର ପରିବର୍ତ୍ତନ

ଆମ ପରିବର୍ତ୍ତନ ପୂର୍ବରୁ ଆମେ ଭଗ୍ନତାର ପର୍ଯ୍ୟାୟ ସହ ପରିଚିତ ହୋଇ ସାରିଥାଉ ଯେତେବେଳେ କି ପବିତ୍ରଆତ୍ମା ଆମର ପାପ ସ୍ୱୀକାର କାର୍ଯ୍ୟକୁ ଆରମ୍ଭ କରନ୍ତି । ସେ ଆମକୁ ନିଶ୍ଚିତଭାବେ ଏପରି ଏକ ସ୍ଥାନକୁ ନେଇଯା'ନ୍ତି ଯେଉଁଠାରେ କି ଆମେ ସ୍ୱୀକାର କରିବାକୁ ଇଚ୍ଛୁକ ଥାଉ ଯେ ଆମେ ବିନଷ୍ଟ ହୋଇଛୁ, ଅଯୋଗ୍ୟ ଅଟୁ ଏବଂ କେବଳ ନରକପ୍ରାପ୍ତ ହେବାର ଯୋଗ୍ୟ । ଏହି ପଥର ପ୍ରତ୍ୟେକଟି ପାହାଚରେ ଆମେ ଯେପରି ସଂଗ୍ରାମ କରିଚାଲୁ । ମାତ୍ର ସେ ମଧ୍ୟ ଆମ ସହିତ ସେ ପର୍ଯ୍ୟନ୍ତ ଲଢ଼େଇ କରି ଚାଲିଥା'ନ୍ତି ଯେପର୍ଯ୍ୟନ୍ତ ଆମର ଗର୍ବ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ନ ଥାଏ, ଆମର ଉଦ୍ଧତ ଜିହ୍ୱା ନୀରବ ହୋଇ ନ ଥାଏ ଏବଂ ସମସ୍ତ ପ୍ରତିରୋଧକ ଶେଷ ହୋଇଯାଇ ନ ଥାଏ । କ୍ରୁଶର ଚରଣରେ ଲୋଟି, ଆମେ ପରିଶେଷରେ ଧୀର ନିବେଦନ କରୁ, ''ପ୍ରଭୁ ଯୀଶୁ, ମୋତେ ରକ୍ଷା କରନ୍ତୁ'' । ସେତେବେଳକୁ ଅସଂଯମତା ଦମନ ହୋଇ ସାରିଥାଏ, ପାପୀଟି ନିଜର ପାପକୁ ଉତ୍ତମରୂପେ ବୁଝି ପାରୁଥାଏ ଏବଂ ଗଧତୁଲ୍ୟ ନିର୍ବୋଧ ବ୍ୟକ୍ତିଟି ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ସାରିଥାଏ ।

ହଁ, ଗଧତୁଲ୍ୟ ନିର୍ବୋଧ ବ୍ୟକ୍ତିଟି ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ସାରିଥାଏ । ପ୍ରକୃତବଶତଃ ଗଧ ହେଉଛି ଏକ ବନ୍ୟ ଶୃଙ୍ଖଳାହୀନ ପ୍ରାଣୀ । ଏହା ଉପରେ ଲଗାମ ନେଇ ପିନ୍ଧାଇଲେ, ଏହା ଆଗ ଗୋଡ ଉଠାଇବ, ବେଗରେ ଗତି କରିବ, କୁଦା ମାରିବ ଏବଂ ନାତ ମାରିବାକୁ ଉଦ୍ୟତ ହେବ । ଏହା ହୁଏତ ଏକ ସୁନ୍ଦର, ଖୁବ୍ ଉତ୍ତମ ଶାରୀରିକ ଗଠନ ବିଶିଷ୍ଟ ପ୍ରାଣୀଟିଏ ହୋଇପାରେ, ମାତ୍ର ଯେପର୍ଯ୍ୟନ୍ତ ଏହାକୁ ଭଗ୍ନ କରାଯାଇ ନାହିଁ, ଏହାଠାରୁ ସେବା ପାଇବା ଆଶା ସେ ପର୍ଯ୍ୟନ୍ତ ବୃଥା ଅଟେ । ମାତ୍ର ତା'ପରେ ଗଧ ଛୁଆଟିର ଇଚ୍ଛାକୁ ଜିତ କରିବାର ଯନ୍ତ୍ରଣାଦାୟକ, ନିରବଚ୍ଛିନ୍ନ ଧାରା ଆରମ୍ଭ ହୁଏ ଯାହା ଫଳରେ ତା'ର ସାଜ ନିମନ୍ତେ ସେ ନିଜକୁ ସମର୍ପଣ କରିବ । ଥରେ ଗଧ ଛୁଆଟିର ଇଚ୍ଛା ଏକ ଉଚ୍ଚତର ଆକାଂକ୍ଷା ଦ୍ୱାରା ପରାଜିତ ହେଲେ, ପ୍ରାଣୀଟି ତା' ସ୍ଥିତିର ବାସ୍ତବ କାରଣଟି ଖୋଜି ପାଇଯାଏ ।

ଏହି ପ୍ରସଙ୍ଗରେ, ଆମ ନିମନ୍ତେ ଏହା ସ୍ମରଣ ରଖିବା ଉତ୍ତମ ଯେ, ନାଜରୀତରେ ପ୍ରଭୁ ଯୀଶୁ ଜଣେ ବଢ଼େଇ ଥିଲେ ଏବଂ ଏପରିକି ସେ ହୁଏତ କାଠ ଜୁଆଳି ତିଆରି କରିଥିବେ । କେହି ଜଣେ ଅତି ସୁନ୍ଦର ଭାବେ ମତାମତ ଦେଇଛନ୍ତି

ଯେ ଯଦି ତାଙ୍କ ଦୋକାନର ଦ୍ୱାର ଶୀର୍ଷରେ ଏକ ଚିହ୍ନ ଥା'ନ୍ତା, ଏହା ହୁଏତ ଏହିଭଳି ପାଠ କରାଯାଇଥା'ନ୍ତା; ''ମୋର ଜୁଆଳି ଖୁବ୍ ଉତ୍ତମ ସାଜିବ'' । ମାତ୍ର ଆମ ନିମନ୍ତେ ଲକ୍ଷ୍ୟ କରିବାର ବିଷୟଟି ହେଉଛି ଆମର ସ୍ୱର୍ଗସ୍ଥ ପିତା ଏପର୍ଯ୍ୟନ୍ତ ମଧ୍ୟ ଜଣେ ଜୁଆଳି ଗଠନକାରୀ ଅଟନ୍ତି । ସେ କହନ୍ତି,

> ''ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ; ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ'' (ମାଥିଉ ୧୧ : ୨୯,୩୦) ।

ତଥାପି, ଜୁଆଳି କେବଳ ସେହିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯେଉଁମାନେ ହିଁ ଭଗ୍ନ ଏବଂ ବିନୀତ ଅଟନ୍ତି । ଆମେ ତାଙ୍କଠାରୁ ଶିକ୍ଷା କରିବା ପୂର୍ବରୁ ଆମର ଆକାଂକ୍ଷାସବୁ ବଶୀଭୂତ ଏବଂ ସମର୍ପିତ ହୋଇଥିବା ଆବଶ୍ୟକ । ସେ ହୃଦୟରେ ମୃଦୁଶୀଳ ଏବଂ ନମ୍ରଚିତ୍ତ ଥିଲେ । ଆମେ ତାହାଙ୍କର ପରି ହେବା ଉଚିତ୍ ଏବଂ କେବଳ ତାହା ହିଁ କରିବା ଦ୍ୱାରା ଆମେ ଆମ ହୃଦୟ ନିମନ୍ତେ ବିଶ୍ରାମ ପାଇ ପାରିବୁ ।

## ଭଗ୍ନତାର ମୂଳସୂତ୍ର

ଏହା ଆମ ନିମନ୍ତେ କେତୋଟି ମୂଳପ୍ରଶ୍ନ ଉତ୍ଥିତ କରେ, ''ପ୍ରକୃତ ଭଗ୍ନତା କହିଲେ କ'ଣ ବୁଝାଏ ? ଜଣେ ବିଶ୍ୱାସୀର ଜୀବନରେ ଏହା କିପରି ସ୍ୱତଃ ସ୍ପଷ୍ଟରୂପେ ପ୍ରକାଶିତ ହୁଏ ? ଏହାର କେତୋଟି ମୌଳିକ ମୂଳସୂତ୍ର କ'ଣ ?

*୧ । ଅନୁତାପ, ପାପସ୍ୱୀକାର, କ୍ଷମାଭିକ୍ଷା*

ବୋଧହୁଏ ଆମେ ଚିନ୍ତା କରୁଥିବା ପ୍ରଥମ ବିଷୟଟି ହେଉଛି ପାପ ଏବଂ ଅନ୍ୟ ସମସ୍ତ କରିଥିବା ତ୍ରୁଟିକୁ ଈଶ୍ୱରଙ୍କ ନିକଟରେ ସ୍ୱୀକାର କରିବାର ଏକ ତତ୍ପରତା । ଭଗ୍ନଶୀଳ ମନୁଷ୍ୟଟି ଅନୁତାପ କରିବା ନିମନ୍ତେ ତୀକ୍ଷ୍ଣଧୀସଂପନ୍ନ ଅଟେ । ବିଛଣା ତଳେ ପାପ ଆଚ୍ଛାଦନ କରି ଦେବାକୁ ସେ ଚେଷ୍ଟା କରେ ନାହିଁ । ଏହି ଭଳି କହି ଏହାକୁ ଭୁଲିଯିବାକୁ ଚେଷ୍ଟା କରେ ନାହିଁ, ''ସମୟ ସମସ୍ତ ବିଷୟକୁ ସୁସ୍ଥ କହେ, ''ମୁଁ ପାପ କରିଅଛି'' । ତା'ପରେ ତା'ର କାର୍ଯ୍ୟ ଓ ଆଚରଣ ଦ୍ୱାରା ଆଘାତ ପ୍ରାପ୍ତ ବ୍ୟକ୍ତିଟି ନିକଟକୁ ଯାଇ କହେ, ''ମୁଁ ଭୁଲ୍ କରିଛି । ମୁଁ କରିଛି । ମୁଁ ଦୁଃଖିତ । ତୁମେ ମୋତେ କ୍ଷମା କରିଦିଅ ବୋଲି ମୁଁ ଇଚ୍ଛା କରେ'' । ଯଦିଚ ଗୋଟିଏ ପକ୍ଷରେ କ୍ଷମା ମାଗିବା ନିମନ୍ତେ ଲଜ୍ଜାରେ ଦଗ୍ଧୀଭୂତ ହେବା କଥା ସେ ଜାଣେ, ଅପର ପକ୍ଷରେ ଏକ ସ୍ୱଚ୍ଛନ୍ଦ

ବିବେକ ପ୍ରାପ୍ତ ହେବାର ମହାନ୍ ମୁକ୍ତି ଏବଂ ଆଲୋକରେ ଗମନ କରିବା କଥା ସେ ଜାଣେ ।

ପ୍ରକୃତ ପାପ ସ୍ୱୀକାର ପାପ ଉପରେ ସ୍ନିଗଧ୍ତା ପ୍ରକାଶ କରେ ନାହିଁ କିମ୍ୱା ଏହାର ବାସ୍ତବତାକୁ ରୁକ୍ଷଭାଷାରେ ସ୍ପଷ୍ଟ ପ୍ରକାଶ କରିବାକୁ ଚେଷ୍ଟା କରେ ନାହିଁ । ଏହା ସେହି ଅଭଗ୍ନ ବିଦ୍ୟାଳୟର କର୍ତ୍ତ୍ରୀଙ୍କ ପରି ନୁହେଁ ଯିଏ ଔଦ୍ଧତ୍ୟରେ କହିଥିଲେ, "ମୁଁ ଯଦି କିଛି ଭୁଲ୍ କରିଥାଏ, ତେବେ ମୁଁ କ୍ଷମା ପାଇବାକୁ ଇଚ୍ଛା କରୁଛି" । ପ୍ରକୃତ ଅନୁତାପ କହେ, "ମୁଁ ଭୁଲ୍ କରିଛି ଏବଂ ମୋତେ ଏଠାରେ କହିବାକୁ ହେଉଛି ଯେ ମୁଁ ଦୁଃଖିତ" ।

ଦାଉଦଙ୍କର ଜୀବନ ପାପ ଏବଂ ବିଫଳତାର ବାଦଲରେ ଆଚ୍ଛାଦିତ ହୋଇଯାଇଥିଲା, ମାତ୍ର ଈଶ୍ୱରଙ୍କ ହୃଦୟରେ ତାଙ୍କୁ ପ୍ରିୟପାତ୍ର କରିବାର ବିଷୟଟି ଥିଲା ତାଙ୍କର ଗଭୀର ଅନୁଶୋଚନା । ଗୀତ ୩୨ ଏବଂ ୫୧ ରେ ଆମେ ତାଙ୍କୁ ତାଙ୍କର ଅପରାଧ, ପାପ ଏବଂ ଅଧର୍ମ ମଧ୍ୟରେ ଈଶ୍ୱରଙ୍କୁ ଅନୁସରଣ କରୁଥିବାର ଲକ୍ଷ୍ୟ କରୁ । ଆମେ ତାଙ୍କୁ ସେହି ସମୟରେ ଲକ୍ଷ୍ୟ କରୁ ଯେତେବେଳେ କି ସେ ଅନୁତାପ କରିବାକୁ ଅସ୍ୱୀକାର କରିଦେଲେ; ସେତେବେଳେ ତାଙ୍କର ଜୀବନ ଶାରୀରିକ, ମାନସିକ ଏବଂ ଆତ୍ମିକଭାବେ ଅତି ଦୟନୀୟ ହୋଇଯାଇଥିଲା । କୌଣସି ବିଷୟ ଉତ୍ତମ ନ ଥିଲା । ଏହା ଯେପରି ଜଣା ପଡୁଥିଲା ସମସ୍ତ ବିଷୟ ବନ୍ଧନ ବାହାରେ ରହିଛି । ପରିଶେଷରେ ସେ ଭଗ୍ନ ହେଲେ । ସେ ପାପ ସ୍ୱୀକାର କଲେ ଏବଂ ଈଶ୍ୱର ତାଙ୍କୁ କ୍ଷମା ଦେଲେ । ତା' ପରେ ଘଣ୍ଟି ପୁନର୍ବାର ବାଜିବାକୁ ଆରମ୍ଭ କଲା ଏବଂ ଦାଉଦ ତାଙ୍କର ସଙ୍ଗୀତ ପୁନଃଗାୟନ କଲେ ।

ନୂତନ ନିୟମରେ, ପାଉଲ ଭଗ୍ନତାର ଏକ ଦୃଷ୍ଟାନ୍ତ ଦେଇଛନ୍ତି । ସେହି ସମୟରେ ସେ ମୁଖ୍ୟ ଯାଜକ ଏବଂ ଯିରୁଶାଲମରେ ସାନ୍‌ହେଡ୍ରୀନ୍‌ଙ୍କ ସମ୍ମୁଖରେ ଉଭା ହୋଇଥିଲେ । ଯେତେବେଳେ ଏକ ଉକ୍ତିଦ୍ୱାରା ସେ ତାଙ୍କର ମନ୍ତବ୍ୟକୁ ସୂଚିତ କରୁଥିଲେ ଯେ ସେ ଉତ୍ତମ ବିବେକଦ୍ୱାରା ଜୀବନଧାରଣ କରିଛନ୍ତି, ସେତେବେଳେ ମୁଖ୍ୟଯାଜକ କ୍ରୋଧୀତ ହୋଇ ଉଠିଥିଲେ ଏବଂ ଆଦେଶ ଦେଲେ ଯେ ବନ୍ଦୀକୁ ଗାଲରେ ଚାପୁଡା ମରାଯାଉ । ପ୍ରେରିତ ପଛକୁ ଘୁଞ୍ଚି ଆସିଲେ ଓ କହିଲେ, "ହେ ଶୁକ୍ଳୀକୃତ ପ୍ରାଚୀର ଈଶ୍ୱର ତୁମ୍ଭକୁ ଆଘାତ କରିବେ, ତୁମ୍ଭେ ଏକା ବେଳେ ବ୍ୟବସ୍ଥା ଅନୁସାରେ ମୋର ବିଚାର କରିବାକୁ ବସି ବ୍ୟବସ୍ଥା ବିରୁଦ୍ଧରେ ମୋତେ ଆଘାତ କରିବା ଯାଇଁ କି ଆଜ୍ଞା ଦେଇଅଛ ?" (ପ୍ରେରିତ ୨୩ : ୩) । ଉପସ୍ଥିତ ସମସ୍ତେ

ପାଉଲଙ୍କର ମର୍ମଭେଦୀ ଭର୍ତ୍ସନାରେ ଆଘାତ ପ୍ରାପ୍ତ ହେଲେ । ସେ କ'ଣ ଜାଣି ନ ଥିଲେ ଯେ ସେ ମୁଖ୍ୟ ଯାଜକଙ୍କୁ ଏହା କହୁଛନ୍ତି ? ପ୍ରକୃତରେ ପ୍ରେରିତ ତାହା ଜାଣି ନ ଥିଲେ । ହୁଏତ ହାନାନ ତାଙ୍କର ପଦସ୍ଥ ପୋଷାକ କିମ୍ବା ତାଙ୍କର ସାଧାରଣ ଆସନରେ ବସି ନ ଥିଲେ । କିମ୍ବା ହୋଇପାରେ ଏହା ପାଉଲଙ୍କର ଦୁର୍ବଳ ଦୃଷ୍ଟିଶକ୍ତିର କାରଣ ଥିଲା । କାରଣ ଯାହା ହେଉନା କାହିଁକି, ସେ ଉଦ୍ଦେଶ୍ୟମୂଳକ ଭାବେ ପଦାଧିଷ୍ଠ ଶାସକଙ୍କୁ ମନ୍ଦ ବାକ୍ୟ ପ୍ରୟୋଗ କରି ନ ଥିଲେ । ତେଣୁ କରି ସେ ଶୀଘ୍ର ତାଙ୍କର ବାକ୍ୟ ନିମନ୍ତେ କ୍ଷମାଭିକ୍ଷା କରିବାକୁ ଏହା ସ୍ମରଣ କଲେ : ''ତୁମ୍ଭେ ଆପଣା ଲୋକମାନଙ୍କର ଅଧ୍ୟକ୍ଷଙ୍କୁ ଶାପ ଦେବ ନାହିଁ (ଯାତ୍ରା ୨୨ : ୨୮) ପ୍ରେରିତଙ୍କର ନିମ୍ନଭର ଭଗ୍ନ ଚେତନା ଥିଲା । ସେ ତାଙ୍କର ଆତ୍ମିକ ପରିପକ୍ୱତାକୁ ତତ୍ପରତାର ସହ ଏହା କରିବା ଦ୍ୱାରା ପ୍ରତିପାଦନ କରିଥିଲେ, ''ମୁଁ ଭୁଲ୍ କରିଛି । ମୁଁ ଦୁଃଖିତ'' ।

*୨ । ପୁନରର୍ପଣ*

ଭଗ୍ନତାର ପ୍ରଥମ ଆକୃତି ସହିତ ନିବିଡ଼ ଭାବେ ସଂଯୁକ୍ତ ହୋଇଛି ପୁନରର୍ପଣ । ଯଦି ମୁଁ ଚୋରୀ କରିଛି, ନଷ୍ଟ କରିଛି କିମ୍ବା କିଛି କ୍ଷୟ କ୍ଷତି କରିଛି କିମ୍ବା ଯଦି ମୋର ମନ୍ଦ ବ୍ୟବହାର ହେତୁ କେହି ଜଣେ ଯନ୍ତ୍ରଣାଭୋଗ କରିଛି, ତେବେ କେବଳ କ୍ଷମା ମାଗିଦେବା ଯଥେଷ୍ଟ ନୁହେଁ । ନ୍ୟାୟ ଏହା ଦାବୀ କରେ ଯେ, କ୍ଷତି ପରିଶୋଧ ହେବା ଉଚିତ୍ । ଏହା ମୋର ପରିବର୍ତ୍ତନର ପୂର୍ବ ସମୟ ଏବଂ ତା'ର ପରି ସମୟ ପାଇଁ ମଧ୍ୟ ପ୍ରଯୁଜ୍ୟ ।

ଜକ୍ୱିୟ ପ୍ରଭୁ ଯୀଶଙ୍କୁ ଗ୍ରହଣ କଲା ପରେ, ଟିକସ୍-ଆଦାୟକାରୀ ଭାବେ ସେ ପ୍ରୟୋଗ କରିଥିବା ଅନୁଚିତ ଉପାୟ ସେ ସ୍ମରଣ କଲା । ଏହା ଏକ ସ୍ୱର୍ଗୀୟ ପ୍ରବଣତା ଥିଲା ଯାହାକି ତା'କୁ ସଂଗେ ସଂଗେ ଶିକ୍ଷା ଦେଲା ଯେ, ଏହି ଅନୁଚିତ କାର୍ଯ୍ୟଗୁଡ଼ିକ ସଂଶୋଧିତ ହେବା ଉଚିତ୍ । ତେଣୁ ସେ ପ୍ରଭୁଙ୍କୁ କହିଲା, ''...ମୁଁ ଯଦି ଅନ୍ୟାୟରେ କାହାଠାରୁ କିଛି ନେଇଥାଏ, ମୁଁ ତାହାକୁ ଚାରିଗୁଣ ଫେରାଇ ଦେବି ।'' ଏଠାରେ ''ଯଦି'' କୌଣସି ସନ୍ଦେହ ବା ଭୁଲ୍ ନିଷ୍ପତ୍ତିକୁ ପ୍ରକାଶ କରୁ ନାହିଁ । ଏହାର ଅର୍ଥ ହେଉଛି ''ପ୍ରତ୍ୟେକ ଘଟଣାରେ ଯେଉଁ ସମସ୍ତରେ ମୁଁ କାହାରିକି କିଛି ପ୍ରତାରିତ କରିଛି, ମୁଁ ତାହାକୁ ଚାରିଗୁଣ ଫେରସ୍ତ କରିବି'' । ପୁନରର୍ପଣ କରିବାର ତା'ର

ନିଷ୍ପତ୍ତି ହେଉଛି ତା'ର ପରିବର୍ତ୍ତନର ଏକ ଫଳ । ''ଚାରିଗୁଣ'' ତା' ନୂତନ ଜୀବନର ଜୈବନିକତାର ଏକ ମାନଦଣ୍ଡ ଥିଲା ।

ଏପରି କେତେକ ଘଟଣା ରହିଛି ଯେଉଁଠାରେ କି ପୁନରର୍ପଣ ଅସମ୍ଭବ ଅଟେ । ବୋଧହୁଏ ହିସାବଖାତାସବୁ ନଷ୍ଟ ହୋଇ ସାରିଛି, କିମ୍ବା କାଳର ଗତିରେ ସଠିକ୍ ପରିମାଣ ବିସ୍ମରଣ ହୋଇ ଯାଇଛି । ଈଶ୍ୱର ଏହି ସମସ୍ତ ବିଷୟ ଜାଣନ୍ତି । ସେ କେବଳ ଏହା ହିଁ ଇଚ୍ଛା କରନ୍ତି ଯେ ଆମେ ଋଣୀଥିବା ପ୍ରତ୍ୟେକ ଘଟଣାରେ ଆମେ ଯେତିକି ଚୁକ୍ତି କରି ପାରିବା ତାହା ନୁହେଁ ଯେପରି ପରିଶୋଧ କରିବା ।

ଏବଂ ଏହା ସର୍ବଦା ପ୍ରଭୁ ଯୀଶୁଙ୍କ ନାମରେ ହେବା ଉଚିତ୍ । ଏଥିରେ ଈଶ୍ୱରଙ୍କର କୌଣସି ଗୌରବ ନାହିଁ ଯଦି ମୁଁ କେବଳ କହେ, ''ମୁଁ ଏହା ଚୋରୀ କରିଛି । ମୁଁ ଦୁଃଖିତ । ମୁଁ ବର୍ତ୍ତମାନ ଆପଣଙ୍କୁ ପରିଶୋଧ କରି ଦେବାକୁ ଇଚ୍ଛା କରୁଛି'' । କାର୍ଯ୍ୟଟି ଖ୍ରୀଷ୍ଟଙ୍କ ନିମନ୍ତେ ଏକ ସାକ୍ଷ୍ୟସହ ସଂଯୁକ୍ତ ହୋଇଥିବା ଆବଶ୍ୟକ, ଯେପରି କି, ''ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ମୁଁ ଏବେ ଜଣେ ଖ୍ରୀଷ୍ଟ ବିଶ୍ୱାସୀ ''ପ୍ରଭୁ ଯୀଶୁ ଖୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ମୁଁ ଏବେ ଜଣେ ଖ୍ରୀଷ୍ଟ ବିଶ୍ୱାସୀ ହୋଇଅଛି । ପାଞ୍ଚବର୍ଷ ତଳେ ଆପଣଙ୍କଠାରୁ ଚୋରୀ କରିଥିବା କେତେକ ଉପକରଣ ସମ୍ବନ୍ଧରେ ପ୍ରଭୁ ମୋତେ କହି ଆସୁ ଅଛନ୍ତି । ମୁଁ କ୍ଷମାଭିକ୍ଷା କରିବାକୁ ଏବଂ ଉପକରଣଗୁଡ଼ିକୁ ଫେରସ୍ତ ଦେବାକୁ ଆସିଛି'' । ଜଣେ ଖ୍ରୀଷ୍ଟ ବିଶ୍ୱାସୀ କରୁଥିବା ସମସ୍ତ ଧାର୍ମିକତାର ଏବଂ ଦୟାଶୀଳତାର କାର୍ଯ୍ୟ ତ୍ରାଣକର୍ତ୍ତାଙ୍କ ନିମନ୍ତେ ଏକ ସାକ୍ଷ୍ୟ ସହ ସଂଯୁକ୍ତ ହେବା ଉଚିତ୍ ଯାହା ଫଳରେ ଆମେ ନୁହେଁ ମାତ୍ର ସେ ଗୌରବପ୍ରାପ୍ତ ହୁଅନ୍ତି ।

*୩ । ଏକ କ୍ଷମାପ୍ରଦାନାକାରୀ ଆତ୍ମା*

ଭଗ୍ନତାର ତୃତୀୟ ଉପାଦାନଟି ହେଉଛି ଆମେ ଅବିଚାରିତ ହେବାବେଳେ କ୍ଷମାପ୍ରଦାନ କରିବାକୁ ଇଚ୍ଛୁକ ହେବା । ଅନେକ ସ୍ଥଳରେ ଏହା କ୍ଷମାଭିକ୍ଷା ପରି ବା ପୁନରର୍ପଣ ପରି ଅନୁଗ୍ରହ ଗ୍ରହଣ କରେ ।

ବାସ୍ତବରେ ଅନ୍ୟମାନଙ୍କୁ କ୍ଷମାପ୍ରଦାନ କରିବା ବିଷୟରେ ନୂତନ ନିୟମ ଆଶ୍ଚର୍ଯ୍ୟଭାବେ ସବିସ୍ତୃତ ସୂଚନାମାନ ପ୍ରଦାନ କରେ ।

ସର୍ବ ପ୍ରଥମେ, ଆମେ ଯେତେବେଳେ ଅବିଚାରିତ ହେଉ, ସଂଗେ ସଂଗେ ସେହି ବ୍ୟକ୍ତିଟିକୁ ଆମ ହୃଦୟରେ ଆମେ କ୍ଷମା କରିଦେବା ଉଚିତ୍ (ଏଫିସୀୟ

୪ : ୩୨) । ଆମେ ତା' ନିକଟକୁ ଯାଇନାହୁଁ ଏବଂ ସେ କ୍ଷମା ପାଇଛି ବୋଲି କହିନାହୁଁ, ମାତ୍ର ଆମ ହୃଦୟରେ ପ୍ରକୃତରେ ଆମେ ତାହାକୁ କ୍ଷମା କରିଅଛୁ ।

> ଯେଉଁ ମୁହୂର୍ତ୍ତରେ ଜଣେ ବ୍ୟକ୍ତି ମୋ ପ୍ରତି ଅବିଚାର କରେ, ସେହି ମୁହୂର୍ତ୍ତରେ ମୋର ତାହାକୁ କ୍ଷମା କରିଦେବା ଆବଶ୍ୟକ । ତା'ପରେ 'ମୋର' ପ୍ରାଣ ମୁକ୍ତ ଅଟେ । ମୁଁ ଯଦି ତା' ବିରୁଦ୍ଧରେ ଅବିଚାର ଧରିରଖେ, ମୁଁ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରେ, ଏବଂ ତାହା ବିରୁଦ୍ଧରେ ପାପ କରେ ଓ ଈଶ୍ୱରଙ୍କଠାରେ ମୋର ପାପକ୍ଷମାକକୁ ସଙ୍କଟାପନ୍ନ କରେ । ସେ ବ୍ୟକ୍ତିଟି ଅନୁତାପ କରେ, ନିଜକୁ ସଂଶୋଧନ କରେ, ବା ମୋର କ୍ଷମା ଭିକ୍ଷା କରେ ବା ନକରେ, ମୋର ଏଥିରେ କିଛିଯାଏ ଆସେ ନାହିଁ । ମୁଁ ତାହାକୁ ତତ୍‌କ୍ଷଣାତ୍ କ୍ଷମା କରିଅଛି । ସେ କରିଥିବା ତ୍ରୁଟି ଅନୁଯାୟୀ ସେ ଈଶ୍ୱରଙ୍କର ସମ୍ମୁଖୀନ ହେବ, ମାତ୍ର ତାହା ହେଉଛି ଈଶ୍ୱରଙ୍କର ଓ ତାହାର ଚିନ୍ତାର ବିଷୟ ମୋର ନୁହେଁ, ମୋତେ ଉଦ୍ଧାର କର ଯେପରି ମାଥିଉ ୧୮ : ୧୫ ଅନୁସାରେ ତାହାକୁ କ୍ଷମା କରି ପାରିବି, ଇତ୍ୟାଦି । ମାତ୍ର ଏହା ସଫଳ ହୁଏ ବା ନ ହୁଏ ଏବଂ ଏପରିକି ଏହା ଆରମ୍ଭ ହେବା ପୂର୍ବରୁ, ମୋର ତାକୁ କ୍ଷମା କରିଦେବା ଆବଶ୍ୟକ (ଲେନ୍‌ସ୍କୀ) ।

ଅନେକ ସଂଖ୍ୟକ କ୍ଷୁଦ୍ର କ୍ଷୁଦ୍ର ଭୁଲ୍ ସବୁ ରହିଛି ଯେଉଁସବୁକୁ କି ତତ୍‌କ୍ଷଣାତ୍ କ୍ଷମା ଦେଇହେବ, ଏବଂ ଭୁଲି ଯାଇ ହେବ । ଏହା ହିଁ ହେଉଛି ଏକ ବାସ୍ତବ ସଫଳତା ଯେତେବେଳେ ଆମେ ଏହା କରିପାରୁ । ''ପ୍ରେମ...ଅନୁଚିତ ବ୍ୟବହାର ହିସାବରେ ଆଣେ ନାହିଁ କିମ୍ବା ଅନ୍ୟମାନଙ୍କର ଦୁଷ୍ଟତାରେ ବିରକ୍ତ ହୁଏ ନାହିଁ'' (୧ କରିନ୍ଥୀୟ ୧୩ : ୭, ଜେ.ବି.ଫିଲିପ) ଥରେ ଜଣେ ଖ୍ରୀଷ୍ଟିୟ ଭଦ୍ର ମହିଳାଙ୍କୁ ପ୍ରଶ୍ନ କରାଗଲା, ''ସେହି ଦୁଷ୍ଟ ପ୍ରକୃତିର ମହିଳାଟି ଆପଣଙ୍କୁ କହିଥିବା ନୀଚ କଥାଗୁଡ଼ିକ ଆପଣ କ'ଣ ସ୍ମରଣ ରଖି ନାହାଁନ୍ତି ? ତାଙ୍କର ଉତ୍ତର ଥିଲା, ''ମୁଁ ଯେ କେବଳ ମନେ ରଖିନାହିଁ ତାହା ନୁହେଁ; ମାତ୍ର ମୁଁ ସେହି ବିସ୍ମରଣକୁ ସୁସ୍ପଷ୍ଟ ରୂପେ ମନେ ରଖିଛି'' ।

ଯଦି ଅପରାଧ ଏକ ଗୁରୁତର ଅଟେ ଏବଂ ଆପଣ ଅନୁଭବ କରନ୍ତି ଯେ ଏହାକୁ ଏଡାଇଯିବା ଯଥାର୍ଥ ହେବ ନାହିଁ, ତେବେ ଦ୍ୱିତୀୟ ପଦକ୍ଷେପଟି ହେଉଛି ଅପରାଧୀ ନିକଟକୁ ଯିବା ଏବଂ ଏବିଷୟରେ ତାହାକୁ ଜଣାଇବା (ମାଥିଉ ୧୮ : ୧୫) । ଯଦି ସେ ମପରିବର୍ତ୍ତନ କରେ, ତେବେ ଆପଣ ତାହାକୁ କ୍ଷମା କରିଦେବା ଆବଶ୍ୟକ । ପୁଣି, ଯଦି ସେ ଦିନ ଭିତରେ ସାତଥର ତୁମ୍ଭ ବିରୁଦ୍ଧରେ ପାପ କରେ ଓ

ସାତଥର ତୁମ୍ଭ ନିକଟକୁ ଫେରିଆସି ମୁଁ ମନ ପରିବର୍ତ୍ତନ କରେ, ତେବେ ଆପଣ ତାହାକୁ କ୍ଷମା କରିଦେବା ଆବଶ୍ୟକ । ପୁଣି , ଯଦି ସେ ଦିନ ଭିତରେ ସାତଥର ତୁମ୍ଭ ନିକଟକୁ ଫେରିଆସି ମୁଁ ମନପରିବର୍ତ୍ତନ କରୁଅଛି ବୋଲି କହେ, ତେବେ ତାହାକୁ କ୍ଷମା କର (ଲୂକ ୧୭ : ୪) । ଏହା କେବଳ ଯଥାର୍ଥ ଯେ ଅପରିସୀମଭାବେ କ୍ଷମା କରିବାକୁ ଆମେ ଇଚ୍ଛୁକ ଥିବା ଉଚିତ୍ । ମୋଟ ଉପରେ, ଅସଂଖ୍ୟ ଭାବେ ଆମେ କ୍ଷମାପ୍ରାପ୍ତ ହୋଇଛୁ ।

ଲକ୍ଷ୍ୟ କରନ୍ତୁ ଯେ ଅପରାଧୀଟିର ଦୋଷ ବିଷୟ ସମ୍ବନ୍ଧରେ ଅନ୍ୟ ସମସ୍ତଙ୍କ ନିକଟରେ ପ୍ରକାଶ କରିବା ଆପଣଙ୍କର ପ୍ରୟୋଜନ ନାହିଁ (ଆମେ ପ୍ରାୟତଃ ଏହା ଅପରିବର୍ତ୍ତନୀୟ ଭାବେ କହିଥାଉ) । ''ଯାଅ ଏବଂ ତୁମ ଓ ତା' ମଧ୍ୟରେ ହିଁ କେବଳ ତାକୁ ତା'ର ଦୋଷ ଦେଖାଇ ଦିଅ ।'' ସୁସ୍ପଷ୍ଟ କାର୍ଯ୍ୟଟି ହେଉଛି ଯେତେଦୂର ସମ୍ଭବ ଏହି ପାର୍ଥକ୍ୟଗୁଡ଼ିକୁ ସେତେ ଦୂର ସୀମିତ ରଖିବା ।

ଯେଉଁ ମୁହୂର୍ତ୍ତରେ ଅପରାଧୀ ଭାଇଟି ତାର ପାପ ସ୍ୱୀକାର କରେ, ଆପଣ ତା'ଙ୍କୁ କୁହନ୍ତୁ ଯେ ସେ କ୍ଷମାପ୍ରାପ୍ତ ହୋଇଛି । ଆପଣଙ୍କ ହୃଦୟ ତାହାକୁ ସଂପୂର୍ଣ୍ଣ କ୍ଷମା କରି ସାରିଛି, ମାତ୍ର ବର୍ତ୍ତମାନ ଆପଣ କେବଳ ତା' ସମ୍ମୁଖରେ କ୍ଷମା ପ୍ରଦାନ କରୁଛନ୍ତି ।

କିନ୍ତୁ ଧରନ୍ତୁ ଅନୁତାପ କରିବାକୁ ସେ ଅସ୍ୱୀକାର କରୁଛି । ତେବେ ମାଥିଉ ୧୮ : ୧୬ ଅନୁଯାୟୀ ଆପଣ ''ସାଙ୍ଗରେ ଆଉ ଜଣେ ବା ଦୁଇଜଣଙ୍କୁ ଘେନିଯାଅ, ଯେପରି ଦୁଇ ବା ତିନି ସାକ୍ଷୀଙ୍କ ମୁଖରେ ସମସ୍ତ କଥା ସ୍ଥିର କରାଯିବ'' ।

ଯଦି ସେ ଦୁଇ ବା ତିନିଜଣ ସାକ୍ଷୀଙ୍କ କଥା ଶୁଣିବାକୁ ଅସ୍ୱୀକାର କରେ, ତେବେ ଏହି ବିଷୟ ସ୍ଥାନୀୟ ଖ୍ରୀଷ୍ଟିୟ ସହଭାଗିତାରେ ଉପସ୍ଥାପିତ ହେବା ଉଚିତ୍ । ଏହି ସମସ୍ତ ଉଦ୍ଦେଶ୍ୟ ଦଣ୍ଡ କିମ୍ବା ପ୍ରତିହିସାଂପରାୟଣତା ନୁହେଁ, ମାତ୍ର ଅପରାଧୀ ଭାଇଟିକୁ ପୁନଃଲାଭ କରିବା ।

ଯଦି ଏହି ଶେଷ ଉଦ୍ୟମ ମଧ୍ୟ ବିଫଳ ହୁଏ, ତେବେ ଜଣେ ବିଜାତି ଏବଂ ଜଣେ କର ଆଦାୟକାରୀ ଭାବରେ ସେ ବିବେଚିତ ହେବ । ଅନ୍ୟ ଭାଷାରେ ଆପଣ ତାହାକୁ ସ୍ଥାନୀୟ ମଣ୍ଡଳୀର ସହଭାଗିତ୍ୱର ଜଣେ ବୋଲି ଆଉ ବିବେଚିତ କରିବେ ନାହିଁ । ଯେହେତୁ ସେ ଜଣେ ଖ୍ରୀଷ୍ଟ ବିଶ୍ୱାସୀ ପରି ଆଚରଣ କରୁ ନାହିଁ, ଆପଣ ତାହାକୁ ତାହା ନିଜ ଦୃଷ୍ଟିରୁ ଗ୍ରହଣ କରିବେ । ଆପଣ ତାହାକୁ ଜଣେ ଅବିଶ୍ୱାସୀ

ବୋଲି ଗଣନା କରିବେ । ମାତ୍ର ଯେଉଁ ମୁହୂର୍ତ୍ତରେ ସେ ଅନୁତାପ କରେ, ତେବେ ଆପଣ ତା'କୁ କ୍ଷମା ପ୍ରଦାନ କରିବେ ଏବଂ ପୂର୍ଣ୍ଣ ସହଭାଗିତା ପୁନଃ ସଂସ୍ଥାପିତ ହେବ ।

ଈଶ୍ୱର ଏକ କ୍ଷମାପ୍ରଦାନକାରୀ ନ ହୋଇ ଥିବା ଆତ୍ମାକୁ ଘୃଣା କରନ୍ତି, ଯେଉଁ ଆତ୍ମା ପ୍ରତିହିଂସାକୁ ମୃତ୍ୟୁଶଯ୍ୟା ପର୍ଯ୍ୟନ୍ତ ବୋହି ନେବାକୁ ସ୍ଥିର ନିଶ୍ଚିତ, ଯେଉଁ ଆତ୍ମାକି କାଲିର କଥା କାଲି ଯାଉ ବୋଲି ଗ୍ରହଣ କରିବାକୁ ଇଚ୍ଛୁକ ନୁହେଁ । ଋଣୀ ସେବକଟିର କାହାଣୀ ଗଳ୍ପରେ ଏହା ବଳପୂର୍ବକ ଉଦ୍ଧାର କରାଯାଇଛି (ମାଥିଉ ୧୮ : ୨୩-୨୫) । ଯେତେବେଳେ ସେ ନିଜେ ଦେବାଳିଆ ହୋଇଗଲା, ଅୟୁତ ଅୟୁତ ଅର୍ଥ ନିମନ୍ତେ ମଧ୍ୟ ରାଜାଙ୍କ ଦ୍ୱାରା ସେ କ୍ଷମାପ୍ରାପ୍ତ ହେବାକୁ ଯାଉଥିଲା । ମାତ୍ର ତା'ପରେ ସେ କେତୋଟି ମାତ୍ର ମୁଦ୍ରା ନିମନ୍ତେ ମଧ୍ୟ ତା'ର ସହଯୋଗୀ ସେବକକୁ ସେ କ୍ଷମା କରିବାକୁ ଇଚ୍ଛୁକ ନ ଥିଲା । ଶିକ୍ଷାଟି ଏଠାରେ ଅତ୍ୟନ୍ତ ସୁସ୍ପଷ୍ଟ । ଆମ ମସ୍ତକରେ କରଜର ବୋଝ ଥାଇ ଈଶ୍ୱର ଯେତେବେଳେ ଆମକୁ କ୍ଷମା କରିବାକୁ ଯାଉଛନ୍ତି, ସେତେବେଳେ ଆମଠାରୁ ନଗଣ୍ୟ ଋଣ ନେଇଥିବା ଅନ୍ୟମାନଙ୍କୁ କ୍ଷମା କରିବାକୁ ଆମେ ଇଚ୍ଛୁକ ହେବା ଉଚିତ୍ ।

୪ । *ପ୍ରତିଶୋଧ ନ ନେଇ ଅପରାଧ ସହ୍ୟ କରିବା*

ମାତ୍ର ଭଗ୍ନତାର ଅନ୍ୟାନ୍ୟ ଦିଗସବୁ ମଧ୍ୟ ରହିଛି । ଗୋଟିଏ ହେଉଛି ନମ୍ରଚିତ୍ତ ଆତ୍ମା ଯାହାକି ଉଚିତ୍ କାର୍ଯ୍ୟ କରିବା ଦ୍ୱାରା ଯନ୍ତ୍ରଣାଭୋଗ କରେ ଏବଂ ପ୍ରତିଶୋଧ ନିଏ ନାହିଁ । ଏଠାରେ, ଅବଶ୍ୟ ଆମର ପ୍ରଭୁ ମୁଖ୍ୟ ଦୃଷ୍ଟାନ୍ତ ଅଟନ୍ତି ।

> ''ସେ ନିନ୍ଦା ପାଇବା ସମୟରେ ଫେରି ନିନ୍ଦା କଲେ ନାହିଁ; ଦୁଃଖଭୋଗ କରିବା ସମୟରେ ପ୍ରତିହିଂସା କରିବାକୁ ଭୟ ଦେଖାଇଲେ ନାହିଁ, କିନ୍ତୁ ନ୍ୟାୟବିଚାରକର୍ତ୍ତାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କଲେ'' (୧ ପିତର ୨ : ୨୩) ।

ଆମେ ଏହି ପ୍ରକାର ଜୀବନ ନିମନ୍ତେ ଆହ୍ୱାନପ୍ରାପ୍ତ ହୋଇଛୁ ।

> କାରଣ କେହି ଯେବେ ଈଶ୍ୱରଙ୍କୁ ସାକ୍ଷାତ୍ ମାନି ଅନ୍ୟାୟରେ ଦୁଃଖଭୋଗ କରି କଷ୍ଟ ସହ୍ୟ କରେ, ତେବେ ତାହା ପ୍ରଶଂସାର ବିଷୟ । ଯେଣୁ ତୁମ୍ଭେମାନେ ଆପଣା ଆପଣା ଦୋଷରୁ ଯଦି ପ୍ରହାର ସହ୍ୟ କର, ତେବେ ସେଥିରେ ଅବା କ'ଣ ସୁଖ୍ୟାତି ? କିନ୍ତୁ ଯଦି ସତ୍କର୍ମ କରି ଦୁଃଖ ସହ୍ୟ କର, ତେବେ ତାହା ଈଶ୍ୱରଙ୍କ ନିକଟରେ ପ୍ରଶଂସାର ବିଷୟ (୧ ପିତର ୨ : ୧୯,୨୦) ।

ତାଙ୍କର ପୁସ୍ତକ, From Grace to Glory ରେ, ମୁର୍ଡୀକ୍ କ୍ୟାମ୍ପବେଲ୍ ଆମକୁ ସ୍ମରଣ କରାଇ ଦିଅନ୍ତି ଯେ 'ଜନ୍‌ୱେସ୍ଲୀ'ଙ୍କର ଜଣେ ପତ୍ନୀ ଥିଲେ ଯିଏ କି ତାଙ୍କ ଜୀବନକୁ ଅଗ୍ନିର ଏକ ପରୀକ୍ଷା ସ୍ୱରୂପ କରିଦେଇଥିଲେ । ଆକ୍ଷରିକ ଭାବେ କହିବାକୁ ଗଲେ ଘଣ୍ଟା ଘଣ୍ଟା ଧରି ସେ ଯେପରି ତାଙ୍କର ଚୁଟି ଧରି ତାଙ୍କୁ ଘରସାରା ଘୁରାଇଥିଲେ ଏବଂ ରୀତିବାଦର ପ୍ରବର୍ତ୍ତକ ଜଣକ କଦାପି ତାଙ୍କୁ ରୁକ୍ଷ ଶବ୍ଦଟିଏ ମଧ୍ୟ ଉଚ୍ଚାରଣ କରୁ ନ ଥିଲେ । *London : Banner of Truth Trust, 1970, P. 149*

କ୍ୟାମ୍ପବେଲ୍ ମଧ୍ୟ ଜଣେ ଈଶ୍ୱର ପରାୟଣ ମାଳଭୂମିର କାର୍ଯ୍ୟକାରୀଙ୍କ ବିଷୟରେ କହନ୍ତି ଯିଏ କି ଏହିଭଳି ଜଣେ ମହିଳାଙ୍କୁ ବିବାହ କରିଥିଲେ । ସେହି କାର୍ଯ୍ୟକାରୀଜଣକ ତାଙ୍କର କୋଠରୀରେ ବସି ବାଇବଲ ପାଠ କରୁଥିଲେ । ଦ୍ୱାରଟି ଉନ୍ମୁକ୍ତ ହେଲା ଏବଂ ତାଙ୍କର ସ୍ତ୍ରୀ ଭିତରକୁ ପ୍ରବେଶ କଲେ । ତାଙ୍କ ସ୍ତ୍ରୀଙ୍କ ହସ୍ତ ତାଙ୍କ ହସ୍ତରୁ ପୁସ୍ତକଟିକୁ ଓଟାରି ନେଲା ଏବଂ ଅଗ୍ନି ମଧ୍ୟକୁ ନିକ୍ଷେପ କରିଦେଲା । ସେ ତାଙ୍କ ସ୍ତ୍ରୀଙ୍କ ମୁହଁକୁ ଅନାଇଲେ ଏବଂ ଧୀରେ ଭାବରେ ଏହି ମନ୍ତବ୍ୟ ଦେଲେ, 'ମୁଁ କେବେ ଖୁବ୍ ଉତ୍ତପ୍ତ ଅଗ୍ନିରେ ବସିନାହିଁ' । ଏହା ଏପରି ଏକ ଉତ୍ତର ଥିଲା ଯାହା କି ତାଙ୍କ ସ୍ତ୍ରୀଙ୍କ କ୍ରୋଧକୁ ଦୂରେଇ ଦେଇ ପାରିଲା ଏବଂ ଏକ ନୂତନ ଓ ଅନୁଗ୍ରହମୟ ଜୀବନ ଆରମ୍ଭ କରିବାକୁ ଏକ ସଂକେତ ପ୍ରଦାନ କଲା । ତାଙ୍କର Jezebel ଓ Lydia ରେ ପରିଣତ ହୋଇଗଲେ । କଣ୍ଟକଟି ଏକ କଇଁ ଫୁଲରେ ଯେପରି ପରିଣତ ହୋଇଗଲା'' ।

ଈଶ୍ୱରଙ୍କର ଜଣେ ମହାନ୍ ସାଧୁ କହିଥିଲେ, ବିନା କାରଣରେ ଆମ ନିଜ ନିଜକୁ ଦୋଷୀ ବୋଲି ଦେଖିବା ଏବଂ ଏହାର ଅନ୍ତରାଳରେ ନୀରବ ହେଉଛି ଗଭୀରତମ ଏବଂ ବାସ୍ତବତମ ନମ୍ରତାର ସୂଚନା । ଅନୁଚିତ ବ୍ୟବହାର ଏବଂ ଅପମାନର ସମ୍ମୁଖରେ ନୀରବତା ହେଉଛି ଆମ ପ୍ରଭୁଙ୍କର ଏକ ମହତ ଅନୁକରଣ । 'ହେ, ମୋର ପ୍ରଭୁ, ମୁଁ ଯେତେବେଳେ ସ୍ମରଣ କରେ ଯେ କେତେ ଉପାୟରେ ତୁମେ ଯନ୍ତ୍ରଣାଗ୍ରସ୍ତ ହୋଇଛ, ଯିଏ କି କୌଣସି ଉପାୟରେ ଏହା ପାଇବାକୁ ଯୋଗ୍ୟ ନ ଥିଲେ, ମୁଁ ଯେତେବେଳେ ମୋ ନିଜକୁ ସୁରକ୍ଷା ଦେବାକୁ ଏବଂ ନିଜକୁ କ୍ଷମା ଦେବାକୁ ବ୍ୟଗ୍ର ହୁଏ ମୁଁ

ସେତେବେଳେ ଜାଣିପାରେ ନାହିଁ ଯେ ମୋର ଚେତନାସବୁ କେଉଁଠାରେ ଅଛନ୍ତି । ମୋ ବିଷୟରେ କେହି ଜଣେ ଉତ୍ତମ ଚିନ୍ତା କରୁ ବା ମୋ ବିଷୟରେ ଉତ୍ତମ କଥା ପ୍ରକାଶ କରୁ ଏହା ଆକାଂକ୍ଷା କରିବା କ'ଣ ସମ୍ଭବ, ଯେତେବେଳେ କି ଅନେକ ପ୍ରକାର ମନ୍ଦ ବିଷୟ ତୁମ ବିଷୟରେ ଚିନ୍ତା କରାଯାଇଛି ଏବଂ ପ୍ରକାଶ କରାଯାଇଛି ? *(Living patiently, J.Allen Blair, PP.353,4)*

*୫ । ମନ୍ଦକୁ ଉତ୍ତମତାରେ ପରିଶୋଧ କରିବା*

ଭଗ୍ନ ଜୀବନର ଅନ୍ୟ ଏକ ଉନ୍ନତର ଅଗ୍ରଗତି ହେଉଛି ଅନୁଚିତ ବ୍ୟବହାରକୁ ଧୈର୍ଯ୍ୟର ସହ କେବଳ ଯେ ସହ୍ୟ କରିବା ତା' ନୁହେଁ ମାତ୍ର ପ୍ରତ୍ୟେକ ଅପରାଧକୁ ଏକ ସଦୟତାରେ ପୁରସ୍କୃତ କରିବା

ମନ୍ଦ ବଦଳରେ କାହାରିକୁ ମନ୍ଦ ପରିଶୋଧ କର ନାହିଁ, ମାତ୍ର ସମସ୍ତଙ୍କ ଦୃଷ୍ଟିରେ ଯାହା ମହତ ତାର ଚିନ୍ତା କର। ...ଯଦି ତୁମ୍ଭର ଶତ୍ରୁ କ୍ଷୁଧିତ, ତେବେ ତାହାକୁ ଭୋଜନ କରାଅ, ଯଦି ସେ ତୃଷିତ, ତା'କୁ ପାନ କରାଅ; କାରଣ ଏହିପରି କଲେ ତୁମ୍ଭେ ତା'ର ମସ୍ତକ ଉପରେ ଜ୍ୱଳନ୍ତ ଅଙ୍ଗାର ଗଦା କରିବ । କୁକ୍ରିୟାରେ ପରାଜିତ ନ ହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର (ରୋମୀୟ ୧୨ : ୧୨,୨୦,୨୨)।

ସେହି ହାତୀଟି ବିଷୟ ମୋର ସର୍ବଦା ଏହି ପ୍ରସଙ୍ଗରେ ମନେହୁଏ ଯିଏ କି ତା'ର ମାହୁନ୍ତ ସହ ଭାରତୀୟ ରାସ୍ତାର ନିମ୍ନାଞ୍ଚଳକୁ ଚାଳିତ ହେଉଥିଲା । ଲୋକଟି ସାଥିରେ କାଠଗଣ୍ଡିଟି ବୋହି ଚାଲୁଥିବା ବନ୍ୟପ୍ରାଣୀଟିକୁ ରାସ୍ତାରେ ସିଧା ସିଧା ନେବା ପାଇଁ ହାତରେ ତୀକ୍ଷ୍ଣ-ମୁନା ବିଶିଷ୍ଟ ଲୁହାଛଡଟିଏ ଧରିଥିଲା । ତା'ପରେ ଲୋକଟିର ମୁଠା ପାଞ୍ଚଣଟି ଉପରୁ କୋହଳ ହୋଇଯିବାରୁ ତାହା ଝନ୍‌ଝନ୍ ଶବ୍ଦ କରି ଭୂଇଁରେ ଖସିପଡ଼ିଲା । ଦୀର୍ଘ-ସହିଷ୍ଣୁ ହାତୀଟି ଚାରିପଟୁ ଘୁରି ଆସିଲା, ତା'ର ଶୁଣ୍ଢରେ ଲୁହା ପାଞ୍ଚଣଟିକୁ ଉଠାଇ ଆଣିଲା, ଏବଂ ତା'ର ମୁନିବର ହସ୍ତରେ ସେଇଟିକୁ ଧରାଇ ଦେଲା । ଯଦି ହାତୀମାନେ ଖ୍ରୀଷ୍ଟ ବିଶ୍ୱାସୀ ହୋଇଥା'ନ୍ତେ, ତେବେ ସେମାନଙ୍କ ମଧ୍ୟରୁ ସେହି ହାତୀଟି ନିଶ୍ଚିତ ଅନ୍ୟତମ ହୋଇଥା'ନ୍ତା ।

[1] London : Banner of Truth Trust, 1970, p.149.

*୬। ନିଜଠାରୁ ଅନ୍ୟମାନଙ୍କୁ ଅଧିକ ସମ୍ମାନ କରିବା*

ଏବଂ ତା'ପରେ ଭଗ୍ନତାର ଅନ୍ୟ ଏକ ରୂପ ହେଉଛି ଜଣେ ତା' ନିଜଠାରୁ ଅନ୍ୟମାନଙ୍କୁ ଅଧିକରୂପେ ସମ୍ମାନ ଦେବା (ଫିଲିପ୍ପୀୟ ୨ : ୩) । ଅବ୍ରହାମ୍‌ଙ୍କ ଜୀବନର ଏକ ଘଟଣାରେ ଏହା ବର୍ଣ୍ଣିତ ହୋଇଥିବାର ଆମେ ଦେଖୁ (ଆଦି. ୧୩ : ୧-୩) । ସେ ଏବଂ ଲୋଟ ମିସରରୁ ନେଜବକୁ ଆସିଥିଲେ ଏବଂ ତାପରେ ସେମାନଙ୍କର ପରିବାର ଓ ସମ୍ପତ୍ତିସବୁ ସହ ବେଥଲ୍‌କୁ ଆସିଥିଲେ । ଉଭୟଙ୍କର ପ୍ରଚୁର ମେଷପଲ ଏବଂ ଗାଈପଲ ଥିଲେ, ଏବଂ ଅତିଶୀଘ୍ର ତୃଣମୟ ସ୍ଥାନଟି ନିମନ୍ତେ ଉଭୟଙ୍କ ମଧ୍ୟରେ କଳହ ଆରମ୍ଭ ହୋଇଗଲା । ଏହି ପରିସ୍ଥିତିରେ ଅବ୍ରହାମ ଆଗେଇ ଆସି ଫଳପ୍ରଦ ଭାବେ କହିଲେ, ''ଦେଖ, ଲୋଟ, ତୁମ୍ଭ ଆମ୍ଭ ମଧ୍ୟରେ, ପୁଣି ତୁମ୍ଭର ପଶୁପାଳକ ଓ ମୋହର ପଶୁପାଳକମାନଙ୍କ ମଧ୍ୟରେ ବିବାଦ ନ ହେଉ, ତୁମ୍ଭେ ମୋଠାରୁ ପୃଥକ୍ ହୁଅ । ତୁମ ଇଚ୍ଛା ଅନୁସାରେ ବାମ ବା ଦକ୍ଷିଣକୁ ଯାଅ, ମୁଁ ଅନ୍ୟସ୍ଥାନମାନଙ୍କୁ ମୋର ପ୍ରାଣୀମାନଙ୍କୁ ନେଇଯିବି । ତେଣୁ ଯର୍ଦ୍ଦନର ସମସ୍ତ ପ୍ରାନ୍ତରକୁ ଲୋଟ ମନୋନୀତ କଲେ — ସଦୋମଠାରୁ ଅନତିଦୂରରେ । ମହତ୍-ହୃଦୟୀ ଅବ୍ରାହାମ୍ କାନ୍ନାର ମଧ୍ୟ ଅଞ୍ଚଳକୁ ଦୂରେଇ ଗଲେ । ଏବଂ ସେପରି ଜଣେ ପୁରାତନ ନିୟମର ସାଧୁ, ପେଣ୍ଟିକଷ୍ଟର ବିପରୀତ ପାର୍ଶ୍ୱରେ ବାସ କରୁଥିଲେ, ଆମକୁ ଏକ ବ୍ୟବହାରିକ ପ୍ରତିପାଦନ କରିଥିଲେ ଯାହାକି ପାଉଲ ବୁଝାଇଥିଲେ, ଯେତେବେଳେ ସେ କହିଲେ :

> ଭ୍ରାତୃପ୍ରେମରେ ପରସ୍ପର ପ୍ରତି ସ୍ନେହଶୀଳ ହୁଅ; ସମାଦରରେ ପରସ୍ପରକୁ ଶ୍ରେଷ୍ଠଜ୍ଞାନ କର ( ରୋମୀୟ ୧୨ : ୧୦) ।

*୭। ତତ୍ପର ବାଧ୍ୟତା*

ଏହା ହିଁ ସମସ୍ତ ନୁହେଁ । ଈଶ୍ୱର ଇଚ୍ଛା କରନ୍ତି ଆମେ ଯେପରି ତାହାଙ୍କର ଇଚ୍ଛା ଗ୍ରହଣ କରିବାରେ ଏବଂ ପାଳନ କରିବାରେ ଭଗ୍ନଶୀଳ ହେବୁ । ଗୀତରଚକ ଏହାକୁ ଅତି ସଂକ୍ଷେପରେ ଉପସ୍ଥାପନ କରିଛନ୍ତି :

> ତୁମ୍ଭେମାନେ ବୁଦ୍ଧିହୀନ ଅଶ୍ୱ କି ଖଚର ପରି ହୁଅ ନାହିଁ; ସେମାନଙ୍କୁ ସେମାନେ ତୁମ୍ଭ କତିକି ଆସିବେ ନାହିଁ (ଗୀତ ୩୨ : ୯) ।

ଏକ ବୁଦ୍ଧିହୀନ ଅଶ୍ୱର ପ୍ରବଣତା ହେଉଛି ବନ୍ଧୁକ ଉପରେ ବି ଡେଇଁ ଚାଲିଯିବା, ମାତ୍ର ଖଚର ଜିଦ୍‌ଖୋର ପ୍ରବୃତ୍ତି ଏବଂ ଅବାଧ୍ୟତା ସୂଚିତ କରେ । ତେଣୁ ଈଶ୍ୱରଙ୍କର ଇଚ୍ଛା ପ୍ରସଙ୍ଗରେ ଆମର ଦୁଇଟି ବିପଦର ଆଶଙ୍କା ରହିଛି । ବିନା ସ୍ପଷ୍ଟ ଲକ୍ଷ୍ୟ ନେଇ

ଗତି କରିବା ସମ୍ଭବ, ଏବଂ ବିନା ଆଦେଶରେ ଦୌଡ଼ିବା ମଧ୍ୟ ସମ୍ଭବ ଅଟେ ଏବଂ ଜାଣିଶୁଣି ଈଶ୍ୱରଙ୍କର ସ୍ପଷ୍ଟ ଚାଳନାକୁ ପ୍ରତିରୋଧ କରିବା ମଧ୍ୟ ସମ୍ଭବ ଅଟେ ।

ଉଦାହରଣ ସ୍ୱରୂପେ, ଯୁନସଙ୍କୁ ନିଆଯାଉ । ଈଶ୍ୱର ତାଙ୍କୁ କ'ଣ କରିବାକୁ ଇଚ୍ଛା କରୁଥିଲେ ଏଥିରେ କୌଣସି ପ୍ରଶ୍ନ ନାହିଁ । ନୀନିବୀଙ୍କୁ ଅନୁତାପ ବିଷୟ ଯାଇ ପ୍ରଚାର କରିବାକୁ ତାଙ୍କୁ ଆହ୍ୱାନ କରାଯାଇଥିଲା । କିନ୍ତୁ ସେ ପର୍ଯ୍ୟନ୍ତ ଆତ୍ମାରେ ଭଗ୍ନ ନ ଥିଲେ । ତେଣୁ କରି ସେ ବିପରୀତ ଦିଗରେ ଯାଉଥିବା ଏକ ଜାହାଜରେ ଯାତ୍ରା ଆରମ୍ଭ କଲେ । ତିନିଦିନ ଧରି ତିମିମାଛ ପେଟରେ ରହିଲା ପରେ ତାଙ୍କୁ ଈଶ୍ୱରଙ୍କ ଆଜ୍ଞାପାଳନ କରିବା ନିମନ୍ତେ ଭଗ୍ନ ହେବାକୁ ହେଲା । ତା'ପରେ ସେ ଏହା ପ୍ରମାଣିତ କରିବାକୁ ବାହାରିଗଲେ ଯେ, ମୋଟ ଉପରେ ଈଶ୍ୱରଙ୍କ ଇଚ୍ଛା ହେଉଛି ଉତ୍ତମ ଏବଂ ଗ୍ରହଣୀୟ ଏବଂ ସିଦ୍ଧ (ରୋମୀୟ ୧୨ : ୨) ।

ପ୍ରଭୁ ଯୀଶୁ ଯିରୁଶାଲମକୁ ଯାତ୍ରା କରିଥିବା ଗଧଛୁଆଟି ନିକଟରେ ଆମେ ଭଗ୍ନତାର ବିସ୍ମିତ ଛବିଟିଏ ଦେଖିବାକୁ ପାଉ (ଲୂକ ୧୯ : ୨୮-୩୫) । ସେଦିନ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ତା' ଉପରେ ଆରୋହଣ କରି ନ ଥିଲେ ଏବଂ ଏହାକୁ ଆୟତ୍ତ କରିବାକୁ ଚେଷ୍ଟା କରିବାବେଳେ ଏହି ଗଧଛୁଆ ଖୁବ୍ ପ୍ରବଳ ପ୍ରତିରୋଧ କରିବାର ଆଶା କରାଯାଇ ପାରିଥା'ନ୍ତା । କିନ୍ତୁ ଯେତେବେଳେ ତ୍ରାଣକର୍ତ୍ତା ଏହାକୁ ଆବଶ୍ୟକ କଲେ; ସେ ଅତ୍ୟାବଶ୍ୟକ ଭଗ୍ନତାର ଏକ ଅଲୌକିକତା ଅନୁଭବ କଲା । ତା'ର ସୃଷ୍ଟିକର୍ତ୍ତାଙ୍କର ଇଚ୍ଛା ନିକଟରେ ଗଧଛୁଆଟିର ଇଚ୍ଛା ସଂପୂର୍ଣ୍ଣରୂପେ ସମର୍ପିତ ହେଲା ।

ଭଗ୍ନତା ଉପରେ ଆଲୋଚନା କଲାବେଳେ ମାଟି ପିଣ୍ଡୁଳାକୁ ପରିଚୟ ପ୍ରଦାନ କରିବାକୁ ଯାଇ ଅଳଙ୍କାରର ବ୍ୟବହାର କଲାପରି ଏହା ହୁଏତ ଜଣାଯାଉ ଥାଇପାରେ, ମାତ୍ର ଜଣେ କୁମ୍ଭକାରର ହସ୍ତରେ ରହିଥିବା ମାଟିପିଣ୍ଡୁଳାଟିର ଚିତ୍ର ଈଶ୍ୱରଙ୍କର ହସ୍ତରେ ଭଗ୍ନ ବ୍ୟକ୍ତିଟିର ଅବସ୍ଥାର ହେଉଛି ଏକ ଉପଯୁକ୍ତ ବର୍ଣ୍ଣନା - ତାଙ୍କ ଅଙ୍ଗୁଳିର ଚାପ ପ୍ରତି ସହଜରେ ନିମନନୀୟ ଏବଂ ଅନୁରୂପ ରୂପ ଧାରଣକାରୀ । ଏଣୁ କରି ବଶୀଭୂତ ସାଧୁମାନଙ୍କର ନିତ୍ୟ ପ୍ରାର୍ଥନା ହେଉଛି :

ତୁମ ପଥ ମୋତେ ଦେଖାଅ, ପ୍ରଭୁ ! ପଥ ମୋତେ ଦେଖାଅ !
କୁମ୍ଭକାର ତୁମେ ମୋ ଜୀବନରେ; ମୁଁ ଯେ ଚକଟାଚକଟି କାଦୁଅ ।
ଚୂର୍ଣ୍ଣ କରି ମୋତେ ଗଢ଼ି ତୋଳି ଦିଅ ସେହିରୂପେ ତୁମ ଇଚ୍ଛାରେ
ଫଳପୂର୍ଣ୍ଣ ଆଉ ସ୍ଥିର ଲଭିବାକୁ ରହିଅଛି ପ୍ରତୀକ୍ଷାରେ ।

ତୁମ ପଥ ମୋତେ ଦେଖାଅ, ପ୍ରଭୁ ! ତୁମ ପଥ ମୋତେ ଦେଖାଅ ।
ହେ ପ୍ରଭୁ, ତୁମେ ହିଁ ଆଜି ମୋତେ ଅନୁସନ୍ଧାନ କରି କୁହ ।
ତୁଷାରଠୁଁ ବି ଧବଳ, ଶୁଭ୍ର ମୋତେ କର ଆଜି
ମୁଁ ଯେ ଉପସ୍ଥିତ ତବ ସମ୍ମୁଖେ ନମ୍ରତାରେ ରୂପ ସାଜି ।

ତୁମ ପଥ ମୋତେ ଦେଖାଅ, ପ୍ରଭୁ ! ତୁମ ପଥ ମୋତେ ଦେଖାଅ ।
ନିବେଦନ କର, ଦୟାକର ମୋତେ, ମୁଁ କ୍ଷତାକ୍ତ ଓ ବିଚଳିତ ।
ଶକ୍ତି- ଆଉ ସମସ୍ତ କିଛି - ନିଶ୍ଚିତ ଅଟେ ତୁମର
ହେ ସ୍ୱର୍ଗୀୟ ତ୍ରାଣକର୍ତ୍ତା, ସ୍ପର୍ଶ କରି ମୋତେ ସୁସ୍ଥ କର ।

ତୁମ ପଥ ମୋତେ ଦେଖାଅ, ପ୍ରଭୁ ! ତୁମ ପଥ ମୋତେ ଦେଖାଅ ।
ତୁମ ପଥରେ ହାତ ଧରି ଧିରେ ମୋ ଜୀବନ କଢ଼ାଇ ନିଅ ।
ପୂର୍ଣ୍ଣ କର ମୋତେ ତବ ଆତ୍ମାରେ ପାରିବି ସମସ୍ତ ଦେଖି ପ୍ରତିଟି ମୁହୂର୍ତ୍ତ,
ଜୀବନ୍ତ ରହିବି, ଖ୍ରୀଷ୍ଟଙ୍କୁ ହୃଦୟେ ରଖି ।

### ୮ । *ଜନସାଧାରଣଙ୍କ ମତାମତ ପ୍ରତି ମୃତପ୍ରାୟ*

ଭଗ୍ନତାର ଅନ୍ୟାନ୍ୟ କେତେକ ଦିଗ ମଧ୍ୟ ରହିଛି । ଦୃଷ୍ଟାନ୍ତ ସ୍ୱରୂପ, ଆମେ ସେହି ସ୍ଥାନକୁ ଅଣାଯିବାର ଦରକାର ପଡୁ ଯେଉଁଠାରେ କି ଆମେ ଜଗତର ପ୍ରଶଂସାଧ୍ୱନି ବା ଭ୍ରୁକୁଞ୍ଚନ ପ୍ରତି ମୃତପ୍ରାୟ ଅଟୁ । ''ଡବ୍ଲ୍ୟୁ. ପି. ନିକୋଲ୍‌ସନ୍'' ଉଦ୍ଧାର ପ୍ରାପ୍ତ ହେଲା ପରେ ଜଣେ ସାଲ୍‌ଭେସନ୍ ଆର୍ମି ଅଫିସରଙ୍କ ଅଭିଭାବକାଧୀନତ୍ୱକୁ ଆସିଲେ । ଦିନେ ତାଙ୍କୁ ଅଫିସର କହିଲେ, ''ତୁମେ ଯଦି ଈଶ୍ୱରଙ୍କ ବିଷୟରେ ଚିନ୍ତିତ, ତେବେ ଏହି ଲେଖା ଫଳକଟିକୁ କିଛି ଘଣ୍ଟା ନିମନ୍ତେ ସହରର କେନ୍ଦ୍ରସ୍ଥଳରେ ପରିଧାନ କର'' । ଫଳକରେ ଏହି ଶବ୍ଦଗୁଡ଼ିକ ଲେଖା ଯାଇଥିଲା ''ଜନସାଧାରଣଙ୍କ ମତାମତ ପ୍ରତି ମୃତ'' । ଏହି ଅଭିଜ୍ଞତା ନିକେଲସନ୍‌ଙ୍କ ସମସ୍ତ ଜୀବନରେ ଖ୍ରୀଷ୍ଟଙ୍କ ନିମନ୍ତେ ଭୟଶୂନ୍ୟ ସେବା କରିବାରେ ପ୍ରଚୁର ପ୍ରଭାବ ପକାଇଥିଲା ।

### ୯ । *ଅନ୍ୟମାନଙ୍କର ପାପକୁ ଆମ ନିଜର ପାପ ବୋଲି ସ୍ୱୀକାର କରିବା*

ଆମକୁ ଏପରି ଭଗ୍ନ ହେବାକୁ ହେବ ଯେ ଆମେ ଈଶ୍ୱରଙ୍କ ଲୋକମାନଙ୍କ ପାପକୁ ନିଜର ପାପ ବୋଲି ସ୍ୱୀକାର କରିବା । ଏହା ହିଁ ଦାନିୟେଲ କରିଥିଲେ (ଦାନିୟେଲ୍ ୯ : ୩-୧୯) । ସେ ତାଲିକା କରିଥିବା ପ୍ରାୟ ପାପଗୁଡ଼ିକ ନିମନ୍ତେ ସେ ବ୍ୟକ୍ତିଗତ ଭାବେ ଦୋଷୀ ନ ଥିଲେ । ମାତ୍ର ସେ ଇସ୍ରାଏଲ ଜାତି ସହ ନିଜକୁ

ଏପରି ଘନିଷ୍ଠଭାବେ ପରିଚିତ କରାଇଥିଲେ ଯେ, ସେମାନଙ୍କର ପାପ ତାଙ୍କର ପାପ ବୋଲି ଗଣିତ ହେଲା । ଏଥିରେ ସେ ଆମକୁ ସ୍ମରଣ କରାଇ ଦିଅନ୍ତି, ଅବଶ୍ୟ, ସେହି ଜଣଙ୍କର ବିଷୟରେ ଯିଏ କି "ଆମର ପାପସବୁ ଓ ଦୁଃଖସବୁ ବହନ କଲେ ଏବଂ ସେମାନଙ୍କୁ ଅତି ନିଜର କଲେ" । ଏବଂ ଆମ ନିମନ୍ତେ ଶିକ୍ଷାଟି ହେଉଛି ଅନ୍ୟମାନଙ୍କୁ ସମାଲୋଚନା କରିବା ପରିବର୍ତ୍ତେ ଏବଂ ଅଙ୍ଗୁଳି ନିର୍ଦ୍ଦେଶ କରିବା ପରିବର୍ତ୍ତେ, ଆମେ ସେମାନଙ୍କର ପାପକୁ ଆମ ନିଜର ପାପ ବୋଲି ସ୍ୱୀକାର କରିବା ।

*୧୦ । ସଙ୍କଟାବସ୍ଥାରେ ଜଣଙ୍କର ଶାନ୍ତ ଅବସ୍ଥା ରକ୍ଷା କରିବା*

ଭଗ୍ନତାର ଶେଷ ଦିଗରେ ଅନ୍ତର୍ଭୁକ୍ତ ରହିଛି ଜୀବନର ସଙ୍କଟାବସ୍ଥାରେ ଚିତ୍ତ ଭାରସାମ୍ୟ ଓ ସ୍ଥିରତା । ଯେତେବେଳେ ଏକ ଅନିବାର୍ଯ୍ୟ ବିଳମ୍ବ ଘଟେ, ସେତେବେଳେ ଉଦ୍‌ବିଗ୍ନତା ଓ କ୍ରୋଧ ସ୍ୱାଭାବିକ ହୋଇଉଠେ । ଦୈନନ୍ଦିନ କାର୍ଯ୍ୟକ୍ରମ ବ୍ୟାଘାତ ପ୍ରାୟତଃ ବିରକ୍ତି ଏବଂ ଚିଡ଼ିଚିଡ଼ା ସ୍ୱଭାବକୁ ଉତ୍ତେଜିତ କରେ । ଯାନ୍ତ୍ରିକ ତ୍ରୁଟିଗୁଡ଼ିକ ଏବଂ ଦୁର୍ଘଟଣାମାନ - କେତେ ସହଜରେ ସେଗୁଡ଼ିକ ଆମକୁ କ୍ଷୁବ୍ଧ କରେ ଏବଂ ଆମର ମାନସିକ ଅବସ୍ଥା ପ୍ରଜ୍ଜଳିତ ହୋଇଉଠେ । ତାଲିକା ପରିବର୍ତ୍ତନ ଏବଂ ନୈରାଶ୍ୟ ଆମ ନିମନ୍ତେ ଆମ ନିମନ୍ତେ ଖୁବ୍ ମନ୍ଦ ପ୍ରଭାବ ନେଇ ଆସିଥାଏ । ମନର ବିକୃତତା, ବିଶୃଙ୍ଖଳା ଭାବନା, କ୍ରୋଧ ଏବଂ କାମୁକତା ଏହି ସମସ୍ତ ଉକ୍ତିତ ବିଷୟ ଖ୍ରୀଷ୍ଟ ବିଶ୍ୱାସୀର ସାକ୍ଷ୍ୟମୟ ଜୀବନ ନିମନ୍ତେ ଅତି ମାତ୍ରାରେ ସର୍ବନାଶଜନକ ।

ଭଗ୍ନତାର ପଥ ହେଉଛି ଏହି ସମସ୍ତ ସଙ୍କଟାବସ୍ଥାରେ ଜଣେ ତା' ନିଜକୁ ଶାନ୍ତ ରଖିବା, ଏହାଜାଣି ଯେ, ତାଙ୍କର ଉଦ୍ଦେଶ୍ୟନିମନ୍ତେ ସମସ୍ତ ପରିସ୍ଥିତିକୁ ଈଶ୍ୱର ନିୟନ୍ତ୍ରଣ କରୁଛନ୍ତି । ଚେପ୍‌ଟା ଟାୟାରଟି ହୁଏତ ଛଦ୍ମଭାବେ ଏକ ଆଶୀର୍ବାଦ ହୋଇପାରେ, ଯାହାକି ଆପଣଙ୍କୁ ଆଗରେ ଥିବା ରାଜପଥର ଦୁର୍ଘଟଣାରୁ ରକ୍ଷା କରେ । ଅପ୍ରତ୍ୟାଶିତ ପରିଦର୍ଶକ ଜଣକ ଯିଏ କି ପ୍ରଭୁଙ୍କ ନିମନ୍ତେ ଆପଣଙ୍କ କାର୍ଯ୍ୟରେ ବ୍ୟାଘାତ ଆଣେ ହୁଏତ ଆପଣଙ୍କ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ସେବାକାର୍ଯ୍ୟର ସୁଯୋଗ ବାସ୍ତବରେ ପ୍ରଦାନ କରିପାରେ ଯେଉଁ କାର୍ଯ୍ୟ କି ଆପଣ କରୁଛନ୍ତି । ଦୁର୍ଘଟଣାଟି, ଏହାର ସମସ୍ତ ଯନ୍ତ୍ରଣାସହିତ, ଅସୁବିଧା ଏବଂ ବ୍ୟୟ ସହିତ, ସେହି ବ୍ୟକ୍ତିଟି ସହିତ ସ୍ପର୍ଶ ହେବାର ସୁଯୋଗ ପ୍ରଦାନ କରେ ଯେଉଁ ବ୍ୟକ୍ତିଟି କି ସୁସମାଚାର ଗ୍ରହଣ କରିବା ନିମନ୍ତେ ପବିତ୍ରଆତ୍ମାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ । ଏହି ସମସ୍ତ ପରିସ୍ଥିତିରେ, ଅଧୈର୍ଯ୍ୟ ପରିବର୍ତ୍ତେ ସ୍ଥିରତାରେ ପ୍ରତିକ୍ରିୟା ପ୍ରକାଶ କରିବାକୁ ଈଶ୍ୱର ଆମଠାରୁ ଅଭିଳାଷ କରନ୍ତି ।

ଭଗ୍ନତା କହିଲେ କ'ଣ ବୁଝାଏ ତା'ର କେତୋଟି ଉଦାହରଣ ଦେଖିବା । ଏହି ତାଲିକା କେବଳ ମାତ୍ର ସୂଚକ ଜ୍ଞାପନ କିନ୍ତୁ ପୂର୍ଣ୍ଣାଙ୍ଗ ନୁହେଁ । ଆମେ ଯେତେବେଳେ ଈଶ୍ୱରଙ୍କ ସହଭାଗୀତାରେ ଗମନାଗମନ କରୁ, ସେତେବେଳେ ସେ ଆମକୁ ଆମ ବ୍ୟକ୍ତିଗତ ଜୀବନର ସେହି କ୍ଷେତ୍ରଗୁଡ଼ିକୁ ଦେଖାଇବେ ଯେଉଁଠାରେ କି ଆମକୁ କ୍ରୁଶର ପାଦତଳେ ଭଗ୍ନ ହେବାର ଆବଶ୍ୟକତା ରହିଛି । ଏବଂ ଏହି ପ୍ରତ୍ୟେକ ପ୍ରକାଶିତ ବିଷୟରେ ସେ ଆବଶ୍ୟକୀୟ ଅନୁଗ୍ରହ ଯୋଗାଇ ଦେବେ ।

> ''କାରଣ ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣା ମଙ୍ଗଳମୟ ସଂକଳ୍ପର ସାଫଲ୍ୟ ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି'' (ଫିଲିପ୍ପୀୟ ୨ : ୧୩) ।

## କ'ଣ ପ୍ରକୃତ ଭଗ୍ନତା ନୁହେଁ

କେଉଁସବୁ ଭଗ୍ନତାର ଉପାଦାନ ଅଟେ ତାହା ଉପରେ ଦୃଷ୍ଟିପାତ କରିସାରିବା ପରେ, ବାକ୍ୟରେ ସୂଚାଯାଉଥିବା କେଉଁସବୁ ବିଷୟ ପ୍ରକୃତରେ ଭଗ୍ନତା ନୁହେଁ ତାହା ସଂକ୍ଷେପରେ ଆଲୋଚନା କରାଯିବା ଉଚିତ୍ । ଏହାର ଅର୍ଥ ନୁହେଁ ଯେ, ସେ ଜଣେ ଶକ୍ତିହୀନ ଅପଦାର୍ଥ ବ୍ୟକ୍ତିଟିଏ ହୋଇଯାଏ, ତା'ର ଚତୁଃପାର୍ଶ୍ୱ ସମସ୍ତଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରେ ନାହିଁ । ଯଦି ଅନ୍ୟ କୌଣସି ବିଷୟ, ତା'ର ବିପରୀତ ହିଁ ସତ୍ୟ ଅଟେ ।

ଭଗ୍ନତା ହେଉଛି ଚରିତ୍ରର ଏକ ସର୍ବୋତ୍ତମ ଉପାଦାନ । ଭଗ୍ନଶୀଳ ରହିତ ହେବା ନିମନ୍ତେ ଏହା କୌଣସି ଶୃଙ୍ଖଳା ଗ୍ରହଣ କରେ ନାହିଁ । ମାତ୍ର ଆତ୍ମ-ନିୟନ୍ତ୍ରଣ ଖ୍ରୀଷ୍ଟଙ୍କ-ସଦୃଶ ହେବା ଆବଶ୍ୟକ କରେ ଯେତେବେଳେ ସମସ୍ତ ସ୍ୱାଭାବିକ ପ୍ରବଣତା ଏହା ବିରୁଦ୍ଧରେ ବିଦ୍ରୋହ କରିଉଠେ ।

ଭଗ୍ନ ବ୍ୟକ୍ତିମାନେ ହେଉଛନ୍ତି ସେହିମାନେ ଯେଉଁମାନେ କି ପ୍ରରୋଚିତ ଚରିତ୍ରର ଅଟନ୍ତି । ସେମାନେ ଏକ ଭିନ୍ନ-ଜଗତର ଦୃଷ୍ଟାନ୍ତ ଅପ୍ରତିରୋଧକ ଶକ୍ତିଦ୍ୱାରା ନୀରବରେ ପ୍ରଭାବିତ କରନ୍ତି । ଏହା ଏକ ବିରୋଧାଭାସ ଅଟେ, ମାତ୍ର ସେଠାରେ ଏହା ହେଉଛି, ''ତୁମ୍ଭର ନମ୍ରତା ମୋତେ ବୃଦ୍ଧିପ୍ରାପ୍ତ କରିଅଛି'' (ଗୀତ ୧୮ : ୩୫, ଏ.ଭି.) ଏବଂ ଯେତେବେଳେ ପରିସ୍ଥିତି ଦାବୀ କରେ ସେତେବେଳେ ସେମାନେ କ୍ରୋଧାନ୍ୱିତ ହେବାକୁ ମଧ୍ୟ ସମର୍ଥ । ଆମେ ଏହା ଆମ ପ୍ରଭୁଙ୍କ ଜୀବନରେ ଦେଖୁ । ସେ ଏକ ମୋଟା କୋରଡ଼ା ଦ୍ୱାରା ମୁଦ୍ରା ବ୍ୟବସାୟକାରୀମାନଙ୍କୁ ମନ୍ଦିର ବାହାରକୁ ତଡ଼ିଦେଲେ । ମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟଟି ଲକ୍ଷ୍ୟ କରିବାର ହେଉଛି, ତାଙ୍କ ନିମନ୍ତେ କୌଣସି ଅପରାଧ କରାଯାଇଥିବାରୁ ତାଙ୍କର କ୍ରୋଧ ଯେ ପ୍ରଜ୍ୱଳିତ ହୋଇଥିଲା ତା'

ନୁହେଁ, ମାତ୍ର ଯେହେତୁ ତାଙ୍କ ପିତାଙ୍କ ଗୃହ ଅସମ୍ମାନିତ ହୋଇଥିଲା । ଯେପରି କୁହାଯାଇଛି, ''ଈଶ୍ୱରଙ୍କ ନିମନ୍ତେ ସେ ଜଣେ ସିଂହପ୍ରାୟ ଥିଲେ ମାତ୍ର ନିଜ ନିମନ୍ତେ ମେଷଶାବକଟିଏ ଥିଲେ'' । ଅନେକ ଶହୀଦ ଏବଂ ସଂସ୍କାରକ ପ୍ରକୃତରେ ଭଗ୍ନ ଆତ୍ମାବିଶିଷ୍ଟ ଥିଲେ ମାତ୍ର ସେମାନଙ୍କୁ କେହି ଜଣେ କହିପାରିବନି ଯେ ସେମାନେ ଦୁର୍ବଳ କିମ୍ବା ପ୍ରଭାବହୀନ ଥିଲେ ।

## ପୀଢ଼ି ବ୍ୟବଧାନ

ସନ୍ତାନ ସନ୍ତତି - ପିତାମାତାଙ୍କ ସଂପର୍କ କ୍ଷେତ୍ରରେ ଭଗ୍ନତାର ପ୍ରୟୋଗ ଏକ କଷ୍ଟକର ବ୍ୟାପାର । ପତିତ ମାନବ ସ୍ୱଭାବର କେତେକ ଅଦ୍ଭୁତ ଛଳନା ହେତୁ, ଆମେ ସେହିମାନଙ୍କ ପ୍ରତି ଅତ୍ୟନ୍ତ ପ୍ରେମହୀନ ଜଣାପଡୁ ଯେଉଁମାନେ ଆମର ଖୁବ୍ ଘନିଷ୍ଠ । ଅନେକ ଖ୍ରୀଷ୍ଟବିଶ୍ୱାସୀ ପରିବାରର କନ୍ୟାମାନେ ସେମାନଙ୍କର ମା'ମାନଙ୍କ ପ୍ରତି ସେମାନେ ଅନୁଭବ ପା'ନ୍ତି ଏବଂ ଅନେକ ଖ୍ରୀଷ୍ଟ ବିଶ୍ୱାସୀ ପ୍ରାୟ ସମସ୍ତେ ସେମାନଙ୍କ ବାପାଙ୍କ ପ୍ରତି କ୍ୱଚିତ ଶିଷ୍ଟାଚାର ସଂପନ୍ନ କରନ୍ତି । ପୀଢ଼ି ବ୍ୟବଧାନକୁ କେହି ହୁଏତ ଅସ୍ୱୀକାର କରୁ ନାହିଁ; ପ୍ରକୃତରେ ଏହା ହେଉଛି ଏକ ବିଶାଳ ଉପସାଗର । ଯୁବଗୋଷ୍ଠୀ ଏହା ଅଭିଯୋଗ କରନ୍ତି ଯେ, ସେମାନଙ୍କର ପିତାମାତା ସେମାନଙ୍କୁ ଠିକ୍‌ଭାବେ ବୁଝିବାକୁ ଚେଷ୍ଟା କରୁ ନାହାଁନ୍ତି, ଯେ ସେମାନେ ଦମନଶୀଳ ଅଟନ୍ତି, ଯେ ସେମାନେ ସମୟର ସ୍ପର୍ଶଠାରୁ ଊର୍ଦ୍ଧ୍ୱରେ, ଯେ ସେମାନେ ପ୍ରତିଷ୍ଠାନର ଅଧିକାରଯୁକ୍ତ ଅଟନ୍ତି । ମାତ୍ର ଏସମସ୍ତ ସତ୍ତ୍ୱେ ଅନେକ ଯୁବକ ଦୋଷୀ ଏବଂ ଲଜ୍ଜା ଅନୁଭବ କରନ୍ତି ଯେ ସେମାନେ ଏହିପରି ଆଚରଣ ସବୁରୁ ଊର୍ଦ୍ଧ୍ୱକୁ ଆସିବାର ଜଣାପଡୁ ନାହାଁନ୍ତି, ଏବଂ ସେମାନଙ୍କ ଲୋକମାନଙ୍କ ପ୍ରତି ଏକ ପରିବର୍ତ୍ତନ ସ୍ୱରୂପ ଖ୍ରୀଷ୍ଟବିଶ୍ୱାସୀମାନଙ୍କ ପରି ଆଚରଣ ପ୍ରଦର୍ଶନ କରି ପାରୁ ନାହାଁନ୍ତି । ସେମାନେ ହୃଦୟଙ୍ଗମ କରନ୍ତି ଯେ ଏହା ହେଉଛି ବିପୁଳ ପରାଜୟ ଯେ ସେମାନେ ଅତି ଦୟାଶୀଳ ଏବଂ ସେମାନଙ୍କର ସହଚରମାନଙ୍କ ପ୍ରତି ସେମାନେ ସୁନ୍ଦର ଆଚରଣ ବିଶିଷ୍ଟ ହୋଇ ପାରିବେ ଏବଂ ଏପରିକି ସେମାନଙ୍କର ପୌଢ଼ ବ୍ୟକ୍ତିମାନଙ୍କ ପ୍ରତି ମଧ୍ୟ ଓ ଗୃହରେ ଅତ୍ୟନ୍ତ ଶାନ୍ତ ଏବଂ ପୀଡ଼ାଦାୟକ ହୋଇପାରିବେ । ସେମାନେ ସେମାନଙ୍କର ପିତାମାତାଙ୍କର ମୃତ୍ୟୁବିଷୟ ଚିନ୍ତା କରିଥିବାରୁ ଆପଣ ଆପଣାକୁ ବହୁ ସମୟ ଘୃଣା କରନ୍ତି ଏବଂ ସ୍ୱୀକାର କରିବା ଯେପରି ଏକ କଷ୍ଟକର ବ୍ୟାପାର ମନେହୁଏ ।

ଇସ୍ରାଏଲ୍ ଜାତିକୁ ଈଶ୍ୱର ଅଚାନକ ଭାବେ ଦଶାଜ୍ଞା ପ୍ରଦାନ କରି ନ ଥିଲେ, ଏହି ସମସ୍ତ ଆଜ୍ଞାକୁ ଜଣେ ଯେପରି ମାନବିକ ଆତ୍ମୀୟତାର କଷ୍ଟକର ଏବଂ ସୁକୋମଳ କ୍ଷେତ୍ରଗୁଡ଼ିକରେ ପ୍ରୟୋଗ କରି ପାରିବ :

> "ତୁମ୍ଭେ ଆପଣା ପିତା ଓ ଆପଣା ମାତାକୁ ସମ୍ଭ୍ରମ କର; ତହିଁରେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ସେହି ଦେଶରେ ତୁମ୍ଭର ଦୀର୍ଘାୟୁ ହେବ" (ଯାତ୍ରା ୨୦ : ୧୨)।

ଏହି ଆଦେଶକୁ ନୂତନ ନିୟମରେ ପୁନରାବୃତ୍ତି କରି ପାଉଲ କହନ୍ତି :

> ହେ ପିଲାମାନେ, ପ୍ରଭୁଙ୍କ ସକାଶେ ଆପଣା ଆପଣା ପିତାମାତାଙ୍କର ଆଜ୍ଞାବହ ହୁଅ, କାରଣ ତାହା ଯଥାର୍ଥ। "ଆପଣ ପିତାମାତାଙ୍କୁ ସମାଦର କର"। (ଏହା ପ୍ରତିଜ୍ଞାଯୁକ୍ତ ଗୋଟିଏ ପ୍ରଧାନ ଆଜ୍ଞା )। "ଯେପରି ତୁମ୍ଭର ମଙ୍ଗଳ ହେବ, ଆଉ ତୁମ୍ଭେ ପୃଥିବୀରେ ଦୀର୍ଘାୟୁ ହେବ" (ଏଫିସୀୟ ୬ : ୧-୩)।

ଜଣକର ପିତାମାତାଙ୍କର ଆଜ୍ଞାପାଳନ କରିବା ଏବଂ ସେମାନଙ୍କୁ ସମ୍ମାନ କରିବାମାନେ ହେଉଛି ଯେ ସେମାନେ ଯାହା କହନ୍ତି ତାହା କରିବା ତାହା ନୁହେଁ, ମାତ୍ର ସେମାନଙ୍କୁ ଭକ୍ତି କରିବା, ସେମାନଙ୍କ ପ୍ରତି ଦୟାଶୀଳ ହେବା, ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କର ଦାୟିତ୍ୱ ଗ୍ରହଣ କରିବା। ପାଉଲ ଚାରିଗୋଟି କାରଣ ପ୍ରଦାନ କରିଛନ୍ତି :

> ଏହା ଯଥାର୍ଥ ଅଟେ • ଏହା ଯୁବଗୋଷ୍ଠୀମାନଙ୍କ ନିଜର ମଙ୍ଗଳ ନିମନ୍ତେ
> • ଏହା ଶାସ୍ତ୍ରନୁମୋଦିତ • ଏହା ଏକ ପୂର୍ଣ୍ଣଜୀବନ ବୃଦ୍ଧି କରେ।

ମାତ୍ର ଅନେକ ଯୁବକ ଓ ଯୁବତୀମାନେ ପ୍ରାୟତଃ ସେମାନେ ନିଜ ନିଜକୁ ଏହା ହୃଦୟଙ୍ଗମ କରାଇ ସାରିଛନ୍ତି ଯେ ଏହା ସାଧାରଣଭାବେ ସମ୍ଭବ ହେଉ ନାହିଁ। ସେମାନଙ୍କର ପିତାମାତାମାନେ ଅତ୍ୟନ୍ତ ପ୍ରଭୁତ୍ୱ ଜାହିର୍‌କାରୀ, ଅତ୍ୟନ୍ତ ସରଳମନା।

ଏହି ସମସ୍ତ ବିଷୟରେ ଅବଶ୍ୟ ଭଗ୍ନତା ହିଁ ଆବଶ୍ୟକ। ଏହାରମାନେ ଏହା ହେବ ଯେ ପିତା ବା ମାତା କିମ୍ବା ଉଭୟଙ୍କ ନିକଟକୁ ଯାଇ କହିବାକୁ ହେବ, "ଦେଖ ମୁଁ ଦୁଃଖିତ ଯେ ମୁଁ ତୁମ ପ୍ରତି ମୋର ସଂପର୍କରେ ଅବହେଳା ପ୍ରଦର୍ଶନ କରିଛି। ତୁମେ ମୋ ପ୍ରତି ଯାହା କରିଛ ସେସମସ୍ତ ନିମନ୍ତେ ମୁଁ ତୁମକୁ କଦାପି ଧନ୍ୟବାଦ ଦେଇନାହିଁ, ମାତ୍ର ମୁଁ ଏହା ବର୍ତ୍ତମାନ କରିବାକୁ ଇଚ୍ଛା କରୁଛି। ମୁଁ ଇଚ୍ଛା କରେ ତୁମେ

ମୋତେ କ୍ଷମା କରିଦିଅ କାରଣ ମୁଁ ଆମ ମଧ୍ୟରେ ଯେଉଁ ବିଭେଦ ପ୍ରାଚୀରର ସୃଷ୍ଟି କରିଛି । ଈଶ୍ୱରଙ୍କ ସହାୟତା ଦ୍ୱାରା, ଭବିଷ୍ୟତରେ ଏହି ସମସ୍ତ ବିଷୟ ଭିନ୍ନ ହେବାକୁ ମୁଁ ଇଚ୍ଛା କରେ'' ।

ପୀଢ଼ି ବ୍ୟବଧାନକୁ ସଂଯୋଗ କରିବା ନିମନ୍ତେ କାଳଜୟୀ ଦୃଷ୍ଟାନ୍ତଟି ହେଉଛି ଅପବ୍ୟୟୀ ପୁତ୍ରର କାହାଣୀ । ପ୍ରଥମେ ସେହି ଅକୃତଜ୍ଞ ପୁତ୍ରଟି ତା' ପିତାର ମୃତ୍ୟୁପର୍ଯ୍ୟନ୍ତ ମଧ୍ୟ ଅପେକ୍ଷା କରି ପାରିଲା ନାହିଁ; ସେ ତା'ର ଉତ୍ତରାଧିକାରୀକୁ ଏବେ ହିଁ ଦାବୀ କଲା । ବେଶ୍ ସେ ଏହା ପ୍ରାପ୍ତ ହେଲା ଏବଂ ଏହା ନେଇ ବଞ୍ଚିବା ନିମନ୍ତେ ବାହାରି ଗଲା । ତା'ପରେ ବିଳମ୍ବିତ-ରାତ୍ରିର ମଉଜ, ମଦ୍ୟପାନ, ଭୋଜନତ୍ସବ୍, ଯୌନ ମଦ୍ୟପାନୋତ୍ସବ ଏବଂ ବାକି ସମସ୍ତ ଆରମ୍ଭ ହୋଇଗଲା । କିନ୍ତୁ ପରିଶେଷରେ ଅର୍ଥ ସବୁ ଶେଷ ହୋଇଗଲା ଏବଂ ବନ୍ଧୁମାନେ ମଧ୍ୟ ଦୂରେଇ ଗଲେ । ସେହି ଧନାଢ୍ୟଟି ପ୍ରାଣଧାରଣର ନଗ୍ନ ପରିସ୍ଥିତିକୁ ଖସି ଆସିଲା । ସେ ତା'ଗୃହରେ ଥିବା ଦାସମାନଙ୍କ ବିଷୟ ଚିନ୍ତା କଲା ଯେଉଁମାନେ କି ତା'ଠାରୁ ଉତ୍ତମ ଜୀବନଯାପନ କରୁଥିଲେ । ସେ ଯେ କେତେ ନିର୍ବୋଧ ଥିଲା ସତେ ! ସେ ଯେ ପୂର୍ଣ୍ଣ ଅବସ୍ଥାରେ ଗୃହତ୍ୟାଗ କରିଥିଲା ମାତ୍ର ଏବେ ସେ ଶୂନ୍ୟ ଅବସ୍ଥାରେ ଲେଉଟି ଆସିଲା । ସେ ନ୍ୟାୟବାଦୀ କରିବା ଆଶା ପରିତ୍ୟାଗ କରିଥିଲା ମାତ୍ର ସେ ଅନୁଗ୍ରହ ପ୍ରାପ୍ତ ହେବା ନିମନ୍ତେ ଗୁହାରୀ କରିବାକୁ ପ୍ରତ୍ୟାବର୍ତ୍ତନ କରୁଥିଲା । ସେ ମଥା ଉଚ୍ଚ କରି ଗୃହ ତ୍ୟାଗ କରିଥିଲା ମାତ୍ର ସେ ଗୃହକୁ ଭଗ୍ନ ଅବସ୍ଥାରେ ପ୍ରତ୍ୟାବର୍ତ୍ତନ କରୁଥିଲା ।

ସେ କହୁଥିଲା, ''ପିତା'', ମୁଁ ପାପ କରିଅଛି । ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଛି ଏବଂ ତୁମ ବିରୁଦ୍ଧରେ ପାପ କରିଛି । ମୁଁ ତୁମର ପୁତ୍ର ହେବା ନିମନ୍ତେ ଯୋଗ୍ୟ ନୁହେଁ...'' । ସେ ଅଧିକ କିଛି କହିବାକୁ ଯୋଜନା କରିଥିଲା, ଜଣେ ଦାସ ଭାବରେ କାର୍ଯ୍ୟଟିଏ ପାଇବା ନିମନ୍ତେ ଗୁହାରୀ କରିବାକୁ । ମାତ୍ର ସେହି ସମୟରେ ତା'ର ପିତା ପରିଜନବର୍ଗମାନଙ୍କୁ ଆଦେଶ ପ୍ରଦାନ କରୁଥିଲେ ଏବଂ ଏହାର ବହୁପୂର୍ବରୁ, ପୁତ୍ରଟି ଏକ ନୂତନ ପୋଷାକ ରେ ପରିହିତ ହୋଇଥିଲା, ଗୋଟିଏ ଅଙ୍ଗୁଳିରେ ସୁନ୍ଦର ମୁଦ୍ରିକାଟିଏ ପିନ୍ଧିଥିଲା, ହଳେ ନୂତନ ଜୋତା ପାଦରେ ପିନ୍ଧିଥିଲା ଏବଂ ଉତ୍ତମ ବାଛୁରୀମାଂସଟିର ସୁନ୍ଦର ଖାଦ୍ୟସାମଗ୍ରୀର ବିଳାସମୟ ମଧ୍ୟାହ୍ନଭୋଜନରେ ଉପବେଶନ କରିବା ନିମନ୍ତେ ପ୍ରସ୍ତୁତ ହେଉଥିଲା । ବ୍ୟବଧାନଟି ଭଗ୍ନତା ଦ୍ୱାରା ପୂରଣ ହେବାକୁ ଯାଉଥିଲା । ମାତ୍ର ପୁତ୍ରଟି ତା' ପିତାଙ୍କର ପ୍ରେମ ଚୁମ୍ବନକୁ ପାଇ ପାରି ନ ଥା'ନ୍ତା ଯଦି ସେ ପ୍ରଥମେ ଅନୁତାପ ଏବଂ ପାପ ସ୍ୱୀକାର ପୂର୍ବକ ଭଗ୍ନ ହୋଇ ନ ଥାନ୍ତା ।

ଏପରି କ୍ଷମା ନିବେଦନ ନିମନ୍ତେ ଏହି ଅବମାନନା ସଦୃଶ ଅନ୍ୟ କୌଣସି ବିଷୟ ଜଣେ ବ୍ୟକ୍ତିର ବିରୋଧି ଆଚରଣକୁ ସଳଖ କରିବା ନିମନ୍ତେ ସାହାଯ୍ୟ କରି ପାରିବ ନାହିଁ । ପରବର୍ତ୍ତୀ ସମୟରେ ପିତାମାତାଙ୍କ ପ୍ରତି ଅପ୍ରେମ ଆଚରଣ ପ୍ରଦର୍ଶନ କରିବାକୁ ସେ ପ୍ରଲୋଭିତ ହେବ, ମାତ୍ର ଅତିଶୀଘ୍ର ସେ ଭଗ୍ନ ହେବା ନିମନ୍ତେ ସେ ଉତ୍ତପ୍ତ ଲଜ୍ଜାକୁ ସ୍ମରଣ କରିବ, ଏବଂ ଏହା ଏକ ଶକ୍ତିଶାଳୀ ପ୍ରତିରୋଧକ ଭାବେ କାର୍ଯ୍ୟ କରିବ ।

## ବୈବାହିକ ବ୍ୟବଧାନ

ବୋଧହୁଏ ଦ୍ୱିତୀୟ ଅତି ସମସ୍ୟାପୂର୍ଣ୍ଣ ପରିସ୍ଥିତି ଯେଉଁଠାରେ ସୁସ୍ପଷ୍ଟ ରୂପେ ପ୍ରକୃତ ଭଗ୍ନତାକୁ ପ୍ରତିପାଦିତ କରିବାକୁ ହୁଏ ତାହା ହେଉଛି ସ୍ୱାମୀ-ସ୍ତ୍ରୀର ସଂପର୍କ । ପୁଣି ଥରେ ଏହା କହିବାକୁ ହେଉଛି ଯେ ଆମ ନିକଟରେ ଯେଉଁମାନେ ଅତି ଘନିଷ୍ଠ ସେହିମାନଙ୍କ ପ୍ରତି ନିର୍ଦ୍ଦୟତାର ସହ ଆମେ ଆଚରଣ କରୁ, ଯେତେବେଳେ କି ଆମେ କ୍ୱଚିତ ପରିଚିତ ବ୍ୟକ୍ତିମାନଙ୍କୁ ମନୋହର ଏବଂ ସୌଜନ୍ୟମୂଳକ ବ୍ୟବହାର ପ୍ରଦର୍ଶନ କରିଥାଉ । ଅନେକ ବାର ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ, ଆମେ ଗୃହରେ ଶୟତାନ ଏବଂ ବାହାରେ ସାଧୁସ୍ୱରୂପ ଅଟୁ ।

ବୈବାହିକ ସଂପର୍କରେ ଉତ୍ତେଜନାର ସମ୍ଭାବନାକୁ ପ୍ରତ୍ୟାଶା କରିବାରେ ବାଇବଲ ବାସ୍ତବବାଦୀ ଅଟେ । ବିଶେଷତଃ ଆମେ କଲସୀୟ ୩ : ୧୯ ବିଷୟରେ ଚିନ୍ତା କରୁ :

> ''ହେ ସ୍ୱାମୀମାନେ, ଆପଣା ଆପଣା ଭାର୍ଯ୍ୟାମାନଙ୍କୁ ପ୍ରେମ କର, ସେମାନଙ୍କ ପ୍ରତି କଟୁ ବ୍ୟବହାର କର ନାହିଁ'' ।

ତା'ର ସ୍ତ୍ରୀ ପ୍ରତି ଜଣେ ସ୍ୱାମୀଠାରେ ଯେଉଁ ତିକ୍ତତା ବୃଦ୍ଧି ପାଏ ପ୍ରାୟ ସମୟରେ ତାହା ଏତେ ଗଭୀର ହୋଇଉଠେ ଯେ ସେ ଏଥିରେ ଅତିନୈରାଶ୍ୟ ବୋଧ କରେ । ପ୍ରାୟତଃ ସ୍ୱାମୀଟି ସ୍ତ୍ରୀକୁ ପରିତ୍ୟାଗ କରେ ଏବଂ ବିଚ୍ଛେଦ ଅବା ଛାଡପତ୍ର ମାଧ୍ୟମରେ ମୁକ୍ତି ଅନ୍ୱେଷଣ କରେ ।

'ଜାନୋ' ଏବଂ 'ଜିନ୍ସ୍'ଙ୍କ କଥା ବିଚାରକୁ ନିଆଯାଉ । ସେମାନେ ଯେତେବେଳେ ପ୍ରଥମେ ଦେଖା ହେଲେ, ସେମାନେ ଉଭୟେ ଜାଣିଥିଲେ ଯେ ସେମାନେ ପରସ୍ପର ନିମନ୍ତେ ଉଦ୍ଦିଷ୍ଟ । ଏହାପର ମାସ କେତୋଟି ସମସ୍ତ ସୁଯୋଗ,

ଅବସରରେ ସେମାନେ ଏକାଠି ବିତାଇଥିଲେ । ୬ ମାସ ଶେଷରେ ସେମାନେ ନିର୍ବନ୍ଧରେ ପରସ୍ପର ସଂଯୁକ୍ତ ହେଲେ, ଏବଂ ୬ ମାସ ପରେ ବିବାହ ହେବାର ସ୍ଥିରୀକୃତ ହେଲା । ମାତ୍ର ଯେତେବେଳେ ଘଟଣା ବଦଳି ଯାଇଥିଲା, ସେମାନେ ସେମାନଙ୍କର ନିର୍ବନ୍ଧର ୪ ମାସ ପରେ ବିବାହ କଲେ ।

ବିବାହର ଛୋଟ ଖେଳଟିରେ ଉଭୟେ ନିଜ ନିଜର ଦାୟିତ୍ୱ ସଂପନ୍ନ କରି ଖୁବ୍ ସୁରୁଖୁରୁରେ ଆଗେଇ ଗଲେ ଏବଂ ପ୍ରଥମ ବର୍ଷଟିରେ ସମସ୍ତ କିଛି ସୁରୁଖୁରୁରେ ଅତିବାହିତ ହୋଇଗଲା । ତା' ପରେ ଦିନେ ସେମାନଙ୍କ ମଧ୍ୟରେ ଏକ ଭୟଙ୍କର କଳହ ଆରମ୍ଭ ହେଲା ଏବଂ "ଜିନ୍‌କ୍ସ", ଜିନୋ ପ୍ରତି ତାଙ୍କର ସମସ୍ତ ଲୁକ୍କାୟିତ ହୋଇ ରହିଥିବା ଅସମ୍ମାନକୁ ପରିପ୍ରକାଶ କଲେ ଯାହାକି ସେମାନଙ୍କର ବିବାହର ପୂର୍ବରୁ ଘଟିଥିଲା । 'ଜିନୋ' ତାହାଙ୍କୁ ସହୃଦୟତାରେ ସହ୍ୟ କରିନେଲେ । କାନ୍ଥ ସବୁ ଯେପରି ଥରି ଉଠୁଥିଲା ଏବଂ ଝରକାସବୁ ସ୍ଫୀତ ହୋଇ ପଡୁଥିଲା । ଏହାପରେ ଯେପରି ଜଣାଗଲା ଯେ ସେମାନଙ୍କର ବିବାହ ଆଶାଶୂନ୍ୟ ଭଗ୍ନ ଅବସ୍ଥାରେ ରହିଛି । "ଜାନୋ" ଏହା ଜାଣି ପାରିଲେ ଯେ ତାଙ୍କ ସ୍ତ୍ରୀଙ୍କ ପ୍ରତି ସେ ଯେଉଁ ତିକ୍ତତା ଅନୁଭବ କରିଛନ୍ତି ତାହା ସେ ତାହାଙ୍କୁ କରୁଥିବା ପ୍ରେମଠାରୁ ମଧ୍ୟ ଅତ୍ୟଧିକ (୨ ଶାମୁଏଲ ୧୩ : ୧୫) ।

ବନ୍ଧୁମାନେ ମତାମତ ଦେଲେ ଯେ, ସେମାନେ ଜଣେ ଖ୍ରୀଷ୍ଟିୟ ବୈବାହିକ ପରାମର୍ଶଦାତାଙ୍କୁ ଅନ୍ୱେଷଣ କରନ୍ତୁ ଏବଂ ତାଙ୍କରି ପରାମର୍ଶ ଅନୁସାରେ ସେମାନେ ତାହା କଲେ । ମାତ୍ର ଏହାର ଅନ୍ତରାଳରେ ସେମାନେ ଏପରି କଠୋର ଏବଂ ଫଳହୀନ ଥିଲେ ଯେପରିକି ଦୁର୍ଗର ସ୍ତମ୍ଭ ସଦୃଶ ବୋଧ ହେଉଥିଲେ ।

ପରିଶେଷରେ "ଜନୋ" ଛାଡପତ୍ରଟିଏ ନିମନ୍ତେ ଦରଖାସ୍ତ କଲେ, ମାତ୍ର ଘଟଣାଟି କୋର୍ଟକୁ ଆସିବା ପୂର୍ବରୁ, ଜଣେ ଖ୍ରୀଷ୍ଟିୟ ବନ୍ଧୁ ତାଙ୍କୁ ଭଗ୍ନତାର ଉପାୟ ଅବଲମ୍ବନ କରିବାକୁ ଆହ୍ୱାନ କଲେ ଏବଂ ସେହି ବନ୍ଧୁଟିଙ୍କର ସ୍ତ୍ରୀ 'ଜିନ୍‌କ୍ସ'ଙ୍କ ନିକଟରେ ସେହି ସମୟରେ ଏହି ବାର୍ତ୍ତାନେଇ ପହଞ୍ଚିଲେ । କାହିଁକି ଅତୀତକୁ ଖ୍ରୀଷ୍ଟଙ୍କ ରକ୍ତର ଅଧୀନରେ ରଖି ଦେଉନାହିଁ ଏବଂ ନୂତନ ଆରମ୍ଭ କରୁନାହିଁ ?

ସେମାନେ ତାହା କଲେ । ପୂର୍ବରୁ କରିଥିବା ସମସ୍ତ ବିଷୟଠାରୁ ତାହା ସେମାନଙ୍କ ନିମନ୍ତେ କଷ୍ଟକର ବିଷୟ ଥିଲା । ମାତ୍ର ସେମାନେ ଏକତ୍ରୀତ ହେଲେ

ଏବଂ ଏକ ପରିପୂର୍ଣ୍ଣ ପାପ ସ୍ୱୀକାର କଲେ । ସେଥିରେ କୌଣସି ଔଦ୍ଧତା ବା ଆତ୍ମସମର୍ଥନ ନ ଥିଲା । ଏହା ଯେପରି ଜଣେ ଇଚ୍ଛା କରୁଥିବା ଏକ ପାପ ସ୍ୱୀକାରର ପୂର୍ବାଧିକାର ସ୍ୱରୂପେ ଥିଲା । ସେମାନଙ୍କର ପୂର୍ବ-ବୈବାହିକ ପାପ ନିମନ୍ତେ ପ୍ରତ୍ୟେକ ନିଜ ଦାୟିତ୍ୱ ଗ୍ରହଣ କଲେ । ପ୍ରଭୁଙ୍କୁ ଅଶ୍ରୁପୂର୍ଣ୍ଣ ପାପ ସ୍ୱୀକାର ପରେ, ସେମାନେ ପରସ୍ପର ପ୍ରତି ଏଭଳି ପାପରେ ପୁନର୍ବାର ତିରସ୍କାର କରିବେ ନାହିଁ ବୋଲି ଶପଥ ଗ୍ରହଣ କଲେ । ସେମାନେ ଈଶ୍ୱରଙ୍କର ପ୍ରତିଜ୍ଞା ଦାବୀ କଲେ ଯେ ସେମାନେ କ୍ଷମାପ୍ରାପ୍ତ ହୋଇଅଛନ୍ତି (୧ ଯୋହନ ୧ : ୯) । ସେମାନେ ପ୍ରତ୍ୟେକ ବିଷୟ ନିମନ୍ତେ ଆନନ୍ଦରେ ପରସ୍ପରଙ୍କୁ କ୍ଷମା କରିଦେଲେ ଏବଂ ପ୍ରତ୍ୟେକ ସ୍ଥିର କଲେ ଯେ ସେ ମଧ୍ୟ ତା' ନିଜକୁ କ୍ଷମା କରିବାକୁ ହେବ । ସେମାନେ ଯେତେବେଳେ ସେମାନଙ୍କର ଆଣ୍ଠୁପାତରୁ ଉଠିଲେ, ଏକ ବୃହତ୍ ବୋଝ ଲାଘବ ହୋଇଯାଇଥିବାର ଅନୁଭବ କଲେ । ସେମାନେ ହୃଦୟଙ୍ଗମ କଲେ ଯେ ତଥାପି ଖାପଖୁଆଇବାକୁ ଏକ ପର୍ଯ୍ୟନ୍ତ ସମୟ ନିଶ୍ଚିତ ରହିବ, ମାତ୍ର ତିକ୍ତତାର ଏବଂ ପ୍ରତିଦ୍ୱନ୍ଦିତାର ପାରମାଣବିକ ବାଦଲ କ୍ଷୟପ୍ରାପ୍ତ ହୋଇ ଯାଇଥିବ ଏବଂ ସେମାନେ ନିରବଚ୍ଛିନ୍ନ ଭଗ୍ନତାର ଆବଶ୍ୟକତାକୁ ହୃଦୟଙ୍ଗମ କଲେ ଯେତେବେଳେ କି ଗୃହରେ ଭବିଷ୍ୟତ ସମସ୍ୟମାନେ ଆଗେଇ ଆସିବେ ।

ମାସକ ପରେ 'ଜାତନ' ସନ୍ଧ୍ୟା ପେପରକୁ ତଳେ ପକାଇ ଦେଲେ ଏବଂ ମନ୍ତବ୍ୟ ଦେଲେ ଯେ ଏହା କେତେ ଅଦ୍ଭୁତ ଥିଲା ଯେ, ଲୋକମାନେ ସେମାନଙ୍କର ସମୟ ଏବଂ ଅର୍ଥକୁ ବୈବାହିକ ପରାମର୍ଶଦାତାମାନଙ୍କ ନିକଟରେ ଏବଂ ମନସ୍ତାତ୍ତ୍ୱିକମାନଙ୍କ ନିକଟରେ ବ୍ୟୟ କରୁଛନ୍ତି, ଏବଂ ଯେକୌଣସି ପ୍ରକାରର "ଚିକିତ୍ସା" ନିମନ୍ତେ ଉଦ୍ୟମ କରୁଛନ୍ତି, ମାତ୍ର ସେମାନେ ଭଗ୍ନତାର ଉପାୟ ଅବଲମ୍ବନ କରୁ ନାହାଁନ୍ତି ଏବଂ ତଥାପି ଭଗ୍ନତା ବିନା, ଅନ୍ୟ ବିଷୟଗୁଡ଼ିକ ବହୁଳଭାବେ ଫଳହୀନ ଅଟେ ।

## ଆମେ ସମସ୍ତେ ଭଗ୍ନ ହେବାକୁ ଈଶ୍ୱର ଇଚ୍ଛା କରନ୍ତି

ମାତ୍ର ଏହା କେବଳ ସନ୍ତାନସନ୍ତତି - ପିତାମାତାଙ୍କ ସଂପର୍କ ବା ସ୍ୱାମୀ-ସ୍ତ୍ରୀର ସଂପର୍କ ନୁହେଁ, ମାତ୍ର ଆମ ଜୀବନର ସମସ୍ତ କ୍ଷେତ୍ରରେ ଯେଉଁ ସବୁରେ ଆମେ ଭଗ୍ନ ହେଉ ବୋଲି ଈଶ୍ୱର ଇଚ୍ଛା କରନ୍ତି । ସେ ଆମ ବିଦ୍ରୋହ କରିବେ ଯେପରି ସେ ପେନିଏଲ୍‌ରେ ଯାକୁବଙ୍କ ସହ ବିଦ୍ରୋହ କରିଥିଲେ । ସେ ଆମର ଗର୍ବ, ଆମର

ଆତ୍ମ-ଆକାଂକ୍ଷା, କ୍ଷମାପ୍ରଦାନହୀନ ଆତ୍ମା, ଶକ୍ତଗ୍ରୀବତା, ପରଚର୍ଚ୍ଚା, ପରନିନ୍ଦା, ଜାଗତିକତା, ଅପବିତ୍ରତା, କ୍ରୋଧ, ମାଂସର ସମସ୍ତ କାର୍ଯ୍ୟକୁ ଭଗ୍ନ କରିବାକୁ ଚେଷ୍ଟା କରିବେ । ସେ ଆମର ନାମକୁ ଯାକୁବରୁ ଇସ୍ରାଏଲ, ଠକରୁ ରାଜକୁମାର, ଶକ୍ତିହୀନ ପରିକଳ୍ପନାକାରୀରୁ ଈଶ୍ୱର ଏବଂ ମନୁଷ୍ୟର ଶକ୍ତିରେ ଜଣେ ଶକ୍ତିମାନ୍ ବ୍ୟକ୍ତିରୂପେ ପରିବର୍ତ୍ତନ କରିବାକୁ ଇଚ୍ଛା କରନ୍ତି । ଆମର ଭଗ୍ନ ହେବା ଦିନଟି ପର୍ଯ୍ୟନ୍ତ ଏବଂ ଖଡାରୁ ଆମର ଗୋଡ଼ ବିଚ୍ୟୁତ ନ ହେବା ପର୍ଯ୍ୟନ୍ତ ସେ ଆମ ସହିତ ସଂଗ୍ରାମ କରି ଚାଲିଥିବେ । ତା'ପରେ ଆମେ ଆମର ବାକି ଜୀବନରେ ଜଣେ ଭଗ୍ନବ୍ୟକ୍ତିର ନମନୀତା ମଧ୍ୟ ଦେଇ ଗତି କରିବୁ ଯାହାକୁ କି ଈଶ୍ୱର ଉପଯୋଗ କରି ପାରିବେ ।

ଆମେ ନିନ୍ଦାରହିତ ହେଉ ବୋଲି ଈଶ୍ୱର ଇଚ୍ଛା କରନ୍ତି । ଆମ ମଧ୍ୟରୁ କେହି ପାପଶୂନ୍ୟ ନାହିଁ ମାତ୍ର ଆମେ ସମସ୍ତେ ନିନ୍ଦାଶୂନ୍ୟ ହୋଇ ପାରିବା । ନିନ୍ଦାଶୂନ୍ୟ ବ୍ୟକ୍ତି ଯିଏ କି, ଯେତେବେଳେ ସେ କୌଣସି ଭୁଲ୍ କରେ, ସେ ତାହାକୁ ଶୀଘ୍ର ସଠିକ୍ କରିଦିଏ । ସେ ସୂର୍ଯ୍ୟ ଅସ୍ତ ହେବା ପୂର୍ବରୁ ନିଜର କ୍ରୋଧ ପରିତ୍ୟାଗ କରିଦିଏ । ପାପ ସ୍ୱୀକାର ଏବଂ କ୍ଷମା ନିବେଦନ ଦ୍ୱାରା, ସେ ଯୋଗାଯୋଗର ସୂତ୍ରକୁ ଈଶ୍ୱରଙ୍କ ସହ ଏବଂ ତା'ର ସହବାସୀ ସହ ଉନ୍ମୁକ୍ତ ରଖେ । ସ୍ଥାନୀୟ ମଣ୍ଡଳୀର ବୟସ୍କ ଜଣକ ନିନ୍ଦାଶୂନ୍ୟ ହେବା ଆବଶ୍ୟକ (୧ ତୀମଥି ୩ : ୨), ମାତ୍ର ପ୍ରତ୍ୟେକ ଖ୍ରୀଷ୍ଟ ବିଶ୍ୱାସୀ ମଧ୍ୟ ନିନ୍ଦାଶୂନ୍ୟ ହେବା ଆବଶ୍ୟକ ।

## ପରିଶ୍ରମ ବିଷୟ ଚିନ୍ତା କରନ୍ତୁ

ଚିନ୍ତା କରନ୍ତୁ ଆମର ବ୍ୟକ୍ତିଗତ ଜୀବନଗୁଡ଼ିକରେ, ଆମର ଗୃହମାନଙ୍କରେ, ସ୍ଥାନୀୟ ମଣ୍ଡଳୀରେ ଏବଂ ବ୍ୟବସାୟିକ ପୃଥିବୀରେ ଆମେ ଯେପରି ଭଗ୍ନ ହେବା ଉଚିତ୍ ଯଦି ଆମେ ସେପରି ଭଗ୍ନ ହେବା ତେବେ ପରିଣାମ କ'ଣ ହୁଅନ୍ତା ।

ଆମର ନିଜ ଜୀବନରେ ଏହା ମହତ୍ତର ଶକ୍ତି, ମହତ୍ତର ଆନନ୍ଦ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଆଣି ପାରନ୍ତା । ଅନ୍ୟମାନଙ୍କ ଉପରେ ଯେଉଁମାନଙ୍କର ସର୍ବୋତ୍ତମ ଆତ୍ମିକ ପ୍ରଭାବ ରହିଛି, ସେମାନେ ହିଁ ସେହିବ୍ୟକ୍ତି ଅଟନ୍ତି ଯେଉଁମାନେ କି ନମ୍ରତା ଏବଂ ମୃଦୁତାରେ ଖ୍ରୀଷ୍ଟଙ୍କ ସହ ଜୁଆଳିରେ ସଂଯୁକ୍ତ ହୋଇଛନ୍ତି । ସେମାନେ ହିଁ ସେହି ବ୍ୟକ୍ତି ଅଟନ୍ତି ଯେଉଁମାନେ କି ତାହାଙ୍କୁ ସେବା କରିବାରେ ପରିପୂର୍ଣ୍ଣତା ଏବଂ ବିଶ୍ରାମ ଲାଭ କରିଛନ୍ତି ଏବଂ ଯାହା ଆତ୍ମିକଭାବେ ଆମ ନିମନ୍ତେ ଉତ୍ତମ ତାହା ଶାରିରୀକ ସୁସ୍ଥତା

ନିମନ୍ତେ ମଧ୍ୟ ଉତ୍ତମ ଅଟେ । ବ୍ରିଟିଶ୍ ମେଡିକାଲ୍ ପତ୍ରିକା ଥରେ ମତାମତ ଦେଇଥିଲା ଯେ ''ମନୁଷ୍ୟ ଶରୀରରେ ଏପରି ଗୋଟିଏ ବି ଟିସୁ ନାହିଁ ଯାହା ସଂପୂର୍ଣ୍ଣଭାବେ ଆତ୍ମାଠାରୁ ବିଚ୍ଛିନ୍ନ ହୋଇ ରହିଛି'' । ଡାକ୍ତର ପଲ୍ ଟୋର୍ନିୟର୍'' ଜଣେ ରୋଗୀ ବିଷୟରେ କହନ୍ତି ଯାହାର କି ମାସ ମାସ ଧରି ଆନମିଆ ରୋଗ ରହିଥିଲା । ତା' ପରେ ଏହା ଆଶ୍ଚର୍ଯ୍ୟଭାବେ ହଠାତ୍ ଅଦୃଶ୍ୟ ହୋଇଗଲା ଏବଂ ତା'ର ରକ୍ତ ପୁନର୍ବାର ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲା । ପରୀକ୍ଷାନିରୀକ୍ଷାରୁ ଜଣାପଡ଼ିଲା ଯେ, ସେ ଏକ ଆତ୍ମିକ ସଙ୍କଟାବସ୍ଥା ଭୋଗ କରୁଥିଲା, ତାହା ଥିଲା, ସେ ଏକ ଦୀର୍ଘ ଦିନର ପ୍ରତିଶୋଧ ପରାୟଣ ମନୋଭାବ ବହନ କରିଥିଲା ଏବଂ ସେ ଏବେ ଏହାକୁ କ୍ଷମା ପ୍ରଦାନ କରିଥିଲା । ହଁ ,ଭଗ୍ନତା ସ୍ୱାସ୍ଥ୍ୟ ନିମନ୍ତେ ଉତ୍ତମ ଅଟେ ।

ସେହି ଗୃହଟି ବିଷୟରେ ଚିନ୍ତା କରନ୍ତୁ ଯେଉଁ ଗୃହର ସଦସ୍ୟମାନେ ପରସ୍ପର ବିଷୟରେ ଖୁବ୍ କମ୍ ମତଭେଦ କରନ୍ତି । ଅବଶ୍ୟ ସମୟ ପରେ ସମୟରେ ସେଠାରେ ପାର୍ଥକ୍ୟ ହୋଇପାରେ, ମାତ୍ର ସେମାନେ ଯେପରି କେଟ୍‌ଲୀରୁ ବାଷ୍ପ ନିର୍ଗତ ହେବାର ଇଚ୍ଛା କରୁ ନାହାଁନ୍ତି । ପରିବାରଟି ଚୂମ୍ବନର ପବିତ୍ର ଶୈଳୀ ଶିକ୍ଷା କରିଛି ଏବଂ ସମସ୍ତ ଠିକ୍ ଠାକ୍ ସଂପନ୍ନ କରୁଛି । ଏହା ହେଉଛି ସେହି ପ୍ରକାର ଗୃହ ଯେଉଁଠାରେ ପ୍ରଭୁ ଯୀଶୁ ବାସ କରିବାକୁ ଭଲ ପାଆନ୍ତି ।

ସ୍ଥାନୀୟ ମଣ୍ଡଳୀରେ ପୁନଃସଂସ୍ଥାପନ ନିମନ୍ତେ ଭଗ୍ନତା ହେଉଛି ପଥ । ଏହା ହେଉଛି ଆତ୍ମିକ କ୍ଷେତ୍ରରେ ଏକ ସ୍ଥିର ନିୟମ ଯାହାକି ଆଶୀର୍ବାଦ ନିର୍ଝର ନିମନ୍ତେ ଲୋତକ ସମୂହ ହେଉଛନ୍ତି ଉପକ୍ରମ ସଦୃଶ । ଆମେ ସାଧାରଣତଃ ସମସ୍ତ ବିଷୟକୁ ପ୍ରଥମେ କରିବାକୁ ଚେଷ୍ଟା କରୁ - ନୂତନ ଗୃହ, ନୂତନ ଅଭିଯାନ, ନୂତନ ପ୍ରଣାଳୀସବୁ ମାତ୍ର ଈଶ୍ୱର ଅନୁତାପ ଏବଂ ବିନ୍ରମତାକୁ ଅପେକ୍ଷାରେ ଅଛନ୍ତି । ଆମେ ଯେତେବେଳେ ଅନୁତାପ କରିବୁ ଆଶୀର୍ବାଦ ଛୁଟି ଆସିବ ।

> ଯେବେ ଆମ୍ଭ ନାମରେ ବିଖ୍ୟାତ ଆମ୍ଭ ଲୋକମାନେ ଆପଣାମାନଙ୍କୁ ନମ୍ର କରି ପ୍ରାର୍ଥନା କରିବେ ଓ ଆମ୍ଭର ମୁଖ ଅନ୍ୱେଷଣ କରି ଆପଣା ଆପଣା କୁପଥରୁ ଫେରିବେ । ତେବେ ଆମ୍ଭେ ସ୍ୱର୍ଗରୁ ଶୁଣିବା ଓ ସେମାନଙ୍କର ପାପ କ୍ଷମା କରିବା ଓ ସେମାନଙ୍କ ଦେଶ ସୁସ୍ଥ କରିବ । (୨ ବଂଶାବଳୀ ୭ : ୧୪) ।

ଏବଂ ସେହି ପ୍ରଭାବ ବିଷୟ ଚିନ୍ତା କରନ୍ତୁ ଯାହାକି ଖ୍ରୀଷ୍ଟ ବିଶ୍ୱାସୀମାନେ ଭଗ୍ନତା ପ୍ରଦର୍ଶନ ଦ୍ୱାରା ବ୍ୟବସାୟିକ ଜଗତରେ ସ୍ଥାପନ କରି ପାରନ୍ତେ । ଜଗତର

ଲୋକମାନେ ଭଗ୍ନ ନୁହଁନ୍ତି ଏବଂ ସେମାନେ ଅନ୍ୟମାନଙ୍କ ବିରୁଦ୍ଧରେ ସେମାନଙ୍କ ସଦୃଶ ଅଟନ୍ତି । ମାତ୍ର ସେମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇଯାନ୍ତି ଯେତେବେଳେ କି ସେମାନେ ପ୍ରତିଘାତ କରୁଥିବା ବ୍ୟକ୍ତିଟି କ୍ରୋଧରେ ପ୍ରତିକ୍ରିୟା ପ୍ରକାଶ କରେ ନାହିଁ, ଯିଏ ଭୁଲ୍ ସ୍ୱୀକାର କରେ ଏବଂ କ୍ଷମା ନିବେଦନ କରେ, ଯିଏ କି ପ୍ରଭୁ ଯୀଶୁଙ୍କର ଅନୁଗ୍ରହ ପ୍ରଦର୍ଶନ କରେ । ଏହା ହେଉଛି ସେହି ପ୍ରକାର ଅଲୌକିକ ଜୀବନ ଯାହା ଆଜିର ରୁକ୍ଷ ଏବଂ ପତିତ ବ୍ୟବସାୟିକ ଜଗତ ନିକଟରେ ଖ୍ରୀଷ୍ଟଙ୍କ ନିମନ୍ତେ ଖୁବ୍ ଉଚ୍ଚସ୍ୱରରେ କଥା କହେ ।

# ପ୍ରଭୁ, ମୋତେ ଭଗ୍ନ କର

କିଛି ବର୍ଷ ତଳେ ଏକ ମିସ୍‌ନାରୀ ପ୍ରାର୍ଥନା ସଭାରେ, ମୁଁ ଜଣେ ବାସ୍ତବ ଯୁବ ବିଶ୍ୱାସୀଙ୍କୁ ପ୍ରାର୍ଥନା କରୁଥିବାର ଶୁଣିଲି, ''ପ୍ରଭୁ, ମୋତେ ଭଗ୍ନ କର ।'' ଏହି ଅନୁରୋଧଟି ମୋତେ କମ୍ପିତ କଲା । ମୋ ଜୀବନରେ ସେ ସମୟ ପର୍ଯ୍ୟନ୍ତ, ମୁଁ କଦାପି ଏପରି ପ୍ରାର୍ଥନା କରି ନ ଥିଲି ଏବଂ ମୁଁ ମଧ୍ୟ ନିଶ୍ଚିତ ନ ଥିଲି ଯେ ଏହା ପରେ ମଧ୍ୟ ମୁଁ ଏପରି ପ୍ରାର୍ଥନା କରି ପାରିବି । ମାତ୍ର ସେହି ଶବ୍ଦଗୁଡ଼ିକ, ସେହି ଯୁବ ଶିଷ୍ୟଟିର ହୃଦୟରୁ ଉତ୍ତପ୍ତ ଶବ୍ଦ କରି ନିର୍ଗତ ହୋଇ, ମୋ ନିଜ ଜୀବନରେ ଭଗ୍ନତାର ବିଶାଳ ଆବଶ୍ୟକତା ବିଷୟରେ ମୋତେ ଜାଗ୍ରତ କରିଦେଲା । ସେଗୁଡ଼ିକ ଏକ ସଚେତନା ସୃଷ୍ଟି କଲେ ଯେ ଆତ୍ମିକ କ୍ଷେତ୍ରରେ ଏହା ହେଉଛି ଏକ ଆକର୍ଷଣୀୟ ଅପରିହାର୍ଯ୍ୟ ସ୍ଥାନ ଏବଂ ବର୍ତ୍ତମାନ ସେହି ଶବ୍ଦଗୁଡ଼ିକ ଏକ ଆକାଂକ୍ଷିତ ହୃଦୟର ନିରବଚ୍ଛିନ୍ନ ପ୍ରାର୍ଥନାଟିଏ ହୋଇଯାଇଛି :

**ପ୍ରଭୁ, ମୋତେ ଭଗ୍ନ କର !**